ଶେର୍ଲକ୍ ହୋମସ୍ କାହାଣୀ

୧୦

ଗ୍ରନ୍ଥମନ୍ଦିର

Digitized by srujanika@gmail.com

ବିଶ୍ୱସାହିତ୍ୟ ଗ୍ରନ୍ଥମାଳା

ସେରଲକ୍ ହୋମ୍ସ୍ କାହାଣୀ

(ଦଶମ ଭାଗ)

ଲେଖକ : ସାର୍ ଆର୍ଥର୍ କୋନାନ୍‌ଡୟ୍ଲ୍

ଅନୁବାଦକ : ଶ୍ରୀ ଦିବାକର ପାଣି

ଗ୍ରନ୍ଥମନ୍ଦିର

Digitized by srujanika@gmail.com

ପ୍ରକାଶକ :
ଅଭିରାମ ମହାପାତ୍ର
ଗ୍ରନ୍ଥ ମନ୍ଦିର
ବିନୋଦବିହାରୀ, କଟକ-୨
ଶାଖା : ମେନ୍‌ରୋଡ୍, ବ୍ରହ୍ମପୁର-୧

ମୁଦ୍ରକ :
ରାଜାରାମ ମହାପାତ୍ର
ମହାପାତ୍ର ବ୍ରଦର୍ସ
ବ୍ରହ୍ମପୁର-୨

ପ୍ରଥମ ମୁଦ୍ରଣ : ଡିସେମ୍ବର, ୧୯୮୨

ମୂଲ୍ୟ : ଟ ୧୨-୦୦

Digitized by srujanika@gmail.com

ସୂଚୀ

୧ ।	ଓଇଷ୍ଟେରିଆ ଲଜ୍‌ର ରହସ୍ୟ	୧
୨ ।	କାଗଜପଟି ବାକ୍ସ	୪୫
୩ ।	ଲାଲ ବୃତ୍ତ	୭୫
୪ ।	ବ୍ରୁସ୍ ପାର୍ଟିଙ୍ଗଟନ୍ ପ୍ଲାନ୍	୧୦୩
୫ ।	ନିଖୋଜ ନାଗ୍ଧ	୧୪୭
୬ ।	ପିଶାଚ ପାଦ	୧୭୫
୭ ।	ଅବ୍ଵବାହୃତ ସାମନ୍ତ	୨୧୦
୮ ।	ଶେଷ ଅଭିଯାନ	୨୪୨

Digitized by srujanika@gmail.com

ସାର୍ ଆର୍ଥର୍ କୋନାନ୍‌ଡୟ୍‌ଲ୍‌ଙ୍କ ସେର୍‌ଲକ୍ ହୋମ୍‌ସ୍ ସମସ୍ତଙ୍କର ଅତି ଜଣାଶୁଣା । ଡିଟେକ୍‌ଟିଭ୍ ଭାବରେ ତାଙ୍କର କାମ ଅଦ୍ୱିତୀୟ । ତାଙ୍କର ବିଭିନ୍ନ ଅଭିଯାନର ଛପନଟି କାହାଣୀ ସାର୍ ଆର୍ଥର୍ କୋନାନ୍‌ଡୟ୍‌ଲ୍ ଡାକ୍ତର ୱାଟ୍‌ସନ୍‌ଙ୍କ ଜରିଆରେ ପ୍ରକାଶ କରିଛନ୍ତି । ସେ ଛପନଟି କାହାଣୀକୁ ଅନୁବାଦ କରି ଦଶଖଣ୍ଡି ବହି ଆକାରରେ ପ୍ରକାଶ କଲି । ଏଇ ଅନୁବାଦ ପାଠକମାନଙ୍କ ଦ୍ୱାରା ଆଦୃତ ହେଲେ ଶ୍ରମ ସାର୍ଥକ ହେଲା ବୋଲି ଜାଣିବି । ଏଇଠି ସେର୍‌ଲକ୍ ହୋମ୍‌ସ୍‌ଙ୍କୁ ବିଦାୟ ଦେଉଛି ।

ଶ୍ରୀ ଦିବାକର ପାଣୀ

Digitized by srujanika@gmail.com

ଉଇଷ୍ଟେରିଆ ଲଜ୍‌ର ରହସ୍ୟ

୧

ମିଷ୍ଟର୍ ଜନ୍ ସ୍କଟ୍ ଏସ୍‌ଲସ୍‌ଙ୍କ ବିଚିତ୍ର ଅନୁଭୂତି

ମୋ ନୋଟ୍ ବହିରୁ ଦେଖୁଛି ସେଦିନ ୧୮୯୨ ମସିହାର ମାର୍ଚ୍ଚ ମାସ ଶେଷଆଡ଼କୁ ଗୋଟେ ଦିନ। ଜୋର୍‌ରେ ପବନ ବହୁଥାଏ। କୋହଲା ପାଗ। ଆମେ ଖାଇବସିବାବେଳେ ହୋମ୍‌ସ୍ ଗୋଟେ ଟେଲିଗ୍ରାମ୍ ପାଇଲେ ଆଉ ତାର ଉତ୍ତର ଲେଖିଦେଲେ। ସେ ବିଷୟରେ ସେ କିଛି କହିଲେ ନାହିଁ। କିନ୍ତୁ ମନେ ମନେ କଥାଟା ଭାବୁଥାନ୍ତି। ମୁହଁରେ ସିଗାରେଟ ପାଇପଟା ଲଗାଇ ନିଆଁ ପାଖରେ ଠିଆହୋଇ ସେ ବେଳେ ବେଳେ ସେଇ ଟେଲିଗ୍ରାମ୍‌ଟା ଉପରେ ଆଖି ପକାଉଥାନ୍ତି। ହଠାତ୍ ସେ ମୋ ଆଡ଼କୁ ମୁହଁ ବୁଲାଇ ଦୁଷ୍ଟ ହସ ହସି କହିଲେ, ''ତୁମେ ଜଣେ ଶିକ୍ଷିତଲୋକ, ଉଆଟ୍‌ସନ।'' ଆଚ୍ଛା, କହିଲ ଦେଖି ଅଦ୍‌ଭୁତ ଶବ୍ଦର ସଂଜ୍ଞା କ'ଣ ?''

ମୁଁ ଉତ୍ତର ଦେଲି—''ବିଚିତ୍ର—ଉଲ୍ଲେଖନୀୟ।''

ସେ ମୁଣ୍ଡ ହଲାଇଲେ। କହିଲେ, ''ନା, ତାଠୁଁ ନିଶ୍ଚୟ କିଛି ଅଧିକ। ଶବ୍ଦଟାରେ କିଛିଟା ଦୁଃଖ ଆଉ ଭୟର ସୂଚନା ଅଛି। ତୁମେ ଯେଉଁ ସବୁ ବର୍ଣ୍ଣନା ସର୍ବସାଧାରଣରେ ପ୍ରକାଶ କରିଛ, ସେଆଡ଼କୁ ଦୃଷ୍ଟି ଫେରାଇଲେ ଦେଖିବ, ଯେଉଁଠି ଏ ଅଦ୍‌ଭୁତ ଶବ୍ଦ ଅଛି ସେଠି ଅପରାଧ ଘଟିଛି। ସେଇ ନାଲି ମୁଣ୍ଡିଆ ଲୋକ ଦଳ କଥା ମନେକର। ଆରମ୍ଭରୁ ସେ ଘଟଣା ବଡ଼ ଅଦ୍‌ଭୁତ ମନେହେଉଥିଲା; କିନ୍ତୁ ଶେଷରେ ଘଟଣାଟା ଡକାୟତିରେ ଶେଷ ହେଲା। ପୁଣି ପାଞ୍ଚଖଣ୍ଡ କମଳାର ଅଦ୍‌ଭୁତ କାହାଣୀ। ସେଟା ବି ଏକ ହତ୍ୟା ଚକ୍ରାନ୍ତ ଆଡ଼କୁ ଗତି କରୁଥିଲା। ଏଇ ଅଦ୍‌ଭୁତ ଶବ୍ଦଟା ମୋତେ ସଜାଗ କରିଦିଏ।''

''ଏଇ ଟେଲିଗ୍ରାମ୍‌ରେ ସେ ଶବ୍ଦଟା ଅଛି ନା କ'ଣ ?''

Digitized by srujanika@gmail.com

ସେ ବଡ଼ ପାଟିରେ ଟେଲିଗ୍ରାମ୍‌ଟା ପଢ଼ିଲେ—"କଳ୍ପନାତୀତ ଅନୁଭୂତି । ଆପଣଙ୍କ ସଙ୍ଗେ ପରାମର୍ଶ କରିପାରେ କି ?" ସ୍କଟ୍ ଏକ୍‌ଲସ୍—ଡାକଘର ଗୃହଙ୍କଠସ୍ ।"

"ପୁରୁଷ ନା ସ୍ତ୍ରୀ "—ମୁଁ ପଚାରିଲି ।

"ପୁରୁଷ ନିଶ୍ଚୟ । କୌଣସି ନାରୀ ରିପ୍ଲାଇପେଡ୍ ଟେଲିଗ୍ରାମ୍ ପଠାଇବ ନାହିଁ । ସେ ନିଜେ ଚାଲିଆସିବ ।"

"ତୁମେ ତାଙ୍କ ସାଥିରେ ଦେଖାକରିବ ?"

"ତୁମେ ଜାଣ ଡ଼ାଟ୍‌ସନ୍, କର୍ଣ୍ଣେଲ୍ କାର୍‌ଥରସ୍‌ଙ୍କୁ ଜେଲରେ ଢୁକାଇଲା ପରେ କିଛି କାମ ନ ଥିବାରୁ ମୁଁ ବିରକ୍ତ ହୋଇଗଲିଣି । ମୋ ମୁଣ୍ଡ ଗୋଟେ ଦୌଡ଼ନ୍ତା ଇଞ୍ଜିନ । ଯେଉଁ କାମ ଲାଗି ସେଟା ତିଆରି ସେ କାମ ନ ଥିଲେ ଇଞ୍ଜିନଟା ଖରାପ ହୋଇଯିବ । ଏବେ ଜୀବନ ଅତି ସାଧାରଣ । ଖବରକାଗଜ ଗୁଡ଼ା ନିର୍ଜୀବ । ଅପରାଧ ଜଗତରୁ ଦାମ୍ଭିକତା ଆଉ ଚାତୁର୍ଯ୍ୟ ଲୋପ ପାଇ-ଯାଇଛି । ତେଣୁ ଏଇ ନୂଆ ସମସ୍ୟା ଯେତେ ତୁଚ୍ଛ ହେଉନା କାହିଁକି, ତାକୁ ମୁଁ ଦେଖିବି କି ନାହିଁ ତୁମେ ପଚାରୁଛ ? କିନ୍ତୁ ଏଇ ଆମ ମକ୍କେଲ ଆସିଗଲେ ।"

ସିଡ଼ି ଉପରେ ପାଦ ଶବ୍ଦ ଶୁଣାଗଲା । ତାପରେ ଜଣେ ଡେଙ୍ଗା ହୃଷ୍ଟପୁଷ୍ଟ ଭଦ୍ରଲୋକ ଘର ଭିତରକୁ ଆସିଲେ । ତାଙ୍କ ପାଦ ମୋଜାରୁ ଆରମ୍ଭକରି ସୁନା-ଫ୍ରେମ୍ ଚଷମାଯାଏଁ କହି ଦେଉଥିଲା, ସେ ଜଣେ ରକ୍ଷଣଶୀଳ ଲୋକ, ଧର୍ମ ଭୀରୁ ଆଉ ପ୍ରାଚୀନପନ୍ଥି । କିନ୍ତୁ କୌଣସି ବିଚିତ୍ର ଅନୁଭୂତିର ସଙ୍କେତ ତାଙ୍କ ମୁହଁରେ ଦେଖାଯାଉଥାଏ । ସେ ସାଙ୍ଗେ ସାଙ୍ଗେ ତାଙ୍କ କଥା ଆରମ୍ଭ କରିଦେଲେ । କହିଲେ, "ମୋର ଗୋଟେ ଅସାଧାରଣ ଆଉ ଅପ୍ରୀତିକର ଅନୁଭୂତି ଘଟିଯାଇଛି ମିଷ୍ଟର୍ ହୋମସ । ମୋ ଜୀବନରେ କେବେ ମୁଁ ଏମିତି ପରିସ୍ଥିତିରେ ପଡ଼ିନଥିଲି । ଘଟଣାଟାରେ ଯେ କେହି ରାଗିଯିବ ।" ରାଗରେ ସେ ଫଁ-ଫଁ ହେଉଥାନ୍ତି ।

ହୋମସ ଖୁବ୍ ମିଠା ଗଳାରେ କହିଲେ, "ଦୟାକରି ବସନ୍ତୁ ମିଷ୍ଟର୍ ସ୍କଟ୍ ଏକ୍‌ଲସ୍ । ମୁଁ ପ୍ରଥମେ ପଚାରୁଛି ଆପଣ ମୋ ପାଖକୁ କାହିଁକି ଆସିଛନ୍ତି ?"

Digitized by srujanika@gmail.com

"ଦେଖନ୍ତୁ ଆଜ୍ଞା । ଘଟଣାଟା ପୋଲିସକୁ ଜଣାଇଲା ପରି ଘଟଣା ବୋଲି ମନେହେଉନାହିଁ । ତଥାପି ସବୁ କଥା ଆପଣ ଶୁଣିଲେ ନିଶ୍ଚୟ ସ୍ୱୀକାର କରିବେ, ସେଥିକରେ ମୁଁ ଚୁପ୍‌ହୋଇ ରହିପାରେନା । ମୋର ଘରୋଇ ଗୋଇନ୍ଦାଙ୍କ ପ୍ରତି ମୋଟେ ସହାନୁଭୂତି ନାହିଁ । ତଥାପି ଆପଣଙ୍କ ନାଁ ଶୁଣି...... ।"

"ନିଶ୍ଚୟ । ତେବେ ଆପଣ ମାଗେ ମାଗେ କ ଆସିଲେ କାହିଁକି ?"

"ଏ କଥାର ଅର୍ଥ ?"

ହୋମ୍‌ସ ତାଙ୍କ ହାତ-ଘଣ୍ଟା ଆଡ଼େ ଚାହିଁଲେ । କହିଲେ, "ଏବେ ଦ'ଟା ବାଜି ପନ୍ଦର ମିନଟ୍ ହେଲାଣି । ହେବେ, ଆପଣଙ୍କ ବେଶଭୂଷା ଦେଖିଲେ ଯେ କେହି କହିବ ଯେ, ଆପଣ ସକାଳେ ଉଠିଲାବେଳୁ ଏ ଘଟଣା ଘଟିଛି ।"

ଆମ ମହକିଲ ତାଙ୍କ ଖୋମ୍‌ଚୁ ଗାଲରେ ହାତ ମାରିଦେଲେ । ଖିଅର ହୋଇ ନ ଥିବା ମୁହଁରେ ବ ହାତମାରିଲେ । ତାପରେ କହିଲେ, "ଆପଣ ଠିକ୍ କହୁଛନ୍ତି, ମିଷ୍ଟର୍ ହୋମ୍‌ସ । ବେଶଭୂଷା ଆଡ଼େ ମୁଁ ମୋଟେ ଧ୍ୟାନ ଦେଇନାହିଁ । ସେ ଘର ଭିତରୁ ବାହାର ଆସିଲା ପରେ ମୁଁ ଟିକିଏ ଆଶ୍ୱସ୍ତ ହେଲି । କିନ୍ତୁ ଆପଣଙ୍କ ପାଖକୁ ଆସିବା ପୂର୍ବରୁ ମୁଁ ଘରଆଡ଼େ ଧାଇଁ ଧାଇଁ ଖବର ବୁଝୁଥିଲି । ମୁଁ ଘର ଏଜେଣ୍ଟମାନଙ୍କ ପାଖକୁ ଯାଇଥିଲି । କିନ୍ତୁ ସେମାନେ କହିଲେ, 'ମିଷ୍ଟର ଗ୍ରେସିଆଙ୍କ ଘର ଭଡ଼ା ପୂରା ପଇଠ ହୋଇ-ଯାଇଛି ଆଉ ଉଇଷ୍ଟେରିଆ ଲଜ୍ ବାବଦରେ କିଛି ଅସୁବିଧା ନାହିଁ' ।"

ହସି ହସି ହୋମ୍‌ସ କହିଲେ, "ରହନ୍ତୁ, ରହନ୍ତୁ ଆଜ୍ଞା । ଆପଣ ଠିକ୍ ମୋ ବନ୍ଧୁ ଡାକ୍ତର ୱାଟ୍‌ସନଙ୍କ ପରି କଥାଟା ଓଲଟା ଦିଗରୁ କହିବାର ଗୋଟେ ଖରାପ ଅଭ୍ୟାସ କରିଛନ୍ତି । ଆପଣଙ୍କ ଭାବନା ଗୁଡ଼ା ସଜାଇ ନିଅନ୍ତୁ । ଯେଉଁ ଘଟଣାବଳୀ ବିଷୟରେ ମୋ ଉପଦେଶ ନେବା ପାଇଁ ଆପଣ ବେଶଭୂଷା ସବୁ ଭୁଲିଯାଇ ଧାଇଁଆସିଛନ୍ତି ସେଗୁଡ଼ାକ କ୍ରମଅନୁସାରେ କହନ୍ତୁ ।"

ଆମ ମହକିଲ ମୁହଁ ଶୁଖାଇ ତାଙ୍କ ଚେହେରା ଆଡ଼େ ଚାହିଁନେଲେ । କହିଲେ, "ମୋ ପୋଷାକପତ୍ର କହୁଛି ଖରାପ ମିଷ୍ଟର୍ ହୋମ୍‌ସ । ମୋ ଜୀବନରେ ଆଗରୁ କେବେ ଏମିତି ଘଟି ନ ଥିଲା । ମୁଁ ଆପଣଙ୍କ ଆଗରେ

Digitized by srujanika@gmail.com

ସେ ଅଦ୍ଭୁତ ଘଟଣା ସବୁ କହିବ । ଆପଣ ସବୁ ଶୁଣି ସାରିଲା ପରେ ନିଶ୍ଚୟ ସ୍ୱୀକାର କରିବେ ମୋର ଏପରି ବେଶଭୂଷାର ଯଥେଷ୍ଟ କାରଣ ଅଛି ।" କିନ୍ତୁ ତାଙ୍କ କାହାଣୀ ଫୁଟିପାରିଲାନାହିଁ । ବାହାରେ ଗୋଳମାଳ ଶୁଣାଗଲା । ମିସେସ୍ ହଡ୍‌ସନ ଦରଜା ଖୋଲିଦେଲେ ଆଉ ଦୁ' ଜଣ ହୃଷ୍ଟପୁଷ୍ଟ ପୋଲିସ ଅଫିସର ପରି ଜଣାଯାଉଥିବା ଲୋକ ଘର ଭିତରକୁ ଆସିଲେ । ତାଙ୍କ ଭିତରୁ ଜଣେ ଆମର ଜଣାଶୁଣା । ସେ ସ୍କଟ୍‌ଲାଣ୍ଡ ଇଆର୍ଡର ଇନ୍‌ସ୍‌ପେକ୍ଟର୍ ଗ୍ରେଗ୍‌ସନ୍ । ବେଶ୍ କାର୍ଯ୍ୟଦକ୍ଷ ଅଫିସର । ସେ ହୋମ୍‌ସଙ୍କ ସାଥିରେ କର-ମର୍ଦ୍ଦନ କରି ତାଙ୍କ ସାଥିଙ୍କର ପରିଚୟ ଦେଲେ । ସେ ସରେ ପୋଲିସର ଇନ୍‌ସ୍‌ପେକ୍ଟର୍ ମିଷ୍ଟର୍ ବେସ୍‌ନସ୍ ।

"ଆମେ ଦୁ' ଜଣ ସାଥିହୋଇ ଖୋଜି ଖୋଜି ଏଠିକି ଆସିଛୁ ମିଷ୍ଟର ହୋମ୍‌ସ ।" ସେ ତାଙ୍କ ବୁଲ୍‌ଡଗ ପରି ଆଖି ଦୁ'ଟା ଆଗନ୍ତୁକଙ୍କ ଆଡ଼କୁ ବୁଲାଇ କହିଲେ, "ଆପଣ 'ଲି'ର ପୋଫାମ୍ ହାଉସ୍‌ର ମିଷ୍ଟର୍ ଜନ-ସ୍କଟ୍-ଏକ୍ଲିସ ତ ?"

"ହଁ ।"

"ଆମେ ସକାଳଓଳି ସାରା ଆପଣଙ୍କ ପଛେ ପଛେ ଖୋଜି ବୁଲୁଛୁ ।"

ହୋମ୍‌ସ କହିଲେ, "ତୁମେ ନିଶ୍ଚୟ ଟେଲିଗ୍ରାମଟା ଦ୍ୱାରା ତାଙ୍କୁ ଖୋଜି ପାଇଲ ।"

"ବିଲକୁଲ୍ ଠିକ୍ । ଆମେ ଚ୍ୟାରିଙ୍ଗକ୍ରସ୍ ପୋଷ୍ଟ ଅଫିସରୁ ସନ୍ଧାନ ପାଇ ଏଠିକି ଆସିଲୁ ।"

"କିନ୍ତୁ ଆପଣ ମୋତେ ଖୋଜୁଛନ୍ତି କାହିଁକି ? କ'ଣ ଦରକାର ?"

"କାଲି ରାତିରେ ଇସର୍ ପାଖ ଉଇଷ୍ଟେରିଆ ଲଜ୍‌ର ଆଲ୍‌ଫ୍ରିଅସ୍ ଗ୍ରେସିଆଙ୍କର ମୃତ୍ୟୁ ଘଟିଛି । ସେ ବିଷୟରେ ସବୁ ଘଟଣା ଆମେ ଆପଣଙ୍କ ମୁହଁରୁ ଶୁଣିବାକୁ ଚାହୁଁ ।"

ଆମ ମହକିଲ ବସି ବଲବଲକରି ଚାହିଁ ରହିଲେ । ତାଙ୍କ ମୁହଁ ଶୁଖି-ଗଲା । ସେ କମ୍ପିତହୋଇ କହିଲେ, "ମୃତ ? ଆପଣ କହିଲେ ସେ ମୃତ ?"

"ହଁ, ସେ ମୃତ ।"

Digitized by srujanika@gmail.com

"କଣ ହୋଇଛି ? କୌଣସି ଦୁର୍ଘଟଣା ?"

"ହତ୍ୟା ! ତାଙ୍କୁ ହତ୍ୟା କରାଯାଇଛି ।"

"ହେ ଭଗବାନ ! ଏହା ବଡ଼ ଭୟଙ୍କର ଘଟଣା ! ଆପଣ କ'ଣ କହିବାକୁ ଚାହାନ୍ତି ? ଆପଣ ମୋତେ ସନ୍ଦେହ କରୁଛନ୍ତି ?"

"ମୃତ ଲୋକଙ୍କ ପକେଟରୁ ଖଣ୍ଡେ ଚିଠି ମିଳିଛି । ସେଟା ଆପଣଙ୍କ ଲେଖା । ସେଥିରୁ ଆମେ ଜାଣିଲୁ ଯେ, ଆପଣ କାଲି ରାତି ତାଙ୍କ ଘରେ କଟାଇବାର ଯୋଜନା କରିଥିଲେ ।"

"ହଁ, ମୁଁ ତା କରିଥିଲି ।"

"ସତେ ? ଆପଣ ତା କରିଥିଲେ ?"—ସେ ତାଙ୍କ ସରକାରୀ ନୋଟ୍ ବହିଟା ବାହାରକଲେ ।

ଶେର୍ଲକ୍ ହୋମ୍ସ କହିଲେ, "ଟିକିଏ ଅପେକ୍ଷା କର ଗ୍ରେଗ୍ସନ୍ । ତୁମେ ଚାହୁଁଛ ସେ ସବୁ ସତକଥା କହିବେ; ଏଇଆ ତ ?"

"ଆଉ ମୋର କର୍ତ୍ତବ୍ୟ ଦୃଷ୍ଟିରୁ ମୁଁ ମିଷ୍ଟର୍ ସ୍କଟ୍-ଏକ୍ଲସ୍‌ଙ୍କୁ ସାବଧାନ କରାଇଦେଉଛି ଯେ, ଯାହା କହିବେ ତା ତାଙ୍କ ବିରୁଦ୍ଧରେ କାମରେ ଲଗା-ଯାଇପାରେ ।"

"ତୁମେ ଏ ଘର ଭିତରକୁ ଆସିଲାବେଳକୁ ମିଷ୍ଟର୍ ଏକ୍ଲସ୍ ଆମ ଆଗରେ ସବୁକଥା କହିବାକୁ ଯାଉଥିଲେ । ତାଙ୍କୁ କିଛି ବ୍ରାଣ୍ଡି ଆଉ ସୋଡ଼ା ଦେଲେ ଭଲହୁଅନ୍ତା ୱାଟ୍‌ସନ୍ ! ଏଥର ମିଷ୍ଟର୍ ଏକ୍ଲସ୍, ଆପଣ ଠିକ୍ ଯାହା କହିବାକୁ ଯାଉଥିଲେ ସେଇଆ କହନ୍ତୁ । ଏଇ ଅଧିକ ଦୁଇଜଣଙ୍କ ଉପସ୍ଥିତି ପ୍ରତି ମୋଟେ ଧ୍ୟାନଦିଅନ୍ତୁନାହିଁ । ଧରିନିଅନ୍ତୁ ଆମେ ମୋଟେ ଦୁ'ଜଣ ଅଛୁ ।"

ଆଗନ୍ତୁକ ଏକା ନିଃଶ୍ୱାସରେ ବ୍ରାଣ୍ଡି ଟିକ ପିଇନେଲେ । ତାଙ୍କ ମୁହଁ କିଛି ପରିମାଣରେ ଉଜ୍ଜ୍ୱଳ ଦେଖାଗଲା । ସେ ସନ୍ଦେହପୂର୍ଣ୍ଣ ଆଖିରେ ଇନ୍‌ସ-ପେକ୍ଟର୍‌ଙ୍କ ନୋଟ୍‌ବହି ଆଡ଼େ ଚାହିଁ ତାଙ୍କ ଅସାଧାରଣ କଥା ଆରମ୍ଭ କଲେ—

"ମୁଁ ଅବିବାହିତ—ସମସ୍ତଙ୍କ ସାଥିରେ ମିଳାମିଶା କରିବା ମୋର ପ୍ରକୃତି । ତେଣୁ ମୋର ଅନେକ ବନ୍ଧୁ । ଏମାନଙ୍କ ଭିତରେ ମେଲ୍‌ଭିଲ୍ ନାମକ ଜଣେ ଅବସରପ୍ରାପ୍ତ ମଦ ବ୍ୟବସାୟୀଙ୍କ ପରିବାର ଅନ୍ତର୍ଭୁକ୍ତ । ସେମାନେ

Digitized by srujanika@gmail.com

କେନ୍‌ସିଙ୍ଗଟନ୍‌ର ଆଲ୍‌ବେମାରଲ୍ ସୌଧରେ ରହନ୍ତି । ତାଙ୍କର ଘରେ କେତେ ସପ୍ତାହ ତଳେ ମୁଁ ଗ୍ରେସିଆ ନାଁରେ ଜଣେ ଯୁବକଙ୍କୁ ଭେଟିଲି । ସେ ସ୍ପେନୀୟ ବଂଶଧର ଆଉ ସ୍ପେନ ଦୂତାବାସ ସହିତ ସଂପୃକ୍ତ । ସେ ସୁନ୍ଦର ଇଂରାଜୀ କହିପାରନ୍ତି । ତାଙ୍କର ବ୍ୟବହାର ଖୁବ୍ ଭଲ ଆଉ ଚେହେରା ଦେଖିବାକୁ ଅତି ସୁନ୍ଦର ।

"କେଜାଣି କେମିତି ଏଇ ଯୁବକଙ୍କ ସାଥିରେ ମୋର ବନ୍ଧୁତା ଗଢ଼ି ଉଠିଲା । ପ୍ରଥମ ଦେଖାରୁ ତାଙ୍କର ମୋଠାରେ ଆଗ୍ରହ ଥିବାର ଜଣାଗଲା । ଦୁ' ଦିନ ଭିତରେ ସେ ମୋତେ ଦେଖିବାପାଇଁ 'ଲି' ଆସିଲେ । କେତେଆଡ଼ୁ କେତେ କଥାବାର୍ତ୍ତା ହେଲା । ଶେଷରେ ତାଙ୍କ ଘରେ କିଛି ଦିନ କଟାଇବା ପାଇଁ ସେ ମୋତେ ନିମନ୍ତ୍ରଣ କଲେ । ତାଙ୍କ ଘର ଉଇଷ୍ଟେରିଆଲଜ୍ ଇସର୍ ଆଉ ଅକ୍‌ସସଟ୍ ମଝିରେ । ସେଇ ନିମନ୍ତ୍ରଣ ରକ୍ଷାକରି ମୁଁ ସଂଧ୍ୟାରେ ଇସର୍ ଗଲି ।

"ମୁଁ ସେଠିକି ଯିବା ଆଗରୁ ସେ ମୋତେ ତାଙ୍କ ଘରର ବର୍ଣ୍ଣନା ଦେଇ-ଥିଲେ । ତାଙ୍କ ଘରେ ତାଙ୍କର ଜଣେ ବିଶ୍ୱସ୍ତ ଚାକରଥିଲା । ସେ ତାଙ୍କ ଦେଶର ଜଣେ ଗାଉଁଲିଲୋକ । ସେ ଘରର ସବୁ ଦେଖାଶୁଣା କରୁଥିଲା । ଏଇ ଲୋକଟି ମଧ୍ୟ ବେଶ୍ ଭଲ ଇଂରାଜି କହିପାରୁଥିଲା । ତା'ଛଡ଼ା ତାଙ୍କର ଜଣେ ବଢ଼ିଆ ରାନ୍ଧୁଣିଆ ଥିଲା । ଲୋକଟା ବର୍ଣ୍ଣସଂକର; କିନ୍ତୁ ବଢ଼ିଆ ରୋଷେଇ କରେ । ସେ ତାକୁ ନିଜେ ଯାତ୍ରା ସମୟରେ ଯୋଗାଡ଼ କରିଥିଲେ । ସରେର ମଝିରେ ତାଙ୍କ ଘର ଏକ ବିଚିତ୍ର ଘର ବୋଲି ସେ କହିବା ମୋର ମନେଅଛି । ମୁଁ ବି ତାଙ୍କ କଥାରେ ଏକମତ ହେଲି । କିନ୍ତୁ ମୁଁ ଯାହା ଭାବିଥିଲି ଘରଟା ତାଠୁଁ ଢେର୍ ବେଶୀ ଅଦ୍ଭୁତ ପ୍ରମାଣିତ ହେଲା ।

"ମୁଁ ଗୋଟେ ଗାଡ଼ିରେ ଗଲି । ତାଙ୍କ ଘରଟା ଇସର୍‌ର ଦକ୍ଷିଣକୁ ପ୍ରାୟ ଦୁ' ମାଇଲହେବ । ରାସ୍ତାଠୁ କିଛିଏ ଦୂରରେ ବେଶ୍ ଗୋଟେ ବଡ଼ ଘର । ରାସ୍ତାଠୁ ଘରଯାଏ ଗୋଟେ ଅଙ୍କାବଙ୍କା ରାସ୍ତା । ରାସ୍ତା ଦୁ'କଡ଼ରେ ଶାଗୁଆ ବୁଦା ସବୁ । ଘରଟା ଖୁବ୍ ପୁରୁଣା । ଠାଏ ଠାଏ ଭାଙ୍ଗିରୁଜି ଗଲାଣି । ସମ୍ମୁଖରେ ହୋଇ-ନାହିଁ । ମୋ ଗାଡ଼ି ଘାସୁଆ ରାସ୍ତା ଉପରେ ଯାଇ ଘର ସାମନା ଦରଜାପାଖେ

Digitized by srujanika@gmail.com

ଅଟକଲି । ଖରା, ବର୍ଷା ଓ କାକର ଖାଇ ଖାଇ ଦରଜାଟା ଏକପ୍ରକାର ନଷ୍ଟ ହୋଇଗଲାଣି । ହଠାତ୍ ମୋ ମନରେ ସନ୍ଦେହହେଲା । ଯେଉଁ ଲୋକକୁ ମୁଁ ଭଲଭାବେ ଜାଣେନା, ତା ଘରକୁ ଆସିବାଟା ବୁଦ୍ଧିମାନର କାମ ନୁହେଁ ବୋଧହୁଏ । ଯାହାହେଉ, ସେ ନିଜେ ଆସି ଦରଜା ଖୋଲି ମୋତେ ସାଦର ଅଭ୍ୟର୍ଥନା ଜଣାଇଲେ । ମୋ ଦାୟିତ୍ୱ ସେଇ ଚାକରକୁ ଦିଆଗଲା । ଲୋକଟା କଳା ଆଉ ବଡ଼ ମୋଟସ । ସେ ମୋ ବ୍ୟାଗଟାଧରି ମୋ ଶୋଇବା ଘରକୁ ବାଟକଢ଼ାଇନେଲା । ଜାଗାଟା ବଡ଼ ଅସ୍ୱସ୍ତିକର ବୋଧହେଲା । ରାତି ଖିଆପିଆ ହେଲା । ଭଦ୍ରଲୋକ ମୋତେ ଖୁସି କରିବାକୁ ଚେଷ୍ଟାକରୁଥାନ୍ତି ହେଲେ ତାଙ୍କ ଭାବନା ଅନ୍ୟଆଡ଼େ ବୁଲୁଥାଏ । ସେ ଏଣୁ ତେଣୁ କ'ଣ ଗୁଡ଼େ ଅବାନ୍ତର କଥା କହୁଲେ ମୁଁ କିଛି ବୁଝିପାରିଲିନାହିଁ । ସେ ବରାବର ଟେବୁଲଉପରେ ଆଙ୍ଗୁଠି ଠକ୍ ଠକ୍ କରୁଥାନ୍ତି । ନଖ କାମୁଡ଼ୁଥାନ୍ତି ଆଉ ଅଧୈର୍ଯ୍ୟ ହେବାର ସବୁ ଲକ୍ଷଣ ଦେଖାଉଥାନ୍ତି । ଖାଇବାଜିନିଷ ରନ୍ଧାବଢ଼ା ମଧ୍ୟ ଭଲ ହୋଇ ନ ଥିଲା । ସତ କହୁଛି, କିଛି ଗୋଟେ ଆଳ ଦେଖାଇଲି । ଫେରିଆସିବାପାଇଁ ମୁଁ ଇଚ୍ଛା ସାରା ଭାବୁଥାଏ ।

"ଗୋଟେ ବିଷୟ ମୋର ମନେପଡ଼ୁଛି । ଆପଣମାନେ ଯେଉଁ ଅନୁସନ୍ଧାନ କରୁଛନ୍ତି ତା ସହିତ ସ୍ୱା'ର କିଛି ସମ୍ପର୍କ ଥାଇପାରେ । ସେତେବେଳେ ଏ ବିଷୟରେ ମୁଁ କିଛି ଚିନ୍ତା କରିନଥିଲି । ଆମେ ରାତି ଖାଇସାରିଲା ବେଳକୁ ଚାକର ଖଣ୍ଡେ ଚିଠି ଆଣି ମିଷ୍ଟର୍ ଗ୍ରେସିଆଙ୍କୁ ଦେଲା । ମୁଁ ଲକ୍ଷ୍ୟକଲି ଚିଠିଟା ପଢ଼ିସାରିଲା ପରେ ସେ ବେଶୀ ଅନ୍ୟମନସ୍କ ହୋଇପଡ଼ିଲେ । ସେ ପ୍ରାୟ କଥାବାର୍ତ୍ତା ବନ୍ଦକରି ଚୁପ୍‌ଚାପ୍ ବସି, ଘୁଡ଼ାଏ ସିଗାରେଟ୍ ଟାଣି ତାଙ୍କ ଭାବନାରେ ବୁଡ଼ିରହିଲେ । ଚିଠିର ବିଷୟବସ୍ତୁ ବାବଦରେ କିଛି କହିଲେ ନାହିଁ । ପ୍ରାୟ ଏଗାରଟାବେଳକୁ ମୁଁ ଶୋଇବାକୁ ଗଲି । ମନଟା ଟିକିଏ ହାଲକା ଲାଗିଲା । କିଛି ସମୟ ପରେ ମିଷ୍ଟର୍ ଗ୍ରେସିଆ ମୋ ରୁମ୍ ଦରଜା ପାଖରେ ଠିଆହୋଇ ଭିତରକୁ ଚାହିଁଲେ । ଘରଭିତରଟା ଅନ୍ଧାରୁଆ । ମୁଁ କଲିଂବେଲ୍ ବଜାଇଥିଲି କି ବୋଲି ପଚାରିଲେ । ମୁଁ ମନାକଲି । ସେ କହିଲେ ସମୟ ପ୍ରାୟ ଗୋଟାଏ ହେବ । ଭୁଲ୍‌ରେ ଏତେ ରାତିରେ ମୋ

Digitized by srujanika@gmail.com

ଶୋଇବାରେ ବ୍ୟାଘାତ ସୃଷ୍ଟି କରିଥିବାରୁ କ୍ଷମାମାଗିଲେ । ତା ପରେ ମୁଁ ସାରାରାତି ନିଘୋଡ଼ ନିଦରେ ଶୋଇଗଲି ।

"ଏଥର ମୋ କଥାର ସବୁଠୁ ଆଶ୍ଚର୍ଯ୍ୟ ଅଂଶଟା କହୁଛି । ମୁଁ ନିଦରୁ ଉଠିଲାବେଳକୁ ଖରାପଡ଼ି ପରିଷ୍କାର ଆଲୁଅ ହୋଇଗଲାଣି । ଘଣ୍ଟାଟା ଦେଖିଲି, ନଅଟା ବାଜିବାଉପରେ । ମୋତେ ଆଠଟାବେଳେ ଉଠାଇଦେବା ପାଇଁ ମୁଁ କହିଥିଲି । ସେମାନେ ଏ କଥା ଭୁଲିଯାଇଥିବା ଦେଖି ଆଶ୍ଚର୍ଯ୍ୟ ହୋଇଗଲି । ମୁଁ ଉଠିପଡ଼ି ଚାକରକୁ ଡାକିବା ପାଇଁ ଘଣ୍ଟିଟା ବଜାଇଲି । କିଛି ଜବାବ ମିଳିଲା ନାହିଁ । ମୁଁ ପୁଣି ଘଣ୍ଟି ବଜାଇଲି । କିନ୍ତୁ ଫଳ ସେଇ ଏକା । ମନେ ମନେ ଠିକ୍ କଲି, ଘଣ୍ଟିଟା ନିଶ୍ଚୟ ଖରାପ ହୋଇଯାଇଛି । ମୁଁ ତରତରରେ ପୋଷାକଟା ଗଳେଇଦେଇ କିଛି ଗରମପାଣି ବରାଦ କରିବା ପାଇଁ ତଳକୁ ଚାଲିଗଲି । ଭାରି ରାଗ ଲାଗୁଥାଏ । ଯେତେବେଳେ ଦେଖିଲି କେହି କୁଆଡ଼େ ନାହାଁନ୍ତି, ମୁଁ କେମିତି ଆଶ୍ଚର୍ଯ୍ୟ ହୋଇଯାଇଥିବି ଅନୁମାନ କରନ୍ତୁ । ବାଟଘରକୁ ଆସି ଜୋର୍‌ରେ ପାଟିକରି ଡାକିଲି । କୌଣସି ଉତ୍ତର ପାଇଲି ନାହିଁ । ତା ପରେ ବଖରାବଖରା କରି ସବୁ ବଖରାକୁ ଧାଇଁଲି । ସବୁଘର ଶୂନ୍‌ଶାନ୍ । ପୂର୍ବରାତିରେ ଗ୍ରେସିଆ ମୋତେ ତାଙ୍କ ଶୋଇବା ଘର ଦେଖାଦେଇଥିଲେ । ସେଠି କବାଟରେ ଠକ୍ ଠକ୍ କଲି । କିଛି ଉତ୍ତର ନାହିଁ । କବାଟର ହାଣ୍ଡେଲ୍ ମୋଡ଼ି ଘରଭିତରକୁ ପଶିଗଲି । ଘରଟା ଖାଲି ଆଉ ବିଛଣାଟାରେ ବି କେହି ଶୋଇନଥିଲେ । ଅନ୍ୟମାନଙ୍କ ସାଥିରେ ସେ ବି ଚାଲିଯାଇଛନ୍ତି । ଏଇ ବିଦେଶୀ ବନ୍ଧୁ, ବିଦେଶୀ ଚାକର, ବିଦେଶୀ ରାନ୍ଧୁଣିଆ, ରାତିକ ଭିତରେ କୁଆଡ଼େ ଉଭେଇଯାଇଛନ୍ତି । ମୋର ଉଇଷ୍ଟେରିଆ ଲଜ୍ ପରିଦର୍ଶନ ସେଇଠି ଶେଷହେଲା ।"

ହୋମ୍ସ ଅତି ଧୈର୍ଯ୍ୟ ଏଇ ଅଦ୍ଭୁତ କାହାଣୀ ଶୁଣୁଥାନ୍ତି । ଶେଷରେ ସେ କହିଲେ, "ମୁଁ ଯାହା ଦେଖୁଛି, ଆପଣଙ୍କ ଅନୁଭୂତ ଅସାଧାରଣ । ଆଚ୍ଛା, ଆପଣ ତାପରେ କ'ଣ କଲେ ?"

"ମୁଁ ଖୁବ୍ ରାଗିଗଲି । ସେମାନେ ମୋତେ ବୋକା ବନାଇବା ପାଇଁ ମୋ ପାଖରେ ଏମାନେ ଥଟ୍ଟ ଦେଖୁଛନ୍ତି । ମୋ ଜିନିଷପତ୍ର ବ୍ୟାଗ୍‌ରେ ପୁରାଇ,

Digitized by srujanika@gmail.com

ବାଟଘର ଦରଜାଟା ଧଡ଼୍‌କରି ପକାଇଦେଇ ଇସର୍ ବାହାରିପଡ଼ିଲେ । ଗାଁର ମୁଖ୍ୟଘର ଏଜେଣ୍ଟ ଆଲାନ୍‌ ବ୍ରଦର୍‌ସଙ୍କ ପାଖକୁ ଗଲି । ଘରଟା ତାଙ୍କରିଠାରୁ ଭଡ଼ାନିଆଯାଇଥିଲା । ହଠାତ୍ ମୋର ମନେହେଲା, ଯାହା ସବୁ ଘଟିଗଲା ତା କେବେ ଅଜ୍ଞାତାମଧ୍ୟା ହୋଇନପାରେ । ଘରଭଡ଼ାରୁ ଖସିଯିବା ସେମାନଙ୍କର ମୁଖ୍ୟଉଦ୍ଦେଶ୍ୟ । ମାଇଁମାସ ପ୍ରାପ୍ତ ସରିବା ଉପରେ । ଭଡ଼ାଦେବା ସମସ୍ତ । କିନ୍ତୁ ମୋର ଏ ଅନୁମାନ କାମକଲାନାହିଁ । ଏଜେଣ୍ଟ ମୋତେ ଧନ୍ୟବାଦ ଦେଇ କହିଲେ ଯେ, ସେ ଘରର ଭଡ଼ା ଆଗରୁଣିଆ ହୋଇସରିଛି । ତାପରେ ମୁଁ ସହରକୁ ଆସି ସ୍ପେନୀୟ ଦୂତାବାସକୁ ଗଲି । ସେଠି ଏ ଲୋକଙ୍କୁ କେହି ଜାଣନ୍ତି ନାହିଁ । ତାପରେ ମୁଁ ମେଲ୍‌ଭିଲ୍‌ଙ୍କ ପାଖକୁ ଗଲି । ତାଙ୍କର ଘରେ ଗ୍ରେସିଆଙ୍କ ସଙ୍ଗେ ମୋର ପ୍ରଥମ ଦେଖା । ଦେଖିଲି ତାଙ୍କ ବିଷୟରେ ମୋତେ ଯାହା ଜଣା ତାଙ୍କୁ ତା ବି ଜଣାନାହିଁ । ଶେଷରେ ମୁଁ ଆପଣଙ୍କ ପାଖକୁ ଟେଲିଗ୍ରାମ୍ କଲି ଆଉ ଆପଣଙ୍କ ଉତ୍ତର ପାଇଁ ଏଠିକି ଆସିଲି । କାରଣ, ଜାଣିବାକୁ ପାଇଲି ଏପରି କଠିନ ସମସ୍ୟାରେ ଆପଣ ଉପଦେଶ ଦେଇଥାନ୍ତି । କିନ୍ତୁ ମିଷ୍ଟର୍ ଇନ୍‌ସ୍‌ପେକ୍ଟର୍, ଆପଣ ଏ ଘରକୁ ଆସିଲା ବେଳେ ଯାହା କହିଲେ, ସେଥିରୁ ବୁଝିଲି କିଛି ଗୋଟେ ଅଘଟଣ ଘଟିଛି । ମୁଁ ଶପଥକରି କହୁଛି, ଯାହା କହିଲି ତା ପୁରା ସତ । ତା'ଛଡ଼ା ଏ ଭଦ୍ରଲୋକଙ୍କ ବିଷୟରେ ମୁଁ ଆଉ କିଛି ଜାଣେନା । ଆଇନକୁ ସବୁ ପ୍ରକାରେ ସାହାଯ୍ୟକରିବା ମୋର ଇଚ୍ଛା ।"

ବେଶ୍ ଅମାୟିକ ଭାବରେ ଗ୍ରେଗ୍‌ସନ୍ କହିଲେ, "ମୁଁ ସେ କଥା ଜାଣେ ମିଷ୍ଟର୍ ସ୍କଟ୍‌ଏକ୍ଲସ୍ । ଆପଣ ଯାହା କହିଲେ ଆଉ ଘଟଣା ସମ୍ବନ୍ଧରେ ଆମେ ଯାହା ଜାଣୁ ତା ଖାପଖାଇଯାଉଛି । ଉଦାହରଣ ସ୍ୱରୂପ ଏଇ ଚିଠି । ଆଚ୍ଛା, ସେ ଚିଠିଟା କ'ଣ ହେଲା ଆପଣ ଲକ୍ଷ୍ୟକରିଛନ୍ତି ?"

"ହଁ, ଲକ୍ଷ୍ୟ କରିଛି । ମିଷ୍ଟର୍ ଗ୍ରେସିଆ ସେଟାକୁ ମୋଡ଼ିମାଡ଼ି ନିଆଁକୁ ଫିଙ୍ଗିଦେଲେ ।"

"ଆପଣ ଏ ବିଷୟରେ କ'ଣ କହୁଛନ୍ତି ମିଷ୍ଟର୍ ବେନ୍‌ସ୍ ?"—ପଚାରିଲେ ହୋମ୍‌ସ ।

Digitized by srujanika@gmail.com

ଗାଁଉଲି ଡିଟେକ୍‌ଟିଭ୍ ଜଣକ ବେଶ୍ ହୃଷ୍ଟପୁଷ୍ଟ । ଗୋରା ତକ୍‌ତକ୍ ଚେହେରା । ଆଖି ଦୁଇଟା ଖୁବ୍ ଉଜ୍ଜ୍ୱଳ । ସେ ପକେଟରୁ ଖଣ୍ଡେ ଭାଙ୍ଗ କରା କାଗଜ ବାହାରକରି କହିଲେ, "ନଆଁ ଚୁଲିଟାରେ ଲୁହାଜାଲି ଦିଆଯାଇଛି ମିଷ୍ଟର୍ ହୋମସ । ସେ କାଗଜଟା ଟିକଏ ଜୋର୍‌ରେ ଫିଙ୍ଗିଦେଇଥିଲେ । ସେଟା ଚୁଲିରେ ନପଡ଼ି ତା ଆରପାଖେ ପଡ଼ିଯାଇଥିଲା । ମୁଁ ସେଟା ସେଠୁ ପାଇଛି ।"

ହୋମ୍‌ସ କାମଟା ପସନ୍ଦକରି ଅଳ୍ପ ହସି କହିଲେ, "ଏଇ ଗ୍ରେଟ କାଗଜ ଖଣ୍ଡ ପାଇବାକୁ ଆପଣ ନିଶ୍ଚୟ ଘରଟା ଖୁବ୍ ଭଲଭାବେ ପରୀକ୍ଷା କରିଥିବେ ।"

"ହଁ, ମିଷ୍ଟର୍ ହୋମସ । ମୋ କାମ ସେଇଆ । ଏଟା ପଢ଼ିବ, ମିଷ୍ଟର୍ ଗ୍ରେଗ୍‌ସନ୍ ?"

ଲଣ୍ଡନର ଡିଟେକ୍‌ଟିଭ ମୁଣ୍ଡ ହଲାଇଲେ ।

"ଚିଠିଟା ସାଧାରଣ କ୍ରିମ୍ କାଗଜରେ ଲେଖାହୋଇଛି । ଏଟା ଫର୍ଦ୍ଦେ କାଗଜର ଚାରିଭାଗରୁ ଭାଗେ । ଗୋଟେ ଗ୍ରେଟ କଇଁଚିରେ ଦି'ଖଣ୍ଡ ହୋଇ କଟାଯାଇଛି । କାଗଜ ଖଣ୍ଡ ତିନିଭାଙ୍ଗ କରାହୋଇ ତା ଉପରେ ନାଲି ମହମ ସିଲ୍‌କରାହୋଇଛି । ମହମଉପରେ ଚେପଟା ଅଣ୍ଡାକୃତ କିଛି ଜିନିଷ ଚାପିଦିଆଯାଇଛି । ଉପରେ ଠିକଣା ଅଛି, 'ମିଷ୍ଟର୍ ଗ୍ରେସିଆ, ଉଇଷ୍ଟେରିଆ ଲଜ୍' । ଏଥିରେ ଲେଖାଅଛି :

"ଆମ ନିଜର ରଙ୍ଗ ଶାଗୁଆ ଆଉ ଧଳା । ଶାଗୁଆ ଖୋଲା, ଧଳା ବନ୍ଦ । ମୁଖ୍ୟ ସିଡ଼ି, ପ୍ରଥମ ବାରଣ୍ଡା, ଡାହାଣକୁ ସପ୍ତମ, ଶାଗୁଆ ଉଲ୍‌କନା । ଶୁଭ କାମନା । ଡି :"

"ଲେଖାଟି ଜଣେ ନାରୀ-ହାତ-ଲେଖା । ଗୋଟେ ମୁନିଆଁ କଲମରେ ଲେଖାଯାଇଛି । କିନ୍ତୁ ଠିକଣାଟା ଆଉ ଗୋଟେ କଲମରେ ବା ଅନ୍ୟ ଜଣଙ୍କ ଦ୍ୱାରା ଲେଖାହୋଇଛି । ଦେଖନ୍ତୁ, ଏ ଲେଖାଟା ମୋଟା ଆଉ ପରିଷ୍କାର ।"

ହୋମ୍‌ସ କାଗଜଟା ଉପରେ ଆଖିବୁଲାଇ ଆଣି କହିଲେ, "ପ୍ରକୃତରେ ଏକ ଉଲ୍ଲେଖନୀୟ ଚିଠି । ଆପଣ ଏଟା ଟିକିନିଖି ପରୀକ୍ଷାକରି ଦେଖିଛନ୍ତି ।

Digitized by srujanika@gmail.com

ସେଥିପାଇଁ ମୁଁ ଆପଣଙ୍କୁ ଧନ୍ୟବାଦ ଦେଉଛି, ମିଷ୍ଟର ବେସ୍‌କମ୍ବ ତା ସାଙ୍ଗରେ ଆଉ କେତେଟା ଶ୍ରେଷ୍ଠ ଶ୍ରେଷ୍ଠ ପଏଣ୍ଟ ମିଶାଯାଇପାରେ । ଅଣ୍ଡାକୃତ ସିଲ୍‌ଟା ସାଦାସିଧା । ସେଠି କଇଁଚରେ କାଗଜଟା କଟାଯାଇଛି ସେଟା ବଙ୍କା ନଖ କଟା କଇଁଚ । ଆପଣ କାଗଜ ଧାରରେ ସାମାନ୍ୟ ବାଙ୍କ ଦେଖି ପାରୁଥିବେ ।"

ଗାଉଁଲି ଡିଟେକ୍‌ଟିଭ୍‌ ସାମାନ୍ୟ ହସି କହିଲେ, "ମୁଁ ଭାବିଥିଲି ମୁଁ ଏ ଚିଠିରୁ ସବୁ ରସ ନିଗାଡ଼ି ଦେଇଛି; କିନ୍ତୁ ଦେଖୁଛି ଆଉ କିଛି ଥିଲା । କିନ୍ତୁ ଏ ଚିଠିରୁ କେବଳ ଜଣାଯାଉଛି କିଛି ଗୋଟେ ଘଟଣାର ମୂଳରେ ଜଣେ ନାରୀ ଅଛି—ତା ଛଡ଼ା ଏ ଚିଠିରୁ ଆଉ ଜାଣିବାର କିଛି ନାହିଁ ।"

ଏଇ କଥାବାର୍ତ୍ତା ବେଳେ ମିଷ୍ଟର୍‌ ସ୍କଟ୍‌ ଏକ୍‌ଲସ୍‌ ବଡ଼ ଅସ୍ଥିର ହୋଇପଡ଼ୁଥାନ୍ତି । ସେ କହିଲେ, "ଆପଣ ଚିଠିଟା ପାଇଥିବାରୁ ମୁଁ ଖୁବ୍‌ ଖୁସି । କାରଣ ସେଟା ମୋ କଥାକୁ ସମର୍ଥନ କରୁଛି । କିନ୍ତୁ ମିଷ୍ଟର୍‌ ଗ୍ରେସିଆଙ୍କର କଣ ହେଲା ଆଉ ତାଙ୍କ ଘରର ଖବର କ'ଣ ମୁଁ ଏଯାଏଁ ଜାଣିପାରିଲିନାହିଁ ।

ଗ୍ରେଗ୍‌ସନ୍‌ କହିଲେ, "ଗ୍ରେସିଆଙ୍କ କଥା ? ତାଙ୍କ ଘରଠୁଁ ମାଇଲେ ଦୂରରେ ଅକ୍‌ସସଟ୍‌ କମନରେ ସେ ମରିପଡ଼ିଥିବାର ଦେଖାଗଲା । କୌଣସି ପଥର ବା ସେଇପରି କୌଣସି ଡାଣ୍ଡିଆ ଅସ୍ତ୍ର ମାଡ଼ରେ ତାଙ୍କ ମୁଣ୍ଡ ଚୂନା ହୋଇଯାଇଥିଲା । ଜାଗାଟା ନିର୍ଜନ ଆଉ ପ୍ରାୟ ପାଏ ମାଇଲ ଭିତରେ କୌଣସି ଘର ନାହିଁ । ଯାହା ଜଣାଯାଉଛି, କେହି ତାଙ୍କୁ ପଛଆଡ଼ୁ ଆଘାତ କରିଛି ଆଉ ସେ ମଲା ପରେ ବି ଆଘାତକାରୀ ତାଙ୍କ ମୁଣ୍ଡକୁ ପିଟିଚାଲିଛି । ଆକ୍ରମଣଟା ଅତି ଭୟଙ୍କର । ଅପରାଧୀକୁ ଜାଣିବା ପାଇଁ ପାଖରେ କିଛି ପାଦ ଚିହ୍ନ ବା ଅନ୍ୟ ସୂତ୍ର ନାହିଁ ।

"କିଛି ଡକାୟତି ହୋଇଛି ?"

"ନା, ଡକାୟତିର ଚେଷ୍ଟା ବି ହୋଇନାହିଁ ।"

ମିଷ୍ଟର୍‌ ସ୍କଟ୍‌ ଏକ୍‌ଲସ୍‌ କରୁଣ ସ୍ୱରରେ କହିଲେ, "ବଡ଼ ଦୁଃଖର କଥା । କିନ୍ତୁ ସେ ରାତରେ ବାହାରକୁ ଯାଇ ଏ ଦଶା ଭୋଗ କରିବାରେ ମୋର କିଛି ହାତ ନାହିଁ । ମୁଁ ଏ କେଶ୍‌ରେ ସଂଯୁକ୍ତ ହେଲି କେମିତି ?"

Digitized by srujanika@gmail.com

ଇନ୍ସ୍ପେକ୍ଟର୍ ବେଏନ୍ସ ଉତ୍ତର ଦେଲେ, "ଅତି ସରଳ । ମୃତ ଲୋକଙ୍କ ପକେଟରୁ ଖଣ୍ଡେ ମାତ୍ର କାଗଜ ମିଳିଛି । ସେଟା ଆପଣଙ୍କ ଲେଖା ଚିଠି ଖଣ୍ଡେ । ତାଙ୍କ ମୃତ୍ୟୁ ହବା ରାତିରେ ଆପଣ ତାଙ୍କ ପାଖରେ ଥିଲେ ବୋଲି ସେଥିରୁ ଜଣାଯାଏ । ସେଇ ଚିଠିର ଲଫାଫାରୁ ଆମେ ମୃତ ଲୋକଙ୍କର ନାଁ ଆଉ ଠିକଣା ଜାଣିଲୁ । ଆଜି ସକାଳେ ନଅଟା ବେଳେ ଆମେ ତାଙ୍କ ଘରକୁ ଗଲୁ । ସେଠି ଆପଣଙ୍କୁ ବା ଅନ୍ୟ କାହାକୁ ପାଇଲୁନାହିଁ । ଆପଣଙ୍କୁ ଲଣ୍ଡନରେ ଖୋଜିବା ପାଇଁ ମୁଁ ମିଷ୍ଟର୍ ଗ୍ରେଗ୍ସନ୍ଙ୍କ ପାଖକୁ ତାର କଲି ଆଉ ମୁଁ ନିଜେ ଉଇଷ୍ଟେରିଆ ଲଜ୍ ପରୀକ୍ଷା କଲି । ତାପରେ ମୁଁ ସହରକୁ ଗ୍ରେଗ୍ସନ୍ଙ୍କ ପାଖକୁ ଆସିଲି ଆଉ ଆମେ ଏଠି ପହଞ୍ଚିଲୁ ।

ଗ୍ରେଗ୍ସନ୍ ଉଠି ଠିଆହୋଇ କହିଲେ, "କଥାବାର୍ତ୍ତାଟା ବରଂ ଅଫିସିଆଲି ହେବା ଦର୍କାର । ଆପଣ ଆମ ସାଥିରେ ଥାନାକୁ ଆସନ୍ତୁ । ଆପଣଙ୍କର ଯାହା କହିବା କଥା ଆମେ ଲିଖିତ ଆକାରରେ ରଖିବୁ ।"

"ନିଶ୍ଚୟ । ମୁଁ ବର୍ତ୍ତମାନ ଯିବାକୁ ରାଜି । କିନ୍ତୁ ମିଷ୍ଟର୍ ହୋମ୍ସ ! ଆପଣ ମୋ ପାଇଁ କାମ କରିବେ । ପ୍ରକୃତ ସତ କଥା ବାହାର କରିବା ପାଇଁ ଯାହା ଖର୍ଚ୍ଚ ହେଉ, ଯେତେ ପରିଶ୍ରମ ପଡୁ ପଛାଇବେ ନାହିଁ ।"

ମୋ ବନ୍ଧୁ ଇନ୍ସ୍ପେକ୍ଟର୍ ବେଏନ୍ସଙ୍କ ଆଡ଼କୁ ବୁଲି କହିଲେ, "ଏ କେସ୍‌ରେ ମୁଁ ଆପଣଙ୍କ ସାଥିରେ ମିଶି କାମ କଲେ ଆପଣ ଆପତ୍ତି କରିବେ ନାହିଁ ବୋଲି ଭାବୁଛି ।"

"ନା-ନା, ବରଂ ନିଜକୁ ଭଗବାନ ମନେକରିବି ।"

"ଆପଣ ମଧ୍ୟ କିଛି କରିଛନ୍ତି ସେଥିରେ ତୁରନ୍ତ ପଦକ୍ଷେପ ନେଲା ପରି ଜଣାଯାଉଛି । ଆଉ ବେଶ୍ ଦକ୍ଷତାର ସହ କାମ କରିଛନ୍ତି । ଆଚ୍ଛା, ଠିକ୍ କେତେଟା ସମୟରେ ଏ ଲୋକଙ୍କର ମୃତ୍ୟୁ ଘଟିଛି, ତାହା କିଛି ସୂତ୍ର ପାଇଛନ୍ତି କି ?"

"ସେ ରାତି ଗୋଟାଏ ବେଳକୁ ସେ ଜାଗାରେ ଥିଲେ । ସେତେବେଳେ ବର୍ଷା ହେଉଥିଲା । ତେଣୁ ତା ପୂର୍ବରୁ ନିଶ୍ଚୟ ତାଙ୍କର ମୃତ୍ୟୁ ହୋଇଛି ।"

Digitized by srujanika@gmail.com

ଆମ ମହକକଲ କହିଉଠିଲେ, "କିନ୍ତୁ ସ୍ତ୍ରୀ' ସମ୍ପୂର୍ଣ୍ଣ ଅସମ୍ଭବ ମିଷ୍ଟର୍ ବେୟନସ୍ । ମୁଁ ଶପଥକରି କହିପାରେ ଠିକ୍ ସେ ସମୟରେ ସେ ମୋ ଶୋଇବା ଘରେ ମୋ ସାଥିରେ କଥାବାର୍ତ୍ତା କରୁଥିଲେ ।"

ଅଳ୍ପ ହସି ହୋମ୍‌ସ କହିଲେ, "ଘଟଣାଟା ବିଚିତ୍ର । କିନ୍ତୁ ଅସମ୍ଭବ ନୁହେଁ ।"

ଗ୍ରେଗ୍‌ସନ୍ ପଚାରିଲେ, "ଆପଣ କ'ଣ କିଛି ସୂତ୍ର ପାଇଛନ୍ତି ?"

"ଯାହା ଜଣାଯାଉଛି କେଶ୍‌ଟାରେ କେତେ ନୂଆ ଆଉ କୌତୂହଳପୂର୍ଣ୍ଣ ଲକ୍ଷଣ ଥିଲେ ମଧ୍ୟ ଏହା ସେତେ ଜଟିଳ ନୁହେଁ । ତେବେ ମୁଁ କିଛି ଚୂଡ଼ାନ୍ତ ମତ ଦେବା ଆଗରୁ ଘଟଣା ସମ୍ବନ୍ଧରେ ଆଉ କେତେ ତଥ୍ୟ ଜାଣିବା ଦରକାର । ହଁ, ମିଷ୍ଟର୍ ବେୟନସ୍, ଆପଣ ଘରଟା ପରୀକ୍ଷାକରି ଦେଖିଲା ବେଳେ ଏଇ ଚିଠି ଖଣ୍ଡ ଛଡ଼ା ଆଉ କିଛି ଉଲ୍ଲେଖନୀୟ ଜିନିଷ ପାଇଥିଲେ ?"

ଡିଟେକ୍‌ଟିଭ୍ ହୋମ୍‌ସଙ୍କ ମୁହଁକୁ ଏକ ଅସାମାନ୍ୟ ଭଙ୍ଗୀରେ ଚାହିଁ କହିଲେ, "ହଁ, ଗୋଟେ ଦି'ଟା ଉଲ୍ଲେଖନୀୟ ଜିନିଷ ମୋ ଆଖିରେ ପଡ଼ିଛି । ମୁଁ ଥାନାକୁ ଯାଇ କାମସାରିଲାପରେ ଆପଣ ଆସିଲେ ସେ ବିଷୟରେ ଆପଣଙ୍କ ମତ ଜଣାଇବେ ।"

ହୋମ୍‌ସ କଲିଂବେଲ୍‌ଟା ବଜାଇଦେଇ କହିଲେ, "ମୁଁ ସବୁବେଳେ ଆପଣଙ୍କ ପାଇଁ ପ୍ରସ୍ତୁତ । ହଁ, ମିସେସ୍ ହଡ୍‌ସନ୍ । ଏ ଭଦ୍ରଲୋକମାନଙ୍କୁ ବିଦା କରିଦିଅ । ଚାକର ଟୋକାକୁ ଏଇ ଟେଲିଗ୍ରାମ୍‌ଟା ଦେଇ ପଠାଇଦେବ । ଉତ୍ତର ପାଇଁ ସେ ପାଞ୍ଚ ଶିଲିଂ ଦାଖଲ କରିଦେବ ।"

ସେମାନେ ଚାଲିଯିବା ପରେ ଆମେ କିଛି ସମୟ ଚୁପ୍‌ଚାପ ବସି ରହିଲୁ । ହୋମ୍‌ସ ଗୁଡ଼ାଏ ସିଗାରେଟ୍ ଟାଣିଗଲେ । ତାଙ୍କ ଆଖି ପତା ଦି'ଟା ତଳକୁ ଲଇଁ ପଡ଼ିଥାଏ ଆଉ ମୁଣ୍ଡଟା ଆଗକୁ ଲମ୍ବି ଯାଇଥାଏ । ହଠାତ୍ ମୋ ଆଡ଼କୁ ମୁହଁ ବୁଲାଇ ସେ କହିଲେ, "ଆଚ୍ଛା, ୱାଟ୍‌ସନ୍, ଏ ବିଷୟରେ ତୁମେ କ'ଣ ଭାବୁଛ ?"

"ସ୍କଟ୍ ଏକ୍ଲସ୍‌ଙ୍କର ଏ ରହସ୍ୟର ଆଦ୍ୟ-ଅନ୍ତ କିଛି ମୁଁ ବୁଝିପାରୁନାହିଁ ।"

"କିନ୍ତୁ ହତ୍ୟା ଅପରାଧଟା ତ ଘଟିଛି ।"

Digitized by srujanika@gmail.com

"ମୁଁ ଭାବୁଛି, ହତ୍ୟାକାଣ୍ଡ ଯାଙ୍କେ ତାଙ୍କ ଘରର ଲୋକ ଦୁ' ଜଣ ଯେତେବେଳେ ନଖୋଜ ହୋଇଯାଇଛନ୍ତି, ସେମାନେ ନିଶ୍ଚୟ ସ୍ତ୍ରୀ' ସହିତ କୌଣସି ପ୍ରକାରେ ସମ୍ପୃକ୍ତ । ଆଇନ ହାତରୁ ରକ୍ଷାପାଇବାପାଇଁ ଖସି ପଳାଇଛନ୍ତି ।"

"ଗୋଟେ ଦୃଷ୍ଟିରୁ ସେଟା ନିଶ୍ଚୟ ସମ୍ଭବ । କିନ୍ତୁ ଘଟଣାଟା ଯାହା ଜଣା-ଯାଇଛି ତାକୁ ବିଗ୍ଭର କରି ଦେଖ । ସେଦିନ ରାତିରେ ଜଣେ ବନ୍ଧୁ ତାଙ୍କ ଘରକୁ ଯାଇଥିଲେ । ତେଣୁ ସେଇ ରାତି ତାଙ୍କ ସାଥି ଦୁ' ଜଣ ଚକ୍ରାନ୍ତ କରି ତାଙ୍କୁ ଆକ୍ରମଣ କରିବାଟା ଅସମ୍ଭବ ମନେହେଉନାହିଁ । ଅନ୍ୟ ଦିନ ରାତିରେ ତ ସେମାନେ ତାଙ୍କୁ ଏକୁଟିଆ ହାତ ମୁଠାରେ ପାଇଛନ୍ତି ।"

"ତେବେ ସେମାନେ ପଳାଇଗଲେ କାହିଁକି ?"

"ସେଇ କଥା । ସେମାନେ ପଳାଇଲେ କାହିଁକି ? ଏଟା ଗୋଟେ ବଡ଼ ଘଟଣା ; ଆଉ ଗୋଟେ ବଡ଼ ଘଟଣା ହେଲା ଆମ ମହକିଲଙ୍କ ଅନୁଭୂତି । ଆଚ୍ଛା ୱାଟସନ୍, ଏଇ ଦୁ'ଟା ବଡ଼ ଘଟଣାକୁ ଖାପଖାଇଲାପରି କିଛି କାରଣ ଖୋଜି ବାହାରକରିବା କ'ଣ ମଣିଷ ବୁଦ୍ଧିର ବାହାର ? ଯେଉଁ ରହସ୍ୟମୟ ଚିଠିଟା ଆସିଥିଲା ସେଇଟା ସ୍ତ୍ରୀ'ର କାରଣ ବୋଲି ଅନୁମାନ କରାଯାଉ । ତାରି ଉପରେ ଆମ କାମ ଆରମ୍ଭ କରିବା । ଯଦି କିଛି ନୂଆ ତଥ୍ୟ ମିଳେ ଆଉ ତାହା ସ୍ତ୍ରୀ' ସହିତ ଖାପ ଖାଇଯାଏ ତେବେ ଆମ ଅନୁମାନ ସିଦ୍ଧାନ୍ତରେ ପରିଣତ ହୋଇପାରେ ।"

"କିନ୍ତୁ ତୁମର ଅନୁମାନ କ'ଣ ?"

ଆଖି ଦୁ'ଟା ଅଧା ବୁଜି ଚଉକିରେ ଆଉଜି ବସି ହୋମ୍‌ସ କହିଲେ, "ତୁମେ ନିଶ୍ଚୟ ସ୍ୱୀକାର କରିବ, ୱାଟସନ୍ । ଘଟଣାଟେ ଥଟ୍ଟା ଖେଳିବାର ପ୍ରଶ୍ନ ମୋଟେ ନାହିଁ । ଯାହା ଦେଖାଗଲା ପରେ ଗୁରୁତର ଘଟଣା ସବୁ ଘଟିଛି, ଆଉ ସ୍କଟ୍ ଏକ୍ଲେସ୍‌ଙ୍କୁ ପ୍ରବର୍ତ୍ତାଇ ଉଇଷ୍ଟେରିଆ ଲଜ୍‌କୁ ଆଣିବାର ସେ ସବୁ ଘଟଣା ସହିତ କିଛି ସଂପର୍କ ଅଛି ।"

"କିନ୍ତୁ କି ପ୍ରକାର ସମ୍ପର୍କ ସମ୍ଭବ ?"

Digitized by srujanika@gmail.com

"ଆମେ ସବୁ କଥା କ୍ରମାନୁସାରେ ଗୋଟି ଗୋଟି କରି ବିଗ୍ଭର କରିବା । ପ୍ରଥମ କଥା ହେଲା, ସ୍କଟ୍‌ଏକ୍‌ଲସ୍ ଆଉ ଏଇ ସ୍ପେନୀୟ ତରୁଣଙ୍କ ମଧ୍ୟରେ ହଠାତ୍ ଏପରି ବନ୍ଧୁତା ହେବାଟା ଅବାସ୍ତବ । ସ୍ପେନୀୟ ଭଦ୍ରଲୋକ ଏ ବନ୍ଧୁତା ସ୍ଥାପନରେ ଆଗ୍ରହୀ ଥିଲେ । ଯେଉଁ ଦିନ ତାଙ୍କର ସ୍କଟ୍‌ଏକ୍‌ଲସ୍‌ଙ୍କ ସାଥିରେ ପ୍ରଥମ ଦେଖାହେଲା ତା ପରଦିନ ସେ ଲଣ୍ଡନ ସହରର ସେ ମୁଣ୍ଡରୁ ତାଙ୍କ ପାଖକୁ ଯାଇଥିଲେ । ତାଙ୍କୁ ଇସର୍‌କୁ ଆଣିବାଯାଏଁ ସେ ତାଙ୍କ ସାଥିରେ ବରାବର ସମ୍ପର୍କ ରଖିଥିଲେ । ସେ ଏକ୍‌ଲସ୍‌ଙ୍କ ପାଖରୁ କ'ଣ ଖୋଜୁଁଥିଲେ ? ଏକ୍‌ଲସ୍ ତାଙ୍କୁ କ'ଣ ଦେଇପାରିଥାନ୍ତେ ? ଏକ୍‌ଲସ୍‌ଙ୍କଠାରେ ଆକର୍ଷଣ କଲା ଭଳି କିଛି ମୁଁ ଦେଖିପାରୁନାହିଁ । ସେ ସେପରି ବିଶେଷ ବୁଦ୍ଧିମାନ ନୁହଁନ୍ତି । ଏଇ ଚତୁର ସ୍ପେନୀୟଙ୍କ ସାଥିରେ ସମାନ ହେଲା ପରି ଲୋକ ସେ ନୁହଁନ୍ତି । ସେପିଆ ତ ଅନେକ ଲୋକଙ୍କୁ ଭେଟିଥିଲେ । ତାଙ୍କ ଉଦ୍ଦେଶ୍ୟ ସାଧନା ପାଇଁ ସେମାନଙ୍କ ଭିତରୁ ସେ ଏକ୍‌ଲସ୍‌ଙ୍କୁ ବାଛିଲେ କାହିଁକି ? ତାଙ୍କର କ'ଣ କିଛି ବିଶେଷ ଗୁଣ ଅଛି ? ମୁଁ କହିବି, ହଁ ଅଛି । ସେ ଜଣେ ନିୟମବଦ୍ଧ ସମ୍ଭ୍ରାନ୍ତ ଇଂରେଜ ନାଗରିକ । ସାକ୍ଷୀ ଭାବରେ ଅନ୍ୟ ଜଣେ ଇଂରେଜ ନାଗରିକ ଉପରେ ପ୍ରଭାବ ପକାଇବା ପାଇଁ ଉପଯୁକ୍ତ ଲୋକ । ତୁମେ ତ ଦେଖିଲ, ସେ ତାଙ୍କର ଅଦ୍ଭୁତ କାହାଣୀ କହିଲାବେଳେ ଇନ୍‌ସ୍‌ପେକ୍ଟର୍ ଦୁ' ଜଣଙ୍କ ଭିତରୁ କେହି ତାଙ୍କୁ କିଛି ପ୍ରଶ୍ନ କରିବାର କଳ୍ପନା ବି କରିନାହାନ୍ତି ।"

"କିନ୍ତୁ ସେ ଘଟଣାର ସାକ୍ଷୀ ?"

"ଘଟଣା ଯେଉଁ ଆକାର ଧରିଲା ସେଥିରେ ସେ କୌଣସି ଘଟଣାର ସାକ୍ଷୀ ନୁହଁନ୍ତି । କିନ୍ତୁ ଅନ୍ୟ ପ୍ରକାର ଘଟିଥିଲେ ସେ ସବୁ କଥାର ସାକ୍ଷୀ ହୋଇଥାନ୍ତେ । ଖଟଣାଟା ଏଇଆ ବୋଲି ମୋର ଅନୁମାନ ।"

"ବୁଝିଲି । ସେ ଜଣେ ସଫେଇ-ସାକ୍ଷୀ ହୋଇପାରିଥାନ୍ତେ ।"

"ବିଲ୍‌କୁଲ୍ ଠିକ୍ ଓ୍ୱାଟ୍‌ସନ୍ । ସେ ସଫେଇ-ସାକ୍ଷୀ ହୋଇଥାନ୍ତେ । ଆମେ ଧରିନେବା ଉଇଷ୍ଟେରିଆ ଲଜ୍‌ରେ ଥିବା ସମସ୍ତେ କୌଣସି ଗୋଟେ ଅଭିପ୍ରାୟରେ ଏକମତ ଆଉ ସହକର୍ମୀ । ରାତି ଗୋଟାଏ ପୂର୍ବରୁ ସେ କାମ କରିବାକୁ ଚେଷ୍ଟାକରିବା କଥା । ଘଣ୍ଟା ଏପଟ ସେପଟ କରି ସେମାନେ

Digitized by srujanika@gmail.com

ସ୍ପଟ୍‌ଏଯ୍ରଲସ୍‌ଙ୍କୁ ଚଞ୍ଚଳ ଶୋଇବାକୁ ପଠାଇ ଦେବାଟା ସମ୍ଭବ । ଯାହାହେଉ, ଗ୍ରେସିଆ ଯେତେବେଳେ ଯାଇ ତାଙ୍କୁ କହିଲେ ଗୋଟାଏ ବାଜିଲାଣି ସେତେ-ବେଳେ ପ୍ରକୃତରେ ବାରଟାରୁ ଅଧିକ ସମୟ ହୋଇନଥିବା ସମ୍ଭବ । ଯେତେବେଳେ (ଗୋଟାଏ ବେଳେ) ଗ୍ରେସିଆ ଯାତ୍ରା କରିବା କଥା ତା କରି ଫେରିଆସିଥିଲେ ଏବଂ ତାଙ୍କୁ କୌଣସି ଅପରାଧରେ ଅଭିଯୁକ୍ତ କରାଯାଇଥିଲେ, ତାର ଦୃଢ଼ ଜବାବ ସେ ଦେଇପାରିଥାନ୍ତେ । ଏଇ କଳଙ୍କହୀନ ଇଂରେଜ ଭଦ୍ରଲୋକ ଯେକୌଣସି ବିଗ୍ରାଳୟରେ ଶପଥକରି କହିଥାନ୍ତେ ଯେ, ଆସାମୀ ସେ ସମୟରେ ତାଙ୍କ ଘରେ ଥିଲେ ।”

“ହିଁ, ବୁଝିଲି । କିନ୍ତୁ ଅନ୍ୟମାନେ ପଳାଇଗଲେ, କାହିଁକି ?”

“ମୁଁ ଏଯାଏଁ ସବୁଯାକ ତଥ୍ୟ ପାଇ ନାହିଁ । କିନ୍ତୁ ସେଥିରେ ବିଶେଷ କିଛି ଅସୁବିଧା ହେବ ବୋଲି ମୁଁ ମନେକରୁନାହିଁ । ତଥାପି ତଥ୍ୟ ନ ପାଇ କିଛି ଯୁକ୍ତି କରିବାଟା ନିହାତି ଭୁଲ ।”

“ଆଉ ସେ ଚିଠି ?”

“ସେଥିରେ କ'ଣ ଲେଖା ଥିଲା ? ‘ଆମ ନିଜର ରଙ୍ଗ ଶାଗୁଆ ଆଉ ଧଳା ।’ ଏଟା ଘୋଡ଼ା ଦୌଡ଼ କଥା ପରି ଜଣାଯାଉଛି । ‘ଶାଗୁଆ ଖୋଲା ଧଳା ବନ୍ଦ ।’ ଏଇଟା ନିଶ୍ଚୟ କିଛି ସଙ୍କେତ । ‘ମୁଖ୍ୟ ସିଡ଼ି, ପ୍ରଥମ ବାରଣ୍ଡା, ଡାହାଣକୁ ସପ୍ତମ ଶାଗୁଆ ଉଲ୍ କନା ।’ ଏହା ନିଶ୍ଚୟ କୌଣସି ଘର ଅର୍ପଣ କରିବା କେହି ଜଣେ ଈର୍ଷାପରାୟଣ ସ୍ୱାମୀ ସ୍ତ୍ରୀ’ ମୂଳରେ ଥିବା ଆମେ ହୁଏତ ଦେଖିପାରିବା । ଏହା ନିଶ୍ଚୟ କୌଣସି ବିପଦପୂର୍ଣ୍ଣ ପରିକଳ୍ପନା । ତା ନ ହେଲେ ସେ ନାହିଁ ‘ଶୁଭ କାମନା’ ବୋଲି ଲେଖିନଥାନ୍ତା । ‘ଡି’ ଟା ପଥ ପ୍ରଦର୍ଶକ ହେବ ନିଶ୍ଚୟ ।”

“ଭଦ୍ର ଲୋକ ଜଣେ ସ୍ପେନୀୟ । ତେଣୁ ମୁଁ ଭାବୁଛି ‘ଡି’ ଡୋଲୋରେସ ବଦଳରେ ଲେଖା । କାରଣ ଏଇ ଡୋଲୋରେସ ନାଁଟା ସ୍ପେନ ନାରୀ ମହଲରେ ଏକ ସାଧାରଣ ନାଁ ।”

“ଚମତ୍କାର ୱାଟ୍‌ସନ୍, ଚମତ୍କାର ! କିନ୍ତୁ ଗ୍ରହଣ-ଯୋଗ୍ୟ ନୁହେଁ । ଜଣେ ସ୍ପେନୀୟ ଆଉ ଜଣେ ସ୍ପେନୀୟ ପାଖକୁ ସ୍ପେନ ଭାଷାରେ ଲେଖିବ । ଏ ଚିଠିର

Digitized by srujanika@gmail.com

ଲେଖିକା ନିଶ୍ଚୟ ଇଂରେଜ । ଯାହାହେଉ ଆମେ କେବଳ ଧୈର୍ଯ୍ୟଧରି ଇନସ୍‌-ପେକ୍ଟର୍ ଆମ ପାଖକୁ ଆସିବାଯାଏଁ ଅପେକ୍ଷା କରିବା । ଏ ଭିତରେ ଆମେ କେବଳ ଆମ ଭାଗ୍ୟକୁ ଧନ୍ୟବାଦ ଦେବା । କାରଣ ଅଳସୁଆ ହୋଇ ବସି ବସି ଦରକ୍ତ ଲାଗୁଥିଲା । କିଛି ସମୟ ପାଇଁ ସେଥିରୁ ରକ୍ଷାମିଳିଛି ।”

ସରେର ଇନସ୍‌ପେକ୍ଟର୍ ପହଞ୍ଚିବା ଆଗରୁ ହୋମସଙ୍କ ଟେଲିଗ୍ରାମର ଉତ୍ତର ଆସିଗଲା । ହୋମ୍‌ସ ସେଟା ପଢ଼ି ନୋଟ୍‌ବୁକ୍‌ରେ ରଖିଦେବାକୁ ଯାଉଥିଲେ । ମୋ ବ୍ୟଗ୍ର ମୁହଁରେ ତାଙ୍କ ଆଖି ପଡ଼ିଗଲା । ହସି ହସି ସେ କାଗଜଟା ମୋ ଆଡ଼େ ବଢ଼ାଇ ଦେଇ କହିଲେ, “ଆମେ ସମ୍ଭ୍ରାନ୍ତ ମହଲରେ ବୁଲୁଛେ ୱାଟ୍‌ସନ୍ ।” ଟେଲିଗ୍ରାମରେ କେତେ ଲୋକ ଆଉ ଠିକଣାର ତାଲିକାଥିଲା : ‘ଲର୍ଡ ହାରିନ୍‌ଜବି, ଡିଙ୍ଗ୍‌ଲ; ସାର୍ ଜର୍ଜ ଫେଲିଅଟ, ଅକ୍‌ସସଟ୍ ଟାଉଆର; ମିଷ୍ଟର୍ ହାଇନସ ହାଇନସ, ଜେ. ପି. ପରଡିପ୍ଲେସ୍; ମିଷ୍ଟର ଜେମ୍‌ସ ବାର୍‌କର ୱଇଲିୟମସ୍, ଫୋରଟନ୍ ଓଲ୍‌ଡହଲ୍; ମିଷ୍ଟର୍ ହଣ୍ଡରସନ୍, ହାଏଗେବଲ୍; ରେଭ୍‌ରେଣ୍ଡ୍ ଜୋସୁଆ ଷ୍ଟୋନ, ନେଦର୍ ୱାଲସିଙ୍ଗ୍ ।

ହୋମ୍‌ସ କହିଲେ, “ଆମ କର୍ମକ୍ଷେତ୍ରକୁ ସୀମାବଦ୍ଧ କରିବାର ଏ ଗୋଟେ ଭଲ ବାଟ । ବେସ୍ଟନସ ନିଶ୍ଚୟ ଏଇପରି କିଛି ଯୋଜନା କରିଥିବେ ।”

“ମୁଁ ଠିକ୍ ବୁଝିପାରୁନାହିଁ ।”

“ଦେଖ ୱାଟ୍‌ସନ୍, ଆମେ ଜାଣୁ ଯେ, ଗ୍ରେସିଆ ଖାଇ ବସିଥିବାବେଳେ ଚିଠିଟା ଆସି ପହଞ୍ଚିଲା । ସେଥିରେ କୌଣସି ଜାଗାକୁ ଯିବାପାଇଁ ବା କୌଣସି କାମକରିବାପାଇଁ ସଙ୍କେତଥିଲା । ଯଦି ଚିଠିର ଆମେ ଯାହା ଅର୍ଥ କରିଛେ ତା ଠିକ୍ ହୁଏ ତେବେ ସଙ୍କେତ ସ୍ଥଳରେ ପହଞ୍ଚିବା ପାଇଁ ଜଣକୁ ଗୋଟେ ମୁଖ୍ୟ ସିଡ଼ିଦେଇ ଉପରକୁ ଉଠିବାକୁ ପଡ଼ିବ ଆଉ ବାରଣ୍ଡାରେ ସପ୍ତମ ଦରଜା ଖୋଜିବାକୁ ପଡ଼ିବ । ଏଥିରୁ ଜଣାଯାଉଛି ଘରଟା ନିଶ୍ଚୟ ଖୁବ୍ ବଡ଼ । ଘରଟା ବି ଅକ୍‌ସସଟ୍‌ରୁ ମାଇଲିଏ ଦୁ’ମାଇଲ ଭିତରେ । କାରଣ ଗ୍ରେସିଆ ସେଠିକି ଚାଲିକରି ଯାଉଥିଲେ । ଆଉ ମୋ ଭାବନା ଅନୁସାରେ ସେ ଠିକ ସମୟରେ ଘରକୁ ଫେରିଆସିଥାନ୍ତେ ଏବଂ ରାତସାରା ଘରେ ଥିଲେ ବୋଲି ଜଣେ

Digitized by srujanika@gmail.com

ସଫେଇ-ସାକ୍ଷୀ ଦେଇପାରିଥାନ୍ତି । ଅକ୍‌ସଫର୍ଡ୍ ପାଖପାଖି ଥିବା ବଡ଼ ଘରର ସଂଖ୍ୟା ଯଥେଷ୍ଟ କମ୍ । ତେଣୁ ସ୍କଟ ଏସ୍‌ଲିଅ କହିଥିବା ଏଜେଣ୍ଟ ମାନଙ୍କ ପାଖକୁ ଖବର ପଠାଇ ମୁଁ ସେ ଘର ସବୁର ଗୋଟେ ତାଲିକା ଯୋଗାଡ଼ କରିଛି । ଏଇ ଟେଲିଗ୍ରାମ୍‌ରେ ସେ ତାଲିକା ଅଛି । ଆମର ଏଇ ଜଟିଳ ସୂତ୍ରର ଅନ୍ୟ ମୁଣ୍ଡ ନିଶ୍ଚୟ ସେଇଠି ଅଛି ।”

ପ୍ରାୟ ଛଅଟାବେଳକୁ ଆମେ ଇସର୍‌ର ସରେ ଗାଁରେ ପହଞ୍ଚିଲୁ । ଆମ ସାଥିରେ ଇନ୍‌ସ୍‌ପେକ୍ଟର୍ ବେୟ୍ନସ୍ । ହୋମ୍‌ସ ଆଉ ମୁଁ ରାତିପାଇଁ ସବୁ ଜିନିଷ ନେଇଥିଲୁ । ବୁଲ୍ ହୋଟେଲରେ ସୁବିଧାରେ ରହିଲୁ । ଶେଷରେ ଡିଟେକ୍‌ଟିଭ୍ ବେୟ୍ନସ୍‌ଙ୍କ ସାଥିରେ ଉଇଷ୍ଟେରିଆ ଲଜ ଦେଖିବାକୁ ଗଲୁ । ମାର୍ଚ୍ଚ ମାସର ଅନ୍ଧାରୁଆ ଶୀତଳ ସନ୍ଧ୍ୟା । ପବନ ଜୋରରେ ବହୁଥାଏ । ତା ସାଙ୍ଗକୁ ଟୋପା ଟୋପା ବର୍ଷା ମୁହଁରେ ପଡ଼ୁଥାଏ । ଆମ ଅଭିଯାନ ପାଇଁ ବେଶ୍ ଭଲ ପାଗ ।

୨

ସାନ୍‌ପେଡ୍ରୋର ମହାବଳ ବାଘ

କଦ୍ରୋଳା ରାସ୍ତାରେ ଅଣ୍ଡାରେ ପ୍ରାୟ ଦୁ'ମାଇଲ ଗଲାବା ପରେ ଆମେ ଗୋଟେ ଉଚ୍ଚା କାଠ-ଗେଟ୍ ପାଖେ ପହଞ୍ଚିଲୁ । ଗେଟ୍ ପାର ହେଲେ ଗୋଟେ ଅନ୍ଧାରୁଆ ପଡ଼ିଆ । ସେଥିରେ ଏକପ୍ରକାର ବାଦାମଗଛ । ପଡ଼ିଆଭିତର ଅଙ୍କାବଙ୍କା ଆଉ ଅନ୍ଧାରୁଆ ରାସ୍ତା ଦେଇ ଆମେ ଗୋଟେ ଅଳ୍ପ ଉଚ୍ଚ ଘର ପାଖେ ପହଞ୍ଚିଲୁ । ସ୍ଲେଟ୍‌ରଙ୍ଗପରି ଆକାଶ ତଳେ ଘରଟା ଆଲ୍‌କାତରା ପରି କଳା ଦିଶୁଥାଏ । ଦରଜାର ବାଁ ପାଖ ଝରକା ଫାଙ୍କରେ ଖୁବ୍ କ୍ଷୀଣ ଆଲୁଅ ଦେଖାଗଲା । ବେୟ୍ନସ କହିଲେ, “ଏଠି ଜଣେ କନେଷ୍ଟବଳ ଜଗିରହିଛି । ମୁଁ ଝରକାରେ ଠକ୍ ଠକ୍ କରି ତାକୁ ଡାକେ ।” ସେ ଝରକା କବାଟରେ

Digitized by srujanika@gmail.com

ଠକ୍ ଠକ୍ କଲେ । ଝରକାକାଚରେ କୁହୁଡ଼ି ପଡ଼ିଥାଏ । ତାର ଭିତର ଦେଇ ଫିକାଆଲୁଅରେ ଦେଖିଲୁ ନିଆଁ ପାଖ ଚଉକିଉପରୁ ଜଣେ ଲୋକ ଚଟ୍‌କରି ଉଠିପଡ଼ିଲା । ଗୋଟେ ଚିତ୍କାର ବି ଶୁଭିଲା । କିଛିଏ ପରେ ଜଣେ ପୋଲିସ ଆସି କବାଟ ଖୋଲିଲା । ତା ମୁହଁ ଶେତା ପଡ଼ିଯାଇଥାଏ । ସେ ଘନଘନ ନିଃଶ୍ୱାସ ମାରୁଥାଏ ଆଉ ତା ହାତରେ ମହମବତୀଟା ଥରୁଥାଏ ।

ବେନ୍‌ସ ପଚାରିଲେ, "କଥା କ'ଣ ଭିଆଲ୍‌ଟରସ ?"

ଆଶ୍ୱସ୍ତିରେ ଏକ ଦୀର୍ଘଶ୍ୱାସ ପକାଇ ସେ ଲୋକ କହିଲା, "ଧନ୍ୟବାଦ ଭଗବାନଙ୍କୁ, ଆପଣ ଆସିଗଲେ !" ରୁମାଲରେ କପାଳ ପୋଛି ସେ ପୁଣି କହିଲା, "ଏଇ ଲମ୍ବା ରାତି ସମୟଟା, ମୋ ପିଣ୍ଡରେ ପ୍ରାଣଟା ରହିଗଲା ।"

"ତୁମ ପିଣ୍ଡରୁ ପ୍ରାଣଟା କୁଆଡ଼େ ଚାଲିଯାଉଥିଲା ନା କ'ଣ ?"

"ନାହିଁ ଆଜ୍ଞା, ଏଇ ନିଚ୍ଛାଟିଆ ଘର୍ ଆଉ ହୋଷେଇ ଘରେ ସେଇ ଅଦ୍ଭୁତ ଜୀବ କଥା । ଆପଣ ଝରକାରେ ଠକ୍ ଠକ୍ କଲାରୁ ମୁଁ ଭାବିଲି ସେ ପୁଣି ଆସିଗଲା ।"

"କ'ଣ ପୁଣି ଆସିଗଲା ?"

"ମୁଁ ଯାହା ଜାଣେ ସେ ଖୋଦ୍ ପିଶାଚ—ସେଇ ଝରକାପାଖରେ ।"

"ସେଇ ଝରକାପାଖରେ କ'ଣ ଆଉ କେତେବେଳେ ?"

"ପ୍ରାୟ ଦୁ'ଘଣ୍ଟା ତଳେ ଆଜ୍ଞା । ଆଲୁଅ ଚାଲିଯାଇ ଅନ୍ଧାର ଆସୁଥାଏ । ମୁଁ ଚଉକିରେ ବସି ଗୋଟେ ବହି ପଢ଼ୁଥାଏ । କେଜାଣି କାହିଁକି ଉପରକୁ ଚାହିଁଦେଲି । ଝରକା କାଚବାଟେ ଗୋଟେ ମୁହଁ ମୋ ଆଡ଼କୁ ଚାହିଁଥାଏ । ହେ ଭଗବାନ, କି ମୁହଁ ସେ ! ସବୁବେଳେ ସେ ମୁହଁ ମୋ ସ୍ୱପ୍ନରେ ଦେଖାଯିବ ।"

"ଭିଆଲ୍‌ଟରସ୍ ! ଜଣେ ପୋଲିସ କନେଷ୍ଟବଲ ମୁହଁରେ ଏ କଥା ସୁନ୍ଦର ନୁହେଁ ।"

"ମୁଁ ଜାଣେ ଆଜ୍ଞା, ମୁଁ ଜାଣେ । ତଥାପି ସେ ମୁହଁ ଦେଖି ମୁଁ ଗୋଟା-ପଣେ ଥରିଗଲି । ସେ କଥା ଅସ୍ୱୀକାରକରି କିଛି ଲାଭ ନାହିଁ । ସେ ମୁହଁଟା କଳା ନୁହେଁ କି ଧଳା ନୁହେଁ କିମ୍ବା ମୁଁ ଜାଣିଥିବା କୌଣସି ରଙ୍ଗର

Digitized by srujanika@gmail.com

ନୁହେଁ । ସେ'ଟା ଏକପ୍ରକାର ଗୁଇପଣ । କାଦୁଅରେ କ୍ଷୀରଛୁଟିକା ପଡ଼ିଲାପରି । ତା ପରେ ସେ ମୁହଁଟାର ଆକାର । ସେଟା ଆପଣଙ୍କ ମୁହଁର ଦ'ଗୁଣ ଆଜ୍ଞା । ତା ପରେ ଗୁହାଣିଟା । ଆଖି ଦ'ଟା ଜଳୁଥାଏ ଆଉ ସେ କଟ୍‌ମଟ୍‌କରି ଗୁହିଁଥାଏ । ତା ସାଙ୍ଗକୁ ଗୋଟେ ଖ୍ୱେଷିଳ ଜାନୁଆର ପରି ଦ'ଧାଡ଼ି ଧଳାଧଳା ଦାନ୍ତ । ସତକହୁଛୁ ଆଜ୍ଞା, ସେ ବୁଲ୍‌ପଡ଼ି ଗୁଲିଯିବାଯାଏଁ ମୁଁ ଟିକିଏ ହଲଚଲ ହୋଇପାରିଲିନାହିଁ କି ନିଃଶ୍ୱାସ ମାରିପାରିଲିନାହିଁ । ତା ପରେ ମୁଁ ବାହାରକୁ ଧାଇଁ ଆସି ବୁଦାଗଛ ଭିତରକୁ ଦୌଡ଼ିଗଲି । କିନ୍ତୁ ଭଗବାନ୍‌ଙ୍କ ଦୟାରୁ ସେଠି କେହି ନଥିଲା ।"

"ତୁମେ ଜଣେ ଭଲଲୋକବୋଲି ମୁଁ ଯଦି ଜାଣିନଥାନ୍ତି, ତେବେ ତୁମ ବିରୁଦ୍ଧରେ ଗୋଟେ ବ୍ଲାକ ମାର୍କ ଦେଇଥାନ୍ତି ଉଆଲ୍‌ଟରସ୍ । ସେ ନିଜେ ପିଶାଚ ହୋଇଥିଲେ ବି ଜଣେ କର୍ତ୍ତବ୍ୟରତ କନେଷ୍ଟବଲ୍ । ତାକୁ ଧରି ନପାରି ଭଗବାନଙ୍କୁ ଧନ୍ୟବାଦ ଦେବନାହିଁ । ମୁଁ ଭାବୁଛୁ ଏ ସବୁ ଗୋଟେ ମରିଚିକା ନୁହେଁ ।"

ହୋମସ କହିଲେ, "ଏ ଘଟଣା ବେଶ୍ ସହଜରେ ଜାଣିହେଉଛୁ ।" ତାଙ୍କ ଗ୍ଲେଟ୍ ପକେଟ୍‌ଲେଣ୍ସଟା ଲଗାଇ ସେ ଝରକାପାଖ ଘାସକୁ ପରୀକ୍ଷାକରି କହିଲେ, "ହଁ, ଲୋକର ଜୋତାଟା ବାର ନମ୍ବର ଜୋତା ବୋଲି ଜଣାଯାଉଛୁ । ଯଦି ତା ଦେହଟା ସେଇ ଅନୁସାରେ ବଡ଼ହୋଇଥାଏ ତେବେ ସେ ଅସୁର ପରି ଗୋଟେ ବିରାଟ ମଣିଷ ହୋଇଥିବ ।"

"ସେ ଲୋକର କ'ଣ ହେଲା ?"

"ଜଣାଯାଉଛୁ ସେ ଏଇ ବୁଦାଗଛ ଭିତର ଦେଇ ରାସ୍ତାକୁ ଗୁଲିଯାଇଛୁ ।"

ଖୁବ୍ ଗମ୍ଭୀର ଆଉ ଚିନ୍ତାଶୀଳ ମୁହଁରେ ଇନ୍‌ସ୍‌ପେକ୍ଟର୍ କହିଲେ, "ସେ ଲୋକ ଯେ ହେଉ ଆଉ ଯାହା ଖୋଜୁଥାଉ, ବର୍ତ୍ତମାନ ସେ ଗୁଲିଯାଇଛୁ । ଆମର ଆହୁରି ଜରୁରୀ କାମ ସବୁ କରିବାର ଅଛୁ । ଏଥର ମିଷ୍ଟର୍ ହୋମ୍‌ସ, ଆପଣ ଯଦି କହିବେ, ଆପଣଙ୍କୁ ଘରଟା ବୁଲାଇ ଦେଖାଇଦେବି ।"

Digitized by srujanika@gmail.com

ବିଭିନ୍ନ ଶୋଇବା ଘର, ବୈଠକଖାନା ଆଦି ତନ୍ନ ତନ୍ନ କରି ପରୀକ୍ଷା କରାଗଲା; କିନ୍ତୁ କିଛି ଫଳ ହେଲାନାହିଁ । ଜଣାଗଲା ସେ ଘରେ ରହୁଥିବା ଲୋକେ ସାଥିରେ ପ୍ରାୟ କିଛି ଜିନିଷପତ୍ର ରଖିନଥିଲେ । ଘର ସାଥିରେ ସେ ଆସବାବପତ୍ର ମଧ୍ୟ ଭଡ଼ା ନେଇଥିଲେ । କେବଳ କେତେଗୁଡ଼ାଏ ଲୁଗାପଟା ସେମାନେ ଛାଡ଼ି ଯାଇଥିଲେ । ସେଥିରେ 'ମାର୍କସ୍ ଆଣ୍ଡ କୋ, ହାଏ ହଲ୍‌-ବର୍ନ' ମାର୍କା ଥିଲା । ସେ କମ୍ପାନୀକୁ ଟେଲିଗ୍ରାମ୍ କରାଯାଇଥିଲା । କିନ୍ତୁ ମାରକ୍‌ସ ତାଙ୍କ ଏଇ ଗ୍ରାହକଙ୍କ ବିଷୟରେ କିଛି ଜାଣନ୍ତି ନାହିଁ ବୋଲି ଉତ୍ତର ଦେଇଥିଲେ । ତା ଛଡ଼ା ଆଉ କେତେଟା ଜିନିଷ ବି ଥିଲା । ତା ଭିତରେ କେତେଟା ପାଇପ୍, କେତେ ଖଣ୍ଡ ଉପନ୍ୟାସ (ସେଥିରୁ ଦୁ'ଟା ସ୍ପେନ ଭାଷାର ଲେଖା) ଗୋଟେ ପୁରୁଣା କାଳିଆ ରିଭଲ୍‌ଭର୍ ଆଉ ଗୋଟେ ଗିଟାର ଥିଲା ।

ବେୟ୍ନସ୍ ମହମବତୀଟା ହାତରେ ଧରି ଆସ୍ତେ ପାଦ ପକାଇ କହିଲେ, "ଏ ସବୁରେ କିଛି ନାହିଁ । ଏଥର ରୋଷେଇ ଘରଟା ଦେଖିବେ ଚାଲନ୍ତୁ, ମିଷ୍ଟର ହୋମ୍‌ସ ।"

ରୋଷେଇ ଘରଟା ଘରର ପଛପଟେ । ସେଟା ଘୂରି କଳା । ଛାତଟା ବେଶ୍ ଉଚା । ଘର ଭିତରେ ନଡ଼ାର ଗୋଟେ ଖଡ଼ । ସେଟା ବୋଧହୁଏ ରାନ୍ଧୁଣିଆର ଖଟ କାମ କରୁଥିଲା । ଟେବୁଲ୍ ଉପରେ ଅଇଁଠା ଆଉ ମଇଳା ପ୍ଲେଟ୍ ଜମା ହୋଇଥିବା । ଗଲା ରାତି ଖାଇବାର ଅଇଁଠା ପଡ଼ିଥିଲା ।

ବେୟ୍ନସ୍ କହିଲେ, "ଏଇଟା ଦେଖନ୍ତୁ । ଏଥିରୁ ଆପଣ କ'ଣ ଜାଣୁଛନ୍ତି ?"

ସେ ଗୋଟେ ବିଚିତ୍ର ଜିନିଷ ପାଖରେ ମହମବତୀଟା ଟେକି ଧରିଲେ । ଜଳଖିଆ ଆଲମିରା ପଛରେ ସେଟା ଥିଲା । ସେଟା ଏମିତି ଶୁଖି କୁଞ୍ଚୁମୁଞ୍ଚୁ ହୋଇଯାଇଥିଲା ଯେ, ଜିନିଷଟା କ'ଣ ହୋଇଥାଇପାରେ କହିବା କଷ୍ଟକର । ସେଟା କଳା ଦିଶୁଥିଲା ଆଉ ଉପରେ ଶୁଖିଲା ଚମଡ଼ାଟା ଥିଲା । ଗୋଟେ ଛୋଟା ମଣିଷ ମୂର୍ତ୍ତି ସାଙ୍ଗରେ ତାର ସାମଞ୍ଜସ୍ୟ ଥିଲା । ମୁଁ ଯେତେବେଳେ ସେଟା ପରୀକ୍ଷା କରି ଦେଖିଲି ପ୍ରଥମେ ଭାବିଲି ସେଟା ଗୋଟେ ନିଗ୍ରୋ ପିଲାର ମମି (ସୁରକ୍ଷିତ ଶବ) । ତାପରେ ଜଣାଗଲା ସେଟା ଗୋଟେ ମାଙ୍କଡ଼ । ଶେଷରେ

Digitized by srujanika@gmail.com

ସେଟା ଗୋଟେ ମଣିଷ କି ପଶୁ ମୋର ସନ୍ଦେହ ହେଲା । ତା ମଝିରେ ଦି' ଧାଡ଼ି ଧଳା ଶାମୁକାର ମାଳ ଥିଲା ।

ହୋମ୍ସ ସେଟା ଆଡ଼େ ନଦେଖି ଗମ୍ଭୀର କହିଲେ, "ବାସ୍ତବିକ ବଡ଼ କୌତୂହଳପ୍ରଦ ଜିନିଷ । ଆଉ କିଛି ଅଛି ?"

ବେସ୍ନନ୍ ଚୁପ୍‌ଚାପ୍ ଆମକୁ ହାତଧୁଆ କୁଣ୍ଡ ପାଖକୁ ନେଇଗଲେ ଆଉ ମହମବତୀଟା ଟେକିଧରିଲେ । ଗୋଟେ ବଡ଼ ଧଳା ପକ୍ଷୀକୁ ଅତି ହିଂସ୍ର ଭାବରେ ଖଣ୍ଡ ଖଣ୍ଡ କରି କାଟିପକାଇ ଦିଆଯାଇଥିଲା । ତା ଦେହର ପରଗୁଡ଼ା ସେମିତି ଲାଗିଥାଏ । କଟା ମୁଣ୍ଡଟାରେ ଥିବା ନାଲି ଚୂଳଆଡ଼େ ଠାରି ହୋମ୍ସ କହିଲେ, "ଗୋଟେ ଧଳା ଗଞ୍ଜା । କେଶ୍‌ଟା ବାସ୍ତବିକ ବଡ଼ ବଚେନ ।"

କିନ୍ତୁ ମିଷ୍ଟର ବେସ୍ନନ୍ ସବୁଠୁଁ ଚମକପ୍ରଦ ଜିନିଷଟା ଶେଷକୁ ରଖିଥିଲେ । ହାତଧୁଆ କୁଣ୍ଡ ତଳୁ ସେ ଗୋଟେ ଜିଙ୍କ୍ ବାଲଟି ବାହାର କରି ଆଣିଲେ । ସେଥିରେ କିଛି ରକ୍ତ ଥିଲା । ତାପରେ ସେ ଟେବୁଲ ଉପରୁ ଗୋଟେ ବଡ଼ ପାତ୍ର ଆଣିଲେ । ଯେଉଁଥିରେ କିଛି ପୋଡ଼ା ହାଡ଼ ଥିଲା । ସେ କହିଲେ, "କିଛି ଗୋଟେ ମରାଯାଇଛି ଆଉ କିଛି ଗୋଟେ ପୋଡ଼ାଯାଇଛି । ଆମେ ନିଆଁ ଭିତରୁ ଏଗୁଡ଼ା ବାହାରକରିଛୁ । ସକାଳେ ଜଣେ ଡାକ୍ତରଙ୍କୁ ଡକାଇଥିଲୁ । ସେ କହନ୍ତି, 'ଏଗୁଡ଼ା ମଣିଷ ହାଡ଼ ନୁହେଁ' ।"

ହୋମ୍ସ ହାତ ଦି'ଟା ମକ୍ଚି ଅଳ୍ପ ହସି କହିଲେ, "ଏପରି ଗୋଟେ ବିଶିଷ୍ଟ କେଶ୍‌କୁ ଦକ୍ଷତାର ସହ କାମ କରୁଥିବାରୁ ମୁଁ ଆପଣଙ୍କୁ ଅଭିନନ୍ଦନ ଜଣାଉଛି ଇନ୍‌ସପେକ୍ଟର୍ । ମୋ ମତରେ ଆପଣ ଆପଣଙ୍କ ଶକ୍ତିର ସଦୁପଯୋଗ କରିବାର ସୁଯୋଗ ପାଉନାହାନ୍ତି ।"

ଆନନ୍ଦରେ ଇନ୍‌ସପେକ୍ଟର୍ ବେସ୍ନନ୍‌ଙ୍କ ଆଖି ଦୁଇଟି ଉଜ୍ଜ୍ୱଳ ହୋଇଉଠିଲା । ସେ କହିଲେ, "ଆପଣ ଠିକ୍ କହିଛନ୍ତି ମିଷ୍ଟର ହୋମ୍ସ । ଆମେ ବଣ-ମଣ୍ଟି । ଏଇ ମଫସଲରେ ପଡ଼ିରହିଛୁ । ଏପରି ଗୋଟେ କେଶ୍ ଯେ କେହି ଲୋକ ପାଇଁ ଏକ ସୁଯୋଗ । ମୋର ଆଶା, ମୁଁ ଏ ସୁଯୋଗକୁ କାମରେ ଲଗାଇପାରିବି । ଏଇ ହାଡ଼ଗୁଡ଼ା ବିଷୟରେ ଆପଣ କ'ଣ ଭାବୁଛନ୍ତି ?"

Digitized by srujanika@gmail.com

"ମୋ ମତରେ ଗୋଟେ ମେଣ୍ଢା ଛୁଆ ବା ଛେଳି ଛୁଆ ।"

"ଆଉ ସେ ଧଳା ଗଣ୍ଡା କଥା ?"

"ବଡ଼ ବିଚିତ୍ର ମିଷ୍ଟର୍ ବେଯ୍ଯାନସ୍ । ମୁଁ ତ କହିବି ଏ ଘଟଣାଟା ଅଦ୍ଵିତୀୟ ।"

"ହଁ, ଏ ଘରେ ଯେଉଁମାନେ ରହୁଥିଲେ ସେମାନେ ଯେମିତି ବିଚିତ୍ର ତାଙ୍କ ଆଗ୍ରହ ବ୍ୟବହାର ସେମିତି ବିଚିତ୍ର । ସେମାନଙ୍କ ଭିତରୁ ଜଣେ ମୃତ । ତାଙ୍କ ସାଥିମାନେ ତାଙ୍କ ପଛେ ପଛେ ଯାଇ ତାଙ୍କୁ କ'ଣ ହତ୍ୟା କରିଛନ୍ତି ? ଯଦି ସେମାନେ ଯା' କରିଥାନ୍ତି ଆମେ ନିଶ୍ଚୟ ତାଙ୍କୁ ଧରିବୁ । କାରଣ ପ୍ରତ୍ୟେକ ବନ୍ଦର ଉପରେ କଡ଼ା ନଜର ରଖାଯାଇଛି । କିନ୍ତୁ ମୋ ନଜର ମତ ପୂରାପୂରି ଅଲଗା ।"

"ଆପଣ ତାହେଲେ ଅନ୍ୟ କିଛି ଅନୁମାନ କରିଛନ୍ତି ?"

"ଆଉ ମୁଁ ନିଜେ ସେ ଅନୁମାନ ଉପରେ କାମ କରିବି, ମିଷ୍ଟର ହୋମ୍‌ସ । ବାହାଦୁରିଟା କେବଳ ମୋ ନିଜର । ଆପଣ ତ ନାଁ କରିପାରିଛନ୍ତି । କିନ୍ତୁ ଏବେ ବି ମୋ ନାଁ କେହି ଜାଣେନା । ପରେ ମୁଁ କହିପାରିବି, ଆପଣଙ୍କ ବିନା ସାହାଯ୍ୟରେ ମୁଁ କେଶ୍‌ଟା ସମାଧାନ କରିପାରିଛି ।"

ହୋମ୍‌ସ ହସିଲେ । କହିଲେ, "ଆପଣ ଆପଣଙ୍କ ବାଟରେ ଚାଲନ୍ତୁ ଇନସ୍‌ପେକ୍ଟର୍ । ମୁଁ ମୋ ବାଟରେ ଯିବି । ଆପଣ ଯଦି ଚାହାଁନ୍ତି, ମୋ କାମର ଫଳ ଆପଣ ପାଇବେ । ଏ ଘରେ ଯାହା ଦେଖିବାର ଥିଲି ମୁଁ ସବୁ ଦେଖିସାରିଛି । ଏବେ ଅନ୍ୟଠି ମୁଁ ମୋ ସମୟର ସଦ୍‌ବ୍ୟବହାର କରିପାରିବି । ହଉ, ବିଦାୟ ' ଆପଣଙ୍କର ମଙ୍ଗଳ କାମନା କରୁଛି ।"

ଅନେକ ଗୁଡ଼ାଏ ଗ୍ରେଟ ଗ୍ରେଟ ଲକ୍ଷଣରୁ ଜାଣିପାରିଲି ହୋମ୍‌ସ କିଛି ଗୋଟେ ତଥ୍ୟ ପାଇପାରିଛନ୍ତି । ତାଙ୍କର ଏ ଲକ୍ଷଣ ମୋ ଛଡ଼ା ଅନ୍ୟ କେହି ଲକ୍ଷ୍ୟ କରିପାରିବନାହିଁ । ଜଟିଳ ସମସ୍ୟାର ସମାଧାନ ପାଖେଇ ଆସିଲେଣି । ସେ ମୋତେ କିଛି କହିଲେ ନାହିଁ । ଏଟା ତାଙ୍କର ଅଭ୍ୟାସ । ମୁଁ ବି ମୋ ଅଭ୍ୟାସ ଅନୁସାରେ ତାଙ୍କୁ କିଛି ପଚାରିଲି ନାହିଁ । ତାଙ୍କ ଧାରଣା ଚିନ୍ତା-ଧାରାରେ ବାଧାଦେବା ଦରକାର ନାହିଁ । କେବଳ ତାଙ୍କ ସାଥିରେ ଯାଇ

Digitized by srujanika@gmail.com

ସାମାନ୍ୟ ଯାହା କିଛି ସାହାଯ୍ୟ କରିବା ମୋ ପକ୍ଷରେ ଯଥେଷ୍ଟ । ସମସ୍ତ ଆସିଲେ ସବୁ କଥା ଆପେ ଆପେ ମୁଁ ଜାଣିପାରିବ ।"

ତେଣୁ ମୁଁ ଅପେକ୍ଷା କଲି—କିନ୍ତୁ ବୃଥାରେ । କାରଣ ହୋଇପଡ଼ିଲି । କାରଣ ଦିନ ପରେ ଦିନ ଗଡ଼ିଗଲା; କିନ୍ତୁ ମୋ ବନ୍ଧୁ କାମରେ ପାଦେ ହେଲେ ଆଗେଇଲେ ନାହିଁ । ଦିନେ ସକାଳ ଓଳଟା ସାରା ସେ ବାହାରେ କଟାଇଦେଲେ । କଥାବାର୍ତ୍ତା କରୁ କରୁ ମୁଁ ଜାଣିପାରିଲି ସେ ବ୍ରିଟିଶ ମିଉଜିଅମ୍‌କୁ ଯାଇଥିଲେ । ଏଇ ଥରକୁ ଛାଡ଼ିଦେଲେ ସେ ଏକୁଟିଆରେ ଲମ୍ବା ଦିନଗୁଡ଼ା କଟାଇ ଦିଅନ୍ତି । କେତେବେଳେ କେମିତ ଦିନେ ଦିନେ ଗାଉଁଲି ଲୋକ ସାଥିରେ କଥାବାର୍ତ୍ତାକରି ସମସ୍ତ କଟାନ୍ତି । ଦିନେ ସେ ମୋତେ କହିଲେ, "ବୁଝିଲ ଡ଼ୁଆଟ୍‌ସନ୍, ସପ୍ତାହେ ଖଣ୍ଡେ ମଫସଲରେ କଟାଇଦେଲେ ତୁମର ଖୁବ୍ ଉପକାର ହେବ । ବୁଦାମାନଙ୍କରେ ନୂଆ ଶାଗୁଆ ପତ୍ର ବାହାରି ଆସିବାର ଦୃଶ୍ୟ ବାଦାମୀ ରଙ୍ଗର ଗଛରେ ନୂଆ କଢ଼ି ଧରିବାର ଦୃଶ୍ୟ ଖୁବ୍ ମନୋରମ । ଗୋଟେ ଖଣତି, ଗୋଟେ ଟିଣ ବାକ୍ସ ଆଉ ଖଣ୍ଡେ ଉଦ୍ଭିଦ ବିଜ୍ଞାନ ବହି ସାଥିରେ ନେଇଗଲେ ଦିନଗୁଡ଼ା ଜ୍ଞାନ ଅର୍ଜନରେ କଟିଯିବ ।" ସେ ଏ ସବୁ ଜିନିଷ ଯୋଗାଡ଼ କରିନେଲେ । କିନ୍ତୁ ସନ୍ଧ୍ୟାରେ ଫେରିଲାବେଳେ ସାଥିରେ ଯେଉଁ ଗୁଡ଼ା ଗଛ ଧରି ଆସିଲେ ସେଗୁଡ଼ା ନିହାତି ବାଜେ ।

ଆମେ ଏଣେ ତେଣେ ବୁଲିବା ଭିତରେ ସମସ୍ତ ସମୟରେ ଇନସ୍‌ପେକ୍ଟର୍ ବେଥ୍ୟୁନଙ୍କ ସାଥିରେ ଦେଖାହୋଇଥିଲା । ସେ ହସି ହସି ମୋ ବନ୍ଧୁଙ୍କୁ ସ୍ୱାଗତ କରୁଥିଲେ । କେଶ୍ ବିଷୟ ଖୁବ୍ କମ୍ କଥାବାର୍ତ୍ତା କରୁଥିଲେ; କିନ୍ତୁ ସେଥିକରୁ ଆମେ ଜାଣିପାରିଲୁ, ଘଟଣା ଯାହା ଘଟୁଛି ସେଥିରେ ସେ କାରଣ ନୁହନ୍ତି । ହତ୍ୟାକାଣ୍ଡ ଘଟିବାର ପାଖିଦିନ ପରେ, ସକାଳର ଖବରକାଗଜଟା ଦେଖି ମୁଁ ବିସ୍ମିତ ହୋଇଗଲି । ବଡ଼ ବଡ଼ ଅକ୍ଷରରେ ଲେଖାଥିଲା—

ଅକ୍‌ସଫର୍ଡ ଡିଭିଜନ୍‌ର ଏକ ଯୁଦ୍ଧ ।

"ଅନୁମାନ କରାଯାଉଅଛି ହତ୍ୟାକାରୀ ଧରା ।"

Digitized by srujanika@gmail.com

ମୁଁ ଖବରଟା ପଢ଼ିଲାମାତ୍ରେ ହୋମ୍ସ ତେନ୍ତୁଳିଆ ବିଛା କାମୁଡ଼ିଲା ପରି ଚମକି ଉଠିଲେ । କହିଲେ, "ତା ହେଲେ କ'ଣ ବେୟ୍ନସ୍ ଲୋକଟାକୁ ଧରି ପାରିଛନ୍ତି ?"

"ସେଇଆ ଜଣାଯାଉଛି ।" ତାପରେ ମୁଁ ପୁରା ଖବରଟା ପଢ଼ିଲି :

ଅକ୍ସସଟ୍ ହତ୍ୟାକାଣ୍ଡ ସମ୍ପର୍କରେ କାଲି ରାତିରେ ଜଣେ ଲୋକକୁ ଆରେଷ୍ଟ କରାଯିବା ଫଳରେ ଇସର୍ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି । ମନେଥାଇ- ପାରେ ଯେ, ଉଇଷ୍ଟେରିଆ ଲଜ୍‌ରେ ମିଷ୍ଟର୍ ଗ୍ରେସିଆ ଅକ୍ସସଟ୍ କମନରେ ମରିପଡ଼ିଥିବାର ଦେଖାଯାଇଥିଲା । ତାଙ୍କ ଦେହରେ ଭୀଷଣ ଆଘାତର ଚିହ୍ନ ଥିଲା । ସେଇ ରାତିରେ ତାଙ୍କ ଚାକର ଆଉ ରାନ୍ଧୁଣିଆ ଘର ଛାଡ଼ି ପଳାଇ- ଯାଇଥିଲେ । ସେଥିରୁ ଜଣାଗଲା ଏ ହତ୍ୟାରେ ତାଙ୍କର ସହଯୋଗ ଅଛି । ଅନୁମାନ କରାଯାଏ ମିଷ୍ଟର ଗ୍ରେସିଆଙ୍କ ଘରେ କିଛି ମୂଲ୍ୟବାନ ପଦାର୍ଥ ଥିଲା । ଏହାର କୌଣସି ପ୍ରମାଣ ଅବଶ୍ୟ ମିଳିନାହିଁ । ସେଇ ଜିନିଷ ଏ ହତ୍ୟାର ଉଦ୍ଦେଶ୍ୟ ବୋଲି ଅନୁମାନ କରାଯାଏ । ସେମାନେ ପଳାଇଯିବା ଏହାକୁ ସମର୍ଥନ କରୁଛି । ଇନ୍‌ସ୍‌ପେକ୍ଟର୍ ବେୟ୍ନସ୍ ଏ କେସ୍‌ର ଭାର ହାତକୁ ନେଇଛନ୍ତି । ପଳାତକମାନେ ଲୁଚି ରହିଥିବା ଜାଗାର ସନ୍ଧାନ ନେବା ପାଇଁ ସେ ସବୁ ପ୍ରକାର ଚେଷ୍ଟା କରିଥିଲେ । କେତେକ କାରଣରୁ ସେ ବିଶ୍ୱାସ କରିଥିଲେ ଯେ, ସେମାନେ ପଳାଇ ଯାଇନାହାନ୍ତି; କିନ୍ତୁ ଆଗରୁ ଠିକ୍ କରିଥିବା କୌଣସି ଜାଗାରେ ଛପିରହିଛନ୍ତି । ଆରମ୍ଭରୁ ନିଶ୍ଚିତଭାବେ ଜଣାପଡ଼ୁଥିଲା ଯେ, ସେମାନେ ଧରାପଡ଼ିଯିବେ । କାରଣ ଦୁ' ଜଣ ବ୍ୟବସାୟୀ ସାକ୍ଷ୍ୟ ଦେଇଥିଲେ ଯେ, ରାନ୍ଧୁଣିଆ ଜଣେ ବିକଟ ଆଉ ବିରାଟ ଲୋକ । ସେ ଗୋରା ଆଉ କଳା ବାପାମାଆଙ୍କଠାରୁ ଜନ୍ମ । ତା ଚେହେରା ଅସାଧାରଣ ଆଉ ଦେହର ରଙ୍ଗ ନିଗ୍ରୋ ପରି ହଳଦିଆ ମିଶା କଳା । ହତ୍ୟାପରେ ଏଇ ଲୋକ ପୁଣି ଥରେ ଉଇଷ୍ଟେରିଆ ଲଜ୍‌କୁ ଯାଇଥିଲା ଆଉ ସେଇ ରାତିରେ କନେଷ୍ଟବଲ ୱାଲ୍‌ଟରସ୍ ତା ପିଛୁ ଧରିଥିଲା । ଇନ୍‌ସ୍‌ପେକ୍ଟର୍ ବେୟ୍ନସ୍ ବିଚାର କଲେ ଲୋକଟାର ଆସିବାର କିଛି ଉଦ୍ଦେଶ୍ୟ ଥିଲା ଆଉ ସେ ପୁଣି ଆସିପାରେ । ତେଣୁ ସେ ଘରଟାକୁ ପୁରାପୁରି ଛାଡ଼ିଦେଇ ପାଖ ବୁଦା ଗହଳରେ

Digitized by srujanika@gmail.com

ଲୁଚି ରହିଲେ । ଗତ କାଲି ରାତିରେ ଲୋକଟା ପୁଣି ଆସି ଏ ଫାନ୍ଦରେ ପଡ଼ିଲା ଆଉ ଖୁବ୍ ଧସ୍ତାଧସ୍ତି ପରେ ଧରାପଡ଼ିଲା । ଏଇ ଧସ୍ତାଧସ୍ତିରେ କନେଷ୍ଟବଲ ଡାଉନିଙ୍ଗ ଗୁରୁତର ଭାବେ ଆହତ ହୋଇଛନ୍ତି । ଜଣାଯାଇଛି, ବନ୍ଦୀକୁ ମାଜିଷ୍ଟ୍ରେଟଙ୍କ ପାଖରେ ଉପସ୍ଥାପନ କଲା ବେଳ, ଆସାମୀକୁ ହାଜତରେ ରଖିବା ପାଇଁ ପୋଲିସ ପକ୍ଷରୁ ଆବେଦନ କରାଯିବ । ତା'ଠାରୁ ଅନେକ କିଛି ଜଣାଯିବାର ଆଶା ।''

ହୋମ୍ସ ତାଙ୍କ ଟୋପିଟା ଉଠାଇ କହିଲେ, "ଆମେ ତୁରନ୍ତ ଇନସ୍-ପେକ୍ଟର୍ ବେୟନସ୍‌ଙ୍କୁ ଭେଟିବା ଦର୍କାର । ସେ କାମରେ ବାହାରିଯିବା ଆଗରୁ ଆମେ ପହଞ୍ଚିଯାଇପାରିବା ।'' ଆମେ ଗାଁ ରାସ୍ତାଦେଇ ଖୁବ୍ ଶୀଘ୍ର ଚାଲିଲୁ । ପହଞ୍ଚିଲାବେଳକୁ ବେୟନସ୍ ଠିକ୍ ତାଙ୍କ ଘରୁ ବାହାରୁଥିଲେ । ହାତରେ ଧରିଥିବା ଖବରକାଗଜଟା ଆମ ଆଡ଼କୁ ବଢ଼ାଇ ସେ କହିଲେ, "ଆପଣ କାଗଜଟା ଦେଖିଛନ୍ତି, ମିଷ୍ଟର ହୋମ୍ସ ?"

"ହଁ, ମିଷ୍ଟର ବେୟନ୍ସ । ତେବେ ମୁଁ ଆପଣଙ୍କୁ ବନ୍ଧୁ ଭାବରେ ସାବଧାନ କରାଇଦେଲେ କିଛି ମନେକରିବେନାହିଁ ।

"ସାବଧାନ !"

"ମୁଁ କେସଟା ଖୁବ୍ ମନଦେଇ ଦେଖିଛି ଆଉ ମୁଁ ନିଶ୍ଚିତ ଯେ, ଆପଣ ଠିକ୍ ବାଟରେ ଯାଉନାହାନ୍ତି । ଆପଣ କୌଣସି ବିଷୟରେ ନିଶ୍ଚିତ ନହୋଇ କିଛି କରିବାଟା ମୁଁ ଚାହେଁ ନାହିଁ ।''

"ଆପଣଙ୍କ ଦୟା ଯଥେଷ୍ଟ ମିଷ୍ଟର୍ ହୋମ୍ସ ।'

"ମୁଁ ଆପଣଙ୍କ ଭଲ ପାଇଁ କହୁଛି ।''

ମୋତେ ଜଣାଗଲା, ବେୟନସ୍‌ଙ୍କର ଗୋଟେ ଆଖି ମୁହୂର୍ତ୍ତକ ପାଇଁ ମିଟି ମିଟି ହୋଇଉଠିଲା । ସେ କହିଲେ, 'ଆମେ ନିଜ ନିଜ ବାଟରେ କାମ କରିବା ପାଇଁ ରାଜି ହୋଇଥିଲେ, ମିଷ୍ଟର୍ ହୋମ୍ସ—ମୁଁ ସେଇଆ କରୁଛି ।''

ହୋମ୍ସ ଉତ୍ତର ଦେଲେ, "ତା ହେଲେ ବେଶ୍ ଭଲ । ମତେ ଆଉ ଦୋଷ ଦେବେ ନାହିଁ ।''

Digitized by srujanika@gmail.com

"ନା-ନା । ମୋର ବିଶ୍ୱାସ ଆପଣ ମୋର ମଙ୍ଗଳ ଚାହାଁନ୍ତି । କିନ୍ତୁ ଆମେ ଆମ ନିଜ ପଦ୍ଧତିରେ କାମ କରିବା । ଆପଣ ଆପଣଙ୍କ ବାଟରେ ଆଉ ମୁଁ ମୋ ବାଟରେ ।"

"ହଉ, ସେ ବିଷୟରେ ଆଉ ଆଲୋଚନା କରିବା ନାହିଁ ।"

"ମୁଁ କିଛି ସମ୍ବାଦ ପାଇଲେ ଆପଣଙ୍କୁ ଜଣାଇବି । ଏଇ ଗ୍ରାମ୍ୟଣିଆ ଲୋକଟା ପୂରାପୂରି ଗୋଟେ ହିଂସ୍ର ଜାନୁଆର । ଗୋଟାଏ ଘୋଡ଼ା ପରି ବଳୁଆ ଆଉ ଗୋଟେ ପିଶାଚ ପରି ଭୟଙ୍କର । ସେ ଡାକ୍ତରଙ୍କର ବୁଢ଼ା ଆଙ୍ଗୁଠିଟା ପ୍ରାୟ କାମୁଡ଼ି ଛିଣ୍ଡାଇ ପକାଇଲା । ବହୁତ କଷ୍ଟରେ ଡାକ୍ତରଙ୍କ ତାକୁ କାବୁ କଲେ । ସେ ଗୋଟେ ବି ଇଂରାଜି ଶବ୍ଦ ଜାଣୁନାହିଁ । ଖାଲି ଗାଉଁ ଗାଉଁ ହେଉଛି । ତା ଛଡ଼ା ତାଠୁଁ ଆଉ କିଛି ଜାଣିବା ସମ୍ଭବ ନୁହେଁ ।"

"ଆଉ ଆପଣ ଭାବୁଛନ୍ତି, ସେ ତା ମୁନିବକୁ ହତ୍ୟାକରିଛି ବୋଲି ଆପଣ ପ୍ରମାଣ ପାଇପାରିଛନ୍ତି ?"

"ମୁଁ ତ ସେକଥା କହୁନାହିଁ, ମିଷ୍ଟର୍ ହୋମ୍‌ସ । ଆମର ନିଜ ନିଜର ପନ୍ଥା ଅଛି । ଆପଣ ଆପଣଙ୍କ ଚେଷ୍ଟାକରନ୍ତୁ ଆଉ ମୁଁ ମୋର କରିବି । ଏଇଆ ଆମର କଥା ହୋଇଛି ।"

ଆମେ ସେଠୁ ଚାଲିଆସିଲୁ । ହୋମ୍‌ସ କହିଲେ, "ସେ ଖାଲିରେ ପଡ଼ିବାକୁ ଧାଇଁଛନ୍ତି । ମୁଁ ତାଙ୍କୁ ସେଥିରୁ ରକ୍ଷାକରିପାରିବିନାହିଁ । ଯାହାହେଉ, ତାଙ୍କ କହିବା ଅନୁସାରେ ଆମେ ନିଜ ନିଜ ବାଟରେ କାମକରିବା ଉଚିତ— ଦେଖିବା ଫଳ କ'ଣ ହେଉଛି । କିନ୍ତୁ ଇନ୍‌ସ୍‌ପେକ୍ଟର୍ ବେୟ୍‌ନସ୍‌ଙ୍କ ଭିତରେ କିଛି ଅଛି ଯାହା ମୁଁ ଠିକ ବୁଝିପାରୁନାହିଁ ।"

ହୋଟେଲ ରୁମ୍‌ରେ ଆଉ ରୁମ୍‌ରେ ପହଞ୍ଚିଲୁ । ହୋମ୍‌ସ କହିଲେ, "ସେଇ ଚଉକିଟାରେ ବସ, ଓ୍ୱାଟ୍‌ସନ । ମୁଁ ପରିସ୍ଥିତିଟା ତୁମକୁ ବୁଝାଇ-ଦେବାକୁ ଚାହେଁ । କାରଣ ଆଜି ରାତିରେ ମୁଁ ତୁମର ସାହାଯ୍ୟ ଦରକାର କରିପାରେ । କେଶ୍‌ଟାର ଗତି ମୁଁ ଯାହା ଜାଣିଛି ତୁମ ଆଗରେ କହୁଛି । କେଶ୍‌ର ମୁଖ୍ୟ ଘଣ୍ଟଣାଗୁଡ଼ା ବେଶ ସରଳ । ତଥାପି ଏଇ ଆରେଷ୍ଟ କରାଯିବା

Digitized by srujanika@gmail.com

ଫଳରେ କେଶ୍‌ଟା ବିଚିତ୍ର ଭାବରେ ଜଟିଳ ହୋଇଯାଇଛି । ଘଟଣାଟାରେ ଯେଉଁ ସବୁ ଶୂନ୍ୟସ୍ଥାନ ରହିଯାଇଛି ଆମକୁ ତାହା ପୂରଣ କରିବାକୁ ହେବ ।

ବର୍ତ୍ତମାନ ଆମେ ଗ୍ରେସିଆଙ୍କ ମୃତ୍ୟୁ ଦିନ ସନ୍ଧ୍ୟାରେ ତାଙ୍କୁ ଯେଉଁ ଚିଠିଟା ଦିଆଯାଇଥିଲା ସେଇଠିକି ଫେରିଯିବା । ଗ୍ରେସିଆଙ୍କ ଚାକରମାନେ ଏଥିରେ ସମ୍ପୃକ୍ତ ବୋଲି ବେୟୁନର୍ଡ୍ଙ୍କର ଯେଉଁ ଧାରଣା ଆମେ ତାକୁ ଗ୍ରହଣ କରିବା ନାହିଁ । ତାର ପ୍ରମାଣ ହେଲା ଗ୍ରେସିଆ ନିଜେ ସ୍କଟ୍ ଏକ୍‌ଲସ୍ ତାଙ୍କ ଘରକୁ ଆସିବାର ବ୍ୟବସ୍ଥା କରିଥିଲେ । ତାଙ୍କୁ ଜଣେ ସାକ୍ଷୀକରି ରଖିବା ଗ୍ରେସିଆଙ୍କର ଏକମାତ୍ର ଉଦ୍ଦେଶ୍ୟ । ତେଣୁ ସେଦିନ ରାତିରେ ଗ୍ରେସିଆଙ୍କର କିଛି ଗୋଟେ ଯୋଜନା ଥିଲା ଆଉ ସେଇଟା ଅପରାଧମୂଳକ ଯୋଜନା ପରି ଜଣାଯାଏ । ତାକୁ କାର୍ଯ୍ୟକାରୀ କରିବାକୁ ଯାଇ ସେ ମୃତ୍ୟୁମୁଖରେ ପଡ଼ିଲେ । ମୁଁ ଅପରାଧମୂଳକ ଯୋଜନା ବୋଲି କହିଲି, କାରଣ ତା ନହେଲେ ଜଣେ ଲୋକ ଜଣେ ସାକ୍ଷୀ ରଖିବାକୁ ମନକରିବନାହିଁ । ତେଣୁ କିଏ ତାଙ୍କୁ ହତ୍ୟା କରିଥିବା ସମ୍ଭବ ? ନିଶ୍ଚୟ ଯେଉଁ ଲୋକ ବିରୁଦ୍ଧରେ ସେ ଯୋଜନା କରି-ଥିଲେ । ମୁଁ ଭାବୁଛି ଏ ପର୍ଯ୍ୟନ୍ତ ଆମେ ଠିକ୍ ବାଟରେ ଅଛେ ।

"ଏବେ ଗ୍ରେସିଆଙ୍କ ଚାକରମାନେ ପଳାଇଯିବାର କାରଣ ଆମେ ଜାଣିପାରିବା । ସେମାନେ ସମସ୍ତେ ସେଇ ଅଜଣା ଅପରାଧ କରିବା ପାଇଁ ଏକଜୁଟ ହୋଇଥିଲେ । ଯଦି ଗ୍ରେସିଆ କାମଟା ହାସଲକରି ଫେରି ଆସି-ଥା'ନ୍ତେ ଆଉ ତାଙ୍କ ଉପରେ ସନ୍ଦେହ କରାଯାଇଥାନ୍ତା, ତେବେ ଏଇ ଇଂରେଜ ଭଦ୍ରଲୋକଙ୍କ ସାକ୍ଷ୍ୟ ବଳରେ ସେ ସନ୍ଦେହ ଦୂର ହୋଇଥାନ୍ତା ଆଉ ସବୁ ଠିକ୍ ହୋଇଯାଇଥାନ୍ତା । କିନ୍ତୁ କାମଟା ବଡ଼ ବିପଦପୂର୍ଣ୍ଣ । ଏକ ନିର୍ଦ୍ଦିଷ୍ଟ ସମୟ ଭିତରେ ଗ୍ରେସିଆ ନ ଫେରିଲେ ସମ୍ଭବତଃ ସେ ନିଜେ ମୃତ୍ୟୁମୁଖରେ ପଡ଼ିଥିବେ । ତେଣୁ ଠିକ୍ ହୋଇଥିଲା ତାଙ୍କ ସହଯୋଗୀମାନେ ଆଗରୁ ଠିକ୍ ହୋଇଥିବା କୌଣସି ଜାଗାକୁ ପଳାଇଯିବେ ଏବଂ ପରେ ତାଙ୍କ କାମ ହାସଲ ପାଇଁ ଚେଷ୍ଟାକରିବେ । ଘଟଣା ସବୁ ଏ ଅନୁମାନ ସହିତ ଖାପ ଖାଇଯାଉଛି ।"

Digitized by srujanika@gmail.com

ସବୁ ଦୁର୍ବୋଧ ଜଟିଳ ଘଟଣା ମୁହୂର୍ତ୍ତିକ ଭିତରେ ମୋ ପାଖରେ ସରଳ ହୋଇଗଲା । ଆଗରୁ ମୁଁ କେମିତି କିଛୁ ବୁଝିପାରିନଥିଲି ଭାବି ଆଶ୍ଚର୍ଯ୍ୟ-ହୋଇଗଲି । ପଚାରିଲି, "କିନ୍ତୁ ଜଣେ ଚୋର ପୁଣି ଫେରିଲା କାହିଁକି ?"

"ସେ ବିଷୟରେ ଆମେ ଅନୁମାନ କରିପାରିବା । ତରତରରେ ପଳାଇ-ଗଲାବେଳେ ସେମାନେ କିଛି ମୂଲ୍ୟବାନ ଜିନିଷ ଛାଡ଼ିଯାଇଥିଲେ । ତାକୁ ଛାଡ଼ିଦେବା ସେ ଲୋକ ପକ୍ଷରେ ଅସମ୍ଭବ । ତେଣୁ ସେ ଫେରିଲା ବୋଲି ଭାବିବାଟା ନିଶ୍ଚୟ ଯୁକ୍ତିସଙ୍ଗତ ।"

"ଆଚ୍ଛା, ତା ପର ସୋପାନ କ'ଣ ?"

"ତା ପର ସୋପାନ ହେଲା ଖାଇବାବେଳେ ଗ୍ରେସିଆ ପାଇଥିବା ଚିଠି । ସେଥିରୁ ସୂଚନା ମିଳୁଛି ଅନ୍ୟପାଖରେ ତାଙ୍କର ଜଣେ ସହଯୋଗୀ ଅଛି । ସେଇ ଅନ୍ୟପାଖଟା କେଉଁଠି ? ମୁଁ କହୁଛି ସେଇଟା ନିଶ୍ଚୟ କୌଣସି ଗୋଟେ ବଡ଼ଘର ହୋଇଥିବ । ଆଉ ଏଇ ବଡ଼ଘରର ସଂଖ୍ୟା ଏଠାରେ ଖୁବ୍ କମ୍ । ଏଇ ଗାଁରେ ମୁଁ ଉଦ୍ଭିଦ ବିଜ୍ଞାନ ଗବେଷଣା କରିବାର ପ୍ରଥମ କେତେ ଦିନ ଗୁରିଆଡ଼େ ବୁଲି, ମଝିରେ ମଝିରେ ବଡ଼ ବଡ଼ ଘର ଗୁଡ଼ାକ ପ୍ରର୍ଯ୍ୟବେକ୍ଷଣ ଆଉ ସେ ଘରେ ରହୁଥିବା ଲୋକମାନଙ୍କ ପାରିବାରିକ ଇତିହାସ ପରୀକ୍ଷାକରି ଦେଖିଲି । ମୋର ଧ୍ୟାନ କେବଳ ଗୋଟାଏ ଘର ଆଡ଼କୁ ଟାଣିହୋଇଗଲା । ସେଟା ହେଲା ହାଇ ଗେବଲ୍‌ର ଜାକୋବିଆନ୍ ଗ୍ରେନ୍‌ଜ । ଘରଟା ବେଶ୍ ଜଣାଶୁଣା, ଅକସ୍‌ସଟ୍‌ର ବିପରୀତ ପାଖେ ମାଇଲ୍‌ଏ ଦୂରରେ । ହତ୍ୟାକାଣ୍ଡ ଘଟିଥିବା ଜାଗାରୁ ଅଧମାଇଲ୍‌ରୁ କମ୍ ଦୂର । ଅନ୍ୟ ବଡ଼ ବଡ଼ ଘରେ ଯେଉଁମାନେ ରହୁଛନ୍ତି ସେମାନେ ପଦସ୍ଥଲୋକ ଆଉ ରୋମାଞ୍ଚକର ଘଟଣାଠୁ ସେମାନେ ଖୁବ୍ ଦୂରରେ । କିନ୍ତୁ ହାଇଗେବଲ୍‌ର ମିଷ୍ଟର୍ ହେଣ୍ଡର୍‌ସନ୍ ସବୁପ୍ରକାରେ ଏକ ବିଚିତ୍ର ଲୋକ । ବିଚିତ୍ର ରୋମାଞ୍ଚକର ଘଟଣା ତାଙ୍କ ପକ୍ଷରେ ସମ୍ଭବ । ତେଣୁ ମୁଁ ତାଙ୍କ ଉପରେ ଆଉ ତାଙ୍କ ଘର ଉପରେ ବିଶେଷ ଧ୍ୟାନଦେଲି ।

"ବଡ଼ ବିଚିତ୍ର ଲୋକ ଦଳେ ଉଆଟ୍‌ସନ୍—ତା ଭିତରେ ମିଷ୍ଟର ହେଣ୍ଡର୍‌ସନ୍ ନିଜେ ସବୁଠୁ ବିଚିତ୍ର । ମୁଁ ଗୋଟେ ଆଳ କରି ତାଙ୍କୁ ଭେଟିଲି ।

Digitized by srujanika@gmail.com

ତାଙ୍କ କଳା କଳା ଚିନ୍ତାଶୀଳ ଆଖିରୁ ଜାଣିପାରିଲି ସେ ମୋ କାମକଥା ବୁଝି ପାରିଛନ୍ତି । ତାଙ୍କୁ ପ୍ରାୟ ପଚିଶ ବର୍ଷ ହେବ । ବେଶ୍ ସୁସ୍ଥସବଳ ଆଉ କର୍ମଠ । ମୁଣ୍ଡର ବାଳ ତମ୍ବାଳିଆ । ଆଖିପତା ମୋଟା ଆଉ କଳା । ସେ ଗୋଟେ ହରିଣପରି ଚଞ୍ଚଳ ଆଉ ଜଣେ ସମ୍ରାଟପରି ଗମ୍ଭୀର । ମୋଟରେ ଲୋକଟା ଅତି ଭୟଙ୍କର । ସେ ଜଣେ ବିଦେଶୀ କିମ୍ବା ବିଷୁବମଣ୍ଡଳରେ ଅନେକଦିନ ରହିଛନ୍ତି । କାରଣ ତାଙ୍କ ଦେହର ରଙ୍ଗ ଈଷତ୍ ହଳଦିଆ ଆଉ ଚମଡ଼ାଟା ଅତି ରୁକ୍ଷ । ତାଙ୍କ ବନ୍ଧୁ ଆଉ ସେକ୍ରେଟାରୀ ମିଷ୍ଟର୍ ଲୁକାସ୍ ନିଶ୍ଚିତଭାବେ ଜଣେ ବିଦେଶୀ । ଚକୋଲେଟ୍ ରଙ୍ଗର ଖୁବ୍ ସୁନ୍ଦର ଦେହ । କଥାବାର୍ତ୍ତା ବେଶ୍ ଭଦ୍ର । ଲୋକଟା ସାପପରି ସୁନ୍ଦର ଆଉ ବିଷାକ୍ତ । ଦେଖ ଉଆଟ୍‌ସନ୍, ଆମେ ଦୁ' ଦଳ ବିଦେଶୀ ଦେଖିବାକୁ ପାଉଛେ । ଦଳେ ଉଇଷ୍ଟେରିଆ ଲଜ୍‌ରେ ଆଉ ଦଳେ ହାଇ ଗେବଲ୍ସ୍‌ରେ । ତେଣୁ ଆମ ଚିନ୍ତାଧାରାର ଶୂନ୍ୟସ୍ଥାନ ଧୀରେ ଧୀରେ ପୂରଣ ହେବାକୁ ଆରମ୍ଭ ହେଉଛି ।

"ଏଇ ଦୁଇଜଣ ଅତି ଘନିଷ୍ଠବନ୍ଧୁ ଆଉ ସମୁଦାୟ ପରିବାରର କେନ୍ଦ୍ର । କିନ୍ତୁ ଆଉ ଜଣେ ଲୋକ ଅଛି ଯେ, ଆମ ଉଦ୍ଦେଶ୍ୟ ଦୃଷ୍ଟିରୁ ଆହୁରି ଅଧିକ ଗୁରୁତ୍ୱପୂର୍ଣ୍ଣ । ହେଣ୍ଡରସନ୍‌ଙ୍କର ଦୁଇଟି ଝିଅ । ଜଣେ ଏଗାର ବର୍ଷର, ଆଉଜଣେ ତେର ବର୍ଷର । ସେମାନଙ୍କର ଘରୋଇ ଶିକ୍ଷୟିତ୍ରୀ ମିସ୍ ବର୍ନେଟ୍ ଜଣେ ଇଂରେଜ ମହିଳା । ବୟସ ଚାଳିଶ ପାଖାପାଖି ହେବ । ତା ଛଡ଼ା ଆଉ ଜଣେ ବିଶ୍ୱାସୀ ଚାକର ମଧ୍ୟ ଅଛି । ଏଇ ଛୋଟିଆ ଦଳଟିକୁ ନେଇ ପରିବାର ଗଢ଼ା । ହେଣ୍ଡରସନ ବରାବର ଗୋଟେ ଜାଗାରୁ ଆଉ ଗୋଟେ ଜାଗାକୁ ଯିବାରେ ଅଭ୍ୟସ୍ତ । ଗୋଟେ ଜାଗାରେ ବେଶୀ ଦିନ ରହନ୍ତି ନାହିଁ । ବର୍ଷେକାଳ ବାହାରେ ବୁଲିବୁଲି ସେ ଏଇ ମାତ୍ର ଦୁ'ସପ୍ତାହ ହେଲା ହାଇଗେବଲ୍‌କୁ ଫେରିଛନ୍ତି । ସେ ଯଥେଷ୍ଟ ଧନୀ ଆଉ ଯାହା ଚାହିଁଲେ ଖୁବ୍ ସହଜରେ କରିପାରନ୍ତି । ତାଙ୍କଘରେ ଅନେକ ଚାକର ଚାକରାଣୀ ଅଛନ୍ତି । ସେମାନେ କାମ କମ୍ କରନ୍ତି; କିନ୍ତୁ ଖାଆନ୍ତି ଖୁବ୍ ବେଶୀ ।"

Digitized by srujanika@gmail.com

"ଗାଁ ଲୋକଙ୍କ କଥାବାର୍ତ୍ତାରୁ ଆଉ ମୁଁ ନିଜେ ଲକ୍ଷ୍ୟ କରିବାରେ ଏତିକି ଜାଣିପାରିଛି । କୌଣସି ଘରର ଖବର ଜାଣିବାକୁ ସବୁଠୁଁ ଭଲ ଅସ୍ତ୍ର ହେଲା ସେ ଘରୁ ତଡ଼ା ଖାଇ ଆସିଥିବା ଚାକର । ଭାଗ୍ୟକୁ ମୁଁ ସେଇପରି ଜଣକୁ ପାଇଗଲି । ମୁଁ ଏକୁ ମୋ ଭାଗ୍ୟବୋଲି କହିଲି, ହେଲେ ମୁଁ ସେଇପରି ଜଣକୁ ଖୋଜି ବାହାର କରିବାକୁ ଚେଷ୍ଟା କରି ନ ଥିଲେ ପାଇ ନ ଥାନ୍ତି । ବେଯ୍ନସଙ୍କ ମତରେ ଆମ ପ୍ରତ୍ୟେକଙ୍କର ନିଜର କର୍ମପନ୍ଥା ଅଛି । ଜନ୍ ଉଆର୍ନର୍‌କୁ ଖୋଜି ବାହାର କରିବାରେ ମୋ ପନ୍ଥା ମୋତେ ସକ୍ଷମକଲା । ଏଇ ଜନ୍ ଉଆର୍ନର୍ ହାଇଗେବଲ୍‌ରେ ମାଳି କାମ କରୁଥିଲା । ଗୋଟେ କ୍ରୋଧମୁହୂର୍ତ୍ତରେ ମାଲିକ ତାକୁ ବାହାର କରିଦେଲେ । ଘରର ଚାକର ବାକରଙ୍କ ଭିତରେ ତାର କେତେକ ସାଙ୍ଗ ଥିଲେ । ସେମାନେ ତାଙ୍କ ମାଲିକଙ୍କୁ ଡରନ୍ତି ଆଉ ଘୃଣା କରନ୍ତି । ତେଣୁ ଘରର ଗୁପ୍ତକଥା ଜାଣିବାର ଚାବି ମୋ ହାତରେ ପାଇଗଲି ।"

"ବଡ଼ ବିଚିତ୍ରଲୋକ ସେମାନେ ଉଆଟସନ୍ । ମୁଁ ଏବେ ବି ସବୁ ସଠିକ୍ ବୁଝିପାରିନାହିଁ । କିନ୍ତୁ ସେ ଲୋକମାନେ ନିଶ୍ଚୟ ବଡ଼ ବିଚିତ୍ର । ଘରଟାରେ ଦୁଇସାହାଲି ଘର । ଚାକର ବାକର ମାନେ ଗୋଟେ ପାଖରେ ରହନ୍ତି ଆଉ ପରିବାରର ଲୋକେ ଅନ୍ୟ ପାଖରେ ରହନ୍ତି । କେବଳ ହେଣ୍ଡର୍‌ସନଙ୍କ ନିଜର ଚାକର ଛଡ଼ା ଅନ୍ୟ କେହି ଏ ପାଖରୁ ସେ ପାଖକୁ ଯାଆନ୍ତି ନାହିଁ । ସେ ଚାକର ପରିବାର ଲୋକଙ୍କର ଖାଇବା ପିଇବା ବ୍ୟବସ୍ଥା କରେ । ଦୁ'ପାଖ ଘରମଝିରେ ଗୋଟେ ଦରଜା ଅଛି । ସବୁ ଜିନିଷ ସେଇ ଦରଜାପାଖକୁ ନିଆଯାଏ । ପିଲା ଦୁହେଁ ଆଉ ତାଙ୍କ ଶିକ୍ଷୟିତ୍ରୀ ବର୍ଗିସ୍ ଛଡ଼ା ଆଉ କୁଆଡ଼େ ମୋଟେ ଯାଆନ୍ତି ନାହିଁ । ଭୁଲରେ ବି ହେଣ୍ଡର୍‌ସନ୍ ଏକୁଟିଆ କୁଆଡ଼େ ବାହାରନ୍ତି ନାହିଁ । ତାଙ୍କ କଳା ସେକ୍ରେଟାରୀ ଛାଇପରି ତାଙ୍କ ପାଖେ ପାଖେ ଥାଏ । ଚାକରବାକରମାନେ ଫୁସ୍‌ଫୁସ୍ ହୁଅନ୍ତି ଯେ, ତାଙ୍କ ମାଲିକ କିଛି ଗୋଟେ ଜିନିଷକୁ ସାଂଘାତିକ ଭୟକରନ୍ତି । ଉଆର୍ନର୍ କହେ, "ସେ ନିଜ ଜୀବନକୁ ଶୟତାନମାନଙ୍କ ହାତରେ ବିକିଦେଇଛନ୍ତି ଆଉ ସେମାନେ ଯେକୌଣସି ମୁହୂର୍ତ୍ତରେ ଆସି ପହଞ୍ଚିବେ ବୋଲି ସେ ଆଶଙ୍କା କରୁଛନ୍ତି ।"

Digitized by srujanika@gmail.com

ସେମାନେ କିଏ ଆଉ କେଉଁଠୁ ଆସିଛନ୍ତି କେହି ଜାଣେନା । ସେମାନେ ଅତି ହିଂସ୍ର ଆଉ ଦୁର୍ଦ୍ଧର୍ଷ । ହଣ୍ଡରସନ୍ କେତେ ଥର ରାସ୍ତାରେ ଯାଉଥିବା ଅଜଣା ଲୋକଙ୍କୁ ଗୁଳିକରେ ପିଟିଛନ୍ତି । ସେଥିପାଇଁ ତାଙ୍କୁ ଅଦାଲତରେ ଠିଆ-ହେବାକୁ ପଡ଼ିଥାନ୍ତା । କେବଳ ଗୁଡ଼ାଏ ପଇସା ଖର୍ଚ୍ଚ କରି ସେଥିରୁ ବର୍ତ୍ତିଯାଇଛନ୍ତି ।

"ଏବେ ୱାଟ୍‌ସନ୍, ଆମେ ଯେଉଁ ସବୁ ନୂଆ ତଥ୍ୟ ପାଇଲେ ତାକୁ ନେଇ ପରିସ୍ଥିତିଟାକୁ ବିଚାରକରିବା । ଆମେ ଧରିନେବା ଚିଠିଟା ଏଇ ବିଦେଶି ପରିବାରରୁ ଆସିଥିଲା । ଆଗରୁ ଠିକ୍ ହୋଇଥିବା କୌଣସି କାମ ହାସଲ କରିବା ପାଇଁ ଏ ଚିଠିରେ ଗ୍ରେସିଆଙ୍କୁ ସଙ୍କେତ ଦିଆଯାଇଥିଲା । ଏ ଚିଠିଟା ଲେଖିଥିଲା କିଏ ? ନିଶ୍ଚୟ ଏଇ ଘରେ ରହୁଥିବା କେହି ଜଣେ । ସେ ପୁଣି ଜଣେ ନାରୀ । ତା ହେଲେ ଶିକ୍ଷୟିତ୍ରୀ ମିସ୍‌ବର୍‌ନେଟ୍ ଛଡ଼ା ଆଉ କିଏ ହୋଇପାରେ ? ଆମର ସବୁ ଯୁକ୍ତି ଯା'ର ସମର୍ଥନ କରିବ । ଯାହାହେଉ ଆମେ ଏକୁ ଠିକ୍ ବୋଲି ଧରିନେବା ଆଉ ଫଳ କ'ଣ ହେଉଛି ଦେଖିବା । ଆଉ ଗୋଟେ କଥା । ମୋର ପ୍ରଥମେ ଧାରଣା ଥିଲା ଘଟଣାଟା ପ୍ରେମଜଡ଼ିତ । କିନ୍ତୁ ମିସ ବର୍‌ନେଟ୍‌ଙ୍କ ବୟସ ଆଉ ଚରିତ୍ରରୁ ଜଣାଯାଏ ଘଟଣାରେ ପ୍ରେମର ପ୍ରଶ୍ନ ନାହିଁ ।

"ଯଦି ମିସ୍ ବର୍‌ନେଟ ଏ ଚିଠି ଲେଖିଥାଆନ୍ତି ତେବେ ସେ ଗ୍ରେସିଆଙ୍କର ବନ୍ଧୁ ଆଉ ସହକର୍ମୀ । ଗ୍ରେସିଆ ମରିବା ଖବର ପାଇଁ ସେ କ'ଣ କରିବାର ସମ୍ଭାବନା ? ଯଦି ଗ୍ରେସିଆ କିଛି ଖରାପ କାମ କରିବାକୁ ଯାଇ ମରିଥାନ୍ତି ତେବେ ବର୍‌ନେଟ୍‌ଙ୍କ ପାଟି ବନ୍ଦହୋଇ ରହିଯିବ । କିନ୍ତୁ ମନଭିତରେ ତାଙ୍କର ଗ୍ରେସିଆଙ୍କ ହତ୍ୟାକାରୀଙ୍କ ପ୍ରତି ଘୃଣା ଆଉ ବିଦ୍ୱେଷଜାତ ହୋଇଥିବ ଆଉ ସେମାନଙ୍କ ଉପରେ ପ୍ରତିଶୋଧ ନେବା ପାଇଁ ସେ ଯେତେ ଦୂର ସମ୍ଭବ ସାହାଯ୍ୟ କରିବେ । ତେଣୁ ଆମେ ତାଙ୍କୁ ଭେଟି କିଛି ଚେଷ୍ଟା କରିପାରନ୍ତେ ନାହିଁ ? ମୁଁ ପ୍ରଥମରୁ ଏଇଆ ଭାବିଥିଲି । କିନ୍ତୁ ଏବେ ଗୋଟେ ପ୍ରତିକୂଳ ଘଟଣା ଘଟିଯାଉଛି । ଗ୍ରେସିଆଙ୍କ ମୃତ୍ୟୁ ରାତି ପରଠାରୁ କେହି ଆଉ ମିସ ବର୍-ନେଟ୍‌ଙ୍କୁ ଦେଖିନାହାନ୍ତି । ସେଇ ରାତିରୁ ସେ କୁଆଡ଼େ ହଜିଭେଇ ଯାଇଛନ୍ତି ।

Digitized by srujanika@gmail.com

ସେ ଏବେ ବଞ୍ଚିଛନ୍ତି କି ? ଯେଉଁ ରାତିରେ ତାଙ୍କ ବନ୍ଧୁଙ୍କ ଜୀବନ ଗଲା ସେଇ ରାତିରେ ସେ କି ମୃତ୍ୟୁମୁଖରେ ପଡ଼ିଛନ୍ତି କି ? କିମ୍ବା ସେ କେଉଁଠି ବନ୍ଦୀ-ହୋଇ ରହିଛନ୍ତି ? ଆମକୁ ଏବେ ସେକଥା ସ୍ଥିର କରିବାକୁ ହେବ ।

"ପରିସ୍ଥିତି କେମିତି ଜଟିଳ ତୁମେ ଜାଣିପାରୁଥିବ, ୱାଟ୍‌ସନ୍ । ସେମାନଙ୍କ ବିରୁଦ୍ଧରେ ୱାରେଣ୍ଟ ପାଇଁ ଆମେ ଦରଖାସ୍ତ କରିବାର କିଛି ନାହିଁ । ଜଣେ ମାଜିଷ୍ଟ୍ରେଟ୍‌ଙ୍କ ଆଗରେ ଆମ ଯୋଜନା ଉପସ୍ଥାପନ କଲେ ତାହା କପୋଳ-କଳ୍ପିତ ପରି ଜଣାଯିବ । ସେ ଭଦ୍ରମହିଳା ଅନ୍ତର୍ଦ୍ଧାନ ହେବାଟା କିଛି ବଡ଼ କଥା ନୁହେଁ । କାରଣ ସେଭଳି ବିଚିତ୍ର ପରିବାରରେ ଜଣେ ଲୋକ ସପ୍ତାହେ କାଳ ବି ଲୁଚି ରହିପାରେ । ତଥାପି ବର୍ତ୍ତମାନ ହୁଏତ ତାଙ୍କ ଜୀବନ ବିପନ୍ନ ହୋଇ ଥାଇ ପାରେ । ବର୍ତ୍ତମାନ କେବଳ ସେ ଘର ଉପରେ ଦୃଷ୍ଟି ରଖିବା ଆଉ ମୋ ଏଜେଣ୍ଟ ୱାର୍‌ନର୍‌କୁ ଗେଟ୍ ପାଖରେ ଜଗାଇ ରଖିବା ଛଡ଼ା ଆଉ କିଛି କରିପାରିବିନାହିଁ । ଏ ପରିସ୍ଥିତି ବେଶୀ ଦିନ ରହିବାକୁ ଆମେ ଦେଇପାରିବାନାହିଁ । ଆଇନ୍ ବଳରେ ଯଦି କିଛି କରି ନ ହୁଏ ଆମେ ନିଜେ କିଛି କରିବାର ଦାୟିତ୍ୱ ନେବା ।"

"ତୁମର ପ୍ରସ୍ତାବ କ'ଣ ?"

"ମିସ୍ ବର୍ନେଟ୍‌ଙ୍କ ରୁମ୍ କେଉଁଟା ମୁଁ ଜାଣେ । ବାହାରର ଗୋଟେ ଘରର ଛାତ ଉପରଦେଇ ସେ ରୁମ୍‌କୁ ଯାଇ ହେବ । ମୋର ପ୍ରସ୍ତାବ ହେଲା ଆଜି ରାତିରେ ଆମେ ଦି' ଜଣ ଯିବା ଆଉ ଏ ରହସ୍ୟର ମୂଳ ଭେଦକରି ପାରୁଛେ କି ନାହିଁ ଦେଖିବା ।"

ମାନୁଛି । କାମଟା ମୋଟେ ସୁଖକର ଅବା ଆକର୍ଷଣୀୟ ନୁହେଁ । ସେଇ ପୁରୁଣା ଘର ଭିତରେ ହତ୍ୟାର ହାଉଆ, ବିଚିତ୍ର ଆଉ ଦୁର୍ଦ୍ଦାନ୍ତ ବାସିନ୍ଦାଗଣ ସେଠିକି ଯିବାରେ କୌଣସି ଅଜଣା ବିପଦ ଆଉ ଶେଷରେ ଆମର ଆଇନ୍ ବିରୁଦ୍ଧ କାମ; ଏଇ ସବୁ କଥା ଭାବି ମୋର ଟାଣୁଆ ଗ୍ରୁଢ ବି ବରଫ ପରି ଥଣ୍ଡା ହୋଇଗଲା । କିନ୍ତୁ ହୋମ୍‌ସଙ୍କ ଧୀରସ୍ଥିର କଥାରେ ଏମିତି କିଛି ଥିଲା, ଯାହା ଶୁଣିଲେ ସେ ପ୍ରସ୍ତାବ କରିବା ଅଭିଯାନରୁ ଓହରିଯିବା ଅସମ୍ଭବ । ତା ଛଡ଼ା ଏଟା ନିଶ୍ଚିତ ଯେ, କେବଳ ଏଇ ଉପାୟରେ କିଛି ସୂତ୍ର ମିଳିପାରେ ।

Digitized by srujanika@gmail.com

ମୁଁ ଚୁପ୍‌ଚାପ୍ ତାଙ୍କ ହାତକୁ ଜାବୁଡ଼ି ଧରିଲି । କିନ୍ତୁ ଆମ ଭାଗ୍ୟରେ ଏ ଅଭିଯାନ ନଥିଲା । ସେତେବେଳକୁ ସମସ୍ତ ପ୍ରାୟ ପାଞ୍ଚଟା । ମାର୍ଚ୍ଚମାସ ସଞ୍ଜ ଆସ୍ତେ ଆସ୍ତେ ଚାଲିଆସୁଥାଏ । ଏତିକିବେଳେ ଜଣେ ମଇଳା ମଳିଚୁଆ ଲୋକ ଖୁବ୍ ଉତ୍ତେଜିତ ହୋଇ ଆମ ରୁମ୍ ଭିତରକୁ ପଶିଆସିଲା ।

"ସେମାନେ ପଳାଇଯାଇଛନ୍ତି, ମିଷ୍ଟର୍ ହୋମ୍ସ । ଏଇ ଶେଷ ଟ୍ରେନ୍‌ରେ ଚାଲିଗଲେ । ଭଦ୍ରମହିଳା କୌଣସି ପ୍ରକାରେ ଖସିଆସିଲେ । ମୁଁ ଗୋଟେ ଗାଡ଼ିରେ ତାଙ୍କୁ ଏଠିକି ନେଇଆସିଛି । ସେ ତଳେ ଅଛନ୍ତି ।"

ଚଉକି ଉପରୁ ଡେଇଁପଡ଼ି ହୋମ୍ସ କହିଲେ, "ଚମତ୍କାର ଓ୍ୱାର୍‌ନର୍ ! ଆମ କାମର ଫାଙ୍କ ଗୁଡ଼ା ଖୁବ୍ ଶୀଘ୍ର ପୂରଣହୋଇଯାଉଛି, ଓ୍ୱାଟ୍‌ସନ୍ ।"

ତଳେ ଘୋଡ଼ାଗାଡ଼ିରେ ଜଣେ ଭଦ୍ରମହିଳା ବସିଥିଲେ । ସେ ଅତି କ୍ଳାନ୍ତ ଆଉ ଝିମ୍ପରା ଦିଶୁଥିଲେ । ତାଙ୍କ ପତଳା ମୁହଁରେ ଗମ୍ଭୀର ଦୁଃଖର ଛାପ । ମୁଣ୍ଡଟା ଛାତି ଉପରକୁ ଲଇଁ ପଡ଼ୁଥାଏ । ସେ ମୁଣ୍ଡ ଟେକି ଉଦାସିଆ ଆଖିରେ ଆମ ଆଡ଼କୁ ଚାହିଁଲେ । ଦେଖିଲି ତାଙ୍କ ଆଖି ପିତୁଳାର ଚାରିପାଖେ କଳା କଳା ବିନ୍ଦୁ । ଜାଣିଲି ତାଙ୍କୁ ଅଫିମ ରସ ପିଆଇ ଦିଆଯାଇଛି ।

ଓ୍ୱାର୍‌ନର୍ କହିଲା, "ଆପଣଙ୍କ ଉପଦେଶ ଅନୁସାରେ ମୁଁ ଗେଟ୍ ପାଖରେ ଜଗିଥାଏ, ମିଷ୍ଟର୍ ହୋମ୍ସ । ଯେତେବେଳେ ଗାଡ଼ିଟାଏ ବାହାରିଲା ମୁଁ ତା ପଛେ ପଛେ ଷ୍ଟେସନଯାଏଁ ଗଲି । ଭଦ୍ରମହିଳା ନିଶା ଖାଇଲା ପରି ଟଳଟଳ ହେଉଥାନ୍ତି । କିନ୍ତୁ ସେମାନେ ତାଙ୍କୁ ଟ୍ରେନ୍ ଭିତରକୁ ନେଲାବେଳକୁ ତାଙ୍କର ହୋସ୍ ଆସିଗଲା ଆଉ ସେ ଭିଡ଼ଓଟାରି ହେଲେ । ସେମାନେ ତାଙ୍କୁ ଜବରଦସ୍ତ ରେଲ ଡବା ଭିତରକୁ ଠେଲିଦେଲେ । ସେ ପୁଣି ଭିଡ଼ଓଟାରି ହୋଇ ବାହାରିଆସିଲେ । ମୁଁ ତାଙ୍କ ପାଖକୁ ଯାଇ ତାଙ୍କୁ ନେଇ ଆସି ଗୋଟେ ଘୋଡ଼ାଗାଡ଼ିରେ ବସାଇଦେଲି ଆଉ ଆମେ ଏଠିକି ଚାଲିଆସିଲୁ । ତାଙ୍କୁ ଧରି ଚାଲି ଆସିଲାବେଳେ ରେଲଡବା ଝରକାବାଟେ ଯେଉଁ ଦୁର୍ଦ୍ଦାନ୍ତ ମୁହଁଟା ମୋ ଆଡ଼େ ଚାହିଁଥିଲା ମୁଁ ତାକୁ ଭୁଲିପାରିବିନାହିଁ । ସେ ଯଦି ସୁବିଧା ପାଇଥାନ୍ତା ମୋ ଦଫା ଶେଷକରିଦେଇଥାନ୍ତା । ଶୟତାନ୍‌ଟା ଡିମା ଡିମା ଆଖିରେ ମୋତେ ଚାହିଁଥାଏ ।"

Digitized by srujanika@gmail.com

ଆମେ ଭଦ୍ରମହିଳାଙ୍କୁ ଉପର ମହଲକୁ ନେଇଗଲୁ । ଗୋଟେ ସୋଫା ଉପରେ ଶୁଆଇଦେଲୁ । ଦୁ' କପ୍ କଡ଼ା କଫି ପିଇଲା ପରେ ତାଙ୍କ ମୁଣ୍ଡରୁ ଔଷଧର ପ୍ରଭାବ ଆସ୍ତେ ଆସ୍ତେ ଦୂରହୋଇଗଲା । ହୋମ୍‌ସଙ୍କଠାରୁ ଖବର ପାଇ ବେଯ୍‌ନସ୍ ଆସିଥିଲେ । ତାଙ୍କୁ ଘଟଣାଟା ବୁଝାଇ ଦିଆଗଲା । ହୋମ୍‌ସଙ୍କ ହାତ ଦୁଇଟାକୁ ଜାବୁଡ଼ିଧରି ଇନ୍‌ସପେକ୍ଟର୍ କହିଲେ, "ମୋର ଯେଉଁ ପ୍ରମାଣ ଦର୍କାର ଆପଣ ତାହାହିଁ ପାଇପାରିଛନ୍ତି । ଆପଣ ଯାହା ସନ୍ଦେହ କରିଥିଲେ ମୁଁ ମଧ୍ୟ ଆରମ୍ଭରୁ ସେଇ ସନ୍ଦେହ କରିଥିଲି ।"

"ସତେ ନା କ'ଣ ? ତୁମେ ତା'ହେଲେ ହେଣ୍ଡରସନ୍ ପଛରେ ଲାଗିଥିଲ ?"

"କାହିଁକି ଆଜ୍ଞା, ଆପଣ ହେଟ୍‌ବେଲେ ସେ ବୁଦାଗହଳରେ ଘୁରିବୁରି ଯାଉଥିଲେ ମୁଁ ବଗିଚାର ଗୋଟେ ଗଛଉପରେ ବସି ଆପଣଙ୍କୁ ଦେଖିଛି । କେବଳ ପ୍ରମାଣଟା କିଏ ଆଗ ହାସଲ କରିବ ସେଇକଥା ଥିଲା କଥା ।"

"ତା ହେଲେ ତୁମେ ସେ ବର୍ଣ୍ଣିଶଙ୍କୁ ଆରେଷ୍ଟ କଲ କାହିଁକି ?"

ଟିକିଏ ହସିଦେଇ ବେଯ୍‌ନସ୍ କହିଲେ, "ମୁଁ ନିଶ୍ଚିତଭାବରେ ଜାଣିଥିଲି ଯେ ଏଇ ହେଣ୍ଡରସନ୍ ଲୋକଟା ଜାଣିଥିଲା ତାକୁ ସନ୍ଦେହ କରାଗଲାଣି । ତେଣୁ ଯେତେଦିନଯାଏଁ ତା ଉପରେ ବିପଦ ଅଛି ବୋଲି ସେ ଭାବିବ ସେତେଦିନଯାଏଁ କୁଆଡ଼େ ଖସିଯିବାକୁ ଚେଷ୍ଟାକରିବନାହିଁ । ତା ଉପରେ ଆମର ଆଖି ନାହିଁ ବୋଲି ଧାରଣା ଦେବାକୁ ମୁଁ ଏ ଲୋକଟାକୁ ଆରେଷ୍ଟ କରିଛି । ମୁଁ ଜାଣିଥିଲି ଯେ, ଯା'ଫଳରେ ସେ ପଦାକୁ ବାହାରି କୁଆଡ଼େ ଚାଲିଯିବାକୁ ଚେଷ୍ଟାକରିବ ଆଉ ମିସ୍ ବର୍‌ନେଟ୍‌ଙ୍କୁ ପାଇବାପାଇଁ ଆମକୁ ସୁଯୋଗ ମିଳିଯିବ ।"

ଇନ୍‌ସପେକ୍ଟର୍‌ଙ୍କ କାନ୍ଧଉପରେ ହାତ ରଖି ହୋମ୍‌ସ କହିଲେ, "ତୁମ ବ୍ୟବସାୟରେ ତୁମେ ନିଶ୍ଚୟ ଉନ୍ନତି କରିବ । ତୁମର ଯଥେଷ୍ଟ ଜ୍ଞାନ ଆଉ ଆଗ୍ରହ ଅଛି ।"

ଆନନ୍ଦରେ ଇନ୍‌ସପେକ୍ଟର୍‌ଙ୍କ ମୁହଁ ରଙ୍ଗହୋଇଗଲା । ସେ କହିଲେ, ଜଣେ ସାଦାପୋଷାକଧାରୀ ପୋଲିସ୍‌କୁ ସପ୍ତାହେ ଦେଇ ମୁଁ ଷ୍ଟେସନରେ

Digitized by srujanika@gmail.com

ରଖାଇଥିଲି । ଏଇ ହାଇଗେବ୍ଲ ଲୋକେ ଯୁଆଡ଼େ ଗଲେ ତାଙ୍କ ଉପରେ ନଜର ରଖିବା ହେଲା ତା କାମ । କିନ୍ତୁ ମିସ୍ ବର୍ନେଟ୍ ଯେତେବେଳେ ପଳାଇ ଆସିଲେ ସେତେବେଳେ ସେ ନିଶ୍ଚୟ କିଛି ବଡ଼ ଅସୁବିଧାରେ ପଡ଼ିଯାଇଥିବ । ଯାହାହେଉ, ବେଶ୍ ଭଲକଥା ଯେ ଆପଣଙ୍କ ଲୋକ ତାଙ୍କୁ ନେଇଆସିଛନ୍ତି । ତାଙ୍କ ସାକ୍ଷ୍ୟ ବିନା ଆମେ କାହାକୁ ଆରେଷ୍ଟ କରିପାରିବା ନାହିଁ । ତେଣୁ ଯେତେ ଶୀଘ୍ର ତାଙ୍କ ଜମାନବନ୍ଦୀ ନିଆଯାଏ ସେତେ ଭଲ ।"

ଶିକ୍ଷୟିତ୍ରୀଙ୍କ ଆଡ଼କୁ ଆଖି ବୁଲାଇ ହୋମ୍ସ କହିଲେ, "ଆସ୍ତେ ଆସ୍ତେ ତାଙ୍କର ଶକ୍ତି ଫେରିଆସୁଛି । କିନ୍ତୁ ମୋତେ କୁହ ତ ବେୟିନ୍ସ୍, ଏଇ ହଣ୍ଡର୍‌ସନ୍ ଲୋକଟା କିଏ ?"

ଇନସ୍‌ପେକ୍ଟର୍ ଉତ୍ତର ଦେଲେ, "ହଣ୍ଡର୍‌ସନ୍ ହେଉଛି ଡନ୍‌ମରିଲୋ, ଯାହାକୁ ଏକଦା ସାନ୍‌ପେଡ୍ରୋର ମହାବଳ ବାଘ ବୋଲି କୁହାଯାଉଥିଲା ।"

ସାନ୍‌ପେଡ୍ରୋର ମହାବଳ ବାଘ ! ବିଜୁଳି ଝଲକପରି ଲୋକଟାର ଜୀବନ ଇତିହାସ ମୋ ମନରେ ଖେଳିଗଲା । ଲୋକଟା ଭୀଷଣ କାମୁକ, ଅତ୍ୟାଚାରୀ ଆଉ ରକ୍ତ ପିପାସୁ । ସଭ୍ୟତାର ଦୁହାଇ ଦେଇ ସେ ଲୋକଙ୍କ ଉପରେ ନାନା ଅତ୍ୟାଚାର କରି ଶାସନ କରୁଥିଲା । ସେ ଖୁବ୍ ବଳୁଆ, ନିର୍ଭୀକ ଆଉ କାର୍ଯ୍ୟ ଦକ୍ଷ । ଫଳରେ ସରଳ ଡରୁଆ ଲୋକମାନେ ତାର ଜଘନ୍ୟ କାମ ମୁଣ୍ଡ ପାତି ସହି ନେଉଥିଲେ । ମଧ୍ୟ ଆମେରିକାରେ ତା ନାଁ ଶୁଣିଲେ ଲୋକେ ଭୟରେ ଥରି ଯାଉଥିଲେ । ଏମିତି ସେ ଦଶ ବାର ବର୍ଷ ଶାସନ ଚଳାଇଲା । ତା ପରେ ଚାରିଆଡ଼େ ଲୋକେ ତା ବିରୁଦ୍ଧରେ ମାତି ଉଠିଲେ । କିନ୍ତୁ ସେ ଯେମିତି ନିଷ୍ଠୁର ସେମିତି ଚାଲାକ ଥିଲା ମଧ୍ୟ । ଭବିଷ୍ୟତ ଗଣ୍ଡଗୋଳର ଆଭାସ ପାଇବା ମାତ୍ରେ ସେ ତାର ସବୁ ଧନ ସମ୍ପତ୍ତି ଗୁପ୍ତରେ ଗୋଟେ ଜାହାଜରେ ଲଦି ତାର ବିଶ୍ୱାସୀ କେତେ ଜଣ ଲୋକଙ୍କ ହାତରେ କୁଆଡ଼େ ପଠାଇଦେଲା । ତା ପରଦିନ ଲୋକେ ତା ଘର ଉପରେ ଚଢ଼ାଉକଲେ । କିନ୍ତୁ ସେତେବେଳକୁ ସେ ତାର ଦୁଇପିଲା, ସେକ୍ରେଟାରୀ ଆଉ ଧନସମ୍ପତ୍ତି

Digitized by srujanika@gmail.com

ସବୁ ଖସିପଳାଇଗଲେଣି । ଘଟଣା ଖାଲି । ସେଇଦିନଠୁ ସେ କୁଆଡ଼େ ଊଭେଇଗଲା ।”

ବେସ୍ନସ୍ କହିଲେ, “ହଁ ଆଜ୍ଞା ସେଇ ଡନ୍ମରଲ୍ଲେ, ସାନ୍‌ପେଡ୍ରୋର ମହାବଳ ବାଘ । ଆପଣ ଦେଖିବେ ସାନ୍‌ପେଡ୍ରୋର ପତାକା ଶାଗୁଆ ଆଉ ଧଳାରଙ୍ଗର । ସେଇଆ ଚିଠିରେ ଲେଖାଅଛି, ମିଷ୍ଟର୍ ହୋମ୍ସ । ସେ ନିଜକୁ ହେଣ୍ଡର୍ସନ୍ ବୋଲି ପରିଚୟ ଦେଲା । କିନ୍ତୁ ୮୬ ମସିହାରେ ମୁଁ ପ୍ୟାରିସ୍, ରୋମ୍, ମାଡ୍ରିଡ୍, ବାର୍ସେଲୋନା, ମୁଆଡ଼େ ତା ଜାହାଜ ଗଲା ତା ପିଛା ଧରିଲି । ସେ ଲୋକମାନେ ପ୍ରତିଶୋଧ ନେବାପାଇଁ ବରାବର ତାକୁ ଖୋଜି-ବୁଲିଲେ । କିନ୍ତୁ ଏବେ କେତେ ଦିନ ହେଲା ସେମାନେ ତାର ସନ୍ଧାନ ପାଇପାରିଲେ ।”

ମିସ ବର୍ନେଟ୍ ସେତେବେଳକୁ ଉଠି ବସି ଆମ କଥାବାର୍ତ୍ତା ଖୁବ୍ ମନ ଦେଇ ଶୁଣୁଥାନ୍ତି । ସେ କହିଲେ, “ବର୍ଷେ ତଳେ ସେମାନେ ତାକୁ ଖୋଜି ଠାବ କଲେ । ଥରେ ତାକୁ ମାରିଦେବା ପାଇଁ ଚେଷ୍ଟା କରାଯାଇଥିଲା । କିନ୍ତୁ କୌଣସି ଶୟତାନ ତାକୁ ଘୋଡ଼େଇ ରଖିନେଲା । ଏବେ ବିଚରା ଦୁଃସାହସୀ ଗ୍ରେସିଆ ମରଣ ମୁହଁରେ ପଡ଼ିଲେ ଆଉ ସେ ରାକ୍ଷସଟା ଖସିଗଲା । କିନ୍ତୁ ଆଉ ଜଣେ ଆସିବ, ତା ପରେ ଆଉ ଜଣେ । ଶୟତାନ୍‌ଟାର ଯେପର୍ଯ୍ୟନ୍ତ ଉଚିତ ବିଚାର ନ ହୋଇଛି ସେଯାଏଁ ଜଣକପରେ ଜଣେ ବାହାରିପଡ଼ିବେ । ଏଟା କାଲିର ସୂର୍ଯ୍ୟୋଦୟପରି ନିଶ୍ଚିତ ।” ତାଙ୍କର ପତଳାହାତ ଦି'ଟା ମୁଠା ହୋଇଗଲା ଆଉ ଘୃଣାରେ ତାଙ୍କ ମୁହଁ ଶେତା ପଡ଼ିଗଲା ।

ହୋମ୍ସ ପଚାରିଲେ, “କିନ୍ତୁ ଆପଣ ଏ ମାମଲା ଭିତରକୁ ଆସିଲେ କେମିତି, ମିସ୍ ବର୍ନେଟ୍ ? ଜଣେ ଇଂରେଜ ଭଦ୍ରମହିଳା ଏପରି ଏକ ନରହତ୍ୟା ଯୋଜନାରେ ଯୋଗଦେଲେ କେମିତି ?”

“କାରଣ ନ୍ୟାୟ ପାଇବା ପାଇଁ ଦୁନିଆଁରେ ଏ୍ୟା'ଛଡ଼ା ଆଉ ଅନ୍ୟ ପନ୍ଥା ନାହିଁ । ଅନେକ ବର୍ଷ ତଳେ ସାନ୍‌ପେଡ୍ରୋରେ ଯେଉଁ ରକ୍ତ-ନଈ ବୋହିଗଲା ବା ଲୋକଟା ଯେଉଁ ଜାହାଜଭରା ଧନ-ସମ୍ପତ୍ତି ଲୁଟିଆଣିଲା, ସେ କଥାରେ ଇଂଲଣ୍ଡର ଆଇନ ମୁଣ୍ଡଖେଳାଇବ କାହିଁକି ? ଆପଣମାନଙ୍କ ପାଇଁ ସେ ସବୁ

Digitized by srujanika@gmail.com

ଅପରାଧ ଅନ୍ୟ କେଉଁ ଗ୍ରହରେ ଘଟିଥିଲା ପରି । କିନ୍ତୁ ଆମେ ଅଙ୍ଗେ ନିଭେଇଛୁ । ଆମ ପାଇଁ ଡନ୍ ମରିଲେ ପରି ପିଶାଚ କୌଣସି ନର୍କରେ ବି ନଥିବ । ତା ଅତ୍ୟାଚାରର ଶିକାରମାନେ ପ୍ରତିଶୋଧ ପାଇଁ କରୁଣ ଚିତ୍କାର କରୁଥିବାଯାଏଁ ଆମର ଶାନ୍ତି ନାହିଁ ।"

ହୋମ୍ସ କହିଲେ, "ଆପଣ ଯାହା କହିଲେ ଠିକ୍ ସେଇଆ । ଏଥିରେ ସନ୍ଦେହ ନାହିଁ । କିନ୍ତୁ ଆପଣଙ୍କର କେମିତି କ'ଣ କ୍ଷତି ହେଲା ?"

ମୁଁ ଆପଣଙ୍କୁ ସବୁ କଥା କହିବି—ଯଦି କୌଣସି ଲୋକ ଭବିଷ୍ୟତରେ ତାର ପ୍ରତିଦ୍ୱନ୍ଦ୍ୱୀ ହୋଇପାରେ ବୋଲି ସେ ସନ୍ଦେହ କରେ ତେବେ ନରାଧମଟା କିଛି ନା କିଛି ଆଳ ଦେଖାଇ ତାକୁ ହତ୍ୟା କରେ । ମୋ ସ୍ୱାମୀ ଲଣ୍ଡନରେ ସାନ୍ ପେଡ୍ରୋର ରାଷ୍ଟ୍ରଦୂତ ଥିଲେ । ହଁ, ମୋ ପ୍ରକୃତ ନାଁ ସିଗ୍ନୋରା ଭିକ୍ଟର୍ ଡୁରାଣ୍ଡୋ । ମୋ ସ୍ୱାମୀଙ୍କ ପରି ଭଦ୍ରଲୋକ ଦୁନିଆଁରେ ବିରଳ । ସବୁରି ମୁହଁରେ ତାଙ୍କର ସୁନାମ । ଏ କଥା ଶୁଣି ପିଶାଚଟା ଈର୍ଷାରେ ଜଳିଗଲା । ସେ କିଛି ଗୋଟେ ବାହାନା କରି ତାଙ୍କୁ ସାନ୍ ପେଡ୍ରୋ ଡକାଇନେଇ ଗୁଳିକରି ମାରିଦେଲା । ମୋ ସ୍ୱାମୀ ଗଲାବେଳେ ତାଙ୍କ ମନରେ ସନ୍ଦେହ ଥିଲା । ତେଣୁ ସେ ମୋତେ ସାଥିରେ ନେଇନଥିଲେ । ପରେ ତାଙ୍କ ସମ୍ପତ୍ତି ବାଜ୍ୟାପ୍ତ କରିଦିଆଗଲା । ମୋ ହୃଦୟ ଭାଙ୍ଗିଗଲା । ମୁଁ ଦରିଦ୍ର ଆଉ ଦୟନୀୟ ଅବସ୍ଥାରେ ପଡ଼ିରହିଲି ।

"ତା ପରେ ଏଇ ଅତ୍ୟାଚାରୀ ଶାସକର ପତନ ଆସିଗଲା । ଆପଣ ଏବେ ଯାହା କହିଲେ ସେ ସେଇମିତି ଖସିଆସିଲା । କିନ୍ତୁ ଯେଉଁ ଶହ ଶହ ଲୋକଙ୍କର ଜୀବନ ସେ ନଷ୍ଟକରି ଦେଇଥିଲା, ଯାହାଙ୍କ ଆପଣାର ଲୋକେ ତ ହାତରେ ଅତ୍ୟାଚାରିତ ହୋଇଥିଲେ, ମରିଥିଲେ, ସେମାନେ ସେତିକିରେ ଚୁପ୍ ରହିଲେନାହିଁ । ପ୍ରତିଶୋଧ ନେବାଲାଗି ଗୋଟାଏ ଦଳ ଗଠନ କଲେ । କାମ ହାସଲ ନହେବାଯାଏଁ ସେ ବିଷୟ କିଛି ଜଣାଯିବନାହିଁ । ଆମେ ଶେଷରେ ଜାଣିଲୁ ଯେ, ଏଇ ହେଣ୍ଡରସନ୍ ସେଇ ନରପିଶାଚ । ତା ପରେ କୌଣସି ପ୍ରକାରେ ରହି ତା ଗତିବିଧି ବିଷୟ ଅନ୍ୟମାନଙ୍କୁ ଜଣାଇବା ଭାର ମୋ ଉପରେ ପଡ଼ିଲା । ମୁଁ ତା ପରିବାରରେ ଶିକ୍ଷୟିତ୍ରୀ ଭାବେ ରହି ଏ କାମ

Digitized by srujanika@gmail.com

କରିବାକୁ ସୁବିଧା ପାଇଲି । ଯେଉଁ ନାଗର ସ୍ୱାମୀକୁ ସେ ଦଣ୍ଡକ ଭିତରେ ଶେଷକରି ଦେଇଥିଲି ଯେ ନାଗ ନିଜ ତା ସାମନାରେ ଖାଇବା ଟେବୁଲ ପାଖରେ ବସୁଛି ବୋଲି ସେ ମୋତେ ଜାଣିପାରିଲାନାହିଁ । ମୁଁ ଛଳନା କରି ହସି ହସି ମୋ କାମ କରି ଯାଉଥାଏ । ଥରେ ମ୍ୟାରିସ୍‌ରେ ତାକୁ ଖତମକରି ଦେବା ପାଇଁ ଚେଷ୍ଟା କରାଯାଇଥିଲା । କିନ୍ତୁ ଯୋଜନାଟା ସଫଳ ହୋଇ ପାରିଲା ନାହିଁ । ସେ ତା ପଛରେ ଲାଗିଥିବା ଲୋକଙ୍କ ହାତରୁ ଖସି ଆସିବା ପାଇଁ ଆମକୁ ଧରି ଇଉରୋପରେ ଏଣେ ତେଣେ ବୁଲିଲା । ଶେଷରେ ଆମେ ଏ ଘରକୁ ଆସିଲୁ । ସେ ପ୍ରଥମେ ଇଂଲଣ୍ଡକୁ ଆସିବାକ୍ଷଣି ଏ ଘରଟା କିଣି ନେଇଥିଲା ।

ଏଠି ମଧ୍ୟ ତାର ଶତ୍ରୁରକମାନେ ଅପେକ୍ଷା କରିଥିଲେ । ସେମାନେ ଜାଣି-ଥିଲେ ସେ ନିଶ୍ଚୟ ଏଠିକି ଫେରିବ । ତାଙ୍କ ଭିତରୁ ଗ୍ରେସିଆ ସାନ୍‌ପେଡ୍ରୋର ସବୁଠୁଁ ବଡ଼ ସମ୍ଭ୍ରାନ୍ତ ଲୋକଙ୍କ ପୁଅ । ସେ ଦୁ' ଜଣ ବିଶ୍ୱସ୍ତ ସାଙ୍ଗଙ୍କ ସାଥିରେ ଅପେକ୍ଷା କରିଥିଲେ । ତିନିଜଣଙ୍କ ମନରେ ସେ ପ୍ରତିଶୋଧର ନିଆଁ । ଦିନବେଳେ ସେ କିଛି କରିପାରିଲେନାହିଁ । କାରଣ ମରିଲେ ଖୁବ୍ ସାବଧାନ ଥିଲା । ତା ସେକ୍ରେଟାରୀ ଲୁକାସ୍‌କୁ ସାଥିରେ ନ ଧରି କୁଆଡ଼େ ବାହାରୁ ନ ଥିଲା । ଏ ଲୁଇକାସ୍‌ର ଅନ୍ୟ ନାଁ ଲୋପେଜ୍ । ରାତିରେ କିନ୍ତୁ ସେ ତା ଶୋଇବା ଘରେ ଏକା ଶୋଉ ଥିଲା । ସେଇଠି ପ୍ରତିଶୋଧ ନିଆଯାଇପାରେ । ଦିନେ ସନ୍ଧ୍ୟାର କଥା । ଆଗରୁ କଥାବାର୍ତ୍ତା ହୋଇଥାଏ । ମୁଁ ମୋ ବନ୍ଧୁ ଗ୍ରେସିଆଙ୍କ ପାଖକୁ ଶେଷ ନିର୍ଦ୍ଦେଶ ଲେଖି ପଠାଇଲି । କାରଣ ଲୋକଟା ଖୁବ ହୁସିଆର ଥିଲା ଆଉ ତା ରୁମ୍ ବରାବର ବଦଳି କରୁଥିଲା । ଦରଜାଗୁଡ଼ା ଖୋଲି ରଖିଦେବା, ଆଉ ସବୁ ଠିକ୍ ଥିଲେ ରାସ୍ତାଆଡ଼କୁ ମୁହଁ କରିଥିବା ଗୋଟେ ଝରକା ପାଖରେ ଶାଗୁଆ ବା ଧଳା ଆଲୁଅ ସଙ୍କେତ ଦେବା ଥିଲା ମୋ କାମ ।

"କିନ୍ତୁ ଆମ ଯୋଜନା ସବୁ ବିଗିଡ଼ିଗଲା । କିଛି ନା କିଛି କାରଣରୁ ସେକ୍ରେଟାରୀ ଲୋପେଜ୍ ମୋତେ ସନ୍ଦେହ କଲା । ମୁଁ ଚିଠି ଖଣ୍ଡ ଠିକ୍ ଲେଖି ସାରିଲାବେଳକୁ ସେ ପଛଆଡ଼ୁ ଲୁଚି ଲୁଚି ଆସି ମୋ ଉପରକୁ ଝାମ୍ପି ପଡ଼ିଲା ।

Digitized by srujanika@gmail.com

ଯେ ଆଉ ତା ମାଲିକ ମୋତେ ମୋ ରୁମ୍କୁ ଘୋଷାରି ନେଲେ । ମୋର ବିଶ୍ୱାସଘାତକତାର ବିଗୃର କଲେ । ସେଇଠି ସେଇ ମୁହୂର୍ତ୍ତରେ ସେମାନେ ମୋତେ ହତ୍ୟା କରିପାରିଥାନ୍ତେ; କିନ୍ତୁ ସେଥିରୁ ଖସିଯିବାର ବାଟ ଠିକ୍ କରି ପାରିଲେନାହିଁ । ଶେଷରେ ଅନେକ ଆଲୋଚନା ପରେ ସେମାନେ ଠିକ୍ କଲେ, ମୋତେ ମାରିଦେବାଟା ଖୁବ୍ ବିପଦଜନକ । କିନ୍ତୁ ଗ୍ରେସିଆଙ୍କୁ ସବୁ-ଦିନ ପାଇଁ ସଫାକରିଦେବାକୁ ସେମାନେ ସ୍ଥିର କଲେ । ସେମାନେ ମୋ ମୁହଁ ଚାପି ଧରିଥିଲେ । ମରିଲେ ମୋ ହାତଟାକୁ ଖୁବ୍ ଜୋର୍ରେ ମୋଡ଼ି ପକାଇଲ । ଶେଷରେ ମୁଁ ତାକୁ ଗ୍ରେସିଆଙ୍କ ଠିକଣାଟା କହି ପକାଇଲି । ନିଶ୍ଚୟକରି କହୁଛି, ଯେତେବେଳେ ଯଦି ମୁଁ ବୁଝିପାରିଥାନ୍ତି ଯାହା ଫଳରେ ଗ୍ରେସିଆଙ୍କ ଅବସ୍ଥା କ'ଣ ହେବ, ତେବେ ସେ ହଜାର ଥର ମୋ ହାତ ମୋଡ଼ି ଭାଙ୍ଗିଦେଇଥିଲେ ବି ମୁଁ କିଛି କହିନଥାନ୍ତି । ମୁଁ ଯେଉଁ ଚିଠିଟା ଲେଖିଥିଲି ଲୋପେଜ୍ ତା ଉପରେ ଠିକଣା ଲେଖି ତାକୁ ସିଲ୍କରି ଜଣେ ଗୃକର ହାତରେ ପଠାଇଦେଲା । ସେମାନେ କେମିତି ତାଙ୍କୁ ମାରିଲେ ମୁଁ ଜାଣେନା । କେବଳ ଏତିକି କହିପାରିବି ଯେ, ମରିଲେ ହିଁ ହତ୍ୟା କରିଛି । କାରଣ ଲୋପେଜ୍ ମୋତେ ଜଗି ରହିଥିଲା । ମୁଁ ଭାବୁଛି ଯେ ବୋଧହୁଏ ଗ୍ରାହାକଡ଼ ବୁଦା ଆଡୁଆଳରେ ଲୁଚିରହିଥିଲା । ଗ୍ରେସିଆ ସେଇ ବାଟେ ଆସିଲବେଳେ ତାଙ୍କୁ ପିଟିମାରିଛି । ପ୍ରଥମେ ସେମାନେ ଠିକ୍ କରିଥିଲେ, ଗ୍ରେସିଆ ଘର ଭିତରେ ପଶିଲା ପରେ ତାଙ୍କୁ ଧରି ତସ୍କର ବୋଲି ହତ୍ୟା କରିଥାନ୍ତେ । କିନ୍ତୁ ପୁଣି ଠିକ କଲେ ଯେ, ସେପରି କଲେ ନାନା ଅନୁସନ୍ଧାନ ଚ୍ଳିବ ଆଉ ସେମାନଙ୍କର ପ୍ରକୃତ ପରିଚୟ ଜଣାପଡ଼ିଯିବ । ଭବିଷ୍ୟତରେ ତାଙ୍କ ଉପରେ ପୁଣି ଆକ୍ରମଣ ସମ୍ଭବ ହୋଇଯିବ । କିନ୍ତୁ ଗ୍ରେସିଆଙ୍କୁ ମାରିଦେଲେ ଆଉ କେହି ତାଙ୍କ ପଛରେ ଲାଗିବାକୁ ସାହସ କରିବେ ନାହିଁ ।

ଏବେ ସେମାନଙ୍କର ଆଉ କିଛି ଅସୁବିଧା ନଥିଲା । କିନ୍ତୁ ସେମାନେ ଯାହା କରୁଛନ୍ତି ମୋତେ ଜଣା । ମୋ ପ୍ରାଣଟା ଯେ କୌଣସି ମୁହୂର୍ତ୍ତରେ ଚ୍ଳିଯିବ ବୋଲି ମୋର ମୋଟେ ସନ୍ଦେହ ରହିଲା ନାହିଁ । ମୋତେ ଗୋଟେ ଘରେ ବନ୍ଦୀକରି ରଖାଗଲା ଆଉ ନାନା ପ୍ରକାର ଭୟ ଦେଖାଗଲା । ଧମକ ଚମକ

Digitized by srujanika@gmail.com

ଦେଇ, ନିଷ୍ଠୁର ବ୍ୟବହାର କରି ମୋ ମନବଳ ଭାଙ୍ଗିଦେବାକୁ ଚେଷ୍ଟା-କରାଗଲା । ମୋ କାନ୍ଧରେ ଏଇ ଛୁରିଭୁଷା ଘା' ଆଉ ହାତ ସାରା ଏଇ ଖଣ୍ଡିଆ ଖାବରା ଚିହ୍ନ ସବୁ ଦେଖନ୍ତୁ । ଥରେ ମୁଁ ଝରକାପାଖରେ ଠିଆହୋଇ ପାଟିକରି ଡାକବାକୁ ଯାଉଥିଲି । ସେମାନେ ମୋତେ ମାଡ଼ିବସି ମୋ ମୁହଁରେ ଗୋଟେ ବିଣ୍ଡାମାଡ଼ିଦେଲେ । ଏଇପରି ନିଷ୍ଠୁର ବ୍ୟବହାର ପାଞ୍ଚଦିନଯାଏଁ ଚାଲିଲା । ମୋତେ ପ୍ରାୟ ଖାଇବାକୁ ଦିଅନ୍ତି ନାହିଁ । ଆଜି ଉପରବେଳା ମୋ ପାଇଁ ଖୁବ୍ ଭଲ ଖାଇବା ଜିନିଷ ଅଣାଗଲା । କିନ୍ତୁ ମୁଁ ଠିକ୍ ଖାଇସାରିବା ପରେ ଜାଣିଲି ଯେ, ମୋତେ ନିଶା ଔଷଧ ଦିଆଯାଇଛି । ମୋତେ ସବୁକଥା ସ୍ୱପ୍ନ ପରି ଲାଗୁଥାଏ । ସେମାନେ ମୋତେ ଏକ ରକମ ବୋହିକରି ଗୋଟେ ଗାଡ଼ିପାଖକୁ ନେଇଆସିଲେ । ଠିକ୍ ସେଇପରିଭାବରେ ମୋତେ ଟ୍ରେନ୍‌ଭିତରକୁ ବି ନେଇଗଲେ । ଟ୍ରେନ୍ ଛାଡ଼ିବାପାଇଁ ଠିକ୍ ଠିକ୍ ଗଡ଼ିଲା ବେଳକୁ ହଠାତ୍ ମୁଁ ବୁଝିଲି ମୋ ମୁକ୍ତି ମୋ ହାତରେ । ମୁଁ ବାହାରକୁ ଡେଇଁପଡ଼ିଲି । ସେମାନେ ମୋତେ ପୁଣି ଟାଣି ନେବାକୁ ଚେଷ୍ଟାକଲେ । କିନ୍ତୁ ଏଇ ଭଦ୍ରଲୋକ ମୋତେ ଟାଣି ଆଣି ଗୋଟେ ଗାଡ଼ିଭିତରକୁ ନେଇଆସିଲେ । ତା ନହେଲେ ମୁଁ ଖସିଆସିବା ଅସମ୍ଭବ ହୋଇଥାନ୍ତା । ଏବେ ଭଗବାନଙ୍କ ଦୟାରୁ ମୁଁ ତାଙ୍କ ହାତରୁ ମୁକ୍ତ ।"

ଆମେ ଚୁପ୍‌ଚାପ୍ ବସି ମନଦେଇ ଏ ବିଚିତ୍ର କଥା ଶୁଣୁଥିଲୁ । କାହାରି ମୁହଁରେ କିଛି କଥା ନାହିଁ । ଶେଷରେ ହୋମ୍‌ସ କଥା ଆରମ୍ଭକଲେ । ମୁଣ୍ଡହଲାଇ ସେ କହିଲେ, "ଆମର ଅସୁବିଧା ଶେଷହୋଇନାହିଁ । ଆମର ଅନୁସନ୍ଧାନ କାମ ସରିଗଲା; କିନ୍ତୁ ଆଇନଗତ ବିଚାର କାମ ଅଛି ।"

"ଠିକ୍ କଥା " ମୁଁ କହିଲି । ଏ ଦମ୍ପତ୍ତିଙ୍କୁ ଜଣେ ଦକ୍ଷ ଓକିଲ ଆତ୍ମରକ୍ଷା ବୋଲି ଯୁକ୍ତି ବାଢ଼ି ପାରିବ । ସେମାନେ ଶହ ଶହ ଅପରାଧ କରିଥାଇପାରନ୍ତି । କିନ୍ତୁ ସେଥିପାଇଁ ତାଙ୍କର ବିଚାର ହୋଇପାରିବନାହିଁ । କେବଳ ଏଇ ହତ୍ୟା ଅପରାଧରେ ସେମାନଙ୍କର ବିଚାର ହୋଇପାରେ ।"

ହସି ହସି ବେସ୍କନ୍ କହିଲେ, "ହଉ, ହଉ । ମୁଁ କିନ୍ତୁ ଆଇନ୍ ବିଷୟରେ ଆହୁରି ଭଲ ଚିନ୍ତାକରୁଛି । ଆତ୍ମରକ୍ଷା ଅଲଗା ଜିନିଷ । କିନ୍ତୁ

Digitized by srujanika@gmail.com

ଜଣେ ଲୋକକୁ ମାରିବା ଉଦ୍ଦେଶ୍ୟରେ ଅତର୍କିତଭାବେ ଆକ୍ରମଣକରି ହତ୍ୟା କରିବା ଅଲଗା । ତୁମେ ତାକୁ ଯେତେ ଭୟ କରୁଥିଲେ ବ କିଛି ଯାଏ ଆସେ ନାହିଁ । ନା-ନା, ଦେଖିବେ, ହାଇଗେବଲ୍‌ସର ବାସିନ୍ଦାମାନେ ଅଦାଲତକୁ ଆସିଲେ ଆମ କାମ ଯଥାର୍ଥ ବୋଲି ପ୍ରମାଣିତ ହେବ ।"

ତା ପର କଥା । ସାନ୍‌ପେଡ୍ରୋର୍ ମହାବଳ ବାଘ ଏଡ୍‌ମଣ୍ଡନ୍‌ର ଗୋଟେ ହୋଟେଲ ଭିତରେ ପଶି ପଛ ପାଖେ ବାହାରି କର୍ଜନ ଛକକୁ ଗଲା । ଶେଷରେ ସେ ତା ପଛରେ ଲାଗିଥିବା ଲୋକଙ୍କୁ ଫାଙ୍କିଦେଇ ଚାଲିଗଲା । ସେଇ ଦିନଠୁଁ ସେ ବା ତା ଦଳର କେହି ଇଂଲଣ୍ଡରେ ଆଉ ଦେଖା ଯାଇନାହାଁନ୍ତି । ଛଅମାସ ପରେ ମାଡ୍ରିଡ୍‌ର ଏସ୍‌କୁରିଆଲ୍ ହୋଟେଲ୍‌ରେ ମଣ୍ଟାଲ୍‌ଭାର ମାର୍‌କୁଇସ୍ ଆଉ ତାଙ୍କ ସେକ୍ରେଟାରି ସିଗ୍‌ନର୍‌ରଲିଙ୍କୁ ତାଙ୍କ ରୁମରେ ହତ୍ୟା କରାଯାଇଥିବାର ଦେଖାଗଲା । ଏହାକୁ ଶୂନ୍ୟବାଦୀମାନଙ୍କର କାମ ବୋଲି କୁହାଗଲା । ହତ୍ୟାକାରୀମାନେ କିନ୍ତୁ ଧରା ପଡ଼ିଲେ ନାହିଁ । ସେଦିନ ଇନ୍‌ସ୍‌ପେକ୍ଟର୍ ବେନ୍‌ସ ବେକର ଷ୍ଟ୍ରୀଟ୍‌ରେ ଆସି ପହଞ୍ଚିଲେ । ତାଙ୍କ ହାତରେ ନିହତ ମାର୍‌କୁଇସ୍ ଏବଂ ତାଙ୍କ ସେକ୍ରେଟାରିଙ୍କ ଫଟୋ । ସେ ଦୁହେଁ ସାନ୍ ପେଡ୍ରୋର ମହାବଳ ବାଘ ଆଉ ତା ସେକ୍ରେଟାରି ବୋଲି ମୋଟେ ସନ୍ଦେହ ରହିଲା ନାହିଁ । ଆମେ ଜାଣିଲୁ ବିଳମ୍ବରେ ହେଲେ ମଧ୍ୟ ସେମାନଙ୍କର ନ୍ୟାୟ ବିଚାର ହୋଇଗଲା ।

ଦିନେ ସନ୍ଧ୍ୟାରେ ହୋମ୍‌ସ ଆଉ ମୁଁ ବସିଥାଉ । ପାଇପ୍‌ଟା ଲଗାଇ ସେ କହିଲେ, "କେଶ୍‌ଟା ବଡ଼ ଶୃଙ୍ଖଳାହୀନ ଜିଆଟ୍‌ସନ୍ । ଘଟଣାଟା ଶୃଙ୍ଖଳା ଅନୁସାରେ ପ୍ରକାଶ କରିବା ତୁମ ପକ୍ଷରେ ସମ୍ଭବ ହେବନାହିଁ । କିନ୍ତୁ ତୁମେ ସେପରି ପ୍ରକାଶ କରିବାକୁ ଖୁବ୍ ଭଲପାଅ । ଏଥିରେ ଦୁଇଟା ମହାଦେଶ ଆଉ ଦୁ' ଦଳ ରହସ୍ୟ ଲୋକ ଜଡ଼ିତ । ସବୁଠୁଁ ଜଟିଳ କଥା ହେଲା ଏ କେଶ୍‌ରେ ଅତି ଭଦ୍ର ଆଉ ସଂଭ୍ରାନ୍ତ ସ୍କଟ୍ ଏକ୍ସଲ୍‌ସଙ୍କର ଆବିର୍ଭାବ । ସେଇଥିରୁ ମୁଁ ଜାଣିଲି ଯେ, ମୃତ ଗ୍ରେସିଆ ନିଜକୁ ସନ୍ଦେହ ବାହାରେ ରଖି କିଛି ଗୋଟେ କାମ କରିବାର ଯୋଜନା କରିଥିଲେ । ଉଲ୍ଲେଖନୀୟ ଘଟଣା ହେଲା ଅସ୍ବାବଜର ଘଞ୍ଚ ଜଙ୍ଗଲ ଭିତରୁ ଆମେ ଇନ୍‌ସ୍‌ପେକ୍ଟର୍ ବେନ୍‌ସ୍‌ଙ୍କ

Digitized by srujanika@gmail.com

ସାହାଯ୍ୟରେ କେବଳ ଦର୍କାରୀ ତଥ୍ୟଗୁଡ଼ାକ ଧରିପାରିଲେ ! ତେଣୁ ଠିକ୍ ବାଟରେ ଯାଇପାରିଲେ । ତୁମେ ଭଲଭାବେ ବୁଝିପାରିନଥିବା କିଛି ପଏଣ୍ଟ ଅଛି ?”

“ହଁ, ସେଇ ବର୍ଣ୍ଣସଙ୍କର ବ୍ରାହ୍ମଣିଆ ପୁଣି ଫେରିବାର ଉଦ୍ଦେଶ୍ୟ ?”

“ମୁଁ ଭାବୁଛି, ରୋଷେଇଘରେ ପଡ଼ିଥିବା ସେଇ ବିଚିତ୍ର ଜୀବ ସ୍ୱା'ର କାରଣ । ଲୋକଟା ସାନ୍‌ପେଡ୍ରୋ ଜଙ୍ଗଲର ଆଦିବାସୀ । ସେ ଭୂତ, ପ୍ରେତ ବିଶ୍ୱାସ କରେ । କୌଣସି ପ୍ରେତ ଦ୍ୱାରା କିଛି କାମ କରାଇବା ପାଇଁ ସେ ଏ ଜୀବଟାକୁ ବଳି ଦେଇଥିଲା । ସେ ଆଉ ତା ସାଥିମାନେ ଆଗରୁ ଠିକ୍ ହୋଇଥିବା କୌଣସି ଜାଗାକୁ ଚାଲିଗଲେ । ସେଠି ତାର କେଉଁ ସହକର୍ମୀ ନିଶ୍ଚୟ ଥିବ । ସେଠି ଏ ବଳି କଥା ପଡ଼ିଛି । ତା ସାଥିମାନେ ସେଟାକୁ ଛାଡ଼ି ଚାଲିଯିବାପାଇଁ ତାକୁ ପ୍ରବର୍ତ୍ତାଇଛନ୍ତି । କିନ୍ତୁ ସେଇ ବର୍ଣ୍ଣସଙ୍କରର ମନ ପ୍ରାଣ ସେ ବଳିରେ ଲାଗିରହିଛି । ତେଣୁ ସେ ପରଦିନ ପୁଣି ସେଠାକୁ ଫେରିଛି ଆଉ କନେଷ୍ଟବଳ ୱାଲ୍‌ଟର୍‌ସ୍‌କୁ ଦେଖିଛି । ସେ ଫେରିଯାଇ ତିନିଦିନ ଅପେକ୍ଷା କରିଛି । କିନ୍ତୁ ତାର ଅନ୍ଧବିଶ୍ୱାସ ତାକୁ ପୁଣିଥରେ ସେଠିକି ଟାଣିନେଇଛି । ଇନସ୍‌ପେକ୍ଟର୍ ବେଇନ୍‌ସ୍ ସ୍ୱା'ର ଗୁରୁତ୍ୱ ବୁଝି ସେଇଁ ଫାନ୍ଦ ପକାଇଥିଲେ ଲୋକଟା ସେଥିରେ ପଡ଼ିଛି । ଆଉ କିଛି ବୁଝିବାର ଅଛି ?”

“ରୋଷେଇ ଘରେ ସେଇ ମଲପକ୍ଷୀ, ରକ୍ତ, ପୋଡ଼ାହାଡ଼ ଏ ସବୁ କ ରହସ୍ୟ ?”

ହୋମ୍‌ସ ତାଙ୍କ ନୋଟ୍‌ଖାତାର ଗୋଟେ ପୃଷ୍ଠା ଖୋଲି କହିଲେ, “ସେଇ ପଏଣ୍ଟ ଏବଂ ଆଉ କେତେଟା ପଏଣ୍ଟ ବିଷୟରେ ଜାଣିବା ପାଇଁ ମୁଁ ଧନେ ଏକାଲଓ୍ୱାନ୍‌ଡା ବ୍ରିଟିଶ୍ ମିଉଜିଅମ୍‌ରେ କଟାଇଛି । ଏଇଟି ଡାକିନୀ ବା ଭୂତ, ପ୍ରେତ ବିଶ୍ୱାସ କରୁଥିବା ଧର୍ମ ଆଉ ନିଗ୍ରୋ ଧର୍ମ ଉପରେ ଏକର୍‌ମ୍ୟାନ୍‌ଙ୍କ ଲେଖାର କିଛି ଅଂଶ ।”

ପ୍ରକୃତ ଡାକିନୀ ଉପାସକ ତାର ଦେବତାଙ୍କୁ ସନ୍ତୁଷ୍ଟ କରିବାପାଇଁ କିଛି ବଳି ନ ଦେଇ କୌଣସି ଗୁରୁତ୍ୱପୂର୍ଣ୍ଣ କାମ କରେ ନାହିଁ । ଅତି ଗୁରୁତର କାମରେ ମଣିଷ ବଳି ଦିଆଯାଏ । ତା ପରେ ସେ ମାଂସକୁ ଖିଆଯାଏ ।

Digitized by srujanika@gmail.com

ସାଧାରଣତଃ ଗୋଟେ ଧଳା ଗଣ୍ଡା ବଳି ଦିଆଯାଇଥାଏ । କିଅନ୍ତାରେ ତା ଦେହରୁ ପକ୍ଷୀ ସବୁ ଲୁଚିଦିଆଯାଏ । କିମ୍ବା ଗୋଟେ କଳା ଛେଳିର ବେକକୁ କାଟି ତା ଦେହଟାକୁ ପୋଡ଼ି ଦିଆଯାଏ ।

"ଦେଖ୍, ତୁମେ ଦେଖିଲ ସେଇ ଆଦିବାସୀ ତା'ର ଉପାସନାରେ କେତେ ରକ୍ଷଣଶୀଳ ।" ନୋଟ୍‌ବହିଟାକୁ ବନ୍ଦ କରୁ କରୁ ହୋମ୍‌ସ ପୁଣି କହିଲେ, "ଏହା ବଡ଼ ଅଦ୍‌ଭୁତ, ଓ୍ୱାଟ୍‌ସନ୍ ; ବେଳେ ବେଳେ ମୁଁ କହିଛି ଯେ, ଅଦ୍‌ଭୁତରୁ ଭୟଙ୍କରକୁ ଯିବାକୁ ମାତ୍ର ଗୋଟେ ସୋପାନ ।" ❊ ✳ ❊

Digitized by srujanika@gmail.com

କାଗଜପଟି ବାକ୍ସ

ମୋ ବନ୍ଧୁ ସେର୍‌ଲକ୍ ହୋମ୍‌ସଙ୍କ ମାନସିକ-ଶକ୍ତି ଆଉ ବୁଦ୍ଧି ପ୍ରକାଶ ପାଇଥିବା କେତେକ ଅସାଧାରଣ କେଶ୍ ବାଛିବାରେ ମୁଁ ଯେଉଁ କେଶରେ ରୋମାଞ୍ଚ ଖୁବ୍ କମ୍ ଅଥଚ ତାଙ୍କ ପ୍ରତିଭା ପ୍ରକାଶିତ ହେବାର ସୁଯୋଗ ବେଶି ଅଛି, ତାକୁ ବାଛି ଠିକ୍ କରିବା ପାଇଁ ଯେତେ ଦୂର ସମ୍ଭବ ଚେଷ୍ଟା କରିଛି । ଦୁର୍ଭାଗ୍ୟକୁ ରୋମାଞ୍ଚ ଆଉ ଅପରାଧକୁ ପୂରାପୂରି ଅଲଗା କରିଦେବା ଅସମ୍ଭବ ଆଉ ଜଣେ ଇତିହାସ ଲେଖକ ଦ୍ୱନ୍ଦ୍ୱରେ ପଡ଼ିଯାଏ । ତାକୁ ତା ଲେଖା ପାଇଁ ଆବଶ୍ୟକ ଠିକଣାଠିକି ବିବରଣୀ ଗୁଡ଼ିକ ସମସ୍ୟାର ଗୋଟେ ମିଛ ଧାରଣା ଦେବାକୁ ହୁଏ କିମ୍ବା ଘଟଣାକ୍ରମେ ଯାହା ତଥ୍ୟ ମିଳେ କିଛି ବିଚାର ନ କରି ତାକୁ ଲେଖିବାକୁ ପଡ଼େ । ଏଇ ସାମାନ୍ୟ ଆଭାସଦେଇ ମୁଁ ଏକ ବିଚିତ୍ର ଅଥଚ ଭୟଙ୍କର ଘଟଣାବଳୀ ପ୍ରକାଶ କରିବାକୁ ଯାଉଛି ।

ଅଗଷ୍ଟ ମାସର ଗୋଟେ ଦିନ । ପ୍ରଚଣ୍ଡ ଖରା । ବେକର୍‌ଷ୍ଟ୍ରୀଟ୍ ଗୋଟେ ଚୁଲ୍ଲୀ ପରି ତାତି ଯାଇଥାଏ । ରାସ୍ତା ସେପାଖ ଘରର ହଳଦିଆ ଇଟା କାନ୍ଥରେ ସୂର୍ଯ୍ୟକିରଣ ପଡ଼ି ଚକ୍ ଚକ୍ କରୁଥାଏ । ତେଣେ ଚାହିଁଲାବେଳକୁ ଆଖି ଝଲସି ଯାଉଥାଏ । ଶୀତଦିନର କୁହୁଡ଼ିରେ ଯେଉଁ କାନ୍ଥ ଝାପ୍‌ସା ଦେଖା ଯାଉଥିଲା, ଏ ସେଇ କାନ୍ଥ ବୋଲି ବିଶ୍ୱାସ ହେଉନଥାଏ । ଆମ ଝରକାର ପରଦା ଅଧା ଅଧା ଟଣାହୋଇଥାଏ । ହୋମ୍‌ସ ସୋଫା ଉପରେ ଗଡ଼-ପଡ଼ୁଥାନ୍ତି । ସକାଳ ଡାକରେ ପାଇଥିବା ଖଣ୍ଡେ ଚିଠି ବାରମ୍ବାର ପଢ଼ୁଥାନ୍ତି । ଆଉ ମୋ କଥା । ଅନେକ ଦିନ ଭାରତରେ ଚାକିରି କରି ମୁଁ ଥଣ୍ଡା ଅପେକ୍ଷା ଗରମ ସହିବାରେ ଅଭ୍ୟସ୍ତ ହୋଇଯାଇଥାଏ । ତେଣୁ ନବେ ଡିଗ୍ରୀ ତାପଟା ମୋ ପାଇଁ ମୋଟେ କଷ୍ଟକର ନୁହେଁ । ସେଦିନ ସକାଳର ଖବରକାଗଜରେ ସେମିତି ମନକୁ ପାଇଲା ପରି କିଛି ଖବର ନଥିଲା । ପାର୍ଲିଆମେଣ୍ଟ ଅଧିବେଶନ ଶେଷହୋଇଯାଇଛି । ଅଧିକାଂଶ ଲୋକ ସହର ଛାଡ଼ି ଚାଲିଯାଇଛନ୍ତି । ମୁଁ ମଧ୍ୟ ନିଉ ଫରେଷ୍ଟର ଖୋଲା ପଡ଼ିଆ ବା ଦକ୍ଷିଣ ସମୁଦ୍ରର ତଟକୁ ଯିବାକୁ ମନ

Digitized by srujanika@gmail.com

କରିଥିଲି । କିନ୍ତୁ ମୋର ବ୍ୟାଙ୍କ୍ ଏକାଉଣ୍ଟ ଶୂନ୍ୟ ହୋଇଯାଇଥିଲା । ତେଣୁ ମୋ ଯିବା ବନ୍ଦ କରିଦେଲି । ମୋ ବନ୍ଧୁଙ୍କ କଥା । ମଫସଲ କିମ୍ବା ସମୁଦ୍ର, କାହାରି ତାଙ୍କ ପ୍ରତି ଆକର୍ଷଣ ନଥିଲା । ସେ ପାଞ୍ଚ ଲକ୍ଷ ଲୋକଙ୍କ ମଝିରେ ରହିବାକୁ ଖୁବ୍ ଭଲ ପାଉଥିଲେ । ତାଙ୍କର ସୂକ୍ଷ୍ମ ସୂତ୍ର ସେମାନଙ୍କ ଭିତରେ ବିସ୍ତାଇ ଦେଇ କୌଣସି ଅପରାଧର ସମାଧାନ କରିବାରେ ସେ ଆନନ୍ଦ ପାଉଥିଲେ । ତାଙ୍କର ଅନେକ ଗୁଣ ଭିତରେ ପ୍ରକୃତିର ସୌନ୍ଦର୍ଯ୍ୟ ଉପଭୋଗ କରିବା ସ୍ଥାନ ପାଇଥିଲା । କେବଳ ସହରର ଅପରାଧୀକୁ ଛାଡ଼ି ମଫସଲର ଅପରାଧୀ ଆଡ଼କୁ ମନ ଦେଲା ବେଳେ ସେ ସହରରୁ ମଫସଲ ଯାଉଥିଲେ ।

ଦେଖିଲି କଥାବାର୍ତ୍ତା କରିବାକୁ ହୋମ୍‌ସଙ୍କର ବେଳ ନାହିଁ । ଖବର-କାଗଜଟା କଡ଼କୁ ପକାଇଦେଇ ମୁଁ ଚଉକିରେ ଆଉଜି ବସି ନାନା ଚିନ୍ତାରେ ଲାଗିଲି । ହଠାତ୍ ମୋ ଭାବନା ଭିତରେ ପଶିଲା ପରି ହୋମ୍‌ସ କହି ଉଠିଲେ, "ତୁମେ ଠିକ୍ ଭାବିଛ, ୱାଟସନ୍ । କୌଣସି ଦ୍ୱନ୍ଦ୍ୱର ସମାଧାନ ପାଇଁ ଏହା ଅତି ଅସଙ୍ଗତ ବା ଅଯୁକ୍ତିକର ପନ୍ଥା ପରି ଜଣାପଡ଼ୁଛି ।"

"ଅତି ଅସଙ୍ଗତ !" ମୁଁ କହିଉଠିଲି । ହଠାତ୍ ବୁଝିଲି ମୋ ମନର ଭାବନା ତାଙ୍କ ମୁହଁରୁ ବାହାରିପଡ଼ିଲା । ମୁଁ ବିସ୍ମୟରେ ତାଙ୍କ ଆଡ଼କୁ ବଲବଲ କରି ଚାହିଁ ଚଉକିଟାରେ ବସି ରହିଲି ।

ତାପରେ କହିଲି, "ଏ କ'ଣ ହୋମ୍‌ସ ? ମୁଁ ତ ଏକଥା ମୋଟେ କଳ୍ପନା କରିପାରିନଥିଲି ।"

ସେ ମୋର ବିସ୍ମୟ ଦେଖି ମନବୋଧକରି ହସିଲେ । ତାପରେ କହିଲେ, "ତୁମର ମନେଥିବ କିଛି ଦିନ ଆଗେ ମୁଁ ତୁମ ଆଗରେ ପୋଙ୍କ ଲେଖାର ଗୋଟେ ପାରା ପଢ଼ିଥିଲି । ସେଥିରେ ଥିଲା, ଜଣେ ସୂକ୍ଷ୍ମ ଚିନ୍ତାଶୀଳ ଲୋକ ତା ପାଖରେ ଥିବା ସାଥିର ଅକୁହାମନଭାବ ଜାଣିପାରିବ । ତୁମେ କଥାଟାକୁ ଲେଖକଙ୍କର ଅତିରଞ୍ଜିତ ବର୍ଣ୍ଣନା ବୋଲି ଧରି ନେଇଥିଲ । ମୁଁ ବରାବର ସେ ଅଭ୍ୟାସ କରୁଛି ବୋଲି କହିବାରୁ ତୁମେ କଥାଟା ବିଶ୍ୱାସଯୋଗ୍ୟ ନୁହେଁ ବୋଲି ପ୍ରକାଶ କରିଥିଲ ।"

"ନା-ନା, ମୁଁ ସେକଥା କହି ନାହିଁ ।"

Digitized by srujanika@gmail.com

"ଅବଶ୍ୟ ମୁହଁରେ କହି ନାହଁ; କିନ୍ତୁ ଆଖିରେ କହିଛ । ତେଣୁ ତୁମେ ଯେତେବେଳେ କାଗଜଟା ଫିଙ୍ଗିଦେଇ କିଛି ଭାବିବାରେ ବସିଗଲ ମୁଁ ତୁମ ମନକଥା ଅନୁଧ୍ୟାନ କରି ତୁମ ଭାବନା କ'ଣ ଜାଣିବାର ସୁଯୋଗ ପାଇଗଲି ଆଉ ତୁମ ଚିନ୍ତାଧାରା ଭିତରେ ମୁଁ ପଶିବାର ପ୍ରମାଣ କରିଦେଲି ।

ତଥାପି ମୋ ମନ ବୋଧ ହେଲନାହିଁ । କହିଲି, "ତୁମେ ଯେଉଁ ଉଦାହରଣଟା ପଢ଼ୁଥିଲ ସେଠି ସେ ଚିନ୍ତାଶୀଳ ଲୋକ ଜଣେ ଲୋକର କାର୍ଯ୍ୟକଳାପ ଲକ୍ଷ୍ୟକରି ତାଙ୍କ ସିଦ୍ଧାନ୍ତରେ ପହଞ୍ଚିଥିଲେ । ମୋର ଠିକ୍ ମନେଅଛି; ସେ ଲୋକ ପଥର ଗଦାଟା ଝୁଣ୍ଟିପଡ଼ିଲା, ଆକାଶରେ ତାରାଗୁଡ଼ାକ ଆଡ଼େ ଚାହିଁଲା ଇତ୍ୟାଦି । କିନ୍ତୁ ମୁଁ ତ ଚଉକି ଉପରେ ଚୁପ୍‌ଚାପ୍ ବସିଛି । ତୁମେ କିଛି ସୂତ୍ର ବା ତଥ୍ୟ ପାଇଲ କେମିତି ?"

"ତୁମେ ନିଜ ପ୍ରତି ଅବିଚାର କରୁଛ, ୱାଟ୍‌ସନ୍ । ମଣିଷ ତାର ମନର ଭାବ ପ୍ରକାଶ କରିବା ପାଇଁ ତାକୁ ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ଦିଆଯାଇଛି । ତୁମ ଅଙ୍ଗପ୍ରତ୍ୟଙ୍ଗ ସେଥିରୁ ବାଦ୍ ଯାଇନାହିଁ ।"

"ତୁମେ ତେବେ କହୁଛ, ମୋର ଅଙ୍ଗପ୍ରତ୍ୟଙ୍ଗ ଭାବଭଙ୍ଗୀରୁ—ତୁମେ ମୋର ଚିନ୍ତାଧାରା ଜାଣିପାରିଛ ?"

"ହଁ, ତୁମର ଅଙ୍ଗପ୍ରତ୍ୟଙ୍ଗ । ବିଶେଷତଃ ତୁମ ଆଖି । ତୁମର ଚିନ୍ତାଧାରା କେମିତି ଆରମ୍ଭ ହେଲା ତୁମେ ବୋଧହୁଏ ମନେକରି କହିପାରିବନାହିଁ ।"

"ନାଁ, ମୁଁ କହିପାରିବିନାହିଁ ।"

"ତାହେଲେ ମୁଁ ତୁମକୁ କହୁଛି । ତୁମେ କାଗଜଟା ଫିଙ୍ଗିଦେଲ । ଫଳରେ ମୋର ଲକ୍ଷ୍ୟ ତୁମ ଆଡ଼କୁ ଟାଣି ହୋଇଗଲା । ତାପରେ ତୁମେ ଅଧ ମିନିଟିଏ ଚିନ୍ତାଶୂନ୍ୟ ଭାବରେ ବସିଗଲ । ତାପରେ ଜେନେରାଲ୍ ଗର୍ଡନଙ୍କର ଯେଉଁ ଫଟୋଟା ତୁମେ ଏବେ ବନ୍ଧାଇଛ ତା ଉପରେ ତୁମର ଦୃଷ୍ଟି ପଡ଼ିଲା । ତୁମ ମୁହଁର ଭାବର ପରିବର୍ତ୍ତନରୁ ଜାଣିଲି ତୁମ ମନରେ ଗୋଟାଏ ଚିନ୍ତାଧାରା ଆରମ୍ଭ ହୋଇଛି । କିନ୍ତୁ ସେଟା ବେଶି ଦୂର ଗଲା ନାହିଁ । ତୁମ ବହି ଉପରେ ଅବନ୍ଧା ଅବସ୍ଥାରେ ଥିବା ହେନେରୀ ୱାର୍ଡ଼ ବିଚାରଙ୍କ ଛବି ଉପରେ ତୁମର ଆଖିପଡ଼ିଲା । ତାପରେ ତୁମେ କାନ୍ଥଆଡ଼େ ଚାହିଁଲ ।

Digitized by srujanika@gmail.com

ସେ ଗୃହାଣୀର ଅର୍ଥ ବେଶ୍ ପରିଷ୍କାର ଜଣା ପଡ଼ିଗଲା । ତୁମେ ଭାବିଲ ଯଦି ଛବିଟା ବନ୍ଧା ହୋଇଥାନ୍ତା ତେବେ ଗର୍ଡନଙ୍କ ଛବି ପାଖରେ ଥିବା କାନ୍ଥର ଖାଲି ଜାଗାରେ ରଖାଗଲେ ବେଶ୍ ସୁନ୍ଦର ହୁଅନ୍ତା ।"

ମୁଁ କହି ଉଠିଲି, "ତୁମେ ଚମତ୍କାରଭାବେ ମୋ ଚିନ୍ତାଧାରା ଜାଣିପାରିଛ, ହୋମ୍ସ ।"

"ଏ ପର୍ଯ୍ୟନ୍ତ ମୁଁ କେବେ ଦଣା ହୋଇ ନଥିବି । ତାପରେ ତୁମର ଭାବନା ପୁଣି ବିଚର୍ଙ୍କ ଆଡ଼କୁ ଗ୍ଲଲଗଲା । ତୁମେ ସେଇଆଡ଼େ ଅପଲକ ଆଖିରେ ଗ୍ହିଁରହିଲ । ଯେତେ ଯେମିତ ତୁମେ ତାଙ୍କ ଭାବଭଙ୍ଗୀରୁ ତାଙ୍କ ଚରିତ୍ର ବିଶ୍ଳେଷଣ କରୁଥିଲ । ତାପରେ ତୁମ ଆଖି କୁଞ୍ଚନ ବନ୍ଦ ହୋଇଗଲା । କିନ୍ତୁ ତୁମେ ସେମିତ ଗ୍ହିଁରହିଲ ଆଉ ତୁମ ମୁହଁରେ ଚିନ୍ତାର ରେଖା ଦେଖା-ଗଲା । ତୁମେ ବିଚର୍ଙ୍କ ଜୀବନର ଘଟଣ ସବୁ ମନେପକାଉଥିଲ । ମୁଁ ଭଲଭାବେ ଜାଣିଥିଲି ବିଚର୍ଙ୍କ କଥା ଭାବିବା ସଙ୍ଗେ ସଙ୍ଗେ ସେ ସିଭିଲ-ଊଆର୍ ବେଳେ ଉତ୍ତରାଞ୍ଚଳ ପାଇଁ ଯେଉଁ କାମରେ ନିଯୁକ୍ତ ଥିଲେ ତା ମଧ୍ୟ ତୁମେ ଭାବୁଥିଲ । ଆମ ଲୋକେ ତାଙ୍କୁ ଯେମିତଭାବେ ଗ୍ରହଣ କଲେ, ସେଥିପାଇଁ ତୁମେ ତୁମର ଘୃଣା ଆଉ କ୍ରୋଧ ପ୍ରକାଶ କରିବା ମୋର ମନେ-ଅଛି । ଟିକଏ ପରେ ଦେଖିଲି ତୁମ ଆଖି ଛବି ଉପରୁ ଗ୍ଲଆସିଛି । ତୁମର ଭାବନା ସେଇ ସିଭିଲ୍ଊଆର୍ ଆଡ଼କୁ ଗ୍ଲଯାଉଛି ବୋଲି ମୋର ସନ୍ଦେହ ହେଲା । ଯେତେବେଳେ ଦେଖିଲି ତୁମର ଓଠ ଚୁପି ହୋଇଯାଇଛି, ହାତ ମୁଠା ହୋଇଛି ଆଉ ଆଖି ଧପ୍‌ଧପ କରୁଛି, ମୁଁ ନିଶ୍ଚିତଭାବେ ଜାଣିଲି ତୁମେ ସେ ଯୁଦ୍ଧରେ ଉଭୟ ପକ୍ଷର ସାହସ ଆଉ ବୀରତ୍ୱ କଥା ଚିନ୍ତା କରୁଛ । ତାପରେ ତୁମ ମୁହଁରେ ଦୁଃଖର ଚିହ୍ନଦେଖାଗଲା ଆଉ ତୁମେ ମୁଣ୍ଡ ହଲାଇଲ । ତୁମେ ସେ ଯୁଦ୍ଧରେ ଅକାରଣ ଏତେ ଲୋକ ମରିବା, ଯୁଦ୍ଧର ଧ୍ୱଂସଲୀଳା ଆଉ ଦୁଃଖଜନକ ଚିନ୍ତାକଲ । ତୁମ ନିଜ ଦେହର ପୁରୁଣା କ୍ଷତ ଆଡ଼କୁ ତୁମ ହାତ ଗ୍ଲଗଲା ଆଉ ତୁମ ମୁହଁରେ ସାମାନ୍ୟ ହସ ଦେଖାଗଲା । ଏମିତ ହାସ୍ୟାସ୍ପଦ ଓ ଅସଙ୍ଗତ ବାଟରେ ଆନ୍ତର୍ଜାତିକ ସମସ୍ୟାର ସମାଧାନ କଥା ତୁମ ମନରେ ପ୍ରବେଶ କଲା । ଏତିକିବେଳେ ତୁମ ଭାବନା ନିହତ

Digitized by srujanika@gmail.com

ମୁଁ ଏକମତ ହୋଇ କହିଲି, "ଏହା ଅସଙ୍ଗତ, ଆଉ ଜାଣି ଖୁସି ହେଲି ଯେ, ମୋ ବିଶ୍ଳେଷଣ ଠିକ୍ ।"

"ହଁ, ପୂରାପୂରି ଠିକ୍ । ଏବେ ତୁମେ ଏକଥା ବୁଝାଇଲା ପରେ କି ମୁଁ ପୂର୍ବପରି ବିସ୍ମିତ ବୋଲି ସ୍ୱୀକାର କରୁଛି ।"

"ସତ କହୁଛି ୱାଟ୍‌ସନ୍, କଥାଟା କହିବାର ପ୍ରୟୋଜନ ନ ଥିଲା । ସେଦିନ ତମେ ଅବିଶ୍ୱାସ ଭାବ ଦେଖାଇ ନ ଥିଲେ ମୁଁ ତୁମ ଭାବନା ଭିତରେ ପଶିନଥାନ୍ତି । ଗୁଡ଼୍, ସେ କଥା । ଏବେ ମୋ ହାତରେ ଗୋଟେ ରହସ୍ୟ ଆସି ପହଞ୍ଚିଛି । ସେଟା ହୁଏତ ଆହୁରି କଠିନ ବୋଲି ପ୍ରମାଣିତ ହୋଇପାରେ । ଖବରକାଗଜରେ ଗୋଟେ ସମ୍ବାଦ ତୁମେ ଲକ୍ଷ୍ୟ କରିଛ ? ଖବରଟା କ୍ରସ୍‌ଡନ୍, କ୍ରସ୍‌ଷ୍ଟ୍ରୀଟ୍‌ର ମିସ୍ କୁସିଙ୍ଗଙ୍କ ପାଖକୁ ଡାକରେ ଆସିଥିବା ଗୋଟେ ପ୍ୟାକେଟ୍ ଆଉ ତା ଭିତରେ ଥିବା ଉଲ୍ଲେଖଯୋଗ୍ୟ ଜିନିଷ ବିଷୟରେ ।"

"ନା, ମୁଁ ସେ ଖବର ଦେଖିନାହିଁ ।"

"ତୁମେ ତାହେଲେ ସେଆଡ଼େ ନଜର ଦେଇନାହଁ । କାଗଜଟା ମୋ ଆଡ଼କୁ ଦିଅ । ଏଇଠି ସେ ଖବରଟା । ନିଅ, ଆଉ ବଡ଼ ପାଟିରେ ପଢ଼ ।"

ସେ କାଗଜଟା ମୋ ଆଡ଼କୁ ପକାଇଦେଲେ । ମୁଁ ନେଇ ସେ ଯେଉଁ ପାରାଗ୍ରାଫ୍‌ଟା ଦେଖାଇଥିଲେ ସେଟା ପଢ଼ିଲି । ଶିରୋନାମାରେ ଲେଖାଥିଲା— "ଏକ ଭୟାବହ ବୀଭତ୍ସ ପ୍ୟାକେଟ୍ ।"

"ଗତ କାଲି ଉପରବେଳା ଦୁଇଟା ସମୟରେ ପୋଷ୍ଟମ୍ୟାନ୍ ଗୋଟେ ପ୍ୟାକେଟ୍ କ୍ରସ୍‌ଡନ୍‌ର କ୍ରସ୍‌ଷ୍ଟ୍ରୀଟ୍‌ରେ ରହୁଥିବା ମିସ୍ ସୁଜାନ୍ କୁସିଙ୍ଗ୍‌ଙ୍କୁ ଦେଲା । ଭିତରେ ବୁଢ଼ାପଟିର ଗୋଟେ ବାକ୍ସ ଥିଲା । ତା ଭିତରେ ଗୁଡ଼ାଏ ଲୁଣ ଭର୍ତ୍ତି ହୋଇଥିଲା । ମିସ୍ କୁସିଙ୍ଗ୍ ଲୁଣଗୁଡ଼ା ବାହାରକରିଦେଲାପରେ ଭୟରେ ଥରି ଉଠିଲେ । ଦେଖିଲେ ତା ଭିତରେ ଦୁଇଟା ମଣିଷ କାନ । ସେ ଦି'ଟା ଖୁବ୍ ନିକଟରେ କଟାଯାଇଛି । ବାକ୍ସଟା ତା ପୂର୍ବଦିନ ସକାଳେ ବେଲ୍‌ଫାଷ୍ଟ ଡାକଘରୁ ପାର୍ଶଲ କରାଯାଇଛି । ପଠାଇବା ଲୋକର କିଛି ସୂଚନା ନାହିଁ । ମିସ୍ କୁସିଙ୍ଗ୍ ପଚାଶ ବର୍ଷ ବୟସର ଅବିବାହିତା ନାରୀ । ସେ ନିରୋଳାରେ ରହନ୍ତି । ତାଙ୍କର ପରିଚିତ ବନ୍ଧୁବାନ୍ଧବ ପ୍ରାୟ ନାହାନ୍ତି । ତେଣୁ ଡାକରେ

Digitized by srujanika@gmail.com

ମଧ୍ୟ ତାଙ୍କ ପାଖକୁ ଚିଠିପତ୍ର କିଛି ପ୍ରାୟ ଆସେ ନାହିଁ । ତେଣୁ ଏ ଘଟଣାଟା ବେଶି ରହସ୍ୟମୟ ହୋଇଉଠିଛି । ଏ ଘଟଣାରେ କୌଣସି ଦୁରଭିସନ୍ଧି ଥିବା ପ୍ରମାଣିତ ନହେଲେ ଏହାକୁ ଏକ ରହସ୍ୟ (ଥଟ୍ଟା) ବୋଲି ଧରି ନେବାକୁ ହେବ । କେତେ ବର୍ଷ ତଳେ ମିସ୍ କୁସିଙ୍ଗ ପେନଜ୍‌ରେ ରହୁଥିଲେ । ସେ ତାଙ୍କ ଘରର କିଛି ଅଂଶ ତିନି ଜଣ ଡାକ୍ତରୀ ଛାତ୍ରଙ୍କୁ ଭଡ଼ାରେ ଦେଇ-ଥିଲେ । କିନ୍ତୁ ସେମାନେ ନାନା ଗଣ୍ଡଗୋଳ କରିବାରୁ ସେ ତାଙ୍କୁ ବିଦା କରିଦେଲେ । ପୋଲିସର ମତ ସେମାନଙ୍କର ମିସ କୁସିଙ୍ଗଙ୍କ ଉପରେ ରାଗ ଥିଲା । ତେଣୁ ସେମାନେ ପ୍ରତିଶୋଧ ନେବା ପାଇଁ ତଥା ମିସ୍ କୁସିଙ୍ଗଙ୍କୁ ଭୟଭୀତ କରାଇବା ପାଇଁ ଏଇ କାମ କରିଥାଇପାରନ୍ତି । ଏମାନଙ୍କ ଭିତରୁ ଜଣେ ଉତ୍ତର ଆୟର୍‌ଲଣ୍ଡ୍‌ର ଆଉ ବେଲ୍‌ଫାଷ୍ଟର ବୋଲି ମିସ୍ କୁସିଙ୍ଗଙ୍କର ଦୃଢ଼ ବିଶ୍ୱାସ । ତେଣୁ ସେମାନେ ଏ କାମ କରିଥିବାର ସମ୍ଭାବନା ଖୁବ୍ ବେଶି । ଏ ଭିତରେ ଆମର ଦକ୍ଷ ଡିଟେକ୍‌ଟିଭ୍ ଲେସ୍‌ଟ୍ରେଡ୍ ଘଟଣାର କିଛିଟା ଅନୁସନ୍ଧାନ କରିଛନ୍ତି । ସେ ଏ କେଶର ଦାୟିତ୍ୱରେ ଅଛନ୍ତି ।"

ମୁଁ ପଢ଼ି ସାରିବା ପରେ ହୋମ୍‌ସ କହିଲେ, "ଏ ହେଲା ଖବରକାଗଜର ସମ୍ବାଦ । ଏଥର ଆମ ବନ୍ଧୁ ଲେସ୍‌ଟ୍ରେଡ୍, ଆଜି ସକାଳେ ମୁଁ ତାଙ୍କଠାରୁ ଖଣ୍ଡେ ଚିଠି ପାଇଛି । ସେ ଲେଖିଛନ୍ତି :

"ମୁଁ ଭାବୁଛି କେଶ୍‌ଟା ତୁମ ପାଇଁ ଉପଯୁକ୍ତ । ଘଟଣାଟାକୁ ପରିଷ୍କାର କରିପାରିବାର ଆଶା ଆମର ଅଛି; କିନ୍ତୁ ଆମର ଗୋଟିଏ ଅସୁବିଧା ହେଲା, କେଉଁ ସିଦ୍ଧାନ୍ତ ଉପରେ ନିର୍ଭର କରି କାମ ଆରମ୍ଭ କରିବୁ । ଆମେ ଅବଶ୍ୟ ବେଲ୍‌ଫାଷ୍ଟ ଡାକଘରକୁ ଟେଲିଗ୍ରାମ୍ କରିଥିଲୁ । ସେଦିନ ଅନେକ ଗୁଡ଼ାଏ ପାର୍ଶଲ ଡାକଘରକୁ ଆସିଥିଲା । ତେଣୁ ଏଇ ନିର୍ଦ୍ଦିଷ୍ଟ ପ୍ୟାକେଟ୍‌ଟା ଚିହ୍ନିବା କିମ୍ବା ପଠାଇବା ଲୋକକୁ ମନେରଖିବା ସମ୍ଭବ ହୋଇନାହିଁ । ବାକ୍‌ସଟା ସାଧାରଣ ଅଧ ପାଉଣ୍ଡିଆ ବାକ୍‌ସ । ତେଣୁ ଆମେ ସେଥିରୁ କିଛି ସାହାଯ୍ୟ ପାଇବାର ନାହିଁ । ସେଇ ଡାକ୍ତରୀ ଛାତ୍ର ତଥ୍ୟଟା ଖୁବ୍ ସମ୍ଭବ ବୋଲି ମୋର ମନେ-ହୁଏ । କିନ୍ତୁ ତୁମେ ଯଦି କେତେ ଘଣ୍ଟା ସମୟ ଦେଇପାରନ୍ତ ମୁଁ ବିଶେଷ ସୁଖୀ ହୁଅନ୍ତି । ମୁଁ ସାରାଦିନ ଘରେ ବା ଥାନାରେ ଥିବି ।"

Digitized by srujanika@gmail.com

"କ'ଣ କହୁଛ, ୱାଟ୍‌ସନ୍ ? ତୁମେ ଏ ପ୍ରବଳ ଗରମ ସହ୍ୟ ମୋ ସାଥିରେ ନରଉଡ଼୍ ଯାଇପାରିବ ? ତୁମର ଲେଖା ପାଇଁ ଆଉ ଗୋଟେ କେସ୍ ପାଇଯିବ ।"

"ମୁଁ ତ କିଛି କାମ କରିବା ପାଇଁ ବଡ଼ ବ୍ୟସ୍ତ ହେଉଥିଲି ।"

ତା ହେଲେ ତୁମେ କାମ ପାଇଯିବ । ଗୋଟେ ଗାଡ଼ି ବରାଦ କର । ମୁଁ ମୋ ପୋଷାକ ବଦଳେଇ ସିଗାରେଟ୍ କେଶ୍‌ଟା ଭର୍ତ୍ତିକରି ଏଇକ୍ଷଣି ଆସୁଛି ।"

ଆମେ ଟ୍ରେନରେ ଗଲାବେଳେ ଅସରାଏ ବର୍ଷା ହୋଇଗଲା । ଲଣ୍ଡନ ସହର ତୁଳନାରେ ନରଉଡ଼୍‌ରେ ଗରମ ଢେର କମ୍ । ହୋମ୍‌ସ ଆଗରୁ ଟେଲିଗ୍ରାମ୍ କରିଥିଲେ । ତେଣୁ ଲେଷ୍ଟ୍ରେଡ୍ ଷ୍ଟେସନରେ ଆମକୁ ଅପେକ୍ଷା କରିଥିଲେ । ସେଠୁ ଆମେ ଚାଲି ଚାଲି ଗଲୁ । ପାଞ୍ଚ ମିନିଟ୍‌ରେ ନସ୍ ଷ୍ଟ୍ରୀଟ୍‌ରେ ପହଞ୍ଚିଲୁ । ନସଷ୍ଟ୍ରୀଟ୍‌ଟା ଖୁବ୍ ଲମ୍ବା । ଇଟାର ଦୋ-ମହଲା ଘର ସବୁ ବେଶ୍ ପରିଷ୍କାର । ଠାଏଁ ଠାଏଁ କେତେକ ସ୍ତ୍ରୀଲୋକ ଦରଜା ପାଖରେ ଠିଆହୋଇ ଗପସପ କରୁଥାନ୍ତି । ଅଧା ବାଟରେ ଲେଷ୍ଟ୍ରେଡ୍ ଅଟକିଲେ ଆଉ ଗୋଟେ ଦରଜାରେ ଠକ୍ ଠକ କଲେ । ଜଣେ ଚାକରାଣୀ ପିଲା ଦରଜା ଖୋଲିଦେଲା । ମିସ୍ କୁସିଙ୍ଗ୍ ସାମନା ଘରଟାରେ ବସିଥିଲେ । ଆମେ ସେଠିକି ଗଲୁ । ତାଙ୍କର ମୁହଁ ଖୁବ୍ ଶାନ୍ତ, ଆଖି ଦୁଇଟା ବଡ଼ ବଡ଼, ମୁଣ୍ଡର ବାଳ କୁଞ୍ଚୁକୁଞ୍ଚିଆ ।

ଲେଷ୍ଟ୍ରେଡ୍ ଘର ଭିତରକୁ ଯିବା ମାତ୍ରେ ସେ କହିଲେ, "ସେଇ ଭୟଙ୍କର ଜିନିଷଗୁଡ଼ା ବାହାର ଘରେ ଅଛି । ଆପଣ ସେଗୁଡ଼ା ଏଠୁ ନେଇଯାଆନ୍ତୁ ।"

"ମୁଁ ନେଇଯିବି ମିସ୍ କୁସିଙ୍ଗ୍ । ମୋ ବନ୍ଧୁ ମିଷ୍ଟର୍ ହୋମ୍‌ସ ଆପଣଙ୍କ ଉପସ୍ଥିତିରେ ସେଗୁଡ଼ା ଦେଖିବେ ବୋଲି ମୁଁ ତାକୁ ଏଠି ରଖିଥିଲି ।"

"କିନ୍ତୁ ମୋ ଉପସ୍ଥିତିରେ କାହିଁକି ?"

"କାଳେ ସେ ଆପଣଙ୍କୁ କିଛି ପଚାରି ପାରନ୍ତି ।"

"ମୋତେ ପ୍ରଶ୍ନ ପଚାରି ଲାଭ କ'ଣ ? ମୁଁ ଆପଣଙ୍କୁ କହୁଛି, ଏ ବିଷୟରେ ମୁଁ କିଛି ଜାଣେ ନାହିଁ ।"

ହୋମ୍‌ସ ଖୁବ୍ କଅଁଳସ୍ୱରେ କହିଲେ, "ତା ସତ ମାଡ଼ାମ୍ । ଆପଣ ଏ ଧନ୍ଦାରେ ଯଥେଷ୍ଟ ବିରକ୍ତ ହୋଇଗଲେଣି ବୋଲି ମୋର ସନ୍ଦେହ ନାହିଁ ।"

Digitized by srujanika@gmail.com

"ପ୍ରକୃତରେ ମୁଁ ବଡ଼ ବ୍ୟସ୍ତ ହୋଇଗଲିଣି । ମୁଁ ମୋର ଏକା ଏକା ନରୱେଲାରେ ରହେ । ମୋ ନାଁ ଖବରକାଗଜରେ ବାହାରିବା ଆଉ ମୋ ଘରକୁ ପୋଲିସ ଆସିବା ମୋ ପାଇଁ ଏକାବେଳକେ ନୂଆ, ମିଷ୍ଟର୍ ଲେସ୍‌ଟ୍ରେଡ୍ । ଆପଣ ଯଦି ସେଗୁଡ଼ା ଦେଖିବାକୁ ଚାହାଁନ୍ତି ତେବେ ବାହାର ଘରେ ଅଛି ।"

ଘର ପଛ ପାଖ ଅଣଓସାରିଆ ବଗିଚା ଭିତରେ ବଖରେ ଛୋଟ ଘର । ଲେସ୍‌ଟ୍ରେଡ୍ ଭିତରକୁ ଯାଇ ଗୋଟେ ହଳଦିଆ ବାକ୍‌ସ, ଖଣ୍ଡେ ମାଟିଆ କାଗଜ ଆଉ କିଛି ସରୁ ଦଉଡ଼ି ନେଇ ଆସିଲେ । ବଗିଚା ରାସ୍ତା ମୁଣ୍ଡରେ ଗୋଟେ ବେଞ୍ଚ ପଡ଼ିଥିଲା । ଆମେ ସେଇଠି ବସିଗଲୁ । ହୋମ୍‌ସ ଜିନିଷଗୁଡ଼ା ଲେସ୍‌ଟ୍ରେଡ୍‌ଙ୍କ ହାତରୁ ଗୋଟି ଗୋଟି କରି ନେଇ ପରୀକ୍ଷା କଲେ । ଦଉଡ଼ିଟାକୁ ଆଲୁଅ ଆଡ଼କୁ ଧରି ଆଉ ଟିକିଏ ଶୁଙ୍ଘି ସେ କହିଲେ, "ଏଇଟା ବେଶ୍ ଗୁରୁତ୍ୱପୂର୍ଣ୍ଣ । ତୁମେ ଏ ଦଉଡ଼ିକୁ କ'ଣ ଜାଣିଛ, ଲେସ୍‌ଟ୍ରେଡ୍ ?"

"ଏଟାରେ ରାଳ ବୋଳା ହୋଇଛି ।"

"ହଁ, ସେଇଆ । ଏଟା ଗୋଟେ ରାଳ ବୋଳା ବଳା-ଦଉଡ଼ି । ତୁମେ ମଧ୍ୟ କହିଥିଲ, ମିସ୍ କୁସିଙ୍ଗ୍ ଗୋଟେ କଇଁଚିରେ ଦଉଡ଼ିଟା କାଟିଛନ୍ତି । ଦଉଡ଼ିର ଦ' ମୁଣ୍ଡରୁ ସେଟା ବି ଜଣାଯାଉଛି । ଏଟା ବି ଖୁବ୍ ଗୁରୁତ୍ୱପୂର୍ଣ୍ଣ ।"

"ତାର ଗୁରୁତ୍ୱ କ'ଣ ମୁଁ କିଛି ଦେଖିପାରୁନାହିଁ ।"

"ଗୁରୁତ୍ୱ ହେଲା ଏଇ ଯେ, ଦଉଡ଼ିର ଗଣ୍ଠିଟା ନିଖୁଣ ଅଛି ଆଉ ଏ ଗଣ୍ଠିଟା ସାଧାରଣ ଗଣ୍ଠି ନୁହେଁ ।"

ଲେସ୍‌ଟ୍ରେଡ୍ କିଛିଟା ଆତ୍ମ-ସନ୍ତୋଷ ପାଇଲା ପରି କହିଲେ, "ଏଟା ବେଶ୍ ଚିକ୍‌କଣ ଭାବେ ବନ୍ଧାହୋଇଛି । ମୁଁ ସେକଥା ନୋଟ୍‌କରି ରଖିଛି ।"

ଅଳ୍ପ ହସି ହୋମ୍‌ସ କହିଲେ, "ସେତ ଗଲା ଦଉଡ଼ି କଥା । ଏଥର ବାକ୍‌ସ ଉପରେ ଗୁଡ଼ା ହୋଇଥିବା କାଗଜ କଥା । ମାଟିଆ କାଗଜ, ସେଥିରେ କଫି ଗନ୍ଧ ବେଶ୍ ପରିଷ୍କାର ଜଣାଯାଉଛି । ତୁମେ ସେଟା ଲକ୍ଷ୍ୟକରିନାହଁ ? ମୁଁ ଭାବୁଛି ସେଥିରେ କିଛି ସନ୍ଦେହ ନାହିଁ । ଠିକଣାଟା ବଙ୍କାଟଙ୍କା ଭାବେ ଲେଖା । ଗୋଟେ ମୋଟା କଲମରେ ଲେଖା ହୋଇଛି । ସ୍ୟାହିଟା ବି

Digitized by srujanika@gmail.com

ବାଜେ ସ୍ୟାହି । ହସ୍ତଡନ୍ ଶବ୍ଦଟା ଭୁଲଥିଲା ଆଉ ପରେ ତାକୁ ସଂଶୋଧନ କରାଯାଇଛି । ପାର୍ଶଲ୍‌ଟା ଜଣେ ପୁରୁଷ ପାଖରୁ ଆସିଛି । କାରଣ ଠିକଣାଟା ପୁରୁଷହାତର ଲେଖା । ସେ ବିଶେଷ ଶିକ୍ଷିତ ନୁହେଁ ଏବଂ ହସ୍ତଡନ୍ ସହର ସାଥିରେ ପରିଚିତ ନୁହେଁ । ବେଶ୍, ଠିକ୍ ଅଛି । ବାକ୍‌ସଟାର ରଙ୍ଗ ହଳଦିଆ ଆଉ ଅଧପାଉଣ୍ଡିଆ ବାକ୍‌ସ । ସେଥିରେ ସେମିତି ଉଲ୍ଲେଖଯୋଗ୍ୟ କିଛି ନାହିଁ । କେବଳ ତଳ ବାଁପାଖ କଣରେ ଦୁଇଟା ଟିପ ଚିହ୍ନ । ସେଥିରେ ଖଦଡ଼ା ବାଜେ ଲୁଣ ଭର୍ତ୍ତି ହୋଇଛି । ଏ ପ୍ରକାର ଲୁଣ କଞ୍ଚାଚମଡ଼ାକୁ ସାଇତି ରଖିବାରେ ଆଉ ସେଇପରି ଅନ୍ୟ ବାଜେ କାମରେ ବ୍ୟବହୃତ ହୁଏ । ଆଉ ତା ଭିତରେ ଏଇ ଅସାଧାରଣ ଜିନିଷ ।”

କଥା କହୁ କହୁ ସେ କାନ ଦୁ'ଟା ବାହାରକରି ଆଣିଲେ । ଆଣ୍ଠୁଉପରେ ଖଣ୍ଡେ ପଟାପକାଇ ସେ କାନ ଦୁ'ଟାକୁ ଟିକିନିଖିକରି ପରୀକ୍ଷାକଲେ । ଲେସ୍‌ଟ୍ରେଡ୍ ଆଉ ମୁଁ ତାଙ୍କ ଦୁ'ପାଖେ ଲଇଁପଡ଼ି ସେଇ ଭୟଙ୍କର ଜିନିଷ ଏବଂ ମୋ ବନ୍ଧୁଙ୍କ ଚିନ୍ତାପୂର୍ଣ୍ଣ ମୁହଁଆଡ଼େ ଚାହୁଁଥାଉ । ଶେଷରେ ସେ ଦୁ'ଟାକୁ ପୁଣି ବାକ୍‌ସରେ ରଖିଦେଇ କିଛି ସମୟ ସେ ଗଭୀର ଧ୍ୟାନରେ ବସିଗଲେ । ଶେଷରେ ସେ କହିଲେ, “ତୁମେ ନିଶ୍ଚୟ ଲକ୍ଷ୍ୟକରିଥିବ, କାନ ଦୁ'ଟା ଗୋଟେ ଯୋଡ଼ି ନୁହେଁ ।”

“ହଁ, ମୁଁ ସେ'ଟା ଦେଖିଛି । କିନ୍ତୁ ଯଦି ଡାକ୍ତରୀ ଛାତ୍ର ରହସ୍ୟ ଖେଳିବା ପାଇଁ ସ୍ଥିର କରିଥାଏ ତେବେ ସେ ଶବ ବ୍ୟବଚ୍ଛେଦ ରୁମ୍‌ରୁ ଯେ କୌଣସି କାନ ଯୋଡ଼େ ପଠାଇ ଦେଇଥିବ ।”

“ତା ଅବଶ୍ୟ ଠିକ୍ । କିନ୍ତୁ ଏ ଘଟଣା ରହସ୍ୟ ଖେଳ-ନୁହେଁ ।”

“ତୁମେ ସେ ବିଷୟରେ ନିଶ୍ଚିତ ?”

“ଅନୁମାନଟା ଅନ୍ତତଃ ରହସ୍ୟର ସମର୍ଥନ କରୁନାହିଁ । ଶବ ବ୍ୟବଚ୍ଛେଦ ଘରେ ଯେଉଁସବୁଅଙ୍ଗ ରଖାଯାଏ ତାକୁ ଅକ୍ଷତ ରଖିବା ପାଇଁ ସେଥିରେ ତରଳ ଔଷଧ ଇଂଜେକ୍‌ସନ୍ ଦିଆଯାଏ । ଏ କାନରେ ତାର କିଛି ଚିହ୍ନ ନାହିଁ । ଏ ଦୁ'ଟା ମଧ୍ୟ ଖୁବ୍ ଟଟକା । ଗୋଟେ ଅଦାଢ଼ୁଆ ହତିଆରରେ କଟା-ଯାଇଛି । କୌଣସି ଡାକ୍ତରୀ ଛାତ୍ର ଏକୁ କାଟିଥିଲେ ଏମିତି ହୋଇନଥାନ୍ତା ।

Digitized by srujanika@gmail.com

ତା ପରେ ଡାକ୍ତର ଗ୍ରୁବ ଲୁଣ ନ ଦେଇ କାର୍‌ବୋଲିକ୍ କିମ୍ବା ରେକ୍‌ଟିଫାଏଡ୍ ସ୍ପିରଟ୍ ବ୍ୟବହାର କରିଥାନ୍ତା । ମୁଁ ପୁଣି କହୁଛି ଏ ଘଟଣା ଥଟ୍ଟାଖେଳ ନୁହେଁ । ଆମେ ଏକ ଗୁରୁତର ଅପରାଧର ଅନୁସନ୍ଧାନ କରୁଛେ ।"

ମୋ ବନ୍ଧୁଙ୍କ କଥା ଶୁଣି ଆଉ ତାଙ୍କ ଗମ୍ଭୀର, କଠୋର ମୁହଁ ଦେଖି ମୋ ଦେହ ଶୀତେଇ ଉଠିଲା । ଏଇ ପାଶବିକ କାମ ପଛରେ କିଛି ଅଜଣା ଭୟଙ୍କର ଅପରାଧ ଲୁଚିରହିଲାପରି ଜଣାଗଲା । ଲେଷ୍ଟ୍ରେଡ୍ କିନ୍ତୁ ମୁଣ୍ଡ ହଲାଇଲେ । କଥାଟାରେ ସେ ଯେମିତି ପୁରାପୁରି ସନ୍ତୁଷ୍ଟ ନୁହଁନ୍ତି ।

ସେ କହିଲେ, "ଏକୁ ଥଟ୍ଟା ଖେଳ ବୋଲି କହିବା ବିରୁଦ୍ଧରେ ନିଶ୍ଚୟ ଅନେକ ଯୁକ୍ତି ଅଛି । କିନ୍ତୁ ଅପରାଧ ବୋଲି କହିବା ବିରୁଦ୍ଧରେ ଆହୁରି ବଳିଷ୍ଠ ଯୁକ୍ତି ଅଛି । ଆମେ ଜାଣୁ, ଏ ଭଦ୍ରମହିଳା କୋଡ଼ିଏ ବର୍ଷ ହେଲା କ୍ରୋଏଡନରେ ପେନ୍‌ଜ୍ ଆଉ ଏଠି ନିଜ ମାନସମ୍ମାନ ରଖି ଚଳିଆସୁଛନ୍ତି । ଯା ଭିତରେ ସେ ଘରକପାଇଁ ବି ଘରଛାଡ଼ି କୁଆଡ଼େ ଯାଇନାହାନ୍ତି । ତେଣୁ କେହି ଅପରାଧୀ ତା ଅପରାଧର ପ୍ରମାଣ ତାଙ୍କ ପାଖକୁ ପଠାଇବ କାହିଁକି ? ଘଟଣା ବିଷୟରେ ଆମ ପରି ସେ ମଧ୍ୟ କିଛି ଜାଣନ୍ତି ନାହିଁ ।"

"ସେଇ ତ ହେଲା ସମସ୍ୟା ଆଉ ଆମକୁ ତାର ସମାଧାନ କରିବାକୁ ହେବ । ମୋର ଧାରଣା ଠିକ୍ ବୋଲି ଧରି ନେଇ ମୁଁ ମୋର କାମ ଆରମ୍ଭ କରିବି । ମୁଁ ଭାବୁଛି ଦୁଇଟା ହତ୍ୟାକାଣ୍ଡ ଘଟିଛି । ଏ କାନଦିଟାରୁ ଗୋଟେ ଜଣେ ନାରୀର । କାନଟା ଗ୍ରେଟ, ସୁନ୍ଦର ଆଉ ଇଅର୍‌ରିଙ୍ଗ୍ ଲଗାଇବା ପାଇଁ ଫୋଡ଼ାହୋଇଛି । ଅନ୍ୟ କାନଟା ଜଣେ ପୁରୁଷର । ଖରାରେ ସିଝି ବେରଙ୍ଗ ହୋଇଯାଇଛି ; ସେଟା ମଧ୍ୟ ଇଅର୍‌ରିଙ୍ଗ୍ ପାଇଁ ଫୋଡ଼ାହୋଇଛି । ଏ ଦୁଇଜଣଲୋକ ଯେତେଦୂର ସମ୍ଭବ ମୃତ । ତା ନହେଲେ ଆମେ ଏତେ ବେଳକୁ ତାଙ୍କ ବିଷୟରେ ଖବର ପାଇସାରନ୍ତେଣି । ଆଜି ଶୁକ୍ରବାର । ପାର୍ଶଲ୍‌ଟା ଗୁରୁବାର ସକାଳେ ଡାକରେ ଦିଆଯାଇଛି । ତେଣୁ ଦୁର୍ଘଟଣାଟା ବୁଧବାର ବା ମଙ୍ଗଳବାର କିମ୍ବା ତା ଆଗରୁ ଘଟିଛି । ଯଦି ଦୁଇଜଣଙ୍କୁ ହତ୍ୟା କରାଯାଇଥାଏ, ତେବେ ହତ୍ୟାକାରୀ ଛଡ଼ା ଅନ୍ୟ କିଏ ମିସ୍ କୁସିଙ୍ଗ୍‌ଙ୍କ

ପାଖକୁ ତା କାମର ଏ ଚିହ୍ନ ପଠାଇବ ? ଆମେ ଧରିନେବା, ଏଇ ପ୍ୟାକେଟ୍ ପଠାଇଥିବା ଲୋକ ଆମର ଦରକାର । କିନ୍ତୁ ଏ ପ୍ୟାକେଟ୍‌ଟା ମିସ୍ କୁସିଙ୍ଗ୍‌ଙ୍କ ପାଖକୁ ପଠାଇବା ପଛରେ ନିଶ୍ଚୟ ଯଥେଷ୍ଟ କିଛି କାରଣ ଥିବ । କାରଣ ତେବେ କ'ଣ ? କାମଟା ଖତମ ହୋଇଛି ବୋଲି ତାଙ୍କୁ ଜଣାଇ ଦେବାପାଇଁ ନିଶ୍ଚୟ । କିମ୍ବା ତାଙ୍କୁ ଦୁଃଖ କଷ୍ଟ ଦେବାପାଇଁ ହୋଇପାରେ । ଏ ପରିସ୍ଥିତିରେ ଲୋକଟା କିଏ ସେ ଜାଣିବା କଥା । କିନ୍ତୁ ସେ ଜାଣନ୍ତି କି ? ମୋର ସେଥିରେ ସନ୍ଦେହ । ଯଦି ସେ ଜାଣିଥାନ୍ତେ ତେବେ ପୋଲିସକୁ ଡାକନ୍ତେ କାହିଁକି ? ବରଂ ସେ କାନଦି'ଟାକୁ ପୋତିଦେଇଥାନ୍ତେ ଆଉ କେହି କିଛି ଜାଣିପାରିନଥାନ୍ତେ । ଅପରାଧୀକୁ ଘୋଡ଼େଇବାକୁ ଚାହିଁଥିଲେ ସେ ଏଇଆ କରିଥାନ୍ତେ । ଯଦି ସେ ଅପରାଧୀକୁ ଘୋଡ଼େଇବାକୁ ଚାହିଁ ନ ଥାନ୍ତେ ତେବେ ତା ନାଁଟା କହିଦେଇଥାନ୍ତେ । ଏଇ ଯେଉଁ ଅଡୁଆଗଣ୍ଠି, ତାକୁ ଆମକୁ ସରଳ କରିବାକୁ ହେବ ।"

ବଗିଚା ବାଡ଼ଆଡ଼େ ଚାହିଁ ହୋମ୍‌ସ ଖୁବ୍ ଶୀଘ୍ର ଆଉ ବଡ଼ପାଟିରେ କଥା ଗୁଡ଼ା କହିଯାଉଥାନ୍ତି । ହଠାତ୍ ସେ ସତେଜ ହୋଇ ଉଠି ଘରଆଡ଼କୁ ଚାଲିଲେ । ଯାଉ ଯାଉ କହିଲେ, "ମୋର ମିସ୍ କୁସିଙ୍ଗ୍‌ଙ୍କୁ କେତେଟା ପ୍ରଶ୍ନ ପଚାରିବାର ଅଛି ।"

ଲେସ୍‌ଟ୍ରେଡ୍ କହିଲେ, "ତାହେଲେ ମୁଁ ଏଇଠୁ ଯାଉଛି । ମୋର ଏବେ ଆଉ ଗୋଟେ ଛୋଟ କାମ ଅଛି । ମୁଁ ଭାବୁଛି, ମିସ୍ କୁସିଙ୍ଗ୍‌ଙ୍କ ପାଖରୁ ମୋର ଆଉ କିଛି ଜାଣିବାର ନାହିଁ । ତୁମେ ମୋତେ ଥାନାରେ ପାଇପାରିବ ।"

ହୋମ୍‌ସ ଉତ୍ତର ଦେଲେ, "ଆମେ ଷ୍ଟେସନ୍‌କୁ ଗଲାବେଳେ ତୁମ ସାଥିରେ ଦେଖାକରିବୁ ।" କିଛିଏ ପରେ ସେ ଆଉ ମୁଁ ସାମନା ଘରେ ପୁଣି ପହଞ୍ଚିଲୁ । ଭଦ୍ରମହିଳା ବସି ଟିଗୋଟେ କ'ଣ ବୁଣିବାରେ ଲାଗିଥାନ୍ତି । ଆମେ ପହଞ୍ଚିବାରୁ ସେ ସେଟା କୋଳରେ ରଖିଦେଇ ଆମ ଆଡ଼େ ଚାହିଁଲେ । କିଛିଏ ପରେ କହିଲେ, "ମୁଁ ଭଲଭାବେ ବୁଝିଛି, ଆଜ୍ଞା ଏ ଘଟଣାଟା ଭୁଲରେ ଘଟିଛି । ପାର୍ସଲ୍‌ଟା ମୋଟେ ମୋ ପାଖକୁ ପଠାଯାଇନାହିଁ । ମୁଁ ଏ କଥା ସ୍କଟଲାଣ୍ଡୟାର୍ଡର ଯେ ଭଦ୍ରଲୋକଙ୍କୁ କେତେ ଥର କହିଛି । କିନ୍ତୁ ସେ ମୋ

Digitized by srujanika@gmail.com

କଥାକୁ ହସରେ ଉଡ଼ାଇଦେଇଛନ୍ତି । ମୁଁ ଯେତେଦୂର ଜାଣେ ଏ ଦୁନିଆରେ ମୋର କେହି ଶତ୍ରୁ ନାହାନ୍ତି । ତେଣୁ କିଏ କାହିଁକି ମୋ ସାଥିରେ ଏ ଖେଳ ଖେଳିବ ?"

ତାଙ୍କ ପାଖରେ ଗୋଟେ ଚଉକିରେ ବସିପଡ଼ି ହୋମ୍ସ କହିଲେ, "ମୁଁ ମଧ୍ୟ ଠିକ୍ ସେଇଆ ଭାବୁଛି, ମିସ୍ କୁସିଙ୍ଗ । ମୁଁ ଭାବୁଛି ଯାହା ଯଥେଷ୍ଟ ସମ୍ଭବ ସେ—" ସେ ଅଟକିଗଲେ । ଦେଖିଲି, ସେ ଭଦ୍ରମହିଳାଙ୍କ ମୁହଁକୁ ଅପଲକ ଆଖିରେ ଚାହିଁରହିଛନ୍ତି । ମୁଁ ବିସ୍ମିତ ହୋଇଗଲି । ତାଙ୍କ ମୁହଁରେ ବିସ୍ମୟ ଆଉ ଆତ୍ମ-ସନ୍ତୋଷର ଭାବ ଲକ୍ଷ୍ୟ କଲି । ସେ କାହିଁକି ଚୁପ୍ ହୋଇଗଲେ ଜାଣିବା ଲାଗି ଭଦ୍ରମହିଳା ଯେତେବେଳେ ତାଙ୍କ ଆଡ଼କୁ ଚାହିଁଦେଲେ ସେତେବେଳକୁ ତାଙ୍କ ମୁହଁ ପୂରାପୂରି ଶାନ୍ତ ଆଉ ଧୀର । ମୁଁ ନିଜେ ଭଦ୍ରମହିଳାଙ୍କୁ ନିରୀକ୍ଷଣକରି ଚାହିଁଲି । କିନ୍ତୁ ତାଙ୍କ ମୁହଁକୁ ଚାହିଁ ମୋ ବନ୍ଧୁ କାହିଁକି ବ୍ୟଗ୍ର ହୋଇଉଠିଲେ କିଛି ଜାଣିପାରିଲିନାହିଁ ।

ହୋମ୍ସ କହିଲେ, "ଗୋଟେ ଦୁ'ଟା ପ୍ରଶ୍ନ—।"

ଅଧୈର୍ଯ୍ୟ ହୋଇ ମିସ୍ କୁସିଙ୍ଗ୍ କହିଉଠିଲେ, "ଏଇ ପ୍ରଶ୍ନ ଯୋଗୁଁ ମୁଁ ବଡ଼ କ୍ଲାନ୍ତ ହୋଇପଡ଼ିଲିଣି ।"

"ମୋର ବିଶ୍ୱାସ, ଆପଣଙ୍କର ଦୁ'ଜଣ ଭଉଣୀ ।"

"ଆପଣ ଏ କଥା ଜାଣିଲେ କେମିତି ?"

"ଏ ଘରଭିତରକୁ ଆସିଲା ମାତ୍ରେ ବନ୍ଧୁଥାକ ଉପରେ ଥିବା ଫଟୋଟାକୁ ମୁଁ ଲକ୍ଷ୍ୟକରିଛି । ତିନିଜଣ ନାରୀଙ୍କର ଏକ ଗ୍ରୁପ୍ ଫଟୋ । ସେଥିରେ ଜଣେ ନିଃସନ୍ଦେହରେ ଆପଣ । ଅନ୍ୟ ଦୁ'ଜଣଙ୍କ ଚେହେରା ଆପଣଙ୍କ ଚେହେରା ସାଥିରେ ଏତେ ମିଶିଯାଉଛି ଯେ, ସେମାନେ ଆପଣଙ୍କ ଭଉଣୀ ବୋଲି ନିଃସନ୍ଦେହରେ କୁହାଯାଇପାରେ ।"

"ହଁ, ଆପଣ ପୂରାପୂରି ଠିକ୍ । ସେମାନେ ମୋର ଭଉଣୀ—ସାରା ଆଉ ମେରି ।"

"ଆଉ ଏ କଡ଼େ ଏ ଯେଉଁ ଫଟୋଟା । ଏଟା ଲିଭରପୁଲ୍‌ରେ ଉଠା-ଯାଇଛି । ଏଥିରେ ଜଣେ ଆପଣଙ୍କ ସାନଭଉଣୀ । ତାଙ୍କ ସାଥିରେ ଜଣେ

Digitized by srujanika@gmail.com

ପୁରୁଷ । ତାଙ୍କ ପୋଷାକରୁ ଜଣାଯାଉଛି ସେ ଜଣେ ଜାହାଜ-କର୍ମଚାରୀ । ମୁଁ ଲକ୍ଷ୍ୟକରୁଛି ସେତେବେଳେ ଆପଣଙ୍କ ଭଉଣୀ ଅବିବାହିତା ଥିଲେ ।"

"ଆପଣ ଖୁବ୍ ଶୀଘ୍ର ସବୁ ଲକ୍ଷ୍ୟକରିପାରୁଛନ୍ତି ।"

"ସେଇଟା ମୋର ବ୍ୟବସାୟ ।"

"ହଁ, ଆପଣ ଠିକ୍ କହୁଛନ୍ତି । କିନ୍ତୁ ଅଳ୍ପ ଦିନ ପରେ ସେ ମିଷ୍ଟର୍ ବ୍ରାଉନର୍‌ଙ୍କୁ ବିବାହ କଲା । ସେତେବେଳକୁ ବ୍ରାଉନର୍ ଦକ୍ଷିଣ ଆମେରିକା ଜାହାଜରେ ନିଯୁକ୍ତି ପାଇଥିଲେ । କିନ୍ତୁ ସେ ମୋ ଭଉଣୀକୁ ଏତେ ଭଲ ପାଉଥିଲେ ଯେ, ତାକୁ ଏତେଦିନଯାଏଁ ଛାଡ଼ି ରହିପାରିବେନାହିଁ ବୋଲି ଭାବିଲେ । ତା ପରେ ସେ ଲିଭର୍‌ପୁଲ୍ ଲଣ୍ଡନ୍ ଜାହାଜରେ ଚାକିରିକଲେ ।"

"ଓଃ, ବୋଧହୁଏ କନ୍‌କରର୍ ଜାହାଜରେ ?"

"ନା, ମେଡ଼େ ଜାହାଜରେ ବୋଲି ମୁଁ ଶୁଣିଲି । ଜିମ୍ ଥରେ ମୋତେ ଦେଖିବାପାଇଁ ଏଠିକି ଆସିଥିଲେ । ତା ପରେ ସେ ଯେତେବେଳେ ସମୁଦ୍ର ଛାଡ଼ି ସ୍ଥଳଭାଗକୁ ଆସିଲେ ମଦ ଖାଇବାରେ ଲାଗିଲେ । ଟିକିଏ ମଦ ପିଇଦେଲେ ସେ ପୁରା ମାତାଲ ହୋଇଯାଉଥିଲେ । ଯେଉଁଦିନ ସେ ପ୍ରଥମେ ମଦ ପିଇବା ଆରମ୍ଭ କଲେ ସେଇଟା ଥିଲା ବଡ଼ ଅଶୁଭ ଦିନ । ତା ପରେ ପ୍ରଥମେ ସେ ମୋଠୁ ଦୂରେଇଗଲେ । ତାପରେ ସାରା ସାଥିରେ ଝଗଡ଼ା କଳି କଲେ । ଏବେ ମେରୀ କିଛି ଚିଠିପତ୍ର ଦେଉନାହିଁ । ତାଙ୍କ ଭିତରେ କ'ଣ ହୋଇଛି କେଜାଣି ।"

ପରିଷ୍କାର ଜଣାଗଲା ଯେ, ମିସ୍ କୁସିଙ୍ଗ୍ ଯେଉଁ ବିଷୟରେ ଆସି ପହଞ୍ଚିଛନ୍ତି ସେ ବିଷୟ ତାଙ୍କ ମନରେ ଗଭୀର ରେଖାପାତ କରିଛି । ନିଚ୍ଛୋଳାଟେ ରହୁଥିବା ଯେକୌଣସି ଲୋକ ପରି ସେ ପ୍ରଥମେ ପ୍ରଥମେ କୁଣ୍ଠାବୋଧ କରୁଥିଲେ । କିନ୍ତୁ ଶେଷରେ ସେ ବେଶ୍ କଥାବାର୍ତ୍ତା କଲେ । ସେ ତାଙ୍କ ଭିଣୋଇଙ୍କ ବିଷୟରେ ଅନେକ କଥା କହିଲେ । ତା ପରେ ଅନ୍ୟ ବିଷୟ, ତାଙ୍କ ଘରେ ଆଗରୁ ରହୁଥିବା ଲୋକଙ୍କ କଥା, ସେଇ ଡାକ୍ତର ଛାତ୍ରଙ୍କ କଥା, ସେମାନଙ୍କ ନାଁ, ସେମାନେ ଯେଉଁ ଡାକ୍ତରଖାନାରେ କାମ କରୁଛନ୍ତି, ଅନେକ କଥା କହିଗଲେ । ହୋମ୍‌ସ ମଝିରେ ମଝିରେ ଗୋଟେ ଅଧେ ପ୍ରଶ୍ନ ପଚାରି ସବୁକଥା

Digitized by srujanika@gmail.com

ଖୁବ୍ ମନ ଦେଇ ଶୁଣୁଥାନ୍ତି । ଶେଷରେ ସେ କହିଲେ, "ଆପଣଙ୍କ ଦ୍ୱିତୀୟ ଭଉଣୀ ସାରାଙ୍କ କଥା । ଆପଣ ଦୁ' ଜଣ ଅବିବାହିତା । ତେଣୁ ଦୁ' ଜଣଯାକ ଏକାଠି ରହୁନାହାନ୍ତି କାହିଁକି ମୁଁ ଜାଣିପାରୁନାହିଁ । ଏଟା ନିଶ୍ଚୟ ଆଶ୍ଚର୍ଯ୍ୟ କଥା ।"

"ଆପଣ ସାରାର ପ୍ରକୃତି ଜାଣନ୍ତି ନାହିଁ । ଜାଣିଥିଲେ ମୋଟେ ଆଶ୍ଚର୍ଯ୍ୟ ହୁଅନ୍ତେ ନାହିଁ । ମୁଁ ଯେତେବେଳେ କ୍ରୟଡନ୍ ଆସିଲି ସେ ବାବଦରେ ଚେଷ୍ଟାକରିଥିଲି ଆଉ ଆମେ ଏକାଠି ଥିଲୁ । ଦୁ' ମାସ ତଳେ ବାଧ୍ୟହୋଇ ଅଲଗା ହୋଇଗଲୁ । ମୋ ନିଜ ଭଉଣୀ ବିରୁଦ୍ଧରେ ମୁଁ କିଛି କହିବାକୁ ଚାହେଁନା । କିନ୍ତୁ ସେ ସବୁବେଳେ ବିନା କାରଣରେ ଅନଧିକାର କାମ କରି ବସେ । ତାକୁ ସନ୍ତୁଷ୍ଟ କରିବା ବଡ଼ କଷ୍ଟକର ।"

"ଆପଣ କହୁଛନ୍ତି ସେ ଆପଣଙ୍କ ଲିଭର୍‌ପୁଲ୍ ବନ୍ଧୁଙ୍କ ସାଥିରେ କଳି କଲେ ।"

"ହଁ, କିନ୍ତୁ ଦିନେ ସେମାନେ ଅତି ଘନିଷ୍ଠ ବନ୍ଧୁ ଥିଲେ । ତାଙ୍କ ପାଖରେ ରହିବା ପାଇଁ ସେ ଲିଭର୍‌ପୁଲ୍ ଚାଲିଯାଇଥିଲା । କିନ୍ତୁ ଏବେ ସେ ଜିମ୍ ବ୍ରାଉନ୍‌ରିଗ୍ଙ୍କୁ ଯା, ଇଚ୍ଛା ତା କହୁଛି । ଯେଉଁ ଛଅ ମାସ ସେ ଏଠି ଥିଲା, ଜିମ୍‌ଙ୍କ ମଦ ପିଆ, ତାଙ୍କ ଚଳଣି ଛଡ଼ା ଆଉ କିଛି କହୁ ନଥିଲା ।"

ଉଠି ଠିଆହୋଇ ହୋମ୍ସ କହିଲେ, "ଧନ୍ୟବାଦ ମିସ୍ କୁସିଙ୍ଗ୍ । ଆପଣ ବୋଧହୁଏ କହିଲେ, ଆପଣଙ୍କ ଭଉଣୀ ସାରା ଉଏଲିଙ୍ଗ୍‌ଟନ୍‌ର ନିଉ ଷ୍ଟ୍ରୀଟ୍‌ରେ ରହନ୍ତି । ନମସ୍କାର ବିଦାୟ । ଏଇ କେଶ୍‌ରେ ଆପଣଙ୍କର କିଛି କରିବାର ନାହିଁ ବୋଲି ଆପଣ କହୁଛନ୍ତି । ଏ ବାବଦରେ ଆପଣ ହଇରାଣ ହରକତ ହୋଇ-ଥିବାରୁ ମୁଁ ବଡ଼ ଦୁଃଖିତ ।"

ଆମେ ବାହାରକୁ ଆସିଲାବେଳକୁ ଗୋଟେ ଘୋଡ଼ାଗାଡ଼ି ଯାଉଥିଲା । ହୋମ୍ସ ଗାଡ଼ିବାଲାକୁ ଡାକିଲେ । ପଚାରିଲେ, "ଉଏଲିଙ୍ଗ୍‌ଟନ୍ ଏଠୁ କେତେ ଦୂର ?"

"ମୋଟେ ମାଇଲିଏ ହେବ, ଆଜ୍ଞା ।"

Digitized by srujanika@gmail.com

"ବେଶ୍ । ଭିତରକୁ ଚାଲ, ୱାଟ୍ସନ୍ । ଆମକୁ ଠିକଣା ସମୟରେ କାମ କରିବାକୁ ହେବ । କେଶ୍‌ଟା ଖୁବ୍ ସହଜ । କିନ୍ତୁ ଏଥିରେ କେତେଟା ଶିଖିବାର ଜିନିଷ ଅଛି । ଗଲାବେଳେ ବାଟରେ କୌଣସି ଟେଲିଗ୍ରାଫ୍ ଅଫିସ ପାଖେ ଗାଡ଼ି ଅଟକାଇବ ଗାଡ଼ିବାଲା !"

ହୋମ୍ସ ଗୋଟେ ଗ୍ରେଟ ଟେଲିଗ୍ରାମ୍ ପଠାଇଦେଲେ । ବାକିତକ ବାଟ ସେ ଗାଡ଼ି ଭିତରେ ଚୁପ୍‌ଚାପ୍ ବସି ରହିଲେ । ମୁହଁରେ ଖରା ପଡ଼ୁଥିବାରୁ ମୁଣ୍ଡର ଟୋପିଟାକୁ ନାକ ଉପରକୁ ଖସାଇ ଦେଇଥାନ୍ତି । ଆମ ଗାଡ଼ିବାଲା ଗୋଟେ ଘର ପାଖରେ ଗାଡ଼ି ଅଟକାଇଲା । ତାକୁ ଅପେକ୍ଷା କରିବାକୁ କହି ହୋମ୍ସ ବେଲ୍ ବୋତାମ ଉପରେ ହାତ ପକାଇଲେ । ଏତିକିବେଳେ ଦରଜା ଖୋଲି-ଗଲା ଆଉ କଳା ପୋଷାକ ପିନ୍ଧି ଜଣେ ତରୁଣ ଭଦ୍ରଲୋକ ପାହାଚ ଉପରେ ଦେଖାଦେଲେ । ହୋମ୍ସ ପଚାରିଲେ, "ମିସ୍ କୁସିଙ୍ଗ ଘରେ ଅଛନ୍ତି ?"

ସେ ଉତ୍ତର ଦେଲେ, "ମିସ୍ ସାରା କୁସିଙ୍ଗ୍ ହାଘାତିକ ବେମାର ପଡ଼ିଛନ୍ତି । କାଲିଠୁ ଅବସ୍ଥା ବଡ଼ ଖରାପ । ତାଙ୍କର ଡାକ୍ତର ହିସାବରେ ମୁଁ ତାଙ୍କ ସାଥିରେ ଦେଖାକରିବାକୁ କାହାକୁ ଅନୁମତି ଦେବାର ଦାୟିତ୍ୱ ନେଇପାରିବିନାହିଁ । ଆଉ ଦଶ ଦିନ ପରେ ଆସିବାକୁ ମୁଁ ବରଂ ଆପଣଙ୍କୁ ପ୍ରସ୍ତାବ ଦେବି ।" ସେ ଗ୍ଲୋଭ୍‌ସଗୁଡ଼ା ପିନ୍ଧି, ଦରଜାଟା ବନ୍ଦକରିଦେଇ ରାସ୍ତାରେ ଚାଲିଗଲେ ।

ହୋମ୍ସ ଟିକିଏ ବି ଦୁଃଖ ନ କରି କହିଲେ, "ନ ହେଲା ଯଦି ନାହିଁ ।"

"ମିସ୍ କୁସିଙ୍ଗ୍ ବୋଧହୁଏ ତୁମକୁ ବିଶେଷ କିଛି କହିନଥାନ୍ତେ ।"

"ମୁଁ ତାଙ୍କଠୁ କିଛି ଶୁଣିବାକୁ ଚାହୁଁ ନ ଥିଲି । କେବଳ ତାଙ୍କୁ ଦେଖିବା ମୋର ଉଦ୍ଦେଶ୍ୟ ଥିଲା । ଯାହାହେଉ, ମୋର ଯାହା ଦର୍କାର ମୁଁ ପାଇସାରିଛି । ଆମକୁ ଗୋଟେ ଭଲ ହୋଟେଲକୁ ନେଇ ଚାଲ ଗାଡ଼ିବାଲା ! ଯେଉଁଠି ଆମେ ଖିଆପିଆ କରିବା । ତାପରେ ଥାନାରେ ଲେସ୍‌ଟ୍ରେଡ୍‌ଙ୍କ ସାଥିରେ ଦେଖା-କରିବା ।"

ଖିଆପିଆଟା ବେଶ ଭଲ ହେଲା । ଖାଇଲା ବେଳେ ହୋମ୍ସ କେବଳ ଭାଓଲିନ୍ ଛଡ଼ା ଅନ୍ୟ କୌଣସି କଥା କହିଲେ ନାହିଁ । ସେ କେମିତି ଗୋଟେ ଦାମିକା ଭାଓଲିନ ଖୁବ୍ ଶସ୍ତାରେ ପାଇଯାଇଥିଲେ ସେକଥା ବର୍ଣ୍ଣନା କଲେ ।

Digitized by srujanika@gmail.com

କଥା ହେଉ ହେଉ ପ୍ରାୟ ଘଣ୍ଟେ ବିତିଗଲା । ବେଳ ଖସିଆସିଲା । ତାତିଲା ସୂର୍ଯ୍ୟକିରଣ ଆସ୍ତେ କମିଗଲା । ଆମେ ଯାଇ ଥାନାରେ ପହଞ୍ଚିଲୁ । ଲେସ୍‌ଟ୍ରେଡ୍ ଆମକୁ ଅପେକ୍ଷା କରିଥିଲେ ।

ସେ କହିଲେ, "ତୁମର ଗୋଟେ ଟେଲିଗ୍ରାମ୍ ଆସିଛି, ମିଷ୍ଟର୍ ହୋମ୍‌ସ ।"

"ଆଚ୍ଛା ! ଏଟା ମୋ ଟେଲିଗ୍ରାମର ଉତ୍ତର ।" ସେ ସେଟା ଖୋଲି ଆଖିପକାଇ ନେଇ ଝାଙ୍କିଭୁଙ୍କି ପକେଟ୍‌ରେ ରଖିଦେଲେ । କହିଲେ, "ଠିକ୍ ଅଛି ?"

"ତୁମେ କ'ଣ କିଛି ଜାଣିପାରିଲ ?"

"ମୁଁ ସବୁ ଜାଣିପାରିଛି ।"

"କ'ଣ ?" ଲେସ୍‌ଟ୍ରେଡ୍ ବିସ୍ମୟରେ ତାଙ୍କ ଆଡ଼େ ଚାହିଁରହିଲେ । କହିଲେ, "ତୁମେ ଥଟ୍ଟା କରୁଛ ।"

"ମୋ ଜୀବନରେ ମୁଁ କେବେ ଯା'ଠୁ ଅଧିକ ଗୁରୁତ୍ୱଦେଇ କଥା କହିନଥିବି । ଗୋଟେ ବଡ଼ ମର୍ମନ୍ତୁଦ ଅପରାଧ ଘଟିଯାଇଛି ଆଉ ମୁଁ ଭାବୁଛି ତାର ଟିକିନିଖି ବିବରଣୀ ମୁଁ ଜାଣିପାରିଛି ।"

"ଆଉ ଅପରାଧୀ ?"

ହୋମ୍‌ସ ତାଙ୍କ ଭିଜିଟିଙ୍ଗ୍ କାର୍ଡ଼ ପଛପାଖେ କେତେଟା ଶବ୍ଦ ଲେଖିଦେଇ ଲେସ୍‌ଟ୍ରେଡ୍‌ଙ୍କ ଆଡ଼କୁ ପକାଇଦେଇ କହିଲେ, "ଏଇଟା ଅପରାଧୀର ନାଁ । ତୁମେ କାଲି ରାତି ପୂର୍ବରୁ ତାକୁ ଆରେଷ୍ଟ କରିପାରିବନାହିଁ । ମୋର ଇଚ୍ଛା, ତୁମେ ଏ କେଶ୍ ସାଥିରେ ମୋ ନାଁକୁ ମୋଟେ ସଂପୃକ୍ତ କରିବନାହିଁ । ଯେଉଁ ସବୁ କେଶ୍ କଠିନ ମୁଁ କେବଳ ସେଇ କେଶ୍‌ରେ ମୋ ନା ସଂପୃକ୍ତ କରିବାକୁ ଚାହେଁ ।" ଲେସ୍‌ଟ୍ରେଡ୍ ବେଶ୍ ଆନନ୍ଦରେ ହୋମ୍‌ସ ପକାଇ ଦେଇଥିବା କାର୍ଡଟା ଆଡ଼େ ଚାହିଁଥିଲେ । ଆମେ ଦୁହେଁ ଷ୍ଟେସନ୍‌ଆଡ଼କୁ ଚାଲିଲୁ ।

ସେଦିନ ରାତି ବେକର୍‌ଷ୍ଟ୍ରୀଟ୍‌ରେ ଆମ ରୁମ୍‌ରେ ବସିଥାଉ । ହୋମ୍‌ସ କହିଲେ, "ବୁଝିଲ ୱାଟ୍‌ସନ, 'ରକ୍ତ ସଙ୍କେତ', 'ଆଣ୍ଡାମାନ୍‌ର ବନ୍ଦୀ' କେଶ୍‌ପରି ଏ କେଶ୍‌ଟାରେ ମଧ୍ୟ ଆମକୁ ପଛକୁ ଫେରିବାକୁ ପଡ଼ିଲା । କେଶ୍‌ର ଫଳରୁ କାରଣ ଆଡ଼କୁ ଆମେ ଆସିଛେ । ଯାହା କିଛି ଟିକିନିଖି ବିବରଣୀ

Digitized by srujanika@gmail.com

ବାକି ଅଛି ତାହା ଆମକୁ ଜଣାଇବା ପାଇଁ ମୁଁ ଲେଷ୍ଟ୍ରେଡ୍‌ଙ୍କ ପାଖକୁ ଲେଖିଛି। ଅପରାଧୀକୁ ଆରେଷ୍ଟ କଲାପରେ ସେ ଏ ସବୁ କଥା ଜାଣିପାରିବେ। ତାକୁ ଆରେଷ୍ଟ କରିବା ପାଇଁ ଲେସ୍‌ଟ୍ରେଡ୍‌ଙ୍କ ଉପରେ ପୂର୍ଣ୍ଣ ଆସ୍ଥା ରଖାଯାଇପାରେ। କାରଣ ଯଦିଓ ତାଙ୍କର ଚିନ୍ତାଶକ୍ତି କମ୍, କାମରେ କିନ୍ତୁ ସେ ଗୋଟେ ବୁଲ୍‌ଡଗ୍‌ପରି। କ'ଣ କରିବାକୁ ହେବ ଥରେ ଜାଣିଲେ ସେ ଆଉ ନ ଛାଡ଼ନ୍ତି। ଏଇ କାର୍ଯ୍ୟ-ଦକ୍ଷତା ତାଙ୍କୁ ସ୍କଟଲାଣ୍ଡ ଇୟାର୍ଡରେ ସବୁଠୁ ଉଚ୍ଚସ୍ଥାନକୁ ନେଇପାରିଛି।''

''ତୁମ କେଶ୍‌ଟା ତେବେ ପୂର୍ଣ୍ଣାଙ୍ଗ ହୋଇନାହିଁ ?''

''ଯାହା ନହାତ ଦର୍କାର ସେ ଦୃଷ୍ଟିରୁ କେଶ୍‌ଟା ପୂର୍ଣ୍ଣାଙ୍ଗ। ଏ ବୀଭତ୍ସ କାଣ୍ଡ କାହାର ଆମେ ଜାଣୁ। ଅବଶ୍ୟ ନିହତ ହୋଇଥିବା ଦି'ଜଣଙ୍କ ଭିତରୁ ଅନ୍ୟ ଜଣେ କିଏ ଆମେ ଜାଣୁନା। ତୁମେ ମନେ ମନେ ନିଶ୍ଚୟ କିଛି ସିଦ୍ଧାନ୍ତ କରିଥିବ।''

''ମୁଁ ଭାବୁଛି, ଲିଭର୍‌ପୁଲ୍ ଜାହାଜର କର୍ମଚାରୀ ଏଇ ଜିମ୍ ବ୍ରାଉନର୍‌କୁ ତୁମେ ସନ୍ଦେହ କରୁଛ।''

''ସନ୍ଦେହ ନୁହେଁ, ତାଠୁ ଢେର୍ ଅଧିକ।''

''ତଥାପି କେବଳ କେତେଟା କ୍ଷୀଣ ସୂଚନା ଛଡ଼ା ମୁଁ ଆଉ କିଛି ଭାବି-ପାରୁନାହିଁ।''

''ମୋ ଆଖିକି କିନ୍ତୁ ସବୁ ପରିଷ୍କାର। ମୁଁ ପ୍ରଧାନ ପ୍ରଧାନ ସୋପାନ ଗୁଡ଼ା କହିଦେଉଛି। ଆମେ ପ୍ରଥମେ ଯେତେବେଳେ କେଶଟା କଥା ଜାଣିଲେ ଆମ ମନରେ କିଛି ଧାରଣା ନଥିଲା। ସେଇଟା ହେଲା ଖୁବ୍ ସୁବିଧା। ଆମେ କିଛି ସିଦ୍ଧାନ୍ତ କରିନଥିଲେ। ଆମେ ଯାହା ସବୁ ଲକ୍ଷ୍ୟକଲେ ସେଇଥିରୁ ଆମର ସିଦ୍ଧାନ୍ତ ଠିକ୍ କଲେ। ପ୍ରଥମେ ଆମେ କ'ଣ ଦେଖିଲେ ? ଜଣେ ସରଳ ସମ୍ଭ୍ରାନ୍ତ ମହିଳା, କୌଣସି ଗୁପ୍ତକଥା ବିଷୟରେ ନଜାଣି; ଆଉ ଗୋଟେ ଫୋଟ, ଯେଉଁଥିରୁ ମୁଁ ଜାଣିଲି ତାଙ୍କର ଦୁଇଜଣ ସାନଭଉଣୀ ଅଛନ୍ତି। ସାଙ୍ଗେ ସାଙ୍ଗେ ମୋ ମନରେ ଖେଳିଗଲା, ପାର୍ଶଲ୍ ବାକ୍‌ସଟା ହୁଏତ ଅନ୍ୟ ଦି'ଜଣଙ୍କ ଭିତରୁ କାହାପାଖକୁ ପଠାଯାଇଥାଇପାରେ। ସେଟା ମତ ନ ମିଛ

Digitized by srujanika@gmail.com

ପରେ ସୁବିଧା ଦେଖି ଜାଣିବା ପାଇଁ ମୁଁ ଠିକ୍ କଲି । ତା ପରେ ଆମେ ବଗିଚାକୁ ଗଲେ ଆଉ ହଳଦିଆ ବାକ୍‌ସ ଭିତରେ ଥିବା ଅଦ୍ଭୁତ ଜିନିଷ ଦେଖିଲେ ।

"ଯେଉଁ ସୂତା ବାକ୍‌ସ ଉପରେ ଗୁଡ଼ାଯାଇଥିଲା ସେ ସୂତା ଜାହାଜର ପାଲ ତିଆରିରେ ଲଗେ । ତା ପରେ ଯେଉଁ ଗଣ୍ଠିଟା ପଡ଼ିଥିଲା ସେ ଗଣ୍ଠି ନାବିକମାନେ ବ୍ୟବହାର କରନ୍ତି । ପାର୍ଶଲ୍‌ଟା ଗୋଟେ ବନ୍ଦରରୁ ପଠା-ଯାଇଛି । ପୁରୁଷକାନଟା ମଧ୍ୟ ଇଅର୍‌ରିଙ୍ଗ୍ ପାଇଁ ଫୋଡ଼ାହୋଇଛି । ଏଟା ସାଧାରଣତଃ ନାବିକମାନଙ୍କଠାରେ ଦେଖାଯାଏ । ଏଇ ସବୁରୁ ମୁଁ ନିଶ୍ଚିତ ରୂପେ ଜାଣିଲି ଯେ, ଏ କାଣ୍ଡ କରିଥିବା ଲୋକ ନାବିକମାନଙ୍କ ଭିତରେ ମିଳିବ ।"

"ତା ପରେ ପାର୍ଶଲ୍ ପ୍ୟାକେଟ୍ ଉପର ଠିକଣାଟା ମୁଁ ପରୀକ୍ଷାକରି ଦେଖିଲି । ଲକ୍ଷ୍ୟକଲି ମିସ୍ ଏସ କୁସିଙ୍ଗ୍ ଲେଖାଅଛି । ଅବଶ୍ୟ ବଡ଼ଭଉଣୀ ମିସ୍ କୁସିଙ୍ଗ୍ ଆଉ ତାଙ୍କ ନାଁ ଏସ୍ ଅକ୍ଷରରେ ଆରମ୍ଭ । ତଥାପି ପ୍ୟାକେଟଟା ଅନ୍ୟ ଦୁ'ଭଉଣୀଙ୍କ ଭିତରୁ କାହାପାଖକୁ ବି ପଠାଯାଇଥାଇପାରେ । ତା ହୋଇଥିଲେ ଆମ ଅନୁସନ୍ଧାନ ପୁଣି ନୂଆକରି ଆରମ୍ଭ କରିବାକୁ ହେବ । ତେଣୁ ଏ ପଏଣ୍ଟ୍‌ଟା ଠିକ କରିବା ଉଦ୍ଦେଶ୍ୟରେ ମୁଁ ଘରଭିତରକୁ ଗଲି । ଭୁଲରେ ପ୍ୟାକେଟ୍‌ଟା ତାଙ୍କ ପାଖକୁ ଆସିଯାଇଛି ବୋଲି ମୁଁ ମିସ କୁସିଙ୍ଗ୍‌ଙ୍କୁ କହିବାକୁ ଯାଉଥିଲି । ଏତିକବେଳେ ହଠାତ୍ ମୁଁ ଅଟକିଗଲି ତୁମେ ଲକ୍ଷ୍ୟ କରିଥିବ । କଥାହେଲା, ମୁଁ ଗୋଟେ ଜିନିଷ ଦେଖି ବିସ୍ମିତ ହୋଇଗଲି ଆଉ ତା ଦ୍ୱାରା ଆମ ଅନୁସନ୍ଧାନର ସୀମା ବହୁତ କମିଗଲା ।

"ଜଣେ ଡାକ୍ତର ହିସାବରେ ତୁମେ ଜାଣ ୱାଟ୍‌ସନ୍, ମଣିଷମାନଙ୍କ ବିଭିନ୍ନ ଅଙ୍ଗଭିତରେ କାନଟା ଯେତେ ଭିନ୍ନ ଅନ୍ୟ ଅଙ୍ଗ ସେତେ ନୁହେଁ । ଜଣକର କାନ ଅନ୍ୟର କାନଠୁ ପୁରା ଅଲଗା । ଗତବର୍ଷର 'ମଣିଷର ଇତିହାସ' ମ୍ୟାଗାଜିନ୍‌ରେ ତୁମେ ଏ ବିଷୟରେ ମୋର ଦୁଇଟା ଲେଖା ପାଇବ । ତେଣୁ ମୁଁ କାନଦୁଇଟାକୁ ଜଣେ ଏକ୍‌ସପାର୍ଟ ଭାବରେ ପରୀକ୍ଷାକଲି ଏବଂ ତା'ର ଗଠନରେ କ'ଣ କ'ଣ ବିଶେଷତ୍ୱ ଅଛି ତାକୁ ଯତ୍ନରେ ନୋଟ୍‌କରି

Digitized by srujanika@gmail.com

ରଖିଲି । ଯେତେବେଳେ ମୁଁ ମିସ୍ କୁସିଙ୍ଗ୍‌ଙ୍କ ଆଡ଼େ ଗୃହିଁ ଦେଖିଲି, ତାଙ୍କ କାନଟା ମୁଁ ବାକ୍ସରେ ଦେଖିଥିବା ନାଗ୍ରକାନ ସାଥିରେ ପୁରାପୁରି ସମାନ, ମୁଁ କପରି ବିସ୍ମିତ ହୋଇଥିବ ଅନୁମାନ କର । ଘଟଣାଟା ମୋଟେ କାକତାଳିକ ନୁହେଁ ।

"ପ୍ରଥମ କଥା ହେଲା ତାଙ୍କ ଭଉଣୀଙ୍କ ନାଁ ସାରା ଆଉ ଅଳ୍ପଦିନତଳେ ସେ ଏ ଠିକଣାରେ ରହୁଥିଲେ । ତେଣୁ ଭୁଲଟା କେମିତି ହେଲା ଜାଣିବା ସ୍ୱାଭାବିକ । ପ୍ୟାକେଟଟା କାହା ପାଖକୁ ପଠାଯାଇଥିଲା ଜାଣିହେବ । ତା ପରେ ସେଇ ଜାହାଜ କର୍ମଗୃରୀ ତୃତୀୟ ଭଉଣୀକୁ ବିବାହ କରିବା କଥା ଆମେ ଶୁଣିଲେ । ତା ଛଡ଼ା ଆମେ ଜାଣିଲେ ଯେ, ସାରାଙ୍କ ସହିତ ତାଙ୍କର ଦିନେ ଖୁବ୍ ଘନିଷ୍ଠତା ଥିଲା । ତେଣୁ ସାରା ବ୍ରାଉନର୍‌ଙ୍କ ନିକଟରେ ରହିବାପାଇଁ ଲିଭର୍‌ପୁଲ୍ ଗୃଲିଗଲେ । କିନ୍ତୁ ପରେ କୌଣସି କଳିକଜିଆ ନେଇ ସେମାନେ ଦୂରେଇଗଲେ । ଏଇ କଳିଯୋଗୁଁ ବ୍ରାଉନର୍ ଆଉ ସାରାଙ୍କ ମଧ୍ୟରେ କିଛି ପତ୍ରବିନିମୟ ହୋଇନାହିଁ । ତେଣୁ ବ୍ରାଉନର୍ ଯଦି ପ୍ୟାକେଟ୍‌ଟା ସାରାଙ୍କ ପାଖକୁ ପଠାଇଥିବେ ତେବେ ନିଶ୍ଚୟ ତାଙ୍କ ପୁରୁଣା ଠିକଣାରେ ପଠାଇଥିବେ ।

"ତା ପରେ ଘଟଣାଟା ବେଶ୍ ସରଳ ହୋଇଗଲା । ଆମେ ଏଇ ଜାହାଜ କର୍ମଗୃରୀ କଥା ଜାଣିଲେ । ଏ ଲୋକ ଖୁବ୍ କାମୁକ । ତୁମର ମନେଥିବ, ସେ କେବଳ ନିଜ ସ୍ତ୍ରୀଙ୍କ ପାଖରେ ରହିବାଲାଗି ଗୋଟେ ଭଲ ଗୃକିରି ଗ୍ରଡ଼ିଦେଇଥିଲା । ସେ ଖୁବ୍ ମଦ ଖାଏ ଆଉ ବେଳେ ବେଳେ ଜ୍ଞାନଶୂନ୍ୟ ହୋଇଯାଏ । ତା ସ୍ତ୍ରୀ ଏବଂ ସମ୍ଭବତଃ ଜଣେ ନାବିକକୁ ହତ୍ୟାକରାଯାଇଛି ବୋଲି ଆମେ ବିଶ୍ୱାସ କରିବାର କାରଣ ଅଛି । ଏହା କେବଳ ଈର୍ଷା ଯୋଗୁଁ ଘଟିଛି ବୋଲି ଜଣାଯାଏ । କିନ୍ତୁ ଏଇ ଅପରାଧର ପ୍ରମାଣ କାହିଁକି ମିସ୍ ସାରା କୁସିଙ୍ଗ୍‌ଙ୍କ ପାଖକୁ ପଠାଯିବ ? ସମ୍ଭବତଃ ସେ ଲିଭର୍‌ପୁଲ୍‌ରେ ଥିବାବେଳେ କିଛି କରିଛନ୍ତି ଯାହା ଫଳରେ ଏ ଦୁର୍ଘଟଣା ଘଟିଛି । ଆଉ ଗୋଟେ କଥା ତୁମେ ଲକ୍ଷ୍ୟକରିପାରିବ । ସେ ଅଞ୍ଚଳର ଜାହାଜ ସବୁ ବେଲ୍‌ଫାଷ୍ଟ, ଡବ୍‌ଲିନ୍ ଆଉ ଉଆଟର୍‌ଫୋର୍ଡ଼ ବନ୍ଦରକୁ ଯାଏ । ତେଣୁ

Digitized by srujanika@gmail.com

ମନେକର ବ୍ରାଉନର୍ ଏ କାଣ୍ଡକରି ତା ଜାହାଜ ମେଡ଼େକୁ ଚାଲିଯାଇଛି । ତେବେ ବେଲ୍‌ଫାଷ୍ଟ ପ୍ରଥମ ଜାଗା ଯେଉଁଠୁ ସେ ଏଇ ଭୟଙ୍କର ପ୍ୟାକେଟ୍‌ଟା ପଠାଇପାରିବ ।"

"ଏଇଠି ଆଉ ଗୋଟେ ସିଦ୍ଧାନ୍ତ ମଧ୍ୟ ସମ୍ଭବ ହୋଇପାରେ । ଏ ବିଷୟରେ ଆଗେଇବା ଆଗରୁ ମୁଁ ଏ ଅନୁମାନଟାକୁ ଭଲଭାବରେ ବିଚାର କରିଦେଖିବାକୁ ଚାହିଁଲି । କେହି ହତାଶ ପ୍ରେମିକ ମିଷ୍ଟର୍ ଆଉ ମିସେସ୍ ବ୍ରାଉନର୍‌ଙ୍କୁ ହତ୍ୟା କରିଥାଇପାରେ ଆଉ ପୁରୁଷ କାନଟା ସ୍ୱାମୀଙ୍କର ହୋଇଥାଇପାରେ । ଏ ସିଦ୍ଧାନ୍ତ ବିରୁଦ୍ଧରେ ଅନେକ ଯୁକ୍ତି ଅଛି । କିନ୍ତୁ ଏହା କଳ୍ପନା କରାଯାଇ ପାରେ । ତେଣୁ ମୁଁ ଲିଭର୍‌ପୁଲ୍‌ରେ ଥିବା ମୋର ଜଣେ ଏଜେଣ୍ଟ ଆଲ୍‌ଗାର୍ ପାଖକୁ ଗୋଟେ ଟେଲିଗ୍ରାମ କଲି । ମିସେସ୍ ବ୍ରାଉନର୍ ଘରେ ଅଛନ୍ତି କି ନାହିଁ ଆଉ ବ୍ରାଉନର୍ ମେଡ଼େ ଜାହାଜରେ ଯାଉଛନ୍ତି କି ନାହିଁ ଜଣାଇବାକୁ ନିର୍ଦ୍ଦେଶଦେଲି । ତା ପରେ ଆମେ ସାରାଙ୍କ ସାଥିରେ ସାକ୍ଷାତ କରିବାପାଇଁ ଉଏଲିଙ୍ଗ୍‌ଟନ୍ ଗଲେ ।

"ପରିବାରର ସମସ୍ତଙ୍କ କାନ କିପରି ସମାନ ସେଇକଥା ଦେଖିବାପାଇଁ ମୋର ଆଗ୍ରହ ଥିଲା । ତା ଛଡ଼ା ତାଙ୍କଠୁ ବି କିଛି ଗୁରୁତ୍ୱପୂର୍ଣ୍ଣ ଖବର ମିଳିପାରେ । କିନ୍ତୁ ସେ ଏ ବିଷୟରେ କିଛି କହିବେ ବୋଲି ମୋର ଦୃଢ଼ ଆଶା ନଥିଲା । ପୂର୍ବଦିନ ସେ ଏ ଘଟଣା ନିଶ୍ଚୟ ଶୁଣିଥିବେ । କାରଣ କ୍ରୟ୍‌ଡନ୍‌ରେ ଖବରଟା ଖେଳିଯାଇଥିଲା ଆଉ ପ୍ୟାକେଟ୍‌ଟା ପ୍ରକୃତରେ କାହା ଉଦ୍ଦେଶ୍ୟରେ ପଠାଯାଇଥିଲା ସେ କଥା ଏକା ସାରା ଜାଣନ୍ତି । ଯଦି ଆଇନ୍‌କୁ ସାହାଯ୍ୟ କରିବାର ଇଚ୍ଛା ତାଙ୍କର ଥାଆନ୍ତା ତେବେ ସେ ନିଶ୍ଚୟ ପୋଲିସ୍‌କୁ ଏ କଥା ଜଣାଇଥାଆନ୍ତେ । ଯାହାହେଉ ତାଙ୍କୁ ଭେଟିବା ଆମର କର୍ତ୍ତବ୍ୟ, ତେଣୁ ଆମେ ଗଲେ । ଦେଖିଲେ ଏଇ ପ୍ୟାକେଟ୍ ଖବର ପାଇ ସେ ଭୀଷଣ ବେମାର ପଡ଼ିଗଲେ । ସେଥିରୁ ଜଣାଗଲା ସେ ଏ ପ୍ୟାକେଟ୍ କଥା ଭଲଭାବେ ଜାଣନ୍ତି । ତା ଛଡ଼ା ମୁଁ ଜାଣିଲି ତାଙ୍କଠୁ କିଛି ସାହାଯ୍ୟ ପାଇବା ପାଇଁ ଆମକୁ କିଛି ଦିନ ଅପେକ୍ଷା କରିବାକୁ ପଡ଼ିବ ।

Digitized by srujanika@gmail.com

"ଯାହାହେଉ, ତାଙ୍କର ସାହାଯ୍ୟ ବିନା ଆମେ ଆମ କାମକରିପାରିଲେ । ଥାନାରେ ଆମ ପାଇଁ ଖବର ଅପେକ୍ଷା କରିଥିଲା । ଥାନାକୁ ଉତ୍ତର ପଠାଇବା ପାଇଁ ମୁଁ ଆଲ୍‌ଗାର୍‌କୁ ନିର୍ଦ୍ଦେଶ ଦେଇଥିଲି । ଏଇ ଖବରରୁ ସବୁ ନିଶ୍ଚିତ ହୋଇଗଲା । ମିସେସ୍ ବ୍ରାଉନର୍‌ଙ୍କ ଘର ତିନି ଦିନ ହେଲା ବନ୍ଦ ଥିଲା । ପାଖ ପଡ଼ିଶାଏ ଭାବିଲେ ସେ ଦକ୍ଷିଣାଞ୍ଚଳକୁ ତାଙ୍କର କୌଣସି ବନ୍ଧୁଙ୍କ ପାଖକୁ ଯାଇଛନ୍ତି । ଜାହାଜ ଚଳାଚଳ ଅଫିସ୍‌ରୁ ଜଣାଗଲା ବ୍ରାଉନର୍ ମେଡେ ଜାହାଜରେ ଯାଇଛନ୍ତି । ମୋ ହିସାବ ଅନୁସାରେ କାଲି ରାତି ସେ ଜାହାଜ ଥେମ୍‌ସ ନଦୀରେ ପହଞ୍ଚିବ । ବ୍ରାଉନର୍ ସେଠିକି ଆସିଲା ମାତ୍ରେ ଲେସ୍‌ଟ୍ରେଡ୍ ତାକୁ ଭେଟିବେ ଆଉ ଆମର ଯାହା କିଛି ଟିକିନିଖି ଜାଣିବାକୁ ବାକି ଅଛି ତା ପୂରଣ ହୋଇଯିବ ନିଶ୍ଚୟ ।"

ହୋମ୍‌ସଙ୍କ ଆଶା ବିଫଳ ହେଲାନାହିଁ । ଦୁଇଦିନ ପରେ ସେ ଲେସ୍-ଟ୍ରେଡ୍‌ଙ୍କ ପାଖରୁ ଗୋଟେ ମୋଟା ଲଫାଫା ପାଇଲେ । ତା ଭିତରେ ଖଣ୍ଡେ ଚିଠି ଆଉ ଟାଇପ୍ କରାଯାଇଥିବା ଗୁଡ଼ାଏ କାଗଜ ଥିଲା । ମୋ ଆଡ଼କୁ ଚାହିଁ ହୋମ୍‌ସ କହିଲେ, "ଲେସ୍‌ଟ୍ରେଡ୍ ଲୋକଟାକୁ ଧରିପାରିଛନ୍ତି । ସେ କ'ଣ ଲେଖିଛନ୍ତି ଦେଖିବା ।"

"ପ୍ରିୟ ମିଷ୍ଟର୍ ହୋମ୍‌ସ,

ଆମେ ଆମର ସିଦ୍ଧାନ୍ତ ପରୀକ୍ଷା କରିବାପାଇଁ ଯେଉଁ ଯୋଜନା କରିଥିଲେ ସେ ଅନୁସାରେ କାଲି ସନ୍ଧ୍ୟା ଛଅଟାବେଳେ ମୁଁ ଆଲ୍‌ବର୍ଟ ଡକ୍‌କୁ ଗଲି । ସେଠି ଏସ୍. ଏସ୍. ମେଡେ ଜାହାଜରେ ଉଠିଲି । ଏ ଜାହାଜ ଲିଭର୍‌ପୁଲ, ଡବ୍‌ଲିନ୍ ଆଉ ଲଣ୍ଡନ୍ ଷ୍ଟିମ୍ ପ୍ୟାକେଟ୍ କମ୍ପାନୀର । ସେଠି ଖବର ନେଇ ବୁଝିଲି ଯେ, ଜେମ୍‌ସ ବ୍ରାଉନର୍ ନାଁରେ ଜଣେ କର୍ମଚାରୀ ଅଛି । ଜାହାଜଯାତ୍ରା ସମୟରେ ସେ କାମରେ ଖୁବ୍ ଅବହେଳା କରିଛି । ତାର ବ୍ୟବହାର ଏମିତି ହୋଇଛି ଯେ, କ୍ୟାପ୍‌ଟେନ୍ ତାକୁ କାମରୁ ବିଦା କରିଦେବାକୁ ବାଧ୍ୟ ହୋଇଛନ୍ତି । ମୁଁ ତଳକୁ ତା ପାଖକୁ ଆସିଲି । ଦେଖିଲି ସେ ଦୁ'ହାତ ପାପୁଲିରେ ମୁଣ୍ଡ ରଖି ଗୋଟେ ବାକ୍‌ସଉପରେ ବସିଛି । ବଡ଼ ବିଚଳିତ ଜଣାଯାଉଥାଏ । ଲୋକଟା ବେଶ୍ ସୁସ୍ଥସବଳ । ସେ ମୋ ଧନ୍ଦା କଥା ଶୁଣିବାମାତ୍ରେ ଦୁମ୍‌କରି ଉଠି

Digitized by srujanika@gmail.com

ଠିଆ ହୋଇଗଲା । ମୁଁ ସାଙ୍ଗେ ସାଙ୍ଗେ ହୁଇସିଲ୍ ବଜାଇଲି ଆଉ ଦୁ' ଜଣ ପୋଲିସ ଆସି ପହଞ୍ଚିଗଲେ । କିନ୍ତୁ ଲୋକଟାର ଦମ୍ଭ ନ ଥିଲା । ସେ ଚୁପ୍‌ଚାପ୍ ହାତ ଦୁ'ଟା ବଢ଼ାଇଦେଲା । ଆମେ ତାକୁ ହାଜତକୁ ନେଇଆସିଲୁ । ତା ବାକ୍ସଟା ମଧ୍ୟ ଆଣିଲୁ । ଭାବିଲୁ ସେଥିରେ କିଛି ଥାଇପାରେ । କିନ୍ତୁ ସାଧାରଣ ନାବିକଙ୍କ ଛୁରି ପରି ଗୋଟେ ବଡ଼ ଛୁରି ବ୍ୟତୀତ ଆଉ ବିଶେଷ କିଛି ସେଥିରେ ନଥିଲା । ଯାହାହେଉ, ଆମର ଆଉ ବିଶେଷ କିଛି ପ୍ରମାଣ ଦର୍କାର ନାହିଁ । କାରଣ ତାକୁ ଥାନାକୁ ଇନସ୍‌ପେକ୍ଟରଙ୍କ ପାଖକୁ ଆଣିବାପରେ ସେ ଘଟଣାଟା ପ୍ରକାଶ କରିବାକୁ ଚାହିଁଲା । ଆମ ସର୍ଟହାଣ୍ଡ୍ ଲୋକ ସେ ଯାହା କହିଲା ଠିକ୍ ତାକୁ ନୋଟ୍ କରିଛନ୍ତି । ଆମେ ତାର ତିନଟା କପି ଟାଇପ୍ କରାଇଲୁ । ସେଥିରୁ ଗୋଟେ ତୁମ ପାଖକୁ ଏ ଚିଠି ସାଥିରେ ପଠାଇଲି । ମୁଁ ଯାହା ଭାବିଥିଲି, ଅନୁସନ୍ଧାନଟା ଅତି ସହଜ । କିନ୍ତୁ ମୋ ଅନୁସନ୍ଧାନରେ ସାହାଯ୍ୟ କରିଥିବାରୁ ମୁଁ ବଡ଼ କୃତଜ୍ଞ ।

ତୁମର

ଜି. ଲେସ୍‌ଟ୍ରେଡ୍ ।"

ଟିକିଏ ହସି ଦେଇ ହୋମ୍‌ସ କହିଲେ, "ହୁଁ, ଅନୁସନ୍ଧାନଟା ପ୍ରକୃତରେ ଖୁବ୍ ସହଜ । କିନ୍ତୁ ମୁଁ ଭାବୁଛି ଲେସ୍‌ଟ୍ରେଡ୍ ପ୍ରଥମେ ଯେତେବେଳେ ଆମ ପାଖକୁ ଆସିଲେ ତାଙ୍କର ଏ ଧାରଣା ନଥିଲା । ଯାହାହେଉ ଜିମ ବ୍ରାଉନ୍‌ର କ'ଣ କହୁଛନ୍ତି ଦେଖିବା । ଏଇଟା ସେ ସାଡ୍‌ଉଏଲ୍ ଥାନା ଇନସ୍‌ପେକ୍ଟର୍ ମଣ୍ଟ୍‌ଗୋମେରୀଙ୍କ ଆଗରେ ଦେଇଥିବା ବକ୍ତବ୍ୟର ଅବିକଳ ନକଲ ।

"ମୋର କ'ଣ କିଛି କହିବାର ଅଛି ? ହୁଁ, ଅନେକ କିଛି କହିବାର ଅଛି । ମୁଁ ସବୁ କଥା ପରିଷ୍କାର କହିବା ଦର୍କାର । ଆପଣ ମୋତେ ଫାଶୀ-ଦେଇପାରନ୍ତି କିମ୍ବା ଛାଡ଼ିଦେଇପାରନ୍ତି । ଯାହା କରନ୍ତୁ ସେଥିପାଇଁ ମୁଁ ଟିକିଏ ହେଲେ ଖାତିର୍ କରେ ନାହିଁ । ଆପଣଙ୍କୁ ସତ କହୁଛି, ଏ କାମ କଲା ପରେ ମୁଁ ଆଖି କଷା କରିନାହିଁ । ଆଉ ଟିକିଏ ହେଲେ ଶୋଇପାରିବି ବୋଲି ଆଶା ନାହିଁ । ବେଳେ ବେଳେ ସେ ପୁରୁଷର ମୁହଁଟା କିନ୍ତୁ ଅଧିକାଂଶ ସମୟ ନାରୀର ମୁହଁଟା ମୋ ଆଖିରେ ନାଚୁଛି । କେତେବେଳେ

Digitized by srujanika@gmail.com

ହେଲେ ଏ ଦୁଇଟାଯାକ ମୁହଁ ମୋ ଆଖି ଆଗରୁ ଦୂରେଇ ଯାଉନାହିଁ । ପୁରୁଷର ମୁହଁଟା କଳା ଆଉ ଆଖି ଡିବିଟିଲା ପରି ଦେଖାଯାଉଛୁ; କିନ୍ତୁ ନାରୀ ମୁହଁରେ ଏକ ପ୍ରକାର ବିସ୍ମୟ । ଆହା ବିଚାରୀ । ଯେଉଁ ମୁହଁରେ ପ୍ରେମ ବ୍ୟତୀତ ଅନ୍ୟ କୌଣସି ଚିହ୍ନ ସେ କେବେ ଦେଖି ନ ଥିଲା ସେଇ ମୁହଁରେ ଯମର ଛବି ଦେଖି ସେ ବିସ୍ମିତ ହେବା କଥା ।

"କିନ୍ତୁ ସବୁ ଦୋଷ ସାରାର । ଜଣେ ଭଗ୍ନ-ହୃଦୟ ଲୋକର ଅଭିଶାପ ତା ଉପରେ ନିଶ୍ଚୟ ପଡ଼ିବ । ମୁଁ ନିଜର ଦୋଷ ଛଡ଼ାଇବା ପାଇଁ ଏକଥା କହୁ ନାହିଁ । ମୁଁ ଜାଣେ ମୁଁ ପୁଣି ମଦ ଖାଇ ପଶୁ ପାଲଟିଗଲି । ତଥାପି ମୋ ସ୍ତ୍ରୀ ମୋତେ କ୍ଷମା କରିଥା'ନ୍ତେ—ମୋର ଅତି ନିକଟରେ ରହିଥାନ୍ତେ । କିନ୍ତୁ ସେଇ ରାକ୍ଷସୀ ଆମ ସଂସାରକୁ ଜାଳିପୋଡ଼ି ପାଉଁଶ କରିଦେଲା । କାରଣ ସାରା କୁସିଙ୍ଗ ମୋତେ ପ୍ରେମ କରୁଥିଲା । ସେଇ ହେଲା ଏ ଘଟଣାର ମୂଳ । ସେ ମୋତେ ଅତି ଭଲ ପାଉଥିଲା । କିନ୍ତୁ ସେ ଯେତେବେଳେ ଜାଣିଲା ତାର ସାରା ଶରୀର ଆଉ ଆତ୍ମା ଠାରୁ ମୋ ସ୍ତ୍ରୀର ପାଦଚିହ୍ନକୁ ମୁଁ ବେଶୀ ଭଲ ପାଏ, ତାର ପ୍ରେମ ବିଷମୟ ଘୃଣାରେ ପରିଣତ ହୋଇଗଲା ।

"ସେମାନେ ଥିଲେ ତିନି ଭଉଣୀ । ବଡ଼ ଭଉଣୀ ଅତି ଭଲ । ଦ୍ୱିତୀୟ ଭଉଣୀ ଗୋଟେ ପିଶାଚୀ ଆଉ ତୃତୀୟ ଭଉଣୀ ସ୍ୱର୍ଗର ପରୀ ! ମୋ ବିବାହ ବେଳକୁ ସାରାର ବୟସ ତେତିଶ ଆଉ ମେରୀର ବୟସ ଅଣତିରିଶ ବର୍ଷ । ତାପରେ ଆମେ ଘରସଂସାର କରି ବେଶ୍ ଆନନ୍ଦରେ ରହିଲୁ । ସମ୍ପୂର୍ଣ୍ଣ ଲିଭର୍‌ପୁଲ୍‌ରେ ମୋ ମେରୀଠୁଁ ବଳି ଭଲ ନାରୀ କେହି ନ ଥିଲେ । ତାପରେ ଆମେ ସପ୍ତାହକ ପାଇଁ ସାରାକୁ ଆମ ଘରକୁ ନିମନ୍ତ୍ରଣ କଲୁ । ସପ୍ତାହେ ରହୁ ରହୁ ସେ ମାସେ ରହିଲା । ଶେଷରେ ସେ ଆମ ପରିବାରର ଜଣେ ହୋଇ-ଗଲା ।

"ସେତେବେଳେ ମୁଁ ବେଶ୍ ଦି'ପଇସା ରୋଜଗାର କରୁଥାଏ ଆଉ ସବୁ ବେଶ୍ ସୁରୁଖୁରୁରେ ଚାଲିଯାଉଥାଏ । କିଏ ଭାବିଥିଲା ଶେଷରେ ଏଇଆ ହେବ ? କିଏ ବା ଏକଥା ସ୍ୱପ୍ନରେ ଭାବିପାରେ ?

Digitized by srujanika@gmail.com

"ମୁଁ ପ୍ରତି ସପ୍ତାହ ଶେଷରେ ଘରକୁ ଆସେ । କିନ୍ତୁ କେବେ କେବେ ଜାହାଜରେ ମାଲ ବୋଝେଇ ହେବାରେ ଡେରି ହେଲେ ମୁଁ ଏକାବେଳକେ ପାଞ୍ଚ ସାତ ଦିନ ଘରେ ରହିଯାଏ । ଫଳରେ ସାରି ସହିତ ମିଳାମିଶା କରି ତାକୁ ଭଲଭାବରେ ଜାଣିବାର ସୁଯୋଗ ମିଳିଲା । ସେ ବେଶ୍ ଉଚ୍ଚା ଆଉ ସୁନ୍ଦରୀ । ମୁହଁରେ ସବୁବେଳେ ଗର୍ବର ଚିହ୍ନ । ଆଖିରେ ନିଆଁର ଝଲକ । କିନ୍ତୁ ମେରୀ ମୋ ପାଖରେ ଥିବାବେଳେ ମୁଁ ସାରି କଥା ମୋଟେ ଭାବୁ-ନଥିଲି । ଏ କଥା ମୁଁ ଶପଥକରି କହୁଛି ।

"କ୍ରମେ ମୁଁ ଜାଣିଲି ସେ ମୋ ସହିତ ଏକୁଟିଆ ରହିବାକୁ ଚାହେଁ । ବେଳେ ବେଳେ ବାହାରକୁ ତା ସହିତ ବୁଲିଯିବା ପାଇଁ ମୋତେ ପ୍ରବର୍ତ୍ତାଏ । କିନ୍ତୁ ମୁଁ ଏସବୁ ଉପରେ କିଛି ଗୁରୁତ୍ୱ ଦେଉନଥିଲି । ଦିନେ ହଠାତରେ ମୋ ଆଖି ଖୋଲିଗଲା—ମୁଁ ଜାହାଜରୁ ଘରକୁ ଆସିଲି । ଦେଖିଲି ମୋ ସ୍ତ୍ରୀ ବାହାରକୁ ଯାଇଛନ୍ତି, କିନ୍ତୁ ସାରି ଘରେ ଥାଏ । ପଚାରିଲି, 'ମେରୀ କୁଆଡ଼େ ?' ସେ ଉତ୍ତର ଦେଲା, 'ଓଃ, ସେ କାହାକୁ କ'ଣ ପଇସା ଦେବାଲାଗି ଯାଇଛି ।' ମୁଁ ଟିକିଏ ଅସ୍ଥିର ହୋଇ ଘର ଭିତରେ ଏପଟ ସେପଟ ହେଲି । ସାରି କହିଲା, 'ମେରୀକୁ ଛାଡ଼ ତୁମେ କ'ଣ ପାଞ୍ଚ ମିନଟ୍ ବି ରହିପାରିବନାହିଁ, ଜିମ୍ ? ମୋ ସାଥିରେ ଅଳ୍ପ ସମୟ ରହିଲେ କ'ଣ କ୍ଷତି ହୋଇଯାଉଛି ?' ମୁଁ ସହାନୁଭୂତି ଦେଖାଇ ତା ଆଡ଼କୁ ହାତ ବଢ଼ାଇ କହିଲି, 'ଠିକ୍ ଅଛି ।' ସେ ମୋ ହାତକୁ ଦୁଇ ହାତରେ ଜାବୁଡ଼ି ଧରିଲା । ହାତ ଦି'ଟା ତାର ନିଆଁ ପରି ତାତି ଯାଇଥାଏ । ମୁଁ ତା ଆଖିକୁ ଚାହିଁ ସବୁ ଜାଣିପାରିଲି । ସେ ଆଉ କିଛି କହିବା ଦରକାର ନଥିଲା । ମୁଁ ବି କିଛି କହିଲିନାହିଁ । କେବଳ ଆଖି ତରାଟି ମୋ ହାତଟା ଟାଣିଆଣିଲି । ସେ ମୋ ପାଖରେ ଟିକିଏ ସମୟ ଚୁପ୍‌ଚାପ୍ ଠିଆ ହୋଇ ରହିଲା । ମୋ କାନ୍ଧରେ ହାତ ଥାପୁଡ଼େଇ କହିଲା, 'ଦୃଢ଼ ହୁଅ, ଜିମ୍ ।' ତାପରେ ଅଟ୍ଟାଳିଆ ହସ ହସି ଘର ଭିତରକୁ ଦୌଡ଼ି ପଳାଇଲା ।

"ସେଇ ସମୟଠାରୁ ସାରି ମୋତେ ଘୃଣାକରିବାରେ ଲାଗିଲା । ମୁଁ ତାକୁ ଆମ ପାଖରେ ରହିବାର ସୁଯୋଗ ଦେଇ ବୋକାମୀ କଲି । କିନ୍ତୁ ଏ

Digitized by srujanika@gmail.com

କଥା ମୁଁ ମେରୀ ଆଗରେ କହିଲି ନାହିଁ । କାରଣ ମୁଁ ଜାଣିଥିଲି, ଏ କଥା ଶୁଣିଲେ ତାଙ୍କ ମନରେ ଆଘାତ ଲାଗିବ । ସବୁ ଠିକ୍ ଆଗପରି ଚାଲିଲା; କିନ୍ତୁ କିଛି ଦିନ ପରେ ଦେଖିଲି ଯେ ମେରୀ କେମିତି ବଦଳିଯାଉଛନ୍ତି । ସେ ସବୁବେଳେ ଖୁବ୍ ସରଳ ଆଉ ବିଶ୍ୱସ୍ତ । କିନ୍ତୁ ଏବେ ସେ କେମିତି ଅଲଗା ଜଣାଗଲେ । ପ୍ରତି କଥାରେ ସନ୍ଦେହ କଲେ । ମୁଁ କୁଆଡ଼େ ଯାଉଥିଲି, କ'ଣ କରୁଥିଲି, କାହା ପାଖକୁ ଚିଠି ଲେଖୁଥିଲି ଆଦି ସବୁକଥା ଜାଣିବାକୁ ଚାହିଁଲେ । ଦିନକୁ ଦିନ ସେ ବିଚିତ୍ର ବ୍ୟବହାର ଦେଖାଇଲେ, ଛିକିଏ କଥାରେ ରାଗି ଉଠିଲେ । ବିନା କାରଣରେ ଆମ ଭିତରେ ପାଟିତୁଣ୍ଡ ଲାଗିଲା । ମୁଁ ଏଥିରେ ବ୍ୟସ୍ତ ହୋଇଗଲି । କିଛି ଦିନ ପରେ ସାରା ମୋଠୁ ଦୂରେଇ ଗଲା; କିନ୍ତୁ ସେ ଆଉ ମେରୀ ବରାବର ଏକାଠି । ଏବେ ମୁଁ ବୁଝିପାରୁଛି ସେ ମୋ ବିରୁଦ୍ଧରେ ଚକ୍ରାନ୍ତ କରି ମୋ ସ୍ତ୍ରୀ ମନକୁ ବିଷାକ୍ତକରିପକାଇଲା । କିନ୍ତୁ ମୁଁ ଅନ୍ଧ, ସେତେବେଳେ ସେକଥା ବୁଝିପାରିଲିନାହିଁ । ତାପରେ ମୁଁ ମୋ ପ୍ରତିଜ୍ଞା ଭାଙ୍ଗି ପୁଣି ମଦ ପିଇବାରେ ଲାଗିଲି । ଭାବୁଛି ମେରୀ ଯଦି ଆଗ ଭଳି ରହିଥାନ୍ତେ ତେବେ ମୁଁ ବୋଧହୁଏ ମଦ ଖାଇ ନଥାନ୍ତି । ଏବେ ସେ ମୋ ଉପରେ ବିରକ୍ତ ହେବାର କିଛି କାରଣ ନିଶ୍ଚୟ ଥିଲା ଆଉ ଆମ ଭିତରେ ଥିବା ବ୍ୟବଧାନ ଆସ୍ତେ ଆସ୍ତେ ବଢ଼ିବାରେ ଲାଗିଲା ! ତାପରେ ଏଇ ଆଲେକ୍ ଫେୟାର୍‌ବ୍ରେନ୍ ଆମ ମଝିରେ ଦେଖାଦେଲା ଆଉ ପରିସ୍ଥିତି ଅଧିକ ଖରାପ ହେଲା ।

"ସେ ଲୋକଟା ସାରା ସାଥିରେ ଦେଖାକରିବାକୁ ପ୍ରଥମେ ଆମ ଘରକୁ ଆସି ଖୁବ୍ ଶୀଘ୍ର ଆମ ସାଥିରେ ବନ୍ଧୁତା ଜମେଇଲା । ଲୋକଟାର ମନ କିଣି ନେବାର ଶକ୍ତି ଥିଲା ଆଉ ସେ କୁଆଡ଼େ ଗଲେ ସମସ୍ତଙ୍କ ସାଥିରେ ବନ୍ଧୁତା କରିପାରୁଥିଲା । ସେ ଖୁବ୍ ସାହସୀ ଆଉ ଦୁନିଆଁରେ ବୁଲେ଼ କାଗା ବୁଲିଥିଲା । ଯାହା ଯେଉଁଠି ଦେଖିଥିଲା ସେ ବିଷୟରେ ଗଡ଼ ଗଡ଼ କରି କହିଯାଉଥିଲା । ସେ ଜଣେ ଭଲ ସାଥି, ଏକଥା ମୁଁ ଅସ୍ୱୀକାର କରୁନାହିଁ । ତାର ବ୍ୟବହାର ମଧ୍ୟ ଅତି ଭଦ୍ର । ମାସେ ଯାଏଁ ସେ ଆମ ଘରକୁ ଯିବା ଆସିବା କଲା । କିନ୍ତୁ ତାର ଏଇ ସରଳ ବ୍ୟବହାର ଦ୍ୱାରା ଶେଷରେ କିଛି କ୍ଷତି ହେବ ବୋଲି

Digitized by srujanika@gmail.com

ମୁଁ ମୋଟେ ଚିନ୍ତା କରି ନ ଥିଲି । ତାପରେ କୌଣସି କାରଣରୁ ମୋ ମନରେ ସନ୍ଦେହ ହେଲା ଆଉ ସେଇଦିନଠୁଁ ମୋର ସୁଖ-ଶାନ୍ତି ସବୁ ଶେଷ ହୋଇଗଲା ।

"ସେଦିନର ଘଟଣାଟା ଅବଶ୍ୟ ଅତି ସାମାନ୍ୟ । ଅତର୍କିତ ଭାବରେ ମୁଁ ଆସି ଘରେ ପହଞ୍ଚିଲି । ଘରଭିତରକୁ ପଶିଗଲାବେଳକୁ ମୋ ସ୍ତ୍ରୀଙ୍କ ମୁହଁରେ ଆନନ୍ଦର ଚିହ୍ନ ଦେଖିପାରିଲି । କିନ୍ତୁ ମୋତେ ଦେଖିଲା ମାତ୍ରେ ସେ ଭାବ ବଦଳିଗଲା ଆଉ ସେ ହତାଶ ହୋଇ ବୁଲି ଚାଲିଗଲେ । ସେତିକି ମୋ ପାଇଁ ଯଥେଷ୍ଟ । ଜାଣିଲି ସେ ମୋ ପାଦ ଶବ୍ଦକୁ ଆଲେକ୍ ଫେୟାର୍ ବ୍ରେନର୍ ବୋଲି ଭାବିଥିଲେ । ସେତେବେଳେ ସେ ଲୋକଟାକୁ ଦେଖିଥିଲେ ମୁଁ ନିଶ୍ଚୟ ତାକୁ ହତ୍ୟାକରିଥାନ୍ତି । କାରଣ ମୁଁ ରାଗିଲା ବେଳେ ପାଗଳ ପରି ହୋଇଯାଏ । ମେରି ମୋ ଆଖିରେ ପିଶାଚର ଲକ୍ଷଣ ଦେଖି ମୋ ହାତଟା ଧରି ପକାଇ କହିଲା, "ସ୍ଥିର ହୁଅ ଜିମ୍ !" ମୁଁ ପଚାରିଲି, "ସାରା କାହିଁ ?" ସେ କହିଲା "ରୋଷେଇ ଘରେ ।" ମୁଁ ରୋଷେଇ ଘରକୁ ପଶିଯାଇ କହିଲି, "ସାରା, ଏଇ ଲୋକ ଫେୟାର୍ ବ୍ରେନ୍‌ଟା ଯେମିତି ଆଉ ଆମ ଘରକୁ ନ ଆସେ ।" କାହିଁକି ? ସେ ପଚାରିଲା । କହିଲି, "କାରଣ ମୋର ଆଦେଶ ।" ସେ କହିଲା, "ମୋ ବନ୍ଧୁମାନେ ଯଦି ତୁମକୁ ଭଲ ଲାଗୁନାହାନ୍ତି ତେବେ ମୁଁ ବି ଭଲ ଲାଗୁ-ନଥିବି । ମୋର ଏଠି ରହିବା ଠିକ୍ ନୁହେଁ ।" ମୁଁ କହିଲି, "ତୁମେ ଯାହା ମନ ତା କର; କିନ୍ତୁ ଫେୟାର୍‌ବ୍ରେନ୍ ଯଦି ଆଉ ଏଠି ମୁହଁ ଦେଖାଏ ମୁଁ ତାର ଗୋଟେ କାନ କାଟି ତମକୁ ଉପହାର ଦେବି ।" ମୋ ମୁହଁକୁ ଚାହିଁ ସେ ଡରିଗଲା ବୋଧହୁଏ । କାରଣ ସେ କିଛି ଉତ୍ତର ଦେଲା ନାହିଁ ଆଉ ସେଇ ସନ୍ଧ୍ୟାରେ ସେ ଆମ ଘରୁ ଚାଲିଗଲା ।

"ସାରା ଆମ ଘରଠୁ ଖଣ୍ଡେ ଦୂରରେ ଗୋଟେ ଘର ନେଇ ରହିଲା । ସେ ଘରେ ନାବିକମାନଙ୍କୁ ଭଡ଼ାରେ ରଖାଉଥିଲା । ଫେୟାର୍‌ବ୍ରେନ୍ ସେଇଠି ରହୁଥାଏ । ମେରି ସେଠିକି ତା ଭଉଣୀ ପାଖକୁ ଯାଏ । ସେ କେତେ ଥର ସେଠିକି ଯାଇଛି ମୁଁ ଜାଣେନା; କିନ୍ତୁ ଦିନେ ମୁଁ ତା ପଛେ ପଛେ ଗଲି ।

Digitized by srujanika@gmail.com

ମୁଁ ଘର ଦରଜା ପାଖେ ହେଲାବେଳକୁ ଫେୟାର୍‌ବ୍ରେନ୍ ପଛପାଖେ ବଗିଚ୍ଚ କାନ୍ଥ ଡେଇଁ କା-ପୁରୁଷ ପରି ପଳାଇଲା । ମୁଁ ମୋ ସ୍ତ୍ରୀକୁ ଧମକ ଦେଇ କହିଲି, "ଆଉ ଯଦି କେବେ ତାକୁ ଫେୟାର୍‌ବ୍ରେନ୍ ସାଥିରେ ଦେଖେ ତେବେ ସିଧାସଳଖ ମାରିଦେବି । ମୁଁ ତାକୁ ଧରି ଘରକୁ ଗୁଲିଆସିଲି । ସେ ଥରୁଥାଏ ଆଉ କାନ୍ଦୁଥାଏ । ତା ମୁହଁଟା କାଗଜ ପରି ଶେତା ପଡ଼ିଯାଇଥାଏ । ଆମ ଭିତରେ ଆଉ ସ୍ନେହର କିଛି ରହିନଥିଲାନାହିଁ । ସେ ମୋତେ ଭୟ ଆଉ ଘୃଣା କଲା । ସେ କଥା ଭାବି ମୁଁ ଅଧିକ ମଦ ଖାଇବାରେ ଲାଗିଲି । ସେ ମୋତେ ଗାଳିଗୁଲଜ ବି କଲା ।

"ସାରା ଦେଖିଲା ଲିଭର୍‌ପୁଲ୍‌ରେ ଚଳିବା ପାଇଁ ତାର କିଛି ରୋଜଗାର ନାହିଁ । ତେଣୁ ସେ ସେଠୁ ଗୁଲିଆସିଲା । ମୁଁ ଭାବିଲି ସେ କ୍ରୟ୍‌ଡନ୍‌ରେ ତା ବଡ଼ଭଉଣୀଙ୍କ ପାଖେ ରହିବାକୁ ଯାଇଥିବ । ଏଣେ ଆମ ଘରର ଅବସ୍ଥା ଯାହା ଥିଲା ସେଇଆ । ତାପରେ ଆସିଲା ଏଇ ଗଲା ସପ୍ତାହ ଆଉ ତା ସାଥିରେ ସବୁ ଦୁଃଖ ଦୁର୍ଦ୍ଦଶା ।

"ଘଟଣାଟା ଏଇପରି ଘଟିଲା । ଆମେ ସାତ ଦିନ ଜଳଯାତ୍ରା ପାଇଁ ମେଡ଼େ଼ ଜାହାଜରେ ବାହାରିଲୁ । କିନ୍ତୁ କେତେକ ଅସୁବିଧା ଯୋଗୁଁ ଆମକୁ ବନ୍ଦରକୁ ଫେରିବାକୁ ପଡ଼ିଲା ଆଉ ବାରଘଣ୍ଟା ରହିବାକୁ ହେଲା । ମୁଁ ଜାହାଜ ଛାଡ଼ି ଘରକୁ ଗୁଲିଆସିଲି । ଭାବିଲି ମୋତେ ଦେଖି ମୋ ସ୍ତ୍ରୀ ଆଶ୍ଚର୍ଯ୍ୟ ହୋଇଯିବ ଆଉ ଏତେ ଶୀଘ୍ର ମୋତେ ଫେରିବାର ଦେଖି ଖୁସି ହେବ । ଆମ ଘର ପାଖାପାଖି ହେଲାବେଳକୁ ମୁଁ ଏ କଥା ଭାବୁଥାଏ । ସେତିକିବେଳେ ମୋ ପାଖଦେଇ ଗୋଟେ ଘୋଡ଼ାଗାଡ଼ି ଗୁଲିଗଲା । ଦେଖିଲି ତା ଭିତରେ ମୋ ସ୍ତ୍ରୀ ଫେୟାର୍‌ବ୍ରେନ୍ ପାଖରେ ବସିଛି । ଦୁ' ଜଣଯାକ ହସ ଖୁସିରେ ଗପ କରୁଛନ୍ତି । ମୋ କଥା ମୋଟେ ତାଙ୍କ ମନରେ ନାହିଁ । ମୁଁ ଫୁଟ୍‌ପାଥରୁ ତାଙ୍କୁ ଗୁହିଁଥାଏ ।

"ଆପଣଙ୍କ ପାଖରେ ଶପଥକରି କହୁଛି, ସେତିକିବେଳୁ ମୋର ଆଉ ନିଜକୁ ସମ୍ଭାଳିବା ଶକ୍ତି ରହିଲା ନାହିଁ । ଏବେ ସେକଥା ଭାବିଲା ବେଳକୁ ମୋତେ

Digitized by srujanika@gmail.com

ସ୍ୱପ୍ନପରି ଲାଗୁଛି । କେତେ ଦିନ ହେଲା ମୁଁ ପ୍ରଚୁର ମଦ ଖାଉଥିଲି । କ୍ରୋଧ ଆଉ ମଦ ନିଶାରେ ମୋ ମୁଣ୍ଡ କ'ଣ ହୋଇଗଲା । ସାରା ନାଏଗ୍ରା ଯେମିତି ମୋ ମୁଣ୍ଡ ଭିତରେ ଛୁଟିଗ୍ଲଲାଛି ।

"ମୁଁ ସାଙ୍ଗେ ସାଙ୍ଗେ ବୁଲିପଡ଼ି ଗାଡ଼ିପଛରେ ଧାଇଁଲି । ମୋ ହାତରେ ଓକ୍ କାଠର ଗୋଟାଏ ମୋଟାବାଡ଼ି ଥାଏ । ସତ କହୁଛି, ମୋ ଆଖିରେ ପ୍ରଥମରୁ ଖାଲି ରକ୍ତର ବିଚ୍ଛୁରିକା ଦେଖାଗଲା । ମୁଁ ଟିକଏ ଚତୁର କାମ କଲି । ଗାଡ଼ି ପାଖକୁ ନ ଯାଇ ଟିକଏ ପଛରେ ଯାଉଥାଏ । ତେଣୁ ମୁଁ ତାଙ୍କୁ ଦେଖିପାରୁଥାଏ; କିନ୍ତୁ ସେମାନେ ମୋତେ ଦେଖିପାରୁନଥାନ୍ତି । ସେମାନେ ରେଲଷ୍ଟେସନରେ ଅଟକିଲେ । ବୁକିଙ୍ଗ୍ ଅଫିସ ପାଖରେ ବହୁତ ଭିଡ଼ ଥିଲା । ତେଣୁ ମୁଁ ତାଙ୍କର ଖୁବ୍ ପାଖକୁ ଗ୍ଲଲିଗଲେ ମଧ୍ୟ ସେମାନେ ମୋତେ ଦେଖି ପାରିଲେନାହିଁ । ସେମାନେ ନାଉର୍ବ୍ରିଟନ୍‌କୁ ଟିକେଟ୍ କିଣିଲେ । ମୁଁ ମଧ୍ୟ ସେଇଆ କଲି । ଟ୍ରେନରେ ସେମାନେ ଯେଉଁ ବଗିରେ ଉଠିଲେ ମୁଁ ତାର ପଛକୁ ଗୋଟେ ବଗିରେ ଉଠିଲି । ସେଠି ପହଞ୍ଚି ସେମାନେ ସମୁଦ୍ର କୂଳେ କୂଳେ ଗ୍ଲଲିଲେ । ମୁଁ ତାଙ୍କଠୁ ମୋଟେ ଶହେ ଗଜ ଦୂରରେଥାଏ । ଶେଷରେ ଦେଖିଲି ସେମାନେ ଗୋଟେ ଡଙ୍ଗା ଭଡ଼ାକଲେ । ଖୁବ୍ ଗରମ ହେଉଥାଏ । ତେଣୁ ପାଣିଭିତରେ ଥଣ୍ଡା ଲାଗିବ ବୋଲି ସେମାନେ ବୋଧହୁଏ ଭାବିଲେ ।

"ଏତେ ଯେମିତି ସେମାନେ ମୋ ହାତମୁଠାରେ । ଟିକଏ କୁହୁଡ଼ିଆ ପାଗ ହୋଇଥାଏ ଆଉ ଦୂରର କିଛି ଜିନିଷ ଦେଖାଯାଉଥାଏ । ମୁଁ ବି ଗୋଟେ ଡଙ୍ଗା ଭଡ଼ାକରି ତାଙ୍କ ପଛେ ପଛେ ଗ୍ଲଲିଲି । ତାଙ୍କ ଡଙ୍ଗାର ରଙ୍ଗଟା ମୋତେ ଦେଖାଯାଉଥାଏ । କିନ୍ତୁ ମୁଁ ଯେତିକି ବେଗରେ ଯାଉଥାଏ ସେମାନେ ପ୍ରାୟ ସେତିକି ବେଗରେ ଯାଉଥାନ୍ତି । ମୁଁ ତାଙ୍କ ପାଖରେ ହେଲାବେଳକୁ ସେମାନେ କୂଳରୁ ପ୍ରାୟ ମାଇଲିଏ ଦୂରରେ । ଆମ ଗ୍ଲରିପାଖେ ପରଦା ପରି କୁହୁଡ଼ି ଘୋଟିଥାଏ । ତା ମଝିରେ ଆମେ ତିନି ଜଣ । ତାଙ୍କ ପାଖକୁ ଲାଗିଆସୁଥିବା ଡଙ୍ଗାରେ କିଏ ଯେତେବେଳେ ସେମାନେ ଦେଖିଲେ, ତାଙ୍କର ସେତେବେଳର ମୁହଁ ମୁଁ କେବେ ଭୁଲିପାରିବିନାହିଁ । ମେରି ଚିତ୍କାରକରି

Digitized by srujanika@gmail.com

ଉଠିଲା । ସେ ଲୋକଟା ପାଗଳପରି ଗର୍ଜିଉଠି ଗୋଟେ ଆହୁଲାରେ ମୋତେ ପିଟିବାକୁ ଉଠିଲା । କାରଣ ମୋ ଆଖିରେ ସେ ନିଶ୍ଚୟ ମରଣର ବହ୍ନିଶିଖା ଦେଖିଥିବ । ମୁଁ କୌଣସି ପ୍ରକାରେ ଖସିଯାଇ ମୋ ବାଡ଼ିରେ ତା ମୁଣ୍ଡକୁ ପାହାରେ ଦେଲି । ଗୋଟେ ଅଣ୍ଡାପରି ସେଟା ଫାଟି ଛତୁହୋଇଗଲା । ସେତେ଼ ପାଗଳପରି ହୋଇଥିଲେ ବି ମୁଁ ମେରୀକୁ ଛାଡ଼ିଦେଇଥାନ୍ତି । କିନ୍ତୁ ସେ ଆଲେକ୍‌କୁ ଦୁ'ହାତରେ ଜାବୁଡ଼ିଧରି 'ଆଲେକ୍' 'ଆଲେକ୍' ବୋଲି ଡାକଛାଡ଼ିଲା । ମୋ ମୁଣ୍ଡକୁ ପୁଣି ରକ୍ତ ଉଠିଗଲା । ମୁଁ ପୁଣି ଗୋଟେ ପାହାର ବସାଇଲି ଆଉ ମେରୀ ସେଇଠି ଆଲେକ୍ ପାଖରେ ପଡ଼ିଗଲା । ସେତେବେଳକୁ ମୁଁ ଗୋଟେ ରକ୍ତମୁଖା ବାଘ । ସାରା ସେଠି ଥିଲେ ତା ଅବସ୍ଥା ମଧ୍ୟ ସେଇଆ ହୋଇଥାନ୍ତା । ମୁଁ ମୋ ଛୁରୀଟା ବାହାରକଲି । ଗୋଟେ ହିଂସ୍ର ଆନନ୍ଦରେ ଭାବିଲି ସାରା ତାର ଅନଧିକାର ଚର୍ଚ୍ଚାର ପରିଣତି ଦେଖିଲେ କିପରି ଅନୁଭବ କରିବ ! ତା ପରେ ମୁଁ ଦୁ'ଟାଯାକ ଦେହ ଡଙ୍ଗାରେ ବାନ୍ଧିଦେଇ ଡଙ୍ଗାଟାକୁ ବୁଡ଼ାଇଦେଲି । ମୁଁ ଜାଣିଥିଲି, ଡଙ୍ଗାର ମାଲିକ ଭାବିବ ସେମାନେ କୁହୁଡ଼ିରେ ଡଙ୍ଗା ଅସ୍ୱକରନପାରି ସମୁଦ୍ର ଭିତରକୁ ଭାସିଯାଇଛନ୍ତି । ମୁଁ ଧୂଆଧୋଇ, ସଫାସୁତରା ହୋଇ କୂଳକୁ ଫେରିଆସି ମୋ ଜାହାଜକୁ ଚାଲିଗଲି । ଯାହା ଘଟିଗଲା ସେ ବିଷୟରେ କେହି ସନ୍ଦେହ କରିପାରିଲେନାହିଁ । ସେଇ ରାତିରେ ମୁଁ ସାରା କୁସିଙ୍ଗ ପାଖକୁ ପଠାଇବା ପାଇଁ ପ୍ୟାକେଟ୍‌ଟା ଠିକ୍ କଲି ଆଉ ତା ପରଦିନ ବେଲ୍‌ଫାଷ୍ଟରୁ ସେଟା ପଠାଇଦେଲି ।

"ମୁଁ ଆପଣଙ୍କ ଆଗେ ସବୁ ସତକଥା କହୁଛି । ଆପଣ ମୋତେ ଫାଶୀ ଦିଅନ୍ତୁ ବା ଯାହା କରନ୍ତୁ । ହେଲେ ମୁଁ ଯେପରି କଷ୍ଟପାଇସାରିଛି ଆପଣ ମୋତେ ସେପରି କଷ୍ଟ ଦେଇପାରିବେନାହିଁ, ମୁଁ ଆଖିବୁଜିପାରୁନାହିଁ । ସେ ମୁହଁ ଦୁ'ଟା ମୋ ଆଖିଆଗରେ ସବୁବେଳେ ଦିଶିଯାଉଛି । ମୁଁ ତାଙ୍କୁ ଖୁବ୍ ଶୀଘ୍ର ମାରିଦେଲି । ସେମାନେ କିନ୍ତୁ ମୋତେ ଧୀରେ ଧୀରେ ହତ୍ୟା କରୁଛନ୍ତି । ଯଦି ଆଉ ଗୋଟେ ରାତି ଏପରି ହୁଏ ତେବେ ମୁଁ ପାଗଳ ହୋଇଯିବି କିମ୍ବା ମରିଯିବି । ଆପଣ ମୋତେ ଜେଲ୍‌ର କୋଠରିରେ ଏକା

Digitized by srujanika@gmail.com

ରଖିବେ ନାହିଁ ତ ? ଦୟାକରି ସେତକ କରିବେ ନାହିଁ । ଆପଣଙ୍କ ଦୁଃଖ ସମୟରେ ଭଗବାନ୍ ଆପଣଙ୍କୁ ଦୟାକରିବେ ।”

କାଗଜଟା ରଖିଦେଇ ହୋମ୍‌ସ କହିଲେ, “ଏହାର ଅର୍ଥ କ'ଣ, ଉଆଟ୍‌ସନ୍ ? ଏଇ ଦୁଃଖ, ହିଂସା ଆଉ ଭୟ ଦ୍ୱାରା କି କାମ ସାଧିତ ହେଉଛି ? ଏହା'ର ନିଶ୍ଚୟ କିଛି ଫଳ ଅଛି । ତା ନହେଲେ ଏ ବିଶ୍ୱ କେବଳ ଦୈବଯୋଗ ଦ୍ୱାରା ଚାଲୁଛି । ସେ କଥା କଳ୍ପନା କରାଯାଇନପାରେ । କିନ୍ତୁ କି ଫଳ ? ଏ ହେଲା ଏକ ସ୍ଥାୟୀ-ସମସ୍ୟା ଆଉ ଏହାର ଉତ୍ତର ଯେପରି ଅନେକ ଦୂର । ଏ ବିଷୟରେ ମଣିଷର ଚିନ୍ତାଶକ୍ତି ମଧ୍ୟ ସେହିପରି ଦୂରରେ । ※ ※ ※

Digitized by srujanika@gmail.com

ନାଲ ବୃତ୍ତ

"ଦେଖନ୍ତୁ ମିସେସ୍ ୱାରେନ୍, ଆପଣ ବ୍ୟସ୍ତହେବାର ସେମିତ କିଛି କାରଣ ମୁଁ ଦେଖୁନାହିଁ। ମୋ ସମୟ ଯଥେଷ୍ଟ ମୂଲ୍ୟବାନ । ତେଣୁ ମୁଁ ଏଥିରେ କାହିଁକି ହସ୍ତକ୍ଷେପ କରିବି ଜାଣିପାରୁନାହିଁ । ମୋର ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାମ ଅଛି ।" ଏୟା କହି ସେର୍‌ଲେକ୍ ହୋମ୍‌ସ ତାଙ୍କ ନୂଆ ନୂଆ ଅଭିଯାନର ସୂଚୀପତ୍ର ଲେଖୁଥିବା ବହିଟାକୁ ଖୋଲିବସିଲେ ।

କିନ୍ତୁ ଭଦ୍ରମହିଳାଙ୍କର ନାରୀସୁଲଭ ଚତୁରତା ଆଉ ଦୃଢ଼ତା ଥିଲା । ସେ ଦୃଢ଼ହୋଇ କହିଲେ । କହିଲେ, "ମୋ ଘରେ ଭଡ଼ାରେ ରହୁଥିବା ମିଷ୍ଟର୍ ଫେୟାର୍‌ଡେଲ୍ ହବ୍‌ସ୍‌ଙ୍କର ଗୋଟେ ଘଟଣା ଆପଣ ଗଲା ବର୍ଷ ଠିକ୍ କରି ଦେଇଥିଲେ ।"

"ଓଃ, ହଁ—ଗୋଟେ ସରଳ ଘଟଣା ।"

"କିନ୍ତୁ ସେ ସବୁବେଳେ ସେଇ କଥା କହନ୍ତି । ଆପଣଙ୍କ ଦୟା ଆଉ ଆପଣ କେମିତି ଭାବରେ ଘଟଣାଟା ଆଲୁଅକୁ ଆଣିଲେ । ମୋର ଯେତେ-ବେଳେ ସନ୍ଦେହହେଲା ଆଉ ମୁଁ ଅନ୍ଧାରରେ ରହିଗଲି, ସେତେବେଳେ ତାଙ୍କ କଥା ସବୁ ମୋର ମନେପଡ଼ିଗଲା । ମୁଁ ଜାଣେ ଆପଣ ଇଚ୍ଛାକଲେ ଏ ଘଟଣାରେ ଆଲୋକପାତ କରିପାରିବେ ।"

ଟିକିଏ ଟେକାଟେକିକରି କହିଲେ ହୋମ୍‌ସ ବଶ ହୋଇଯାଆନ୍ତି । ତା ଛଡ଼ା ସେ ଖୁବ୍ ଦୟାଳୁ । ଏ ଦୁଇକାରଣରୁ ସେ କଲମଟା ରଖିଦେଇ ଚଉକିଟା ପଛକୁ ଘୁଞ୍ଚାଇ କହିଲେ, "ହଉ, ହଉ ମିସେସ୍ ୱାରେନ୍, ଘଟଣାଟା କ'ଣ ଶୁଣିବା । ମୁଁ ସିଗାରେଟ୍ ପିଇଲେ ଆପଣଙ୍କର ଆପତ୍ତି ନାହିଁ ତ ? ଧନ୍ୟବାଦ । ୱାଟସନ୍ – ଦିଆସିଲିଟା । ହଁ, ମୁଁ ଜାଣିଛି, ଆପଣଙ୍କ ନୂଆ ଭଡ଼ାଟିଆ ସବୁବେଳେ ଘରଭିତରେ ରହୁଛନ୍ତି ଆଉ ଆପଣ ତାଙ୍କୁ ମୋଟେ ଦେଖିବାକୁ ପାଉନାହାଁନ୍ତି । ତେଣୁ ଆପଣ ବ୍ୟସ୍ତ । କିନ୍ତୁ କାହିଁକି ?

Digitized by srujanika@gmail.com

ମୁଁ ଯଦି ଆପଣଙ୍କ ଘରେ ଭଡ଼ାରେ ରହୁଥାନ୍ତି ଆପଣ ମୋତେ ସପ୍ତାହ ସପ୍ତାହ ଧରି ଦେଖିବାକୁ ପାଆନ୍ତେ ନାହିଁ ।”

“ତା ସତ ଆଜ୍ଞା । ହେଲେ ଏ କଥା ଅଲଗା । ମୋତେ ଖୁବ ଭୟ ଲାଗୁଛି, ମିଷ୍ଟର୍ ହୋମ୍‌ସ । ଭୟରେ ମୁଁ ଶୋଇପାରୁନାହିଁ । ବଡ଼ସକାଳୁ ପୁଣି ରାତି ଅଧଯାଏଁ ଘରଭିତରେ ସେ ଏପଟ ସେପଟ ହେବାର ଶବ୍ଦ ଶୁଭୁଛି । ତଥାପି କେବେ ମୁହୂର୍ତ୍ତିକ ପାଇଁ ବି ତାଙ୍କ ଦେଖାପାଉନାହିଁ । ମୁଁ ମୋଟେ ଧୈର୍ଯ୍ୟ ଧରିପାରୁନାହିଁ । ମୋ ସ୍ୱାମୀ ବି ମୋ ପରି ଘାବରେଇ ଯାଉଛନ୍ତି । କିନ୍ତୁ ସେ ଦିନଯାକ ବାହାରେ ତାଙ୍କ କାମରେ ବ୍ୟସ୍ତ । ଘରଭିତରେ ମୁଁ ଟିକିଏ ହେଲେ ଶାନ୍ତିରେ ରହିପାରୁନାହିଁ । ସେ କାହିଁକି ଲୁଚିରହିଛନ୍ତି ? କ'ଣ କରିଛନ୍ତି ? ଚାକରାଣୀ ପିଲାଟି ଛଡ଼ା ମୁଁ ଘରେ ଏକୁଟିଆ । ମୋତେ ବଡ଼ ଭୟ ଲାଗୁଛି ।”

ହୋମ୍‌ସ ଟିକିଏ ଆଗକୁ ଝୁଙ୍କିପଡ଼ି ତାଙ୍କ ଲମ୍ବା ସରୁ ଆଙ୍ଗୁଠି ଭଦ୍ରମହିଳାଙ୍କ କାନ୍ଧଉପରେ ରଖିଲେ । କୌଣସି ଲୋକକୁ ସାନ୍ତ୍ୱନା ଦେବାରେ ତାଙ୍କର କୁହୁକପରି ଶକ୍ତିଥିଲା । ଭଦ୍ରମହିଳାଙ୍କ ଆଖିରୁ ଭୟର ଚାହାଣୀ ଅପସରି ଗଲା । ତାଙ୍କର ଉଦ୍‌ବେଗ ଦୂରହୋଇଯାଇ ସେ ସାଧାରଣ ଧୀରସ୍ଥିର ଅବସ୍ଥାକୁ ଫେରିଆସିଲେ । ସେ ଚଉକି ଉପରେ ବସିଗଲେ । ହୋମ୍‌ସ କହିଲେ, “କେଶ୍‌ଟା ଯଦି ମୁଁ ହାତକୁ ନିଏ ତେବେ ଟିକିନିଖି ଘଟଣା ମୋର ଜାଣିବା ଦରକାର । ଆପଣ ଭଲଭାବେ ଚିନ୍ତାକରନ୍ତୁ । ନିହାତି ଛୋଟ ଘଟଣା ମଧ୍ୟ ଖୁବ୍ ପ୍ରୟୋଜନୀୟ ହୋଇପାରେ । ଆପଣ କହିଲେ ଭଦ୍ରଲୋକ ଦଶଦିନ ପୂର୍ବେ ଆସି ପହଞ୍ଚିଲେ ଆଉ ଆପଣଙ୍କୁ ପନ୍ଦରଦିନର ଘରଭଡ଼ା ଏବଂ ଖାଇବା ଖର୍ଚ୍ଚ ଆଗତୁରା ଦେଲେ ?”

“ହଁ, ସେ ମୋତେ ଭଡ଼ା କେତେ ଆଉ ଅନ୍ୟାନ୍ୟ ସର୍ତ୍ତ କଥା ପଚାରିଲେ । ମୁଁ ସପ୍ତାହକୁ ପଚାଶ ସିଲିଂ ଭଡ଼ା ବୋଲି କହିଲି । କାରଣ ଉପର ମହଲାରେ ଗୋଟେ ଛୋଟ ବୈଠକଖାନା, ଶୋଇବା ଘର ଆଉ ଅନ୍ୟ ସବୁପ୍ରକାର ବ୍ୟବସ୍ଥା ଅଛି ।”

“ଆଚ୍ଛା, ତା'ପରେ ?”

Digitized by srujanika@gmail.com

"ସେ କହିଲେ, 'ଆପଣ ମୋ ସର୍ତ୍ତରେ ରାଜିହେଲେ ମୁଁ ସପ୍ତାହକୁ ଆପଣଙ୍କୁ ପାଞ୍ଚ ପାଉଣ୍ଡ କରି ଦେବି ।' ମୁଁ ଗରିବ ଆଜ୍ଞା, ଆଉ ମିଷ୍ଟର୍ ଉଆରେନ୍‌ଙ୍କ ରୋଜଗାର ବି ଖୁବ୍ କମ୍ । ତେଣୁ ମୋ ପାଇଁ ପଇସାର ମୂଲ୍ୟ ଖୁବ୍ ବେଶୀ । ସେ ସାଙ୍ଗେ ସାଙ୍ଗେ ଗୋଟେ ଦଶପାଉଣ୍ଡିଆ ନୋଟ୍ ବାହାର-କରି ଧରିଲେ । କହିଲେ, 'ଆପଣ ଯଦି ମୋ ସର୍ତ୍ତରେ ରାଜିହୁଅନ୍ତି ତେବେ ପ୍ରତି ପନ୍ଦର ଦିନରେ ଦଶ ପାଉଣ୍ଡ୍ କରି ପାଇବେ । ତା ନହେଲେ ମୋର ଆପଣଙ୍କ ସାଥିରେ ଆଉ କିଛି କଥାବାର୍ତ୍ତା କରିବାର ନାହିଁ' ।"

"ତାଙ୍କର ସର୍ତ୍ତ ସବୁ କ'ଣ ?"

"ସର୍ତ୍ତ ହେଲା ସେ ଘରର ଗୋଟେ ଚାବି ରଖିବେ । ସେଥିରେ କିଛି ଅସୁବିଧା ନାହିଁ । ଯେଉଁମାନେ ଭଡ଼ାରେ ରହନ୍ତି ସେମାନେ ବେଳେ ବେଳେ ଚାବିରଖନ୍ତି । ଆଉ ମଧ୍ୟ ତାଙ୍କର ସର୍ତ୍ତ ହେଲା ସେ ଏକୁଟିଆ ନିରୋଳାରେ ରହିବେ । ଯେ କୌଣସି ପରିସ୍ଥିତିରେ ତାଙ୍କୁ ଯେପରି ହଇରାଣ କରା ନ ଯାଏ ।"

"ଏଇଟା ନିଶ୍ଚୟ କିଛି ଆଶ୍ଚର୍ଯ୍ୟ କଥା ନୁହେଁ ?"

"ଆବଶ୍ୟ ଯୁକ୍ତି ଦୃଷ୍ଟିରୁ ନୁହେଁ । କିନ୍ତୁ ଘଟଣାଟା ସବୁ ଯୁକ୍ତିର ବାହାରେ । ସେ ଦଶଦିନ ହେଲା ଆସି ରହିଲେଣି । ମିଷ୍ଟର୍ ଉଆରେନ୍ କିମ୍ବା ମୁଁ କିମ୍ବା ଚାକରାଣୀ ପିଲା ଥରକ ପାଇଁ ମଧ୍ୟ ତାଙ୍କୁ ଦେଖିନାହୁଁ । ସକାଳେ, ରାତିରେ, ଦିନ ଦିପ୍ରହରେ ଆମେ ତାଙ୍କ ପାଦ ଶବ୍ଦ ଶୁଣିପାରୁଛୁ । କିନ୍ତୁ ସେ ଯେଉଁଦିନ ଆସିଲେ ସେଇ ପ୍ରଥମ ରାତି ଛଡ଼ା ସେ ଘରଭିତରୁ ମୋଟେ ସଦାକୁ ବାହାରି ନାହାନ୍ତି ।"

"ତା'ହେଲେ ପ୍ରଥମଦିନ ରାତିରେ ସେ ବାହାରକୁ ଯାଇଥିଲେ ?"

"ହଁ । ଆଉ ବହୁତ ଡେରିରେ ଫେରିଲେ । ସେତେବେଳକୁ ଆମେ ସବୁ ଶୋଇସାରିଥିଲୁ । ସେ ଘରନେଲାବେଳେ କହିଥିଲେ ଏମିତି ସେ ରାତିରେ ଡେରିରେ ଆସିବେ । ତେଣୁ ମୁଁ ସାମନା ଦରଜାଟା ବନ୍ଦ କରିନଥିଲି । ସେ ଦିନ ଅଧରାତିପରେ ମୁଁ ପାହାଚରେ ତାଙ୍କ ପାଦ ଶବ୍ଦ ଶୁଣିଲି ।"

"କିନ୍ତୁ ତାଙ୍କ ଖାଇବା ଜିନିଷ ?"

Digitized by srujanika@gmail.com

"ସେ ନିର୍ଦ୍ଦେଶ ଦେଇଥିଲେ ଯେ, ସେ ବେଲ୍ ବଜାଇଲେ ଆମେ ଖାଇବା ଜିନିଷନେଇ ଦରଜା ପାଖରେ ଥିବା ଗୋଟେ ଚଉକି ଉପରେ ରଖିଦେଇ ଆସିବୁ । ଖାଇସାରିବା ପରେ ସେ ପୁଣି ବେଲ ଦେଲେ ଆମେ ସେଇ ଚଉକି ଉପରୁ ବାସନ କୁସନ ନେଇ ଆସିବୁ । କେତେବେଳେ ତାଙ୍କର କୌଣସି ଜିନିଷ ଦର୍କାର୍ ହେଲେ ସେ ଖଣ୍ଡେ କାଗଜରେ ଛପାଅକ୍ଷରରେ ତା ନାଁଟା ଲେଖି ଚଉକି ଉପରେ ରଖିଦିଅନ୍ତି ।"

"ଛପା ଅକ୍ଷରରେ ଲେଖିଦିଅନ୍ତି ?"

"ହଁ ଆଜ୍ଞା, ଗୋଟେ ପେନ୍‌ସିଲ୍‌ରେ ଛପାଅକ୍ଷରରେ । କେବଳ ଜିନିଷର ନାଁ, ଗୋଟିଏ ଶବ୍ଦ, ଆଉ ଅଧିକା କିଛି ନୁହେଁ । ଏଇ ଦେଖନ୍ତୁ, ଗୋଟେ ଆପଣଙ୍କୁ ଦେଖାଇବାପାଇଁ ମୁଁ ଆଣିଛି—SOAP (ସାବୁନ) । ଏଇ ଆଉ ଗୋଟେ—MATCH (ଦିଆସିଲି) । ଆଉ ଏଇଟା ସେ ପ୍ରଥମ ଦିନ ଲେଖିଥିଲେ—DAILY GAZETTE (ଦୈନିକ ଖବରକାଗଜ) । ପ୍ରତିଦିନ ସକାଳେ ଜଳଖିଆ ଦେଲାବେଳେ ମୁଁ ଖବରକାଗଜଟା ରଖିଦେଇ ଆସେ ।"

ଭଦ୍ରମହିଳା କାଗଜ ଖଣ୍ଡ ଗୁଡ଼ିକୁ ହୋମ୍‌ସଙ୍କ ହାତକୁ ବଢ଼ାଇଦେଲେ । ହୋମ୍‌ସ ଖୁବ୍ ଆଗ୍ରହରେ କାଗଜ ଆଡ଼େ ଚାହିଁଦେଇ କହିଲେ, "ଦେଖ ଓ୍ୱାଟ୍‌ସନ୍, ଏଇଟା ନିଶ୍ଚୟ କିଛିଟା ଅସାଧାରଣ । ନିଭୃତରେ ଲୁଚିରହିବା ସ୍ତ୍ରୀର ଉଦ୍ଦେଶ୍ୟ ବୋଲି ମୁଁ ବୁଝିପାରୁଛି । କିନ୍ତୁ ଛପାଅକ୍ଷର କାହିଁକି ? ଛପାଅକ୍ଷର ଲେଖିବାଟା ସୁବିଧା । ସାଧାରଣ ହାତଲେଖା ନ ଲେଖିବାର କାରଣ କ'ଣ ? ଏଥିରୁ କ'ଣ ଜଣାଯାଉଛି, ଓ୍ୱାଟ୍‌ସନ୍ ?"

"ସେ ନିଜର ହସ୍ତାକ୍ଷର ଲୁଚାଇବାକୁ ଚାହାଁନ୍ତି ।"

"କିନ୍ତୁ କାହିଁକି ? ତାଙ୍କ ଘରବାଲି ତାଙ୍କ ହସ୍ତାକ୍ଷରରେ ଗୋଟେ ଶବ୍ଦ ଜାଣିଲେ କ'ଣ ଯାଏ ଆସେ ? ତଥାପି ତୁମେ ଯାହା କହିଲ ତା ହୋଇ-ପାରେ । ପୁଣି ଏପରି ସଂକ୍ଷେପରେ ଲେଖିବାର କାରଣ କ'ଣ ?

"ମୁଁ କିଛି ଭାବିପାରୁନାହିଁ ।"

Digitized by srujanika@gmail.com

"ଗଣ୍ଠିର ଚନ୍ଦ୍ରାକାର ଗୁଣ୍ଡି ଖଣ୍ଡେଇ ଅନୁମାନ କରିବା ପାଇଁ ଏ ଗୋଟାଏ ପରିସ୍ଥିତି । ଏ ଶବ୍ଦ କେତେଟା ଗୋଟେ ଅସାଧାରଣ ମୋଟା ସୀସା ଥିବା କପି ପେନ୍‌ସିଲ୍‌ରେ ଲେଖାଯାଇଛି । ତା ଛଡ଼ା ତୁମେ ଲକ୍ଷ୍ୟକଲେ ଦେଖିପାରିବ ଶବ୍ଦଟା ଲେଖାହେଲା ପରେ ଏ କାଗଜର କଡ଼ଟା ଚିରିଯାଇଛି । ଫଳରେ SOAP (ସାବୁନ) ଶବ୍ଦର S ଅକ୍ଷରରୁ କିଛି କଟିଯାଇଛି । ଏଥିରୁ ନିଶ୍ଚୟ କିଛି ସଙ୍କେତ ଜାଣିହେବ—ନା କ'ଣ ୱାଟ୍‌ସନ୍ ?"

"ହଁ, ସାବଧାନତାର ସଙ୍କେତ ।"

"ବିଲ୍‌କୁଲ୍ ଠିକ୍ । କାଗଜରେ ନିଶ୍ଚୟ କିଛି ଚିହ୍ନ ଥିଲା । ଆଙ୍ଗୁଠି ଚିହ୍ନ ବା ଅନ୍ୟ କିଛି ଚିହ୍ନ, ଯେଉଁଥିରୁ ଲୋକର ପରିଚୟ ଜଣାପଡ଼ିଯିବ । ଆଚ୍ଛା ମିସେସ୍ ୱାରେନ୍, ଆପଣ କହୁଥିଲେ ଯେ ଲୋକଙ୍କର ଉଚ୍ଚତା ସାଧାରଣ ଆଉ ମୁହଁରେ ଦାଢ଼ି । ତାଙ୍କ ବୟସ ପ୍ରାୟ କେତେ ହେବ ?"

"ସେ ଯୁବକ । ବୟସ ତିରିଶ ବର୍ଷ ଭିତରେ ହେବ ।"

"ଆପଣ ଆଉ କିଛି ସୂଚନା ଦେଇପାରିବେନାହିଁ ?"

"ସେ ଭଲ ଇଂରାଜି କହୁଥିଲେ; କିନ୍ତୁ ତାଙ୍କ ଉଚ୍ଚାରଣରୁ ମୁଁ ଭାବିଲି ସେ ଇଂରେଜ ନୁହଁନ୍ତି, ବିଦେଶୀ ।"

"ଆଉ ତାଙ୍କ ପୋଷାକ ପତ୍ର ଭଲ ଥିଲା ?"

"ହଁ, ବେଶ୍ ଭଲ । ଜଣେ ସମ୍ଭ୍ରାନ୍ତ ଭଦ୍ରଲୋକ ପରି । ଲକ୍ଷ୍ୟ କଲାଭଳି କିଛି ଅସାଧାରଣ ଜିନିଷ ନଥିଲା ।"

"ସେ ତାଙ୍କ ନାଁ କ'ଣ କହିନଥିଲେ ?"

"ନାଁ ଆଜ୍ଞା ।"

"କିନ୍ତୁ ପ୍ରତିଦିନ ସକାଳେ ଆପଣ କିମ୍ବା ଆପଣଙ୍କ ଚାକରାଣୀ ତ ତାଙ୍କ ରୁମ୍ ଭିତରକୁ ନିଶ୍ଚୟ ଯାଉଥିବେ ?"

"ନା, ତାଙ୍କର ସବୁ କାମ ସେ ନିଜେ କରନ୍ତି ।"

"ବାଃ, ଏ ତ ବଡ଼ ଅସାଧାରଣ କଥା । ଆଚ୍ଛା, ତାଙ୍କର ଜିନିଷପତ୍ର କ'ଣ ସବୁ ଥିଲା ?"

"କେବଳ ଗୋଟେ ମାଟିଆରଙ୍ଗର ବଡ଼ ବ୍ୟାଗ୍ ଛଡ଼ା ଆଉ କିଛି ନାହିଁ ।"

Digitized by srujanika@gmail.com

"ଆମକୁ ସାହାଯ୍ୟ କଲାପରି କିଛି ମୁଁ ଦେଖିପାରୁନାହିଁ । ଆଚ୍ଛା, ଆପଣ କ'ଣ କହୁଛନ୍ତି ସେ ଘରଭିତରୁ କିଛି ଜିନଷ ବାହାରେ ନାହିଁ ?"

ଭଦ୍ରମହିଳା ତାଙ୍କ ବ୍ୟାଗରୁ ଗୋଟେ ଲଫାପା ବାହାର କଲେ । ତା ଭିତରୁ ଦୁ'ଖଣ୍ଡ ଦରପୋଡ଼ା ଦିଆସିଲି କାଠି ଆଉ ଖଣ୍ଡେ ସିଗାରେଟ୍‌ର ପୋଡ଼ାମୁଣ୍ଡି ବାହାରକରି ଟେବୁଲଉପରେ ରଖିଲେ ।

"ଆଜି ସକାଳେ ତାଙ୍କ ଟେବୁଲରେ ଏଗୁଡ଼ା ପଡ଼ିଥିଲା । ମୁଁ ଶୁଣିଥିଲି ଆପଣ ଛୋଟ ଛୋଟ ଜିନିଷରୁ ଅନେକ ବଡ଼ କଥା ଜାଣିପାରନ୍ତି । ତେଣୁ ମୁଁ ଏଗୁଡ଼ା ନେଇଆସିଛି ।"

ହୋମ୍ସ କହିଲେ, "ଏଥିରେ କିଛି ବିଶେଷତ୍ୱ ନାହିଁ । ସିଗାରେଟ୍ ଲଗାଇବା ପାଇଁ ଦିଆସିଲି କାଠି ବ୍ୟବହାର କରାଯାଇଛି । କାଠିର ପୋଡ଼ା ଭାଗଟା କମ୍ । ସେଥିରୁ ଜଣାଯାଉଛି ଏ କାଠି ଦ୍ୱାରା ସିଗାରେଟ୍ ଲଗାଯାଇଛି । କାରଣ ତମାଖୁ ପାଇପ୍ ଲଗାଇଲେ କାଠିର ଅଧା ଅଂଶ ନିଶ୍ଚୟ ପୋଡ଼ିଯିବ । କିନ୍ତୁ ଏ ସିଗାରେଟ୍ ମୁଣ୍ଡିଟା ନିଶ୍ଚୟ ଗୁରୁତ୍ୱପୂର୍ଣ୍ଣ ଆଉ ଉଲ୍ଲେଖନୀୟ । ଆପଣ କହୁଥିଲେ ନା ଭଦ୍ରଲୋକଙ୍କର ନିଶ ଦାଢ଼ି ଅଛି ?"

"ହଁ ।"

"ମୁଁ ସେକଥା କିଛି ବୁଝିପାରୁନାହିଁ । ଯେଉଁ ଲୋକ ପରିଷ୍କାରଭାବରେ ଦାଢ଼ିଖିଅର ହୋଇଥିବ ସେ କେବଳ ଏ ସିଗାରେଟ୍‌ଟା ଟାଣିଥିବ । ଦେଖ ଉଆଟ୍‌ସନ୍, ତୁମର ନିଶ ଦାଢ଼ି ଏତେ ଛୋଟ ଛୋଟ । ତଥାପି ତୁମେ ଏ ସିଗାରେଟ୍ ଟାଣିଥିଲେ କିଛିଟା ନିଶ ପୋଡ଼ିହୋଇଯାଇଥାନ୍ତା ।"

ମୁଁ କହିଲି, "ହୋଲଡର୍ ବ୍ୟବହାର କରାଯାଇଥିବ ।"

"ନା-ନା, ସିଗାରେଟ୍ ମୁଣ୍ଡିଟା ଚେପା ହୋଇଯାଇଛି । ଆଚ୍ଛା ମିସେସ୍ ଉଆରେନ୍, ସେ ଘରେ ବୋଧହୁଏ ଦୁଇଜଣ ଲୋକ ନାହାଁନ୍ତି ?"

"ନାଁ, ଆଜ୍ଞା । ଦୁ'ଜଣ ଥିଲେ ଖାଇବାଜିନିଷ ବେଶୀ ଦରକାର ହୁଅନ୍ତା । କିନ୍ତୁ ସେ ଏତେ କମ୍ ଖାଦ୍ୟ ଖାଉଛନ୍ତି ଯେ, ସେଥିରେ ଜଣେ ଲୋକ ବଞ୍ଚିବା କଷ୍ଟକର ।"

Digitized by srujanika@gmail.com

"ହଁ, ମୁଁ ଭାବୁଛି ଆମେ ଆଉ କିଛି ତଥ୍ୟପାଇବାଯାଏଁ ଅପେକ୍ଷା କରିବା । ଯାହାହେଉ, ଆପଣଙ୍କର ଅଭିଯୋଗ କରିବାର କିଛି ନାହିଁ । ଆପଣ ଆପଣଙ୍କ ଭଡ଼ାପଇସା ପାଇସାରିଛନ୍ତି ଆଉ ସେ ଅସାଧାରଣ ଲୋକ ହେଲେ ବି ଗଣ୍ଡଗୋଳିଆ ନୁହଁନ୍ତି । ସେ ଆପଣଙ୍କୁ ଯଥେଷ୍ଟ ପଇସା ଦେଉଛନ୍ତି ଆଉ ସେ ଯଦି ଲୁଚିରହିବାକୁ ଚାହାଁନ୍ତି ତେବେ ସେଥିରେ ଆପଣଙ୍କର କିଛି ଯାଏଆସେନାହିଁ । ସେ ଲୁଚିରହିବାର କାରଣ କିଛି ଅପରାଧ ବୋଲି ନଜାଣିବାଯାଏଁ ଆମର ହସ୍ତକ୍ଷେପ କରିବାର କୌଣସି କାରଣ ନାହିଁ । ମୁଁ କେସ୍‌ଟା ହାତକୁ ନେଲି ଆଉ ତା ଉପରେ ବରାବର ନଜର ରଖିବି । ଯଦି ଆଉ କିଛି ଘଟେ ତେବେ ସାଙ୍ଗେ ସାଙ୍ଗେ ମୋତେ ଜଣାଇବେ । ମୋର ସାହାଯ୍ୟ ଦରକାର ହେଲେ ଆପଣ ନିଶ୍ଚିନ୍ତରେ ମୋ ଉପରେ ଆସ୍ଥା ରଖି-ପାରନ୍ତି ।

ଭଦ୍ରମହିଳା ବିଦାୟ ନେଇ ଚାଲିଗଲେ । ହୋମ୍‌ସ କହିଲେ, "ଏ କେସ୍‌ରେ ନିଶ୍ଚୟ କେତେକ କୌତୁହଳପ୍ରଦ ପଏଣ୍ଟ ଅଛି, ୱାଟ୍‌ସନ୍ । ଏହା ଅତି ସାମାନ୍ୟ, ବ୍ୟକ୍ତିଗତ ଆଉ ଖାମଖିଆଲି ହୋଇପାରେ କିମ୍ବା ଯାହା ବାହାରକୁ ଦେଖାଯାଉଛି ତାଠୁ ବେଶୀ ଗମ୍ଭୀର ହୋଇପାରେ । ପ୍ରଥମରୁ ଯାହା ଜଣାଯାଉଛି, ଯେଉଁ ଲୋକ ଏବେ ସେ ଘରଭିତରେ ଅଛି ସେ ଘର ଭଡ଼ା ନେଇଥିବା ଲୋକଠାରୁ ପୂରା ଅଲଗା ହୋଇପାରେ ।"

"ତୁମେ ଏହା ଭାବିବାର କାରଣ ?"

"ସିଗାରେଟ ମୁଣ୍ଡିଟା କଥା ଛାଡ଼ । ତା'ଛଡ଼ା ସେ କେବଳ ଥରେ ମାତ୍ର ବାହାରକୁ ଯାଇଛନ୍ତି ଆଉ ସେଟା ହେଲା ଘର ଭଡ଼ା ନେବାର ଠିକ୍ ପରେ ପରେ । ଏଥିରୁ କ'ଣ କିଛି ବୁଝାଯାଉନାହିଁ ? ଯେତେବେଳେ ସେ ଫେରିଲେ କିମ୍ବା ଅନ୍ୟ କେହି ଫେରିଲେ ସେତେବେଳେ ଦେଖିବାକୁ କେହିନାହିଁ । ଯେଉଁ ଲୋକ ଫେରିଲା ସେଇ ଲୋକ ବାହାରେ ଯାଇଥିଲା ବୋଲି ଆମର କିଛି ପ୍ରମାଣ ନାହିଁ । ପୁଣି ଯେଉଁ ଲୋକ ଘର ଭଡ଼ା ନେଲେ ସେ ଭଲଭାବେ ଇଂରାଜୀ କହିପାରୁଥିଲେ । କିନ୍ତୁ ଏଇ ଅନ୍ୟ ଲୋକ କାଗଜରେ MATCH ବୋଲି ଲେଖିଛନ୍ତି ଅଥଚ ଶବ୍ଦଟା MATCHES ହେବା କଥା । ମୁଁ

Digitized by srujanika@gmail.com

ଷବୁଛୁ ସେ ଶବ୍ଦଟା କୌଣସି ଡିକ୍‌ସିନାରୀରୁ ଦେଖିଛନ୍ତି । ସେଥିରେ ଏଇ ବିଶେଷ୍ୟ ପଦଟା ଅଛି; କିନ୍ତୁ ତାର ବହୁବଚନ ନାହିଁ । ଇଂରାଜୀ ଭାଷାରେ ତାଙ୍କର ଭଲ ଜ୍ଞାନ ନାହିଁ ଆଉ ତା ଲୁଚାଇବାପାଇଁ ସେ ସଂକ୍ଷେପରେ ଲେଖିଛନ୍ତି । ହଁ ୱାଟ୍‌ସନ୍, ଘରଭଡ଼ା ନେବାବାଲା ଜାଗାରେ ଆଉ ଜଣଙ୍କୁ ରଖାଯାଇଛି ବୋଲି ସନ୍ଦେହ କରିବାର ଯଥେଷ୍ଟ କାରଣ ଅଛି ।”

“କିନ୍ତୁ କି ଉଦ୍ଦେଶ୍ୟରେ ଏହା କରାଯାଇଛି ?”

“ସେଇ ତ ଆମର ସମସ୍ୟା । ଏଥିରେ ଅନୁସନ୍ଧାନ କରିବାର ଗୋଟେ ପଦ୍ଧତି ଅଛି ।” ସେ ଗୋଟେ ମୋଟା ବହି ବାହାରକଲେ । ସେଥିରେ ଲଣ୍ଡନର ବିଭିନ୍ନ ଖବରକାଗଜରେ ପ୍ରକାଶ ପାଇଥିବା ବ୍ୟଥ (Agony) ସ୍ତମ୍ଭ ସବୁ କଟା ହୋଇ ମରାମାଇଥିଲା । ପୃଷ୍ଠା କେତୋଟା ଓଲଟାଇ ସେ କହିଲେ, “କେତେ ଦୁଃଖ, ଯନ୍ତ୍ରଣା, ବ୍ୟଥାର କାହାଣୀ ! କେତେ ଅସାଧାରଣ ଘଟଣା ! କିନ୍ତୁ ଅସାଧାରଣ ଘଟଣା ବିଷୟ ଜାଣିବା ଲୋକ ପାଇଁ ଖୁବ୍ ସୁବିଧା । ଏଇ ଯେଉଁ ଲୋକ ଲୁଚି ରହିଛନ୍ତି ତାଙ୍କ ପାଖକୁ କୌଣସି ଚିଠିପତ୍ର ଦେଲେ ତାଙ୍କର ଗୋପନୀୟତା ପଦାରେ ପଡ଼ିଯିବ । ତେବେ ବାହାରୁ କିଛି ଖବର ତାଙ୍କ ପାଖକୁ ପଠାଯିବ କେମିତି ? ନିଶ୍ଚୟ ଖବରକାଗଜର ବିଜ୍ଞାପନ ଜରିଆରେ । ତା’ଛଡ଼ା ଅନ୍ୟ କିଛି ବାଟ ଥିଲାପରି ଜଣାଯାଉନାହିଁ । ଆଉ ଭାଗ୍ୟକୁ ଆମକୁ କେବଳ ଗୋଟାଏ ଖବରକାଗଜ ଉପରେ ଦୃଷ୍ଟି ଦେବାକୁ ପଡ଼ିବ । ଏଇଠି ଡେଲି ଗେଜେଟ୍‌ରୁ କଟାହୋଇଥିବା ବିଭିନ୍ନ ବିଜ୍ଞାପନ ଅଂଶ । ଗଲା ପନ୍ଦର ଦିନର ବିଜ୍ଞାପନ ସବୁ । ‘ପ୍ରିନ୍‌ସଙ୍କ ସ୍କେଟିଂ କ୍ଲବ୍‌ରେ ଜଣେ ଭଦ୍ର ମହିଳା’—ଏଇଟା ଆମେ ବାଦ୍ ଦେଇପାରିବା । ‘ଜିମି ନିଶ୍ଚୟ ତାଙ୍କ ମାଆଙ୍କ ମନରେ ଦୁଃଖ ଦେବେନାହିଁ’—ଏଟା ମଧ୍ୟ ଦରକାର ହେଲା ପରି ଜଣା-ଯାଉନାହିଁ । ‘ଯେଉଁ ଭଦ୍ରମହିଳା ବ୍ରିକ୍‌ସଟନ୍ ବସ୍‌ରେ ଅଚେତ ହୋଇଯାଇ-ଥିଲେ ସେ ଯଦି’—ଏଥିରେ ବି ମୋର ଆଗ୍ରହ ନାହିଁ । ‘ପ୍ରତିଦିନ ମୋର ହୃଦୟ ଗୁହୁଁଛି—’। ଏଇଟା କେତେ ପରିମାଣରେ ସମ୍ଭବ ୱାଟ୍‌ସନ୍ । ଏଇଟା ଶୁଣ । ‘ଧୈର୍ଯ୍ୟ ଧର । ଯୋଗାଯୋଗପାଇଁ କିଛି ଉପାୟ ନିଶ୍ଚୟମିଳିବ । ଏ ଭିତରେ ଏଇ ସ୍ତମ୍ଭ । ଜି ।’ ଏଟା ହେଲା ମିସେସ୍ ୱାରେନଙ୍କ ଭଡ଼ା

Digitized by srujanika@gmail.com

ବାଲା ପଦ୍ମଶ୍ବବାର ଢ଼'ଢ଼ନ ପରେ । ଏଟା ସମ୍ଭବ ଜଣାଯାଉଛୁ ନା ନୁହେଁ ? ସେଇ ରହସ୍ୟମୟ ଲୋକ ଇଂରାଜୀ ଭଲ ଲେଖି ନ ପାରିଲେ ବ ବୁଝିପାରେ । ଦେଖିବା, ଆଉ କିଛି ସୂଚନା ମିଳୁଛି କ ନାହିଁ । ହଁ, ଏଇଠି, ଛନବ୍ଧନ ପରେ । 'ମୁଁ ସବୁପ୍ରକାର ବ୍ୟବସ୍ଥା କରୁଛି । ଧୈର୍ଯ୍ୟ ଆଉ ସାହସ । କଳାମେଘ ଦୂରେଇଯିବ । ଜ ।' ଯା ପରେ ସପ୍ତାହେଯାଏ ଆଉ କିଛି ନାହିଁ । ତା'ପରେ ଯାହା ସେଟା ଆହୁରି ବେଶୀ ନିଶ୍ଚିତ । 'ରାସ୍ତା ସଫା ହୋଇଆସୁଛି । ସୁବିଧା ପାଇଲେ ସଙ୍କେତ ଦେବ । ସଙ୍କେତ ମନେରଖିଥିବ । ଏକ, ଏ; ଦୁଇ, ବ ଏଇପରି । ଖୁବ୍ ଶୀଘ୍ର ଖବର ପାଇବ । ଜ ।' ଏଟା କାଲିର କାଗଜରେ । ଆଜି କାଗଜରେ କିଛି ନାହିଁ । ଏସବୁ ମିସେସ୍ ଭ୍ଆରେନ୍‌ଙ୍କ ଭଡ଼ାବାଲା ପାଇଁ ବେଶ୍ ଖାପଖାଉଛି । ଆମେ ଟିକିଏ ଅପେକ୍ଷା କଲେ ଘଟଣାଟ ଆହୁରି ପରିଷ୍କାର ହୋଇଯିବ ।"

ସେଇଆ ହେଲା । ସକାଳେ ଦେଖିଲି ମୋ ବନ୍ଧୁ କଥାଁ ଆଡ଼କୁ ପିଠିକରି ଠିଆ ହୋଇଛନ୍ତି । ତାଙ୍କ ମୁହଁରେ ତୃପ୍ତିର ହସ । ଟେବୁଲ୍ ଉପରୁ କାଗଜଟା ନେଇ ସେ କହିଲେ, "ଏଇ ଦେଖ ଭ୍ଆଟ୍‌ସନ୍, 'ଉଚା ନାଲି କୋଠା । ସାମନାରେ ଧଳା ପଥର । ତୃତୀୟ ମହଲା । ବାଁ ପାଖର ଦ୍ୱିତୀୟ ଝରକା । ସନ୍ଧ୍ୟା ପରେ । ଜ ।' ଏଟା ପୁରା ନିଶ୍ଚିତ । ମୁଁ ଭାବୁଛି, ଜଳଖିଆ ପରେ ଆମେ ଟିକଏ ମିସେସ୍ ଭ୍ଆରେନ୍‌ଙ୍କ ଘର ପାଖଆଖ ବୁଲି ଆସିବା । ଆଃ, ମିସେସ୍ ଭ୍ଆରେନ୍ ! ଆଉ କ'ଣ ଖବର ?"

ଆମ ମହଳକଲ ଝଡ଼ ବେଗରେ ଘରଭିତରକୁ ପଶି ଆସିଲେ । ସେଥିରୁ ବୁଝିଲୁ କିଛି ନୂଆ ଗୁରୁତର ଘଟଣା ଘଟିଛି । ସେ କହିଲେ, "ଏଇଟା ପୋଲିସ କେଶ୍, ମିଷ୍ଟର୍ ହୋମ୍‌ସ । ମୁଁ ଆଉ ଏ ଗୁଡ଼ା ସମ୍ଭାଳିପାରିବିନାହିଁ । ସେ ଲୋକ ତାଙ୍କ ଜିନିଷପତ୍ର ଧରି ବାହାରିଯିବେ । ମୁଁ ଉପରକୁ ଯାଇ ତାଙ୍କୁ ସିଧା ବିଦାକରିଦେଇଥାନ୍ତି । ଭାବିଲି ପ୍ରଥମେ ଆପଣଙ୍କ ମତ ନ ନେବାଟା ଠିକ୍ ହେବ ନାହିଁ । କିନ୍ତୁ ମୋର ଆଉ ଧୈର୍ଯ୍ୟ ନାହିଁ । ମୋ' ସ୍ୱାମୀଙ୍କ ଉପରେ ଯେତେବେଳେ ମାଡ଼ହେଲାଣି—।"

"ମିଷ୍ଟର୍ ଭ୍ଆରେନ୍‌ଙ୍କ ଉପରେ ମାଡ଼ ?"

Digitized by srujanika@gmail.com

"ମାଡ଼ ନହେଲେ ବି ସେଇପରି ।"

"କିନ୍ତୁ କିଏ ଯିବା କରିଛି ?"

"ଆମେ ତ ସେଇ କଥା ଜାଣିବାକୁ ଚାହୁଁଛୁ । ଆଜି ସକାଳ ଘଟଣା ଆଜ୍ଞା ! ମିଷ୍ଟର୍ ଓ୍ୱାରେନ୍ ଟଟେନ୍‌ହାମ୍ କୋର୍ଟ ରୋଡ଼ର ମର୍‌ଟନ୍ ଆଣ୍ଡ ଓ୍ୱେ-ଲାଇଟ୍‌ରେ ଟାଇମ୍-କିପର୍ କାମ କରନ୍ତି । ସାତଟା ପୂର୍ବରୁ ତାଙ୍କୁ ଘରୁ ବାହାରି ଯିବାକୁ ହୁଏ । ଆଜି ସକାଳେ ସେ ରାସ୍ତାରେ ଦଶ ପାଦ ଯାଇଛନ୍ତି କି ନାହିଁ, ତାଙ୍କ ପଛଆଡ଼ୁ ଦୁ'ଜଣ ଲୋକ ଆସି ତାଙ୍କ ମୁଣ୍ଡ ଉପରେ ଗୋଟେ କୋଟ୍ ପକାଇଦେଲେ । ତା'ପରେ ପାଖରେ ଥିବା ଗୋଟେ ଘୋଡ଼ାଗାଡ଼ି ଭିତରକୁ ତାଙ୍କୁ ଟେକିନେଇଗଲେ । ଘଣ୍ଟାଏ କାଳ ତାଙ୍କୁ ଗାଡ଼ିରେ ବୁଲାଇଲା ପରେ ବାହାରକୁ ପେଲିଦେଲେ । ସେ ରାସ୍ତାକଡ଼ରେ ପଡ଼ିଗଲେ । ଏତେ ଭୟଭୀତ ହୋଇଯାଇଥିଲେ ଯେ ଗାଡ଼ିଟା କୁଆଡ଼େ ଗଲା ମୋଟେ ଦେଖିନାହାନ୍ତି । କିଛି ସମୟ ପରେ ଉଠି ଦେଖିଲେ ଯେ, ସେ ହାମ୍ପଷ୍ଟେଡ୍‌ହିଥ୍‌ରେ। ସେଇଠୁ ଗୋଟେ ବସ୍‌ରେ ସିଧା ଘରକୁ ଆସିଲେ ଆଉ ଏବେ ସୋଫା ଉପରେ ପଡ଼ିଛନ୍ତି । ମୁଁ ଘଟଣାଟା ଜଣାଇବା ପାଇଁ ସିଧା ଆପଣଙ୍କ ପାଖକୁ ଆସିଲି ।"

ହୋମ୍‌ସ କହିଲେ, "ବେଶ୍ କୌତୂହଳପ୍ରଦ ଘଟଣା । ଆଚ୍ଛା, ମିଷ୍ଟର୍ ଓ୍ୱାରେନ୍ ଏଇ ଲୋକଙ୍କର ଚେହେରା ଲକ୍ଷ୍ୟ କରିଥିଲେ କିମ୍ବା ସେମାନେ କଥାବାର୍ତ୍ତା ହେବାର ଶୁଣିଥିଲେ ?"

"ନାଁ । ସେ ଖୁବ୍ ଡରିଗଲେ । ସେ କେବଳ ଏତିକି ଜାଣନ୍ତି ଯେ, କେହି ଯେମିତ ତାଙ୍କୁ ଯାଦୁକରି ଉଠେଇନେଲା ଆଉ ପୁଣି ପକାଇଦେଲା । ସେମାନେ ଅନ୍ତତଃ ଦୁ'ଜଣ ଥିଲେ । ତିନି ଜଣ ବି ହୋଇପାରନ୍ତି ।"

"ଆଉ ଏ ଘଟଣା ସାଥିରେ ଆପଣଙ୍କ ଭଡ଼ାବାଲୀ ସମ୍ପୃକ୍ତ ବୋଲି ଆପଣ ଭାବୁଛନ୍ତି ?"

"ଦେଖନ୍ତୁ ଆଜ୍ଞା । ଆମେ ପନ୍ଦର ବର୍ଷ ହେଲା ସେଠି ରହୁଛୁ । କେବେ ବି କେହେଲେ ଏମିତ ଘଟିନଥିଲା । ଏଇ ଲୋକ ଯୋଗୁଁ ମୁଁ ତେର୍ ପାଇଲିଣି । ପଇସା ବଡ଼ ନୁହେଁ । ଆଜି ଭିତରେ ମୁଁ ତାଙ୍କୁ ଘରୁ ବାହାର କରିଦେବି ।"

"ଟିକିଏ ଅପେକ୍ଷା କରନ୍ତୁ, ମିସେସ୍ ଓ୍ୱାରେନ୍ । ତରତର ହୋଇ କିଛି

Digitized by srujanika@gmail.com

କରନ୍ତୁ ନାହିଁ । ମୁଁ ଭାବୁଛି ଘଟଣାଟା ପ୍ରଥମରୁ ଯାହା ଜଣାଯାଉଥିଲା ତା’ ଅପେକ୍ଷା ଯଥେଷ୍ଟ ବେଶୀ ଗୁରୁତ୍ୱପୂର୍ଣ୍ଣ । ଏଟା ନିଶ୍ଚିତ ଯେ, ଆପଣଙ୍କ ଭଡ଼ାବାଲା କିଛି ବିପଦରେ ପଡ଼ିଛନ୍ତି । ତାଙ୍କ ଶତ୍ରୁମାନେ ଆପଣଙ୍କ ଘରପାଖେ ତାଙ୍କୁ ଛକି ରହିଥିଲେ । କୁହୁଡ଼ିଆ ସକାଳେ ଆପଣଙ୍କ ସ୍ୱାମୀଙ୍କୁ ସେ ବୋଲି ଭାବିଛନ୍ତି । ଭୁଲଟା ଜାଣିଲା ପରେ ତାଙ୍କୁ ଛାଡ଼ିଦେଇଛନ୍ତି । ଭୁଲ ନ ହୋଇଥିଲେ ସେମାନେ କ’ଣ କରିଥାନ୍ତେ ଆମେ ଖାଲି ଅନୁମାନ କରିବା କଥା ।”

“ତା’ହେଲେ ମୁଁ କ’ଣ କରିବି, ମିଷ୍ଟର୍ ହୋମ୍‌ସ ?”

“ମୁଁ ଟିକିଏ ଆପଣଙ୍କ ଭଡ଼ାବାଲାଙ୍କୁ ଦେଖିବାକୁ ଚାହୁଁଛି ।”

“ଦରଜା ନ ଭାଙ୍ଗିଲେ ସେଟା କେମିତି ସମ୍ଭବ ହେବ ମୁଁ ଜାଣିପାରୁନାହିଁ । ସେ ସବୁବେଳେ ଭିତରୁ ତାଲା ପକାଇଥାନ୍ତି । ମୁଁ ଟ୍ରେଟା ରଖିଦେଇ ସିଢ଼ିରେ ଓହ୍ଲାଇଲା ପରେ ସେ ଦରଜା ଖୋଲିବାର ମୁଁ ଶୁଣେ ।”

“ଟ୍ରେଟା ତ ସେ ଘର ଭିତରକୁ ନେଉଥିବେ । ଆମେ କେଉଁଠି ଲୁଚି ରହି ସେତିକିବେଳେ ତାଙ୍କୁ ଦେଖିପାରିବୁ ।”

ଭଦ୍ରମହିଳା ଟିକିଏ ଚିନ୍ତାକରି କହିଲେ, “ବକ୍‌ସ ରୁମ୍‌ଟା ସେ ଘରର ଠିକ୍ ବିପରୀତ ପାଖରେ । ମୁଁ ଗୋଟେ ଦର୍ପଣ ଯୋଗାଡ଼ କରିବି । ଆପଣ ଯଦି ଦରଜା ପଛ ପାଖରେ ଲୁଚିରହନ୍ତି—।”

“ଚମତ୍କାର !” ହୋମ୍‌ସ କହିଲେ । ସେ କେତେବେଳେ ଖାଆନ୍ତି ?”

“ପ୍ରାୟ ଗୋଟାଏ ବେଳକୁ ।”

“ତାହେଲେ ୱାଟ୍‌ସନ୍ ଆଉ ମୁଁ ଠିକ୍ ସମୟରେ ପହଞ୍ଚିବୁ । ବର୍ତ୍ତମାନ ପାଇଁ ବିଦାୟ, ମିସେସ୍ ୱାରେନ୍ ।”

ସାଢ଼େ ବାରଟା ବେଳକୁ ଆମେ ମିସେସ୍ ୱାରେନ୍‌ଙ୍କ ଘର ପାଖରେ ପହଞ୍ଚିଗଲୁ । ବ୍ରିଟିଶ୍ ମିଉଜିଅମ୍ ପାଖରେ ଗୋଟେ ସରୁ ରାସ୍ତା ଗ୍ରେଟ୍‌ଓରମ୍ ଷ୍ଟ୍ରୀଟ୍ । ସେଇଠି ଗୋଟେ ଉଚା ହଳଦିଆ ଇଟାର କୋଠାଘର । ଘରଟା ଷ୍ଟ୍ରୀଟ୍‌ର ଗୋଟେ କଣରେ । ସେଠୁ ହୋ ଷ୍ଟ୍ରୀଟ୍‌ର ବଡ଼ ବଡ଼ ଘରସବୁ ଦେଖାଯାଏ । ହୋମ୍‌ସ ସେଇ ବଡ଼ ଘର ଭିତରୁ ଗୋଟେ ଘରଆଡ଼େ ହାତଠାରିଲେ । ସେଟା ଧାଡ଼ିଏ ଫ୍ଲାଟ୍ । ଯେ କୌଣସି ଲୋକ ଆଖିରେ ପଡ଼ିବ ।

Digitized by srujanika@gmail.com

ହୋମ୍‌ସ କହିଲେ, "ଦେଖ ଉଆଟ୍‌ସନ୍, ଉଚ୍ଚା ନାଲି ଘର ସାମନାରେ ଧଳା ପଥର । ଏଇଟା ହେଲା ସଙ୍କେତ ଦେବାର ଜାଗା । ଆମେ ଜାଗାଟା ଜାଣିଲେ ଆଉ ସଙ୍କେତର ସୂତ୍ର ବି ଜାଣିଛେ । ତେଣୁ ଆମ କାମ କଷ୍ଟସୂ ସହଜ ହେବ । ସେଇ ଝରକାରେ ଭଡ଼ାଦିଆଯିବ ବୋଲି ଖଣ୍ଡେ କାର୍ଡ ଝୁଲୁଛି । ଏଇ ଫ୍ଲାଟ୍‌ଟା କଷ୍ଟସୂ ଖାଲି ଅଛି ଆଉ ଭଡ଼ାବାଲାଙ୍କ ସହଯୋଗୀର ସେଠିକି ଯିବାର ସୁବିଧା ଅଛି । ଆଚ୍ଛା ମିସେସ୍ ଉଆରେନ୍, ଆଉ କ'ଣ ଖବର ?

"ମୁଁ ଆପଣଙ୍କ ଲାଗି ସବୁ ଠିକ୍ କରିଦେଇଛି । ଆପଣ ଜୋତାଗୁଡ଼ା ରଖିଦେଇ ଆସନ୍ତୁ । ମୁଁ ଆପଣଙ୍କୁ ସେଠି ଛାଡ଼ିଦେବି ।"

ଜାଗାଟା ବଢ଼ିଆ ଲୁଚିବା ଜାଗା । ଦର୍ପଣଟା ଏମିତି ରଖାଯାଇଥିଲା ଯେ, ଅନ୍ଧାରରେ ବସି ଆମେ ବିପରୀତ ଘରର ଦରଜାଟା ପରିଷ୍କାର ଦେଖି ପାରୁଥାଉ । ମିସେସ୍ ଉଆରେନ୍ ଆମ ପାଖରୁ ଯାଇଛନ୍ତି କି ନାହିଁ କଲିଂବେଲ୍ ଶବ୍ଦ ଶୁଣାଗଲା । ଜାଣିଲୁ ସେଇ ରହସ୍ୟମୟ ଲୋକ ବେଲ୍ ବଜାଇଲେ । ସାଙ୍ଗେ ସାଙ୍ଗେ ମିସେସ୍ ଉଆରେନ୍ ଗୋଟେ ଟ୍ରେ ନେଇ ଦରଜା ପାଖରେ ଥିବା ଚଉକି ଉପରେ ରଖିଦେଇ ଜୋର୍‌ରେ ପାଦପକାଇ ଫେରିଆସିଲେ । ଆମେ କବାଟ ପାଖରେ ଶୋଇ ଦର୍ପଣ ଉପରେ ଆଖି ରଖିଥାଉ । ହଠାତ୍ ଚାବି ମୋଡ଼ିବାର ଶବ୍ଦ ହେଲା । କବାଟର ହାଣ୍ଡେଲ୍ ବି ମୋଡ଼ା ହେବାର ଶବ୍ଦହେଲା । ତା'ପରେ ଦୁଇଟା ସରୁହାତ ପଦାକୁ ବାହାରି ଆସି ଚଉକି ଉପରୁ ଟ୍ରେଟା ଉଠାଇନେଲା । କିଛିଏ ପରେ ଟ୍ରେଟା ଖୁବ୍ ତରତରରେ ରଖି ଦିଆଗଲା । ମୁହୂର୍ତ୍ତିକ ପାଇଁ ଏକ ସୁନ୍ଦର ଭୟଭୀତ ମୁହଁ ବକ୍‌ସ ରୁମ୍ ଆଡ଼କୁ ଚାହିଁବାର ଦେଖିପାରିଲି । ତା'ପରେ ଦରଜା ଅଉ ଚାବି ବନ୍ଦ ହୋଇଗଲା । ସବୁ ଚୁପ୍ ଚାପ୍ । ହୋମ୍‌ସ ମୋ ସାର୍ଟର ହାତଟା ଧରି ଟାଣିଦେଲେ ଆଉ ଆମେ ଚୁପ୍-ଚାପ୍ ସିଡ଼ିରେ ଓହ୍ଲାଇଗଲୁ ।

ମିସେସ୍ ଉଆରେନ୍ ବ୍ୟଗ୍ରହୋଇ ଚାହିଁ ବସିଥିଲେ । ହୋମ୍‌ସ କହିଲେ, "ମୁଁ ପୁଣି ସନ୍ଧ୍ୟାରେ ଆସିବି । ମୁଁ ଭାବୁଛି ଉଆଟ୍‌ସନ୍ ଆମେ ଆମ ଘରେ ଏ ବିଷୟରେ ଭଲ ଭାବେ ଆଲୋଚନାକରିପାରିବା ।"

Digitized by srujanika@gmail.com

ଭଜ ଚେୟାର ଉପରୁ ସେ କହିଲେ, "ତୁମେ ତ ଦେଖିଲ, ମୋ ଅନୁମାନ ଖୁବ୍ ଠିକ୍ । ଘର ଭଡ଼ାବାଲା ବଦଳି ହୋଇଯାଇଛୁ । କିନ୍ତୁ ଗୋଟେ କଥା ମୁଁ କଳ୍ପନା କରିପାରିନଥିଲି । ତା ହେଲା ଆମେ ସେଠି ଜଣେ ନାରୀଙ୍କୁ ଦେଖିବା । ସେ ପୁଣି ସାଧାରଣ ନାରୀ ନୁହଁନ୍ତି ।"

"ସେ କିନ୍ତୁ ଆମକୁ ଦେଖିନେଇଛନ୍ତି ।"

"ସତର୍କ ହୋଇଯିବା ପାଇଁ ସେ ନିଶ୍ଚୟ କିଛି ଦେଖିଛନ୍ତି । ଘଟଣାଟାର ସାଧାରଣ ପର୍ଯ୍ୟନ୍ତ ଗୁଡ଼ା ବେଶ୍ ପରିଷ୍କାର—ନା କ'ଣ ? ଜଣେ ପୁରୁଷ ଆଉ ଜଣେ ନାରୀ କୌଣସି ଏକ ଭୟଙ୍କର ବିପଦରୁ ରକ୍ଷାପାଇବାପାଇଁ ଲଣ୍ଡନ ସହରରେ ଲୁଚିରହିବାକୁ ଚାହାନ୍ତି ! ସେମାନଙ୍କ ସାବଧାନତାରୁ ବିପଦ କେଡ଼େ ଭୟଙ୍କର ଜଣାଯାଉଛି । ପୁରୁଷ ଜଣକ କେତେକ କାମ କରିବାକୁ ବାଧ । ତେଣୁ ସେ କାମକରିବା ସମୟରେ ନାରୀଟିକୁ ସମ୍ପୂର୍ଣ୍ଣ ନିରାପଦରେ ରଖିବାକୁ ଚାହାଁନ୍ତି । ସମସ୍ୟାଟା ଏତେ ସହଜ ନୁହେଁ । କିନ୍ତୁ ସେ ଏତେ ସୁନ୍ଦର ଆଉ ଫଳପ୍ରଦ ଉପାୟରେ ତାର ସମାଧାନ କରିଛନ୍ତି ଯେ, ନାରୀଙ୍କର ଉପସ୍ଥିତି ଘରର ମାଲିକାଣୀଙ୍କୁ ମଧ୍ୟ ଜଣାନାହିଁ । ସେ କାଗଜରେ ଛାପାଅକ୍ଷର ଲେଖିବାର କାରଣ ଏବେ ପରିଷ୍କାର ଜଣାଯାଉଛି । ଯେ ନିଜର ହସ୍ତାକ୍ଷର ଲେଖିଲେ ନାରୀବୋଲି ଧରିପଡ଼ିଯିବେ । ପୁରୁଷ ଜଣକ ନାରୀଙ୍କ ନିକଟକୁ ଆସିପାରିବେନାହିଁ । ତା କଲେ ସେ ତାଙ୍କ ଶତ୍ରୁମାନଙ୍କୁ ସେଠିକି କଢ଼େଇ ଆଣିବେ । ସେ ସିଧାସଳଖ ଭଦ୍ରମହିଳାଙ୍କ ସହ ଯୋଗାଯୋଗ ରଖି ପାରିବେନାହିଁ । ତେଣୁ ଖବରକାଗଜ ଜରିଆରେ ତା କରିବେ । ଏ ଯାଏ ସବୁ ବେଶ୍ ପରିଷ୍କାର ।"

"କିନ୍ତୁ ଏସବୁ ମୂଳରେ କ'ଣ ଅଛି ?"

"ହଁ, ଠିକ୍ କହିଛ, ଉଆଟ୍‌ସନ୍ । ତୁମେ ଖୁବ୍ ବାସ୍ତବ । ଏସବୁ ମୂଳରେ କ'ଣ ? ମିସେସ୍ ଉଆରେନ୍‌ଙ୍କ ଖାମଖିଆଲିଆ ସମସ୍ୟାରେ ଆମେ ଯେତିକି ଆଗେଇ ଚାଲିଛେ ତା ସେତିକି ଦୁର୍ବୋଧ ହୋଇଉଠୁଛି । ତେବେ ଆମେ କେବଳ ଏତିକି କହିପାରିବା ଯେ, ଏହା ସାଧାରଣ ପ୍ରେମକାହାଣୀ ନୁହେଁ । ତୁମେ ସେ ନାରୀଙ୍କ ମୁହଁର ଭାବ ଦେଖିଲ । ଘରର ମାଲିକ ମିଷ୍ଟର୍

Digitized by srujanika@gmail.com

ଉଆରେନ୍‌ଙ୍କ ଉପରେ ଆକ୍ରମଣ କଥା ମଧ୍ୟ ଆମେ ଶୁଣିଲେ । ଅବଶ୍ୟ ତାଙ୍କ ଭଡ଼ାବାଲାଙ୍କୁ ଆକ୍ରମଣ କରିବାର ଉଦ୍ଦେଶ୍ୟ ଥିଲା । ଏଇ ସବୁରୁ ଜଣାଯାଏ ଘଟଣାଟା ଜୀବନ-ମରଣ-ସମସ୍ୟା । ତାଛଡ଼ା ମିଷ୍ଟର୍ ଉଆରେନ୍‌ଙ୍କ ଉପରେ ଆକ୍ରମଣରୁ ଜଣାଯାଉଛି ଯେ, ଶତ୍ରୁମାନେ ଯେ ହୁଅନ୍ତୁ, ପୁରୁଷ ଭଡ଼ାବାଲା ବଦଳରେ ଜଣେ ନାରୀ ରହୁଥିବା କଥା ସେମାନେ ଜାଣନ୍ତି ନାହିଁ । ସମସ୍ୟାଟା ଖୁବ୍ ଜଟିଳ ଆଉ ବିଚିତ୍ର, ଉଆଟ୍‌ସନ୍ ।"

"ତୁମେ ଏଥିରେ ଆଉ ମୁଣ୍ଡଖେଳେଇବା ଦର୍କାର କ'ଣ ? ଏଥିରୁ କ'ଣ ଲାଭ ପାଇବ ?"

"ବାସ୍ତବିକ କ'ଣ ଲାଭ ? କେବଳ ଅନୁଭୂତି ପାଇଁ । ଆଚ୍ଛା ଉଆଟ୍‌ସନ୍, ତୁମେ ଡାକ୍ତରୀ ପାଶ୍ କରିସାରିଲା ପରେ, ଫିସ୍ କଥା ନ ଭାବି କେତେକ କେଶ୍ ହାତକୁ ନେଉଥିଲ ବୋଧହୁଏ ?"

"ହଁ, ସେଟା ମୋର ଅନୁଭୂତିମୂଳକ ଶିକ୍ଷା ପାଇଁ ।"

"ଶିକ୍ଷାର ଶେଷ ନାହିଁ, ଉଆଟ୍‌ସନ୍ । ଅତି ବିଜ୍ଞଲୋକ ମଧ୍ୟ ଶେଷପର୍ଯ୍ୟନ୍ତ ଶିକ୍ଷାଲାଭ କରିଥାଏ । ଏ କେଶ୍‌ରୁ ଅନେକ କିଛି ଶିଖିବାର ଅଛି । ଏଥିରେ ପଇସା ବା ନାଁ କରିବାର ନାହିଁ । ତଥାପି ଯେ କେହି ଏଥିରେ ମୁଣ୍ଡ ଖେଳେଇବାକୁ ଚାହିଁବ । ସନ୍ଧ୍ୟା ପୂର୍ବରୁ ଆମେ ଆମ ଅନୁସନ୍ଧାନରେ କିଛିଟା ଆଗେଇବା ଦର୍କାର ।"

ସନ୍ଧ୍ୟା ପୂର୍ବରୁ ଆମେ ମିସେସ୍ ଉଆରେନ୍‌ଙ୍କ ଘରେ ପହଞ୍ଚିଗଲୁ । ଶୀତ ସନ୍ଧ୍ୟାର ଅନ୍ଧାର ଆସ୍ତେ ଆସ୍ତେ ଗାଢ଼ ହୋଇଆସୁଥାଏ । ଆମେ ଅନ୍ଧାରୁଆଘର ଭିତରେ ବସି ବାହାରକୁ ଚାହିଁଥାଉ । ଦୂରରୁ ଗୋଟେ କ୍ଷୀଣ ଆଲୁଅ ଦେଖାଗଲା । ପତଳା ମୁହଁଟା ଝରକାଆଡ଼କୁ ଲମ୍ବେଇଦେଇ ହୋମ୍‌ସ କହିଲେ, "ସେ ଘରଭିତରେ କେହି ଜଣେ ଚାଲବୁଲ କରୁଛି । ମୁଁ ତା ଛାଇ ଦେଖି-ପାରୁଛି । ଏଇ ସେ ପୁଣି ଆସିଲା । ତା ହାତରେ ଗୋଟେ ମହମବତୀ ଅଛି । ସେ ବର୍ତ୍ତମାନ ଏ ଆଡ଼କୁ ଚାହିଁଛି । ଏଥର ସେ ସଙ୍କେତ ଦେବା ଆରମ୍ଭ କଲା । ତୁମେ ମଧ୍ୟ ଖବରଟା ଟିପି ରଖ, ଉଆଟ୍‌ସନ୍ । ଆମେ ଦୁହେଁ ମିଳାଇ ଦେଖିବା । ଏଇ ଗୋଟେ ଫ୍ଲାସ୍ । ତା ଅର୍ଥ 'ଏ' (A) । ତାପରେ ?

Digitized by srujanika@gmail.com

କେଉଁଟା ହେଲ ? କୋଉଁଏଟା ? ହଁ, ମୋର ବ ସେଇଆ । ଏଟା ହେଲ 'ଟି' (T) । ଏ. ଟି (AT) ଆଟ୍—ବେଶ୍ ବୁଝି ହେଲ । ତା'ପରେ ଆଉ ଗୋଟେ 'ଟି' (T) । ଏଟା ନିଶ୍ଚୟ ଆଉ ଗୋଟେ ଶବ୍ଦର ଆରମ୍ଭ । ତା ପରେ ଟି.ଇ.ଏନ୍.ଟି.ଏ. (TENTA) । ପୂର୍ଣ୍ଣଚ୍ଛେଦ । ଏଥକ ହୋଇପାରେନା, ଉଆଟ୍‌ସନ୍ । ଆଟେଣ୍ଟା (ATTENTA)ରୁ କୌଣସି ଅର୍ଥ ବାହାରୁ ନାହିଁ । ତାକୁ ତିନୋଟା ଶବ୍ଦ କଲେ AT, TEN, TA, ର କିଛି ଅର୍ଥ ଜଣାପଡ଼ୁନାହିଁ । ଏଇ ପୁଣି ସଙ୍କେତ ଆରମ୍ଭହେଲ । କିନ୍ତୁ ଏ କ'ଣ ? ATT-ENTA, ସେଇ ଏକା ସମ୍ବାଦ । ବଡ଼ ବିଚିତ୍ର, ଉଆଟ୍‌ସନ୍ ! ପୁଣି ବନ୍ଦ ହୋଇଗଲ । ଏଇ ପୁଣି ତୃତୀୟଥର ପାଇଁ ସେଇ ଏକା ସଙ୍କେତ । ତିନିଥର-ଯାକ ATTENTA । କେତେ ଥର ସେ ଏହାର ପୁନରାବୃତ୍ତି କରିବ । ନାଁ, ଶେଷହେଲପରି ଲଗୁଛି । ସେ ଝରକାପାଖରୁ ଗୁଳିଯାଇଛି । ତୁମେ ଏଥିରୁ କ'ଣ ବୁଝିଲ, ଉଆଟ୍‌ସନ୍ ?"

"ଗୋଟେ ଫାଙ୍କା ସଙ୍କେତ, ହୋମ୍‌ସ ।"

ଟିକିଏ ଚିନ୍ତାକରି ମୋ ବନ୍ଧୁ କହିଲେ, "ଅର୍ଥ ହୀନ ଫାଙ୍କା ସଙ୍କେତ ହୋଇନପାରେ । ଅବଶ୍ୟ ସଙ୍କେତଟା ଇଟାଲିୟାନ୍ । ଏ (A)ର ଅର୍ଥ, ଏହା ଜଣେ ନାରୀକୁ ଜଣାଇଦିଆଯାଉଛି । 'ସାବଧାନ' ! 'ସାବଧାନ' ! 'ସାବଧାନ' ! ଏଟା କେମିତି ହୋଇପାରେ ?"

"ମୁଁ ଭାବୁଛି ତୁମେ ଠିକ୍ ଅର୍ଥଟା ଧରିପାରିଛ ।"

"ସେଥିରେ ମୋଟେ ସନ୍ଦେହ ନାହିଁ । ଖବରଟା ଖୁବ୍ ଜରୁରୀ । ତେଣୁ ତିନିଥର ପୁନରାବୃତ୍ତି କରାଯାଇଛି । କିନ୍ତୁ କେଉଁଥିପାଇଁ ସାବଧାନ । ରୁହ ! ସେ ପୁଣି ଝରକାପାଖକୁ ଆସୁଛି ।"

ପୁଣି ଥରେ ଧୂଷୁର ଧୂଷୁର ଦିଶୁଥିବା ଜଣେ ଲୋକର ଝିକାଭ୍ରାନ୍ତ ଆମେ ଦେଖିପାରିଲୁ ଆଉ ସଙ୍କେତ ଆରମ୍ଭ ହେଲ । ଏଥର କିନ୍ତୁ ପୂର୍ବ ଥର ଅପେକ୍ଷା ଆହୁରି ଦ୍ରୁତଗତି । ଏତେ ଦ୍ରୁତ ଯେ ତାକୁ ବୁଝିବା କଷ୍ଟକର ।

"PERICOLO—ଏ କ'ଣ, ଉଆଟ୍‌ସନ୍ ? ଏହା ଅର୍ଥ ବିପଦ । ହଁ,

Digitized by srujanika@gmail.com

ହିଁ, ଏଟା ବିପଦର ସଙ୍କେତ । ଏଇ ପୁଣି ଆରମ୍ଭହେଲା । PERI— । କିନ୍ତୁ ଏ କ'ଣ ହେଲା ?"

ହଠାତ୍ ଆଲୁଅଟା ଲିଭିଗଲା ଆଉ ଝରକାଟା ପୂର୍ବବନ୍ଦ ହୋଇଗଲା । ଶେଷ ସଙ୍କେତଟା ହଠାତ୍ ମଝିରୁ କଟିଗଲା । କପଣ ଆଉ କାହା ଦ୍ୱାରା ? ମୁହୂର୍ତ୍ତିକ ଭିତରେ ଏଇ ଏକା ଭାବନା ଆମ ଦୁ'ଜଣଙ୍କ ମୁଣ୍ଡରେ ଖେଳିଗଲା । ହୋମ୍‌ସ ଚୁପ୍‌କରି ଉଠି ଠିଆହୋଇଗଲେ ।

କହିଲେ, "ଖୁବ୍ ଗୁରୁତର, ୱାଟ୍‌ସନ୍ । ସେ କୋଠାରେ କିଛି ସମ୍ଭବତଃ ଘଟିଛି । ସଙ୍କେତଟା ହଠାତ୍ ଏପରି ବନ୍ଦହେବାର କାରଣ କ'ଣ ? ସ୍କଟ୍‌ଲାଣ୍ଡ୍ ଇୟାର୍ଡ୍‌କୁ ଏ ଖବର ଜଣାଇଦେବା ଉଚିତ । କିନ୍ତୁ ବର୍ତ୍ତମାନ ଆମେ ଏ ଘଟଣାକୁ ଛାଡ଼ିଯିବା ଅସମ୍ଭବ ।"

"ମୁଁ ପୋଲିସ୍‌ରେ ଖବର ଦେବାକୁ ଯିବି ?"

"ଆମେ ଆଉ ଟିକିଏ ଭଲଭାବେ ଘଟଣାଟା ଜାଣିବା ଦର୍କାର । ହୁଏତ ଘଟଣାଟା ମାରାତ୍ମକ ହୋଇନଥାଇପାରେ । ଆସ ୱାଟ୍‌ସନ୍, ସେଠିକି ଯାଇ ଦେଖିବା ଆଉ କଥାଟା କ'ଣ ବୁଝିବା ।"

ହୋଲ୍ମ୍‌ଷ୍ଟ୍ରୀଟ୍‌ରେ ଆମେ ଖୁବ୍ ଚଞ୍ଚଳ ଚାଲିଲୁ । ମୁଁ ପଛକୁ ଆମେ ଛାଡ଼ି ଆସିଥିବା ଘରଆଡ଼େ ବୁଲି ଚାହିଁଦେଲି । ଉପରମହଲାର ଝରକା ପାଖରେ ଗୋଟେ ମୁଣ୍ଡର ଛାଇ ଫିକା ଭାବରେ ଦେଖାଗଲା । ଜଣେ ନାରୀର ମୁଣ୍ଡ । ସେ ଏକା ଲୟରେ ଆଖିପଲକ ନ ପକାଇ ବାହାରକୁ ଚାହିଁଥାଏ । ହୋଲ୍ମ୍‌ଷ୍ଟ୍ରୀଟ୍ ଫ୍ଲାଟ୍‌ର ଦରଜାପାଖରେ ଜଣେ ଲୋକ ଗୋଟେ ଲମ୍ବା କୋଟ୍ ପିନ୍ଧି ରେଲିଂକୁ ଆଉଜି ଠିଆ ହୋଇଥାଏ । ଆମ ମୁହଁରେ ସାମାନ୍ୟ ଆଲୁଅ ପଡ଼ିବାମାତ୍ରେ ସେ ଆମ ଆଡ଼କୁ ନଜରେଖି ଚାହିଁ କହି ଉଠିଲା, "ହୋମ୍‌ସ !"

ମୋ ବନ୍ଧୁ କହିଉଠିଲେ, "ଆରେ, ଗ୍ରେଗ୍‌ସନ୍ ଯେ । ତୁମେ ଏଠି କାହିଁକି ?" ସେ'କହୁ କହୁ ସେ ସ୍କଟ୍‌ଲାଣ୍ଡ୍ ଇୟାର୍ଡ୍ ଡିଟେକ୍‌ଟିଭ୍‌ଙ୍କ ସାଥିରେ ହାଣ୍ଡସେକ୍ କଲେ ।

ଗ୍ରେଗ୍‌ସନ୍ ଉତ୍ତର ଦେଲେ, "ଯେଉଁ କାରଣରୁ ତୁମେ ଏଠି ସେଇ

Digitized by srujanika@gmail.com

କାରଣରୁ ବୋଲି ମୁଁ ଭାବୁଛି; କିନ୍ତୁ ତୁମେ କେମିତି ଏ ଘଟଣା ଜାଣିଲ ମୁଁ ବୁଝିପାରୁନାହିଁ ।''

''ମୂତା ଭିନ୍ନ କିନ୍ତୁ ଗୋଟାଏ ଗଣ୍ଠି । ମୁଁ ସଙ୍କେତଗୁଡ଼ା ଟିପିନେଉଥିଲି ।''

''ସଙ୍କେତ ?''

''ହଁ, ଉପରର ସେଇ ଝରକା ପାଖରୁ । ମଝିରେ ହଠାତ୍ ସଙ୍କେତ ବନ୍ଧ ହୋଇଗଲା । କାରଣଟା ଜାଣିବା ପାଇଁ ଆମେ ଏଠିକି ଆସିଲୁ । କିନ୍ତୁ ତୁମେ ଯେତେବେଳେ ଅଛ ମୋର ଏଥିରେ ଆଉ ଆଗେଇବା ଦର୍କାର ନାହିଁ ।''

''ଠିକଏ ବୁଝ, ମିଷ୍ଟର୍ ହୋମ୍‌ସ । ଆଜି ଯାଏଁ ଯେତେ କେଶ୍‌ରେ ମୁଁ ତୁମର ସହଯୋଗ ପାଇଛି, ନିଜକୁ ଯଥେଷ୍ଟ ଦୃଢ଼ ବୋଲି ଅନୁଭବ କରିଛି । ଏ କଥା ସ୍ୱୀକାର ନକରିବାଟା ତୁମ ପ୍ରତି ଅନ୍ୟାୟ ହେବ । ଯାହାହେଉ ଏ ଫ୍ଲାଟ୍‌ରୁ ବାହାରକୁ ଯିବାକୁ କେବଳ ଗୋଟେ ବାଟ । ଦେଖୁ ସେ ଲୋକ କୁଆଡ଼େ ଖସି ଯାଇପାରିବନାହିଁ ।''

''ସେ ଲୋକ କିଏ ?''

''ଯାହାହେଉ, ଏଇ ଥରକ ଅନ୍ତତଃ ଆମେ ତୁମଠୁ ଆଗୁଆ ଅଛୁ, ମିଷ୍ଟର୍ ହୋମ୍‌ସ । ଏଥର ତୁମେ ନିଶ୍ଚୟ ଆମକୁ ବାହାଦୁରୀ ଦେବ ।'' ସେ ତାଙ୍କ ହାତ ବାଡ଼ିଟା ଜୋରରେ ଭୂଇଁରେ ଠକ୍ ଠକ୍ କଲେ । ତା ଶୁଣି ଜଣେ ଘୋଡ଼ାଗାଡ଼ିବାଲା ହାତରେ ଚାବୁକଟା ଧରି ଆସି ପହଞ୍ଚିଲା । ଗାଡ଼ିଟା ରାସ୍ତାଆରପଟରେ ଥାଏ । ଗ୍ରେଗ୍‌ସନ୍ ପରିଚୟଦେଇ କହିଲେ, ''ଇଏ ହେଉଛନ୍ତି ମିଷ୍ଟର୍ ସେର୍‌ଲକ୍ ହୋମ୍‌ସ ଆଉ ଇଏ ପିଙ୍କର୍‌ଟନ୍‌ଙ୍କ ଆମେରିକାନ୍ ଏଜେନ୍‌ସିର ମିଷ୍ଟର୍ ଲେଭର୍‌ଟନ୍ ।''

ହୋମ୍‌ସ କହିଉଠିଲେ,''ଲଙ୍ଗ୍ ଆଇଲାଣ୍ଡ୍ କେଭ୍ ରହସ୍ୟର ଉଦ୍‌ଘାଟକ ? ଆପଣଙ୍କ ସାକ୍ଷାତରେ ମୁଁ ବଡ଼ ଆନନ୍ଦିତ ।''

ଏ ପ୍ରଶଂସାରେ ଉଲ୍ଲସିତ ହୋଇ ଉଠି ତରୁଣ ଆମେରିକାନ୍ କହିଲେ, ''ମୁଁ ମୋ ପ୍ରାଣପଣେ ଲୋକଟାର ପିଛୁଧରିଛି, ମିଷ୍ଟର୍ ହୋମ୍‌ସ । ଯଦି ଗର୍‌ଜିଆନୋକୁ ଧରିପାରେ— ।''

''କ'ଣ କହିଲେ ! ଲାଲବୃତ୍ତର ଗର୍‌ଜିଆନୋ ?''

Digitized by srujanika@gmail.com

"ଓଃ, ଲୋକଟା ତାହେଲେ ଇଉରୋପରେ ବି ଜଣାଶୁଣା ? ଆମେରିକାରେ ତାର କୀର୍ତ୍ତିକଳାପ ସବୁ ଆମେ ଜାଣିଛୁ । ଆମେ ଜାଣୁ, ଖୁବ୍ କମ୍‌ରେ ପଚିଶଟା ହତ୍ୟା ମାମଲାରେ ତାର ହାତ ଅଛି । ତଥାପି ତାଙ୍କୁ ବନ୍ଦୀ କରିବାପାଇଁ କିଛି ନିର୍ଦ୍ଦିଷ୍ଟ ପ୍ରମାଣ ଆମ ପାଖରେ ନାହିଁ । ମୁଁ ନିଉୟର୍କରୁ ତା' ପଛେ ପଛେ ଲାଗିଛି । ଲଣ୍ଡନରେ ସପ୍ତାହେ ହେଲା ବି ତା ପାଖେପାଖେ ଅଛି । କିଛି ଗୋଟେ ଆଳ ପାଇଗଲେ ତା ବେକରେ ହାତ ପକାଇବି । ମିଷ୍ଟର୍ ଗ୍ରେଗ୍‌ସନ୍ ଆଉ ମୁଁ ତା' ପଛେ ପଛେ ଆସିଲୁ । ସେ ସେଇ ବଡ଼ ଘରଟା ଭିତରେ ଢୁକିଲା । ସେଠୁ ବାହାରିବାକୁ କେବଳ ଗୋଟେ ଦରଜା । ତେଣୁ ସେ ଆମ ହାବୁଡ଼ରୁ ଖସିଯାଇପାରିବନାହିଁ । ସେ ଭିତରକୁ ଯିବା ପରେ ମୋଟେ ତିନିଜଣ ଲୋକ ବାହାରକୁ ଯାଇଛନ୍ତି; କିନ୍ତୁ ମୁଁ ନିଶ୍ଚିତ ଯେ, ସେ ତାଙ୍କ ଭିତରେ ନାହିଁ ।"

ଗ୍ରେଗ୍‌ସନ୍ କହିଲେ, "ମିଷ୍ଟର୍ ହୋମ୍‌ସ କ'ଣ ସଙ୍କେତ କଥା କହୁଛନ୍ତି । ମୁଁ ଭାବୁଛି, ସେ ଅନେକ କଥା ଜାଣନ୍ତି ଯାହା ଆମେ ଜାଣୁନା ।"

ହୋମ୍‌ସ ସଂକ୍ଷେପରେ, ଆମେ ଯାହା ଦେଖିଥିଲୁ ସେ କଥା ବୁଝାଇଦେଲେ । ସବୁ ଶୁଣି ଆମେରିକାନ୍ ନିଜ ଉପରେ ବିରକ୍ତ ହୋଇ କହିଲେ, "ସେ ଆମକୁ ବଳିଗଲା ଦେଖୁଛି !"

"ସ୍ତା କାହିଁକି ଭାବୁଛନ୍ତି ?"

"ସେଇପରି ଜଣାଯାଉଛି । ସେ ଏଇଠିଥାଇ ତାର କୌଣସି ସହଯୋଗୀ ପାଖକୁ ସମ୍ବାଦ ପଠାଉଛି । ଲଣ୍ଡନରେ ତା ଦଳର ଅନେକ ଅଛନ୍ତି । ତାପରେ ସେ ସେମାନଙ୍କୁ ବିପଦ ସଙ୍କେତ ଦେଉ ଦେଉ ହଠାତ୍ ଅଧାରେ ରହିଯାଇଛି । ତାର ଅର୍ଥ ସେ ହୁଏତ ଝରକା ପାଖରୁ ଆମକୁ ଦେଖିନେଇଛି କିମ୍ବା କୌଣସି ପ୍ରକାରେ ଜାଣିପାରିଛି, ବିପଦ ଖୁବ୍ ପାଖରେ । ତେଣୁ ବିପଦକୁ ଏଡ଼ାଇବା ପାଇଁ ତାକୁ ତୁରନ୍ତ କିଛି କରିବାକୁ ହେବ । ବର୍ତ୍ତମାନ ଆପଣଙ୍କ ପ୍ରସ୍ତାବ କ'ଣ, ମିଷ୍ଟର୍ ହୋମ୍‌ସ ?"

"ଆମେ ଶୀଘ୍ର ଉପରକୁ ଯାଇ ନିଜେ ଘଟଣାଟା ଦେଖିବା ।"

"କିନ୍ତୁ ତାକୁ ଆରେଷ୍ଟ କରିବାକୁ ଆମ ପାଖରେ ୱାରେଣ୍ଟ ନାହିଁ ।"

Digitized by srujanika@gmail.com

"ସେ ଏ ଘର ଭିତରେ ଅନଧିକାର ପ୍ରବେଶ କରିଛି ଆଉ ତାର ଗ୍ଭଲି ଚଳନ ସନ୍ଦେହଜନକ । ବର୍ତ୍ତମାନ ପାଇଁ ଏତକ ଯଥେଷ୍ଟ ।" ଗ୍ରେଗ୍‌ସନ୍ ଉତ୍ତର ଦେଲେ, "ହାତମୁଠାରେ ପାଇ ଆମେ ତାକୁ ଛାଡ଼ିପାରିବାନାହିଁ । ତାକୁ ଅଟକାଇ ରଖିବାପାଇଁ ନଇଟ୍ସବ୍ରିଜ଼୍‌ କିଛି ସାହାଯ୍ୟ ପାଇବା କି ନାହିଁ ଦେଖିବା । ତାକୁ ଏବେ ଆରେଷ୍ଟ କରିବାର ଦାୟିତ୍ୱ ମୁଁ ନେବି ।"

ଆମ ସରକାରୀ ଡିଟେକ୍‌ଟିଭମାନେ ବୁଦ୍ଧିରେ ଊଣା ହୋଇପାରନ୍ତି; କିନ୍ତୁ ସାହସରେ ନୁହେଁ । ଗ୍ରେଗ୍‌ସନ୍ ଏଇ ଦୁର୍ଦ୍ଦାନ୍ତ ହତ୍ୟାକାରୀକୁ ଆରେଷ୍ଟ କରିବା ପାଇଁ ଦନ୍ତର ସହିତ ଚୁପ୍‌ଚାପ୍ ପାହାଚ ଉପରେ ଉଠିଲେ, ଠିକ୍ ଯେମିତି ସ୍କଟଲଣ୍ଡ ଇୟାର୍ଡର ଅଫିସ୍ ପାହାଚ ଉପରେ ସେ ଉଠନ୍ତି । ଫିଙ୍ଗର୍‌ଟନ୍ ଡିଟେକ୍‌ଟିଭ୍ ତାଙ୍କ ଆଗକୁ ଯିବାକୁ ଚେଷ୍ଟାକରୁଥିଲେ; କିନ୍ତୁ ଗ୍ରେଗ୍‌ସନ୍ ତାଙ୍କୁ ପଛକୁ ପେଲିଦେଲେ । ଲଣ୍ଡନରେ ବିପଦ ଆଡ଼କୁ ଯିବା ଲଣ୍ଡନ ପୋଲିସ୍‌ର ଅଧିକାର ।

ତୃତୀୟ ମହଲାରେ ବାଁ ପାଖ ଫ୍ଲାଟ୍‌ର ଦରଜା ବନ୍ଦ ଥିଲା । ଗ୍ରେଗ୍‌ସନ୍ ସେଟାକୁ ଠେଲି ଖୋଲିଦେଲେ । ଭିତରେ ପୂରା ଅନ୍ଧାର ଆଉ ନୀରବ । ମୁଁ ହଠାଥିଲିଟାଏ ମାରି ଡିଟେକ୍‌ଟିଭ୍‌ଙ୍କ ଲଣ୍ଠନଟା ଜଳାଇଦେଲି । ଲଣ୍ଠନଟା ଭଲଭାବେ ଜଳିଉଠିଲା ମାତ୍ରେ ଆମେ ବିସ୍ମୟରେ ଚମକି ପଡ଼ିଲୁ । ମେଜଆ-ଟାରେ ଗାଲିଚ୍ଛ ବିଛା ହୋଇନଥିଲା । ପଟାଉପରେ ସଦ୍ୟ ରକ୍ତ-ଲଗା ଧାଡ଼ିଏ ପାଦ ଚିହ୍ନ । ପାଦଚିହ୍ନ ଗୁଡ଼ା ଗୋଟେ ଭିତର ଘରୁ ଆମ ଆଡ଼କୁ ପଡ଼ିଥିଲା । ଭିତର ଘରର ଦରଜା ବନ୍ଦଥିଲା । ଗ୍ରେଗ୍‌ସନ୍ ତୁରନ୍ତ ଦରଜାଟା ଖୋଲିଦେଇ ଲଣ୍ଠନଟା ଆଗକୁ ଧରିଲେ । ଆମେ ପଛରୁ ତାଙ୍କ କାନ୍ଧ ଉପର ବାଟେ ଭିତରକୁ ଗ୍ଭହିଁଲୁ ।

ଖାଲି ଘରଟାର ମେଜଆ ମଝିରେ ଜଣେ ବିରାଟ ଲୋକର ଦେହ ପଡ଼ି-ଥିଲା । ତା ମୁହଁଟା ଅଦ୍ଭୁତ ଭାବେ ଭୟଙ୍କର ଦେଖାଯାଉଥିଲା । ମୁଣ୍ଡ ଗ୍ଭରିପାଖେ ରକ୍ତ ଜମା । ଆଣ୍ଠୁ ଦୁ'ଟା ଜାକି ହୋଇଯାଇଛି । ଯନ୍ତ୍ରଣାରେ ହାତ ଦୁ'ଟା ଦୁ'ପାଖକୁ ଗ୍ଭଟିହୋଇପଡ଼ିଛି । ବେକରେ ଗୋଟେ ଛୁରୀ ପୁରାପୂରି ଭିତରକୁ ପଶିଯାଇଛି । ଧଳା ବେଣ୍ଟଟା ବେକ ଉପରେ ଦେଖାଯାଉଛି । ତାର

Digitized by srujanika@gmail.com

ଡାହାଣ ହାତ ପାଖରେ ଗୋଟେ ଶିଙ୍ଗ ବେଣ୍ଟ ଲଗା ଦ'ଧାରୁଆ ବଗ୍‌ଟ ଛୁରୀ ମେଜଆ ଉପରେ ପଡ଼ିଥାଏ । ତା' ପାଖରେ ଗୋଟେ କଳା ଛେଳ ଚମଡ଼ାର ଗ୍ଲୋଭ୍ ।

ମଲା ଲୋକଟାକୁ ଦେଖି ଆମେରିକନ୍ ଡିଟେକ୍‌ଟିଭ୍ ଚିତ୍କାର କରି ଉଠିଲେ, "ହେ ପ୍ରଭୁ ! ଏ ତ ନିଜେ ସମ୍ଭବତଃ ଗର୍ଜ଼ଆନେ ! ଏଥର କେହି ଜଣେ ଆମ ଆଗରୁ ତାକୁ ଧରିନେଇଛି ।"

ଗ୍ରେଗ୍‌ସନ୍ କହିଲେ, "ଏଇଠି ଝରକାରେ କ୍ୟାଣ୍ଡଲ୍‌ଟା, ମିଷ୍ଟର୍ ହେମ୍‌ସ ! ଆରେ ତୁମେ କ'ଣ କରୁଛ ?"

ହୋମ୍‌ସ ଝରକା ପାଖକୁ ଯାଇ କ୍ୟାଣ୍ଡଲ୍‌ଟା ଜଳାଇ ତାକୁ ଏପଟ ସେପଟ ଆଗକୁ ପଛକୁ ହଲାଇବାରେ ଲାଗିଥିଲେ । ତାପରେ ସେ ଅନ୍ଧାରୁଆ ଜାଗାକୁ ଚାଲିଯାଇ କ୍ୟାଣ୍ଡଲଟା ଲିଭାଇ ତଳେ ପକାଇଦେଲେ ।

ତାପରେ ସେ କହିଲେ, "ମୁଁ ଭାବୁଛି ଏହା ଆମକୁ ସାହାଯ୍ୟ କରିବ ।"

ସେ ଗମ୍ଭୀର ଚିନ୍ତା କଲାପରି ଚୁପ୍‌ଚାପ୍ ଠିଆହୋଇ ରହିଲେ । ସରକାରୀ ଡିଟେକ୍‌ଟିଭ୍ ଦ'ଜଣ ମୃତ ଦେହଟାକୁ ପରୀକ୍ଷା କରୁଥାନ୍ତି । ହଠାତ୍ ହୋମ୍‌ସ କହିଲେ, "ତୁମେ କହିଲନି, ତୁମେ ତଳେଥିବାବେଳେ ତିନିଜଣ ଲୋକ ଏ ଫ୍ଲାଟ୍‌ରୁ ବାହାରକୁ ଯାଇଛନ୍ତି ? ସେମାନଙ୍କୁ ଭଲଭାବରେ ଲକ୍ଷ୍ୟକରିଛ ?"

"ହଁ, ମୁଁ ଲକ୍ଷ୍ୟ କରିଛି ।"

"ତାଙ୍କ ଭିତରେ କଳା ଦାଢ଼ିଥିବା ମଧ୍ୟମ ଆକୃତିର ପ୍ରାୟ ତିରିଶ ବର୍ଷ ବୟସର ଜଣେ ଲୋକ ଥିଲା ?"

"ହଁ, ସେ ସବା ପଛରେ ଗଲା ।"

"ସେଇ ତୁମର ଲୋକ । ସେଇ ହତ୍ୟାକାରୀ । ମୁଁ ତୁମକୁ ତାର ଦେହର ବର୍ଣ୍ଣନା ଦେଇପାରିବି ଆଉ ତା ପାଦର ପରିଷ୍କାର ଚିହ୍ନ ମଧ୍ୟ ଆମେ ପାଇଛେ । ତୁମେ ତାକୁ ଧରିବା ପାଇଁ ସେଇତକ ଯଥେଷ୍ଟ ।"

"ଲଣ୍ଡନର ଲକ୍ଷ ଲକ୍ଷ ଲୋକଙ୍କ ଭିତରେ ତାକୁ ପାଇବା ପାଇଁ ଏତିକ ଯଥେଷ୍ଟ ନୁହେଁ, ମିଷ୍ଟର୍ ହୋମ୍‌ସ ।"

Digitized by srujanika@gmail.com

"ବୋଧହୁଏ ଯଥେଷ୍ଟ ନୁହେଁ । ସେଇଥିପାଇଁ ମୁଁ ଭାବିଲି ତୁମକୁ ସାହାଯ୍ୟ କରିବା ପାଇଁ ଏ ଭଦ୍ରମହିଳାଙ୍କୁ ଏଠିକି ଡାକିବି ।"

ଏ କଥା ଶୁଣି ଆମେ ସମସ୍ତେ ବୁଲିପଡ଼ିଲୁ । ଦରଜା ପାଖରେ ଜଣେ ଉଚା ସୁନ୍ଦରୀ ଭଦ୍ରମହିଳା ଠିଆ ହୋଇଥାନ୍ତି । ସେ ବ୍ଲୁମସ୍‌ବେରୀର ରହସ୍ୟ-ମୟୀ ଭଡ଼ାଟିଆଣୀ । ଧୀରେ ଧୀରେ ସେ ଆଗକୁ ଆସିଲେ । ଆଶଙ୍କାରେ ତାଙ୍କ ମୁହଁମଣ୍ଡଳ ଦେଖାଯାଉଥାଏ । ଭୟଭୀତ ଆଖି ଦୁ'ଟା ତାଙ୍କର ମେଜିଆ ଉପରେ ପଡ଼ିଥିବା କଳାମୂର୍ତ୍ତିଟା ଉପରେ ପଡ଼ିଗଲା ।

ଅଟକି ଅଟକି ଗଳାରେ ସେ କହିଲେ, "ଆପଣ ତାକୁ ମାରିଦେଇଛନ୍ତି । ବାଃ, ବାଃ, ଆପଣ ତାକୁ ମାରିଦେଇଛନ୍ତି ." ତାପରେ ସେ ଆନନ୍ଦରେ ଚିତ୍କାର କରି ଡେଇଁପଡ଼ିଲେ । ଘର ସାରା ନାଚି ବୁଲିଲେ । କଳା କଳା ଆଖି ଦୁଇଟି ଆନନ୍ଦ ଆଉ ବିସ୍ମୟରେ ଉଜ୍ଜ୍ୱଳ ହୋଇ ଉଠିଲା । ତାଙ୍କ ଓଠରୁ ଶହ ଶହ ଇଟାଲିଯ଼ ଆନନ୍ଦ-ଚିତ୍କାର ବାହାରି ଆସିଲା । ଆନନ୍ଦରେ ସେ ପାଗଳୀ ପରି ହୋଇଗଲେ । ହଠାତ୍ ସେ ଚୁପ୍‌ହୋଇଯାଇ ଆମ ମୁହଁକୁ ଚାହିଁ ରହିଲେ ।

ତାପରେ କହିଲେ, "ଆପଣମାନେ ! ଆପଣମାନେ ପୋଲିସ୍, ନା ନୁହଁନ୍ତି ? ଆପଣମାନେ ଜର୍ଜିଆନୋକୁ ମାରିଦେଇଛନ୍ତି । ସତ ନା ନୁହେଁ ?"

"ଆମେ ପୋଲିସ, ମାଡାମ୍ ।"

ସେ ଘରର ଚାରିଆଡ଼କୁ ଚାହିଁନେଲେ । ପଚାରିଲେ, "ତେବେ ଜେନାରୋ କାହାଁନ୍ତି ? ସେ ମୋର ସ୍ୱାମୀ, ଜେନାରୋ ଲୁକା, ଆଉ ମୁଁ ଏମିଲିଆ ଲୁକା । ଆମେ ଦୁ'ଜଣ ନିଉୟର୍କରୁ ଆସିଛୁ । ଜେନାରୋ କୁଆଡ଼େ ? ଏଇ ଟିକିଏ ଆଗରୁ ଝରକା ପାଖରୁ ସେ ମୋତେ ଡାକିଲେ ଆଉ ମୁଁ ଆଖିବୁଜା ଧାଇଁ-ଆସିଛି ।"

ହୋମସ ଉତ୍ତରଦେଲେ, "ମୁଁ ଆପଣଙ୍କୁ ଡାକିଥିଲି ।"

"ଆପଣ ! ଆପଣ କେମିତି ଡାକିଲେ ?"

"ଆପଣଙ୍କ ଠାରୁ ମୋଟେ କଷ୍ଟକର ନୁହେଁ, ମାଡାମ୍ । ଏଠି ଆପଣଙ୍କ

Digitized by srujanika@gmail.com

ଉପସ୍ଥିତ ଦର୍କାର ହେଲା । ମୁଁ ଜାଣିଥିଲି ମୋତେ କେବଳ VIENI (ଶୀଘ୍ର ଆସ) ସଂକେତ ଦେବାକୁ ହେବ ଆଉ ଆପଣ ନିଶ୍ଚୟ ଆସିବେ ।”

ସୁନ୍ଦରୀ ଇଟାଲିୟାନ ମହିଳା ସମ୍ମାନର ସହିତ ମୋ ବନ୍ଧୁଙ୍କ ଆଡ଼କୁ ଚାହିଁ କହିଲେ, “ଆପଣ ଏସବୁ କେମିତି ଜାଣିଲେ ମୁଁ କିଛି ବୁଝିପାରୁନାହିଁ । କିନ୍ତୁ ଜର୍ଜିଆନୋ—ସେ କେମିତି—” ହଠାତ୍ ସେ ଅଟକିଗଲେ । ଗର୍ବ ଆଉ ଆନନ୍ଦରେ ତାଙ୍କ ମୁହଁ ଉଜ୍ଜ୍ୱଳ ହୋଇ ଉଠିଲା । କହିଲେ, “ଏବେ ମୁଁ ବୁଝିପାରୁଛି ! ମୋ ଜେନାରୋ, ମୋ ଆଦରର ଜେନାରୋ, ଯେ ମୋତେ ସବୁ ବିପଦରୁ ରକ୍ଷାକରିଛନ୍ତି, ସେ ଏ କାମ କରିଛନ୍ତି । ନିଜର ଦୃଢ଼, ଶକ୍ତ ହାତରେ ସେ ଏଇ ଅସୁରଟାକୁ ଶେଷକରିଦେଇଛନ୍ତି । ଆଃ, ଜେନାରୋ ! ତୁମେ କେଡ଼େ ବିଚକ୍ଷଣ ଆଉ ସୁନ୍ଦର ! କେଉଁ ନାରୀ ତୁମର ଯୋଗ୍ୟା ହେବ ?”

ନୀରସ ଗ୍ରେଗ୍‌ସନ୍ ପୋଲିସ କାଇଦାରେ ଭଦ୍ରମହିଳାଙ୍କ ଜାମାର ହାତ ଉପରେ ହାତପକାଇ କହିଲେ, “ଦେଖନ୍ତୁ ମିସେସ୍ ଲୁକା, ଆପଣ କିଏ ଏବଂ କଅଣ ମୁଁ ଏଯାଏଁ ସଠିକ୍ ଜାଣିପାରିନାହିଁ । କିନ୍ତୁ ଆପଣ ଯାହାସବୁ କହି-ଗଲେଣି ସେଥିରୁ ମୁଁ ଦେଖୁଛି ଆପଣଙ୍କୁ ସ୍କଟ୍‌ଲଣ୍ଡ ଇୟାର୍ଡ ଯିବାକୁ ହେବ ।”

ହୋମ୍‌ସ କହିଲେ, “ଗୋଟେ ମିନିଟ୍ ଗ୍ରେଗ୍‌ସନ୍ । ମୁଁ ଭାବୁଛି ଆମେ ଯେମିତି ସବୁ କଥା ଜାଣିବାକୁ ବ୍ୟଗ୍ର, ଏ ଭଦ୍ରମହିଳା ସେମିତି ସବୁ କଥା ଜଣାଇବାକୁ ବ୍ୟଗ୍ର । ଆପଣ ବୁଝିପାରୁଥିବେ ମାଡ଼ାମ୍, ଏଇ ଲୋକକୁ ହତ୍ୟା କରିଥିବା ଅପରାଧରେ ଆପଣଙ୍କ ସ୍ୱାମୀଙ୍କୁ ଆରେଷ୍ଟ କରାଯାଇପାରେ ଏବଂ ତାଙ୍କର ବିଚାର କରାଯାଇପାରେ । ଆପଣ ଯାହା କହିବେ ତା ସାକ୍ଷ୍ୟ ବୋଲି ମଧ୍ୟ ଗ୍ରହଣ କରାଯାଇପାରେ । ଆପଣ ଯଦି ଭାବୁଛନ୍ତି, ଆପଣଙ୍କ ସ୍ୱାମୀଙ୍କର କୌଣସି ଖରାପ ଉଦ୍ଦେଶ୍ୟ ନଥିଲା ଆଉ ସେ କଥା ସେ ଜଣେଇ ଦେବାକୁ ଚାହିଁଆନ୍ତେ, ତେବେ ଆପଣ ଆମକୁ ସମ୍ପୂର୍ଣ୍ଣ ଘଟଣାଟା କହିଦିଅନ୍ତୁ । ତା' ହେଲେ ଆପଣଙ୍କ ସ୍ୱାମୀଙ୍କର ମଙ୍ଗଳ ହେବ ।”

ଭଦ୍ରମହିଳା ଉତ୍ତର ଦେଲେ, “ଏବେ ଜର୍ଜିଆନୋ ମଲା ପରେ ଆମର ଆଉ କିଛି ଭୟ ନାହିଁ । ସେ ଗୋଟେ ପିଶାଚ, ରାକ୍ଷସ ଥିଲା ଆଉ ତାକୁ ହତ୍ୟା

Digitized by srujanika@gmail.com

କରିଥିବାରୁ ଦୁନିଆଁର କୌଣସି ବିଗ୍ଧରପତି ମୋ ସ୍ୱାମୀଙ୍କୁ ଦଣ୍ଡ ଦେବେ ନାହିଁ ।"

ହୋମ୍‌ସ କହିଲେ, "ତାହେଲେ ମୋ ବିଗ୍ଧରରେ ଆମେ ଏ ଘରେ ସ୍ଥିର ପକାଇଦେବା । ଯେଉଁ ଜିନିଷ ଯେଉଁଠି ଅଛି ସେଇଠି ଥାଉ । ଆମେ ଏ ଭଦ୍ର ମହିଳାଙ୍କ ସାଥିରେ ତାଙ୍କ ରୁମ୍‌କୁ ଯାଇ ସେ ଯାହା କହିବେ ସବୁ ଶୁଣିବା । ତାପରେ ଆମର ମତାମତ ଠିକ୍ କରିବା ।"

ଅଧଘଣ୍ଟାଏ ପରେ ଆମେ ସ୍ୱରଜଣ ମିସେସ୍ ଲୁକାଙ୍କ ଶ୍ରେଷ୍ଠ ବୈଠକ-ଖାନାରେ ବସିଗଲୁ । ଯେଉଁ କାହାଣୀର ଶେଷାଂଶ ଆମେ ନିଜ ଆଖିରେ ଦେଖିଛୁ ସେଇ ଭୟଙ୍କର କାହାଣୀ ତାଙ୍କ ମୁହଁରୁ ଶୁଣିଲୁ । ସେ ପରିଷ୍କାର ଏବଂ ଖୁବ୍ ଶୀଘ୍ର ଇଂରାଜୀରେ ସବୁ କଥା କହିଗଲେ । କେବଳ ବ୍ୟାକରଣଗତ ଭୁଲ୍‌ଗୁଡ଼ା ଠିକ୍ କରି ତାଙ୍କ କଥା ମୁଁ ଏଠି ଲେଖୁଛି ।

ସେ କହିଲେ, "ମୁଁ ନେପ୍‌ଲସ୍ ପାଖରେ ପସିଲିପୋରେ ଜନ୍ମ ହୋଇଥିଲି । ସେଠାକାର ମୁଖ୍ୟ ଓକିଲ ଅଗଷ୍ଟୋ ବାରେଲି ମୋ ବାପା । ଜେନାରୋ ମୋ ବାପାଙ୍କ ପାଖେ ଗ୍ଧକିରି କରୁଥିଲେ । ମୁଁ ତାଙ୍କୁ ଭଲ ପାଇ ବସିଲି । ତାଙ୍କର ପଇସାପତ୍ର ବା ସମାଜରେ ଉଚ୍ଚ ସ୍ଥାନ ବି ନଥିଲା । ଥିଲା କେବଳ ଶକ୍ତି ଆଉ ସାମର୍ଥ୍ୟ । ମୋ ବାପା ଆମ ବିବାହରେ ରାଜିହେଲେନାହିଁ । ଆମେ ସାଥି ହୋଇ ପଳାଇଗଲୁ ଆଉ ବାରିରେ ବିବାହ କଲୁ । ମୋ ଗହଣାପତ୍ର ବିକି-କରି କିଛି ପଇସାପତ୍ର ଧରି ଆମେରିକା ଗ୍ଧଲିଗଲୁ । ଏହା ଗ୍ଧରିବର୍ଷ ତଳର କଥା । ଆଉ ସେଇଦିନଠୁ ଆମେ ନିଉୟର୍କରେ ରହିଲୁ ।

"ପ୍ରଥମେ ଭାଗ୍ୟ ଆମର ଅନୁକୂଳ ହେଲା । ଜେନାରୋ ଜଣେ ଇଟାଲିୟାନ୍ ଭଦ୍ରଲୋକଙ୍କ ପାଖରେ ଖଣ୍ଡେ ଗ୍ଧକିରି ପାଇଗଲେ । ବାଉଆରି ବୋଲି ଗୋଟେ ଜାଗାରେ କେତେକ ଗୁଣ୍ଡା ସେ ଭଦ୍ରଲୋକଙ୍କୁ ଆକ୍ରମଣ କଲେ ଆଉ ଜେନାରୋ ତାଙ୍କୁ ରକ୍ଷାକରିଥିଲେ । ଫଳରେ ତାଙ୍କ ସହିତ ଜେନାରୋଙ୍କର ଗାଢ଼ ବନ୍ଧୁତା ହୋଇଗଲା । ତାଙ୍କ ନାଁ ଟିଟୋକାଷ୍ଟାଲୋଟ୍ । ଆଉ ସେ କାଷ୍ଟାଲୋଟ୍ ଆଣ୍ଡ ଜାମ୍ବା କମ୍ପାନୀର ମୁଖ୍ୟ ଅଂଶୀଦାର । ସେ କମ୍ପାନୀ ନିଉୟର୍କର ମୁଖ୍ୟ ଫଳ ବ୍ୟବସାୟୀ । ତାଙ୍କ ଫାର୍ମରେ ତିନିଶହରୁ ଅଧିକ

Digitized by srujanika@gmail.com

ଲୋକ କାମ କରନ୍ତି । ସିଗ୍‌ନର୍ ଜାମ୍ବା ଜଣେ ପଙ୍ଗୁ । ତେଣୁ ଆମର ବନ୍ଧୁ କାଷ୍ଟାଲୋଟ୍ ଫାର୍ମର ସର୍ବେ ସର୍ବା । ସେ ମୋ ସ୍ୱାମୀଙ୍କୁ ତାଙ୍କ ଫାର୍ମର ଗୋଟେ ବିଭାଗର ମୁଖ୍ୟ କରିଦେଲେ । ସେ ଆମକୁ ଖୁବ୍ ସ୍ନେହ କରନ୍ତି । ସିଗ୍‌ନର କାଷ୍ଟାଲୋଟ୍ ଅବିବାହିତ ଥିଲେ ଆଉ ଜେନାରୋଙ୍କୁ ପୁଅ ପରି ସ୍ନେହ କରୁଥିଲେ । ଆମେ ମଧ୍ୟ ତାଙ୍କୁ ବାପପରି ସ୍ନେହ କରୁଥିଲୁ । ଆମେ ବ୍ରୁକ୍‌ଲିନ୍‌ରେ ଗୋଟେ ଘର ନେଇ ବେଶ୍ ଖୁସିରେ ଥାଉ । ଆମର ଭବିଷ୍ୟତ ବେଶ୍ ଉଜ୍ଜ୍ୱଳମୟ ଜଣାଗଲାବେଳକୁ ଆମ ଭାଗ୍ୟ-ଆକାଶରେ କଳାମେଘ ଦେଖାଦେଲା ଆଉ ସେ ମେଘ ଆକାଶସାରା ଘୋଟିଗଲା ।

"ଦିନେ ରାତିରେ ଜେନାରୋ କାମସାରି ଘରକୁ ଫେରିଲେ । ତାଙ୍କ ସାଥିରେ ନିଜ ଦେଶର ଜଣେ ଲୋକ ଆସିଥାଏ । ତା ନାଁ ଗର୍‌ଜିଆନୋ ଆଉ ତା ଘର ପସିଲିପୋରେ । ସେ କେଡ଼େ ବିରାଟ ବପୁର ଲୋକ ଆପଣ ତା ମଲା ଦେହରୁ ଜାଣିପାରୁଥିବେ । ତା ଦେହଟା କେବଳ ଅସୁରପରି ନୁହେଁ, ତାର ସ୍ୱଭାବ, ଚାଲିଚଳଣି ସବୁ ଅସୁରପରି । ଆମ ଛୋଟ ଘରଟିରେ ତା କଥାଗୁଡ଼ା ବଜ୍ରପରି ଶୁଣାଯାଉଥାଏ । ସେ ହାତ ହଲାଇ କଥା କହିଲାବେଳେ ତା ହାତ ଚାରିପାଖ କାନ୍ଥରେ ବାଜୁଥାଏ । ସେ ଏମିତି ଗର୍ଜନ କରି କଥା କହେ ଯେ, ଅନ୍ୟମାନେ କେବଳ ଚୁପ୍‌ହୋଇ ବସି ଶୁଣୁଥାନ୍ତି । ତା ଆଗରେ ସମସ୍ତେ ଛେଳିପରି । ଲୋକଟା ଅତି କଦର୍ଯ୍ୟ ଆଉ ଭୟଙ୍କର । ସେ ଏବେ ମରିଛି । ଭଗବାନଙ୍କୁ ଧନ୍ୟବାଦ ।

"ସେ ବାରମ୍ବାର ଆମ ଘରକୁ ଆସେ । କିନ୍ତୁ ଲକ୍ଷ୍ୟକଲି ତାର ଉପସ୍ଥିତିରେ ମୁଁ ଯେମିତି ଅସନ୍ତୁଷ୍ଟ ଜେନାରୋ ବି ସେଇପରି ଅସନ୍ତୁଷ୍ଟ । ସେ ଆସିଲେ ରାଜନୀତି, ସମାଜର ବିଭିନ୍ନ ବିଷୟ ନେଇ ଅନର୍ଗଳ କହିଚାଲେ । ମୋ ସ୍ୱାମୀ ବିଚରା କିଛି ନ କହି ମୁହଁ ଶୁଖାଇ ବସି ଶୁଣୁଥାନ୍ତି । ସେ ମୋ ଆଗରେ କିଛି ନ କହିଲେ ବି ମୁଁ ଜାଣିପାରେ ତାଙ୍କ ମନଭିତରେ ଗୋଟେ ଝଡ଼ ବହୁଛି । ତାଙ୍କ ମୁହଁର ଭାବରୁ ମୁଁ ଜାଣିଲି ଯେ, ଲୋକଟାକୁ ସେ ଘୃଣା କରନ୍ତି । ତାପରେ ଧୀରେ ଧୀରେ ଜାଣିଲି, ତାଙ୍କ ମନର ଭାବ ଘୃଣାଠୁ ଅଧିକ । ସେଟା ହେଲା ଭୟ—ଏକ ଗୋପନ ଭୟ । ଯେଉଁ ରାତିରେ ମୁଁ ଏକଥା ଜାଣି

Digitized by srujanika@gmail.com

ପାରିଲି, ସେଇ ରାତରେ ତାଙ୍କୁ ରାଣ ନାସ୍ତମଦେଇ, କିଛି ନ ଲୁଚାଇ ସବୁ କଥା ମୋ ଆଗେ କହିବା ପାଇଁ ଅନୁରୋଧ କଲି । ଏଇ ଅଦ୍ଭୁତ ପତ୍ର ମଣିଷଟା କାହିଁକି ତାଙ୍କ ଉପରେ ଏପରି ପ୍ରଭାବ ପକାଉଛି ବୋଲି ପଚାରିଲି ।

"ସେ ମୋ ଆଗରେ ସବୁ କଥା କହିଲେ । ଶୁଣିଶୁଣି ମୋ ଛାତି ଥରଥର ଥଣ୍ଡାପାଲଟିଗଲା । ମୋ ସ୍ୱାମୀ ବିଚାରଙ୍କର ତରୁଣ ଅବସ୍ଥାରେ ସାରା ଦୁନିଆଟା ତାଙ୍କ ବିରୁଦ୍ଧରେ ପରି ଜଣାଗଲା । ଜୀବନର ଏ ଅନ୍ୟାୟରେ ସେ ପ୍ରାୟ ପାଗଳ ହୋଇଗଲେ । ସେତେବେଳେ ସେ ଲାଲବୃତ୍ତ ବୋଲି ଗୋଟାଏ ଦଳରେ ଯୋଗଦେଇଥିଲେ । ଏଇ ଦଳର ଶପଥ ଆଉ ଗୋପନୀୟତା ଅତି ଭୟଙ୍କର । ଥରେ ଏ ଦଳରେ ପଶିଲେ ଆଉ ଖସିବାର ବାଟନାହିଁ । ଆମେ ଯେତେବେଳେ ଆମେରିକା ଚାଲିଆସିଲୁ, ଜେନାରୋ ଭାବିଲେ ସେ ସବୁଦିନ ପାଇଁ ଏ ଦଳର କବଳରୁ ଖସିଆସିଛନ୍ତି । ଯେଉଁ ଗର୍ଜିଆନୋ ତାଙ୍କୁ ଏଇ ଦଳରେ ମିଶିବାକୁ ମତେଇଥିଲା, ଯେଉଁ ଲୋକକୁ ଦକ୍ଷିଣ ଇଟାଲୀର ଯମବୋଲି ଲୋକେ କହୁଥିଲେ, ନରହତ୍ୟା କରି ଯାହାର ହାତ ଲାଲ ହୋଇଯାଇଥିଲା, ସେଇ ଲୋକକୁ ଦିନେ ହଠାତ୍ ଆମେରିକାର ରାସ୍ତାରେ ଦେଖି ମୋ ସ୍ୱାମୀ ବିଚାରି କିପରି ଭୟଭୀତ ହୋଇ ଯାଇଥିବେ ଅନୁମାନ କରନ୍ତୁ । ଇଟାଲିୟାନ୍ ପୋଲିସ୍ ହାତରୁ ଖସିଯିବା ପାଇଁ ଲୋକଟା ନିଉୟର୍କ ପଳାଇଆସିଥିଲା ଆଉ ସେଠି ତା ଲାଲବୃତ୍ତ ଦଳର ଗୋଟେ ଶାଖା ଗଢ଼ିଥିଲା । ଜେନାରୋ ମୋତେ ଏସବୁ କଥା କହିଲେ ଆଉ ଗୋଟେ ନୋଟିସ୍ ଦେଖାଇଲେ । ତା ଉପରେ ଗୋଟେ ଲାଲବୃତ୍ତ ଅଙ୍କା ହୋଇଥିଲା । ନୋଟିସ୍‌ଟା ସେ ସେଇଦିନ ପାଇଥିଲେ । ସେଥିରେ ଲେଖାଥିଲା ଗୋଟେ ନିର୍ଦ୍ଦିଷ୍ଟ ତାରିଖରେ ଲାଲବୃତ୍ତ ଦଳର ଗୋଟେ ସଭା ହେବ ଆଉ ସେ ସେଥିରେ ଯୋଗଦେବାକୁ ବାଧ୍ୟ ।

"ସେଟା ଯଥେଷ୍ଟ ଦୁଃଖଦାୟକ; କିନ୍ତୁ ଆହୁରି ଦୁଃଖଦାୟକ ଘଟଣା ଆଗକୁ ଥିଲା । ମୁଁ ଲକ୍ଷ୍ୟ କରିଛି, ଗର୍ଜିଆନୋ ଯେତେବେଳେ ଆମ ଘରକୁ ଆସେ (ସେ ବରାବର ଆସେ) ସେ ମୋ ସାଥିରେ ବେଶୀ କଥାବାର୍ତ୍ତା କରେ । ଯେତେବେଳେ ମୋ ସ୍ୱାମୀଙ୍କ ସାଥିରେ କଥାବାର୍ତ୍ତା କରେ ତା ହିଂସ୍ର ଆଖିଦିଟା ମୋ ଆଡ଼କୁ ଥାଏ । ଦିନେ ରାତିରେ ମୁଁ ତା ଗୁପ୍ତ ଉଦ୍ଦେଶ୍ୟ ଜାଣି

Digitized by srujanika@gmail.com

ପାରିଲ ସେ ଆସି ଆମ ଘରେ ପହଞ୍ଚିଲା । କେନାର୍ଡ଼େ କାମରୁ ଫେରି ନଥାନ୍ତି । ସେ ଆମ ଘର ଭିତରକୁ ପଶି ଆସି ମୋତେ ହ'ହାତରେ ଜାବୁଡ଼ି ଧରି ତା ସାଥିରେ ଗୃହଛାଡ଼ିଯିବାକୁ ମତେଇଲା । ମୁଁ ଗ୍ରୁଣ୍ଡି ପିଟି ହୋଇ ଚିତ୍କାର କରିଉଠିଲି । ଏତିକବେଳେ କେନାର୍ଡ଼େ ଆସି ପହଞ୍ଚି ତାକୁ ଆକ୍ରମଣ କଲେ । ସେ କେନାର୍ଡ଼େଙ୍କୁ ଅଚେତ କରି ତଳେ ପକାଇଦେଇ ପଳାଇଗଲା । ତା'ପରେ ଆଉ କେବେ ଆସିନାହିଁ । ସେ ରାତିରେ ଆମର ଏକ ମାରାତ୍ମକ ଶତ୍ରୁ ଜନ୍ମ ନେଲା ।

"କେତେ ଦିନ ପରେ ଦଳର ସଭା ବସିଲା । କେନାର୍ଡ଼େ ସେଠୁ ଫେରିଲେ । ତାଙ୍କ ମୁହଁରୁ ଜାଣିଲି କିଛି ଗୋଟେ ଭୟଙ୍କର ଘଟଣା ଘଟିଛି । ଘଟଣାଟା ଆମର କଳ୍ପନାତୀତ ଭାବେ ଭୟଙ୍କର । ଏଇ ଲାଲବୃତ୍ତ ଦଳର ପଇସା ଆମେରିକାରେ ଥିବା ଧନୀ ଇଟାଲିୟାନ୍‌ମାନଙ୍କଠାରୁ ଅସୁଲ କରା-ଯାଉଥିଲା । କେହି ପଇସା ଦେବାକୁ ମନାକଲେ ତାକୁ ମାରିଦେବାର ଧମକ ଦିଆଯାଉଥିଲା । ଆମର ଉପକାରୀ ବନ୍ଧୁ କାଷ୍ଟାଲୋଟ୍‌ଙ୍କୁ ସେମାନେ ପଇସା ମାଗିଲେ ଏବଂ ଧମକ ଦେଲେ । ସେ ସିଧା ମନାକରିଦେଲେ ଆଉ ପୋଲିସ୍‌କୁ ଏକଥା ଜଣାଇଦେଲେ । ସଭାରେ ପ୍ରସ୍ତାବ ହେଲା ତାଙ୍କୁ ଏମିତି ଶାସ୍ତି ଦିଆଯିବ; ଯେପରି ଭବିଷ୍ୟତରେ କେହି ଦଳ ବିରୁଦ୍ଧରେ ଯିବେନାହିଁ । ଠିକ୍ ହେଲା ଡିନାମାଇଟ୍ ଦ୍ୱାରା ତାଙ୍କ ଘର ଉଡ଼ାଇ ଦିଆଯିବ । କାମଟା କିଏ କରିବ, ସେଥିପାଇଁ ଲଟାରୀ ପକାଗଲା । କେନାର୍ଡ଼େ ଦେଖିଲେ ଆମ ଶତ୍ରୁ ଙ୍ଗୁର ହସ ହସୁଛି । କେନାର୍ଡ଼େ ବ୍ୟାଗ୍ ଭିତରୁ ହାତଟା ବାହାର କରି ଆଣିଲେ । ତାଙ୍କ ହାତରେ ଲାଲବୃତ୍ତ ଅଙ୍କା ଚିହ୍ନ । ଆଗରୁ ନିଶ୍ଚୟ ଏଇ ବ୍ୟବସ୍ଥା କରାଯାଇଥିଲା । ତାଙ୍କୁ ତାଙ୍କ ଉପକାରୀ ବନ୍ଧୁଙ୍କୁ ମାରିବାକୁ ପଡ଼ିବ । ନଚେତ୍ ସେ ଆଉ ମୁଁ ଦଳର ଙ୍ଗୁର ପ୍ରତିହିଂସାର ସମ୍ମୁଖୀନ ହେବୁ । ସେମାନଙ୍କର ପୈଶାଚିକ ପ୍ରଥା ଥିଲା ଯେ, ସେମାନେ ଯାହାକୁ ଭୟ ବା ଘୃଣାକରନ୍ତି ତାକୁ ଆଉ ତାର ଆପଣାର ସମସ୍ତଙ୍କୁ କଠୋର ଦଣ୍ଡ ଦିଆଯିବ । ଏଇ ଭୟଙ୍କର ଚିନ୍ତାରେ କେନାର୍ଡ଼େ ପାଗଳ ପରି ହୋଇଗଲେ ।

Digitized by srujanika@gmail.com

"ସେ ରାତସାରା ଆମେ ଦୁହେଁ ସାଥି ହୋଇ ବସିଲୁ । ଦୁହେଁ ଦୁହିଁଙ୍କୁ ଧୈର୍ଯ୍ୟ ଆଉ ସାହସ ଦେଉଥାଉ । ତା'ପରଦିନ ସଂଧ୍ୟାରେ କାମଟା କରିବା କଥା ଦିନ ଦ୍ୱିପ୍ରହର ବେଳକୁ ମୁଁ ଆଉ ମୋ ସ୍ୱାମୀ ଲଣ୍ଡନ ଅଭିମୁଖରେ ଚାଲିଆସିଲୁ । ତା ପୂର୍ବରୁ ସେ ଆମ ବନ୍ଧୁଙ୍କୁ ସବୁ କଥା କହି ସତର୍କ କରାଇ ଦେଇଥିଲେ । ପୋଲିସ୍‌କୁ ମଧ୍ୟ ଖବର ଦେଇଦେଇଥିଲେ ।

"ତା'ପର ଘଟଣା ଆପଣମାନେ ଜାଣନ୍ତି । ଆମେ ଜାଣିଥିଲୁ , ଆମ ଶତ୍ରୁମାନେ ଆମ ପଛରେ ଗୁଇପର ଗୋଡ଼ାଇ ଆସିବେ । ଗର୍‌ଜିଆନୋ କେମିତି ଧୂର୍ତ୍ତ,ଲଗାମଛଡ଼ା ଆମେ ଜାଣିଥିଲୁ । ତାର ଭୟଙ୍କର ଶକ୍ତି କଥା ଇଟାଲୀ ଆଉ ଆମେରିକାରେ ଜଣାଶୁଣା । ଆମେ କିଛି ଦିନ ଆଗରୁ ଆସି ଲଣ୍ଡନରେ ପହଞ୍ଚିଗଲୁ । ସେଇ ସୁଯୋଗରେ ମୋ ସ୍ୱାମୀ ମୋ ପାଇଁ ଏପରି ଜାଗା ଠିକ୍ କଲେ ଯେଉଁଠି ମୋ ଉପରେ ବିପଦର ସମ୍ଭାବନା ନ ଥିବ । ସେ ନିଜେ ବାହାରେ ରହି ଆମେରିକା ଆଉ ଇଟାଲୀର ପୋଲିସ ସାଥିରେ ଯୋଗାଯୋଗ ରଖିବାକୁ ଠିକ୍‌କଲେ । ସେ କେଉଁଠି ରହୁଥିଲେ ମୁଁ ଜାଣେନା । କେବଳ ଗୋଟାଏ ଖବରକାଗଜ ଜରିଆରେ ମୁଁ ସବୁକଥା ଜାଣୁଥିଲି । କିନ୍ତୁ ଦିନେ ମୁଁ ଝରକାବାଟେ ପଦାକୁ ଚାହିଁଲାବେଳକୁ ଦେଖିଲି ଦୁ'ଜଣ ଇଟାଲୀୟନ୍ ଆମ ଘର ଉପରେ ନଜର ପକାଉଛନ୍ତି । ମୁଁ ବୁଝିଲି ଗର୍‌ଜିଆନୋ କୌଣସି ପ୍ରକାରେ ଆମ ଗୁପ୍ତସ୍ଥାନର ସନ୍ଧାନ ପାଇଛି । ଶେଷରେ ଖବରକାଗଜ ଜରିଆରେ ଜେନାରୋ ମୋତେ ଜଣାଇଦେଲେ ଯେ, ସେ ଗୋଟେ ନିର୍ଦ୍ଦିଷ୍ଟ ଝରକା ପାଖରୁ ମୋତେ ସଂକେତ ଦେବେ । କିନ୍ତୁ ସଂକେତଗୁଡ଼ା ଖାଲି ସତର୍କ ରହିବାର ସଂକେତ । ଶେଷ ସଂକେତଟା ମଝିରୁ କଟିଗଲା । ମୁଁ ଜାଣିପାରିଲି ଗର୍‌ଜିଆନୋ ତାଙ୍କ ଗୋଡ଼େ ଗୋଡ଼େ ଲାଗିଛି । ଭଗବାନଙ୍କୁ ଧନ୍ୟବାଦ୍ , ଗର୍‌ଜିଆନୋ ଆସିଲାବେଳକୁ ଜେନାରୋ ପ୍ରସ୍ତୁତ ହୋଇଥିଲେ । ଏଥର ଆପଣମାନେ କହନ୍ତୁ, ଆମର ଆଇନକୁ ଭୟ କରିବାର କିଛି ଅଛି କି କିମ୍ବା ପୃଥିବୀର କୌଣସି ବିଚାରପତି ମୋ ଜେନାରୋଙ୍କୁ ତାଙ୍କ କାମପାଇଁ ଶାସ୍ତି ଦେବେ କି ?"

Digitized by srujanika@gmail.com

ଗ୍ରେଗ୍‌ସନ୍‌ଙ୍କ ଆଉକୁ ଚାହିଁ ଆମେରିକାନ୍ ଡିଟେକ୍‌ଟିଭ୍ କହିଲେ, "ଦେଖନ୍ତୁ ମିଷ୍ଟର୍ ଗ୍ରେଗ୍‌ସନ, ଆପଣଙ୍କ ଇଂଲଣ୍ଡରେ ଏ କାମକୁ କି ଦୃଷ୍ଟିରେ ନିଆଯିବ ମୁଁ ଜାଣେନା; କିନ୍ତୁ ନିଉୟର୍କରେ ଏ ଭଦ୍ରମହିଳାଙ୍କ ସ୍ୱାମୀ ସବ ସାଧାରଣଙ୍କଠାରୁ ଅଭିନନ୍ଦନ ପାଇବେ ।"

ଗ୍ରେଗ୍‌ସନ ଉତ୍ତର ଦେଲେ, "ତାଙ୍କୁ ମୋ ସାଥିରେ ଯାଇ ଆମ ମୁଖ୍ୟ ଅଫିସରଙ୍କୁ ସାକ୍ଷାତକରିବାକୁ ହେବ । ତାଙ୍କ କଥା ଯଦି ସତ ବୋଲି ପ୍ରମାଣିତ ହୁଏ, ମୁଁ ଭାବୁଛି ତାଙ୍କର ବା ତାଙ୍କ ସ୍ୱାମୀଙ୍କର ଭୟକରିବାର କିଛି ନାହିଁ । କିନ୍ତୁ ମିଷ୍ଟର୍ ହୋମ୍‌ସ, ତୁମେ କେମିତି ଏ ଘଟଣାରେ ଜଡ଼ିତ ହେଲ, ମୁଁ କିଛି ବୁଝିପାରୁନାହିଁ ।"

ହସି ହସି ହୋମସ୍ ଉତ୍ତର ଦେଲେ, "ଶିକ୍ଷା ଗ୍ରେଗ୍‌ସନ୍, ଶିକ୍ଷା । ଜ୍ଞାନ ଆହରଣ ପାଇଁ । ହଁ ଉଆଟ୍‌ସନ , ତୁମ ଲେଖାପାଇଁ ଆଉ ଗୋଟେ କରୁଣ ଆଉ ଅଦ୍‌ଭୁତ ଜିନଷ ମିଳିଗଲା । ହଉ, ଏବେ ତ ଆଠଟା ବାଜିନାହିଁ । କଭେଣ୍ଟ ଗାର୍ଡେନ୍‌ରେ ଡ୍ରାମାଟା ଦେଖାହେଲେ ମନ୍ଦ ହୁଅନ୍ତା ନାହିଁ । ଶୀଘ୍ର ଶୀଘ୍ର ବାହାରିପଡ଼ିଲେ ଆମେ ଦ୍ୱିତୀୟ ଅଙ୍କ ଆଗରୁ ପହଞ୍ଚିଯିବା । * * *

Digitized by srujanika@gmail.com

ବ୍ରୁସ୍ ପାର୍ଟିଙ୍ଗ୍‌ଟନ୍ ପ୍ଲାନ୍

ଅଠରଶହ ପଞ୍ଚାନବେ ମସିହା ନଭେମ୍ବର ତୃତୀୟ ସପ୍ତାହରେ ଲଣ୍ଡନରେ ଘନହଳଦିଆ ରଙ୍ଗର କୁହୁଡ଼ି ପଡ଼ିଥାଏ । ସୋମବାର ଠାରୁ ଗୁରୁବାର ଶେଷଯାଏଁ କୁହୁଡ଼ି ଏତେ ବହଳ ହେଲା ଯେ, ଆମ ବେକର୍‌ଷ୍ଟ୍ରୀଟ୍ ଝରକା ପାଖରୁ ରାସ୍ତା ଆରପାଖର ଘର ମଧ୍ୟ ଦେଖାଗଲାନାହିଁ । ପ୍ରଥମ ଦିନଟା ହୋମ୍‌ସ ତାଙ୍କ ମୋଟା ରେଫ୍‌ରେନ୍‌ସ ବହିର ସୂଚିପତ୍ର ଲେଖିବାରେ କଟାଇଦେଲେ । ତା'ପର ଦି'ଦିନ ଆଧୁନିକ ସଙ୍ଗୀତ ବିଷୟରେ ପଢ଼ାପଢ଼ି କଲେ । ଏବେ ଏ ବିଷୟକୁ ସେ ତାଙ୍କର ଗୋଟେ ଅଭ୍ୟାସ କରି ନେଇଥିଲେ । ଚତୁର୍ଥ ଦିନ ସକାଳେ ଆମେ ଜଳଖିଆ କାମ ସାରିଲୁ । ଦେଖିଲୁ କୁହୁଡ଼ି ତଥାପି ସେମିତି ଘନ ହୋଇ ରହିଛି । ମୋ ବନ୍ଧୁ ଅଧୈର୍ଯ୍ୟ ହୋଇ-ଉଠିଲେ । କିଛି କାମନଥିଲେ ଧୈର୍ଯ୍ୟ ହରେଇ ବସିବା ତାଙ୍କର ଅଭ୍ୟାସ । ସେ ନଖ କାମୁଡ଼ି ଅସ୍ଥିର ଭାବରେ ଘରଭିତରେ ଏପଟ ସେପଟ ହେଉଥାନ୍ତି । ଶେଷରେ କହିଲେ, "ଖବରକାଗଜରେ କିଛି ବିଶେଷ ଖବର ନାହିଁ, ୱାଟ୍‌ସନ୍ ?"

ବିଶେଷ ଖବର କହିଲେ ଅପରାଧ ବିଷୟରେ କିଛି ଖବର ତାଙ୍କର ଉଦ୍ଦେଶ୍ୟ ବୋଲି ମୁଁ ଜାଣିଥିଲି । ଅବଶ୍ୟ ଗୋଟିଏ ବିପ୍ଳବ, ଗୋଟାଏ ଯୁଦ୍ଧର ସମ୍ଭାବନା ଏବଂ ସରକାର ପରିବର୍ତ୍ତନର ସୂଚନା ଆଦି ଖବର ପ୍ରକାଶିତ ହୋଇଥିଲା । କିନ୍ତୁ ଏ ସବୁରେ ମୋ ବନ୍ଧୁଙ୍କର କିଛି ସମ୍ପର୍କ ନଥାଏ । ଅତି ସାଧାରଣ ଆଉ ଗ୍ରେଟକାଟର ଅପରାଧ ଛଡ଼ା ଆଉ ବିଶେଷ କିଛି ଖବର ଥିବାର ଦେଖିପାରିଲିନାହିଁ । ହୋମ୍‌ସ ପୁଣି ବ୍ୟସ୍ତହୋଇ ଏପଟ ସେପଟ ହେବାରେ ଲାଗିଲେ । ଜଣେ ଶିକାରୀ ଜଙ୍ଗଲରେ କିଛି ଜନ୍ତୁ ନପାଇଲେ ଯେମିତି ହେବ ଠିକ୍ ସେମିତି ଭାବରେ ସେ କହିଲେ, "ଲଣ୍ଡନର ଅପରାଧୀ ନିଶ୍ଚୟ ନିହାତି ଗଧ । ଏଇ ଝରକାବାଟେ ବାହାରକୁ ଚାହିଁ, ୱାଟ୍‌ସନ୍ । ସବୁ

Digitized by srujanika@gmail.com

ଜନପଥ କେମିତି ଫିକା ଦେଖାଯାଉଛି । ତାପରେ ଏ ଘନ ମେଘକୁ ଦେଖ । ଏମିତି ପାଗରେ ଚୋର ବା ହତ୍ୟାକାରୀ ବାଘ ଜଙ୍ଗଲରେ ଛପିଛପି ବୁଲି ତା ଶିକାର ଉପରକୁ କୁଦା ମାରିଲାପରି ଲଣ୍ଡନ ସହରରେ ସମସ୍ତଙ୍କ ଆଖିରେ ଧୂଳି ଦେଇ ତାଙ୍କ କାମ କରିପାରିବେ ।''

ମୁଁ କହିଲି, ''ଗୁଡ଼ାଏ ଛୋଟ ଛୋଟ ଧରଣର ଚୋରି ହୋଇଛି ।''

ଅସନ୍ତୁଷ୍ଟ ହେଲାପରି ହୋମ୍‌ସ କହିଲେ, ''ଲଣ୍ଡନ ସହରର ଏଇ ବିରାଟ ମଞ୍ଚ ତାଠୁ ଆହୁରି ବଡ଼ବଡ଼ ଘଟଣା ପାଇଁ ଉପଯୁକ୍ତ । ଏ ସମାଜର ଭାଗ୍ୟ ଭଲ ଯେ, ମୁଁ ଗୋଟାଏ ଅପରାଧୀ ନୁହେଁ ।''

''ତା ପ୍ରକୃତରେ ସତ ।''

''ମନେକର, ବ୍ରୁକ୍‌ସ ବା ଉଡ୍‌ହାଉସ୍ କିମ୍ବା ତାଙ୍କର ପରି ଆଉ ଗୁଡ଼ାଏ ଲୋକ, ଯେଉଁମାନେ ସୁବିଧା ପାଇଲେ ମୋ ଜୀବନ ନେଇଯିବେ, ମୁଁ ତାଙ୍କର ଭିତରୁ ଜଣେ ହୋଇଥାନ୍ତି । କେତେ ସମୟ ମୁଁ ମୋ ନିଜ ଅଭିଯାନ ବିରୁଦ୍ଧରେ ତିଷ୍ଠି ରହିପାରନ୍ତି ? ଗୋଟେ ସମନ୍ କିମ୍ବା ଗୋଟେ ଅର୍ଥହୀନ ସାକ୍ଷାତକାର, ସେତିକରେ ସବୁ ଶେଷ ହୋଇଯାଆନ୍ତା । ଯାହାହେଉ, ଭଗବାନଙ୍କ ଦୟାରୁ ଆମର ଏ ମାନ୍ଦା ଜୀବନ ଭାଙ୍ଗିବାକୁ ଶେଷରେ କିଛି ଆସିଗଲା ।''

ଯାହା ଆସିଲା, ସେଟା ହେଲା ଚାକରାଣୀ ଆଣିଥିବା ଗୋଟେ ଟେଲିଗ୍ରାମ୍ । ସେଟା ଚିରି ଖୋଲି ହୋମ୍‌ସ ହସିଉଠିଲେ । କହିଲେ, ''ଆଚ୍ଛା, ଆଚ୍ଛା ! ଦେଖିବା ତାପରେ କ'ଣ ! ମୋ ଭାଇ ମାଇକ୍ରଫଟ୍ ଏଠିକି ଆସୁଛନ୍ତି ।''

''ନ ଆସିବେ କାହିଁକି ?''

''କାହିଁକି ନ ଆସିବେ ? ମାଇକ୍ରଫଟ୍ ଏଠିକି ଆସିବା ଯାହା ଗୋଟେ ଟ୍ରାମ୍ ଗାଡ଼ି ମଫସଲ ରାସ୍ତାରେ ଆସିବା ସେଇଆ । ଟ୍ରାମ୍ ନିର୍ଦ୍ଦିଷ୍ଟ ରେଲ୍ ଉପରେ ଚାଲିଲାପରି ମାଇକ୍ରଫଟ୍‌ଙ୍କର ଯିବାଆସିବାରେ କେତେଟା ନିର୍ଦ୍ଦିଷ୍ଟ ସ୍ଥାନ ଅଛି । ତାଙ୍କ ପାଲ୍‌ମାଲ୍‌ଘର, ଡାଇଓଜେନସ୍ କ୍ଲବ୍, ହ୍ୱାଇଟ୍‌ହଲ୍—ଏଇ ହେଲା ତାଙ୍କର ଚଳବୁଲି । ସେ କେବଳ ଥରେ ମାତ୍ର ଏଠିକି ଆସିଥିଲେ ।''

Digitized by srujanika@gmail.com

"କି ଗୁରୁତର ସମସ୍ୟା ନେଇ ସେ ଏଠିକି ଏମିତି ଆସୁଛନ୍ତି ?"

"ସେକଥା ସେ କିଛି ଲେଖି ନାହାଁନ୍ତି ?"

ହୋମ୍‌ସ ତାଙ୍କ ଭାଇଙ୍କ ଟେଲିଗ୍ରାମ୍‌ଟା ମୋତେ ବଢ଼ାଇଦେଲେ, 'କାଡ଼ୋଗାନ୍ ୱେଷ୍ଟ୍ ସମସ୍ୟା ନେଇ ତୁମ ସାଥିରେ ଦେଖାକରିବା ନିହାତି ଦର୍କାର । ସାଙ୍ଗେ ସାଙ୍ଗେ ଯାଉଛି । —ମାଇକ୍ରଫଟ୍ ।"

"କାଡ଼ୋଗାନ୍ ୱେଷ୍ଟ୍ ? ନାଁଟା ମୁଁ ଶୁଣିଛି ।"

ମୋର କିନ୍ତୁ କିଛି ମନେପଡୁନାହିଁ । କିନ୍ତୁ ମାଇକ୍ରଫଟ୍ ଏମିତି ଭାବରେ— ଆସିବାଟା ! ଗୋଟେ ଗ୍ରହ୍ ହୁଏତ ତାର କକ୍ଷ ଛାଡ଼ିପାରେ; କିନ୍ତୁ—। ଆଚ୍ଛା ମାଇକ୍ରଫ୍‌ଟ୍ କ'ଣ ତୁମେ ଜାଣ ?"

ଗ୍ରୀକ୍ ଅନୁବାଦକ ସମସ୍ୟାରେ ହୋମ୍‌ସ ମାଇକ୍ରଫଟ୍‌ଙ୍କ କଥା କିଛି କହିଥିବା ମୋର ଟିକିଏ ଟିକିଏ ମନେପଡ଼ିଲା ।

କହିଲି, "ତୁମେ କହିଥିଲ, ଇଂରେଜ ସରକାରଙ୍କ ଅଧୀନରେ ତାଙ୍କର କ'ଣ ଗୋଟେ ଅଫିସ୍ ଅଛି ।"

ଟିକିଏ ହସି ହୋମ୍‌ସ କହିଲେ, "ସେତେବେଳେ ତୁମ ସାଥିରେ ମୋର ସେତେଟା ପରିଚୟ ହୋଇନଥିଲା । ରାଜ୍ୟର ବଡ଼ ବଡ଼ କଥା କହିଲାବେଳେ ଜଣକୁ ଟିକିଏ ସଯତ୍ନ ହେବାକୁ ହୁଏ । ସେ ଇଂରେଜ ସରକାରଙ୍କ ଅଧୀନରେ ଚାକିରି କରନ୍ତି ବୋଲି ତୁମେ ଭାବିବାଟା ଠିକ୍ । କିନ୍ତୁ ଗୋଟେ ଦୃଷ୍ଟିରୁ ତୁମେ ଯଦି କୁହ, ବେଳେବେଳେ ମାଇକ୍ରଫଟ୍ ନିଜେ ଇଂରେଜ ସରକାର ତାହେଲେ ମୋତେ ଭୁଲ୍ ହେବନାହିଁ ।"

"କ'ଣ କହୁଛ, ହୋମ୍‌ସ !"

"ଜାଣିଥିଲି, ଏ କଥାରେ ତୁମେ ଆଶ୍ଚର୍ଯ୍ୟ ହୋଇଯିବ । ମାଇକ୍ରଫଟ୍ ବର୍ଷକୁ ସାଢ଼େ ଚାରିଶହ ପାଉଣ୍ଡ ପାଆନ୍ତି । ତାଙ୍କର କିଛି ଆଶା ଆକାଂକ୍ଷା ନାହିଁ । କୌଣସି ଉପାଧି ବା ସମ୍ମାନ ଚାହାଁନ୍ତି ନାହିଁ । କିନ୍ତୁ ଦେଶର ସେ ଜଣେ ଅପରିହାର୍ଯ୍ୟ ଲୋକ ।"

"କିନ୍ତୁ କେମିତି ?"

Digitized by srujanika@gmail.com

"ତାଙ୍କର ଆସ୍ଥାନ ଅଦ୍ୱିତୀୟ । ସେ ନିଜପାଇଁ ତା କରିଛନ୍ତି । ଆଗରୁ କେହି ଏପରି ହୋଇନାହାନ୍ତି ବା ଭବିଷ୍ୟତରେ ହେବେନାହିଁ । ତାଙ୍କର ମସ୍ତିଷ୍କ ସବୁଠୁ ବେଶୀ ଶୃଙ୍ଖଳ ଆଉ କାର୍ଯ୍ୟଦକ୍ଷ । ମୁଣ୍ଡରେ ନାନା ଘଟଣା ଜମା କରି ରଖିବାର ବିଚିତ୍ର ଶକ୍ତି ତାଙ୍କର ଅଛି । ଯେଉଁ ଶକ୍ତି ମୁଁ ଅପରାଧ ଅନୁସନ୍ଧାନରେ ଲଗାଇଛି ସେଇ ଶକ୍ତିକୁ ସେ ତାଙ୍କ ବ୍ୟବସାୟରେ ଲଗାଇଛନ୍ତି । ସରକାରଙ୍କର ପ୍ରତ୍ୟେକ ବିଭାଗର ସିଦ୍ଧାନ୍ତ ତାଙ୍କ ପାଖକୁ ଯାଏ । ସବୁକଥା ବିଚାରକରି ଶେଷ ସିଦ୍ଧାନ୍ତ କରିବା ଲୋକ ହେଲେ ସେ । ଅନ୍ୟମାନେ ହେଲେ ଗୋଟାଏ ଗୋଟାଏ ବିଷୟରେ ଦକ୍ଷ (Specialist); କିନ୍ତୁ ତାଙ୍କର ଦକ୍ଷତା ପ୍ରତ୍ୟେକ ବିଷୟରେ । ମନେକର ଜଣେ ମନ୍ତ୍ରୀ ନୌବାହିନୀ, ଭାରତ, କାନାଡ଼ା କିମ୍ବା ଏଇପରି ଅନ୍ୟ କୌଣସି ଗୁରୁତ୍ୱପୂର୍ଣ୍ଣ ବିଷୟରେ ଉପଦେଶ ଚାହାଁନ୍ତି । ସେ ବିଭିନ୍ନ ବିଷୟ ପାଇଁ ଭିନ୍ନ ଭିନ୍ନ ବିଭାଗରୁ ଉପଦେଶ ପାଇପାରିବେ । କିନ୍ତୁ ଏକମାତ୍ର ମାଇକ୍ରଫ୍ଟ ସବୁ ବିଷୟରେ ଉପଦେଶ ଦେଇପାରିବେ ଏବଂ ଗୋଟାକର ଅନ୍ୟଉପରେ କି ପ୍ରଭାବ ସାଙ୍ଗେ ସାଙ୍ଗେ କହିଦେଇପାରିବେ । ସେମାନେ ପ୍ରଥମେ ସହଜ ସରଳ ବାଟପାଇଁ ମାଇକ୍ରଫ୍ଟଙ୍କୁ ପଚାରୁଥିଲେ । ଏବେ ସେ ଦେଶର ଏକ ଅତ୍ୟାବଶ୍ୟକୀୟ ଲୋକ ହୋଇପାରିଛନ୍ତି । ତାଙ୍କର ସେଇ ବିରାଟ ମସ୍ତିଷ୍କରେ ସବୁକଥା ଜମାହୋଇଛି । ଅନେକଥର ତାଙ୍କରି କଥା ଅନୁସାରେ ଜାତୀୟ ପଲିସି ସ୍ଥିରକରାଯାଇଛି । ସେ ଅନ୍ୟ କିଛି ଚିନ୍ତା କରନ୍ତି ନାହିଁ । କେବଳ କେତେବେଳେ ମୁଁ ମୋର ସମସ୍ୟା ବିଷୟ ନେଇ ଗଲେ ସେ ମୋତେ ଉପଦେଶ ଦେଇଥାନ୍ତି । କିନ୍ତୁ ଆଜି ଶୁକ୍ର ଗ୍ରହ ତଳକୁ ଖସିଛି । ତାର ଅର୍ଥ କ'ଣ ହୋଇପାରେ ? କାଡ଼ୋଗାନ୍ଉଏଷ୍ଟ କିଏ ଆଉ ମାଇକ୍ରଫ୍ଟଙ୍କ ପାଖରେ ସେ କିପରି ସମ୍ପୃକ୍ତ ?"

ସୋଫା ଉପରେ ଥିବା କାଗଜ ଗଦାରୁ ଗୋଟେ କାଗଜ ଆଣି ମୁଁ କହିଲି, "ମୁଁ ପାଇଛି । ହଁ, ହଁ, ଏଇଟି ସେ । ମଙ୍ଗଳବାର ଦିନ ସକାଳେ ଅଣ୍ଡର୍-ଗ୍ରାଉଣ୍ଡ୍ ରେଲପାଖରୁ ଯେଉଁ ଯୁବକର ମୃତ ଦେହ ମିଳିଛି ସେ କାଡ଼ୋଗାନ୍ ଉଏଷ୍ଟ୍ ।"

Digitized by srujanika@gmail.com

ହୋମ୍‌ସ ସଳଖ ହୋଇ ବସିଗଲେ । ତାଙ୍କ ସିଗାର୍ ପାଇପ୍‌ଟା ଓଠ ପାଖରୁ ଅଧାବାଟରେ ରହିଗଲା ।

"ଘଟଣାଟା ନିଶ୍ଚୟ ଗୁରୁତର ହୋଇଥିବ, ୱାଟ୍‌ସନ୍ । ଯେଉଁ ମୁଖ୍ୟରେ ମାଇକ୍ରଫଟ୍ ତାଙ୍କର ନିତିଦିନିଆ ଅଭ୍ୟାସ ବାହାରକୁ ଆସିପାରନ୍ତି ତା ସାଧାରଣ ମୁଖ୍ୟ ନୁହେଁ । ସେ ଏ ଘଟଣାରେ କ'ଣ କରିପାରନ୍ତି ? ମୋର ଯାହା ମନେପଡ଼ୁଛି କେଶ୍‌ଟାରେ କିଛି ବିଶେଷତ୍ୱ ନଥିଲା । ଯୁବକ ଜଣକ ଟ୍ରେନ୍‌ରୁ ଖସିପଡ଼ି ପ୍ରାଣହରାଇଲାପରି ଜଣାଗଲା । ତାଙ୍କଠୁ କିଛି ଜିନିଷ ଡକାୟିତି କରାଯାଇନି । ତାଙ୍କ ଉପରେ କିଛି ଆକ୍ରମଣ ହୋଇଥିବାର ସନ୍ଦେହ କରିବାର ବି ସେମିତି କିଛି କାରଣ ନଥିଲା । ଏଇଆ ନୁହେଁ ?"

ମୁଁ ଉତ୍ତର ଦେଲି, "କେଶ୍‌ଟାର ଅନୁସନ୍ଧାନ କରାଯାଇଛି । କେତେଗୁଡ଼ାଏ ନୂଆ ତଥ୍ୟ ଜଣାପଡ଼ୁଛି । ଭଲଭାବେ ଦେଖିଲେ ମୁଁ କହିବି କେଶ୍‌ଟା ଅସାଧାରଣ !"

"ମୋ ଭାଇଙ୍କ ଉପରେ କେଶ୍‌ଟାର ପ୍ରଭାବ ବିଚାରକରି ମୁଁ ଭାବୁଛି କେଶ୍‌ଟା ଅତି ଅସାଧାରଣ ।" ଆର୍ମଚେୟାର୍‌ଟା ଉପରେ ବସିପଡ଼ି ସେ କହିଲେ, "ଏଥର ସବୁ ଘଟଣାଗୁଡ଼ା ଦେଖିବା, ୱାଟ୍‌ସନ୍ ?"

ମୁଁ ପଢ଼ିଗଲି, "ଯୁବକର ନାଁ ଆର୍‌ଥର୍ କାଡ୍ରୋଗାନ୍ ୱେଷ୍ଟ୍ । ସେ ସତେଇଶ ବର୍ଷ ବୟସ୍କ, ଅବିବାହିତ ଆଉ ଉଲ୍‌ଉଇଚ୍ ଆର୍‌ସେନାଲ୍‌ରେ ଜଣେ କିରାଣୀ ।"

"ସରକାରୀ ଚାକିରିଆ । ତେଣୁ ମୋ ଭାଇଙ୍କ ସାଥିରେ ସମ୍ପର୍କଟାକୁ ଲକ୍ଷ୍ୟ-କର, ୱାଟ୍‌ସନ୍ ।"

"ସୋମବାର ଦିନ ରାତି ସେ ହଠାତ୍ ଉଲ୍‌ଉଇଚ୍ ଛାଡ଼ି ଚାଲିଆସିଲେ । ତାଙ୍କୁ ଶେଷରେ ଦେଖିଥିଲେ ତାଙ୍କ ପ୍ରେମିକା ମିସ୍ ଭାଓଲେଟ୍ ୱେଷ୍ଟ୍‌-ବେରୀ । ସେଦିନ ସାଢ଼େ ସାତଟା ବେଳକୁ ସେ ହଠାତ୍ ମିସ୍ ଭାଓଲେଟ୍‌ଙ୍କୁ ଛାଡ଼ିଦେଇ କୁହୁଡ଼ିଭିତରେ ଅଦୃଶ୍ୟହୋଇଗଲେ । ତାଙ୍କ ଭିତରେ କୌଣସି କଳିକଜିଆ ନଥିଲା । ସେ ଏପରି ହଠାତ୍ ଚାଲିଯିବାର ଉଦ୍ଦେଶ୍ୟ କ'ଣ ମିସ୍ ଭାଓଲେଟ୍ କହିପାରିବେନାହିଁ । ତାପରେ ତାଙ୍କ ବିଷୟ

Digitized by srujanika@gmail.com

ଶୁଣାଗଲା ଯେତେବେଳେ ମାସନ୍ ନାଁରେ ଜଣେ ରେଲ୍‌କର୍ମଚାରୀ ଅଣ୍ଡର୍‌ଗ୍ରାଉଣ୍ଡ ରେଲ୍‌ୱେ'ର ଆଲ୍‌ଡ଼ଗେଟ୍ ଷ୍ଟେସନ୍ ପାଖରେ ତାଙ୍କ ମୃତଦେହ ଦେଖିଲା ।"

"ସେଟା କେତେବେଳେ ?"

"ମୃତଦେହଟା ସେ ଦେଖିଲା ମଙ୍ଗଳବାର ଦିନ ସକାଳ ଛଅଟାରେ । ପୂର୍ବଆଡ଼କୁ ମୁହଁକରି ଗଲେ ରେଲ୍ ଲାଇନ୍‌ର ବାଁପାଖେ ଲାଇନ୍ ବାହାରେ ମୃତ ଦେହଟା ପଡ଼ିଥିଲା । ଜାଗାଟା ଷ୍ଟେସନ୍‌ର ଖୁବ୍ ପାଖରେ । ଠିକ୍ ସେଇଠି ରେଲ୍‌ଲାଇନ୍‌ଟା ସୁଡ଼ଙ୍ଗରୁ ପଦାକୁ ବାହାରିଛି । ତାଙ୍କ ମୁଣ୍ଡଟା କଦର୍ଯ୍ୟ ଭାବରେ ଫାଟିଯାଇଥିଲା । ଟ୍ରେନ୍‌ରୁ ଖସିପଡ଼ିଲେ ଏପରି ଆଘାତ ହୋଇପାରେ । କେବଳ ସେଇପରି ଭାବେ ମୃତ ଶରୀରଟା ସେଠି ପଡ଼ିପାରେ । କେହି ବାହାରୁ ସେଟା ଆଣିଥିଲେ ଷ୍ଟେସନ୍ ବାଡ଼ାବାଟ ଦେଇ ଆସିଥାନ୍ତା । ସେଠି ଜଣେ ଟିକେଟ୍ କଲେକ୍‌ଟର୍ ସବୁବେଳେ ଠିଆହୋଇଥାଏ । ଏ ପର୍ଯ୍ୟନ୍ତଟା ସୁନିଶ୍ଚିତ ।"

"ବେଶ୍, ବେଶ୍ । ଘଟଣାଟା ଯଥେଷ୍ଟ ନିଶ୍ଚିତ । ଯୁବକ ଜଣକ ମୃତ ବା ଜୀବିତ ଅବସ୍ଥାରେ ତଳକୁ ଖସିପଡ଼ିଛି କିମ୍ବା କେହି ତାକୁ ତଳକୁ ପେଲି ଦେଇଛି । ଏଟା ବେଶ୍ ପରିଷ୍କାର । ତାପରେ କ'ଣ ?"

"ଯେଉଁ ଲାଇନ୍ ପାଖରେ ଦେହଟା ପଡ଼ିଥିଲା ସେ ଲାଇନ୍‌ରେ ଯେଉଁ ସବୁ ଟ୍ରେନ୍ ଚାଲେ ସେ ସବୁ ପଶ୍ଚିମରୁ ପୂର୍ବକୁ ଯାଏ । ତା'ଭିତରୁ କେତେକ କେବଳ ସହର ଭିତରେ ଚାଲେ ଆଉ କେତେ ଉଇଲ୍‌ସଡ଼େନ୍ ଆଉ ଅନ୍ୟ ପାଖ ଜଙ୍କ୍‌ସନ୍‌ରୁ ଚାଲେ । ଏଟା ନିଶ୍ଚିତଭାବେ କୁହାଯାଇପାରେ ଯେ, ଏଇ ଯୁବକ ଖାଲମ୍ଭିତ ରାତିରେ ଏଇ ଦିଗକୁ ଯାଉଥିଲେ । କିନ୍ତୁ ସେ କେଉଁ ଜାଗାରେ ଟ୍ରେନ୍‌ରେ ଉଠିଲେ କହିବା ଅସମ୍ଭବ ।"

"ସେଟା ତାଙ୍କ ଟିକେଟ୍‌ରୁ ଜଣାଯିବ ।"

"ତାଙ୍କ ପକେଟ୍‌ରେ କୌଣସି ଟିକେଟ୍ ନଥିଲା ।"

"ଟିକେଟ୍ ନଥିଲା ? ଏ ତ ବଡ଼ ଅସାଧାରଣ କଥା, ଉଆଟ୍‌ସନ୍ । ମୋ ଅନୁଭୂତିରୁ ମୁଁ ଜାଣେ ଟିକେଟ୍ ନ ଦେଖାଇ କୌଣସି ଲୋକ ପ୍ଲାଟ୍‌ଫର୍ମ ଭିତରକୁ ଯିବା ଅସମ୍ଭବ । ତେଣୁ ଯୁବକର ନିଶ୍ଚୟ ଗୋଟେ ଟିକେଟ୍ ଥିବ ।

Digitized by srujanika@gmail.com

ସେ କେଉଁ ଷ୍ଟେସନ୍‌ରୁ ଆସିଲେ ସେ କଥା ଛପାଇଦେବାକୁ କେହି ତାଙ୍କ ଟିକେଟ୍‌ଟା ନେଇଯାଇଛି ? ନା, ସେ ଡବାଭିତରେ ଟିକେଟ୍‌ଟା ପକାଇ ଦେଇଛନ୍ତି ? ସେଟା ମଧ୍ୟ ସମ୍ଭବ । କିନ୍ତୁ ଘଟଣାଟା ନିଶ୍ଚୟ ଅସାଧାରଣ ଆଉ କୌତୂହଳପ୍ରଦ । ଆଚ୍ଛା, ତଦାରଖରେ କୌଣସି ସୂଚନା ନାହିଁ ବୋଧହୁଏ ?"

"ଆପାତତଃ ନାହିଁ । ତାଙ୍କ ପାଖରେ ଯାହା ଜିନିଷ ଥିଲା ତାର ଗୋଟେ ତାଲିକା ଏଠି ଦିଆଯାଇଛି । ତାଙ୍କ ମନିବ୍ୟାଗ୍‌ରେ ଦୁଇ ପାଉଣ୍ଡ୍ ପନ୍ଦର ଶିଲିଂ ଥିଲା । କ୍ୟାପିଟାଲ୍ ଆଣ୍ଡ୍ କାଉଣ୍ଟିଜ୍ ବ୍ୟାଙ୍କ ଉଲ୍‌ଉଇଚ୍ ଶାଖାର ଗୋଟେ ଚେକ୍ ବହି ବି ଥିଲା । ସେଥିରୁ ତାଙ୍କର ପରିଚୟ ଜଣାଗଲା । ଉଲ୍‌ଉଇଚ୍ ଥିଏଟରର ସେଦିନ ସଂଧ୍ୟାର ଦି'ଟା ଡ୍ରେସ୍ ସର୍କଲ୍ ଟିକେଟ ମଧ୍ୟ ଥିଲା । ଆଉ କେତେକ ଟେକ୍‌ନିକାଲ୍ କାଗଜର ଗୋଟେ ଗ୍ରେଟ ପ୍ୟାକେଟ ବି ଥିଲା ।

ହୋମ୍‌ସ ଖୁବ୍ ସନ୍ତୁଷ୍ଟ ହୋଇ କହିଉଠିଲେ, "ଶେଷରେ ଆମେ ପାଇଛେ ଉଆଟ୍‌ସନ୍ । ବ୍ରିଟିଶ ସରକାର —ଉଲ୍‌ଉଇଚ୍ ଆର୍‌ସେନାଲ୍—ଟେକ୍‌ନିକାଲ୍ କାଗଜ—ଭାଇ ମାଇକ୍ରଫଟ୍, ଚେନ୍‌ଟା ପୂରା ହୋଇଗଲା । କିନ୍ତୁ ମୋର ଅନୁମାନ ଯଦି ଭୁଲ ନହୁଏ, ଏଇ ସେ ନିଜେ ସବୁକଥା କହିବାକୁ ଆସିଗଲେଣି ।"

ଟିକିଏ ପରେ ମାଇକ୍ରଫଟ୍ ହୋମ୍‌ସ ଘର ଭିତରକୁ ଆସିଲେ । ବେଶ୍ ଉଚା ଆଉ ବଳିଷ୍ଠ ଦେହ । ଆଖି ଦି'ଟା ଖୁବ୍ ଉଜ୍ଜ୍ୱଳ ଆଉ ମୁହଁ ଗମ୍ଭୀର । ଯେ କେହି ଲୋକ ସେ ମୁହଁକୁ ସବୁବେଳେ ମନେରଖିଥିବ । ତାଙ୍କ ପଛେ ପଛେ ଆମର ପୁରୁଣା ପରିଚିତ ବନ୍ଧୁ, ସ୍କଟ୍‌ଲାଣ୍ଡ୍ ୟାର୍ଡ଼ର ଲେସ୍‌ଟ୍ରେଡ୍ । ଦି'ଜଣଙ୍କ ଗମ୍ଭୀର ମୁହଁରୁ ଘଟଣାର ଗୁରୁତ୍ୱ ଜାଣିହେଉଥାଏ । ଲେସ୍‌ଟ୍ରେଡ୍ କିଛି ନକହି ହାଣ୍ଡ୍‌ସେକ୍ କଲେ । ମାଇକ୍ରଫଟ୍ ହୋମ୍‌ସ ଓଭର୍‌କୋଟ୍‌ଟା ବାହାରକରି ଗୋଟେ ଆର୍ମଚେୟାରରେ ବସିଗଲେ । ତାପରେ କହିଲେ, "ଗୋଟେ ବଡ଼ ବିରକ୍ତିକର ପରିସ୍ଥିତି ସେର୍‌ଲକ୍ । ମୁଁ ମୋ ଅଭ୍ୟାସଗତ କାମରୁ ଟିକିଏ ଏପଟ ସେପଟ ହେବାକୁ ମୋଟେ ଭଲପାଏ ନାହିଁ । ତାଛଡ଼ା ଶ୍ୟାମ ଦେଶର ପରିସ୍ଥିତି ଯାହା ସେଥିରେ ମୁଁ ଅଫିସ ଛାଡ଼ି ଆସିବାଟା ଠିକ୍ ନୁହେଁ ।

Digitized by srujanika@gmail.com

ହେଲେ ପରିସ୍ଥିତି ବଡ଼ ଜଟିଳ। ପ୍ରଧାନମନ୍ତ୍ରୀଙ୍କୁ ଏପରି ବିଚଳିତ ହେବାର ମୁଁ କେବେ ଦେଖିନାହିଁ। ନୌସେନା ବିଭାଗରେ ମଧ୍ୟ ଏଥିପାଇଁ ଗମ୍ଭୀର ଚିନ୍ତା। ତୁମେ କେଉଁଟା ବିଷୟ ପଢ଼ିଛ ?"

"ହଁ, ଏଇଲେ ଦେଖୁଥିଲୁ। ଆଚ୍ଛା, ସେ ଟେକ୍‌ନିକାଲ୍ କାଗଜପୁଡ଼ା କ'ଣ ?"

"ଆଃ ! ସେଇତ ହେଲା କଥା। ଭାଗ୍ୟକୁ ସେ କାଗଜଗୁଡ଼ା କ'ଣ ସେ କଥା ଜଣାପଡ଼ିନାହିଁ। ଜଣାପଡ଼ିଥିଲେ ଖବରକାଗଜରେ ବଡ଼ କଡ଼ା ସମାଲୋଚନା ହୋଇଯାଉଥାନ୍ତା। ଏଇ ବିଚାରା ଯୁବକ ପକେଟ୍‌ରୁ ଯେଉଁ କାଗଜ ବାହାରିଛି ତା ହେଲା 'ବ୍ରୁସ୍ ପାର୍‌ଟିଙ୍ଗଟନ୍' ବୁଡ଼ାଜାହାଜର (Submarine) ନକ୍‌ସା (Plan)। ତୁମେ ନିଶ୍ଚୟ ଏ ବିଷୟ ଶୁଣିଥିବ। ପ୍ରାୟ ସମସ୍ତେ ଶୁଣିଛନ୍ତି।"

"କେବଳ ନାଁଟା ଶୁଣିଛୁ।"

"ତାର ଗୁରୁତ୍ୱ ଅତିରଞ୍ଜିତ କରାଯାଇପାରେନା। ସରକାରୀ ଗୁପ୍ତ-ତଥ୍ୟ ମଧ୍ୟରେ ସେଇଟା ସବୁଠୁ ଯତ୍ନରେ ଜଗାହୋଇରହିଥାଏ। ମୋଠୁ ଜାଣିରଖ ଯେ, ଯେଉଁ ଜାଗାରେ ବ୍ରୁସ୍ ପାର୍‌ଟିଙ୍ଗ୍‌ଟନ୍ କାମକରୁଛି ତାର କିଛି ସୀମାଭିତରେ ନୌଯୁଦ୍ଧ କରିବା ଅସମ୍ଭବ। ଦୁ'ବର୍ଷ ପୂର୍ବେ ଏହାର ଏଷ୍ଟିମେଟ୍ ଆଉ ଉଦ୍‌ଭାବକଙ୍କୁ ଏକଚାଟିଆ କରିବା ବାବଦରେ ଅନେକ ଅର୍ଥ ଖର୍ଚ୍ଚ ହୋଇଛି। ଏହାକୁ ଗୋପନ ରଖିବାପାଇଁ ସବୁ ପ୍ରକାର ଚେଷ୍ଟା କରାଯାଇଛି। ଏଇ ପ୍ଲାନ୍ ବଡ଼ ଜଟିଳ ଆଉ ତିରିଶ ଫର୍ଦ କାଗଜରେ ଲେଖା-ଯାଇଛି। ସମୁଦାୟ ପ୍ଲାନ୍‌ଟା କାର୍ଯ୍ୟକାରୀ କରିବା ପାଇଁ ପ୍ରତ୍ୟେକ ଫର୍ଦ ନିହାତି ଦର୍କାର। ଏଇ ସବୁ କାଗଜ ଆର୍‌ସେନାଲ୍ ପାଖରେ ଗୋଟାଏ ଗୁପ୍ତ ଅଫିସରେ ବେଶ୍ ମଜଭୁତ ସେଫ୍‌ରେ ରଖାଯାଇଛି। ଘରର କବାଟ ଝରକା କୌଣସିଟାରେ ବି ସିନ୍ଧି କରାଯାଇପାରିବନାହିଁ। ଯେ କୌଣସି ପରିସ୍ଥିତି ହେଲେ ବି ଏଇ ପ୍ଲାନ୍‌କୁ ଅଫିସ୍‌ରୁ ସ୍ଥାନାନ୍ତର କରାଯାଏନାହିଁ। ନୌ-ବାହିନୀର ମୁଖ୍ୟ ନିର୍ମାତା ଏ ପ୍ଲାନ୍ ଦେଖିବାକୁ ଚାହିଁଲେ ମଧ୍ୟ ସେ ଉଲୁଉଇଚ୍ ଅଫିସ ଯିବାକୁ ବାଧ୍ୟ। ତଥାପି ଏତେ ସାବଧାନତା ସତ୍ତ୍ୱେ, ଲଣ୍ଡନ ସହର

Digitized by srujanika@gmail.com

ମଝିରେ ଜଣେ ମୃତ କରଣୀ ପକେଟରୁ ସେ କାଗଜ ବାହାରିଲା । ଘଟଣାଟା ବଡ଼ ସାଙ୍ଘାତିକ, ସେର୍‌ଲକ୍ ।"

"କିନ୍ତୁ କାଗଜଗୁଡ଼ା ବୋଧହୁଏ ପୁଣି ମିଳିଯାଇଛି ?"

"ନା, ସେର୍‌ଲକ୍—ନା ! ସେଇତ ହେଲା ଦୁଃଖର କଥା । ଆମେ କାଗଜ ସବୁ ପାଇନାହୁଁ । ଉଲ୍‌ଉଇଚ୍‌ରୁ ଦଶଖଣ୍ଡ କାଗଜ ଯାଇଛି; କିନ୍ତୁ କାଡ୍‌ୱୋଗାନ୍ ଉଏଷ୍ଟ୍ ପକେଟ୍‌ରେ ସାତଖଣ୍ଡ ଥିଲା । ସବୁଠୁ ଦର୍କାରୀ, ଗୁରୁତ୍ୱପୂର୍ଣ୍ଣ ତିନିଖଣ୍ଡ ଚାଲିଯାଇଛି—ଚୋରି ହୋଇଯାଇଛି—ଉଭେଇଯାଇଛି । ତୁମକୁ ଅନ୍ୟ ସବୁ କାମ ବନ୍ଦକରିବାକୁ ପଡ଼ିବ, ସେର୍‌ଲକ୍ । ତୁମର ସାଧାରଣ ଗ୍ରେଟ ଗ୍ରେଟ ସମସ୍ୟା କଥା ମୋଟେ ଚିନ୍ତା କରନାହିଁ । ଏଇ ଗୁରୁତ୍ୱପୂର୍ଣ୍ଣ ଆନ୍ତର୍ଜାତିକ ସମସ୍ୟା ତୁମକୁ ସମାଧାନ କରିବାକୁ ପଡ଼ିବ । କାଡ୍‌ୱୋଗାନ୍ ଉଏଷ୍ଟ କାଗଜ-ଗୁଡ଼ା ନେଲେ କାହିଁକି, ହଜିଥିବା ତିନିଖଣ୍ଡ କାଗଜ କେଉଁଠି, ସେ ମଲେ କିପରି, ତାଙ୍କ ମୃତଦେହ ଯେଉଁଠୁ ମିଳିଲା ସେଠିକି ଆସିଲା କେମିତି ଆଉ ଭୁଲ୍‌ଟା ଠିକ୍ କରାଯିବ କେମିତି ? ଏଇ ସବୁ ପ୍ରଶ୍ନର ଗୋଟେ ଉତ୍ତର ଖୋଜି ବାହାରକର । ତା'ହେଲେ ତୁମେ ନିଜ ଦେଶର ଯଥେଷ୍ଟ ସେବା କରିପାରିବ ।"

"ତୁମେ ନିଜେ ଏଥି'ର ସମାଧାନ କରୁନାହଁ କାହିଁକି ? ମୁଁ ଯେତେ ଦୂର ଜାଣିପାରିବି ତୁମେ ତ ସେତିକି ଦୂର ଜାଣିପାରିବ ।"

"ତା ସମ୍ଭବ, ସେର୍‌ଲକ୍ । କିନ୍ତୁ ଇଏ ହେଲା ଠିକିନିଖି ଘଟଣା ସଂଗ୍ରହ କରିବାର କଥା । ମୋତେ ଠିକିନିଖି ବିବରଣୀ ଦିଅ ଆଉ ମୁଁ ତୁମକୁ ମୋର ଦକ୍ଷ (Expert) ମତ ଦେଇପାରିବି । କିନ୍ତୁ ଏଠିକି ସେଠିକି ଧାଇଁବା, ରେଲ୍ ଗାର୍ଡମାନଙ୍କୁ ନାନା ପ୍ରଶ୍ନ ପଚାରିବା, ଲେନ୍‌ସ୍ ଧରି ମୁହଁ ମାଡ଼ି ପଡ଼ିବା ଏସବୁ ମୋ କାମ ନୁହେଁ । ନା, ଘଟଣାଟାରେ ଆଲୋକପାତ କରିପାରିବା ଭଳି ଲୋକ ଏକମାତ୍ର ତୁମେ । ଯଦି ସମ୍ମାନିତ ବ୍ୟକ୍ତି ତାଲିକାରେ ତୁମ ନାଁ ଦେଖିବାକୁ ଚାହଁ—।"

Digitized by srujanika@gmail.com

ଅଳ୍ପ ହସି ମୁଣ୍ଡ ହଲାଇ ମୋ ବନ୍ଧୁ କହିଲେ, "ମୋ କାମ ହିଁ ମୋ ପାଇଁ ବଡ଼ ସମ୍ମାନ । କିନ୍ତୁ ଏ ସମସ୍ୟାରେ କେତେଗୁଡ଼ାଏ ଆଗ୍ରହଜନକ ପଏଣ୍ଟ୍ ଦେଖୁଛି । ମୁଁ ଖୁସିରେ ଏ ବିଷୟ ଦେଖିବି । ଆଉ କିଛି ତଥ୍ୟ ଥିଲେ କୁହ ।"

"ଏଇ କାଗଜରେ ମୁଁ ସବୁ ଦର୍କାରୀ ପଏଣ୍ଟ୍ ଆଉ ତୁମର ଦର୍କାର ପଡ଼ିଲା ଭଳି କେତେ ଠିକଣା ଟିପିଦେଇଛି । ଏ କାଗଜର ପ୍ରକୃତ ଅଫିସିଆଲ୍ ମୁରବୀ ହେଲେ ବିଖ୍ୟାତ ସରକାରୀ ଏକ୍‌ସ୍‌ପାର୍ଟ୍ ସାର୍ ଜେମ୍‌ସ ଉଆଲ୍‌ଟର୍ । ତାଙ୍କର ବିଭିନ୍ନ ଉପାଧି ସବୁ ଗୋଟେ ରେଫ୍‌ରେନ୍‌ସ୍ ବହିରେ ଦୁ'ଧାଡ଼ି ହେବ । ସେ ଏଇ ଚାକିରିରେ ବୁଢ଼ାହେଲେଣି, ଅତି ଭଦ୍ରଲୋକ, ସବୁଠି ତାଙ୍କର ଆଦର । ତାଙ୍କର ଦେଶପ୍ରେମ ଉପରେ ମୋଟେ ସନ୍ଦେହ କରାଯାଇ ପାରେନା । ସେଫ୍‌ର ଚାବି ରଖିବା ଦୁ'ଜଣ ଲୋକଙ୍କ ଭିତରୁ ସେ ଜଣେ । ହଁ, ଏଇଠି କହିରଖେ, ସୋମବାର ଦିନ ଅଫିସ୍ କାମବେଳେ କାଗଜଗୁଡ଼ା ନିଶ୍ଚିତଭାବେ ଅଫିସ୍‌ରେ ଥିଲା ଆଉ ସାର୍ ଜେମ୍‌ସ ତାଙ୍କ ଚାବି ଧରି ତିନଟା ବେଳେ ଲଣ୍ଡନ ଚାଲିଗଲେ । ସେଦିନ ସନ୍ଧ୍ୟାରେ ଏ ଘଟଣା ଘଟିଲାବେଳେ ସେ ବାର୍‌କ୍‌ଲେ ସ୍କୋୟାର୍‌ରେ ଆଡ୍‌ମିରାଲ୍ ସିଙ୍କ୍ ଲେସ୍ଥାର୍‌ଙ୍କ ଘରେ ଥିଲେ ।"

"ଏକଥା ଯାଞ୍ଚ କରି ଦେଖାଯାଇଛି ?"

"ହଁ, ସାର୍ ଜେମ୍‌ସଙ୍କ ଭାଇ କର୍ଣ୍ଣେଲ୍ ଭାଲେଣ୍ଟାଇନ୍ ତାଙ୍କ ଉଲ୍‌ଉଇଚ୍ ଛାଡ଼ିବା ବେଳ ଆଉ ଆଡ୍‌ମିରାଲ୍ ସିଙ୍କ୍ ଲେସ୍ଥାର୍ ତାଙ୍କ ଲଣ୍ଡନରେ ପହଞ୍ଚିବା ବେଳ କଥା ସମର୍ଥନ କରୁଛନ୍ତି । ତେଣୁ ସାର୍ ଜେମ୍‌ସ ଏଥିରେ ସିଧା-ସଳଖ ସମ୍ପୃକ୍ତ ନୁହଁନ୍ତି ।"

"ଆଉ ଗୋଟେ ଚାବି କାହା ପାଖରେ ରହେ ?"

"ସିନିଅର୍ କିରାଣୀ ଆଉ ନକ୍‌ସା କରିବାବାଲା ମିଷ୍ଟର୍ ସିଡ଼ନି ଜନ୍‌ସନ୍‌ଙ୍କ ପାଖରେ । ତାଙ୍କର ବୟସ ଚାଳିଶବର୍ଷ । ସେ ବିବାହିତ ଆଉ ତାଙ୍କର ପାଞ୍ଚଟି ପିଲା । ସେ ବିଶେଷ କଥାବାର୍ତ୍ତା କରନ୍ତି ନାହିଁ; ଆଉ ଏକରକମ ରୁକ୍ଷ ପ୍ରକୃତିର ଲୋକ । କିନ୍ତୁ ସରକାରୀ ଚାକିରିରେ ତାଙ୍କ ରେକର୍ଡ ଅତି ଚମତ୍କାର । ସେ ତାଙ୍କ ସହକର୍ମୀଙ୍କ ମେଳରେ ଅପ୍ରିୟ ଏବଂ କଠିନ ପରିଶ୍ରମୀ । ତାଙ୍କ କହିବା ଆଉ ତାଙ୍କ ସ୍ତ୍ରୀଙ୍କ ସମର୍ଥନ ଅନୁସାରେ ସୋମବାର ଦିନ ଅଫିସ୍

Digitized by srujanika@gmail.com

ଅଫିସ୍ ସମୟ ପରେ ସନ୍ଧ୍ୟା ସାତ୍ ସେ ଘରେ ଅଛନ୍ତି ଆଉ ତାଙ୍କ ଗୃହ ତାଙ୍କ ଘଣ୍ଟା ଚେନ୍‌ରୁ କୁଆଡ଼େ ଯାଇନାହିଁ ?"

"କାଡ଼ୋଗାନ୍ ଉଏଷ୍ଟ ବିଷୟ ଆମକୁ କୁହ ।"

"ସେ ଦଶବର୍ଷ ହେଲା ଗୃକର କରୁଥିଲେ । ତାଙ୍କ କାମ ବେଶ୍ ସନ୍ତୋଷ-ଜନକ । ସେ ଟିକିଏ କଥାରେ ରାଗିଯାଆନ୍ତି; କିନ୍ତୁ ବଡ଼ ସଚ୍ଚୋଟ ଲୋକ । ତାଙ୍କ ବିରୁଦ୍ଧରେ କିଛି ନାହିଁ । ଅଫିସରେ ସେ ସିଡ଼ନି ଜନ୍‌ସନ୍‌ଙ୍କ ପରେ । ତାଙ୍କର ଅଫିସ୍ କାମ ଯୋଗୁଁ ସେ ପ୍ରତିଦିନ ଏଇ ପ୍ଲାନ୍ ସମ୍ପର୍କରେ ଆସନ୍ତି । ଅନ୍ୟ କେହି ସେଥିରେ ହାତ ଦିଅନ୍ତି ନାହିଁ ।

"ସେଦିନ ରାତିରେ ପ୍ଲାନ୍‌ଗୁଡ଼ା କିଏ ଗୃହ ପକାଇ ରଖିଲେ ?"

"ସିନିଅର୍ କିରାଣୀ ମିଷ୍ଟର୍ ସିଡ଼ନି ଜନ୍‌ସନ୍ ।"

"କାଗଜଗୁଡ଼ା କିଏ ନେଇଛି ସେଇଟା ନିଶ୍ଚୟ ପରିଷ୍କାର ଜଣାଯାଉଛି । ସେଗୁଡ଼ା ଜୁନିୟର୍ କିରାଣୀ କାଡ଼ୋଗାନ୍ ଉଏଷ୍ଟ ପକେଟ୍‌ରୁ ମିଳିଛି । ତେଣୁ କଥାଟା ବେଶ୍ ପରିଷ୍କାର, ନା ନୁହେଁ ?"

"ତା ସତ ସେର୍‌ଲକ୍ । ତଥାପି ଅନେକ କଥା ବୁଝାଯାଉନାହିଁ । ପ୍ରଥମ କଥା ହେଲା ସେ କାଗଜଗୁଡ଼ା ନେଲା କାହିଁକି ?"

"ମୁଁ ଭାବୁଛି ପ୍ଲାନ୍‌ଟା ମୂଲ୍ୟବାନ ହୋଇଥିବ ?"

"ହଁ, ସେ ସେଇ କାଗଜ ପାଇଁ ସହଜରେ ହଜାର ହଜାର ପାଉଣ୍ଡ ପାଇଥିବ ।"

"ଆଚ୍ଛା, ତାକୁ ଲଣ୍ଡନ ନେଇ ବିକିବା ଛଡ଼ା ଅନ୍ୟ କିଛି ଉଦ୍ଦେଶ୍ୟ ତୁମେ କହିପାରିବ ?"

"ନା ।"

"ତାହେଲେ ଏଇଆକୁ ଆମେ ଆମର କାମ ଆରମ୍ଭ କରିବାର ତଥ୍ୟ ବୋଲି ଧରିନେବା । ଯୁବକ ଉଏଷ୍ଟ କାଗଜଗୁଡ଼ା ନେଇଯାଇଛନ୍ତି । ତା କରିବା ପାଇଁ ଗୋଟାଏ ନକଲି ଗୃହ ଦରକାର ।"

"ଗୋଟେ ନୁହେଁ, କେତୋଟା । ତାକୁ ଗେଟ୍‌ର ତାଲା, ସେ ରୁମ୍‌ର ତାଲା ମଧ୍ୟ ଖୋଲିବାକୁ ହୋଇଥିବ ।"

Digitized by srujanika@gmail.com

"ତା'ହେଲେ ସେ କେତେ ଗୁଡ଼ିଏ ନକଲ ଗୁପ୍ତ ରଖିଥିବ । ସେ କାଗଜର ଗୁପ୍ତ ରହସ୍ୟ ବିକିବା ପାଇଁ ତାକୁ ଲଣ୍ଡନ ନେଇଛି । ତାର ଉଦ୍ଦେଶ୍ୟ, ପ୍ଲାନ୍‌କୁ ବିକି ଦେଲାପରେ କାଗଜଗୁଡ଼ା ନେଇ ଆସି ତା'ପରଦିନ ସକାଳେ କେହି ଜାଣିବା ଆଗରୁ ତାକୁ ସେଫ୍‌ରେ ରଖିଦେବ; କିନ୍ତୁ ଏଇ ଦେଶଦ୍ରୋହୀ କାମରେ ଲିପ୍ତଥିବାବେଳେ ତାର ମୃତ୍ୟୁ ହୋଇଛି ।"

"ମୃତ୍ୟୁ ହେଲା କେମିତି ?"

"ଆମେ ଧରିନେବା ସେ ଉଲ୍‌ଉଇଚ୍ ଫେରିଆସିଲାବେଳେ ତାକୁ ହତ୍ୟା କରାଯାଇଛି ଆଉ ଟ୍ରେନ୍ ଡବାରୁ ଫିଙ୍ଗିଦିଆଯାଇଛି ।"

"ଉଲ୍‌ଉଇଚ୍ ଫେରିବାକୁ ହେଲେ ଲଣ୍ଡନ୍ ବ୍ରିଜ୍ ଷ୍ଟେସନ୍‌ରୁ ଟ୍ରେନ୍ ଧରିବାକୁ ହେବ । ଆଲଡ୍‌ଗେଟ୍ ଷ୍ଟେସନ୍ ଲଣ୍ଡନ୍ ବ୍ରିଜ୍ ପାର ହେବାର ଯଥେଷ୍ଟ ପରେ ଆଉ ମୃତ ଦେହ ତା ପାଖରୁ ମିଳିଛି ।"

"ସେ ଲଣ୍ଡନ ବ୍ରିଜ୍ ପାର ହୋଇ ଆସିବାର ଅନେକ ପରିସ୍ଥିତି କଳ୍ପନା କରାଯାଇପାରେ । ଉଦାହରଣ ସ୍ୱରୂପ ସେ ଡବାରେ କେହି ଜଣେ ଥିଲା ଆଉ ତା ସାଥିରେ ସାକ୍ଷାତ କରିବା କାଡ୍ରୋଗାନ୍ ୱେଷ୍ଟ୍‌ର ନିହାତି ଦର୍କାର ଥିଲା । ଏଇ ଦେଖା ସାକ୍ଷାତରୁ ଗଣ୍ଡଗୋଳ ଆରମ୍ଭ ହେଲା ଆଉ ୱେଷ୍ଟ୍ ଜୀବନ ହରାଇଲା । ସମ୍ଭବତଃ ସେ ସେଇ ଡବାରୁ ପଳାଇଯିବାକୁ ବସିଲା ଆଉ ତଳେ ପଡ଼ିଯାଇ ପ୍ରାଣହରାଇଲା ଏବଂ ଅନ୍ୟ ଲୋକ ଦରଜାଟା ବନ୍ଦ କରିଦେଲା । ବହଳ କୁହୁଡ଼ି ଯୋଗୁଁ କିଛି ଦେଖାଗଲାନାହିଁ ।"

"ଆମକୁ ବର୍ତ୍ତମାନ ଯାହା ଜଣା, ସେଥିରେ ସ୍ତା'ଠୁ ଅଧିକା କିଛି ଆମେ କହିପାରିବାନାହିଁ, ସେର୍‌ଲକ୍ । ତଥାପି ଭାବି ଦେଖ ତୁମେ କେତେ କଥା ଛୁଡ଼ିଯାଉଛ । ଧର ଆମେ ମନେକରିବା କାଡ୍ରୋଗାନ୍ ୱେଷ୍ଟ୍ କାଗଜଗୁଡ଼ା ଲଣ୍ଡନ୍ ନେଇଯିବା ପାଇଁ ସ୍ଥିର କରିଥିଲା । ସେ କୌଣସି ବିଦେଶୀ ଏଜେଣ୍ଟ୍ ସାଥିରେ ସାକ୍ଷାତ କରିବା କଥା ନିଶ୍ଚୟ ଆଗରୁ ଠିକ୍ କରିଥିବ ଆଉ ସନ୍ଧ୍ୟାବେଳେ ଅନ୍ୟ କିଛି କାମ ରଖିନଥିବ । କିନ୍ତୁ ତା ପରିବର୍ତ୍ତେ ସେ ଥିଏଟର୍ ପାଇଁ ଦୁ'ଟା ଟିକେଟ କିଣିଛି ଆଉ ତା'ର ବାଗ୍‌ଦତ୍ତା ସାଥିରେ କିଛି ବାଟ ଆସିଛି । ତା'ପରେ ହଠାତ୍ କୁଆଡ଼େ ଚାଲିଯାଇଛି ।"

Digitized by srujanika@gmail.com

ଲେସ୍ଟ୍ରେଡ୍ ବସି ଏଇ କଥାବାର୍ତ୍ତା ଶୁଣୁଥାଆନ୍ତି । ସେତେବେଳକୁ ସେ ଅଧୈର୍ଯ୍ୟ ହୋଇଗଲେଣି । ସେ କହିଲେ, "ଏଟା ଗୋଟେ ଧୂଆଁ ବାଣ ।"

"ତୁମ ଯୁକ୍ତିର ପ୍ରଥମ ଆପତ୍ତି ହେଲା, ଏହା ଅତି ଅସାଧାରଣ । ଦ୍ୱିତୀୟ ଆପତ୍ତି ହେଲା, ମନେକର ସେ ଲଣ୍ଡନରେ ପହଞ୍ଚି ବିଦେଶୀ ଏଜେଣ୍ଟ ସାଥିରେ ଦେଖାକଲା । ସେ ସକାଳ ପୂର୍ବରୁ କାଗଜଗୁଡ଼ା ନିଶ୍ଚୟ ଫେରାଇଆଣିବ, ନହେଲେ କଥାଟା ଧରାପଡ଼ିଯିବ । ସେ ଦଶଖଣ୍ଡ କାଗଜ ନେଇଥିଲା । କେବଳ ସାତଖଣ୍ଡ ତା ପକେଟ୍‌ରେ ଥିଲା । ଅନ୍ୟ ତିନଖଣ୍ଡ କ'ଣ ହେଲା ? ସେ ନିଜ ଇଚ୍ଛାରେ କେବେ ତାକୁ ଛାଡ଼ି ଆସି ନଥିବ । ତାପରେ ତା ବିଶ୍ୱାସଘାତକତାର ଦାମ୍ କାହିଁ ? ତା' ପକେଟ୍‌ରେ ପ୍ରଚୁର ପଇସା ଥିବ ବୋଲି ଯେ କେହି ଆଶା କରିବ ।"

"ସେ ସବୁ ପରିଷ୍କାର ଜଣାଯାଉଛି । ଯାହା ଘଟିଥିବ ସେଥିରେ ମୋର ସନ୍ଦେହ ନାହିଁ । ସେ କାଗଜଗୁଡ଼ା ବିକ୍ରି କରିବାକୁ ନେଇଛି । ବିଦେଶୀ ଏଜେଣ୍ଟକୁ ଭେଟିଛି । ଦରଦାମ୍ ନେଇ ସେମାନେ ଏକମତ ହୋଇପାରି ନାହାନ୍ତି । ସେ କାଗଜଗୁଡ଼ା ଧରି ଘରକୁ ଫେରିଛି । ବିଦେଶୀ ଏଜେଣ୍ଟ ତା ପଛେ ପଛେ ଆସି ଟ୍ରେନ୍‌ରେ ତାକୁ ହତ୍ୟାକରି ତଳକୁ ଫିଙ୍ଗିଦେଇଛି । ତା ପକେଟ୍‌ରୁ ନିହାତି ଦରକାରୀ କାଗଜ ନେଇଯାଇଛି । ଏହା ସବୁ ଘଟଣାକୁ ଖାପ୍ ଖାଇଯାଉଛି, ନା ନୁହେଁ ?

"ତା ପାଖରେ ଟିକେଟ୍ ନଥିଲା କାହିଁକି ?"

"ଟିକେଟ୍‌ରୁ ଜଣାଯାଇଥାଆନ୍ତା, କେଉଁ ଷ୍ଟେସନ୍ ଏଜେଣ୍ଟ୍ ଘରଠୁ ପାଖ । ତେଣୁ ସେ ମୃତ ଲୋକ ପକେଟ୍‌ରୁ ଟିକେଟ୍‌ଟା ନେଇଯାଇଛି ।"

ହୋମ୍ସ କହିଲେ, "ଚମତ୍କାର ଲେସଟ୍ରେଡ୍, ଚମତ୍କାର । ତୁମ ଅନୁମାନ ସବୁ ଘଟଣାକୁ ଖାପ ଖାଇଯାଉଛି । ଯଦି ଏହା ଠିକ୍ ହୁଏ ତେବେ ତ କେଶ୍ ସରିଯାଇଛି । ଏକ ପକ୍ଷରେ ଦେଶଦ୍ରୋହୀର ମୃତ୍ୟୁହୋଇଛି । ଅପରପକ୍ଷରେ ବ୍ରୁସ୍ ପାର୍ଟିଙ୍ଗ୍‌ଟନ୍ ପ୍ଲାନ୍ ଅନ୍ୟ ଦେଶକୁ ଚାଲିଯାଇଛି । ତେବେ ଆମେ ଆଉ କ'ଣ କରିବାର ଅଛି ?"

Digitized by srujanika@gmail.com

ଚିଠିକରୁ ତେଇଁପଡ଼ି ମାଇକଫଟ୍ କହିଲେ, "କାମ, ସେର୍‌ଲକ୍ କାମ ଡାକୁଛି । ଏ ସବୁ ମୂଳରେ ମୋ ମନ ମାନୁନାହିଁ । ତୁମର ଯେଉଁ ବିଶେଷ ଶକ୍ତି ଅଛି ତାକୁ କାମରେ ଲଗାଅ । ଅପରାଧ ଘଟିଥିବା ଜାଗାକୁ ଯାଅ । ଆବଶ୍ୟକ ହେଉଥିବା ପ୍ରତ୍ୟେକ ଲୋକଙ୍କୁ ଭେଟ । କୌଣସି ସୂତ୍ର ଛାଡ଼ନାହିଁ । ଦେଶର ଉପକାର କରିବା ପାଇଁ ତୁମ ଜୀବନରେ ଏପରି ସୁଯୋଗ କେବେ ପାଇନଥିବ ।"

ଅଳ୍ପ ହସି ହୋମ୍‌ସ କହିଲେ, "ଆଚ୍ଛା, ଆଚ୍ଛା ! ଆସ ୱାଟ୍‌ସନ୍ । ଆଉ ତୁମେ ଲେଷ୍ଟ୍ରେଡ୍, ଘଣ୍ଟେ ଦୁ'ଘଣ୍ଟା ପାଇଁ ଆମ ସାଥିରେ ଯାଇପାରିବ ? ଆମେ ଆଲ୍‌ଡ଼ଗେଟ୍ ଷ୍ଟେସନ୍‌ରୁ ଆମର ଅନୁସନ୍ଧାନ ଆରମ୍ଭ କରିବା । ହଉ, ତୁମେ ଆସ, ମାଇକଫଟ୍ । ମୁଁ ସନ୍ଧ୍ୟା ପୂର୍ବରୁ ତୁମକୁ ମୋ ରିପୋର୍ଟ ଦେବି; କିନ୍ତୁ ମୁଁ ଆଗରୁ କହିରଖୁଛି, ତୁମର ବିଶେଷ କିଛି ଆଶା କରିବା ଠିକ୍ ନୁହେଁ ।"

ଘଣ୍ଟାଏ ପରେ ହୋମ୍‌ସ, ଲେଷ୍ଟ୍ରେଡ୍ ଆଉ ମୁଁ ଆଲ୍‌ଡ଼ଗେଟ୍ ଷ୍ଟେସନ୍ ପାଖରେ ଯେଉଁଠି ଅଣ୍ଡର୍-ଗ୍ରାଉଣ୍ଡ ରେଲ୍‌ୱେ ସୁଡ଼ଙ୍ଗ ଭିତରୁ ପଦାକୁ ବାହାରିଛି, ସେଇଠି ପହଞ୍ଚିଲୁ । ରେଲ୍‌ୱେ କମ୍ପାନୀର ଜଣେ ଭଦ୍ରଲୋକ ଆମ ସାଥିରେ ଥାଆନ୍ତି । ରେଲ୍‌ଲାଇନଠୁଁ ତିନିଫୁଟ ଛଡ଼ା ଗୋଟେ ଜାଗା ଦେଖାଇ ସେ କହିଲେ, "ଏଇଠି ଯୁବକଙ୍କ ମୃତଦେହ ପଡ଼ିଥିଲା । ସେଟା ଉପରୁ କେଉଁଠୁ ପଡ଼ି ନଥିବ । କାରଣ ଆପଣ ଦେଖୁଛନ୍ତି ଏ କାନ୍ଥ ସବୁ । ତେଣୁ ଦେହଟା ଟ୍ରେନ୍‌ରୁ ହିଁ ପଡ଼ିଥିବ ଆଉ ଆମେ ଯାହା ଜାଣୁ ସେ ଟ୍ରେନ୍‌ଟା ସୋମବାର ଦିନ ପ୍ରାୟ ରାତି ଅଧବେଳକୁ ଏ ବାଟେ ଯାଇଥିବ ।"

"କୌଣସି ଧସ୍ତାଧସ୍ତିର ଚିହ୍ନ ଅଛି କି ନାହିଁ ଜାଣିବାପାଇଁ ଡବାଗୁଡ଼ାକ ପରୀକ୍ଷା କରାଯାଇଥିଲା ?"

"ହଁ, ସେପରି କିଛି ଚିହ୍ନ ନ ଥିଲା । କୌଣସି ଟିକେଟ୍ ବି ନଥିଲା ।"

"କୌଣସି ଦରଜା ଖୋଲା ନଥିଲା ?"

"ନା ।"

Digitized by srujanika@gmail.com

ଲେସ୍‌ଟ୍ରେଡ୍ କହିଲେ, "ଆଜି ସକାଳେ ଆମକୁ କିଛି ନୂଆ ସାକ୍ଷ୍ୟ ମିଳିଛି । ସୋମବାର ଦିନ ରାତି ଏଗାରଟା ଚାଳିଶ ମିନିଟ୍‌ରେ ଗୋଟେ ସାଧାରଣ ଟ୍ରେନ୍‌ରେ ଜଣେ ଯାତ୍ରୀ ଆଲ୍‌ଡ଼ଗେଟ୍ ଷ୍ଟେସନ୍ ବାଟେ ଯାଉଥିଲେ । ସେ କହନ୍ତି, ଟ୍ରେନ୍‌ଟା ଠିକ୍ ଷ୍ଟେସନ୍‌ରେ ପହଞ୍ଚିବା ପୂର୍ବରୁ କିଛି ଗୋଟେ ଜିନିଷ ରେଲ୍‌ଲାଇନ୍‌ରେ ପଡ଼ିଗଲା ପରି ଭାରି ଶବ୍ଦ ଶୁଣିପାରିଥିଲେ । ସେତେବେଳେ ବହଳ କୁହୁଡ଼ି ପଡ଼ୁଥିଲା ଆଉ କିଛି ଦେଖାଯାଉନଥିଲା । ସେ ଏକଥା କାହାକୁ ଜଣାଇ ନଥିଲେ । କିନ୍ତୁ ଏ କ'ଣ ? ହୋମ୍ସ କୁଆଡ଼େ ?"

ଯେଉଁ ଜାଗାରେ ରେଲ୍‌ଲାଇନ୍ ସୁଡ଼ଙ୍ଗ ଭିତରୁ ବାହାରକୁ ବାଙ୍କି ଆସିଛି, ସେଇଠି ଠିଆହୋଇ ମୋ ବନ୍ଧୁ ଏକ ଲକ୍ଷ୍ୟରେ ରେଲ୍‌ଲାଇନ୍‌କୁ ଚାହିଁଥାଆନ୍ତି । ଆଲ୍‌ଡ଼ଗେଟ୍ ଗୋଟେ ଜଙ୍କ୍‌ସନ୍ ଆଉ ସେଠି ଗୁଡ଼ାଏ ପଏଣ୍ଟ ଅଛି । ହୋମ୍ସଙ୍କ ବ୍ୟଗ୍ର ଆଖି ତାହାର ଉପରେ ପଡ଼ୁଥାଏ । ଦେଖିଲି ତାଙ୍କ ଓଠ ଚାପି ହୋଇଯାଇଛି, ନାକପୁଡ଼ା ଫୁଲି ଉଠିଛି ଆଉ ଓଜନିଆ ଆଖିପତା ନଇଁଛି ।

ସେ କହିଉଠିଲେ, "ପଏଣ୍ଟ, ଏଇ ପଏଣ୍ଟ ସବୁ !"

"କ'ଣ ହେଲା ? ତୁମେ କ'ଣ କହୁଛ ?"

"ମୁଁ ଭାବୁଛି ଏ ପ୍ରକାର ରେଲ୍‌ଲାଇନ୍‌ରେ ଏତେ ପଏଣ୍ଟ ଆଉ କେଉଁଠି ନଥିବ ।"

"ନା, ଏପରି ପଏଣ୍ଟ ଖୁବ୍ କମ୍ ।"

"ତା' ଛଡ଼ା ଗୋଟେ ବାଙ୍କ । ପଏଣ୍ଟ ଆଉ ବାଙ୍କ । ଯଦି ତା ହୋଇଥାଏ !"

"କଥା କ'ଣ, ମିଷ୍ଟର୍ ହୋମ୍ସ ? ତୁମେ କିଛି ସୂତ୍ର ପାଇଛ ?"

"କେବଳ ଗୋଟେ ଧାରଣା—ଗୋଟେ ସୂଚନା, ଆଉ କିଛି ନୁହେଁ । କିନ୍ତୁ କେଶ୍‌ଟା ଅଧିକରୁ ଅଧିକ କୌତୁହଳପ୍ରଦ ହୋଇଉଠୁଛି । ଅଦ୍ଭୁତ, ନିଶ୍ଚୟ ଅଦ୍ଭୁତ; କିନ୍ତୁ ଲାଇନ୍ ଉପରେ ରକ୍ତର କୌଣସି ଚିହ୍ନ ମୁଁ ଦେଖିପାରୁନାହିଁ ।"

"ରକ୍ତଚିହ୍ନ ପ୍ରାୟ ନଥିଲା ।"

Digitized by srujanika@gmail.com

"କିନ୍ତୁ ଶୁଣିଲି ଯଥେଷ୍ଟ ଆଘାତ ଲଗିଥିଲା ।"

"ହାଡ଼ଟା ପୂରା ଗୁଣ୍ଡ ହୋଇଯାଇଥିଲା; କିନ୍ତୁ ଚମଡ଼ା ଉପରେ ସେମିତି ବିଶେଷ କିଛି କ୍ଷତ ନଥିଲା ।"

ତଥାପି କିଛିଟା ରକ୍ତ ବୋହିବବୋଲି ଯେ କେହି ଆଶାକରିବ । ଯେଉଁ ଲୋକ କୁହୁଡ଼ି ଭିତରେ ଟ୍ରେନ୍‌ରୁ କିଛି ପଡ଼ିବା ଶବ୍ଦ ଶୁଣିଥିଲା, ସେ ଯେଉଁ ଟ୍ରେନ୍‌ରେ ଆସୁଥିଲା ସେ ଟ୍ରେନ୍‌ଟା ମୁଁ ଦେଖିବା ସମ୍ଭବ ହୋଇପାରିବ ?"

"ନା, ମିଷ୍ଟର୍ ହୋମ୍‌ସ, ସେ ଟ୍ରେନ୍‌ଟା ଭାଙ୍ଗିଦିଆଯାଇ ଡବାଗୁଡ଼ା ଅନ୍ୟାନ୍ୟ ଗାଡ଼ିକୁ ଚାଲିଯାଇଛି ।"

ଲେଷ୍ଟ୍ରେଡ୍ କହିଲେ, "ମୁଁ ତୁମକୁ ନିର୍ଭରଭାବେ କହୁଛି ହୋମ୍‌ସ ଟ୍ରେନ୍‌ର ପ୍ରତ୍ୟେକ ଡବା ଭଲଭାବେ ପରୀକ୍ଷା କରାଯାଇଛି । ମୁଁ ନିଜେ ପରୀକ୍ଷା କରି ଦେଖିଛି ।"

ମୋ ବନ୍ଧୁଙ୍କର ଗୋଟେ ଦୁର୍ବଳତା ଥିଲା । ସେଇଟା ହେଲା—ତାଙ୍କଠୁ କମ୍ ବୁଦ୍ଧିମାନ୍ ଲୋକଙ୍କ କଥାରେ ସେ ଅଧୈର୍ଯ୍ୟ ହୋଇପଡ଼ୁଥିଲେ । ବୁଲିପଡ଼ି ସେ କହିଲେ, "ଠିକ୍ ଅଛି । ଯାହାହେଉ ମୁଁ ଡବାଟା ପରୀକ୍ଷା କରିବାକୁ ଚାହୁଁ ନଥିଲି । ଏଠି ଆମର ଯାହା କରିବା କଥା ଆମେ କରି-ସାରିଛେ, ୱାଟ୍‌ସନ୍ । ଆମେ ତୁମକୁ ଆଉ ହଇରାଣ କରିବା ଦର୍କାର ନାହିଁ, ମିଷ୍ଟର୍ ଲେମ୍ବ୍ରେଡ଼ । ମୁଁ ଭାବୁଛି ଏଥର ଆମେ ଆମର ଅନୁସନ୍ଧାନ ପାଇଁ ଉଲ୍‌ଉଇଚ୍ ଯିବା ।"

ଲଣ୍ଡନ୍ ବ୍ରିଜ୍‌ଠାରେ ହୋମ୍‌ସ ତାଙ୍କ ଭାଇଙ୍କ ପାଖକୁ ଗୋଟେ ଟେଲିଗ୍ରାମ୍ ଲେଖିଲେ । ସେଇଟା ପଠାଇବା ଆଗରୁ ମୋତେ ଦେଖାଇଲେ । ଲେଖାଥିଲା : ଅନ୍ଧାର ଭିତରେ କିଛିଟା ଆଲୁଅ ଦେଖିପାରୁଛି । କିନ୍ତୁ ତା ହୁଏତ ଲିଭି-ଯାଇପାରେ । ଏ ଭିତରେ ଇଂଲଣ୍ଡରେ ଥିବା ଜଣାଶୁଣା ବିଦେଶୀ ଏଜେଣ୍ଟ ମାନଙ୍କର ଗୋଟେ ତାଲିକା କୌଣସି ଲୋକ ହାତରେ ବେକର୍‌ଷ୍ଟ୍ରୀଟ୍‌କୁ ପଠାଇଦେବ । ଆମେ ଫେରିବାଯାଏଁ ମୁଁ ଅପେକ୍ଷା କରିବ—ଶେର୍‌ଲକ୍ ।

ଆମେ ଉଲ୍‌ଉଇଚ୍ ଟ୍ରେନ୍‌ରେ ବସିଗଲୁ । ହୋମ୍‌ସ୍ କହିଲେ, "ସେ ତାଲିକାଟା ଆମକୁ ସାହାଯ୍ୟ କରିବ, ୱାଟ୍‌ସନ୍ । ଯାହାହେଉ, ଏପରି ଗୋଟେ

Digitized by srujanika@gmail.com

ଉଲ୍ଲେଖନୀୟ କେଶ୍ ଆମକୁ ଦେଇଥିବାରୁ ଆମେ ଭାଇ ମାଇକ୍ରଫ୍‌ଟ୍‌ଙ୍କ ପାଖେ କୃତଜ୍ଞ ।"

ତାଙ୍କ ବ୍ୟଗ୍ର ମୁହଁରେ ଯଥେଷ୍ଟ ଶକ୍ତିର ସଙ୍କେତ ଦେଖିପାରିଲି । ଜାଣିଲି କିଛି ଗୋଟେ ନୂଆ ପରିସ୍ଥିତି ତାଙ୍କ ଚିନ୍ତାଧାରାକୁ ଉତ୍ତେଜିତ କରିଦେଇଛି । କାନ ଦି'ଟା ତଳକୁ ଝୁଲିଇ, ଲାଙ୍ଗୁଡ଼ ଜାକି ବନ୍ଧାହୋଇଥିବା ଫକସ୍ ହାଉଣ୍ଡ ଦେଖିଥିବେ । ସେଇ କୁକୁରକୁ କୌଣସି ଗନ୍ଧବାରି ଧାଇଁବାବେଳେ କୁକୁର ସାଥିରେ ତୁଳନା କରନ୍ତୁ । ସକାଳୁ ହୋମ୍‌ସଙ୍କର ଠିକ୍ ସେଇପରି ପରିବର୍ତ୍ତନ ଆସି ଯାଇଥିଲା । ମାତ୍ର କେତେ ଘଣ୍ଟା ଆଗେ କୁହୁଡ଼ି ଘେରା ଘରଭିତରେ ମୂଷା ରଙ୍ଗର ଗାଉନ୍‌ଟା ପିନ୍ଧି ଜାକିଜୁକି ହୋଇ ବସିଥିବା ହୋମସ୍‌ଙ୍କଠାରୁ ସେ ଏବେ ସମ୍ପୂର୍ଣ୍ଣ ଅଲଗା ମଣିଷ ।

ସେ କହିଲେ, "ଏ କେଶ୍‌ରେ ଉପକରଣ ଅଛି ଆଉ ସୁଯୋଗ ମଧ୍ୟ ଅଛି । ଏ ସବୁର ସମ୍ଭାବନା ବୁଝିନପାରିବାଟା ବାସ୍ତବିକ ମୋର ବୋକାମୀ ।"

"ଏବେ ବି ଘଟଣାଟା ମୋ ପାଇଁ ଅନ୍ଧକାରମୟ ।"

"ଘଟଣାର ଶେଷଟା ବି ମୋ ପକ୍ଷରେ ଅନ୍ଧକାରମୟ । କିନ୍ତୁ ମୋର ଗୋଟାଏ ଧାରଣା ହୋଇଛି ଆଉ ତା ଆମକୁ ଆଗେଇ ନେବ । ଯୁବକର ମୃତ୍ୟୁ ଅନ୍ୟ ଜାଗାରେ ହୋଇଛି ଆଉ ତାର ମୃତ ଦେହଟା ଗୋଟେ ରେଲ୍-ଡବା ଛାତ ଉପରେ ଥିଲା ।"

"ଛାତ ଉପରେ !"

"ଖୁବ୍ ବିସ୍ମୟକର, ନୁହେଁ ? କିନ୍ତୁ ଘଟଣାଗୁଡ଼ାକୁ ବିଚାରକରି ଦେଖ । ମୃତଦେହଟା ଯେଉଁ ଜାଗାରେ ପଡ଼ିଥିଲା ସେଟା ପଏଣ୍ଟର ଖୁବ୍ ପାଖରେ । ସେଠି ଟ୍ରେନ୍‌ଟା ପଏଣ୍ଟ ଉପରକୁ ଆସିଲାବେଳକୁ ହଲଚଲ ହୋଇଥିବ । ସେଇ ଜାଗାରେ ଛାତ ଉପରୁ ଗୋଟେ ଜିନଷ ପଡ଼ିଯିବା ସମ୍ଭବ ନୁହେଁ କି ? କିନ୍ତୁ ଟ୍ରେନ୍ ଭିତରେ ଥିବା ଜିନଷ ଉପରେ ପଏଣ୍ଟର କିଛି ପ୍ରଭାବ ପଡ଼ିବନାହିଁ । ମୃତଦେହଟା ଛାତ ଉପରୁ ଖସିପଡ଼ିଛି କିମ୍ବା ଆଉ କିଛି ବିଚିତ୍ର ଘଟଣା ଘଟିଛି । ଏଥର ରକ୍ତ କଥା ବିଚାର କର । ଯଦି ମୃତଦେହରୁ ରକ୍ତ ଅନ୍ୟ କୌଣସି ଜାଗାରେ ବହିଯାଇଛି, ତେବେ

Digitized by srujanika@gmail.com

ରେଲ୍ଲାଇନ୍‌ରେ ରକ୍ତ ଚିହ୍ନ ରହିବ ନାହିଁ । ପ୍ରତ୍ୟେକ ଘଟଣାରୁ କିଛି ନା କିଛି ଜାଣିହେଉଛି । ସବୁ ଘଟଣାକୁ ଏକାଠି କରିଦେଲେ ଫଳ ଯଥେଷ୍ଟ ଅଧିକ ହେବ ।"

"ଆଉ ଟିକେଟ୍ କଥା ବି !"

"ଠିକ୍ କହୁଛ । ଟିକେଟ୍ ନ ଥିବାର କିଛି କାରଣ ଆମେ ଦେଇପାରୁ ନଥିଲେ । କିନ୍ତୁ ଆମର ଏ ଅନୁମାନ ତାର କାରଣ ଜଣାଇଦେଉଛି । ସବୁ ଘଟଣାଗୁଡ଼ା ବେଶ୍ ଖାପ୍‌ଖାଇଯାଉଛି ।"

"ମନେକର ଏ ସିଦ୍ଧାନ୍ତ ଠିକ୍ । ତଥାପି ଆମେ ତାର ମୃତ୍ୟୁ ରହସ୍ୟଭାବେ ଭେଦ କରିବାଠାରୁ ଯେତିକି ଦୂରରେ ଥିଲେ ସେତିକି ଦୂରରେ । ସମସ୍ୟାଟା ସରଳ ନ ହୋଇ ବରଂ ଅଧିକ ବିଚିତ୍ର ହୋଇଉଠୁଛି ।"

ଖୁବ୍ ଚିନ୍ତାକରି ହୋମ୍ସ କହିଲେ, "ବୋଧହୁଏ ସେଇଆ ।" ତା'ପରେ ସେ ଚୁପ୍‌ଚାପ୍ ବସି ଭାବନାରେ ବୁଡ଼ିଗଲେ । ଉଲ୍‌ଉଇଚ୍ ଷ୍ଟେସନ୍‌ରେ ଗାଡ଼ି ରହିଲାରୁ ତାଙ୍କ ଧ୍ୟାନ ଭାଙ୍ଗିଲା । ତାପରେ ସେ ଗୋଟେ ଘୋଡ଼ା ଗାଡ଼ି ଡାକି ମାଇକ୍ରଫ୍‌ଟ୍‌ଙ୍କ କାଗଜ ଖଣ୍ଡ ପକେଟ୍‌ରୁ ବାହାର କଲେ । କହିଲେ, "ଆମକୁ ଉପରବେଳା ବେଶ୍ କେତେ ଜଣଙ୍କ ପାଖକୁ ଯିବାକୁ ହେବ । ମୁଁ ଭାବୁଛି ସାର୍ ଜେମ୍ସ ଉଆଲ୍‌ଟର୍‌ଙ୍କ ପାଖକୁ ଯିବା ।"

ଏଇ ବିଖ୍ୟାତ ଅଫିସରଙ୍କ ଘର ବେଶ୍ ସୁନ୍ଦର । ଘର ପାଖରୁ ସବୁଜ ପଡ଼ିଆ ଥେମ୍ସ ନଦୀଯାଏଁ ଲମ୍ବିଛି । ଆମେ ପହଞ୍ଚିଲା ବେଳକୁ କୁହୁଡ଼ି କମି ଆସୁଥାଏ ଆଉ ସାମାନ୍ୟ ସୂର୍ଯ୍ୟକିରଣ ବାହାରି ଆସୁଥାଏ । ଆମ ବେଲ୍ ଶବ୍ଦ ଶୁଣି ଜଣେ ଚାକର ଆସି ପହଞ୍ଚିଲା । ବଡ଼ ଦୁଃଖରେ ସେ କହିଲା, "ସାର୍ ଜେମ୍ସ ଆଜି ! ଆଜି ସକାଳେ ତାଙ୍କର ମୃତ୍ୟୁହୋଇଯାଇଛି ।"

ବିସ୍ମୟରେ ହୋମ୍ସ କହି ଉଠିଲେ, "ହେ ଭଗବାନ ! କେମିତି ତାଙ୍କର ମୃତ୍ୟୁ ହେଲା ?"

"ଆପଣ ବୋଧହୁଏ ଘରଭିତରକୁ ଯାଇ ତାଙ୍କ ଭାଇ କର୍ଣ୍ଣେଲ୍ ଭାଲେଣ୍ଟାଇନ୍‌ଙ୍କ ସାଥିରେ କଥାବାର୍ତ୍ତା କରିବାକୁ ଚାହାଁନ୍ତି ?"

"ହଁ, ସେଇଆ ବରଂ ଭଲ ।"

Digitized by srujanika@gmail.com

ଫିକା ଆଲୁଅ ଜଳୁଥିବା ଗୋଟେ ଡ୍ରଇଂ ରୁମ୍ ଭିତରକୁ ଆମେ ଗଲୁ । ଟିକିଏ ପରେ ମୃତ ବୈଜ୍ଞାନିକଙ୍କ ସାନଭାଇ ଆସି ପହଞ୍ଚିଲେ । ସେ ଖୁବ୍ ଡେଙ୍ଗା ଆଉ ସୁନ୍ଦର । ମୁହଁରେ ଅଳ୍ପ ଅଳ୍ପ ଦାଢ଼ି । ବୟସ ପଞ୍ଚାଶବର୍ଷ ହେବ । ତାଙ୍କ ଆଖି, ଆଲୁଅବାଳ ଆଦିରୁ ଜଣାଯାଉଥିଲା ତାଙ୍କ ପରିବାର ଉପରେ ହଠାତ୍ କି ଦାରୁଣ ଆଘାତ ଲାଗିଛି । ସେ ଭଲଭାବେ କଥା କହି ପାରୁନଥାନ୍ତି । ବହୁ କଷ୍ଟରେ କହିଲେ, "ଏଇ ଭୀଷଣ ଅପବାଦ ଆଜି । ମୋ ଭାଇ ତାଙ୍କ ମାନ ସମ୍ମାନକୁ ଖୁବ୍ ଜଗି ଚଳନ୍ତି । ଏ ଘଟଣା ପରେ ସେ ଆଉ ବଞ୍ଚିପାରିଲେନାହିଁ । ତାଙ୍କ ହୃଦୟ ଭାଙ୍ଗିପଡ଼ିଲା । ତାଙ୍କ ବିଭାଗର କାମ ପାଇଁ ସେ ସବୁବେଳେ ଗର୍ବ ଅନୁଭବ କରୁଥିଲେ । ଏ ଘଟଣା ତାଙ୍କ ପାଇଁ ଗୋଟେ ଦାରୁଣ ଆଘାତ ହେଲା ଆଜି ।"

"ଆମେ ଭାବିଥିଲୁ ଏ ରହସ୍ୟ ଉଦ୍‌ଘାଟନ କରିବା ପାଇଁ ତାଙ୍କଠୁ କିଛି ସଙ୍କେତ ପାଇଥାଆନ୍ତୁ ।"

"ମୁଁ ନିର୍ଭର ଭାବେ କହିବି ଯେ, ଘଟଣାଟା ଆପଣଙ୍କ ପାଇଁ, ଆମ ସମସ୍ତଙ୍କ ପାଇଁ ଯେମିତି ରହସ୍ୟମୟ ତାଙ୍କ ପାଇଁ ବି ସେମିତି । ସେ ଯାହା କିଛି ଜାଣିଥିଲେ ସବୁ ପୋଲିସ୍ ଆଗରେ କହିଛନ୍ତି । କାଡ୍‌ୱେଗାନ୍ ୱେଷ୍ଟ ଦୋଷୀ ବୋଲି ତାଙ୍କର ସନ୍ଦେହ ହେବା ସ୍ୱାଭାବିକ; କିନ୍ତୁ ଆଉ ସବୁ କଥା ଚିନ୍ତା କରି ହେଉନାହିଁ ।"

"ଆପଣ ଏ ଘଟଣା ଉପରେ କିଛି ଆଲୋକପାତ କରିପାରିବେନାହିଁ ?"

"ଖବରକାଗଜରୁ ଯାହା ପଢ଼ିଛି ଆଉ ଯାହା ଶୁଣିଛି ତା'ଠୁ ଅଧିକା କିଛି ମୁଁ ଜାଣେ ନାହିଁ । ଆପଣଙ୍କ ପ୍ରତି ଅଭଦ୍ର ବ୍ୟବହାର କରିବା ମୋର ଉଦ୍ଦେଶ୍ୟ ନୁହେଁ; କିନ୍ତୁ ଆପଣ ବୁଝିପାରୁଥିବେ, ମିଷ୍ଟର୍ ହୋମ୍‌ସ ବର୍ତ୍ତମାନ ଆମେ ବଡ଼ ବିବ୍ରତ । ତେଣୁ ଆପଣ ଶୀଘ୍ର ବିଦାୟ ନେବା ଲାଗି ମୁଁ ଅନୁରୋଧ କରୁଛି ।"

ଆମେ ଫେରିଆସି ଘୋଡ଼ାଗାଡ଼ିରେ ବସିଲା ପରେ ହୋମ୍‌ସ କହିଲେ, "ଏ ଘଟଣା ଅତି ଅପ୍ରତ୍ୟାଶିତ । ମୋର ସନ୍ଦେହ—ସେ ସାଧାରଣ ପନ୍ଥାରେ ମରିଛନ୍ତି କି ଆତ୍ମ-ହତ୍ୟା କରିଛନ୍ତି ! ଯଦି ପଛ କଥାଟା ଠିକ୍ ହୁଏ ତେବେ

Digitized by srujanika@gmail.com

ସେ କର୍ତ୍ତବ୍ୟରେ ଅବହେଳା କରିଥିବାରୁ ତାର ପ୍ରାୟଶ୍ଚିତ୍ତ କରିଛନ୍ତି । ସେ ପ୍ରଶ୍ନ ଭବିଷ୍ୟତରେ । ଏବେ ଆମେ କାଡ୍ରୋଗାନ୍ ୱେଷ୍ଟ୍‌ଙ୍କ ପରିବାରକୁ ଭେଟିବା ।”

ସହର ଶେଷ ସୀମାରେ ଗୋଟିଏ ଛୋଟ ଘର; କିନ୍ତୁ ପରିଷ୍କାର ପରିଚ୍ଛନ୍ନ । ସେଇଠି ୱେଷ୍ଟ୍‌ଙ୍କ ମା ବିଧବା ରହୁଥିଲେ । ବୁଢ଼ୀ ବିଧବା ଦୁଃଖରେ ଏତେ ଭାଙ୍ଗି ପଡ଼ିଥିଲେ ଯେ, ଆମେ ତାଙ୍କଠୁ କିଛି ପାଇପାରିଲୁନାହିଁ । କିନ୍ତୁ ତାଙ୍କ ପାଖରେ ଜଣେ ସୁନ୍ଦରୀ ତରୁଣୀ ଠିଆହୋଇଥିଲେ । ସେ ୱେଷ୍ଟ୍‌ଙ୍କ ବାଗ୍‌ଦତ୍ତା ମିସ୍ ଭାଓଲେଟ୍ ୱେଷ୍ଟବେରୀ ବୋଲି ପରିଚୟ ଦେଲେ । ସେ ୱେଷ୍ଟ୍‌ଙ୍କୁ ଜୀବିତାବସ୍ଥାରେ ଦେଖିଥିବା ଶେଷ ବ୍ୟକ୍ତି । ସେ କହିଲେ, “ମୁଁ କିଛି ବୁଝି ପାରୁନାହିଁ, ମିଷ୍ଟର୍ ହୋମ୍‌ସ । ଦୁର୍ଘଟଣା ଘଟିବା ପରଠାରୁ ମୁଁ ତାର କାରଣ କ’ଣ ହବ ଭାବି ଦିନରାତି ଆଖି ବୁଜିପାରୁନାହିଁ । ଆର୍ଥର୍ ଅତି ସଚ୍ଚୋଟ, ସାହସୀ ଆଉ ଦେଶପ୍ରେମୀ ଥିଲେ । ତାଙ୍କ ଦାୟିତ୍ୱରେ ଥିବା ରାଜ୍ୟର କୌଣସି ଗୁପ୍ତତଥ୍ୟ ବିକିବା ଆଗରୁ ସେ ବରଂ ନିଜର ଡାହାଣହାତ କାଟି ଦେଇଥାନ୍ତେ । ଯେ ତାଙ୍କୁ ଜାଣେ, ସେ କହିବ, ଏହା ନିହାତି ଅସମ୍ଭବ ।”

“କିନ୍ତୁ ଘଟଣା ଗୁଡ଼ା ମିସ୍ ୱେଷ୍ଟବେରୀ ?”

“ହଁ, ମୁଁ ସେ କଥା ମାନୁଛି । ମୁଁ ସେ କଥା ବୁଝାଇପାରିବିନାହିଁ ।”

“ତାଙ୍କର କିଛି ପଇସାପଇସା ଅଭାବ ଥିଲା ?”

“ନା, ସେ ବିଶେଷ ଖର୍ଚ୍ଚ କରୁ ନଥିଲେ ଆଉ ତାଙ୍କ ଦରମା ଯଥେଷ୍ଟ ଥିଲା । ସେ ବେଶ୍ କିଛି ଅର୍ଥ ସଞ୍ଚୟକରି ରଖିଥିଲେ ଆଉ ନୂଆ ବର୍ଷ ଦିନ ଆମର ବିବାହ ହୋଇଥାନ୍ତା !”

“ତାଙ୍କ ଠି କୌଣସି ମାନସିକ ଉତ୍ତେଜନା ଲକ୍ଷ୍ୟକରିଛନ୍ତି ? କହନ୍ତୁ ମିସ୍ ୱେଷ୍ଟବେରୀ, ଆମ ଆଗରେ କିଛି ଲୁଚାନ୍ତୁ ନାହିଁ ।”

ତାଙ୍କ ଢଙ୍ଗ ତାଙ୍କରେ ହୋମ୍‌ସଙ୍କ ଚଞ୍ଚଳ ଆଖି କିଛି ପରିବର୍ତ୍ତନ ଲକ୍ଷ୍ୟ କଲା । ସେ ଟିକିଏ ସଙ୍କୋଚ ବୋଧକଲେ । ଶେଷରେ କହିଲେ, “ହଁ, ମୋର କାହିଁକି ମନେହେଲା ତାଙ୍କ ମନରେ କିଛି ଚିନ୍ତା ଅଛି ।”

“କ’ଣ ହେଉଥିବା ଦିନ ଧରି ?”

Digitized by srujanika@gmail.com

"ନା, ଏଇ ଏକ ସପ୍ତାହ ହେଲା । ସେ ଚିନ୍ତିତ ଆଉ ବିଚଳିତ ଜଣାଯାଉ-ଥିଲେ । ଥରେ କାରଣଟା କହିବାକୁ ମୁଁ ତାଙ୍କୁ ଜୋର୍ କଲି । ସେ ସ୍ୱୀକାର କଲେ ତାଙ୍କ ମନରେ କିଛି ଚିନ୍ତା ଅଛି ଆଉ ସେଟା ତାଙ୍କ ଅଫିସ୍ ବିଷୟରେ । ସେ କହିଲେ, 'ତୁମ ଆଗରେ କଥାଟା କହିବା ମୋ ପକ୍ଷରେ ସମ୍ଭବ ନୁହେଁ ।' ମୁଁ ଆଉ କିଛି ଜାଣିପାରିଲିନାହିଁ ।"

ଗମ୍ଭୀର ହୋଇ ହୋମ୍‌ସ କହିଲେ, "କହନ୍ତୁ ମିସ୍ ଉଏଷ୍ଟବେରି । କଥାଟା ଉଏଷ୍ଟଙ୍କ ବିରୁଦ୍ଧରେ ଗଲାପରି ଜଣାଗଲେ ବି କହନ୍ତୁ । ତାର ପରିଣତି କ'ଣ ହେବ ଆମେ କହିପାରିବାନାହିଁ ।"

"ମୋର ଆଉ କିଛି କହିବାର ନାହିଁ । ଥରେ ଦୁ'ଥର ମୋତେ ଜଣାଗଲା ସେ ଯେମିତି ମୋତେ କିଛି କହିବାକୁ ବସିଛନ୍ତି । ଦିନେ ସନ୍ଧ୍ୟାରେ ସେ ଏଇ ଗୋପନୀୟତାର ଗୁରୁତ୍ୱ କଥା କହିଲେ । ମୋର ମନେପଡ଼ୁଛି, ସେ କହିଲେ, 'ବିଦେଶୀ ଗୁପ୍ତଚରମାନେ ଏହା ପାଇବା ପାଇଁ ପ୍ରଚୁର ପଇସା ଦେବେ' ।"

ମୋ ବନ୍ଧୁଙ୍କ ମୁହଁ ଆହୁରି ଗମ୍ଭୀର ହୋଇଗଲା । ସେ କହିଲେ, "ଆଉ କିଛି ?"

ସେ କହିଲେ, "ଏ ଘଟଣାରେ ଆମେ ସେତେ ସାବଧାନ ନୋହୁଁ । କୌଣସି ବିଶ୍ୱାସଘାତକ ସହଜରେ ସେ ପ୍ଲାନ୍ ନେଇଯାଇପାରିବ ।"

"ଏ କଥା ସେ ଆଗରୁ କହୁଥିଲେ ନା ଏବେ ?"

"ଏଇ ଅଳ୍ପ କେତେ ଦିନ ହେଲା ।"

"ଏଥର ସେଇ ଶେଷ ସନ୍ଧ୍ୟା କଥା କହନ୍ତୁ ।"

"ଆମେ ଥିଏଟର୍ ଯିବା କଥା । ଏତେ ଘଞ୍ଚ କୁହୁଡ଼ି ପଡ଼ିଥିଲା ଯେ, ଘୋଡ଼ା ଗାଡ଼ିରେ ଯିବା ସମ୍ଭବ ହେଲାନାହିଁ । ଆମେ ଚାଲିଗଲୁ । ଅଫିସ୍ ପାଖଦେଇ ଆମକୁ ଯିବାକୁ ହେଲା । ହଠାତ୍ ସେ କୁହୁଡ଼ି ଭିତରେ ଦୌଡ଼ି ଚାଲିଗଲେ ।

"କିଛି କଥା ନ କହି ?"

"ସେ ଖାଲି ବିସ୍ମୟରେ ଚିତ୍କାର କରି ଉଠିଲେ, ମେଡକ । ମୁଁ କେତେ ବେଳଯାଏଁ ଅପେକ୍ଷା କଲି; କିନ୍ତୁ ସେ ଫେରିଲେ ନାହିଁ । ତାପରେ ମୁଁ ଘରକୁ ଫେରିଲି । ତା'ପରଦିନ ସକାଳେ ଅଫିସ୍ ଖୋଲା ହେଲା ପରେ ଅନୁସନ୍ଧାନ

Digitized by srujanika@gmail.com

କରିବାକୁ ଏଠିକି ଆସିଲେ । ପ୍ରାୟ ବାରଟା ବେଳକୁ ଆମେ ଏ ଦାରୁଣ ଦୁଃସମ୍ବାଦ ପାଇଲୁ । ମିଷ୍ଟର୍ ହୋମ୍‌ସ, ଆପଣ ଯଦି କେବଳ ତାଙ୍କ ସମ୍ମାନ ରକ୍ଷାକରିପାରନ୍ତି ! ସମ୍ମାନ ତାଙ୍କ ପାଇଁ ସବୁ ।"

ଦୁଃଖରେ ମୁଣ୍ଡ ହଲାଇ ହୋମ୍‌ସ କହିଲେ, "ଆସ, ୱାଟ୍‌ସନ୍ । ଆମକୁ ଅନ୍ୟ ଜାଗାକୁ ଯିବାକୁ ହେବ । ଯେଉଁ ଅଫିସ୍‌ରୁ କାଗଜ ଚୁରି ଯାଇଛି, ସ୍ୱୀ ପରେ ଆମେ ସେଠିକି ଯିବା ।"

ଆମ ଘୋଡ଼ାଗାଡ଼ି ଗଡ଼ି ଚାଲିଲା । ହୋମ୍‌ସ କହିଲେ, "ଆଗରୁ କେଶ୍‌ଟା ଏଇ ଯୁବକ ବିରୁଦ୍ଧରେ ଦୃଢ଼ ଥିଲା । ଆମ ଅନୁସନ୍ଧାନ ପରେ ତାହା ଆହୁରି ବେଶୀ ଦୃଢ଼ ହୋଇଗଲା । ତାର ଆଗାମୀ ବିବାହ ଅପରାଧର ଉଦ୍ଦେଶ୍ୟ ବୋଲି ଜଣାଯାଉଛି । ତାର ପଇସା ଦର୍କାର ଥିଲା । ପ୍ଲାନ୍‌ଟା ନେଇଯିବା ଧାରଣା ତା ମନରେ ଥିଲା । କାରଣ ସେ ବିଷୟ ସେ କହିଛି । ମିସ୍ ୱେଷ୍ଟବେରି ଆଗରେ ସବୁ କଥା କହି ସେ ତାଙ୍କୁ ଜଣେ ସହଯୋଗୀ କରିପକାଇଛି । ଘଟଣାଟା କିଛି ଭଲ ନୁହେଁ ।"

"କିନ୍ତୁ ହୋମ୍‌ସ, ଜଣଙ୍କର ଚରିତ୍ର ତ ବିଚାର କରିବା କଥା ? ତା ଛଡ଼ା ସେ ଗୋଟେ ବିଶ୍ୱାସଘାତକ କାମକରିବାପାଇଁ ଟିଅଟାକୁ ଏମିତି ରାସ୍ତାରେ ଛାଡ଼ି ଚାଲିଯିବ କାହିଁକି ?"

"ତା' ସତ । ଏ ଅନୁମାନ ବିରୁଦ୍ଧରେ ମଧ୍ୟ ଯୁକ୍ତି ଅଛି; କିନ୍ତୁ କେଶ୍‌ଟା ଅତି ସୁଦୃଢ଼ ।"

ଆମେ ଅଫିସ୍‌ରେ ପହଞ୍ଚିଲୁ । ହୋମ୍‌ସଙ୍କ କାର୍ଡ ଦେଖି ସିନିୟର୍ କିରାଣୀ ସିଡ୍‌ନି ଜନ୍‌ସନ୍ ଧାଇଁ ଆସି ଆମକୁ ସ୍ୱାଗତ କଲେ । ସେ ମଧ୍ୟବୟସ୍କ । ପତଳା ଲୋକ । ଆଖିରେ ଚଷମା । ସେ ବିବ୍ରତ ହୋଇ କହିଲେ, "କି ଦୁର୍ଯୋଗ, ମିଷ୍ଟର୍ ହୋମ୍‌ସ ! ଆମ ଅଫିସର୍ ସାର୍ ଜେମ୍‌ସଙ୍କ ମୃତ୍ୟୁ ଖବର ଆପଣ ଶୁଣିଛନ୍ତି ?"

"ଆମେ ବର୍ତ୍ତମାନ ତାଙ୍କର ଘରୁ ଆସୁଛୁ ।"

"ଏ ଜାଗାଟା କିମିତି ବିଶୃଙ୍ଖଳ ହୋଇପଡ଼ିଛି । ଅଫିସର୍ ମୃତ, କାଡ୍ରୋ-ଗାନ୍ ୱେଷ୍ଟ ମୃତ, ଆମର କାଗଜ ଚୋରି ହୋଇଯାଇଛି । ତଥାପି ସୋମବାର

Digitized by srujanika@gmail.com

ଦିନ ସନ୍ଧ୍ୟାରେ ଆମେ ଯେତେବେଳେ ଦରଜା ବନ୍ଦକରି ଗଲୁ ଆମ ଅଫିସ ଯେ କୌଣସି ସରକାରୀ ଅଫିସ୍ ପରି କାର୍ଯ୍ୟଦକ୍ଷ ଥିଲା । ହେ ଭଗବାନ୍ ! ସେ କଥା ଭାବିଲାବେଳକୁ ଭୟଆସୁଛି । ୱେଷ୍ଟ୍ ଏପରି କାମ କରିପାରିଲା !"

"ସେ ଦୋଷୀ ବୋଲି ଆପଣ ନିଶ୍ଚିତ ?"

"ତା ଛଡ଼ା ମୁଁ ଆଉ କିଛି ଦେଖିପାରୁନାହିଁ । ତଥାପି ମୁଁ ନିଜକୁ ଯେତିକି ବିଶ୍ୱାସ କରେ ତାକୁ ସେତିକି ବିଶ୍ୱାସ କରୁଥିଲି ।"

"ସୋମବାର ଦିନ କେତେବେଳକୁ ଅଫିସ୍ ବନ୍ଦ ହେଲା ?"

"ପାଞ୍ଚଟା ବେଳକୁ ।"

"ଆପଣ ନିଜେ ଘର ବନ୍ଦ କରିଥିଲେ ?"

"ମୁଁ ସବୁବେଳେ ସବା ଶେଷରେ ଅଫିସ୍‌ରୁ ଯାଏ ।"

"ପ୍ଲାନ୍ ଗୁଡ଼ା କେଉଁଠି ଥିଲା ?"

"ସେଇ ସେଫ୍‌ରେ । ମୁଁ ନିଜେ ସେଠି ରଖିଥିଲି ।"

"ଏ ଘରର କେହି ଜଗୁଆଳି ନାହିଁ ?"

"ଅଛି । କିନ୍ତୁ ତାକୁ ଅନ୍ୟ ବିଭାଗର ଘର ମଧ୍ୟ ଦେଖିବାକୁ ହୁଏ । ସେ ଜଣେ ପୁରୁଣା ସୈନିକ ଆଉ ଅତି ବିଶ୍ୱସ୍ତ ଲୋକ । ସେଦିନ ସନ୍ଧ୍ୟାରେ ସେ କିଛି ଦେଖି ନାହିଁ । ଅବଶ୍ୟ ସେଦିନ ଖୁବ୍ ଘନ କୁହୁଡ଼ି ପଡ଼ିଥିଲା ।"

"ମନେକର ଅଫିସ୍ ବନ୍ଦହେବାପରେ କାଡ଼ୋଗାନ୍ ୱେଷ୍ଟ ଘର ଭିତରକୁ ଆସିବାକୁ ମନ କଲା । ଏଇ କାଗଜ ପାଇବା ଆଗରୁ ତାକୁ ତିନୋଟା ତାଲା ଖୋଲିବାକୁ ପଡ଼ିବ, ନୁହେଁ କି ?"

"ହଁ, ବାହାରତାଲା, ଘରତାଲା ଆଉ ସେଫ୍‌ର ତାଲା ।"

"କେବଳ ସାର୍ ଜେମ୍‌ସ ଆଉ ଆପଣଙ୍କ ପାଖେ ସେ ଚାବି ଥାଏ ?"

"ଦରଜା ଚାବି ମୋ ପାଖେ ନଥାଏ, କେବଳ ସେଫ୍‌ର ଚାବି ଥାଏ ।"

"ସାର୍ ଜେମ୍‌ସଙ୍କ ସୁଶୃଙ୍ଖଳ ଅଭ୍ୟାସର ଲୋକ ତ ?"

"ହଁ, ମୁଁ ତା ଜାଣେ । ଆଉ ଏଇ ଚାବି କଥା; ସେ ସବୁ ଚାବି ଗୋଟେ ରିଙ୍ଗ୍‌ରେ ରଖିଥାନ୍ତି । ମୁଁ ସେ ଗୁଡ଼ା କେତେ ଥର ଏଠି ଦେଖିଛି ।"

"ଆଉ ସେ ରିଙ୍ଗ୍‌ଟା ସେ ସାଥିରେ ଲଣ୍ଡନ ନେଇଥିଲେ ?"

Digitized by srujanika@gmail.com

"ହଁ, ସେ ସେକଥା କହୁଛନ୍ତି ।"

"ଆଉ ଆପଣଙ୍କ ଗୃହ କେବେ ଆପଣଙ୍କ ପାଖରୁ ଯାଇନାହିଁ ?"

"ନା, କେବେ ନୁହେଁ ।"

"ତାହେଲେ ଉଏଷ୍ଟ ଯଦି ଦୋଷୀ ହୋଇଥାଏ ତା ପାଖରେ ନିଶ୍ଚୟ ଡୁପ୍ଲିକେଟ୍ ଗୃହ ଥିବ; କିନ୍ତୁ ତା ମୃତ ଦେହରୁ କୌଣସି ଗୃହ ମିଳିନାହିଁ । ଆଉ ଗୋଟେ କଥା । ଏଇ ଅଫିସ୍‌ର ଜଣେ କିରାଣୀ ଯଦି ପ୍ଲାନ୍ ବିକିବାକୁ ଚାହିଁବ ସେ ମୂଳ ଲେଖାଟା ନ ନେଇ ତାର ନକଲ କରି ସହଜରେ ନେଇ ପାରିବ ?"

"ପ୍ଲାନ୍‌ଟାକୁ ଠିକ୍‌ଭାବେ ନକଲ କରିବା ପାଇଁ ଯଥେଷ୍ଟ ଟେକ୍‌ନିକାଲ୍ ଜ୍ଞାନ ଦରକାର ।"

"କିନ୍ତୁ ମୁଁ ଭାବୁଛି, ସାର୍ ଜେମ୍‌ସ, ଆପଣ ଆଉ ଉଏଷ୍ଟଙ୍କର ସେ ଜ୍ଞାନ ଥିଲା ବୋଧହୁଏ ?"

"ହଁ, ସେଥିରେ ସନ୍ଦେହ ନାହିଁ । କିନ୍ତୁ ଆପଣଙ୍କୁ ଅନୁରୋଧ କରୁଛି ମିଷ୍ଟର୍ ହୋମସ, ମୋତେ ଏ ଧନ୍ଦା ଭିତରକୁ ଟାଣନ୍ତୁ ନାହିଁ । ତା'ଛଡ଼ା ମୂଳ ପ୍ଲାନ୍ ଯେତେବେଳେ କାଡ଼ୋଗାନ୍ ଉଏଷ୍ଟ ପାଖରୁ ମିଳିଛି, ଏ ସବୁ ଅନୁମାନ କରି ଲଭ କ'ଣ ?"

"ଦେଖନ୍ତୁ, ସେ ସହଜରେ ପ୍ଲାନ୍‌ଟାର ନକଲକରି ନେଇଯାଇପାରିଥାନ୍ତେ ଆଉ ତାଦ୍ୱାରା ତାଙ୍କର ଉଦ୍ଦେଶ୍ୟ ସାଧିତ ହୋଇଥାନ୍ତା । ଅଥଚ ମୂଳ ଲେଖାଗୁଡ଼ା ନେଇଯିବାର ଦାୟିତ୍ୱ ସେ ମୁଣ୍ଡକୁ ନେବାଟା ଆଶ୍ଚର୍ଯ୍ୟଜନକ ନୁହେଁ କି ?"

"ନିଶ୍ଚୟ ଆଶ୍ଚର୍ଯ୍ୟଜନକ । ତଥାପି ସେ ସେଇଆ କରିଛି ।"

"ଏ କେଶ୍‌ର ପ୍ରତ୍ୟେକ ଅନୁସନ୍ଧାନରେ କିଛି ଦୁର୍ବୋଧ କଥା ବାହାରୁଛି । ଏବେ ବି ତିନିଖଣ୍ଡ କାଗଜ ମିଳିନାହିଁ । ମୁଁ ଯାହା ଜାଣେ ସେ ତିନି ଖଣ୍ଡ ସବୁଠୁ ଗୁରୁତ୍ୱପୂର୍ଣ୍ଣ ।"

"ହଁ, ତା' ସତ ।"

Digitized by srujanika@gmail.com

"ଆଚ୍ଛା, ଜଣେ ଲୋକ ସେଇ ତିନି ଖଣ୍ଡ ପାଇଲେ ଅନ୍ୟ ସାତଖଣ୍ଡର ସାହାଯ୍ୟ ନ ନେଇ ବ୍ରୁସ୍ ପାର୍‌ଟିଙ୍ଗ୍‌ଟନ୍ ବୁଡ଼ାଜାହାଜ ତିଆରି କରି ପାରିବ ବୋଲି ଆପଣ ଭାବୁଛନ୍ତି ?"

"ମୁଁ ନୌବାହିନୀକୁ ସେଇ ରିପୋର୍ଟ ଦେଇଥିଲି । କିନ୍ତୁ ଆଜି ମୁଁ ନକ୍‌ସା ଗୁଡ଼ା ଆଉଥରେ ଦେଖୁଥିଲି ଆଉ ମୁଁ ସେ ବିଷୟରେ ନିଶ୍ଚିତ ନୁହେଁ । ଯେଉଁ କାଗଜଗୁଡ଼ା ଫେରିଛି ସେଥିରୁ ଗୋଟାକରେ ଡବଲ୍ ଭାଲ୍‌ଭ ଆଉ ଅଟୋମାଟିକ୍ ସେଲ୍‌ଫ୍ ଆଡ୍‌ଜଷ୍ଟିଙ୍ଗ୍ ସ୍ଲଟ୍‌ର ନକ୍‌ସା ଅଛି । ବିଦେଶୀମାନେ ତାକୁ ଉଦ୍ଭାବନ କରି ନପାରିଲେ ସେ ଜାହାଜ ତିଆରି କରିପାରିବେନାହିଁ । ଅବଶ୍ୟ ନିକଟ ଭବିଷ୍ୟତରେ ସେମାନେ ସେ ଅସୁବିଧା ଦୂର କରିପାରିବେ ।"

"କିନ୍ତୁ ଯେଉଁ ତିନିଟା ନକ୍‌ସା ହଜିଛି ସେ ତିନିଟା ସବୁଠୁ ଗୁରୁତ୍ୱପୂର୍ଣ୍ଣ ?"

"ସେଥିରେ ସନ୍ଦେହ ନାହିଁ ।"

"ହଉ, ମୁଁ ଭାବୁଛି, ଏଥର ଆପଣଙ୍କ ଅନୁମତି ନେଇ ଘରଆଡ଼େ ବୁଲି ଦେଖିବି । ଆଉ କିଛି ପ୍ରଶ୍ନ ପଚାରିବାର ଥିଲାପରି ମୋର ମନେହେଉନାହିଁ ।"

ହୋମ୍‌ସ ସେଫ୍‌ର ତାଲା, ଘରର ଦରଜା ଆଉ ଶେଷରେ ଝରକାର ଲୁହା କବାଟଗୁଡ଼ା ପରୀକ୍ଷାକରି ଦେଖିଲେ । ଆମେ ବାହାର ପଡ଼ିଆକୁ ଆସିଲୁ । ଦେଖିଲି ତାଙ୍କର ଆଗ୍ରହ ଅନେକ ବଢ଼ିଯାଇଛି । ଝରକା ବାହାର ପାଖେ ଗୋଟେ ଲରେଲ୍ ବୁଦା ଥିଲା । ତାର କେତେ ଗୁଡ଼େ ଡାଳ ମୋଡ଼ି ହୋଇଯାଇଥିବା ବା ଦଳିହୋଇଯାଇଥିବାର ଚିହ୍ନ ଥିଲା । ସେ ତାଙ୍କ ଲେନ୍‌ସ୍ ଦ୍ୱାରା ସେଗୁଡ଼ାକୁ ଭଲଭାବେ ପରୀକ୍ଷା କଲେ । ତା'ପରେ ଭୂଇଁରେ ଥିବା କେତେକ ଫିକା ଚିହ୍ନ ମଧ୍ୟ ପରୀକ୍ଷା କଲେ । ଶେଷରେ ସେ ଝରକାର ଲୁହା-କବାଟ ବନ୍ଦକରିଦେବାପାଇଁ ମୁଖ୍ୟ-କିରାଣୀଙ୍କୁ କହିଲେ । ତାପରେ ମୋତେ ଦେଖାଇଦେଲେ ଯେ, କବାଟ ଦି'ଟା ମଝିରେ ପୁରାପୁରି ମିଶି ଯାଉନାହିଁ ଆଉ ଘର ଭିତରେ କ'ଣ ହେଉଛି ବାହାରୁ ଜଣେ ଲୋକ ଦେଖି ପାରିବା ସମ୍ଭବ । ଟିକିଏ ପରେ ସେ କହିଲେ, "ତିନିଦିନ ଡେରି ହେବା ଫଳରେ ଯାହା କିଛି ସଙ୍କେତ ଥିଲା ସେ ନଷ୍ଟହୋଇଯାଇଛି । ସେଥିରୁ କିଛି ଜଣାଯାଇପାରିଥାଆନ୍ତା ବା ନଥାଆନ୍ତା । ହଉ ୱାଟ୍‌ସନ୍, ଉଲ୍‌ଉଇଚ୍ ଆମକୁ

Digitized by srujanika@gmail.com

ଆଉ କିଛି ସାହାଯ୍ୟ କଲା ଭଳି ମୁଁ ଦେଖୁନାହିଁ । ଏଠୁ ଆମେ ଯାହା କିଛି ପାଇଲେ ତା ଅତି ସାମାନ୍ୟ । ଏଥର ଦେଖିବା ଲଣ୍ଡନ ଯାଇ ସେଠି ଅନ୍ୟ କିଛି କରିପାରୁଛେ କି ନାହିଁ ।''

ତଥାପି ଉଲ୍‌ୱିଚ୍ ଛାଡ଼ିବା ଆଗରୁ ଆମକୁ ଆଉ କିଛି ଫଳ ମିଳିଗଲା । ରେଲ୍‌ଷ୍ଟେସନ୍ ଅଫିସ୍‌ର ଟିକେଟ୍ କ୍ଲର୍କ କାଡ୍ଡୋଗାନ୍ ୱେଷ୍ଟଙ୍କୁ ଭଲଭାବେ ଚିହ୍ନିଥିଲେ । ସେ ଦୃଢ଼ଭାବେ କହିଲେ ଯେ, ସୋମବାର ଦିନ ରାତି ଆଠଟା ପନ୍ଦର ମିନିଟ୍ ଟ୍ରେନ୍‌ରେ କାଡ୍ଡୋଗାନ୍ ୱେଷ୍ଟ ଲଣ୍ଡନ ବ୍ରିଜ୍ ଯାଇଛନ୍ତି । ସେ ଏକା ଥିଲେ ଆଉ ଗୋଟେ ଥାର୍ଡକ୍ଲାସ୍ ଟିକେଟ୍ କରିଥିଲେ । ତାଙ୍କର ଉତ୍ତେଜିତ ଆଉ ବିଚଳିତ ଢଙ୍ଗ ଦେଖି କିରାଣୀ ଜଣକ ବିସ୍ମିତ ହୋଇଯାଇଥିଲେ । ସେ ଏତେ ବିବ୍ରତ ଥିଲେ ଯେ, ଖୁଚୁରା ପଇସାତକ ଉଠାଇ ନେଇପାରିଲେ ନାହିଁ ଆଉ କିରାଣୀ ତାଙ୍କୁ ସାହାଯ୍ୟ କରିଥିଲେ । ଟାଇମ୍ ଟେବୁଲ୍‌ରୁ ଜଣାଗଲା, ସାଢ଼େ ସାତଟାରେ କାଡ୍ଡୋଗାନ୍ ୱେଷ୍ଟ୍ ମିସ୍ ୱେଷ୍ଟ୍ ବେଖାଙ୍କୁ ଛାଡ଼ି ଆସିବାପରେ ଆଠଟା ପନ୍ଦର ମିନିଟ୍‌ରେ ଛାଡ଼ୁଥିବା ଟ୍ରେନ୍ ପ୍ରଥମ ଯାହା ସେ ଧରିପାରିଥିବେ ।

ଅଧଘଣ୍ଟାଏ ଚୁପ୍‌ଚାପ୍ ବସିଲାପରେ ହୋମ୍‌ସ କହିଲେ, ''ସବୁ କଥା ଆଉ ଥରେ ଦେଖିବା, ୱାଟ୍‌ସନ୍ । ଆମେ ସାଥିହୋଇ ଯେତେ ଅନୁସନ୍ଧାନ କରିଛେ କୌଣସିଟା ଏ କେଶ୍ ପରି ଜଟିଳ ବୋଲି ମୋତେ ମନେ ହେଉନାହିଁ ଆମେ ଯେତିକି ଆଗେଇଛେ ଆଗରେ ସେତିକି ପ୍ରତିବନ୍ଧକ ଦେଖାଯାଉଛି । ତଥାପି ଆମେ ଯଥେଷ୍ଟ ଆଗେଇ ପାରିଛେ ।

''ଉଲ୍‌ଉଇଚ୍‌ରେ ଆମର ଅନୁସନ୍ଧାନର ଫଳ ମୁଖ୍ୟତଃ କାଡ୍ଡୋଗାନ୍ ୱେଷ୍ଟ୍ ବିରୁଦ୍ଧରେ ଯାଉଛି; କିନ୍ତୁ ଝରକା ପାଖରେ ଥିବା ସଙ୍କେତ କିଛି ପରିମାଣରେ ତାଙ୍କ ସପକ୍ଷରେ ଯାଇପାରେ । ଉଦାହରଣ ସ୍ୱରୂପ ଆମେ ଧରିନେବା କେହି ବିଦେଶୀ ଏଜେଣ୍ଟ୍ ପ୍ଲାନ୍‌ଟା ପାଇଁ ତାଙ୍କ ପାଖକୁ ଆସିଛି । ଏ ବିଷୟରେ କାହାରି ଆଗରେ କିଛି ନ କହିବା ପାଇଁ ହୁଏତ ତାଙ୍କୁ ଶପଥ କରିବାକୁ ହୋଇଥିବ । କିନ୍ତୁ ତାଙ୍କ ବାଗ୍‌ଦତ୍ତାଙ୍କ ଆଗରେ ଏ କଥା କହିଲା ପରେ ତାଙ୍କ ମନରେ ପରିବର୍ତ୍ତନ ଆସିଥିବ । ମନେକର ସେ ତରୁଣୀଙ୍କ

Digitized by srujanika@gmail.com

ସାଥିରେ ଥିଏଟାର ଦେଖିବାକୁ ଗଲେ । ହଠାତ୍ କୁହୁଡ଼ି ଭିତରେ ସେ ଦେଖିପାରିଲେ ସେଇ ଏଜେଣ୍ଟ ଅଫିସ୍ ଆଡ଼କୁ ଯାଉଛି । ସେ ଜଣେ ଉଦ୍ଦାମ ଯୁବକ ଆଉ ଶୀଘ୍ର କର୍ତ୍ତବ୍ୟ ଠିକ୍ କରିପାରନ୍ତି । କର୍ତ୍ତବ୍ୟ ପାଖରେ ଆଉ ସବୁ ହାର ମାନିଲା । ସେ ଲୋକଟାର ପିଛା ଧରିଲେ, ଝରକା ପାଖରେ ପହଞ୍ଚିଲେ । ଦେଖିଲେ ଲୋକଟା କାଗଜଗୁଡ଼ା ନେଇ ଚାଲିଯାଉଛି । ସେ ତା ପଛେ ପଛେ ଚାଲିଲେ । ଏଇପରି ଭାବରେ, ଯେ ନକଲ କରିପାରିବ ସେ ମୂଳ ଲେଖାଟା ନେବ ନାହିଁ ବୋଲି ସିଦ୍ଧାନ୍ତକରିବାରେ ଯେଉଁ ଅସୁବିଧା ତାକୁ ଆମେ ଅତିକ୍ରମ କରିପାରୁଛେ । ଏଇ ବାହାରର ଲୋକକୁ ମୂଳଲେଖା ନେବାକୁ ହୋଇଥିବ । ଏଯାଏଁ ସବୁ ଖାପଖାଉଛି ।"

"ତା ପର ସୋପାନ କ'ଣ ?"

"ତା ପରେ ଆମେ ଅସୁବିଧାରେ ପଡ଼ିଯାଉଛେ । ସେ କେହି ଭାବିବ ଏପରି ପରିସ୍ଥିତିରେ ସଇତାନ୍‌ଟାକୁ ଧରି ହୁରିକରିବା କାଡ଼୍ୱୋଗାନ୍ ଉଏଷ୍ଟ୍‌ର ପ୍ରଥମ କାମ ହୋଇଥାନ୍ତା । ସେ ତା ନ କଲେ କାହିଁକି ? ଯେ କାଗଜଗୁଡ଼ା ନେଇଗଲେ ସେ କ'ଣ ତାଙ୍କର କେହି ଉପରିସ୍ଥ କର୍ମଚାରୀ ? ତାହେଲେ ସେ ହୁରି ନ କରିବା ସ୍ୱାଭାବିକ କଥା । କିଏ ଅଫିସର୍ ସାର୍ ଜେମ୍ସ୍ କୁହୁଡ଼ି ଭିତରେ ଉଏଷ୍ଟ୍ ଆଗରୁ ଖସିଗଲେ ଆଉ ଉଏଷ୍ଟ୍ ତାଙ୍କ ଆଗରୁ ଲଣ୍ଡନରେ ତାଙ୍କ ଘରେ ପହଞ୍ଚିବା ପାଇଁ ତରତରରେ ଚାଲିଗଲେ ? ଏଇ ଉଭୟ ଅନୁମାନ ଆଉ ଗୋଟେ ମେଟ୍ରୋପଲିଟାନ୍ ଟ୍ରେନ୍ ଛାତଉପରେ ଉଏଷ୍ଟ୍‌ଙ୍କ ମୃତ ଦେହ ରହିବା, ତାଙ୍କ ପକେଟ୍‌ରୁ ସାତ ଖଣ୍ଡ କାଗଜ ମିଳିବା ଭିତରେ ଏକ ବିରାଟ ବ୍ୟବଧାନ ରହିଯାଉଛି । ନା, ଅନ୍ୟ ପ୍ରାନ୍ତରୁ କାମଟା କରିବାକୁ ମୋ ମନ କହୁଛି । ଯଦି ମାଇକ୍ରଫଟ ତାଲିକା ଆଉ ଠିକଣା ଦେଇଥାନ୍ତି ତାହେଲେ ହୁଏତ ଆମେ ଆମ ଲୋକକୁ ସେଥିରୁ ବାଛିପାରିବା ଆଉ ଗୋଟାଏ ବଦଳରେ ଦୁଇଟା ବାଟ ଧରିପାରିବା ।"

ସତକୁ ସତ ବେକର୍ ଷ୍ଟ୍ରୀଟ୍‌ରେ ଆମ ପାଇଁ ଖଣ୍ଡେ ଚିଠି ଥିଲା । ଜଣେ ସରକାରୀ ବାର୍ତ୍ତାବହ ତାକୁ ନେଇଆସିଥିଲା । ହୋମ୍ସ ଲେଖାଟା ଉପରେ ଆଖିବୁଲାଇଆଣି ମୋ ଆଡ଼କୁ ପକାଇଦେଲେ । ସେଥିରେ ଲେଖାଥିଲା—

Digitized by srujanika@gmail.com

ଅନେକ ଗ୍ରେଟକୋଟର ଲୋକଅଛନ୍ତି; କିନ୍ତୁ ଏପରି ଏକ ବିରାଟ କାରବାରରେ ହାତଦେବା ଲୋକ ଖୁବ୍ କମ୍ । ଯେଉଁମାନଙ୍କ ବିଷୟରେ କୁହାଯାଇପାରେ ସେମାନେ ହେଲେ, ଆଡ଼ଲଫ୍ ମେୟର୍ । ସେ ଉଏଷ୍ଟ ମିନିଷ୍ଟର୍‌ର, ଗ୍ରେଟ୍‌ଜର୍ଜ ଷ୍ଟ୍ରୀଟ୍‌ର ତେର ନମ୍ବର ଘରେ ରହନ୍ତି । ଆଉ ଜଣେ ଲୁଇଗି ଗୋଥାଏର୍ । ସେ ନଟିଙ୍ଗ୍ ହାମ ହିଲର କ୍ୟାମଡେନ୍ ମାସନ୍‌ରେ ରହନ୍ତି । ତୃତୀୟ ଲୋକ ହୁଗୋ ଓବର୍‌ଷ୍ଟିନ୍ । ସେ କେନ୍‌ସିଙ୍ଗ୍‌ଟନ୍‌ର କଲ୍‌ଫିଲଡ୍ ଗାର୍ଡନ୍‌ସ୍‌ର ତେର ନମ୍ବରରେ ରହନ୍ତି । ଏଇ ଶେଷ ଲୋକ ସୋମବାର ଦିନ ଲଣ୍ଡନରେ ଥିଲେ, ଏବେ ଚାଲିଯାଇଥିବାର ଜଣାଯାଇଛି । ତୁମେ କିଛିଟା ଆଲୋକର ସନ୍ଧାନ ପାଇଛ ଶୁଣି ଖୁସିହେଲି । ତୁମର ଶେଷ ରିପୋର୍ଟକୁ ମନ୍ତ୍ରୀମଣ୍ଡଳ ଉଦ୍‌ବିଗ୍ନ ହୋଇ ଚାହିଁରହିଛି । ଉପରମହଲରୁ ଜରୁରୀ ଚିଠିମାନ ଆସୁଛି । ଦରକାରହେଲେ ରାଜ୍ୟର ସମସ୍ତ ସେନାବାହିନୀ ତୁମକୁ ସାହାଯ୍ୟ କରିବ । —ମାଇକ୍ରଫଟ୍ ।

ଅଳ୍ପ ହସି ହୋମ୍‌ସ କହିଲେ, "ଦୁଃଖର କଥା ଉଆଟ୍‌ସନ୍, ଏ ଘଟଣାରେ ମହାରାଣୀଙ୍କର ସମସ୍ତ ଅଶ୍ୱାରୋହୀ ଆଉ ପଦାତିକ ବାହିନୀ କିଛି କାମରେ ଆସିବେ ନାହିଁ ।" ସେ ଲଣ୍ଡନ ସହରର ଗୋଟେ ବଡ଼ ମାନଚିତ୍ର ଖୋଲି ତା'ଉପରେ ଲଇଁପଡ଼ିଥାନ୍ତି । ଖୁବ୍ ସନ୍ତୁଷ୍ଟ ହେଲପରି କହିଲେ, "ଆଚ୍ଛା, ଆଚ୍ଛା, ଘଟଣା ଆମ ସୁବିଧାଆଡ଼କୁ ଯାଉଛି । କାହିଁକି ଉଆଟ୍‌ସନ୍, ମୋର ଦୃଢ଼ବିଶ୍ୱାସ ଆମେ ସ୍ଥିର ସମାଧାନ କରିପାରିବା ।" ଟିକିଏ ପରେ ଖୁବ୍ ଉଲ୍ଲାସରେ ମୋ କାନ୍ଧରେ ହାତଥାପୁଡ଼େଇ କହିଲେ, "ମୁଁ ଏବେ ବାହାରକୁ ଯାଉଛି କେବଳ ଗୋଟେ ପ୍ରାରମ୍ଭିକ ପର୍ଯ୍ୟବେକ୍ଷଣ ପାଇଁ । ମୁଁ ମୋର ବିଶ୍ୱସ୍ତ ବନ୍ଧୁ ଆଉ ମୋ ଜୀବନୀ ଲେଖକଙ୍କୁ ଛାଡ଼ି ସେମିତି କିଛି କରିବି ନାହିଁ । ତୁମେ ଏଠିଥାଅ । ଘଣ୍ଟାଏ ଦି'ଘଣ୍ଟା ପରେ ପୁଣି ଦେଖାହେବ । ଯଦି ଏକୁଟିଆ ବସି ଖରାପଲାଗିବ, ତେବେ କାଗଜ କଲମ ଧରି ଆମେ କେମିତି ଦେଶକୁ ରକ୍ଷାକଲେ ସେ ଲେଖା ଆରମ୍ଭ କରିଦେବ ।"

ତାଙ୍କ ଉଲ୍ଲାସ ଆଉ ଦମ୍ଭର କିଛିଟା ମୁଁ ମୋ ଭିତରେ ଅନୁଭବ କଲି । କାରଣ ମୁଁ ଜାଣିଥିଲି ତାଙ୍କ ଏମିତି ଆନନ୍ଦରେ ଉଲ୍ଲାସ ହେବାର ନିଶ୍ଚୟ

Digitized by srujanika@gmail.com

ଯଥେଷ୍ଟ କିଛି କାରଣ ଥିବ । ଫଥାପାଇଁ ମୁଁ ଅଧୈର୍ଯ୍ୟହୋଇ ତାଙ୍କ ଫେରିବା ବାଟକୁ ଚାହିଁରହିଲି । ଶେଷରେ ଠିକ୍ ନଅଟା ପରେ ପରେ ଜଣେ ଲୋକ ଖଣ୍ଡେ ଚିଠି ନେଇ ଆସିଲା—କେନ୍‌ସିଙ୍ଗ୍‌ଟନ୍ ଗ୍ଲୁସେଷ୍ଟରରୋଡ୍‌ର ଗୋଲ୍‌ଡିନି ହୋଟେଲରେ ମୁଁ ଖାଉଖାଇବି । ଦୟାକରି ଶୀଘ୍ର ଆସି ସେଠି ମୋ ସାଥିରେ ଯୋଗଦେବ । ସାଥିରେ ତାଙ୍କ ଲଣ୍ଠନ, ଗୋଟେ ବଟାଳି, ଗୋଟେ ଶାବେଲୀ ଆଉ ରିଭଲ୍‌ଭର୍ ଆଣିଥିବ ।—ଏସ୍. ଏଇଚ୍ ।

ଅନ୍ଧାରୁଆ କୁହୁଡ଼ିଘେରା ରାସ୍ତାରେ ଜଣେ ଭଦ୍ରଲୋକ ପାଇଁ ଏସବୁ ଉପକରଣ ବେଶ୍ ସୁନ୍ଦର । ମୁଁ ଏ ସବୁକୁ ଖୁବ୍ ସାବଧାନରେ ମୋ ଓଭର୍ କୋଟରେ ରଖିନେଲି । ତାପରେ ଗୋଟେ ଗାଡ଼ିକରି ସିଧା ହୋମ୍‌ସ ଦେଇଥିବା ଠିକଣାକୁ ଚାଲିଗଲି । ସୁନ୍ଦର ଇଟାଲିୟାନ୍ ହୋଟେଲ । ଦରଜା ପାଖରେ ଗୋଟେ ଗ୍ରେଟ ଗୋଲ୍ ଟେବୁଲ୍ ପାଖେ ମୋ ବନ୍ଧୁ ବସିଥିଲେ ।

"କ'ଣ କିଛି ଖିଆପିଆକରି ଆସିଛ ? ହଉ, ମୋ ସାଥିରେ ମିଶିଯାଅ । କିଛି ଜଳଖିଆ ଆଉ କଫିହଉ । ହଁ, ସବୁ ଉପକରଣ ଆଣିଛ ?"

"ହଁ, ସବୁ ମୋ ଓଭରକୋଟ୍ ଭିତରେ ଅଛି ।"

"ଚମତ୍କାର ! ମୁଁ ଯାହା କରିଛି ଆଉ ଆମେ ଯାହା କରିବାକୁ ଯିବା ସେ ବିଷୟରେ ତୁମକୁ କିଛି ସୂଚନା ଦେଉଛି । ଏବେ ତୁମେ ନିଶ୍ଚୟ ବୁଝିଲଣି, ଏଇ ଯୁବକର ମୃତଦେହଟା ଟ୍ରେନଉପରେ ଛାତଉପରେ ରଖିଦିଆଯାଇଥିଲା । ମୁଁ ଯେତେବେଳେ ନିଶ୍ଚିତ ହେଲି ଯେ ମୃତ ଦେହଟା ଗାଡ଼ିଭିତରୁ ନୁହେଁ, ଛାତଉପରୁ ପଡ଼ିଛି ସେତେବେଳେ ଜାଣିଲି, କେହି ତାକୁ ଛାତଉପରେ ଥୋଇଦେଇଛି ।"

"କୌଣସି ବ୍ରିଜ୍ ଉପରୁ ସେଟା ପଡ଼ିଯାଇନଥିବ ?"

"ମୁଁ କହିବି, ସେଟା ଅସମ୍ଭବ । ତୁମେ ଯଦି ରେଲ୍‌ଉବାର ଛାତ ପରୀକ୍ଷା କରିବ, ଦେଖିବ ସେଟା ସମାନ୍ୟ ଗୋଲାକାର ଆଉ ତା କଡ଼ରେ ରେଲିଂ ବାଡ଼ାନାହିଁ । ତେଣୁ ଆମେ ନିଶ୍ଚିତଭାବେ କହିପାରିବା, କାଡ଼ୋଗାନ୍ ଉଏଷ୍ଟର ମୃତଦେହ ଉବା ଛାତଉପରେ ରଖିଦିଆଯାଇଥିଲା ।"

"କେମିତି ଭାବେ ସେଠି ରଖାଗଲା ?"

Digitized by srujanika@gmail.com

"ସେଇ ପ୍ରଶ୍ନର ଉତ୍ତର ଆମକୁ ଦେବାକୁ ହେବ । କେବଳ ଗୋଟାଏ ବାଟରେ ତା ସମ୍ଭବ ହୋଇପାରେ । ତୁମେ ଜାଣ ଲଣ୍ଡନର ପଶ୍ଚିମାଞ୍ଚଳରେ ଅଣ୍ଡର୍-ଗ୍ରାଉଣ୍ଡ ରେଲ୍ ରାସ୍ତା କେତେ ଜାଗାରେ ସୁଡ଼ଙ୍ଗ ବାହାରେ ଯାଇଛି । ମୁଁ ଏ ରାସ୍ତାରେ ଗଲାବେଳେ ଠିକ୍ ମୁଣ୍ଡଉପରେ କେତେ ଘରର ଝରକା ଦେଖିବା ମନେପଡ଼ୁଛି । ମନେକର ଏଇପରି ଏକ ଝରକା ତଳେ ଟ୍ରେନ୍ ଅଟକିଲା । ସେଠି ଛାତଉପରେ ଗୋଟାଏ ଦେହ ଥୋଇଦେବାରେ କିଛି ଅସୁବିଧା ହେବ ?"

"ସେଟା କେମିତି ଅସ୍ୱାଭାବିକ ଜଣାଯାଉଛି ।"

"ଆମର ସେଇ ପୁରୁଣା ନିୟମକୁ ଚାଲିଯିବା । ଯେତେବେଳେ ଅନ୍ୟ ସବୁ ସମ୍ଭାବନା ଭୁଲ୍, ସେତେବେଳେ ବାକି ଯାହା ରହିଲା, ଯେତେ ଅସ୍ୱାଭାବିକ ହେଲେ ବି ସତ । ଏଠି ଆଉ ସବୁ ସମ୍ଭାବନା ଭୁଲ ବୋଲି ନିଶ୍ଚିତ । ମୁଁ ଦେଖିଲି ଜଣେ ନାମଜାଦା ଆନ୍ତର୍ଜାତିକ ଏଜେଣ୍ଟ୍ ନିକଟରେ ଲଣ୍ଡନରୁ ଚାଲିଯାଇଛନ୍ତି । ସେ ଯେଉଁ ଘରେ ରହନ୍ତି ସେଟା ଠିକ୍ ଅଣ୍ଡର-ଗ୍ରାଉଣ୍ଡ୍ ରେଲ ରାସ୍ତାଉପରେ । ସେତେବେଳେ ମୁଁ ଏତେ ଖୁସିହୋଇଗଲି ଯେ, ତୁମେ ମୋ ଚପଳତା ଦେଖି ବିସ୍ମିତ ହୋଇଗଲ ।"

"ଓଃ, ସେଇଥିପାଇଁ ତୁମେ ଏତେ ଉଲ୍ଲସିତ ହେଉଥିଲ ?"

"ହଁ, ସେଇଥିପାଇଁ । ତେର ନମ୍ବର କଲ୍‌ଫିଲଡ୍ ଗାର୍ଡନ୍‌ସରେ ରହୁଥିବା ମିଷ୍ଟର୍ ହୁଗୋ ଓବର୍‌ଷ୍ଟିନ୍ ମୋର ଲକ୍ଷ୍ୟ । ମୁଁ ଗ୍ଲଷ୍ଟର୍‌ରୋଡ୍ ଷ୍ଟେସନରେ ମୋର୍ କାମ ଆରମ୍ଭ କଲି । ଜଣେ ରେଲ୍‌କର୍ମଚାରୀ ମୋ' ସାଥିରେ ଯାଇ ମୋତେ ଖୁବ୍ ସାହାଯ୍ୟକଲେ । ତାଙ୍କ ସାଥିରେ ରେଲ୍‌ରାସ୍ତା ଉପରେ ଯାଇ ମୁଁ ଦେଖିଲି କଲ୍‌ଫିଲଡ୍ ଗାର୍ଡନସ୍‌ର ପଛପାଖ ଝରକାଗୁଡ଼ା ଠିକ୍ ରେଲ-ଲାଇନ ଉପରେ । ତା ଛଡ଼ା ତାଙ୍କଠୁ ଜାଣିଲି ଯେ, ସେ ଜାଗାରେ ଗୋଟାଏ ବଡ଼ ରେଲରାସ୍ତା ଅଣ୍ଡର-ଗ୍ରାଉଣ୍ଡ ରାସ୍ତାକୁ ଛେଦକରି ଯାଇଥିବାରୁ ଅନେକ ସମୟରେ ଅଣ୍ଡର-ଗ୍ରାଉଣ୍ଡ ଟ୍ରେନକୁ ସେଠି ପ୍ରାୟପ୍ରାୟ ଅଟକିବାକୁ ପଡ଼େ ।"

"ଚମତ୍କାର, ହୋମ୍‌ସ । ତୁମେ ତ ତେବେ ସବୁ ପାଇଗଲ ।"

Digitized by srujanika@gmail.com

"କେବଳ ସେଇଯାଏ ଉଆଟ୍‌ସନ୍ । ଆମର ଲକ୍ଷ୍ୟ ଆହୁରି କେତେ ଦୂରରେ । ହଁ, କଲ୍‌ଫିଲଡ୍ ଗାର୍ଡନ୍‌ସ୍‌ର ପଛପାଖ ଦେଖିସାରି ମୁଁ ସାମନା ପାଖଟା ଦେଖିବାକୁ ଗଲି । ନିଶ୍ଚିତଭାବେ ଜାଣିଲି ପକ୍ଷୀ ଉଡ଼ିଯାଇଛି । ଘରଟା ବେଶ୍ ବଡ଼ । ଉପରମହଲା ଘରଗୁଡ଼ାକରେ ବିଶେଷ କିଛି ଉପକରଣ ନାହିଁ ବୋଲି ମୋର ହୃଦ୍‌ବୋଧ ହେଲା । ଓବର୍‌ଷ୍ଟିନ୍ କେବଳ ଗୋଟିଏ ଚାକର-ସାଥିରେ ସେଠି ରହୁଥିଲେ । ସେ ଲୋକଟା ବୋଧହୁଏ ତାଙ୍କ କୁକର୍ମର ସାହାଯ୍ୟକାରୀ ଆଉ ତାଙ୍କର ବିଶ୍ୱସ୍ତ । ଆମକୁ ଜାଣିରଖିବାକୁ ହେବ ଯେ, ଓବର୍‌ଷ୍ଟିନ୍ ତାର ଚୋରାମାଲ ବିକ୍ରି କରିବାକୁ ଇଉରୋପ ମହାଦେଶକୁ ଯାଇଛି; କିନ୍ତୁ ଏଠୁ ପଳାଇଯିବା ତାର ଉଦ୍ଦେଶ୍ୟ ନୁହେଁ । କାରଣ ତା ବିରୁଦ୍ଧରେ କୌଣସି ଉଆରଣ୍ଟ୍ ଜାରିହେବାର ଭୟ ତାର ନାହିଁ କିମ୍ବା ଅନ୍ୟ କୌଣସି ଦେଶରେ ସ୍ଥାୟୀଭାବେ ରହିବାର ଧାରଣା ତାର ନଥିବ । ତଥାପି ଆମକୁ ଉଆରଣ୍ଟ୍‌ର ବ୍ୟବସ୍ଥା କରିବାକୁ ହେବ ।"

"ଆଚ୍ଛା ଆମେ ଆଗେ ଉଆରଣ୍ଟ୍ ଜାରିକରି ପରେ ତାକୁ ଆଇନ୍ ସମର୍ଥିତ କରିନେଲେ ଚଳିବନାହିଁ ?"

"ଆମପାଖରେ ଯାହା ପ୍ରମାଣ ଅଛି ସେଥିରେ ଅସମ୍ଭବ ।"

"ତାହେଲେ ଆମେ କ'ଣ କରିପାରିବାର ଆଶା ?"

"ଏ ଘର ଭିତରେ କ'ଣ ଚିଠିପତ୍ର ଥାଇପାରେ ଆମେ ଜାଣିନାହୁଁ ।"

"କଥାଟା ମୋତେ କିଛି ଭଲଲାଗୁନାହିଁ, ହୋମ୍‌ସ ।"

"କିଛି ଚିନ୍ତା କରନାହିଁ ବନ୍ଧୁ । ତୁମେ ଖାଲି ରାସ୍ତାରେ ଜଗିରହିବ । ମୁଁ ଘରଭିତରେ ପଶି ଆଉ ସବୁ କରିବି । ଯେଉଁଟା ଅପରାଧ ହୋଇପାରେ । କିନ୍ତୁ ବର୍ତ୍ତମାନ ସେ କଥା ବିଚାରକରିବା ବେଳନୁହେଁ । ମାଇକ୍ରଫ୍‌ଟଙ୍କ ଚିଠି, ନୌବାହିନୀ, ମନ୍ତ୍ରୀମଣ୍ଡଳ ଆଉ ଯେଉଁ ମହାମାନ୍ୟ ଲୋକ ଖବର ପାଇଁ ଅପେକ୍ଷା କରିଛନ୍ତି, ତାଙ୍କ କଥା ଭାବ । ଆମେ ଯିବାକୁ ବାଧ୍ୟ ।"

ଉତ୍ତରରେ ମୁଁ ଉଠି ଠିଆ ହେଲି । କହିଲି, "ତୁମେ ଠିକ୍ କହୁଛ, ହୋମ୍‌ସ । ଆମକୁ ଯିବାକୁ ହେବ ।"

Digitized by srujanika@gmail.com

ଖୁସିରେ ସେ ମୋ ହାତ ଧରିପକାଇ କହିଲେ, "ମୁଁ ଜାଣିଥିଲି, ତୁମେ ମୋଟେ କୁଣ୍ଠିତ ହେବନାହିଁ ।" ତାଙ୍କ ଆଖିରେ କ୍ଷଣକପାଇଁ ସ୍ନେହ ମମତାର ଲକ୍ଷଣ ଦେଖାଗଲା । କିନ୍ତୁ ତା ପରେ ପରେ ସେ ପୁଣି କର୍ତ୍ତବ୍ୟନିଷ୍ଠ ହୋଇଉଠିଲେ ।

କହିଲେ, "ଏଠୁ ସେ ଜାଗାଟା ପ୍ରାୟ ଅଧମାଇଲଏ; କିନ୍ତୁ ଆମର ତରତର ହେବା ଦର୍କାର ନାହିଁ । ଚାଲି ଯିବା । ହଁ, ଉପକରଣଗୁଡ଼ା ପକାଇଦେବନାହିଁ । ତାହେଲେ ତୁମକୁ ସନ୍ଦେହଜନକ ଲୋକବୋଲି ଆରେଷ୍ଟ ହୋଇଗଲେ ବଡ଼ ଦୁର୍ଭାଗ୍ୟ ଆସିଯିବ ।"

କଲ୍‌ଫିଲ୍‌ଡ୍ ଗାର୍ଡ଼ିନସ୍ ଧାଡ଼ିଏ ପ୍ଲାଟ ଭିତରୁ ଗୋଟେ ଘର । ଆଗରେ ଖମ୍ବ ଆଉ ପୋର୍ଟିକୋ । ଭିକ୍‌ଟୋରିଆନ୍ ଯୁଗର ଘର । ପାଖଘରେ ପିଲାମାନଙ୍କର ଗୋଟିଏ ପାର୍ଟି ଚାଲିଥାଏ । କାରଣ ଗ୍ରେଟ ପିଲାମାନଙ୍କର ଗୁଣୁଗୁଣୁ ଶବ୍ଦ ଆଉ ପିଆନୋର ଶବ୍ଦ ଶୁଣାଯାଉଥିଲା । ସେତେବେଳେ କୁହୁଡ଼ି ପଡ଼ିଥାଏ ଆଉ ଆମକୁ ଲୁଚାଇ ରଖିଥାଏ । ହୋମ୍‌ସ ଲଣ୍ଠନଟା ଲଗାଇ ବଗିଚା କବାଟଟା ପାଖରେ ଧରିଲେ ।

"ଏ ତ ଏକ ବଡ଼ିଆ ପ୍ରତିବନ୍ଧକ," ସେ କହିଲେ । "ଏଠାରେ ବୋଲ୍ଟ ଦିଆଯାଇଛି ଆଉ ତାଲପଡ଼ିଛି । ଆମେ ବରଂ କାନ୍ଥର ଅନ୍ୟ କେଉଁ ଜାଗାରେ ଚେଷ୍ଟାକରିବା । ସେଇ ଆଗରେ ଗୋଟେ ଖିଲଣଅଛି । କେହି ପୋଲିସ୍ ଲୋକ ଆସିଗଲେ ସେଠି ଛପିଯାଇହେବ । ମୋତେ ଉପରକୁ ଉଠିବାକୁ ସାହାଯ୍ୟକର ଉଆଟ୍‌ସନ୍ ଆଉ ମୁଁ ତୁମକୁ ସାହାଯ୍ୟକରି ଉଠାଇନେବି ।"

ମିନଟ୍‌କ ଭିତରେ ଆମେ ହତାଭିତରେ ପହଞ୍ଚିଗଲୁ । ଗୋଟେ ଅନ୍ଧାରୁଆ ଜାଗାକୁ ଯାଉଛୁ କି ନାହିଁ, ଜଣେ ପୋଲିସ୍‌ର ଭାରି ବୁଟ୍‌ଜୋତାର ଶବ୍ଦ ଶୁଣାଗଲା । ଅଳ୍ପେ ଅଳ୍ପେ ସେ ଦୂରରେ ମିଳାଇଗଲା । ହୋମ୍‌ସ ଜିନ୍‌ମହଲର କବାଟରେ ତାଙ୍କ କାମ ଆରମ୍ଭ କରିଦେଲେ । ଶେଷରେ ସାମାନ୍ୟ ଶବ୍ଦକରି ଦରଜାଟା ଖୋଲିଗଲା । ଆମେ ସେଇ ବାଟେ ଅନ୍ଧାରୁଆ ବାରଣ୍ଡାକୁ ବୁକିଗଲୁ । କବାଟ ବନ୍ଦକରିଦେଇ ହୋମ୍‌ସ ବାଟ କଢ଼ାଇନେଲେ । ତାଙ୍କ ହାତର ଆଲୁଅ ଗୋଟେ [illegible] ଉପରେ ପଡ଼ିଲା ।

Digitized by srujanika@gmail.com

"ଆମେ ଠିକ୍ ଜାଗାରେ ପହଞ୍ଚିଛେ, ୱାଟ୍‌ସନ୍ ।" ସ୍ତ୍ରୀ'କହି ସେ ଝରକାଟା ଖୋଲିଦେଲେ । ଦୂରରୁ ଗୋଟେ କ୍ଷୀଣଶବ୍ଦ ଶୁଣାଗଲା । ଆସ୍ତେ ଆସ୍ତେ ଶବ୍ଦଟା ଜୋର ଶୁଣାଗଲା ଆଉ ଆମ ପାଖଦେଇ ଗୋଟେ ଟ୍ରେନ୍ ଚାଲିଗଲା । ହୋମ୍‌ସ ଝରକା ଚଉକାଠଟାରେ ଆଲୁଅ ପକାଇଲେ । ଇଂଜିନ୍ ଧୂଆଁରେ ସେଟା ପୁରା କଳା ହୋଇଯାଇଥିଲା; କିନ୍ତୁ କେତେଟା ଜାଗାରେ କିଛି ଘଷିହୋଇ କଳାରଙ୍ଗଟା ଛାଡ଼ିଯାଇଥିଲା ।

"ଏଇ ଜାଗାରେ ସେମାନେ ମୃତଦେହଟାକୁ ରଖିଥିଲେ ବୋଲି ତୁମେ ନିଶ୍ଚୟ ଜାଣିପାରୁଥିବ । କିନ୍ତୁ ୱାଟ୍‌ସନ୍, ଏ କ'ଣ ? ଏଇଟା ରକ୍ତଚିହ୍ନ ବୋଲି କୌଣସି ସନ୍ଦେହ କରିଯାଇପାରେନା ।" ସେ ଝରକା କାଠରେ କେତେକ ଚିହ୍ନ ଠାରି ଦେଖାଇଦେଲେ । "ଏଇଠି ସିଡ଼ିପଥର ଉପରେ ବି ସେଇ ଚିହ୍ନ । ଆମର ପରୀକ୍ଷା ସରିଗଲା । କୌଣସି ଟ୍ରେନ୍ ଏଇ ଜାଗାରେ ଅଟକିବା ପର୍ଯ୍ୟନ୍ତ ଆମେ ଅପେକ୍ଷା କରିବା ।"

ଆମକୁ ବେଶି ସମୟ ଅପେକ୍ଷାକରିବାକୁ ପଡ଼ିଲାନାହିଁ । ପରବର୍ତ୍ତୀ ଟ୍ରେନ୍ ସୁଡ଼ଙ୍ଗଭିତରୁ ଗର୍ଜନକରି ମାଡ଼ିଆସିଲା; କିନ୍ତୁ ଠିକ୍ ସୁଡ଼ଙ୍ଗ ବାହାରକୁ ଆସି ତା ଗତି ମନ୍ଥର ହୋଇଗଲା । ବ୍ରେକ୍ ଶବ୍ଦ ଶୁଣାଗଲା ଏବଂ ଆମେ ଥିବା ଜାଗାର ଠିକ୍ ତଳେ ଟ୍ରେନ୍‌ଟା ଅଟକିଗଲା । ଝରକା ଧାରରୁ ରେଲ୍‌ଡବାର ଛାତ ମୋଟେ ଚାରିଫୁଟ ଛାଡ଼ିଥିଲା । ହୋମ୍‌ସ ଆସ୍ତେ ଝରକାଟା ବନ୍ଦ-କରିଦେଲେ ।

"ଏପର୍ଯ୍ୟନ୍ତ ଆମେ ଠିକ୍ ଅଛେ । ତୁମେ ଏ ବିଷୟରେ କ'ଣ ଭାବୁଛ, ୱାଟସନ୍ ?"

"ଏଟା ତୁମର ସର୍ବଶ୍ରେଷ୍ଠ କୃତିତ୍ୱ । ଆଗରୁ ତୁମେ କେବେ ଏତେ ଉଚ୍ଚକୁ ଉଠିନଥିଲ ।"

"ଏଇଠି ମୁଁ ତୁମ ସହିତ ଏକମତ ହୋଇପାରୁନାହିଁ । ଯେତେବେଳେ ମୃତ ଶରୀରଟା ଗାଡ଼ିଛାତ ଉପରେ ଥିବାର ମୁଁ କଳ୍ପନା କଲି ସେତେବେଳୁ ବାକି ସବୁଟା ପରିଷ୍କାର ଜଣାଗଲା । ଏ ଘଟଣାରେ ଦେଶର ଗୁରୁତର ସ୍ୱାର୍ଥ ନିହିତ ନଥିଲେ ଆମେ ଏଯାଏଁ ଯାହା କରିଛେ ତା ମୋଟେ ଉଲ୍ଲେଖନୀୟ

Digitized by srujanika@gmail.com

ନୁହେଁ । ଆମ ଆଗରେ ପ୍ରକୃତ ଅସୁବିଧାଯାକ ରହିଛି । କିନ୍ତୁ ମୋର ଆଶା ଆମକୁ ସାହାଯ୍ୟ କଲାପରି କିଛି ଆମେ ଏଇଠୁ ପାଇପାରିବା ।"

ରେଷ୍ଟୋରାଁ ସିଡ଼ିଉପରେ ଉଠି ଆମେ ପ୍ରଥମ ମହଲାର ଧାଡ଼ିଏ ଘର ପାଖରେ ପହଞ୍ଚିଲୁ । ସେଥିରୁ ବଖରାଏ ଖାଇବାଘର । ଘରେ ଗୁଡ଼ାଏ ଜିନିଷପତ୍ର ଥିଲା; କିନ୍ତୁ ଆମର ଆଗ୍ରହ ହେଲାଭଳି କିଛି ନଥିଲା । ଦ୍ୱିତୀୟ ବଖରାଟା ଶୋଇବାଘର । ସେ ଘରେ ମଧ୍ୟ ସେମିତି କିଛି ଜିନିଷ ନଥିଲା । ଶେଷ ତୃତୀୟ ବଖରାରେ କିଛି ଥିଲାପରି ଜଣାଗଲା । ହୋମ୍‌ସ ଖୁବ୍ ଯତ୍ନରେ ସେ ଘର ପରୀକ୍ଷା କରିବାରେ ଲାଗିଗଲେ । ଘରଟାରେ ବହି, କାଗଜପତ୍ର ଗଦା । ଜଣାଗଲା ସେଇଟା ପଢ଼ାଘର । ଖୁବ୍ ଶୀଘ୍ର ଅଥଚ ଖୁବ୍ ଯତ୍ନରେ ହୋମ୍‌ସ ଡ୍ରୟର୍ ପରେ ଡ୍ରୟର୍, ଆଲମିରା ପରେ ଆଲମିରା ଖୋଜିଚାଲିଲେ; କିନ୍ତୁ ସଫଳତାର କୌଣସି ଆଭାସ ତାଙ୍କ ମୁହଁରେ ଦେଖାଗଲା ନାହିଁ । ଘଣ୍ଟାଏ ବିତିଗଲା; କିନ୍ତୁ କିଛି ଫଳ ମିଳିଲାନାହିଁ ।

ଟିକିଏ ହତାଶ ଆଉ ବିରକ୍ତହୋଇ ହୋମ୍‌ସ କହିଲେ, "ଧୂର୍ତ୍ତ କୁକୁରଟା ସବୁ ସଙ୍କେତ ପୋଛିଦେଇଛି । ତାକୁ ଧରିବାଭଳି କିଛି ଛାଡ଼ିନାହିଁ । କାଗଜପତ୍ର ସବୁ ସେ ନଷ୍ଟ କରିଦେଇଛି କିମ୍ବା ସାଥିରେ ନେଇଯାଇଛି । ଏଇ ଜିନିଷଟା ଆମର ଶେଷ ଆଶା ।"

ସେ ଜିନିଷଟା ହେଲା ଟେବୁଲଉପରେ ଥିବା ଗୋଟେ ଛୋଟ ଟିଣ ବାକ୍‌ସ । ହୋମ୍‌ସ ତାଙ୍କ ବଟାଳିରେ ସେଟାକୁ କାଟି ଖୋଲିଦେଲେ । ଭିତରେ କେତେଗୁଡ଼ାଏ କାଗଜବିଡ଼ା । ତା ଉପରେ କେତେ ଗୁଡ଼େ ସଂଖ୍ୟା ଆଉ ହିସାବଲେଖା । କିନ୍ତୁ ସେଗୁଡ଼ା କି ହିସାବ ତା'ର କିଛି ସଙ୍କେତ ନଥିଲା । କିନ୍ତୁ 'ପାଣିର ଚାପ', 'ଏକ ବର୍ଗ ଇଞ୍ଚରେ ଚାପ' ଶବ୍ଦ ଗୁଡ଼ା ବାରମ୍ବାର ଲେଖା ହୋଇଥିଲା । ସେଥିରୁ ଜଣାଗଲା ବୁଡ଼ାଜାହାଜ ସଙ୍ଗେ ତାର କିଛି ସମ୍ପର୍କ ଥିବା ସମ୍ଭବ । ହୋମ୍‌ସ ଅସ୍ଥିରହୋଇ ସେଗୁଡ଼ା ଗୋଟେ କଡ଼କୁ ଆଡ଼େଇଦେଲେ । ଆଉ ରହିଲା କେବଳ ଗୋଟେ ଲଫାଫା । ତା'ଭିତରେ ଖବରକାଗଜର କେତେକ କଟାଅଂଶ । ସେ ସେଗୁଡ଼ାକୁ ଟେବୁଲଉପରେ ଝାଡ଼ିଦେଲେ ଆଉ

Digitized by srujanika@gmail.com

ସାଙ୍ଗେ ସାଙ୍ଗେ ତାଙ୍କ ବ୍ୟଗ୍ର ମୁହଁରୁ ଜାଣିଲି ତାଙ୍କ ମନରେ ପୁଣି ଆଶା ଜାଗ୍ରତହୋଇଛି ।

"ଏଗୁଡ଼ା କ'ଣ ଉଆଟ୍‌ସନ୍, ଏଗୁଡ଼ା କ'ଣ ? ଗୋଟେ ଖବରକାଗଜରେ ଦିଆଯାଇଥିବା ବିଜ୍ଞାପନର ରେକର୍ଡ଼ । କାଗଜ ଆଉ ଛପାରୁ ଜଣାଯାଉଛି ଡେଲି ଟେଲିଗ୍ରାଫ୍ କାଗଜର ବିଜ୍ଞାପନ । ଏଥିରେ ତାରିଖ ନାହିଁ; କିନ୍ତୁ ଖବର ଗୁଡ଼ା କ୍ରମଅନୁସାରେ ଜଣାପଡ଼ିଯାଉଛି । ଏଇଟା ନିଶ୍ଚୟ ପ୍ରଥମ—"ଶୀଘ୍ର ଜାଣିବାର ଆଶା । ସର୍ତ୍ତରେ ରାଜି । କାର୍ଡରେ ଦେଇଥିବା ଠିକଣାକୁ ଶୀଘ୍ର ଲେଖିଜଣାଅ—ପାଇରଟ ।"

ତା'ପରେ—"ବର୍ଣ୍ଣନା ଅତି ଜଟିଳ । ପୂରା ରିପୋର୍ଟ ଦରକାର । ଜିନିଷ ଦେଲା ମାତ୍ରେ ତାର ମୂଲ୍ୟ ଦିଆଯିବ ।—ପାଇରଟ୍ ।"

ତା'ପରେ—"କଥାଟା ଜରୁରୀ । ଚୁକ୍ତି ପୂରଣନହେଲେ ଯାହା ଦିଆଯିବା କଥାବନ୍ଧ କରିଦିଆଯିବ । କେବେ ଦେଖା ହେବ ଚିଠିରେ ଜଣାଅ । ବିଜ୍ଞାପନରେ ମୋର ସ୍ୱୀକୃତି ଜଣାଇବି—ପାଇରଟ୍ ।"

ଶେଷରେ—"ସୋମବାର ରାତି ନଅଟା ପରେ । ଦୁଇ ଥର ଠକ୍ ଠକ୍ । କେବଳ ଆମେ ଦୁଇଜଣ । ସନ୍ଦେହର କାରଣ ନାହିଁ । ଜିନିଷ ଦେଲାବେଳେ ନଗଦ ପଇସା ଦିଆଯିବ—ପାଇରଟ୍ ।"

"ବେଶ୍ ସମ୍ପୂର୍ଣ୍ଣ ବିବରଣୀ, ଉଆଟ୍‌ସନ୍ । ଆମେ ଯଦି କେବଳ ଜାଣି-ପାରନ୍ତେ ଆରପାଖ ଲୋକ କିଏ !" ସେ ଟେବୁଲ୍ ଉପରେ ଆଙ୍ଗୁଠି ଠକ୍ ଠକ୍ କରି ଭାବନାରେ ବୁଡ଼ିରହିଲେ । ଶେଷରେ ଉଠି ଠିଆହୋଇ କହିଲେ, "ଯାହାହେଉ, ସେଇଟାଜାଣିବା ବିଶେଷ କଷ୍ଟକର ହେବ ନାହିଁ ବୋଧହୁଏ । ଆଉ ଏଠି କିଛି କରିବାର ନାହିଁ, ଉଆଟ୍‌ସନ୍ । ମୁଁ ଭାବୁଛି ଏଥର ଆମେ ଡେଲି ଟେଲିଗ୍ରାଫ୍ ଖବରକାଗଜ ଅଫିସ୍‌କୁ ଯିବା ଆଉ ସାରାଦିନ କାମର ଉପସଂହାର କରିବା ।"

ତା'ପରଦିନ ଜଳଖିଆ ସରିଲାବେଳକୁ ହୋମ୍‌ସଙ୍କଠାରୁ ଖବରପାଇ ମାଇକ୍ରଫଟ୍ ହୋମ୍‌ସ ଆଉ ଲେଷ୍ଟ୍ରେଡ୍ ଆସି ପହଞ୍ଚିଥାନ୍ତି । ସେର୍‌ଲକ୍

Digitized by srujanika@gmail.com

ହୋମ୍ସ ଆମର ପୂର୍ବଦିନର କାମ ସବୁ ତାଙ୍କୁ କହିସାରିଥିଲେ । ଆମେ ଯେଉଁ ତଦନ୍ତ କରିବା କଥା କହିଲୁ ତା ଶୁଣି ସରକାରୀ ଡିଟେକ୍ଟିଭ୍ ମୁଣ୍ଡ ହଲାଇଲେ ।

ସେ କହିଲେ, "ଆମେ ସରକାରୀ ପୋଲିସ ଏମିତି କାମ କରିପାରିବୁ ନାହିଁ । ତେଣୁ ଯାହା ଆମ ଅକ୍ତିଆର ବାହାରେ ତୁମେ ସେଟାକରି ଫଳ-ପାଇବାଟା କିଛି ବିଚିତ୍ର ନୁହେଁ । କିନ୍ତୁ ମନେରଖ, କେତେବେଳେ ତୁମେ ଆଉ ତୁମ ବନ୍ଧୁ ଏଥିପାଇଁ ବିପଦରେ ପଡ଼ିଯିବ ।"

"ଇଂଲଣ୍ଡ ପାଇଁ, ଜନ୍ମଭୂମି ପାଇଁ, ଆଉ ସୌନ୍ଦର୍ଯ୍ୟ ପାଇଁ—ନା, ୱାଟ୍‌ସନ୍ । ଆମ ଦେଶର ବେଦିରେ ଶହୀଦ୍; କିନ୍ତୁ ଏ ବିଷୟରେ ତୁମର ମତ କ'ଣ, ମାଇକ୍ରଫଟ୍ ?"

"ଚମତ୍କାର ସେର୍ଲକ୍, ପ୍ରଶଂସନୀୟ ! କିନ୍ତୁ ସେଥିରୁ ତୁମେ କି ଲାଭ ପାଇବ ?"

ଟେବୁଲ୍ ଉପରେ ଥିବା ଡେଲି ଟେଲିଗ୍ରାଫ୍ କାଗଜଟାଉଠାଇ ହୋମ୍ସ କହିଲେ, "ପାଇରଟ୍ ଆଜି ଦେଇଥିବା ବିଜ୍ଞାପନଟା ଦେଖିଛ ?"

"କ'ଣ, ଆଉ ଗୋଟେ ବିଜ୍ଞାପନ ?"

"ହଁ, ଏଇ ସେଟା ।"

"ଆଜି ରାତିରେ । ସେଇ ଏକା ସମୟ । ଏକା ଜାଗା । ଦୁଇ ଥର ଠକ୍ ଠକ୍ । ଅତି ଗୁରୁତ୍ୱପୂର୍ଣ୍ଣ । ତୁମ ନିଜ ନିରାପତ୍ତା ବିପନ୍ନ ।—ପାଇରଟ୍ ।"

ଲେଷ୍ଟ୍ରେଡ୍ କହିଉଠିଲେ, "ବାଃ, ବାଃ ! ସେ ଯଦି ଏ ଅନୁଯାରେ କାମ କରନ୍ତି ଆମେ ନିଶ୍ଚୟ ତାଙ୍କୁ ଧରିପାରିବା ।"

"ସେଇଥି ଭାବି ମୁଁ କାଗଜରେ ଏ ବିଜ୍ଞାପନଟା ଦେଇଛୁ । ରାତି ଆଠଟା ବେଳକୁ ତୁମେ ଦୁ'ଜଣ ଯଦି ଆମ ସାଥିରେ କଲ୍‌ଫିଲଡ୍ ଗାର୍ଡନ୍‌ସକୁ ଆସି-ପାରିବ ତେବେ ଆମେ ଏ ସମସ୍ୟାର ସମାଧାନ ଦିଗରେ ଖୁବ୍ ଆଗେଇ ଯାଇପାରିବା ବୋଲି ମୋର ଆଶା ।"

ସେର୍ଲକ୍ ହୋମ୍ସଙ୍କର ଗୋଟେ ଉଲ୍ଲେଖନୀୟ ଗୁଣଥିଲା । ସେ ଯେତେ-ବେଳେ ଦେଖୁଥିଲେ କୌଣସି ଗୁରୁତର କାମରେ ମନଦେବାରେ କିଛି

Digitized by srujanika@gmail.com

ଲଭନାହିଁ, ହଠାତ୍‌ ତାଙ୍କ ମନକୁ ଅନ୍ୟ ଶ୍ରେଷ୍ଠକାମଆଡ଼େ ନେଇଯାଇପାରନ୍ତି । ମୋର କିନ୍ତୁ ହଠାତ୍‌ ମନକୁ ଗୋଟେ ଆଡ଼ୁ ଅନ୍ୟ ଆଡ଼େ ନେଇଯିବାର ଶକ୍ତିନଥିଲା । ଫଳରେ ଦିନଟା ମୋତେ ଅସରନ୍ତି ଲାଗିଲା । ଏଇ ବିଚିତ୍ର କାର୍ଯ୍ୟ ସମସ୍ୟାର ଗୁରୁତ୍ୱ, ଉଚ୍ଚମହଲର ଆଶଙ୍କା, ଆମର ଅନୁଭୂତ ଆଦି ସବୁ ଏକାଠି ହୋଇ ମୋ ଉପରେ ପ୍ରଭାବ ପକାଇଲେ । ଶେଷରେ ରାତି ସାମାନ୍ୟ ଖାଇସାରି ଆମେ ଯେତେବେଳେ ଆମ ଅଭିଯାନରେ ବାହାରିଲୁ ମୋ ମୁଣ୍ଡ ହାଲୁକା ଲାଗିଲା । ଗ୍ଲଷ୍ଟର୍‌ରୋଡ଼୍‌ ଷ୍ଟେସନ୍‌ପାଖରେ, ଆଗରୁ ସ୍ଥିରହୋଇଥିବା ଅନୁସାରେ, ଲେସ୍‌ଟ୍ରେଡ଼୍‌ ଆଉ ମାଇକ୍ରଫ୍‌ଟ୍‌ ଆମକୁ ଭେଟିଲେ । ଆଗ ଦିନ ରାତିରୁ ଓବର୍‌ଷ୍ଟିନ୍‌ଙ୍କ ଦ୍ୱାର ଦରଜାଟା ଖୋଲାଥିଲା । ନଅଟାବେଳକୁ ଆମେ ଯାଇ ପଢ଼ାଘରେ ବସି ଖୁବ୍‌ ଧୈର୍ଯ୍ୟଧରି ଆମ ଲୋକକୁ ଅପେକ୍ଷାକରି ରହିଲୁ ।

ଘଣ୍ଟାଏ ବିତିଗଲା । ଆଉରି ଘଣ୍ଟାଏ ବି ଗଲା । ଗୀର୍ଜାର ଘଣ୍ଟାରେ ଯେତେବେଳେ ଏଗାରଟା ବାଜିଲା ଆମ ଆଶା ମଉଳିଆସିଲା । ଲେସ୍‌ଟ୍ରେଡ଼୍‌ ଆଉ ମାଇକ୍ରଫ୍‌ଟ୍‌ ତାଙ୍କ ଜାଗାରେ ଅସ୍ଥିର ହେବେ ବସି ପ୍ରତି ମିନିଟ୍‌ରେ ହାତଘଣ୍ଟାକୁ ଚାହୁଁଥାନ୍ତି । ହୋମ୍‌ସ ଧୀରସ୍ଥିର ହୋଇ ବସିଥାନ୍ତି । ତାଙ୍କ ଆଖିପତା ଅଧା ବୁଜି ହୋଇଯାଇଥାଏ; କିନ୍ତୁ ପ୍ରତ୍ୟେକ ଇନ୍ଦ୍ରିୟ ସଜାଗ ହୋଇରହିଥାଏ ।

ହଠାତ୍‌ ସେ ମୁଣ୍ଡଟେକି କହିଲେ, "ସେ ଆସୁଛି ।"

ଦରଜାପାଖରେ ଚପା ପାଦଶବ୍ଦ ଶୁଣାଗଲା । ପୁଣି ସେ ଶବ୍ଦ ପାଖେଇ ଆସିଲା । କେହି ଟ୍ରେଟେଇ ଟ୍ରେଟେଇ ଫାଙ୍କରେ ଚାଲିବାପରି ଜଣାଗଲା । ତା'ପରେ କବାଟଉପରେ ଦି'ଥର ଠକ୍‌ ଠକ୍‌ ଶବ୍ଦ ହେଲା । ଆମକୁ ଚୁପ୍‌ଚାପ୍‌ ବସିରହିବାକୁ ଇଙ୍ଗିତଦେଇ ହୋମ୍‌ସ ଉଠିଲେ । ଘର ଭିତରର ଗ୍ୟାସ୍‌ଆଲୁଅ ଖୁବ୍‌ ଫିକା ଜଳୁଥିଲା । ସେ ବାହାର କବାଟଟା ଖୋଲିଦେଲେ । ଗୋଟାଏ କଳାମୂର୍ତ୍ତି ତାଙ୍କ ପାଖଦେଇ ଭିତରକୁ ପଶିଆସିଲା । ତାପରେ ସେ କବାଟ ବନ୍ଦକରି ଜୋରରେ ବାନ୍ଧିଦେଲେ । ଆମେ ଶୁଣିଲୁ ହୋମ୍‌ସ କହୁଛନ୍ତି, "ଏଇ ଆଡ଼କୁ ଆସନ୍ତୁ ।" ଟିକିଏ ପରେ ଆମ ଲୋକ ଆସି ଆମଆଗରେ

Digitized by srujanika@gmail.com

ଠିଆ ହୋଇଗଲା । ହୋମ୍‌ସ ଗ୍ଡଇପରି ତା' ପଛେ ପଛେ ଥାଆନ୍ତି । ଲୋକଟା ବସ୍ତୁସ୍ବରେ ଚିତ୍କାରକରି ବୁଲିପଡ଼ିଲା ମାତ୍ରେ ହୋମ୍‌ସ ତା ସାର୍ଟ କଲାରକୁ ଧରିପକାଇଲେ ଆଉ ତାକୁ ଘରଭିତରକୁ ପେଲିଦେଲେ । ଆମର ବନ୍ଦୀ ପୁଣି ଦୃଢ଼ ହୋଇଉଠିବା ଆଗରୁ କବାଟଟା ବନ୍ଦକରିଦିଆଯାଇଥିଲା ଆଉ ହୋମ୍‌ସ କବାଟକୁ ପିଠିଦେଇ ଦୃଢ଼ଭାବେ ଠିଆହୋଇଥା'ନ୍ତି । ଲୋକଟା ଗ୍ଡରିଆଡ଼କୁ ଗ୍ଡହିଁଦେଇ ଥରିଥରି ମେଜିଆ ଉପରେ ଅଚେତହୋଇ ପଡ଼ିଗଲା । ତା ଚଉଡ଼ାଧାରଥିବା ଟୋପିଟା ମୁଣ୍ଡରୁ ଖସିପଡ଼ିଲା ଆଉ ଓଠକୁ ଢାଙ୍କିଥିବା ଗଳାବନ୍ଧା ପୋଷକଟା ଖସିଗଲା । ଲମ୍ବା ଦାଢ଼ିଥିବା ଗୋଟାଏ କୋମଳ ଆଉ ସୁନ୍ଦର ମୁହଁ ଦେଖାଗଲା । ସେ ମୁହଁ କର୍ଣ୍ଣେଲ୍ ଭ୍ୟାଲେଣ୍ଟାଇନ୍ ଉଆଲ୍-ଟର୍‌ଙ୍କର ।

ଅତି ଆଶ୍ଚର୍ଯ୍ୟ ହୋଇ ହୋମ୍‌ସ କହିଲେ, "ଏଥର ତୁମେ ମୋତେ ନିପଟ ଗଧବୋଲି ଲେଖିପାର, ଉଆଟ୍‌ସନ୍ । ମୋ ଜାଲରେ ଏ ଚଢ଼େଇ ପଡ଼ିବ ବୋଲି ମୁଁ କଳ୍ପନା ମଧ୍ୟ କରିନଥିଲି ।"

ବ୍ୟଗ୍ରହୋଇ ମାଇକ୍ରଫ୍‌ଟ୍ ପଗ୍ଡରିଲେ, "ସେ କିଏ ?"

"ବୁଡ଼ାଜାହାଜ ବିଭାଗର ମୁଖ୍ୟ ମୃତ ସାର୍ ଜେମ୍‌ସ ଉଆଲ୍‌ଟର୍‌ଙ୍କ ସାନଭାଇ । ହଁ,-ହଁ, ତାଙ୍କ କାର୍ଡ଼ ପଡ଼ିସିବାର ମୁଁ ଦେଖୁଛି । ତାଙ୍କର ଚେତା ଫେରିଆସୁଛି । ମୁଁ ଭାବୁଛି ତାଙ୍କୁ ପ୍ରଶ୍ନ ପଗ୍ଡରିବା ଦାୟିତ୍ବଟା ମୋ ଉପରେ ଗ୍ଡଡ଼ିଦେଲେ ଭଲ ହେବ ।"

ଆମେ ତାଙ୍କୁ ସୋଫାଉପରକୁ ଟେକିନେଲୁ । ଏଥରେ ସେ ଉଠି ବସିଲେ । ଭୟଭୀତ ହୋଇ ଗ୍ଡରିଆଡ଼କୁ ଗ୍ଡହିଁ କପାଳରେ ହାତମାରିଲେ । ସତେ ଯେମିତି ସେ ନିଜ ଆଖିକୁ ବିଶ୍ବାସ କରିପାରୁନାହାଁନ୍ତି । ଶେଷରେ କହିଲେ, "ଏ କ'ଣ ? ମୁଁ ଓବର୍‌ଷ୍ଟିନ୍‌ଙ୍କ ସାଥିରେ ଦେଖାକରିବାକୁ ଏଠିକି ଆସିଥିଲି ।"

ହୋମ୍‌ସ କହିଲେ, "ସବୁ କଥା ଜଣାପଡ଼ିଯାଇଛି, କର୍ଣ୍ଣେଲ୍ ଉଆଲ୍‌ଟର୍ । ଜଣେ ଇଂରେଜ ଭଦ୍ରଲୋକ କେମିତି ଏ କାମ କରିପାରନ୍ତି ମୁଁ କଳ୍ପନା

Digitized by srujanika@gmail.com

କରିପାରୁନାହିଁ । କିନ୍ତୁ ଓବର୍‌ଷ୍ଟିନ୍‌ଙ୍କ ସାଥିରେ ଆପଣଙ୍କର ସମ୍ପର୍କ ଆଉ ସବୁ ଚିଠିପତ୍ର ଦେବାନେବା କଥା ଆମେ ଜାଣିସାରିଛୁ । ତା'ଛଡ଼ା କି ପରିସ୍ଥିତିରେ କାଡ଼ୋଗାନ୍ ୱେଷ୍ଟଙ୍କର ମୃତ୍ୟୁ ହୋଇଛି ତା ବି ଜାଣିଛୁ । ତେଣୁ ମୋର ଉପଦେଶ, ଆପଣ ସବୁ କଥା ସ୍ୱୀକାରକରି ଅନୁତାପ କରନ୍ତୁ । କାରଣ କେତେ ଗୁଡ଼ିଏ ଟିକିନିଖି ଘଟଣା ଆମେ କେବଳ ଆପଣଙ୍କ ମୁହଁରୁ ଶୁଣି-ପାରିବୁ ।"

କର୍ଣ୍ଣେଲ୍ ଖୁବ୍ ଦୁଃଖରେ ହାତପାପୁଲିରେ ମୁହଁଚାପି ବସିଗଲେ । ଆମେ ଅପେକ୍ଷାକଲୁ; କିନ୍ତୁ ସେ ପାଟିଫିଟାଇଲେ ନାହିଁ । ହୋମ୍‌ସ କହିଲେ, "ମୋ କଥା ବିଶ୍ୱାସ କରନ୍ତୁ । ଯାହାକିଛି ଆବଶ୍ୟକୀୟ ତଥ୍ୟ ଆମେ ଜାଣିସାରିଛୁ । ଆମେ ଜାଣୁ ଆପଣଙ୍କର ପଇସା ନିତାନ୍ତ ଦରକାର ଥିଲା । ଆପଣ ଆପଣଙ୍କ ଭାଇ ରଖିଥିବା ଚାବିର ଛାପ ନେଇଗଲେ । ଓବର୍‌ଷ୍ଟିନ୍ ସାଥିରେ ଯୋଗାଯୋଗ ସ୍ଥାପନ କଲେ । ସେ ଡେଲି ଟେଲିଗ୍ରାଫ୍ କାଗଜର ବିଜ୍ଞାପନ ସ୍ତମ୍ଭରେ ଆପଣଙ୍କୁ ଉତ୍ତର ଦେଲେ । ଆମେ ଜାଣୁ ,ସୋମବାର ଦିନ ଘନକୁହୁଡ଼ି ଭିତରେ ଆପଣ ଅଫିସ୍‌କୁ ଗଲେ; କିନ୍ତୁ କାଡ଼ୋଗାନ୍ ୱେଷ୍ଟ ଆପଣଙ୍କୁ ଦେଖିନେଲେ ଏବଂ ଆପଣଙ୍କ ପିଛାଧରିଲେ । କୌଣସି କାରଣରୁ ସେ ଆପଣଙ୍କୁ ସନ୍ଦେହ କଲେ । ଆପଣ ଚୋରିକରିବାର ସେ ଦେଖିଲେ । କିନ୍ତୁ ସେ ହୁରିକରି ଡାକିପାରିଲେନାହିଁ । କାରଣ ସେ ଭାବିଲେ ଆପଣ କାଗଜଗୁଡ଼ା ନେଇ ଆପଣଙ୍କ ଭାଇଙ୍କ ପାଖକୁ ଲଣ୍ଡନ୍ ଯାଉଥିବା ସମ୍ଭବ ହୋଇପାରେ । ସେ ଜଣେ ଦେଶପ୍ରେମୀ ନାଗରିକ । ନିଜର ବ୍ୟକ୍ତିଗତ ସବୁ କାମ ଛାଡ଼ି ସେଇ ଘନକୁହୁଡ଼ି ଭିତରେ ଆପଣଙ୍କ ପଛେ ପଛେ ଗଲେ । ଶେଷରେ ଆପଣ ଆସି ଏଇ ଘରପାଖେ ପହଞ୍ଚିଲେ । ସେତିକିବେଳେ ସେ ଆପଣଙ୍କ କାମରେ ବାଧାଦେଲେ ଆଉ ଆପଣ କର୍ଣ୍ଣେଲ୍ ୱାଲ୍‌ଟର୍, ବିଶ୍ୱାସଘାତକତା ସାଙ୍ଗକୁ ଆହୁରି ଗୁରୁତର ନରହତ୍ୟା ଅପରାଧ ମିଶାଇଦେଲେ ।"

ଆମର ବନ୍ଦୀ ବିଚରା କହିଉଠିଲେ, "ନା, ନା, ମୁଁ ହତ୍ୟା କରିନାହିଁ । ଭଗବାନଙ୍କ ନାଁରେ ଶପଥକରି କହୁଛି, 'ମୁଁ ହତ୍ୟା କରିନାହିଁ' ।"

Digitized by srujanika@gmail.com

"ତାହେଲେ ଆପଣ କାଡ୍ରୋଗାନ୍ ୱେଷ୍ଟ କଁର ମୃତଦେହକୁ ରେଲଗାଡ଼ିର ଛାତଉପରେ ରଖିବା ଆଗରୁ ସେ କେମିତି ମଲେ ସେ କଥା ଆମକୁ କହନ୍ତୁ ।"

"ମୁଁ କହିବ । ନିଶ୍ଚୟ କହୁଛି ମୁଁ କହିବ । ମୁଁ ଆଉ ସବୁ କାମ କରିଛି । ସେ କଥା ମୁଁ ସ୍ୱୀକାର କରୁଛି । ମୋର ଗୋଟେ ଧାର ପରିଶୋଧ କରିବାର ଥିଲା । ପଇସା ମୋର ନିହାତି ଦର୍କାର ଥିଲା । ଓବର୍‌ଷ୍ଟିନ୍ ମୋତେ ପାଞ୍ଚହଜାର ପାଉଣ୍ଡ ଯାଚିଲେ । ମୁଁ ନିଜକୁ ରକ୍ଷାକରିବାକୁ ଯା'କରିଛି । କିନ୍ତୁ ହତ୍ୟା ବିଷୟରେ ମୁଁ ଆପଣଙ୍କପରି ନିର୍ଦ୍ଦୋଷ ।"

"ତା'ପରେ କ'ଣ ହେଲା ?"

"କାଡ୍ରୋଗାନ୍ ୱେଷ୍ଟଙ୍କ ମନରେ ଆଗରୁ ସନ୍ଦେହଥିଲା । ସେ ମୋ ପଛେ ପଛେ ଆସିଲେ । ଏଇ ଦରଜାପାଖରେ ପହଞ୍ଚିବାଯାଏଁ ମୁଁ କିଛି ଜାଣି ପାରିନଥିଲି । କବାଟରେ ଦୁ'ଥର ଠକ୍ ଠକ୍ କଲି । ଓବର୍‌ଷ୍ଟିନ୍ ଆସି ପହଞ୍ଚିଲେ । ସେତିକବେଳେ ତରୁଣ ୱେଷ୍ଟ ଦୌଡ଼ିଯାଇ କାଗଜଗୁଡ଼ା ଆମେ କ'ଣ କରୁଛୁ ବୋଲି ପଚାରିଲେ । ଓବର୍‌ଷ୍ଟିନ୍‌ଙ୍କ ହାତରେ ଗୋଟାଏ ଛୋଟ ବାଡ଼ି ଥିଲା । ସେ ସବୁବେଳେ ସେଟା ପାଖରେ ରଖିଥାନ୍ତି । କାଡ୍ରୋଗାନ୍ ୱେଷ୍ଟ ଆମ ପଛେ ପଛେ ଘରଭିତରକୁ ଧସାଇ ପଶିଗଲେ । ଓବର୍‌ଷ୍ଟିନ୍ ସେଇ ବାଡ଼ିରେ ତାଙ୍କ ମୁଣ୍ଡରେ ଗୋଟାଏ ପାହାରଦେଲେ । ଆଘାତଟା ମାରାତ୍ମକ ଥିଲା ଆଉ ପାଞ୍ଚମିନଟ୍ ଭିତରେ ୱେଷ୍ଟଙ୍କ ପ୍ରାଣ ଚାଲିଗଲା । ହଲ୍ ଘରେ ସେ ପଡ଼ିଥାନ୍ତି । ଆମେ କ'ଣ କରିବୁ ବୁଝି ହେଉନଥିଲା । ଘରର ପଛପାଖ ଝରକାପାଖରେ ଅଟକୁଥିବା ଟ୍ରେନ୍ କଥା ଓବର୍‌ଷ୍ଟିନ୍‌ଙ୍କ ମୁଣ୍ଡରେ ଢୁକିଲା । କିନ୍ତୁ ସେ ପ୍ରଥମେ ମୁଁ ଆଣିଥିବା କାଗଜଗୁଡ଼ା ପରୀକ୍ଷାକରି ଦେଖିଲେ । ସେ କହିଲେ ଯେ, ସେଥିରୁ ତିନିଟା ନିହାତି ଦର୍କାରି ଆଉ ସେ ସେଇ ତିନିଟା ରଖିବେ । ମୁଁ କହିଲି, 'ନା, ଆପଣ ରଖିଲେ ଚଳିବନାହିଁ । ସେଗୁଡ଼ା ଫେରାଇ ନ ନେଲେ ଉଲ୍‌ଉଇଚ୍‌ରେ ହଇଚଇ ପଡ଼ିଯିବ ।' ସେ କହିଲେ, 'ମୁଁ ନିଶ୍ଚୟ ସେଗୁଡ଼ା ରଖିବି । କାରଣ ସେଗୁଡ଼ା ଏତେ ଟେକ୍‌ନି-କାଲ୍ ଯେ, ଏଇ ଅଳ୍ପ ସମୟରେ ସେଗୁଡ଼ା ନକଲ୍ କରିବା ଅସମ୍ଭବ ।' ମୁଁ

Digitized by srujanika@gmail.com

କହିଲି, 'ତା'ହେଲେ ମୁଁ ସବୁଗୁଡ଼ା ନେଇ ରାତାରାତି ଫେରିଯିବି ।' ସେ କିଛି ସମୟ ଚିନ୍ତାକରି କହିଲେ, 'ଗୋଟିଏ ଉପାୟ ଅଛି । ମୁଁ ଏ ତିନୋଟି ନକ୍‌ସା ରଖିଛି । ବାକି ସାତଟି ଆମେ ଏଇ ଯୁବକର ପକେଟ୍‌ରେ ଭର୍ତ୍ତିକରିଦେବା । ଯେତେବେଳେ ତା ମୃତ ଶରୀର ମିଳିବ ସବୁ କାମ ତାର ବୋଲି ଜଣାଯିବ ।' ମୁଁ ଅନ୍ୟ କିଛି ବାଟ ଦେଖିପାରିଲିନାହିଁ । ତେଣୁ ତାଙ୍କ ପ୍ରସ୍ତାବ ଅନୁସାରେ ଆମେ କାମକଲୁ । ଝରକାପାଖରେ ଅଧଘଣ୍ଟେ ଅପେକ୍ଷା କଲାପରେ ଗୋଟିଏ ଟ୍ରେନ୍ ଆସି ଅଟକିଲା । ଖୁବ୍ ବହଳ କୁହୁଡ଼ି ପଡ଼ିଥିବା ଯୋଗୁଁ କିଛି ଦେଖା ଯାଉନଥାଏ । ଉଏଷ୍ଟ୍‌ଙ୍କର ମୃତ ଦେହଟି ଗୋଟିଏ ଡବାଗୁଡ଼ିକ ଉପରକୁ ଖସାଇଦେବାରେ କିଛି ଅସୁବିଧା ହେଲା ନାହିଁ । ସେଇଠି ଘଟଣା ଶେଷହେଲା ।"

"ଆଉ ଆପଣଙ୍କ ଭାଇ ?"

"ସେ କିଛି କହିଲେନାହିଁ । ଆଗରୁ ମୁଁ ଥରେ ତାଙ୍କ ଚାବି ଧରିଥିବା ସେ ଦେଖିଥିଲେ । ମୁଁ ଭାବୁଛି ସେ ମଧ୍ୟ ମୋତେ ସନ୍ଦେହ କରୁଥିଲେ । କିନ୍ତୁ ଏ ଘଟଣା ପରେ ସେ ବଞ୍ଚିରହିପାରିଲେନାହିଁ ।"

କିଛି ସମୟ ସମସ୍ତେ ଚୁପ୍‌ଚାପ୍ ବସିରହିଲୁ । ତା'ପରେ ମାଇକ୍ରଫ୍‌ଟ୍ ହୋମ୍‌ସ କହିଲେ, "ଆପଣ ଏ କ୍ଷତିର ପୂରଣ କରିପାରିବେ ନାହିଁ ? କରିପାରିଲେ ବୋଧହୁଏ ଆପଣଙ୍କ ବିବେକର ଦଂଶନ ଆଉ ଦଣ୍ଡ ଲଘବ ହୋଇଯାଆନ୍ତା ।"

"କି କ୍ଷତିପୂରଣ ମୁଁ କରିପାରିବି ?"

"ଓବର୍‌ଷ୍ଟିନ୍ କାଗଜଗୁଡ଼ା ନେଇ କୁଆଡ଼େ ଗଲା ?"

"ମୁଁ ଜାଣେନା ।"

"ସେ ଆପଣଙ୍କୁ କିଛି ଠିକଣା ଦେଇଯାଇନାହିଁ ?"

"ସେ କେବଳ କହିଲା ଯେ, ପାରିସ୍‌ର ହୋଟେଲ୍ ଡୁଲେଭର୍‌କୁ ଚିଠି ଦେଲେ ସେ ପାଇପାରିବ ।"

ସେର୍‌ଲକ୍ ହୋମ୍‌ସ କହିଲେ, "ତା'ହେଲେ କ୍ଷତିପୂରଣ କରିବା ଏବେ ବି ଆପଣଙ୍କ ଦ୍ୱାରା ହୋଇପାରିବ ।"

Digitized by srujanika@gmail.com

"ମୁଁ ସବୁ କିଛି କରିବାକୁ ରାଜି । ସେ ଲୋକଟା ପ୍ରତି ମୋର କୌଣସି ମମତା ନାହିଁ । ସେ ମୋ ପତନ ଆଉ ମୋ ଜୀବନ ନଷ୍ଟହେବାର କାରଣ ।"

"ବେଶ୍, ଏଇ କାଗଜ କଲମ । ଏଇ ଡେସ୍କପାଖରେ ବସନ୍ତୁ ଆଉ ମୁଁ ଯାହା ଡାକୁଛି ଲେଖନ୍ତୁ । ଲଫାଫା ଉପରେ ସେ ଠିକଣାଟା ଲେଖିଦିଅନ୍ତୁ । ବେଶ୍, ଠିକ୍ ଅଛି । ଏଥର ଚିଠିଟା—

ପ୍ରିୟ ମହାଶୟ,

ଆମ କାରବାର ବିଷୟରେ ଆପଣ ନିଶ୍ଚୟ ଏବେ ଜାଣିପାରିଥିବେ ଯେ, କେତେଟା ଜହାଜ ଦର୍କାରୀ ଟିକିନିଖି ବିବରଣୀ ସେଥିରେ ନାହିଁ । ମୁଁ ଏବେ ତାକୁ ସଂଗ୍ରହ କରିଛି । ସେଥିପାଇଁ ମୋତେ ହଇରାଣ ହେବାକୁ ପଡ଼ିଛି ଆଉ ଅଧିକ ଖର୍ଚ୍ଚ କରିବାକୁ ବି ପଡ଼ିଛି । ତେଣୁ ମୋତେ ଆଉ ପାଞ୍ଚଶହ ପାଉଣ୍ଡ ଅଗ୍ରୀମ ଦେବାକୁ ପଡ଼ିବ । ଡାକ ଯୋଗେ ପଠାଇବେ ନାହିଁ । ତା'ଛଡ଼ା ମୁଁ ସୁନା କିମ୍ବା ନୋଟ୍ ବ୍ୟତୀତ ଅନ୍ୟ କିଛି ନେବିନାହିଁ । ମୁଁ ଆପଣଙ୍କ ପାଖକୁ ଯାଇଥାନ୍ତି । କିନ୍ତୁ ଏବେ ମୁଁ ଦେଶଛାଡ଼ିଗଲେ ସମସ୍ତଙ୍କର ସନ୍ଦେହ ହେବ । ତେଣୁ ଶନିବାରଦିନ ବାରଟାବେଳକୁ ଚାରିଙ୍‌କ୍ରସ୍ ହୋଟେଲ୍‌ର ଚଉଷଠି ନମ୍ବର ରୁମ୍‌ରେ ଆପଣ ମୋତେ ଭେଟିଲେ ଭଲହେବ । ମନେରଖନ୍ତୁ, କେବଳ ସୁନା ବା ଇଂଲଣ୍ଡର ନୋଟ ଛଡ଼ା ଅନ୍ୟ କିଛି ଚଳିବ ନାହିଁ ।

"ବେଶ୍, ସେତିକି ଯଥେଷ୍ଟ । ଏତିକରେ ଆମ ଲୋକ ନିଶ୍ଚୟ ଆସିବ ।"

ଠିକ୍ ସେଇଆ ହେଲା । ଓବର୍‌ଷ୍ଟିନ୍ ତାଙ୍କର କୌଶଳ ପୂରଣ କରିବା ପାଇଁ ଆସି ଫାନ୍ଦରେ ପଡ଼ିଲେ । ତାଙ୍କୁ ପନ୍ଦର ବର୍ଷ ପାଇଁ ଜେଲ୍‌ଦଣ୍ଡ ହେଲା । ତାଙ୍କ ଟ୍ରଙ୍କ୍‌ରୁ ସେଇ ବହୁମୂଲ୍ୟବାନ୍ ବ୍ରୁସ୍ ପାର୍ଟିଙ୍ଗ୍‌ଟନ୍ ନକ୍‌ସା ମିଳିଲା । ସେ ତାକୁ ବିକ୍ରି କରିବା ପାଇଁ ଇଉରୋପର ସବୁ ନୌବାହିନୀ କେନ୍ଦ୍ରରେ ଚେଷ୍ଟା-କରିଥିଲେ ।

କର୍ଣ୍ଣେଲ୍ ଭ୍ୟାଲ୍‌ଟର୍ ତାଙ୍କ ଦଣ୍ଡର ଦୁ'ବର୍ଷ ଶେଷ ହେଲାବେଳକୁ ଜେଲ୍‌ରେ ପ୍ରାଣତ୍ୟାଗ କଲେ । ଆଉ ମୋ ବନ୍ଧୁ ବେଶ୍ ମନଖୁସିରେ ଆସି ତାଙ୍କ ନବନ୍ଧଲେଖାରେ ଲାଗିଗଲେ । ସେ ବନ୍ଧ ଏବେ ଗୁପ୍ତହୋଇ ସାଧା-ରଣରେ ବିକ୍ରିହେଉଛି । ବିଶେଷଜ୍ଞମାନଙ୍କ ମତରେ ସେ ଲେଖା ଅତି

Digitized by srujanika@gmail.com

ଉଇକୋଟିର । କେତେ ସପ୍ତାହ ପରେ ମୁଁ ଜାଣିଲି, ମୋ ବନ୍ଧୁ ଉଇଣ୍ଡ୍‌ସର୍‌ରେ ଗୋଟାଏ ଦିନ କଟାଇଆସିଛନ୍ତି । ସେଠୁ ଫେରିଲାବେଳେ ସେ ଏମେରାଲ୍ଡ୍ ହୀରାର ଗୋଟିଏ ଅତି ସୁନ୍ଦର ଟାଇପିନ୍ ଆଣିଥିଲେ । ସେ ସେଟା କିଣିଛନ୍ତି କି ବୋଲି ମୁଁ ପଚାରିଲି । ସେ ଉତ୍ତର ଦେଲେ, ଜଣେ ମାନ୍ୟଗଣ୍ୟ ଭଦ୍ରମହିଳାଙ୍କ ପାଇଁ ସେ ଗୋଟେ ଶ୍ରେଷ୍ଠ କାମକରିବାର ସୁଯୋଗ ପାଇଥିଲେ ଆଉ ପିନ୍‌ଟା ତାଙ୍କରି ଉପହାର । ସେ ଆଉ କିଛି କହିଲେନାହିଁ; କିନ୍ତୁ ସେଇ ମାନ୍ୟଗଣ୍ୟ ଭଦ୍ରମହିଳା କିଏ ମୁଁ ଜାଣିବାରେ କିଛି ଅସୁବିଧା ହେଲନାହିଁ । ସେଇ ଏମେରାଲ୍ଡ୍‌ପିନ୍ ସବୁଦିନ ପାଇଁ ବ୍ରୁସ୍ ପାର୍ଟିଙ୍ଗ୍‌ଟନ୍ ପ୍ଲାନ୍ ଅଭିଯାନ କଥା ମୋତେ ମନେପକାଇ ଦେଉଥିବ । * * *

ନିଖୋଜ ନାରୀ

"କିନ୍ତୁ ଟର୍କିସ୍ କାହିଁକି ?" ମୋ ବୁଟ୍‌ଆଡ଼କୁ ଏକାଗ୍ରରେ ଚାହିଁ ସେର୍ଲକ୍ ହୋମ୍‌ସ ପଚାରିଲେ । ମୁଁ ଗୋଟେ ବେତଚଉକିରେ ଆରାମରେ ବସିଥାଏ । ମୋ ପାଦ ଦି'ଟା ଆଗକୁ ଲମ୍ବିଥାଏ ଆଉ ତା'ଉପରେ ହୋମ୍‌ସଙ୍କ ଦୃଷ୍ଟି ପଡ଼ିଥାଏ ।

ମୁଁ ଟିକିଏ ବିସ୍ମିତ ହୋଇ କହିଲି, "ନା, ଇଂଲିଶ । ମୁଁ ଅକ୍‌ସ୍‌ଫୋର୍ଡ଼ ଷ୍ଟ୍ରୀଟ୍‌ର ଲାଟିମର୍‌ଙ୍କ ଦୋକାନରୁ ଏ ହଳଟା କିଣିଛି ।"

ଟିକିଏ ହସିଦେଇ ହୋମ୍‌ସ କହିଲେ, "ଗାଧୁଆ, ମୁଁ ଗାଧୁଆ କଥା କହୁଛି । ଏଇ ଆରାମଦାୟକ ଟର୍କିସ୍ ଗାଧୁଆ କାହିଁକି ? ସେଥିରେ ପୁଣି ବହୁତ ଖର୍ଚ୍ଚ । ତେଣୁ ତେଜ ବଢ଼ାଇବା ଆମ ଦେଶୀ ଗାଧୁଆ ନହେଲା କାହିଁକି ?"

"କାରଣ, ଗଲା କେତେ ଦିନହେଲା ମୋତେ ଟିକିଏ ଅଣ୍ଟା ଆଉ ବାତଜର ହେଲାପରି ଲାଗୁଛି । ଟର୍କିସ୍ ଗାଧୁଆଟା ତା'ର ଏକରକମ ଔଷଧ । ତା'ଛଡ଼ା ମଝିରେ ମଝିରେ ଟିକିଏ ପରିବର୍ତ୍ତନ ବି ଦର୍କାର । ମନରେ ପ୍ରଫୁଲ୍ଲତା ଆସିବ । ଆଚ୍ଛା ହୋମ୍‌ସ, ମୁଁ ମାନୁଛି ମୋ ବୁଟ୍ ଆଉ ଟର୍କିସ୍ ଗାଧୁଆଭିତରେ ସମ୍ପର୍କଟା ଜାଣିବା ଜଣେ ତର୍କଜ୍ଞାନୀ ପକ୍ଷରେ ସାଧାରଣ । ତଥାପି ତୁମେ କେମିତି ଏକଥା ଜାଣିଲ ବୁଝାଇଦେଲେ ଉପକୃତ ହେବି ।"

"ତର୍କଧାରାଟା ମୋଟେ ଦୁର୍ବୋଧ୍ୟ ନୁହେଁ, ୱାଟ୍‌ସନ୍ । ଯେଉଁ ବିଦ୍ୟା ଦ୍ୱାରା ମୁଁ ଜାଣିପାରୁଛି, ଆଜି ସକାଳେ ଘୋଡ଼ାଗାଡ଼ିରେ ତୁମ ପାଖରେ ଆଉ ଜଣେ ଲୋକ ବସିଥିଲା, ତା'ରି ଦ୍ୱାରା ଟର୍କିସ୍ ଗାଧୁଆ କଥା ଜାଣିଲି ।"

ମୁଁ ଟିକିଏ ରୁକ୍ଷଭାବେ କହିଲି, "ଗୋଟାଏ କଥା ଆଉ ଗୋଟେ ଉଦାହରଣଦେଇ ବୁଝାଯାଏ ବୋଲି ମୁଁ ସ୍ୱୀକାର କରିବିନାହିଁ ।"

Digitized by srujanika@gmail.com

"ଚମତ୍କାର ଉଆଟ୍‌ସନ୍ ' ବେଶ୍ ସୁନ୍ଦର ଆଉ ମୁକ୍ତମୁକ୍ତ ପ୍ରତିବାଦ । ହଉ ଦେଖାଯାଉ । ପର୍ଯ୍ୟବେକ୍ଷଣ ସବୁ କ'ଣ କ'ଣ ? ଆଗେ ଦ୍ୱିତୀୟ ଉଦାହରଣ, ଗାଡ଼ିଟା କଥା ଦେଖାଯାଉ । ତୁମ ଦେଖିପାରୁଥିବ ତୁମ କୋଟ୍‌ର ବାଁ ହାତ ଆଉ କାନ୍ଧରେ କେତେଟା ମଇଳା ଦାଗ ଅଛି । ତୁମେ ଯଦି ଗାଡ଼ିମଝିରେ ବସିଥାନ୍ତ ତେବେ ଏପରି ଦାଗ ବୋଧହୁଏ ହୋଇନଥାନ୍ତା । ତେଣୁ ତୁମେ ଗୋଟେ କଡ଼ରେ ବସିଥିଲ ବୋଲି ପରିଷ୍କାର ଜଣାଗଲା । ଏଟା ମଧ୍ୟ ପରିଷ୍କାର ଜଣାଗଲା ଯେ, ତୁମସାଥିରେ ଆଉ ଜଣେ ଥିବାରୁ ତୁମେ କଡ଼ରେ ବସିଥିଲ ।"

"ସେଟା ତ ଜଣାଶୁଣା କଥା ।"

"ହଁ, ଅତି ସାଧାରଣ କଥା, ନୁହେଁ ?"

"କିନ୍ତୁ ବୁଟ୍ ଆଉ ଗାଧୋଇବା କଥା ?"

"ସେଇପରି ଅତି ସାଧାରଣ । ଗୋଟେ ନିର୍ଦ୍ଦିଷ୍ଟପ୍ରକାରେ ବୁଟ ପିନ୍ଧିବା ତୁମର ଅଭ୍ୟାସ; କିନ୍ତୁ ଏବେ ଦେଖୁଛି ତୁମ ବୁଟ୍‌ର ଫିତା ଦୁଇପ୍ରନ୍ଥହୋଇ ବନ୍ଧାଯାଇଛି ଆଉ ସେଟା ତୁମର ଅଭ୍ୟାସ ନୁହେଁ । ତେଣୁ ତୁମେ ଜୋତାର ଫିତା ବାହାରକରିଥିଲ । କିଏ ତାକୁ ବାନ୍ଧିଲା ? ଜୋତାମରାମତିକରିବା ଲୋକ କିମ୍ବା ଟର୍କିସ୍ ଗାଧୁଆଘରର ଚାକର । ଜୋତାମରାମତିକାରୀ ଏଟା କରିବା ସମ୍ଭବ ନୁହେଁ । କାରଣ ତୁମ ବୁଟ୍‌ଗୁଡ଼ା ନୂଆ । ଆଉ ରହିଲା କ'ଣ ? ଖୁବ୍ ସହଜ ନା ନାହିଁ ? ଯାହାହେଉ, ତୁମ ଟର୍କିସ୍ ଗାଧୁଆ ଦ୍ୱାରା ଗୋଟେ କାମ ହୋଇପାରିଛି ।"

"କ'ଣ ?"

"ତୁମେ କହୁଥିଲ ତୁମର ପରିବର୍ତ୍ତନ ଦର୍କାର । ମୁଁ ବି ପ୍ରସ୍ତାବ ଦେଉଛି ତୁମେ ସ୍ଥାନ ପରିବର୍ତ୍ତନରେ ଯାଅ । ଆଚ୍ଛା, ଲଉସେନ୍ ଗଲେ କେମିତି ହୁଅନ୍ତା, ଉଆଟ୍‌ସନ୍ ? ଫାଷ୍ଟକ୍ଲାସ୍ ଟିକେଟ୍ ଆଉ ସବୁ ଖର୍ଚ୍ଚ ମିଳିଯିବ ।"

"ବେଶ୍ ଚମତ୍କାର । କିନ୍ତୁ କାହିଁକି ?"

"ବନ୍ଧୁହୀନ ଆଉ ଲକ୍ଷ୍ୟହୀନ ହୋଇ ବୁଲୁଥିବା ନାରୀ ପୃଥିବୀରେ ଅତି ବିପଜ୍ଜନକ । ବେଳେବେଳେ ସେ ଅତି ନୀରିହ ଆଉ ଉପକାରୀ; କିନ୍ତୁ ଅନ୍ୟ ସମୟରେ ସେ ସବୁପ୍ରକାର ଅପରାଧର ମୂଳ । ସେ ଜାଃପହାଯ୍ୟ । ସେ

Digitized by srujanika@gmail.com

ଏକାକାଗାରେ ରହେ ନାହିଁ । ଦେଶରୁ ଦେଶକୁ, ହୋଟେଲରୁ ହୋଟେଲ୍‌କୁ ଯିବାପାଇଁ ତାର ଯଥେଷ୍ଟ ସୁବିଧା ଅଛି । ବେଳେ ବେଳେ ସେ କୌଣସି ବୋର୍ଡିଂର ଦୁର୍ବୋଧ ବ୍ୟୁହ ଭିତରେ ହଜିଯାଏ । ଧୂର୍ତ୍ତ କୋକଶିଆଳ ପୁର୍ଣ୍ଣ ଦୁନିଆରେ ସେ ସାମାନ୍ୟ କୁକୁଡ଼ାଛୁଆ । ତେଣୁ ମୋର ଭୟ ଲେଡ଼ି ଫ୍ରାନ୍‌ସେସ୍ କାର୍‌ଫାକ୍‌ସ୍ ଉପରେ କିଛି ବିପଦ ପଡ଼ିଛି ।"

ହୋମ୍‌ସ ସାମାନ୍ୟକଥନରୁ ବିଶେଷକଥନକୁ ଖସିବାରୁ ମୁଁ ଖୁବ୍ ଆଶ୍ୱସ୍ତ ହେଲି । ସେ ତାଙ୍କ ନୋଟ୍ ବହି ଦେଖିବାରେ ଲାଗିଲେ । ତାପରେ କହିଲେ, "ଲେଡ଼ି ଫ୍ରାନ୍‌ସେସ୍ ରଫ୍‌ଟନ୍‌ର ମୃତ ଆର୍ଲ ପରିବାରର ଏକମାତ୍ର ଜୀବିତ ବଂଶଧର । ତୁମେ ଜାଣ ତାଙ୍କର ଜମିଦାରୀ ପୁରୁଷ ବଂଶଧରମାନେ ପାଇଗଲେ । ଲେଡ଼ି ଫ୍ରାନ୍‌ସେସ୍‌ଙ୍କ ପାଇଁ ଖୁବ୍ ଅଳ୍ପ ସମ୍ପତ୍ତି ରହିଲା । କିନ୍ତୁ ତାଙ୍କର କେତେକ ସ୍ପେନୀୟ ମୂଲ୍ୟବାନ ଗହଣାପତ୍ର ଆଉ ହୀରା କେତେ ମଧ୍ୟ ଥିଲା । ସେ ଏଗୁଡ଼ାକୁ ଖୁବ୍ ଭଲ ପାଉଥିଲେ ଆଉ ତାକୁ ବ୍ୟାଙ୍କରେ ନ ରଖି ସବୁବେଳେ ନିଜ ପାଖେ ପାଖେ ରଖୁଥିଲେ । ସେ ଖୁବ୍ ସୁନ୍ଦରୀ ଆଉ ମଧ୍ୟ ବୟସର ।

"ତାହେଲେ ତାଙ୍କର କ'ଣ ହୋଇଛି ?"

"ହଁ, ଲେଡ଼ି ଫ୍ରାନ୍‌ସେସ୍‌ଙ୍କର କ'ଣ ହୋଇଛି ? ସେ ଜୀବିତ କି ମୃତ ? ସେଇଟା ହେଲା ଆମର ସମସ୍ୟା । ତାଙ୍କର ଅଭ୍ୟାସ ଖୁବ୍ ସୀମିତ । ଆଜକୁ ଚାରି-ବର୍ଷ ହେଲା ସେ ପ୍ରତି ଦୁଇ ସପ୍ତାହରେ ମିସ୍ ଡୋବ୍‌ନିଙ୍କ ପାଖକୁ ଚିଠି ଲେଖିବା ତାଙ୍କର ଏକ ନିୟମିତ ଅଭ୍ୟାସ । ମିସ୍ ଡୋବ୍‌ନି ତାଙ୍କର ପୁରୁଣା ପରିଚାରିକା । ଏବେ ଚାକିରିରୁ ଅବସର ନେଇ କାମ୍ବର୍‌ୱେଲ୍‌ରେ ରହୁଛନ୍ତି । ସେଇ ମିସ୍ ଡୋବ୍‌ନି ମୋ ସାଥିରେ ପରାମର୍ଶ କରିଛନ୍ତି । ପ୍ରାୟ ପାଞ୍ଚସପ୍ତାହ ହେଲା ସେ ଲେଡ଼ି ଫ୍ରାନ୍‌ସେସ୍‌ଙ୍କଠାରୁ ପଦେ ହେଲେ ବି ଶୁଣିନାହାନ୍ତି । ଶେଷ ଚିଠିଟା ଲଉସେନ୍‌ର ହୋଟେଲ ନାସିନାଲ୍‌ରୁ ଆସିଥିଲା । ଜଣାଯାଉଛି ସେଠାରୁ ବାହାରିଯାଇଛନ୍ତି, କିନ୍ତୁ କିଛି ଠିକଣା ଛାଡ଼ିଯାଇନାହାନ୍ତି । ତାଙ୍କ ପରିବାରର ସମସ୍ତେ ଖୁବ୍ ବ୍ୟସ୍ତ । ସେମାନେ ଅତି ଧନୀ । ତେଣୁ ଆମେ

Digitized by srujanika@gmail.com

ଯଦି ଏ ସମସ୍ୟା ସମାଧାନ କରିପାରିବା ତେବେ ସେମାନେ ଯେତେ ଇଚ୍ଛା ଖର୍ଚ୍ଚ କରିବାକୁ ପ୍ରସ୍ତୁତ ।"

"ତାଙ୍କ ବିଷୟରେ ଜାଣିବାପାଇଁ ମିସ୍ ଡେଭନବା କ'ଣ ଏକମାତ୍ର ବାଟ ? ସେ ନିଶ୍ଚୟ ଅନ୍ୟ କାହା ପାଖକୁ ବି ଚିଠିପତ୍ର ଲେଖିଥିବେ ?"

"ହଁ, ଗୋଟାଏ ଜାଗା ଅଛି ଯେଉଁଠୁ ନିଶ୍ଚିତ ଖବେ କିଛି ଜଣାଯାଇପାରିବ । ସେଇଟା ହେଉଛି ବ୍ୟାଙ୍କ୍ । ଏଇପରି କେତେ ନାରୀ ଏକା ଏକା ଥିବେ ଆଉ ତାଙ୍କର ପାସ୍‌ବୁକ୍ ଏକପ୍ରକାର ସଂକ୍ଷିପ୍ତ ଡାଏରୀ । ଲେଡ଼ି ଫ୍ରାନ୍‌ସେସ୍‌ଙ୍କ ବ୍ୟାଙ୍କ୍ ହେଉଛି, ସିଲ୍‌ଭେଷ୍ଟର୍ । ମୁଁ ତାଙ୍କ ଆକାଉଣ୍ଟ୍ ଦେଖିଥିଲି । ଶେଷରେ ଚେକ୍‌ର ପୂର୍ବ ଚେକ୍‌ଟାରେ ସେ ବ୍ୟାଙ୍କ୍‌ରୁ ଗୁଡ଼ାଏ ପଇସା ଆଣିଛନ୍ତି । ଲୁଉସେନ୍‌ରେ ତାଙ୍କର ବାକିଆବକର ସୁଝିଛନ୍ତି । ବାକି ପଇସା ବୋଧହୁଏ ପାଖରେ ରଖିଛନ୍ତି । ତା'ପରେ ଆଉ ମାତ୍ର ଗୋଟେ ଚେକ୍‌ରେ ଟଙ୍କା ଉଠାଯାଇଛି ।

"ସେ ଚେକ୍‌ଟା କାହାକୁ ଦିଆ ଯାଇଛି ଆଉ କେଉଁଠୁ ଟଙ୍କା ଉଠାଯାଇଛି ?"

"ଚେକ୍‌ଟା ମିସ୍ ମେରୀ ଡିଭାଇନ୍ ନାଁରେ କଟାଯାଇଛି । କେଉଁଠୁ ଟଙ୍କାଟା ଉଠାଯାଇଛି ଜାଣିବାର ବାଟ ନାହିଁ । ଚେକ୍‌ଟା ପଚିଶ ପାଉଣ୍ଡର ।"

"ଏଇ ମିସ୍ ମେରୀ ଡିଭାଇନ୍ କିଏ ?"

"ସେଟା ବି ମୁଁ ଖୋଜି ବାହାର କରିପାରିଛି । ମିଧ୍ ମେରୀ ଡିଭାଇନ୍ ଲେଡ଼ି ଫ୍ରାନ୍‌ସେସ୍ କାର୍‌ଫାକ୍‌ସ୍‌ଙ୍କ ଗୃହକର୍ତ୍ତ୍ରୀ ଥିଲେ । ସେ କାହିଁକି ତାଙ୍କୁ ଏ ଚେକ୍‌ଟା ଦେଇଛନ୍ତି ଆମେ ଏ ଯାଏ ଜାଣିପାରିନାହୁଁ । ତୁମର ଗବେଷଣା ଆଉ ପରୀକ୍ଷା ଦ୍ୱାରା ଘଟଣାଟା ନିଶ୍ଚୟ ଜଣାପଡ଼ିବ, ଏଥିରେ ମୋର ସନ୍ଦେହ ନାହିଁ ।"

"ମୋର ପରୀକ୍ଷା !"

"ହଁ, ସେଇଥିପାଇଁ ସ୍ୱାସ୍ଥ୍ୟ ପରିବର୍ତ୍ତନ ଲାଗି ଲୁଉସେନ୍ ଯାଅ । ତୁମେ ଜାଣ, ବୁଢ଼ା ଆବ୍ରାହାମ୍‌ଙ୍କ ଜୀବନ ଉପରେ ମାରାତ୍ମକ ବିପଦ । ଏପରି ଅବସ୍ଥାରେ ମୁଁ ଲଣ୍ଡନ ଛାଡ଼ିଯିବା ସମ୍ଭବ ନୁହେଁ । ତା'ଛଡ଼ା ସାଧାରଣ ଦୃଷ୍ଟିରୁ ମୋର ଏ ଜାଗା ଛାଡ଼ିବା ଉଚିତ ନୁହେଁ । ମୁଁ ନଥିଲେ ସ୍କଟଲାଣ୍ଡ୍ ଇୟାର୍ଡ଼ିବେ

Digitized by srujanika@gmail.com

ନାନା ଅସୁବିଧା ଆଉ ମୋ ଅନୁପସ୍ଥିତିରେ ଅପରାଧୀ ଦଳ ବେଶ୍ ମାତି ଉଠନ୍ତି । ତେଣୁ ତୁମେ ଯାଅ, ୱାଟ୍‌ସନ୍ । ଯଦି କେତେବେଳେ ମୋର ସାମାନ୍ୟ ଉପଦେଶ ଦରକାର ପଡ଼ିବ ତେବେ ବି ସେକ୍‌ସନ୍ ଖର୍ଚ୍ଚ କରି ଟେଲିଗ୍ରାମ୍ କରିବାକୁ କୁଣ୍ଠିତ ହେବନାହିଁ ।"

ଦୁ'ଦିନ ପରେ ମୁଁ ଲଉସେନ୍‌ର ହୋଟେଲ ନାସନାଲ୍‌ରେ ପହଞ୍ଚିଲି । ସେଠାକାର ମ୍ୟାନେଜର୍ ଏମ. ମୋସର୍‌ଙ୍କଠାରୁ ବେଶ ଭଦ୍ର ବ୍ୟବହାର ପାଇଲି । ତାଙ୍କଠୁ ବୁଝିଲି ଲେଡ଼ି ଫ୍ରାନ୍‌ସେସ୍ ସେଠି କେତେ ସପ୍ତାହ ଥିଲେ । ସମସ୍ତେ ତାଙ୍କୁ ଖୁବ୍ ଭଲ ପାଉଥିଲେ । ତାଙ୍କ ବୟସ ଚାଳିଶ ବର୍ଷରୁ ବେଶୀ ହେବନାହିଁ । ଚେହେରାରୁ ଜଣାଯାଏ ତରୁଣୀ ଅବସ୍ଥାରେ ନିଶ୍ଚୟ ଖୁବ୍ ସୁନ୍ଦରୀ ଥିଲେ । ତାଙ୍କ ପାଖରେ କିଛି ମୂଲ୍ୟବାନ ମଣି ଥିବା କଥା ମୋସର୍ ଜାଣନ୍ତି ନାହିଁ; କିନ୍ତୁ ହୋଟେଲର ଚାକରବାକରମାନେ କହନ୍ତି, ଲେଡ଼ି ଫ୍ରାନ୍‌ସେସ୍‌ଙ୍କ ଶୋଇବାଘରେ ଥିବା ବିରାଟ ଟ୍ରଙ୍କ୍‌ଟାରେ ସବୁବେଳେ ତାଲା ପଡ଼ିଥାଏ । ଚାକରାଣୀ ମେରୀ ଡିଭାଇନ୍ ମଧ୍ୟ ତାଙ୍କ ମାଲିକାଣୀଙ୍କ ପରି ଖୁବ୍ ଲୋକପ୍ରିୟ । ସେ ହୋଟେଲ୍‌ର ମୁଖ୍ୟ ପରିଚାରକମାନଙ୍କ ଭିତରୁ ଜଣକୁ ବିବାହ କରିବା ସ୍ଥିର ହୋଇଯାଇଥିଲା ! ତେଣୁ ତାଙ୍କ ଠିକଣା ପାଇବାରେ କିଛି ଅସୁବିଧା ହେଲା ନାହିଁ । ସେଟା ହେଲା ୧୧ରୁ ଡି ଟ୍ରାଜନ୍, ମଣ୍ଟପେଲିୟର୍ । ମୁଁ ଏସବୁ ତଥ୍ୟ ସଂଗ୍ରହ କଲି ଆଉ ଭାବିଲି ହୋମ୍‌ସ ନିଜେ ଏତେ ତଥ୍ୟ ସଂଗ୍ରହ କରି ପାରିନଥାନ୍ତେ ।

ଗୋଟାଏ ଦିଗ ତଥାପି ଅନ୍ଧାରରେ ରହିଗଲା । ଲେଡ଼ି ଫ୍ରାନ୍‌ସେସ୍ ଏପରି ହଠାତ୍ ଚାଲିଯିବାର କାରଣ କିଛି ଜଣାଗଲା ନାହିଁ । ଲଉସନ୍‌ରେ ସେ ବେଶ୍ ଖୁସିରେ ଥିଲେ । ହ୍ରଦ ଆଡ଼କୁ ମୁହଁ କରିଥିବା ସେଇ ବିଳାସପୂର୍ଣ୍ଣ ଘରେ ସେ ବର୍ଷଯାକ ରହିବେ ବୋଲି ଭାବିବାର ଯଥେଷ୍ଟ କାରଣ ଥିଲା । ତଥାପି ସେ ହଠାତ୍ ଚାଲିଗଲେ । ଅକାରଣରେ ତାଙ୍କୁ ସାତଦିନର ଭଡ଼ା ଦେବାକୁ ପଡ଼ିଲା । ଏହାର କାରଣ ବିଷୟରେ ଚାକରାଣୀର ପ୍ରେମିକ ଜୁଲେସ୍ ଭାଇବା-ର୍ଟ୍ ପାଖରୁ ଯାହା କିଛି ଜଣାଗଲା । ଲେଡ଼ି ଫ୍ରାନ୍‌ସେସ୍ ଚାଲିଯିବା ଆଉ

Digitized by srujanika@gmail.com

ତାର ଦିନେ ଦି'ଦିନ ଆଗରୁ ହୋଟେଲକୁ ଜଣେ ଡେଙ୍ଗା ଦାଢ଼ିଆ ଲୋକ ଆସିବା ଭିତରେ କିଛି ସମ୍ପର୍କ ଅଛି ବୋଲି ତାଙ୍କର ମତ । ସେ କହିଲେ, "ଲୋକଟା ରୁକ୍ଷ ଆଉ ଭଦ୍ର ନୁହେଁ ।" ସେ ଟାଉନ୍‌ର ଅନ୍ୟ କେଉଁ ଜାଗାରେ ରହୁଥିଲା । ହ୍ରଦକୂଳରେ ସେ ଲେଡ଼ି ଫ୍ରାନ୍‌ସେସ୍‌ଙ୍କ ସାଥିରେ ଏକୁଟିଆ କଥା-ବାର୍ତ୍ତା କରୁଥିବାର ଦେଖାଯାଇଛି । ତାପରେ ସେ ପୁଣି ଆସିଥିଲା । ଲେଡ଼ି ଫ୍ରାନ୍‌ସେସ୍ ତା ସାଥିରେ ଦେଖାକରିବାକୁ ମନାକରିଦେଇଥିଲେ । ଲୋକଟା ଇଂରେଜ କିନ୍ତୁ ତା ନାଁ କ'ଣ କିଛି ଜଣାନଥିଲା । ତା'ପରେ ପରେ ଲେଡ଼ି ଫ୍ରାନ୍‌ସେସ୍ ସେ ହୋଟେଲ ଛାଡ଼ି ଚାଲିଗଲେ । ଜୁଲେସ୍‌ଭିଇବାର୍ଟ୍ ଆଉ ତାର ପ୍ରେମିକାଙ୍କ ମତ ଯେ, ସେ ଲୋକ ଆସିବା ଏବଂ ମାଡ଼ାମ୍ ହୋଟେଲ ଛାଡ଼ି ଚାଲିଯିବା ପରସ୍ପରର କାରଣ ଆଉ କାର୍ଯ୍ୟ । କେବଳ ଗୋଟାଏ କଥା ଜୁଲେସ୍ କହିଲା ନାହିଁ । ସେଟା ହେଲା ମେଡ଼ି କାହିଁକି ତା ମାଲିକାଣୀଙ୍କୁ ଛାଡ଼ିଲା । ସେ କହିଲା ଯେ, ମୁଁ ଯଦି ଆଉ କିଛି ଜାଣିବାକୁ ଚାହେଁ ତେବେ ମଣ୍ଟ୍‌ପେଲିୟର୍ ଯାଇ ମେଡ଼ିକୁ ପଚାରିପାରେ ।

ମୋ ଅନୁସନ୍ଧାନର ପ୍ରଥମ ଭାଗ ଏଇପରି ଶେଷ ହେଲା । ଦ୍ୱିତୀୟ ଭାଗ ଲେଡ଼ି ଫ୍ରାନ୍‌ସେସ ଲୁଜାନ୍ ଛାଡ଼ିବାବେଳେ ଯେଉଁ ଜାଗାକୁ ଯିବାକୁ ମନା କରିଥିଲେ ସେଠି କଟିଲା । ଏଇ ଜାଗା ବିଷୟ ଖୁବ୍ ଗୁପ୍ତ ଥିଲା । ସେଥିରୁ ଜାଣିଲି ତାଙ୍କ ପିଛା ଧରୁଥିବା କୌଣସି ଲୋକକୁ ଫାଙ୍କିବା ତାଙ୍କର ଉଦ୍ଦେଶ୍ୟ । ତା' ନହେଲେ ତାଙ୍କ ଜିନିଷପତ୍ର ବାଡ଼େନ୍ ଯିବ ବୋଲି ସେଥିରେ ଲେବୁଲ୍ ମରାଯାଇନଥାନ୍ତା କାହିଁକି ? ସେ ଆଉ ତାଙ୍କ ଜିନିଷପତ୍ର ବୁଲି ବୁଲି ଯାଇ ରେନାସ୍ ପ୍ରସ୍ରବଣ ପାଖରେ ପହଞ୍ଚିଲେ । କୁକ୍‌ଙ୍କ ଅଫିସ୍ ମ୍ୟାନେଜର୍‌ଙ୍କଠାରୁ ମୁଁ ଏତିକି ମାତ୍ର ଖବର ପାଇଲି । ମୁଁ ମୋ କାମର ଗୋଟେ ରିପୋର୍ଟ ହୋମ୍‌ସଙ୍କ ପାଖକୁ ପଠାଇଲି ଆଉ ତାଙ୍କଠୁ ଅଧା ଥଟ୍ଟାଳିଆ ଉତ୍ତର ଟେଲିଗ୍ରାମ୍‌ରେ ପାଇଲା ପରେ ବାଡେନ୍ ଚାଲିଲି ।

ବାଡ଼େନ୍‌ରେ ଲେଡ଼ି ଫ୍ରାନସେସ୍ ସୁଆଡ଼େ ଯାଇଥିଲେ ଖୋଜିପାଇବା କଷ୍ଟକର ହେଲା ନାହିଁ । ସେ ଇଂଲିଶ୍‌ଟର୍ ହଫରେ ପନ୍ଦରଦିନ ରହିଥିଲେ । ସେଠି ଥିଲାବେଳେ ତାଙ୍କର ଡାକ୍ତର ସ୍ଲେସିଙ୍ଗର୍ ଆଉ ତାଙ୍କ ସ୍ତ୍ରୀଙ୍କ ସହିତ

Digitized by srujanika@gmail.com

ପରିଚୟ ହୋଇଥିଲା । ସେ ବୁଢ଼ୋ ଦକ୍ଷିଣ ଆମେରିକାର ମିସିଓନାରୀ । ଅନେକ ଏକାକିନୀ ନାରୀଙ୍କ ପରି ଲେଡ଼ି ଫ୍ରାନ୍ସେସ୍ ମଧ୍ୟ ଧର୍ମଚର୍ଚ୍ଚାରୁ ଆନନ୍ଦ ପାଉଥିଲେ । ଡାକ୍ତର ସ୍ଲେସିଙ୍ଗର୍‌ଙ୍କ ବ୍ୟକ୍ତିତ୍ୱ, ଧର୍ମ ପ୍ରତି ତାଙ୍କର ଏକାନ୍ତ ଅନୁରାଗ, ଆଉ ଧର୍ମ ପ୍ରଚାର କରିବା ଦ୍ୱାରା ସେ ଆକ୍ରାନ୍ତ ହୋଇଥିବା 'କ ରୋଗ ଭଲ ହୋଇ ଆସୁଥିବା ଯୋଗୁ ଲେଡ଼ି ଫ୍ରାନ୍ସେସ୍ ତାଙ୍କ ପ୍ରତି ଖୁବ୍ ଅନୁରକ୍ତ ହୋଇପଡ଼ିଲେ । ଡାକ୍ତରଙ୍କ ସେବାକରିବାରେ ସେ ମିସେସ ସ୍ଲେସିଙ୍ଗର୍‌ଙ୍କୁ ସାହାଯ୍ୟ କରୁଥିଲେ । ମ୍ୟାନେଜର୍‌ଙ୍କଠାରୁ ଜାଣିଲି ଡାକ୍ତର ବାରଣ୍ଡାରେ ଗୋଟେ ଆରାମ ଚଉକିରେ ବସିରହନ୍ତି ଆଉ ଦୁ' ପାଖରେ ଦୁ'ଜଣ ମହିଳା ତାଙ୍କର ସେବା କରନ୍ତି । ଶେଷରେ ସୁସ୍ଥସବଳ ହେବାପରେ ସେ ଆଉ ତାଙ୍କ ସ୍ତ୍ରୀ ଲଣ୍ଡନ ଫେରିଲେ । ଲେଡ଼ି ଫ୍ରାନ୍ସେସ୍ ମଧ୍ୟ ତାଙ୍କ ସାଥିରେ ଆସିଲେ । ଏଟା ଠିକ୍ ତିନ ସପ୍ତାହ ତଳର କଥା ଆଉ ତାପରେ ମ୍ୟାନେଜର୍ ଆଉ କିଛି ଶୁଣି ନାହାନ୍ତି । ଚାକରାଣୀ ମେରୀ କିଛି ଦିନ ଆଗରୁ ଚାଲିଯାଇଥିଲା । ଗଲାବେଳେ ଅନ୍ୟ ଚାକରାଣୀଙ୍କୁ କହିଥିଲା, ସେ ସବୁଦିନ ପାଇଁ ଚାକିରି ଛାଡ଼ି ଯାଉଛି । ଯିବା ପୂର୍ବରୁ ଡାକ୍ତର ସ୍ଲେସିଙ୍ଗର୍ ସମସ୍ତଙ୍କ ବାବଦରେ ଖର୍ଚ୍ଚ ପାଇଁ ପଇସା ଦେଇଦେଇଥିଲେ ।

ଶେଷରେ ଘର ମାଲିକ କହିଲେ, "ସାହାହେଉ ଲେଡି ଫ୍ରାନ୍ସେସ କାର୍ଫାକସ୍‌ଙ୍କ ବିଷୟରେ ବୁଝିବା ପାଇଁ ଆପଣ ତାଙ୍କର ଏକମାତ୍ର ବନ୍ଧୁ ନୁହନ୍ତି । ପ୍ରାୟ ସପ୍ତାହେ ତଳେ ଆଉ ଜଣେ ଲୋକ ସେଇ କାମରେ ଏଠିକି ଆସିଥିଲେ ।"

ମୁଁ ପଚାରିଲି, "ତାଙ୍କ ନାଁ କ'ଣ କିଛି କହୁଥିଲେ ?"

"ନାଁ, କିନ୍ତୁ ସେ ଜଣେ ଇଂରେଜ ଲୋକ । ଅବଶ୍ୟ ଟିକିଏ ଅସାଧାରଣ ।"

ମୁଁ ମୋ ବନ୍ଧୁଙ୍କ ପଦ୍ଧତିରେ ପଚାରିଲି, "ଜଣେ ରୁକ୍ଷଲୋକ ?"

"ବିଲକୁଲ୍ ଠିକ୍ । ସେ ଖୁବ୍ ମୋଟା, ମୁହଁରେ ଦାଢ଼ି, ଖରାରେ ଦେହ ପୋଡ଼ିଯାଇଛି । କୌଣସି ସୁନ୍ଦର ହୋଟେଲ୍‌ରେ ନ ରହି କୌଣସି ଗାଉଁଲି ହୋଟେଲ୍‌ରେ ରହିବାପାଇଁ ସେ ଉପଯୁକ୍ତ । ସେ ଯେମିତି ମୋଟାସୋଟା ସେମିତି ଭୟଙ୍କର ।"

Digitized by srujanika@gmail.com

କୁହୁଡ଼ି ଘୁଞ୍ଚିଗଲେ ସବୁ ଜିନିଷ ଯେମିତି ପରିଷ୍କାର ହୋଇଯାଏ ସେମିତି ରହସ୍ୟଟା ଆସ୍ତେ ଆସ୍ତେ ପରିଷ୍କାର ହୋଇ ଆସିଲା । ଏଇ ଧର୍ମପ୍ରାଣା ଭଦ୍ର-ମହିଳାଙ୍କ ପଛରେ ଗୋଟାଏ ନିଷ୍ଠୁର ଲୋକ କିଛି ଅଭିସନ୍ଧି ରଖି ଜାଗାରୁ ଜାଗାକୁ ଗୋଡ଼ାଉଛି । ସେ ତାକୁ ଭୟ କରନ୍ତି । ତା' ନହେଲେ ସେ ଲଣ୍ଡନରୁ ପଳାଇଯାଇନଥାନ୍ତେ । ତଥାପି ସେ ତାଙ୍କ ପଛରେ ଗୋଡ଼ାଉଛି । ଶୀଘ୍ର ହେଉ ବା ବିଳମ୍ବରେ ହେଉ ସେ ନିଶ୍ଚୟ ତାଙ୍କୁ ଧରି ନେବ । ଏ ଭିତରେ କ'ଣ ଧରିନେଇସାରିଲାଣି ? ସେଇଥିପାଇଁ ତାଙ୍କ କଥା କିଛି ଶୁଣାନାହିଁ ? ତାଙ୍କ ବନ୍ଧୁମାନେ ଏଇ ଲୋକ ମୁହଁରୁ ତାଙ୍କୁ କ'ଣ ଲୁଚାଇ ରଖିପାରିଲେନାହିଁ ? ଏତେ ଦିନ ଧରି ଲୋକଟା ତାଙ୍କ ପଛରେ ଗୋଡ଼ାଇବାରେ କି ଭୟଙ୍କର ଉଦ୍ଦେଶ୍ୟ ଥାଇପାରେ ? ଏଇ ସମସ୍ୟା ମୋ ଆଗରେ ।

ମୁଁ କେତେ ଚଞ୍ଚଳ ଆଉ ନିଶ୍ଚିତଭାବେ ଘଟଣାର ମୂଳକୁ ଯାଇପାରୁଛି, ସେ କଥା ଲେଖି ହୋମ୍‌ସ୍‌ଙ୍କୁ ଜଣାଇଦେଲି । ତାର ଉତ୍ତରରେ ସେ ମୋ ପାଖକୁ ଗୋଟିଏ ଟେଲିଗ୍ରାମ୍ କରି ଡାକ୍ତର ସ୍ଲେସିଙ୍ଗର୍‌ଙ୍କ ବାଁ କାନର ବର୍ଣ୍ଣନା ପଠାଇବାକୁ ଜଣାଇଲେ । ହୋମ୍‌ସ୍‌ଙ୍କର ରହସ୍ୟ କରିବାଟା ବଡ଼ ବିଚିତ୍ର ଆଉ କେବେକେବେ ଅପମାନଜନକ । ତେଣୁ ତାଙ୍କର ଏ ରହସ୍ୟ ଆଡ଼େ ମୁଁ ମନଦେଲି ନାହିଁ । ତା'ଛଡ଼ା ତାଙ୍କ ଖବର ପହଞ୍ଚିଲା ବେଳକୁ ମୁଁ ମିସ୍ ମେରୀଙ୍କୁ ଖୋଜିବାକୁ ମଣ୍ଟପେଲିୟରେ ଯାଇ ସାରିଥିଲି ।

ଚାକରାଣୀ ମେରୀଙ୍କୁ ଖୋଜି ପାଇବାରେ ଆଉ ସେ ଯାହା କିଛି ଜାଣିଥିଲେ ସେ କଥା ତାଙ୍କଠୁ ଜାଣିବାରେ କିଛି ଅସୁବିଧା ହେଲା ନାହିଁ । ସେ ତାଙ୍କ ମାଲିକାଣୀଙ୍କ ପ୍ରତି ଖୁବ୍ ଅନୁରକ୍ତ । ମାଲିକାଣୀ ଖୁବ୍ ଭଲ ଲୋକଙ୍କ ପାଖରେ ଥିବାରୁ ସେ ତାଙ୍କୁ ଛାଡ଼ି ଆସିଲେ । ତା'ଛଡ଼ା ତାଙ୍କର ବିବାହ ପାଖେଇ ଆସିଥିଲା । ତେଣୁ ସେ ଛାଡ଼ିଯିବା ସ୍ୱାଭାବିକ । ସେ ସ୍ୱୀକାର କଲେ ଯେ, ବାଡ଼େନ୍‌ରେ ଥିଲାବେଳେ ତାଙ୍କ ମାଲିକାଣୀ ତାଙ୍କ ଉପରେ ବିରକ୍ତ ହୋଇ-ଥିଲେ ଆଉ ତାଙ୍କୁ ସନ୍ଦେହ କଲାପରି କେତେ ପ୍ରଶ୍ନ ପଚାରିଥିଲେ । ତେଣୁ ସେ ଛାଡ଼ି ଚାଲି ଆସିବାଟା ସହଜ ହେଲା । ଲେଡ଼ି ଫ୍ରାନ୍‌ସେସ୍ ତାଙ୍କୁ ପଚାଶ ପାଉଣ୍ଡ

Digitized by srujanika@gmail.com

ବିବାହ ଉପହାର ଦେଇଥିଲେ । ସେଇ ଯେଉଁ ଅଜଣା ଲୋକ ଯୋଗୁଁ ଲେଡ଼ି ଫ୍ରାନ୍‌ସେସ୍ ଲଉସେନ୍ ଛାଡ଼ି ପଳାଇଗଲେ ତାକୁ ମୁଁ ଯେମିତ ଘୃଣା କରୁଥିଲି ମେରି ବି ସେମିତ ଘୃଣା କରୁଥିଲେ । ହୃଦକ୍‌ଲାରେ ସର୍ବସାଧାରଣରେ ଲୋକଟା ଲେଡ଼ି ଫ୍ରାନ୍‌ସେସ୍‌ଙ୍କ ଡେଣା ଧରି ଜୋରରେ ଟାଣିବାର ମେରି ନିଜ ଆଖିରେ ଦେଖିଛି । ଲୋକଟା ଅତି ଦୁର୍ଦ୍ଦାନ୍ତ ଆଉ ଭୟଙ୍କର । ତାର ବିଶ୍ୱାସ ଏଇ ଲୋକ ଭୟରେ ଲେଡ଼ି ଫ୍ରାନ୍‌ସେସ୍ ଷ୍ଲେସିଞ୍ଜର୍ ଦମ୍ପତି ସାଥିରେ ଲଣ୍ଡନ ଛାଡ଼ିଯିବାକୁ ରାଜି ହେଲେ । ସେ ମେରିକୁ ଏ ବିଷୟରେ କିଛି କହିନାହାନ୍ତି; କିନ୍ତୁ କେତେକ ସୂଚନାରୁ ମେରି ଜାଣିପାରିଥିଲି ଯେ, ତା ମାଲିକାଣୀ ସବୁବେଳେ ଭୟଗ୍ରସ୍ତ ହୋଇ ରହୁଥିଲେ । ମେରି ଏଇଯାଏ କହିଛି, ହଠାତ୍ ଚଉକିରୁ ଉଠି ଠିଆ ହୋଇପଡ଼ିଲା । ଭୟ ଆଉ ବିସ୍ମୟରେ ତା ମୁହଁ ଶୁଖିଗଲା । ସେ କହି ଉଠିଲା, "ଏଇ ଦେଖନ୍ତୁ, ସଇତାନ୍‌ଟା ତଥାପି ପଛେ ପଛେ ଲାଗିଛି । ଏଇ ରାସ୍ତାରେ ସେଇ ଲୋକଟା ।"

ଖୋଲା ଝରକା ବାଟେ ଦେଖିଲି, ରାସ୍ତାମଝିରେ ଗୋଟେ ବିରାଟ ଲୋକ, ମୁହଁରେ କଳାଦାଢ଼ି । ସେ ଧୀରେ ଧୀରେ ଚାଲୁଥାଏ, ଆଉ ଘରର ନମ୍ବର ଗୁଡ଼ାକୁ ଦେଖୁଥାଏ । ଜାଣିଲି, ମୋପରି ସେ ମଧ୍ୟ ଚାକରାଣୀ ମେରିକୁ ଖୋଜୁଛି । ପ୍ରବଳ ଉତ୍ତେଜନାରେ ମୁଁ ବାହାରକୁ ଦୌଡ଼ିଯାଇ ଲୋକଟା ପାଖରେ ପହଞ୍ଚି କହିଲି, "ଆପଣ ନିଶ୍ଚୟ ଜଣେ ଇଂରେଜ ଲୋକ ।"

ଲୋକଟା ଗର୍ଜି ଉଠି କହିଲା, "ହେଲେ କିଛି କଣ ?"

"ଆପଣଙ୍କ ନାଁଟା କ'ଣ ପଚାରିପାରେ କି ?"

"ପଚାରିବା କିଛି ଦର୍କାର ନାହିଁ ।"

ପରିସ୍ଥିତିଟା ଅତି ଅବାଗିଆ ହୋଇଗଲା । ଭାବିଲି ସିଧାସଳଖ ରାସ୍ତାଟା ବେଳେବେଳେ ଭଲ । ସିଧା ପଚାରିଲି, "ଲେଡ଼ି ଫ୍ରାନ୍‌ସେସ୍ କାର୍‌ଫାକସ କେଉଁଠି ?" ଲୋକଟା ଚମକିପଡ଼ି ବିସ୍ମୟରେ ମୋ ମୁହଁକୁ ଚାହିଁରହିଲା । ମୁଁ ଜୋରଦେଇ କହିଲି, "ଆପଣ ତାଙ୍କୁ କ'ଣ କରିଛନ୍ତି ? କାହିଁକି ତାଙ୍କ ପଛେ ପଛେ ଲାଗିଛନ୍ତି ? ଉତ୍ତର ଦିଅନ୍ତୁ ।"

Digitized by srujanika@gmail.com

ଲୋକଟା ରାଗରେ ଗର୍ଜିଉଠି ବାଘପରି ମୋ ଉପରକୁ କୁଦିପଡ଼ିଲା । ଏଇ-ପରି କେତେ ଘଟଣାରେ ମୁଁ ନିଜକୁ ରକ୍ଷାକରିପାରିଛି । କିନ୍ତୁ ଏ ଲୋକଟାର ହାତଗୁଡ଼ାକ ଲୁହାପରି ଟାଣ ଆଉ ତା ରାଗ ସଇତାନ ରାଗପରି । ଦୁ'ହାତ ମୁଠାରେ ସେ ମୋ ବେକକୁ ଚିପିଧରିଲା । ମୁଁ ପ୍ରାୟ ଅଚେତା ହୋଇଗଲି । ଏଠିକବେଳେ ରାସ୍ତା ଆରପାଖ ଘୋଡ଼ାଗାଡ଼ି ଥିବା ଜାଗାରୁ ଜଣେ ମଇଳା ମଳିଛୁଆ ଲୋକ ଧାଇଁ ଆସିଲା । ତା ହାତରେ ଗୋଟେ ମୋଟା ବାଡ଼ି । ସେ ବାଡ଼ିରେ ସେ ମୋ ଆକ୍ରମଣକାରୀ ହାତକୁ ଖୁବ୍‌ ଜୋର୍‌ରେ ପିଟିଦେଲା । ତା ହାତ ମୁଠା ଶିଥିଳ ହୋଇ ଖସିଗଲା । ସେ ରାଗରେ ଜଳୁଥାଏ । ପୁଣି ମୋତେ ଆକ୍ରମଣ କରିବ କି ନାହିଁ, ଟିକିଏ ଠିଆହୋଇ ଭାବିଲା । ତାପରେ ରାଗରେ ଗୋଟେ ଗର୍ଜନକରି ମୁଁ ଯେଉଁ ଘରୁ ଆସିଥିଲି ସେଇ ଘର ଭିତରକୁ ପଶିଗଲା । ମୁଁ ମୋ ରକ୍ଷାକାରୀକୁ ଧନ୍ୟବାଦ ଦେବାକୁ ବୁଲିପଡ଼ିଲି । ସେ ରାସ୍ତାକଡ଼ରେ ଠିଆହୋଇଥାଏ । ସେ କହିଲା, "ବନ୍ଧୁ ଭ୍ୱାଟ୍‌ସନ୍‌, ଘଟଣାଟାକୁ ତୁମେ ସୁନ୍ଦର ମାଂସ ଝୋଳ ପରି କରିଦେଇଛ । ମୁଁ ଭାବୁଛି ଆଜି ରାତି ଏକ୍‌ସ୍‌ପ୍ରେସ ଟ୍ରେନ୍‌ରେ ତୁମେ ମୋ ସାଥିରେ ଲଣ୍ଡନ୍‌ ଫେରିଗଲେ ଭଲ ହେବ ।"

ପ୍ରାୟ ଘଣ୍ଟାଏ ପରେ ହୋଟେଲ୍‌ରେ ମୋରୁମ୍‌ରେ ସେର୍‌ଲକ୍‌ ହୋମ୍‌ସ୍‌ ବସିଥାନ୍ତି । ସେ ହଠାତ୍‌ ସେ ଜାଗାକୁ ଆସିବାର କାରଣ ସରଳଭାବେ କହି-ଗଲେ । ମୋ ଚିଠି ପାଇବାପରେ ସେ ଦେଖିଲେ ଯେ, ସେ ଲଣ୍ଡନ ଛାଡ଼ି ଆସିପାରିବେ । ତେଣୁ ଠିକ୍‌ କଲେ ମୁଁ ଯେଉଁ ଜାଗାକୁ ଯିବି ସେ ଆଗରୁ ଯାଇ ସେ ଜାଗାରେ ପହଞ୍ଚିଥିବେ । ଜଣେ ମୂଲିଆର ଛଦ୍ମବେଶରେ ସେ ଘୋଡ଼ାଗାଡ଼ି ରହୁଥିବା ଜାଗାରେ ମୋତେ ଅପେକ୍ଷାକରିଥିଲେ । ସେ କହିଲେ, "ତୁମେ ଏକ ଅସାଧାରଣ ଅନୁସନ୍ଧାନ କରିଛ, ଭ୍ୱାଟ୍‌ସନ୍‌ । କେଉଁ ଭୁଲ୍‌ କରିବାଟା ତୁମେ ଛାଡ଼ିଯାଇଛ ମୁଁ ଭାବିପାରୁନାହିଁ । ତୁମ ସମୁଦାୟ କାମର ଫଳ କେବଳ ଘଟଣାଟା ଗୁରିଆଡ଼େ ଜଣାଇଦେବା । ଅଥଚ ତୁମେ ଅନୁସନ୍ଧାନ କରି କିଛି ବାହାର କରିପାରିଲନାହିଁ ।"

ମୁଁ ବିରକ୍ତ ହୋଇ କହିଲି, "ତୁମେ ବୋଧହୁଏ ଅଧିକା କିଛି କରି ପାରି ନଥାନ୍ତ ।"

Digitized by srujanika@gmail.com

"ଏଠି ବୋଧହୁଏ ଏରେ ପ୍ରଶ୍ନ ନାହିଁ—ମୁଁ ଅଧିକା କରୁଛୁ । ଏଇ ହୋଟେଲ୍‌ରେ ତୁମ ପାଖରେ ମାନ୍ୟବର ଫିଲିପ୍ ଗ୍ରୀନ୍ ରହୁଛନ୍ତି । ଆମେ ତାଙ୍କୁ ଆମ ଅନୁସନ୍ଧାନର ମୂଳ ବୋଲି ଧରି କାମ ଆରମ୍ଭ କରିବା । ତାହେଲେ ଅଧିକ ସଫଳ ହୋଇପାରିବା ।"

ଜଣେ ଗୃକର ଗୋଟିଏ କାର୍ଡ୍ ଧରି ପହଞ୍ଚିଲା । ତା'ପରେ ପରେ ଯେଉଁ ଦାଢ଼ିଆ ଗୁଣ୍ଡାଟା ମୋତେ ରାସ୍ତାରେ ଆକ୍ରମଣ କରିଥିଲା ସେ ଆସିଲା । ମୋତେ ଦେଖିଲା ମାତ୍ରେ ସେ ଚମକି ପଡ଼ିଲା । କହିଲା, "ଏ କ'ଣ, ମିଷ୍ଟର୍ ହୋମ୍‌ସ୍ ? ଆପଣଙ୍କ ଚିଠି ପାଇ ମୁଁ ଆସିଲି । କିନ୍ତୁ ଘଟଣା ସହିତ ଏ ଭଦ୍ରଲୋକଙ୍କର କ'ଣ ସମ୍ପର୍କ ?"

"ଏ ମୋର ପୁରୁଣା ବନ୍ଧୁ ଆଉ ସହକର୍ମୀ ଡାକ୍ତର ୱାଟ୍‌ସନ୍ । ଏ ଘଟଣାରେ ସେ ଆମକୁ ସାହାଯ୍ୟ କରୁଛନ୍ତି ।"

ମୋ ଆଡ଼କୁ ହାତ ବଢ଼ାଇ କ୍ଷମା ମାଗି ସେ କହିଲେ, "ଆପଣଙ୍କୁ ବିଶେଷ ଆଘାତ ଦେଇନାହିଁ ବୋଲି ମୋର ଆଶା । ଆପଣ ଯେତେବେଳେ ମୁଁ ଲେଡ଼ି ଫ୍ରାନ୍‌ସେସ୍‌ଙ୍କର କ୍ଷତି କରୁଛୁ ବୋଲି ଦୋଷ ଦେଲେ ମୁଁ ଆଉ ନିଜକୁ ସମ୍ଭାଳିପାରିଲିନାହିଁ । ଏଇ କେତେ ଦିନ ହେଲା ମୁଁ ବଡ଼ କଠୋର ହୋଇଯାଇଛୁ । ଯାହାହେଉ, ମୁଁ ପ୍ରଥମେ ଜାଣିବାକୁ ଚାହେଁ ମିଷ୍ଟର୍ ହୋମ୍‌ସ୍, ଆପଣ ମୋ କଥା ଜାଣିଲେ କେମିତି !"

"ମୁଁ ଲେଡ଼ି ଫ୍ରାନ୍‌ସେସ୍‌ଙ୍କ ପରିଚାରିକା ମିସ ଡୋବ୍‌ନିଙ୍କ ସାଥିରେ ବରାବର ଯୋଗାଯୋଗ ରଖି ଆସିଛୁ ।"

"ଓଃ, ସୁଜାନ୍ ଡୋବ୍‌ନି ! ମୁଁ ତାଙ୍କୁ ଭଲରକମ ମନେରଖିଛୁ ।"

"ସେ ମଧ୍ୟ ଆପଣଙ୍କୁ ମନେରଖିଛନ୍ତି । ସେ ହେଲା ଆପଣ ମନଦୁଃଖରେ ଦକ୍ଷିଣ ଆଫ୍ରିକା ଚାଲିଯିବା ପୂର୍ବର କଥା ।"

"ଦେଖୁଛୁ ଆପଣ ମୋ ଜୀବନ ଇତିହାସ ସବୁ ଜାଣନ୍ତି । ଆପଣଙ୍କ ପାଖରେ ମୋର କିଛି ଲୁଚାଇବା ଦରକାର ନାହିଁ । ସତ କହୁଛୁ ମିଷ୍ଟର୍ ହୋମ୍‌ସ୍, ଲେଡ଼ି ଫ୍ରାନ୍‌ସେସ୍‌ଙ୍କୁ ମୁଁ ଯେତିକି ଭଲପାଉଥିଲି ଦୁନିଆରେ କୌଣସି ପୁରୁଷ କୌଣସି ନାରୀକୁ ସେତିକି ଭଲ ପାଇନଥିବ । ସେତେବେଳେ ମୁଁ ଉଦ୍ଦାମ

Digitized by srujanika@gmail.com

ଯୁବକ ଆଉ ମୋ ଭାଇ ସାଥିଙ୍କ ପରି ଉଚ୍ଛୃଙ୍ଖଳ । ତାଙ୍କ ମନ କିନ୍ତୁ ବରଫ ପରି ନିର୍ମଳ । ସେ ଏଇ ଲଗାମଛଡ଼ା ବ୍ୟବହାରକୁ ମୋଟେ ସହିପାରୁନଥିଲେ । ତେଣୁ ସେ ଯେତେବେଳେ ମୋ କାର୍ଯ୍ୟକଳାପ କଥା ଶୁଣିଲେ ମୋ ସାଥିରେ କିଛି ସମ୍ପର୍କ ରଖିଲେ ନାହିଁ । ତଥାପି ସେ ମୋତେ ପ୍ରେମ କରୁଥିଲେ ଆଉ ସେଇ ହେଲା ଆଶ୍ଚର୍ଯ୍ୟ କଥା । କେବଳ ମୋ ପାଇଁ ସେ ବିବାହ କଲେ ନାହିଁ । କେତେ ବର୍ଷ ବିତିଗଲା । ମୁଁ ବାର୍‌ବର୍‌ଟନ୍‌ରେ ରହି ଯଥେଷ୍ଟ ପଇସା ରୋଜଗାର କଲି । ଭାବିଲି ତାଙ୍କୁ ପୁଣି ଖୋଜି ବାହାର କରିବି ଆଉ ତାଙ୍କ ମନ ବଦଳାଇବାକୁ ଚେଷ୍ଟା କରିବି । ଶୁଣିଥିଲି ଯେ ଯାଏ ବି ସେ ଅବିବାହିତା ଅଛନ୍ତି । ତାଙ୍କୁ ଲଉସେନ୍‌ରେ ଭେଟିଲି ଆଉ ସବୁ ପ୍ରକାରେ ବୁଝାଇଲି । ଭାବୁଛି ତାଙ୍କର ଦୁର୍ବଳତା ଆସିଗଲା; କିନ୍ତୁ ତାଙ୍କ ମନ ଲୁହାପରି ଟାଣ । ତାପରେ ମୁଁ ଯେତେବେଳେ ତାଙ୍କ ପାଖକୁ ଆସିଲି ସେ ଲଉସେନ୍ ସହର ଛାଡ଼ି ଚାଲି ଯାଇଥିଲେ । ମୁଁ ତାଙ୍କୁ ଖୋଜି ଖୋଜି ବାଡ଼େନ୍ ଆସିଲି ଆଉ ସେଠି ଶୁଣିଲି ତାଙ୍କ ଚାକରାଣୀ ମେରୀ ଏଠି ଅଛି । ମୁଁ ଟିକିଏ ରୁକ୍ଷ ପ୍ରକୃତିର ଲୋକ, ଆଉ ଯେତେବେଳେ ତାଙ୍କର ଉଆଁସ୍ତନ ମୋତେ ସେମିତି କହିଲେ ମୁଁ ଅଉ ସମ୍ଭାଳିପାରିଲିନାହିଁ । କିନ୍ତୁ ଭଗବାନଙ୍କ ଶପଥ ଦେଇ କହୁଛି ମିଷ୍ଟର୍ ହୋମ୍‌ସ, ଲେଡ଼ି ଫ୍ରାନ୍‌ସେସ୍‌ଙ୍କର କ'ଣ ହେଲା ମୋତେ କହନ୍ତୁ ।"

ଅସ୍ୱାଭାବିକ ଭାବେ ଗମ୍ଭୀର ହୋଇ ହୋମ୍‌ସ୍ କହିଲେ, "ତ ହା ହିଁ ଆମକୁ ଖୋଜି ବାହାରି କରିବାକୁ ହେବ । ଆପଣଙ୍କ ଲଣ୍ଡନ ଠିକଣା କ'ଣ ମିଷ୍ଟର୍ ଗ୍ରୀନ୍ ?"

"ଲଙ୍ଗ୍‌ହାମ୍ ହୋଟେଲ୍‌ରେ ମୋତେ ପାଇବେ ।"

"ତାହେଲେ ଆପଣ ସେଠିକି ଫେରିଯାଆନ୍ତୁ । ସବୁବେଳେ ସେଠି ଥିବେ । ଯେମିତି ମୁଁ ଦର୍କାର କଲା ମାତ୍ରେ ଆପଣଙ୍କୁ ପାଇପାରିବି । ଆପଣଙ୍କୁ ବୃଥା ଆଶା ଦେବାକୁ ମୁଁ ଚାହୁଁନାହିଁ । ତଥାପି କହୁଛି, ଲେଡ଼ି ଫ୍ରାନ୍‌ସେସ୍‌ଙ୍କ ନିରାପତ୍ତା ପାଇଁ ଯାହା କିଛି କରିବା କଥା ସବୁ କରାଯିବ । ଏବେ ମୁଁ ଆଉ ଅଧିକା କିଛି କହିପାରୁନାହିଁ । ଏଇ ମୋ କାର୍ଡ଼ଟା ରଖନ୍ତୁ । ମୋ ସାଥିରେ ଯୋଗାଯୋଗ

Digitized by srujanika@gmail.com

ରଖିପାରିବେ । ଏଥର ଉଆଟ୍‌ସନ୍, ଗଣ୍ଡିଲିପଡ ବନ୍ଧାବନ୍ଧକର । ମୁଁ ମିସେସ୍ ହଡ୍‌ସନ୍‌ଙ୍କୁ ଫୋନ୍ କରୁଛି । କାଲି ଆମ ପାଇଁ ଖାଇବାର ସୁବ୍ୟବସ୍ଥା କରିଥିବେ ।"

ଆମେ ବେକର୍‌ଷ୍ଟ୍ରୀଟ୍‌ରେ ପହଞ୍ଚିଲା ବେଳକୁ ଗୋଟେ ଟେଲିଗ୍ରାମ୍ ଆସିଥିଲା । ହୋମ୍‌ସ୍ ବ୍ୟଗ୍ର ଆଉ ଆନନ୍ଦରେ ସେଟା ପଢ଼ି ମୋ ଆଡ଼କୁ ପକାଇଦେଲେ । ସେଥିରେ ଲେଖାଥିଲା "କଟା କମ୍ବା ଖଣ୍ଡିଆ" ଖବରଟା ବାଡ଼େନ୍‌ରୁ ଆସିଥିଲା ।

ମୁଁ ପଚାରିଲି, "ଏଇଟା କ'ଣ ?"

"ଏଇଟା ସବୁ" ହୋମ୍‌ସ୍ ଉତ୍ତର ଦେଲେ । "ତୁମର ମନେପଡ଼ୁଥିବ ଉଆଟ୍‌ସନ୍, ଏଇ ଧର୍ମଯାଜକ ସ୍ଲେମିନ୍‌ଜର୍‌ଙ୍କ ବାଁ କାନର ବର୍ଣ୍ଣନା ଦେବା ପାଇଁ ମୁଁ ତୁମକୁ ଜଣାଇଥିଲି । କଥାଟା ଅବାନ୍ତର ପରି ଜଣାଯାଇଥିବ । ତୁମେ ତାର ଉତ୍ତର ଦେଲ ନାହିଁ ।"

"ମୁଁ ବାଡ଼େନ୍‌କୁ ଚାଲିଯାଇଥିଲି ଆଉ ଅନୁସନ୍ଧାନ କରିପାରିଲିନାହିଁ ।"

"ତା ଠିକ୍ । ସେଥିପାଇଁ ମୁଁ ଇଂଲଣ୍ଡ ଚର୍ ହଫ୍‌ର ମ୍ୟାନେଜର୍‌ଙ୍କ ପାଖକୁ ବି ସେଇ ଟେଲିଗ୍ରାମ୍ କରିଥିଲି ଆଉ ଏଇଟା ତାଙ୍କର ଉତ୍ତର ।"

"ଏଥିରୁ କ'ଣ ଜଣାଯାଉଛି ।"

"ଜଣାଯାଉଛି ଆମର ପ୍ରତିଦ୍ୱନ୍ଦ୍ୱୀ ଜଣେ ଅସାଧାରଣ ଦୁର୍ଦାନ୍ତ ଆଉ ଭୟଙ୍କର ଲୋକ । ଦକ୍ଷିଣ ଆମେରିକାର ଧର୍ମଯାଜକ ଏଇ ଡାକ୍ତର ସ୍ଲେମିନ୍‌ଜର୍ ହୋଲିପିଟର୍ ଛଡ଼ା ଅନ୍ୟ କେହି ନୁହେଁ । ଅଷ୍ଟ୍ରେଲିଆରେ ଦେଖା ଦେଇଥିବା ଦସ୍ୟୁତାନଙ୍କ ଭିତରେ ତା ପରି କେହି ନଥିବ । ତାର ବିଶେଷତ୍ୱ ହେଲା ବନ୍ଧୁବାନ୍ଧବହୀନନାରୀମାନଙ୍କ ଧର୍ମ ଭାବ ନେଇ ଖେଳ ଖେଳି ସେମାନଙ୍କୁ ଠକିବା । ତାର ସ୍ତ୍ରୀ ବୋଲିଉଥିବା ଫ୍ରେସର୍ ଜଣେ ଇଂରେଜ ନାରୀ ଆଉ ତାର ଉପଯୁକ୍ତ ସହକର୍ମୀ । ତା କାମ ଧଙ୍କରୁ ମୁଁ ସନ୍ଦେହ କରିଥିଲି । ଏବେ ତାର କାନର ବର୍ଣ୍ଣନା ମୋ ସନ୍ଦେହକୁ ଦୃଢ଼ କଲା । ବସ୍ତୁତଃ ଲେଡ଼ି କାର୍‌ଫାକସ୍ ବର୍ତ୍ତମାନ ଏଇ ପିଶାଚ ଦମ୍ପତି ହାତରେ ପଡ଼ିଯାଇଛନ୍ତି । ସେମାନେ କୌଣସି କାମକରିବାକୁ ପଛେଇଦେବେନାହିଁ । ସେମାନେ ତାଙ୍କୁ ମାରିଦେଇଥିବାର ମଧ୍ୟ

Digitized by srujanika@gmail.com

ଯଥେଷ୍ଟ ସମ୍ଭାବନା ଅଛି । ଯଦି ତା ହୋଇନଥାଏ ତେବେ ତାଙ୍କୁ ବନ୍ଦୀ କରି ରଖିଛନ୍ତି । ତେଣୁ ସେ ମିସ୍ ଡୋବ୍‌ନ ବା ଅନ୍ୟ କୌଣସି ବନ୍ଧୁ ପାଖକୁ ଚିଠି ଲେଖି ପାରୁନାହାନ୍ତି । ସେ ମୋଟେ ଲଣ୍ଡନ ଆସିନଥିବା କିମ୍ବା ଏ ବାଟେ ଅନ୍ୟ କେଉଁଆଡ଼େ ଚାଲିଯାଇଥିବା ମଧ୍ୟ ସମ୍ଭବ ହୋଇପାରେ । କିନ୍ତୁ ମୋ ମନ କହୁଛି ସେ ଏଇ ଲଣ୍ଡନରେ ଅଛନ୍ତି । କିନ୍ତୁ ବର୍ତ୍ତମାନ ଆମେ ସେ କଥା ଜାଣିବାର କୌଣସି ଉପାୟ ନାହିଁ । ତେଣୁ ଖିଆପିଆ ସାରି ଧୈର୍ଯ୍ୟ ଧରି ଅପେକ୍ଷାକରିବା ଆମର ଏକମାତ୍ର କାମ । ପରେ ସନ୍ଧ୍ୟାରେ ମୁଁ ସ୍କଟଲଣ୍ଡଇୟାର୍ଡ଼ ଯାଇ ବନ୍ଧୁ ଲେସ୍‌ଟ୍ରେଡ୍‌ଙ୍କ ସାଥିରେ ଏ ବିଷୟରେ କେତେଟା କଥାବାର୍ତ୍ତା କରି ଆସିବି ।"

କିନ୍ତୁ ସ୍କଟ୍‌ଲଣ୍ଡ୍ ଇୟାର୍ଡ଼ର ସରକାରୀ ପୋଲିସ କିମ୍ବା ହୋମ୍‌ସଙ୍କ ନିଜ ଗ୍ରେଟ ଦଳ ଏ ରହସ୍ୟ ଉଦ୍‌ଘାଟନ କରିବାରେ ସମର୍ଥ ହେଲେ ନାହିଁ । ଲଣ୍ଡନର ଲକ୍ଷ ଲକ୍ଷ ଲୋକଙ୍କ ଭିତରେ ଏ ତିନି ଜଣ କୁଆଡ଼େ ମିଶିଗଲେ । ବିଜ୍ଞାପନ ଜରିଆରେ ଚେଷ୍ଟାକରାଗଲା; କିନ୍ତୁ କିଛି ଫଳ ହେଲନାହିଁ । ବିଭିନ୍ନ ସୂତ୍ରର ଅନୁସରଣ କରାଗଲା; କିନ୍ତୁ କିଛି ଜଣାଗଲା ନାହିଁ । ଅପରାଧୀମାନଙ୍କ ଆଡଡା ଜାଗା ଉପରେ ନଜର ରଖାଗଲା; କିନ୍ତୁ ସବୁ ବୃଥା । ତାର ପୁରୁଣା ସାଥିମାନଙ୍କ ଉପରେ ବି ନଜର ରଖାଗଲା; କିନ୍ତୁ ସେମାନେ ତାଠୁ ଦୂରେଇ ରହିଲେ । ତା'ପରେ ସପ୍ତାହେ ପରେ ହଠାତ୍ କିଛି ଆଲୋକର ସନ୍ଧାନ ମିଳିଲା । ୱେଷ୍ଟମିନଷ୍ଟରର ବୋଭିଙ୍ଗ୍‌ଟନଙ୍କ ଦୋକାନରେ ପୁରୁଣା ସ୍ପେନୀୟ ଡିଜାଇନ୍‌ର ଗୋଟେ ସୁନ୍ଦର କାନଫୁଲ ବନ୍ଧକ ରଖାଗଲା । ବନ୍ଧକ ଦେବା ଲୋକ ଜଣେ ବିରାଟ ଲୋକ ଆଉ ଧର୍ମଯାଜକ ପରି ଚେହେରା । ତା ନାଁ ଆଉ ଠିକଣା ମିଛ ବୋଲି ଜଣାଗଲା । ତା କାନ ଉପରେ କାହାର ନଜର ନାହିଁ; କିନ୍ତୁ ଚେହେରାର ବର୍ଣ୍ଣନାଟା ନିଶ୍ଚିତ ଭାବେ ସ୍ଲେସିନ୍‌ଜର୍‌ର ।

ଏ ଭିତରେ ଆମର ଦାଢ଼ିଆ ବନ୍ଧୁ ଖବର ବୁଝିବା ପାଇଁ ତିନଥର ଆସିଥିଲେ । ତୃତୀୟ ଥର ଆସିଲେ ଏଇ ନୂଆ ଘଟଣା ଜଣାପଡ଼ିବାର ଘଣ୍ଟାଏ ଭିତରେ । ତାଙ୍କର ପୋଷାକପତ୍ର ଦେହକୁ ଢିଲା ହୋଇଆସିଲାପରି ଜଣା ଯାଉଥାଏ । ଚିନ୍ତାରେ ସେ ଦୁର୍ବଳ ହୋଇଗଲା ପରି ଜଣାଯାଉଥାନ୍ତି ।

Digitized by srujanika@gmail.com

ସେ ବରାବର କହନ୍ତି, "ଆପଣ ଯଦି ମୋତେ କିଛି କାମ କରିବାକୁ ଦିଅନ୍ତେ !" ଶେଷରେ ହୋମ୍‌ସ୍ ତାଙ୍କ ଅନୁରୋଧ ରକ୍ଷାକଲେ । କହିଲେ, "ସେ ଗହଣା ଗୁଡ଼ାକ ବିକିବା ଆରମ୍ଭ କଲଣି । ଏବେ ଆମେ ତାକୁ ଧରିପାରିବା ।"

"କିନ୍ତୁ ସେଥିରୁ କ'ଣ ଜଣାଯାଉଛି—ଲେଡ଼ି ଫ୍ରାନ୍‌ସେସ୍‌ଙ୍କ ଉପରେ କିଛି ବିପଦ ପଡ଼ିଲଣି ?"

ଗମ୍ଭୀର ଭାବେ ମୁଣ୍ଡ ହଲାଇ ହୋମ୍‌ସ୍ କହିଲେ, "ମନେକର ସେମାନେ ଏ ପର୍ଯ୍ୟନ୍ତ ବି ତାଙ୍କୁ ବନ୍ଦୀ କରି ରଖିଛନ୍ତି । ନିଜକୁ ଧ୍ୱଂସ ମୁହଁକୁ ଠେଲି ଦେଇ ସେମାନେ କେବେ ତାଙ୍କୁ ଛାଡ଼ିଦେବେନାହିଁ । ତେଣୁ ଆମକୁ ଅତି ଖରାପ ପରିସ୍ଥିତି ପାଇଁ ପ୍ରସ୍ତୁତ ହେବାକୁ ପଡ଼ିବ ।"

"ମୁଁ ତେବେ କ'ଣ କରିବି ?"

"ଆପଣଙ୍କୁ ଦେଖିଲେ ଏ ଲୋକମାନେ ହଠାତ୍ ଚିହ୍ନି ପାରିବେ ?"

"ନା"

"ଭବିଷ୍ୟତରେ ସେ ଅନ୍ୟ କୌଣସି ବନ୍ଧକ ଦୋକାନକୁ ଯିବାର ସମ୍ଭାବନା ଅଛି । କିନ୍ତୁ ସେ ଯଦି ଉପଯୁକ୍ତ ଦାମ୍ ପାଇଥାଏ ଆଉ ଗହଣା ଗୁଡ଼ା ବିଷୟରେ କେହି ତାକୁ କିଛି ପଚାରିନଥାନ୍ତି ତେବେ ଭବିଷ୍ୟତରେ ପଇସା ଦରକାର ହେଲେ ସେ ବୋଭିଙ୍ଗ୍‌ଟନଙ୍କ ଦୋକାନକୁ ଆସିବ । ମୁଁ ଆପଣଙ୍କ ହାତରେ ତାଙ୍କ ପାଖକୁ ଗୋଟେ ଚିଠି ଦେଉଛି । ସେମାନେ ଦୋକାନରେ ଅପେକ୍ଷା କରିବା ପାଇଁ ଆପଣଙ୍କୁ ସୁବିଧାଦେବେ । ଯଦି ସେ ଲୋକଟା ପୁଣି ଆସେ ଆପଣ ତା ପଛେ ପଛେ ତା ଘର ଯାଏଁ ଯିବେ; କିନ୍ତୁ କିଛି ଗଣ୍ଡଗୋଳ କରିବେ ନାହିଁ । ମୋ ଅଜଣାରେ ବା ମୋ ମତ ନ ନେଇ କିଛି କରିବେ ନାହିଁ ।"

ଦୁ'ଦିନ ଯାଏ ମାନ୍ୟବର ଫିଲିପ୍‌ଗ୍ରୀନ୍ (ଏଇଠି କହି ରଖେ ସେ କ୍ରିମିଆ ଯୁଦ୍ଧରେ ଆଜଫ୍ ଯୁଦ୍ଧଜାହାଜର କମାଣ୍ଡର ଥିବା ନୌସେନାପତି ଗ୍ରୀନ୍‌ଙ୍କ ପୁଅ) କୌଣସି ଖବର ଦେଲେ ନାହିଁ । ତୃତୀୟ ଦିନ ସନ୍ଧ୍ୟାରେ ସେ ଧଇଁ ସଇଁ ହୋଇ ଆମ ରୁମକୁ ପଶିଆସିଲେ । ତାଙ୍କ ମୁହଁ ଶୁଖିଯାଇ-ଥାଏ, ଉତ୍ତେଜନାରେ ଦେହସାରା ଥରୁଥାଏ ।

Digitized by srujanika@gmail.com

ସେ କହିଉଠିଲେ,"ପାଇଛେ ମିଷ୍ଟର୍ ହୋମସ୍, ଆମେ ତାକୁ ପାଇଛେ ।"

ଉତ୍ତେଜନା ଯୋଗୁଁ ସେ କଥା ଗୁଡ଼ା ଭଲ ଭାବେ କହିପାରୁନଥାନ୍ତି । ହୋମ୍‌ସ ତାଙ୍କୁ ସାନ୍ତ୍ୱନା ଦେଇ ଗୋଟେ ଚଉକିରେ ବସାଇଦେଲେ । କହିଲେ, "ହଁ, ଏଥର ଘଟଣା କ'ଣ କ୍ରମ ଅନୁସାରେ କହନ୍ତୁ ।"

"ସେ ପ୍ରାୟ ଘଣ୍ଟାଏ ପୂର୍ବେ ଆସିଥିଲା । ଏଥର କିନ୍ତୁ ହ୍ୟୁସିନ୍‌କର୍‌ର ସ୍ତ୍ରୀ । ସେ ଗୋଟେ କାନଫୁଲ ଆଣିଥିଲା । ସେଟା ପୂର୍ବ କାନଫୁଲ ଯୋଡ଼ିରୁ ଗୋଟାଏ । ସ୍ତ୍ରୀଲୋକ ଜଣକ ବେଶ୍ ଉଚ୍ଚା ଆଉ ମୁହଁ ମଳିନ, ଆଖି ଦୁ'ଟା ବାଲେଇ ଆଖି ପରି ।"

"ହଁ-ହଁ, ସେଇ ଆମର ଦର୍ଶକାସ୍ତ ନାରୀ ।"

"ସେ ଅଫିସ୍ ଛାଡ଼ିଲା ପରେ ମୁଁ ତା ପଛେ ପଛେ ଚାଲିଲି । ସେ କେନ୍‌ସିଙ୍ଗ୍‌ଟନ୍ ରାସ୍ତାରେ ଯାଉଥାଏ ଆଉ ମୁଁ ତା ପଛେ ପଛେ । ତାପରେ ସେ ଗୋଟେ ଦୋକାନକୁ ଗଲା, ମିଷ୍ଟର୍ ହୋମ୍‌ସ୍ । ଦୋକାନଟା ମଲା ମଣିଷକୁ କବରଦେବାର ବ୍ୟବସ୍ଥା କରେ ।"

ମୋ ବନ୍ଧୁ ଚମକି ପଡ଼ିଲେ । ଗମ୍ଭୀରଭାବେ ପଚାରିଲେ, "ତାପରେ ?"

"ସେ ଦୋକାନରେ ବସିଥିବା ନାରୀ ସାଥିରେ କଥାବାର୍ତ୍ତା କଲେ । ମୁଁ ମଧ୍ୟ ଦୋକାନକୁ ଗଲି । ଶୁଣିଲି ସେ କହୁଛି, ବହୁତ ଡେରି ହୋଇଗଲାଣି । ଦୋକାନରେ ବସିଥିବା ସ୍ତ୍ରୀଲୋକ ଉତ୍ତରରେ କହିଲା, 'ଏତେବେଳକୁ ହୋଇ ସାରନ୍ତାଣି । କିନ୍ତୁ ତାର ସାଇଜ୍ ସାଧାରଣ ନୁହେଁ । ତେଣୁ ବେଶୀ ସମୟ ଲାଗିଲା ।' ସେମାନେ କଥାବାର୍ତ୍ତା ବନ୍ଦକରି ମୋ ଆଡ଼କୁ ଚାହିଁଲେ । ତେଣୁ ମୁଁ ଗୋଟେ ଦୁ'ଟା ପ୍ରଶ୍ନ ପଚାରି ଦୋକାନରୁ ଚାଲିଆସିଲି ।"

"ଆପଣ ଚମତ୍କାର ଭାବେ କାମ କରିଛନ୍ତି । ତାପରେ କ'ଣ ହେଲା ?"

"ସେ ସ୍ତ୍ରୀଲୋକଟା ପଦାକୁ ବାହାରି ଆସିଲା । ମୁଁ ଗୋଟେ କବାଟ ଆଡ଼ୁଆଳରେ ଲୁଚିଗଲି । ମୁଁ ଭାବୁଛି ତାର ବୋଧହୁଏ ସନ୍ଦେହ ହେଲା । କାରଣ ସେ ଚାରିଆଡ଼କୁ ଚାହିଁଲା । ତାପରେ ଗୋଟେ ଘୋଡ଼ାଗାଡ଼ି ଡାକି ଭିତରେ ବସିଗଲା । ଭାଗ୍ୟକୁ ତା ପିଛାଧରିବାକୁ ମୁଁ ବି ଗୋଟେ ଗାଡ଼ି

Digitized by srujanika@gmail.com

ପାଇଗଲା । ସେ ବ୍ରିକ୍ସଟନ୍‌ର ସଲ୍ଟନ ଛକରେ ଓହ୍ଲାଇଗଲା । ମୁଁ ଟିକିଏ ଆଗେଇଯାଇ ଗାଡ଼ିରୁ ଓହ୍ଲାଇଲି । ସେ ତ୍ରିଶ ନମ୍ବର ଘରକୁ ଗଲା । ମୁଁ ଘରଟାକୁ ନଜର ଦେଲି ।"

"କାହାକୁ ଦେଖିଲେ ?"

"କେବଳ ତଳ ମହଲାର ଗୋଟେ ଝରକାକୁ ଛାଡ଼ିଦେଲେ ଆଉ ସବୁ ଗୁଡ଼ା ଅନ୍ଧାର ହୋଇଥିଲା । ତଳର ସେ ଝରକାଟାର ପରଦାଟା ବି ଢଆ-ଯାଇଥିଲା । ଭିତରର କିଛି ଦେଖିପାରିଲିନାହିଁ । ତାପରେ କ'ଣ କରିବି ଭାବି ସେଠି ଠିଆ ହୋଇଥାଏ । ଏତିକିବେଳେ ଦୁ'ଜଣ ଲୋକ ଗୋଟେ ଗାଡ଼ି ଧରି ଆସିଲେ । ଗାଡ଼ିଟା ଟଙ୍ଗା ହୋଇଥାଏ । ଲୋକ ଦୁ' ଜଣ ଗାଡ଼ିରୁ ଓହ୍ଲାଇ ସେଥିରୁ କିଛି ଜିନିଷ ଧରି ସେ ଘରର ଦରଜା ଆଡ଼କୁ ଗଲେ । ସେଟା ଗୋଟେ କଫିନ୍ (ଶବାଧାର) ମିଷ୍ଟର୍ ହୋମ୍ସ୍ ।"

"ସତେ !"

"ମୁଁ ଭଲ୍ତିକ ପାଇଁ ମୁଁ ଘର ଭିତରକୁ ଧାଇଁ ଯିବି ବୋଲି ଭାବିଥିଲି । ସେ ଲୋକେ କଫିନଟା ଧରି ଭିତରକୁ ଯିବା ପାଇଁ ଦରଜାଟା ଖୋଲିଥିଲେ । ସେଇ ସ୍ତ୍ରୀଲୋକ ଦରଜାଟ ଖୋଲିଲା । କିନ୍ତୁ ମୁଁ ଠିଆ ହୋଇଥିବାବେଳେ ତାର ଦୃଷ୍ଟି ମୋ ଉପରେ ପଡ଼ିଗଲା । ଭାବୁଛି, ସେ ବୋଧହୁଏ ମୋତେ ଚିହ୍ନି-ପକାଇଲା । ଦେଖିଲି, ସେ ଚମକିଉଠି ତରତରରେ ଦରଜାଟା ବନ୍ଦ କରି-ଦେଲା । ମୁଁ ଆପଣଙ୍କ କଥା ମନେପକାଇ ଆଉ କିଛି ନକରି ସିଧା ଏଠିକି ଆସିଲି ।"

"ଆପଣ ଖୁବ୍ ଭଲ କାମ କରିଛନ୍ତି ।" ଖଣ୍ଡେ କାଗଜରେ କେତୋଟା ଶବ୍ଦ ଲେଖି ହୋମସ୍ ପୁଣି କହିଲେ, "ଗୋଟେ ୱାରେଣ୍ଟ ବିନା ଆମେ ଆଇନ ଅନୁସାରେ କିଛି କରିପାରିବାନାହିଁ । ତେଣୁ ଆପଣ ଏଇ ଚିଠିଟା ନେଇ ସ୍କଟ୍‌ଲାଣ୍ଡ୍ ଇୟାର୍ଡ୍ ଯାଆନ୍ତୁ ଆଉ ୱାରେଣ୍ଟର ବ୍ୟବସ୍ଥା କରନ୍ତୁ । କିଛିଟା ଅସୁବିଧା ହୋଇପାରେ । ତେବେ ମୁଁ ଭାବୁଛି ଏହି ଗହଣା ବିକ୍ରି କରିବା ଅପରାଧ ଯଥେଷ୍ଟ ହେବ । ଲେଷ୍ଟ୍ରେଡ୍ ସବୁ ବ୍ୟବସ୍ଥା କରିବେ ।"

Digitized by srujanika@gmail.com

"କିନ୍ତୁ ସେମାନେ ଏ ଭିତରେ ତାଙ୍କୁ ମାରି ଦେଇ ପାରନ୍ତି । ସେ କଫିନ୍-ଟାର ଅର୍ଥ କ'ଣ ହୋଇପାରେ ? ତାଙ୍କ ବ୍ୟତୀତ ଅନ୍ୟ କାହା ପାଇଁ ସେଟା କିଆଯାଇଛି ?"

"ଯାହା କିଛି କରାଯାଇପାରେ ଆମେ କରିବା ମିଷ୍ଟର୍ ଗ୍ରୀନ୍ । ଗୋଟେ ମୁହୂର୍ତ୍ତ ବି ନଷ୍ଟ କରାଯିବନାହିଁ । ସେ କଥା ଆମ ହାତ ର ଛୁଡ଼ି ଦିଅନ୍ତୁ ।" ମିଷ୍ଟର୍ ଗ୍ରୀନ୍ ତରଳର ହୋଇ ଚାଲିଯିବା ପରେ ମୋ ବନ୍ଧୁ ପୁଣି କହିଲେ, "ସେ ସରକାରୀ ପୋଲିସଙ୍କୁ ଜଣାଇବାକୁ ଗଲେ । ସେମାନେ ତାଙ୍କ କାମ କରିବେ । ଆମେ ହେଲେ ବେସରକାରୀ । ଆମେ ଆମ ବାଟରେ ଯିବା । ପରିସ୍ଥିତି ଅତି ଜଟିଳ । ତେଣୁ ଆମକୁ ମୁହୂର୍ତ୍ତେ ଡେରି ନକରି ପଲ୍‌ଟନ ଯିବାକୁ ହେବ ।"

ପାର୍ଲିଆମେଣ୍ଟ ଭବନ ଆଉ ୱେଷ୍ଟମିନଷ୍ଟର୍ ବ୍ରିଜ୍ ପାର ହୋଇ ଆମ ଗାଡ଼ି ଖୁବ୍ ଦ୍ରୁତ ଗତିରେ ଚାଲିଥାଏ । ସେ କହିଲେ, "ପରିସ୍ଥିତିଟାକୁ ଆଉ ଥରେ ବିଚାର କରି ଦେଖିବା । ଏଇ ସମ୍ମାନିତମାନେ ବିଚାରୀ ଭଦ୍ରମହିଳାଙ୍କୁ ଭଣ୍ଡାଭଣ୍ଡି କରି ଲଣ୍ଡନ ନେଇ ଆସିଛନ୍ତି । ତା ଆଗରୁ ତାଙ୍କ ବିଶ୍ୱସ୍ତ ଚାକ-ରାଣୀଙ୍କୁ ତାଙ୍କ ପାଖରୁ ଅଲଗା କରି ଦେଇଛନ୍ତି । କୌଣସି ସହଯୋଗୀ ଜରିଆରେ ସେମାନେ ଗୋଟେ ଘର ଠିକ୍ କରି ନେଇଛନ୍ତି । ସେଇ ଘରକୁ ଆସିଲାମାତ୍ରେ ସେମାନେ ତାଙ୍କୁ ବନ୍ଦୀ କରି ରଖିଛନ୍ତି ଆଉ ତାଙ୍କର ମୂଲ୍ୟବାନ ଗହଣାପତ୍ର ସବୁ ନେଇ ଯାଇଛନ୍ତି । ସେଇଆ ହିଁ ତାଙ୍କର ଉଦ୍ଦେଶ୍ୟ ଥିଲା । ସେଥିରୁ କିଛି ସେମାନେ ବିକିବାକୁ ଆରମ୍ଭ କରିଦେଲେଣି । କାମଟା ବିପଦ-ଶୂନ୍ୟ ବୋଲି ତାଙ୍କର ଧାରଣା । କାରଣ ସେମାନେ ଜାଣନ୍ତି ଯେ, ଏଇ ଭଦ୍ର ମହିଳାଙ୍କ ଭାଗ୍ୟ ଯାହାହେଉ, ସେଥିରେ କାହାରି କିଛି ଆଗ୍ରହ ନାହିଁ । ସେ ଯଦି ମୁକୁଳି ଆସନ୍ତି ତେବେ ଏମାନଙ୍କୁ ଧରାଇ ପକାଇଦେବେ । ତେଣୁ ସେମାନେ ତାଙ୍କୁ ଛାଡ଼ିବେ ନାହିଁ । କିନ୍ତୁ ସବୁଦିନ ପାଇଁ ତ ତାଙ୍କୁ ଚାବି ପକାଇ ରଖି ପାରିବେନାହିଁ ! ତେଣୁ ତାଙ୍କୁ ମାରିଦେବା ହେଲା ଏକମାତ୍ର ବାଟ ।"

"ସେଟା ପରିଷ୍କାର ଜଣାଯାଉଛି ।"

Digitized by srujanika@gmail.com

"ଏଥର ଆମେ ଆଉ ଗୋଟେ ଦିଗରୁ ବିଚାର କରିବା । ଦୁଇଟା ଅଲଗା ଅଲଗା ଚିନ୍ତାଧାରା ଅନୁସରଣ କଲେ ଦେଖିବ ୱାଟ୍‌ସନ୍, ସେ ଦୁଇଟା କୌଣସି ପର୍ଯ୍ୟାୟରେ ପରସ୍ପରକୁ ଭେଟନ୍ତି ଆଉ ସେଇ ପର୍ଯ୍ୟାୟଟା ପ୍ରାୟ ସତ୍ୟ । ଏଥର ଆମେ ଭଦ୍ରମହିଳାଙ୍କଠାରୁ ଆରମ୍ଭ ନକରି କଫିନ୍‌ଠାରୁ ଆରମ୍ଭ କରିବା ଏବଂ ପଛକୁ ଯିବା । କଫିନ୍ ଘଟଣାରୁ ଜଣାଯାଉଛି, ଭଦ୍ରମହିଳା ନିଶ୍ଚୟ ମୃତ । ତାଙ୍କ ପରମ୍ପରା ଅନୁଯାୟୀ ମଧ୍ୟ କବର ଦିଆଯିବାର ବ୍ୟବସ୍ଥା ହୋଇଛି । ସେଥିପାଇଁ ଡାକ୍ତର ସାର୍ଟିଫିକେଟ୍ ଆଉ ସରକାରୀ ଅନୁମତି ଦରକାର । ଯଦି ସେମାନେ ଭଦ୍ରମହିଳାଙ୍କୁ ହତ୍ୟା କରିଥାନ୍ତେ, ତେବେ ତାଙ୍କୁ ଘର ପଛ ବଗିଚାରେ ଗୋଟେ ଗାତ ଖୋଳି ପୋତି ଦେଇଥାନ୍ତେ; କିନ୍ତୁ ଏଠି ସବୁ ନିୟମ ଆଉ ପଦ୍ଧତି ଅନୁଯାୟୀ ଚାଲିଛି । ତାର ଅର୍ଥ କ'ଣ ହୋଇ-ପାରେ ? ସେମାନେ ତାଙ୍କୁ ନିଶ୍ଚୟ ଏମିତି ଉପାୟରେ ମାରିଛନ୍ତି ଯେ, ଡାକ୍ତରଙ୍କୁ ଠକି ଦେଇଛନ୍ତି ଆଉ ଡାକ୍ତର ମତ ଦେଇଛନ୍ତି—ସ୍ୱାଭାବିକ ପନ୍ଥାରେ ମୃତ୍ୟୁ ହୋଇଛି । ସେମାନେ ବୋଧହୁଏ ତାଙ୍କୁ ବିଷଦେଇ ମାରିଛନ୍ତି । ତଥାପି ସେମାନେ ଜଣେ ଡାକ୍ତରଙ୍କୁ ଡାକିବାଟା ବିଚିତ୍ର । କେହି ଡାକ୍ତର ଏ କାମରେ ତାଙ୍କର ସହଯୋଗୀ ହେବା ସମ୍ଭବ ନୁହେଁ ।"

"ସେମାନେ ଡାକ୍ତର ସାର୍ଟିଫିକେଟ୍‌ଟା ଜାଲ୍ କରିନଥିବେ ?"

"ସେଟା ବିପଜ୍ଜନକ ୱାଟ୍‌ସନ୍, ଅତି ବିପଜ୍ଜନକ । ନା, ସେମାନେ ତା କରିଥିବେ ବୋଲି ମୁଁ ଭାବୁନାହିଁ । ଏଇଠି ଗାଡ଼ି ରଖ ଗାଡ଼ିବାଲା । ଏଇଟା ସେଇ ଦୋକାନ ନିଶ୍ଚୟ । ତୁମେ ଯାଅ ୱାଟ୍‌ସନ୍, ପଲ୍‌ଟନି ଛକର ମଲି ଲୋକର କବର ଦେବା କାମଟା କାଲି କେତେବେଳେ ହେବ ବୁଝି ଆସ ।"

ଦୋକାନରେ ଥିବା ନାରୀ ଦ୍ୱିଧା ନକରି କହିଲେ ଯେ, ସକାଳ ଆଠଟା ବେଳେ ଶବ ବାହାରିବ । ସେ କଥା ଶୁଣି ହୋମ୍‌ସ୍ କହିଲେ, "ଦେଖୁଛ ୱାଟ୍‌ସନ୍, ସବୁ ଠିକ୍ କରାଯାଇଛି । କୌଣସି ପ୍ରକାରେ ଆଇନ୍ ଅନୁମୋଦିତ କାମ କରାଯାଇଛି । ତେଣୁ ସେମାନଙ୍କର କିଛି ଭୟ କରିବାର ନାହିଁ । ବର୍ତ୍ତମାନ ସେମାନଙ୍କୁ ସିଧାସଳଖ ଆକ୍ରମଣ କରିବା ଛଡ଼ା ଅନ୍ୟ ଉପାୟ ନାହିଁ । ତୁମ ପାଖରେ କିଛି ଅସ୍ତ୍ର ଅଛି ?"

Digitized by srujanika@gmail.com

"କେବଳ ମୋ ବାଡ଼ି ।"

"ଆଚ୍ଛା, ଆଚ୍ଛା । ଆମେ ତାଙ୍କଠୁ ନିଶ୍ଚୟ ବଳରେ ଅଧିକା ହେବା । ଯେ ନ୍ୟାୟରେ ଗଣ୍ଡଗୋଳ କରିବ ତାର ବଳ ଦ୍ୱିଗୁଣ । ଆମେ ଆଇନ୍‌କୁ କରି ପୋଲିସ୍‌କୁ ଅପେକ୍ଷା କରିପାରିବାନାହିଁ । ତୁମେ ଯାଅ ଗାଡ଼ିବାଲା । ଏଥର ହ୍ୱାଟ୍‌ସନ୍, ଅତୀତରେ ଆମେ ଯେମିତି ସାଥି ହୋଇ ଭାଗ୍ୟ ପରୀକ୍ଷା କରିଛେ, ଏବେ ସେଇଆ କରିବା ।"

"ପଲ୍‌ଟନି ଛକର ଗୋଟେ ଘରର ଦରଜା ପାଖରେ ସେ କଲିଂବେଲ୍‌ଟା ଖୁବ୍ ଜୋର୍‌ରେ ବଜାଇଲେ । ସାଙ୍ଗେ ସାଙ୍ଗେ ଦରଜା ଖୋଲିଲା । ବାଟ ଘରେ ଫିକା ଆଲୁଅ । ଜଣେ ଖୁବ୍ ବୁଢା ସ୍ତ୍ରୀଲୋକ ଠିଆ ହୋଇଥିଲେ । ହୋମ୍‌ସ କହିଲେ, "ମୁଁ ଡାକ୍ତର ସ୍ଲେସିନ୍‌ଜର୍‌ଙ୍କୁ ଦେଖିବାକୁ ଚାହେଁ ।"

"ସେପରି ଲୋକ କେହି ଏଠି ନାହାନ୍ତି ।"—ନାରୀ ଜଣକ ଉତ୍ତର ଦେଲେ । ସେ ଦରଜାଟା ବନ୍ଦକରି ଦେବାକୁ ଯାଉଥିଲେ; କିନ୍ତୁ ହୋମ୍‌ସ ପାଦରେ ସେଟାକୁ ଠେଲି ଧରିଲେ । ଖୁବ୍ ଦୃଢ଼ଭାବରେ ହୋମ୍‌ସ କହିଲେ, "ଏ ଘରେ ଯେଉଁ ଲୋକ ରହୁଛନ୍ତି, ମୁଁ ତାଙ୍କୁ ଦେଖିବାକୁ ଚାହେଁ— ତାଙ୍କ ନାଁ ଯାହାହେଉ କିଛି ଯାଏ ଆସେ ନାହିଁ ।"

"ନାରୀ ଜଣକ ଟିକିଏ ଦ୍ୱିଧା କଲେ । ତାପରେ ଦରଜାଟା ପୁରା ଖୋଲି ଦେଇ କହିଲେ, 'ଭିତରକୁ ଆସନ୍ତୁ । ମୋ ସ୍ୱାମୀ ଦୁନିଆର ଯେ କୌଣସି ଲୋକର ସାମନା କରିବାକୁ ଡରନ୍ତି ନାହିଁ ।' ଆମେ ଭିତରକୁ ଗଲା ପରେ ସେ ଦରଜାଟା ବନ୍ଦ କରିଦେଲେ । ବାଟ ଘରର ଡାହାଣକୁ ଗୋଟେ ଘରକୁ ଆମକୁ ନେଇଯାଇ ଆଲୁଅଟା ତେଜିଦେଲେ । ତାପରେ କହିଲେ, 'ମିଷ୍ଟର୍ ପିଟର୍‌ସ୍ ଏଇ ସାଙ୍ଗେ ସାଙ୍ଗେ ଆସିବେ' ।"

ତାଙ୍କ କଥା ଅକ୍ଷରେ ଅକ୍ଷରେ ସତ । ଆମେ ସେ ଧୂଳି ଆଉ ମଇଳା ଭରା ଘରଟାର ଚାରିଆଡ଼େ ଆଖି ବୁଲାଇ ଆଣିଛୁ କି ନାହିଁ, ଗୋଟାଏ ଦରଜା ଖୋଲି ଜଣେ ବଳିଷ୍ଠ ଲୋକ ଧୀରେ ଧୀରେ ପାଦ ପକାଇ ଭିତରକୁ ଆସିଲେ । ତାଙ୍କ ମୁଣ୍ଡ ଚନ୍ଦା ଆଉ ମୁହଁଟା ଲାଲ । ମୁହଁରେ କୃତ୍ରିମ ଗାମ୍ଭୀର୍ଯ୍ୟ । ମଧୁର ଧରିଲା ସ୍ୱରରେ ସେ କହିଲେ, "ଆପଣମାନଙ୍କର ନିଶ୍ଚୟ ଭ୍ରମ ହୋଇଛି । ଆପଣଙ୍କୁ

Digitized by srujanika@gmail.com

କେହି ଭୁଲ୍ ଘର ବତାଇ ଦେଇଛି । ଆପଣ ବୋଧହୁଏ ଆଉ ଟିକିଏ ଆଗକୁ ଯାଇଥିଲେ—।"

"ସେତିକିରେ ଚଳିବ ।" ମୋ ବନ୍ଧୁ ଦୃଢ଼ ଭାବରେ କହିଲେ, "ଆମେ ସମୟ ନଷ୍ଟ କରିପାରିବୁନାହିଁ । ଆପଣ ଆଡ଼ିଲେଡ୍‌ର ହେନରୀ ପିଟର୍‌ସ୍ । ପରେ ବାଡ଼େନ୍ ଓ ଦକ୍ଷିଣ ଆମେରିକାରେ ଡାକ୍ତର ସେସିନ୍‌କର୍ ହୋଇଛନ୍ତି । ମୋ ନାଁ ସେର୍‌ଲକ୍ ହୋମ୍‌ସ ବୋଲି ଯେମିତି ନିଶ୍ଚିତ ଏ କଥାରେ ମୁଁ ସେମିତି ନିଶ୍ଚିତ ।"

"ପିଟର୍‌ସ୍ ଚମକି ଉଠି ତାଙ୍କର ଏଇ ଅଜେୟ ଅନୁସନ୍ଧାନକାରୀଙ୍କ ଆଡ଼କୁ ଚାହିଁ ରହିଲେ । ଖୁବ୍ ସ୍ୱାଭାବିକ ଭାବେ କହିଲେ, "ମୁଁ ଆପଣଙ୍କ ନାଁରେ ଡରିଯାଉନାହିଁ, ମିଷ୍ଟର୍ ହୋମ୍‌ସ୍ । ଯେତେବେଳେ ଜଣେ ଲୋକର ବିବେକ ନିର୍ମଳ ଆପଣ ତାକୁ ବିଚଳିତ କରିପାରିବେନାହିଁ । ମୋ ଘରେ ଆପଣଙ୍କର କାମ କ'ଣ ?"

"ମୁଁ ଜାଣିବାକୁ ଚାହେଁ ଆପଣ ଲେଡ଼ି ଫ୍ରାନ୍‌ସେସ୍ କାର୍‌ଫାକ୍‌ସ୍‌ଙ୍କୁ କ'ଣ କଲେ । ବାଡ଼େନ୍‌ରୁ ଆପଣ ତାଙ୍କୁ ସାଥିରେ ଆଣିଥିଲେ ।"

"ସେ ଭଦ୍ରମହିଳା କେଉଁଠି ଆପଣ ମୋତେ କହିପାରିଲେ ବରଂ ମୁଁ ଖୁସି ହେବି । ତାଙ୍କଠୁ ମୋର ପ୍ରାପ୍ୟ ଶହେ ପାଉଣ୍ଡ୍ ପାଇବାର ଅଛି । ତାଙ୍କର କେବଳ ନକଲି ବାଜେ କାନଫୁଲ୍ ଛଡ଼ା ମୋ ପାଖରେ କିଛି ନାହିଁ । କୌଣସି ବ୍ୟବସାୟୀ ସେଗୁଡ଼ାକୁ ଚାହିଁବେ ନାହିଁ । ବାଡ଼େନରେ ସେ ଆସି ଆମ ପାଖରେ ରହିଲେ । ଯେତେବେଳେ ମୁଁ ଆଉ ଗୋଟେ ନାଁ ବ୍ୟବହାର କରିବାଟା ସତ ! ଆମେ ଲଣ୍ଡନ ଆସିବାଯାଏ ସେ ଆମ ପାଖରେ ଥିଲେ । ମୁଁ ତାଙ୍କର ହୋଟେଲ୍ ବିଲ୍ ଆଉ ଟିକେଟ୍ ପାଇଁ ପଇସା ଦେଇଛି । ଲଣ୍ଡନରେ ପହଞ୍ଚିବା ମାତ୍ରେ ସେ ଆମ ପାଖରୁ ଖସିଯିବାକୁ ଚାହିଁଲେ । ତାଙ୍କ ପଇସା ସୁଝିବା ପାଇଁ ଏଇ ବାଜେ ଗହଣା ଦି'ଖଣ୍ଡ ଆମ ପାଖରେ ଛାଡ଼ିଗଲେ । ଆପଣ ତାଙ୍କୁ ଖୋଜି ବାହାର କରିପାରିଲେ ମୁଁ ଆପଣଙ୍କ ପାଖେ ଋଣୀ ରହିବି, ମିଷ୍ଟର୍ ହୋମ୍‌ସ୍ ।"

Digitized by srujanika@gmail.com

ଖୁବ୍ ଦୃଢ଼ ଭାବରେ ସେର୍‌ଲକ ହୋମ୍‌ସ କହିଲେ, "ମୁଁ ନିଶ୍ଚୟ ତାଙ୍କୁ ଖୋଜି ବାହାର କରିବି । ସେଥିପାଇଁ ଏ ଘର ସାରା ମୁଁ ଖୋଜିବି ।"

"ଆପଣଙ୍କର ୱାରେଣ୍ଟ୍ କାହିଁ ?"

ହୋମ୍‌ସ୍ ରିଭଲ୍‌ଭର୍‌ଟା ପକେଟ୍‌ରୁ ଅଧ ବାହାର କରି କହିଲେ, "ୱାରେଣ୍ଟ୍‌ଟା ଆସିବାଯାଏଁ ଏଇଟା ବେଶ୍ କାମ ଦେବ ।"

"ଓଃ, ଆପଣ ତେବେ ଜଣେ ଡକାୟତ ।"

ହସି ହସି ହୋମ୍‌ସ କହିଲେ, "ଆପଣ ତା କହିପାରନ୍ତି । ମୋ ସାଥି ମଧ୍ୟ ଜଣେ ଭୟଙ୍କର ଗୁଣ୍ଡା । ଆମେ ସାଥି ହୋଇ ଏ ଘର ସାରା ଖାନତଲାସ କରିବୁ ।"

ଦରଜାଟା ଖୋଲି ଆମର ପ୍ରତିଦ୍ୱନ୍ଦ୍ୱୀ କହିଲେ, "ପୋଲିସ୍‌କୁ ଡାକି ଆଣ । ଜଣେ ନାରୀ କୁରୁତାର ଖସ୍‌ଖସ ଶବ୍ଦ ହେଲା । ତା'ପରେ ବାଟ ଘରର ଦରଜା ଖୋଲିବା ଆଉ ବନ୍ଦ ହେବା ଶବ୍ଦ ଶୁଣାଗଲା ।

ହୋମ୍‌ସ କହିଲେ, "ଆମର ସମୟ ଖୁବ୍ କମ୍, ୱାଟ୍‌ସନ୍ । ତୁମେ ଯଦି ଆମକୁ ବାଧାଦେଅ ପିଟର୍‌ସ୍, ତେବେ ନିଶ୍ଚୟ ଆଘାତ ହେବ । ତୁମ ଘରକୁ ଯେଉଁ କଫିନ୍‌ଟା ଅଣାଗଲା ସେଟା କାହିଁ ?"

"କଫିନ୍‌ଟାରୁ ଆପଣ କ'ଣ ପାଇବେ ? କିଛି ଲାଭନାହିଁ । ତା ଭିତରେ ଗୋଟେ ମୃତ ଦେହ ଅଛି ।"

"ସେଇ ଶବଟା ମୁଁ ଦେଖିବି ।"

"ସେଥିପାଇଁ ମୁଁ ଅନୁମତି ଦେବି ନାହିଁ ।"

"ତାହେଲେ ତୁମ ବିନା ଅନୁମତିରେ ମୁଁ ଦେଖିବି ।" ଚଟ କରି ବୁଲିପଡ଼ି ହୋମ୍‌ସ ଲୋକଟାକୁ ଗୋଟେ କଡ଼କୁ ଠେଲି ଦେଇ ବାଟ ଘରକୁ ଚାଲିଗଲେ । ଆମ ଆଗରେ ଗୋଟେ ଦରଜା ଖୋଲାଥିଲା । ଆମେ ସେଇବାଟେ ଯାଇ ଖାଇବା ଘରେ ପହଞ୍ଚିଲୁ । ଗୋଟେ ଟେବୁଲ୍ ଉପରେ କଫିନଟା ଥୁଆ ହୋଇଥିଲା । ହୋମ୍‌ସ ଆଲୁଅଟା ତେଜି ଦେଇ କଫିନ୍‌ର ଡାଙ୍କୁଣିଟା ଟେକିଦେଲେ । କଫିନ୍‌ରେ ଗୋଟେ ବୁଢ଼ୀ କଙ୍କାଳସାର ଦେହ ପଡ଼ିଥିଲା । ଗୋଟାଏ ବୁଢ଼ୀ ଆଉ ମାଂସହୀନ ମୁହଁ ଉପରେ ଆଲୁଅ ପଡ଼ିଗଲା । ଯେତେ କଷ୍ଟ ଚିକିତ୍ସା ହେଲେ

Digitized by srujanika@gmail.com

ଉପାସରେ ରହିଲେ ବା ଯେ କୌଣସି ରୋଗରେ ପଡ଼ିଲେ ମଧ୍ୟ ଲେଡ଼ି ଫ୍ରାନ୍‌ସେସ୍‌ଙ୍କ ସୁନ୍ଦର ମୁହଁ କେବେ ଏ ମୁହଁ ହୋଇ ନପାରେ । ହୋମ୍‌ସଙ୍କ ମୁହଁରେ ବିସ୍ମୟ ଆଉ ଆଶ୍ୱସ୍ତିର ଚିହ୍ନ ଦେଖାଗଲା । ଗୁଣୁଗୁଣୁ ହୋଇ ସେ କହି ଉଠିଲେ, "ଭଗବାନଙ୍କୁ ଧନ୍ୟବାଦ । ଇଏ ଆଉ କେହି ଜଣେ ।"

ପିଟର୍‌ସ୍ ଆମ ପଛେ ପଛେ ଘର ଭିତରକୁ ଆସିଥିଲେ । ସେ କହିଲେ, "ଆପଣ ଅନ୍ତତଃ ଥରକ ପାଇଁ ବିରାଟ ଭୁଲ କରିଛନ୍ତି, ମିଷ୍ଟର୍ ହୋମ୍‌ସ ।"

"ଏଇ ମୃତ ମହିଳା କିଏ ?"

"ଆପଣ ଯଦି ଜାଣିବାକୁ ଆଗ୍ରହୀ ତେବେ ଜାଣିରଖନ୍ତୁ, ସେ ସ୍ତ୍ରୀଙ୍କର ଜଣେ ପୁରୁଣା ଧାଈ । ତାଙ୍କ ନାଁ ରୋଜ୍ ସ୍ପେନ୍‌ଡର । ତାଙ୍କୁ ଆମେ ବ୍ରିକ୍‌ସ୍‌ଟନ୍‌ରେ ଭେଟିଲୁ । ଏଠିକି ନେଇ ଆସିଲୁ । ଫାର୍ ବ୍ୟାଙ୍କର ତେର ନମ୍ବରରେ ରହୁ-ଥିବା ଡାକ୍ତର ହର୍‌ସମ୍‌ଙ୍କୁ ଡାକି ତାଙ୍କର ଚିକିତ୍ସା କରାଇଲୁ । ଠିକଣାଟା ମନେ ରଖିଥାନ୍ତୁ । ତୃତୀୟ ଦିନ ତାଙ୍କର ମୃତ୍ୟୁ ହୋଇଗଲା । ସାର୍ଟିଫିକେଟ୍‌ରେ ଲେଖାଅଛି ଜରାଜୀର୍ଣ୍ଣତା ଯୋଗୁଁ ମୃତ୍ୟୁ । ସେଇଟା ଡାକ୍ତରଙ୍କ ମତ । ଆଉ ଆପଣ ସେକଥା ଜାଣନ୍ତି । ଆମେ ତାଙ୍କର ଶବ ସତ୍କାର ପାଇଁ କେନ୍‌ସିଙ୍ଗ୍‌ଟନ୍ ରୋଡ଼ର ଷ୍ଟିମ୍‌ସନ୍ କମ୍ପାନୀକୁ ଅର୍ଡର ଦେଲୁ । କାଲି ସକାଳ ଆଠଟା ବେଳେ ସେମାନେ ତାଙ୍କୁ କବର ଦେବେ । ଏଥିରୁ ଆଉ କିଛି ଛିଦ୍ର ବାହାରକରି ପାରୁଛନ୍ତି, ମିଷ୍ଟର୍ ହୋମ୍‌ସ ? ଆପଣ ନିର୍ବୋଧପରି ଏକ ବିରାଟ ଭୁଲ କରି ବସିଛନ୍ତି । ଆପଣ ଲେଡ଼ି ଫ୍ରାନ୍‌ସେସ୍ କାର୍‌ଫାକ୍‌ସ୍‌ଙ୍କୁ ଦେଖିବେ ବୋଲି ଆଶାକରି କଫିନ୍‌ର ଢାଙ୍କୁଣିଟା ଟେକିଦେଲେ; କିନ୍ତୁ ଦେଖିଲେ ନବେ ବର୍ଷର ଜଣେ ବୁଢ଼ୀ । ସେତେବେଳେ ଆପଣଙ୍କ ଆଖି ଆଉ ମୁହଁର ଢଙ୍ଗ ବେଶ୍ ବଢ଼ିଆ ଦିଶୁଥିଲା । ତାର ଗୋଟେ ଫଟୋ ହୋଇଲେ ଭାରି ମଜା ହୁଅନ୍ତା ।"

ତାଙ୍କ ପ୍ରତିଦ୍ୱନ୍ଦ୍ୱୀର ଏଇ ବିଦ୍ରୂପ ଭିତରେ ମଧ୍ୟ ହୋମ୍‌ସ ଟିକିଏ ବିଚଳିତ ହେଲେ ନାହିଁ । ସେ କହିଲେ, "ମୁଁ ଏ ଘରଟା ଖାନତଲାସ କରିବି ।"

"ସତେ !" ପିଟର୍‌ସ୍ କହିଲେ । ଏତିକି ବେଳେ ଜଣେ ନାରୀର ସ୍ୱର ଆଉ ବୁଟ୍ ଜୋତାର ଭାରି ଶବ୍ଦ ଶୁଣାଗଲା । ପିଟର୍‌ସ୍ ପୁଣି କହିଲେ, "ଆମେ ଶୀଘ୍ର ତାର ବ୍ୟବସ୍ଥା କରିବା । ଏଇ ଅଡ଼କୁ ଆସନ୍ତୁ ଅଫିସର୍ । ଏମାନେ

Digitized by srujanika@gmail.com

ଜବରଦସ୍ତ ମୋ ଘର ଭିତରେ ପଶିଛନ୍ତି ଆଉ ମୁଁ ତାଙ୍କୁ ବାହାର କରି ପାରୁନାହିଁ । ମୋତେ ସାହାଯ୍ୟ କରନ୍ତୁ ।”

ଦରଜା ପାଖରେ ଜଣେ ସର୍ଜେଣ୍ଟ ଅଉ ଜଣେ କନେଷ୍ଟବଲ ଠିଆ ହୋଇଥିଲେ । ହୋମ୍‌ସ୍‌ ପକେଟ୍‌ରୁ ତାଙ୍କ ପରିଚୟ ପତ୍ର ବାହାର କରି କହିଲେ, “ଏଇ ମୋର ନାଁ ଆଉ ଠିକଣା । ଇଏ ମୋର ବନ୍ଧୁ, ଡାକ୍ତର ୱାଟ୍‌ସନ୍‌ ।”

ସର୍ଜେଣ୍ଟ କହିଲେ, “କ୍ଷମା କରିବେ ଆଜ୍ଞା । ଆମେ ଆପଣଙ୍କୁ ଭଲରୂପେ ଜାଣୁ ; କିନ୍ତୁ ୱାରେଣ୍ଟ ନଥାଇ ଆପଣ ଏଠି ରହିପାରିବେନାହିଁ ।”

“ମୁଁ ସେ କଥା ଜାଣେ ।”

ପିଟର୍‌ସ୍‌ କହି ଉଠିଲେ, “ତାଙ୍କୁ ଆରେଷ୍ଟ କରନ୍ତୁ ସର୍ଜେଣ୍ଟ ।”

ଗାମ୍ଭୀର ଭାବରେ ସର୍ଜେଣ୍ଟ ଉତ୍ତରଦେଲେ, “ଦର୍କାର ହେଲେ ତାଙ୍କୁ କେଉଁଠି ପାଇବୁ ଆମେ ଜାଣୁ । କିନ୍ତୁ ଆପଣଙ୍କୁ ଏଠୁ ଯିବାକୁ ହେବ, ମିଷ୍ଟର୍ ହୋମ୍‌ସ ।”

“ହଁ, ୱାଟସନ୍‌, ଆମକୁ ଏଠୁ ଚାଲି ଯିବାକୁ ହେବ ।”

ମିନିଟ୍‌ଏ ପରେ ଆମେ ପୁଣି ରାସ୍ତା ଉପରକୁ ଚାଲି ଆସିଲୁ । ରାଗ ଆଉ ଅପମାନରେ ମୋ ଦେହ ଜଳିଯାଉଥାଏ । ହୋମ୍‌ସ୍‌ କିନ୍ତୁ ସବୁ ସମୟ ପରି ଧୀର ସ୍ଥିର । ସର୍ଜେଣ୍ଟ ଆମ ପଛେ ପଛେ ଆସୁଥାନ୍ତି । ସେ କହିଲେ, “କ୍ଷମା କରିବେ, ମିଷ୍ଟର୍ ହୋମ୍‌ସ୍‌; କିନ୍ତୁ ମୁଁ ଆଇନର ଚାକର ।”

“ଠିକ୍‌ କହୁଛ ସର୍ଜେଣ୍ଟ—ତୁମର ଆଉ କିଛି କରିବାର ନଥିଲା ।”

“ମୁଁ ଭାବୁଛି ଆପଣଙ୍କର ସେଠିକି ଯିବାର ଯଥେଷ୍ଟ କାରଣ ଅଛି । ଯଦି ମୋ ଦ୍ଵାରା କିଛି ହୋଇପାରିବ—।”

“ଜଣେ ଭଦ୍ରମହିଳା ନିଖୋଜ ହୋଇଯାଇଛନ୍ତି, ସର୍ଜେଣ୍ଟ । ମୁଁ ଭାବୁଛି ସେ ସେଇ ଘରେ ଅଛନ୍ତି । ୱାରେଣ୍ଟ୍‌ଟା ଖୁବ୍‌ ଶୀଘ୍ର ଆସିବ ବୋଲି ମୋର ଆଶା ।”

“ଚାହିଁଲେ ମୁଁ ଏମାନଙ୍କ ଉପରେ ନଜର ରଖିବି, ମିଷ୍ଟର୍ ହୋମ୍‌ସ୍‌ । ଯଦି କିଛି ଦେଖେ ତେବେ ନିଶ୍ଚୟ ଆପଣଙ୍କୁ ଜଣାଇବି ।”

Digitized by srujanika@gmail.com

ସେତେବେଳକୁ ମୋଟେ କଅଣ୍ଟା ବାଜିଥାଏ । ଆମେ ପୁଣି ପୁରା ଦମ୍‌ରେ କାମରେ ଲଗିଗଲୁ । ପ୍ରଥମେ ଆମେ ବ୍ରିକ୍‌ସ୍ଟନ୍ ଗଲୁ । ସେଠି ଅନାଥାଶ୍ରମରେ ବୁଝିଲୁ ଦୁ'ଜଣ ଧର୍ମଯାଜକ ଦମ୍ପତି ଆସି ନିଆଶ୍ରୀ ବୁଢ଼ୀଟିକୁ ସାଥିରେ ନେଇ ଥିଲେ । ସେ ତାଙ୍କର ପୁରୁଣା ଗୃହକର୍ତ୍ତୀ ବୋଲି କହିଲେ । ବୁଢ଼ୀକୁ ନେବା ପାଇଁ ସେମାନେ ଅନୁମତି ପାଇଥିଲେ । ସେ ମରିଯିବା ଖବର ଜାଣିଲାପରେ ସେଠି କେହି ବିସ୍ମିତ ହେଲେ ନାହିଁ ।

ଆମର ପରବର୍ତ୍ତୀ ଲକ୍ଷ୍ୟସ୍ଥଳ ହେଲେ ଡାକ୍ତର । ତାଙ୍କୁ ଡକା ଯାଇଥିଲା । ସେ ଦେଖିଲେ, ବୁଢ଼ୀ ମଲାବେଳେ ସେ ନିକଟେ ଥିଲେ; ଜରା ଅବସ୍ଥା ମୃତ୍ୟୁର କାରଣ । ତେଣୁ ସେ ସାର୍ଟିଫିକେଟରେ ଦସ୍ତଖତ କରିଛନ୍ତି । ଡାକ୍ତର କହିଲେ, "ମୁଁ ଆପଣଙ୍କୁ ନିର୍ଭରଭାବେ କହୁଛି, ବୁଢ଼ୀର ମୃତ୍ୟୁ ସ୍ୱାଭାବିକ ।" ସେ ଘରେ ଡାକ୍ତର କିଛି ସନ୍ଦେହଜନକ ଦେଖିଲେ ନାହିଁ । କେବଳ ଗୋଟେ ଅସାଧାରଣ କଥା ଲକ୍ଷ୍ୟ କଲେ । ସେପରି ଉଚ୍ଚ ଲୋକଙ୍କ ଘରେ ସେ ଜଣେ ହେଲେ ଗୃହକର ଚାକର ଦେଖିବାକୁ ପାଇଲେ ନାହିଁ । ଡାକ୍ତରଙ୍କ ପାଖରୁ ଆଉ କିଛି ଜାଣିବାର ନଥିଲା ।

ଶେଷରେ ଆମେ ଯାଇ ସ୍କଟଲାଣ୍ଡ ୟାର୍ଡରେ ପହଞ୍ଚିଲୁ । ୱାରେଣ୍ଟଟା ଜାରି କରିବାରେ କିଛିଟା ଅସୁବିଧା ହେଲା । ଫଳରେ ସାମାନ୍ୟ ବିଳମ୍ବ ହେଲା । ତା'ପରଦିନ ସକାଳ ଯାଏ ମାଜିଷ୍ଟ୍ରେଟଙ୍କ ଦସ୍ତଖତ ହୋଇପାରିଲାନାହିଁ । ସକାଳ ନଅଟାବେଳେ ହୋମ୍‌ସ୍ ଲେଷ୍ଟ୍ରେଡ୍‌ଙ୍କ ସାଥିରେ ଗଲେ ସେ ସବୁ ବ୍ୟବସ୍ଥା କରି ଦେବେ ବୋଲି କହିଲେ । ଏଇପରି ଭାବରେ ଦିନଟା ଶେଷ ହେଲା । ପ୍ରାୟ ରାତି ଅଧ ବେଳକୁ ଆମର ସର୍ଜେଣ୍ଟ ବନ୍ଧୁ ଆସି ପହଞ୍ଚିଲେ । ସେ କହିଲେ ଯେ, ସେଇ ଘରଟାର ଝରକାବାଟେ ଏଠି ସେଠି ଆଲୁଅ ଶିଖା ଦେଖାଗଲା; କିନ୍ତୁ ଘରୁ କେହି ବାହାରକୁ ବା ବାହାରରୁ କେହି ଭିତରକୁ ଯାଇନାହିଁ । ଆମେ କେବଳ ଧୈର୍ଯ୍ୟ ଧରି ସକାଳଯାଏଁ ଅପେକ୍ଷାକରି ରହିଲୁ ।

ସେର୍ଲକ୍ ହୋମ୍‌ସ୍ କିଛି କଥାବାର୍ତ୍ତା କଲେ ନାହିଁ କିମ୍ବା ବିଚଳିତ ହୋଇ ଶୋଇ ବି ପାରିଲେ ନାହିଁ । ରାତିରେ ମୁଁ ତାଙ୍କୁ ଛାଡ଼ି ଶୋଇବାକୁ ଗଲା ବେଳକୁ ସେ ବସି ସିଗାରେଟ୍ ଟାଣୁଥାନ୍ତି । ତାଙ୍କ ମୋଟା ଆଖି ପତା ଦୁଇଟା

Digitized by srujanika@gmail.com

ସତ୍ତରି ଦେଖା ଯାଉଥାଏ । ସେ ଚଉକିର ହାତଟାରେ ଆଙ୍ଗୁଠି ଠକ୍ ଠକ୍ କରୁଥାନ୍ତି । ଆଉ ଏ ରହସ୍ୟ କଥା ମନେ ମନେ ଚିନ୍ତା କରୁଥାନ୍ତି । ରାତିରେ ସେ ଘରଭିତରେ ଏପଟ ସେପଟ ବୁଲୁଥିବାର ମୁଁ କେତେ ଥର ଶୁଣିଛି । ଶେଷରେ ବଡ଼ସକାଳେ ସେ ମୋ ରୁମ ଭିତରକୁ ପଶି ଆସି ମୋତେ ଡାକିଲେ । ସେ ତାଙ୍କର ପୋଷାକପତ୍ର ପିନ୍ଧି ନେଇ ଥିଲେ; କିନ୍ତୁ ତାଙ୍କ ଶୁଖିଲା ମୁହଁ ଆଉ ଖୋଲା ଖୋଲା ଆଖିରୁ ଜାଣିଲି ସେ ରାତିସାରା ଶୋଇନାହାନ୍ତି । ସେ ବ୍ୟସ୍ତହୋଇ ପଚାରିଲେ, "କବର ଦିଆଯିବା ସମୟଟା କେତେ ? ଆଠଟା ନୁହେଁକି ? ବର୍ତ୍ତମାନ ସାତଟା ବାଜି କୋଡ଼ିଏ ମିନିଟ । ହେ ଭଗବାନ ! ୱାଟ୍‌ସନ୍, ଭଗବାନ ମୋତେ ଯେଉଁ ବୁଦ୍ଧି ଦେଇଛନ୍ତି ସେ ଗଲା କୁଆଡ଼େ ? ଶୀଘ୍ର ୱାଟ୍‌ସନ୍, ଶୀଘ୍ର । ଏଟା ଜୀବନ ମରଣ ସମସ୍ୟା । ମରଣର ଆଶଙ୍କା ଶହେ, ଜୀବନର ଆଶା ମୋଟେ ଏକ । ଯଦି ଆମର ବେଶୀ ଡେରି ହୋଇଯାଏ ତେବେ ମୁଁ ନିଜକୁ କ୍ଷମାକରିପାରିବିନାହିଁ ।"

ପାଞ୍ଚମିନିଟ୍ ଭିତରେ ଆମେ ଗୋଟେ ଘୋଡ଼ାଗାଡ଼ିରେ ବେକର୍‌ଷ୍ଟ୍ରୀଟ୍‌ଦେଇ ଆଖିବୁଜା ଛୁଟିଲୁ । ତଥାପି ଆମେ ବିଗ୍‌ବେନ୍ ଅତିକ୍ରମ କଲାବେଳକୁ ଆଠଟା ବାଜିବାକୁ ଆଉ ପଚିଶ ମିନିଟ୍ ଆଉ ବ୍ରିକ୍‌ସ୍ଟନ୍ ରୋଡ୍‌ରେ ହେଲାବେଳକୁ ଆଠଟା ବାଜିଗଲା । କିନ୍ତୁ ଆମର ଯେମିତି ଡେରିହେଲା ଅନ୍ୟମାନଙ୍କର ମଧ୍ୟ ସେହିପରି ଡେରି ହେଲା । ଆଠଟା ବାଜି ଦଶମିନିଟ୍ ହେଲାବେଳକୁ ବି ଶବନେବା ଗାଡ଼ିଟା ସେ ଘର ଆଗରେ ଠିଆ ହୋଇଥାଏ । ଆମ ଗାଡ଼ି ଅଟକିଲା ବେଳକୁ ତିନିଜଣ ଲୋକ କଫିନ୍‌ଟାକୁ ଧରି ଘରୁବାହାରି ଆସୁଥିଲେ । ହୋମ୍‌ସ୍ ଆଗକୁ ଧାଇଁଯାଇ ସେମାନଙ୍କ ବାଟ ବନ୍ଦକଲେ ।

ସବା ଆଗରେ ଥିବା ଲୋକ ଛାତିରେ ହାତ ପକାଇ ସେ କହିଲେ, "ଏ କଫିନ୍ ଘର ଭିତରକୁ ଫେରାଇନିଅ । ଏଇ ମୁହୂର୍ତ୍ତରେ ଫେରାଇନିଅ !"

ପିଟର୍‌ସ୍ ରାଗରେ ପାଚିଗଲେ । କଫିନ୍ ପଛରୁ ତାଙ୍କ ନାଲି ମୁହଁରେ ଆଖି ଦି'ଟା ଜଳୁଥାଏ । ସେ ଚିତ୍କାର କରିଉଠିଲେ, 'ମୁଁ ପୁଣି ପଚାରୁଛି, ସେଥି କି ଅଇତାକ ? ତୁମ ୱାରେଣ୍ଟ୍ କାହିଁ ?"

Digitized by srujanika@gmail.com

"ଉଆରଣ୍ଟ୍ ଆସୁଛି । ଆସି ପହଞ୍ଚିବାଯାଏଁ ଏ କଫିନ୍‌ଟା ଘରଭିତରେ ରହିବ ।"

ହୋମ୍‌ସଙ୍କ ଆଦେଶଦେବା ସ୍ୱର ଶବବାହକମାନଙ୍କ ଉପରେ ବେଶ୍ ପ୍ରଭାବ ପକାଇଲା । ପିଟର୍‌ସ୍ ହଠାତ୍ ଘରଭିତରକୁ ପଳାଇଲା । ଶବବାହକ-ମାନେ ହୋମ୍‌ସଙ୍କ ଆଦେଶ ପାଳନ କଲେ । କଫିନ୍‌ଟା ଟେବୁଲ୍‌ଉପରେ ରଖିଦେଲା ମାତ୍ରେ ସେ ଚତ୍କାର କରିଉଠିଲେ, "ଚଞ୍ଚଳ ଉଆଟ୍‌ସନ୍, ଚଞ୍ଚଳ । ଏଇ ଗୋଟେ ସ୍କ୍ରୁ-ଡ୍ରାଇଭର୍ ଆଉ ଏଇଟା ଗୋଟେ ତୁମ ପାଇଁ । ଗୋଟେ ମିନିଟ୍‌ରେ ଢାଙ୍କୁଣିଟା ଖୋଲିଗଲେ ଗୋଟେ ସଭରେନ୍ ପୁରସ୍କାର ପାଇବ । କିଛି ପ୍ରଶ୍ନ ପଚାରନାହିଁ, କାମକର । ଧନ୍ୟବାଦ, ଆଉ ଗୋଟେ ପେଚ୍ । ଏଥର ଢାଙ୍କୁଣିଟା ଟାଣ, ହଁ ହେଲା ।"

ଆମେ ଦୁ'ଜଣଯାକ ଲାଗି ଢାଙ୍କୁଣିଟା ଭାଙ୍ଗି ଖୋଲିଦେଲୁ । ଭିତରୁ କ୍ଲୋରୋଫର୍ମ୍‌ର କଡ଼ାଗନ୍ଧ ଆସିଲା । ଭିତରେ ଗୋଟାଏ ଶରୀର ; ତା ମୁଣ୍ଡପାଖ କ୍ଲୋରୋଫର୍ମ ଭିଜାତୁଳା । ହୋମ୍‌ସ ସେଗୁଡ଼ାକ ବାହାର କରି-ପକାଇଲେ ! ଜଣେ ଅତି ସୁନ୍ଦରୀ ମହିଳା ଦେଖାଗଲେ । ମୁହୂର୍ତ୍ତିକ ଭିତରେ ସେ ତାଙ୍କୁ ଟେକି ବସାଇଦେଲେ ।

"ଦେଖ ଉଆଟ୍‌ସନ୍, ଜୀବନ ଅଛି କି ନାହିଁ । କିଛି ଆଶା ଅଛି କି ? ଆମେ ତ ଡେରି କରିନାହେଁ ।"

ଅଧଘଣ୍ଟାଏ ଯାଏଁ ଜଣାଗଲା ଆମର ଡେରି ହୋଇଯାଇଛି । କଫିନ୍ ଭିତରେ ନିଃଶ୍ୱାସ ବନ୍ଦରୁ ହେଉ ବା କ୍ଲୋରୋଫର୍ମର ବିଷାକ୍ତ ଗନ୍ଧରୁ ହେଉ ଲେଡ଼ି ଫ୍ରାନ୍‌ସେସ୍‌ଙ୍କର ଜୀବନ ଶେଷ ହୋଇଯାଇଥିଲା ପରି ଜଣାଗଲା । ତା'ପରେ କୃତ୍ରିମ ଶ୍ୱାସକ୍ରିୟା, ଇଥର ଇନ୍‌ଜେକ୍‌ସନ୍ ଏବଂ ଅନ୍ୟାନ୍ୟ ସବୁପ୍ରକାର ବୈଜ୍ଞାନିକ ପ୍ରକ୍ରିୟାରେ ଜୀବନର କ୍ଷୀଣ ଆଶା ଦେଖାଗଲା । ଆଖିପତା ସାମାନ୍ୟ ସଞ୍ଚାଳିତ ହେଲା ଏଣିକିବେଳେ ଗୋଟେ ଗାଡ଼ି ଆସି ପହଞ୍ଚିଗଲା । ପରଦାଟା ଆଡ଼େଇଦେଇ ହୋମ୍‌ସ କହିଲେ, "ଏଇ ଲେଷ୍ଟ୍ରେଡ୍ ଉଆରଣ୍ଟ ଧରି ଆସିଗଲେ; କିନ୍ତୁ ସେ ଦେଖିବେ ପକ୍ଷୀ ଉଡ଼ିଯାଇଛି ।" ବାରଣ୍ଡାରେ କେତେଟା ଭାରି ପାଦ ଶବ୍ଦ ଶୁଣାଗଲା । ହୋମ୍‌ସ୍ ପୁଣି କହିଲେ,

Digitized by srujanika@gmail.com

"ଏ ଭଦ୍ରମହିଳାଙ୍କର ସେବାକରିବା ପାଇଁ ଆମଠୁ ଯାହାର ବେଶି ଦାବି ଅଛି, ସେ ଆସିଗଲେଣି । ନମସ୍କାର ମିଷ୍ଟର୍ ଗ୍ରୀନ୍ । ମୁଁ ଭାବୁଛି, ଯେତେ ଶୀଘ୍ର ଆମେ ଲେଡ଼ି ଫ୍ରାନ୍‌ସେସ୍‌ଙ୍କୁ ଏଠୁ ନେଇଯିବା ସେତେ ଭଲ । ଏବେ ସେ କବର ଦେବା କାମଟା କରାଯାଇପାରେ । ଏବେ ବି କଫିନ୍ ଭିତରେ ଯେଉଁ ବିଚରା ବୁଢ଼ୀ ଅଛି, ସେ ଏକା ଏକା ତାର ଶେଷ ବିଶ୍ରାମସ୍ଥାନକୁ ଯାଇପାରିବ ।"

ସେ ଦିନ ସଂଧ୍ୟାରେ ହୋମ୍‌ସ କହିଲେ, "ତୁମେ ଯଦି ତୁମ ଲେଖାରେ ଏଇ କେଶ୍ ଯୋଗ କରିବାକୁ ମନକରିବ ୱାଟ୍‌ସନ୍ ତାହେଲେ ଅତି ଧୀର ବୁଦ୍ଧିର ଲୋକ କେମିତି ବେଳେ ବେଳେ ଭୁଲ୍‌କରି ବସନ୍ତି, ଏହାକୁ ତାର ଉଦାହରଣ ବୋଲି ପ୍ରକାଶ କରିବ । ଏପରି ଭୁଲ୍ ମଣିଷପକ୍ଷରେ ସାଧାରଣ; କିନ୍ତୁ ଯେ ସେ ଭୁଲ୍ ବୁଝିପାରି ତାର ପ୍ରତିକାର କରିପାରେ ସେ ହେଲା ବଡ଼ । ଏଇ ବାହାଦୂରୀ ପାଇବାପାଇଁ ମୋର କିଛିଟା ଦାବି ଅଛି । ସେଦିନ ରାତିସାରା ମୁଁ ଭାବିବାରେ ଲାଗିଲି—ଏ ସମସ୍ୟାର ଗୋଟାଏ କିଛି ସୂତ୍ର ମୋ ଆଖିଆଗରେ ଅଥଚ ମୁଁ ତାକୁ ଧରିପାରୁନାହିଁ । ତା'ପରେ ହଠାତ୍ ବଡ଼ିସକାଳୁ କଥାଟା ମୋର ମନେପଡ଼ିଗଲା । ସେ କଥା ହେଲା—କବର ବ୍ୟବସ୍ଥା କରିବା ଦୋକାନର ସ୍ତ୍ରୀର କଥା । ଯାହା ଫିଲିପ୍ ଗ୍ରୀନ୍ ଆମକୁ କହିଥିଲେ, ସେଟାହେଲା, 'ଏତେବେଳକୁ ହୋଇସାରନ୍ତାଣି; କିନ୍ତୁ ତାର ସାଇଜ୍ ସାଧାରଣ ନୁହେଁ । ତେଣୁ ବେଶୀ ସମୟ ଲାଗିଲା ।' ସେ ଏଇ କଫିନ୍ ବିଷୟରେ କହୁଥିଲେ । ସେଟା ଅସାଧାରଣ । ତାର ଅର୍ଥ ସେଟା ଗୋଟେ ବିଶେଷ ମାପରେ ତିଆରି ହୋଇଥିଲା । କିନ୍ତୁ କାହିଁକି ? କାହିଁକି ? ତା'ପରେ ଉଚା କଫିନ୍ ଆଉ ତା ତଳେ ପଡ଼ିଥିବା କ୍ଷୀଣଦେହ କଥା ମୋର ମନେପଡ଼ିଗଲା । ଏତେ ଛୋଟ ଦେହ ପାଇଁ ଏତେ ବଡ଼ କଫିନ୍‌ଟାଏ କରିବାର କାରଣ କ'ଣ ? ନିଶ୍ଚୟ ଆଉ ଗୋଟେ ଶରୀର ପାଇଁ ଜାଗାରଖିବା । ଗୋଟାଏ ସାର୍ଟିଫିକେଟ୍ ବଳରେ ଦୁ'ଜଣଙ୍କୁ କବର ଦେଇହେବ । ସବୁକଥା ପରିଷ୍କାର ଜଣାପଡ଼ିଗଲା । ଆଠଟା ବେଳକୁ ଏଇପରି ଉପାୟରେ ପୋତି-

Digitized by srujanika@gmail.com

ହୋଆସିବ । ତେଣୁ କଫିନ୍‌ଟା ଘରୁ ଯିବା ପୂର୍ବରୁ ତାକୁ ଅଟକାଇନେବା ଆମର ଏକମାତ୍ର ପନ୍ଥା ।

"ଲେଡ଼ି ଫ୍ରାନ୍‌ସେସ୍‌ଙ୍କୁ ବଞ୍ଚିବା ଅବସ୍ଥାରେ ପାଇବାର ଆଶା ମୋଟେ ନଥିଲା । କେବଳ ବୁଡ଼ିଗଲା ଲୋକ କୁଟାଖିଅକୁ ଆଶ୍ରା କଲାପରି ଆମେ ହତାଶ ହୋଇ ଲାଗିଗଲୁ । ଶେଷରେ କ୍ଷୀଣ ଆଶା ଟିକକ ଆମର ସଫଳହେଲା । ମୁଁ ଜାଣିଥିଲି ଏ ଲୋକମାନେ କେବେ ତାଙ୍କୁ ହତ୍ୟା କରିନଥିବେ । ଶେଷଯାଏ ସେମାନେ ତାଙ୍କଉପରେ ବଳ ପ୍ରୟୋଗ କରିବାରୁ କ୍ଷାନ୍ତ ରହିଥିବେ । ସେ କେମିତି ତାଙ୍କର କୌଣସି ଚିହ୍ନ ନରଖି ତାଙ୍କୁ ପୋତି ଦେଇଥାନ୍ତେ । ତାଙ୍କୁ ମାଟି ଖୋଳି ବାହାର କରାଯାଇଥିଲେ ମଧ୍ୟ ସେମାନେ ଖସିଯିବାର ସମ୍ଭାବନା ଥିଲା । ମୋର ଆଶାଥିଲା ସେମାନେ ଏଇପରିଭାବେ ବ୍ୟବହାରକରିଥିବେ । ତୁମେ ସେ ଘରର ଦୃଶ୍ୟ ମନେପକାଅ, ୱାଟ୍‌ସନ୍ । ଉପରମହଲାର ସେଇ ଅନ୍ଧାରୁଆ ଘର ତୁମେ ଦେଖିଛ । ସେଇ ଘରେ ସେମାନେ ତାଙ୍କୁ ବନ୍ଦୀକରି ରଖିଥିଲେ । ହଠାତ୍ ଘରଭିତରକୁ ପଶିଯାଇ କ୍ଲୋରୋଫର୍ମ ଦ୍ୱାରା ତାଙ୍କୁ କାବୁ କରିନେଲେ । ତାଙ୍କୁ ତଳକୁ ନେଇ କଫିନରେ ଶୁଆଇଦେଇ ସେଥିରେ ଆହୁରି କ୍ଲୋରୋଫର୍ମ ଢାଳିଦେଲେ । ତା'ପରେ ଢାଙ୍କୁଣିଟା ପକାଇ ସ୍କ୍ରୁ କସିଦେଲେ । ବେଶ୍ ଚତୁର ଉପାୟ ୱାଟ୍‌ସନ୍ । ଅପରାଧ ଇତିହାସରେ ଏହା ମୋ ପକ୍ଷରେ ନୂଆ । ଆମର ଏଇ ଧର୍ମୀୟ ଜନକ ବନ୍ଧୁ ଯଦି ଲେଷ୍ଟ୍ରେଡ୍‌ଙ୍କ ମୁଠାରୁ ଖସିଯାଆନ୍ତି ତେବେ ଭବିଷ୍ୟତରେ ତାଙ୍କର ଆହୁରି ଚତୁରତର କାମ ବିଷୟରେ ଆମେ ନିଶ୍ଚୟ ଶୁଣିବାକୁ ପାଇବା ।"

* * *

ପିଶାଚ ପାଦ

ମୋ ଅନ୍ତରଙ୍ଗ ବନ୍ଧୁ ସେର୍‌ଲକ୍ ହୋମ୍‌ସ ଯେଉଁ ସବୁ କୌତୂହଳପ୍ରଦ ବିଚିତ୍ର ଅନୁଭୂତି ସହିତ ସଂପୃକ୍ତ ତାକୁ ପ୍ରକାଶ କରିବାରେ ମୁଁ ବାରମ୍ବାର ଅସୁବିଧାର ସମ୍ମୁଖୀନ ହୋଇଛି । କାରଣ ସେ ନିଜେ ତା ପ୍ରକାଶ କରିବାକୁ ମନାକରନ୍ତି । ଶସ୍ତା ପ୍ରଶଂସା ବା ବାହାବୁଲି ପାଇବା ତାଙ୍କ ଗମ୍ଭୀର ପ୍ରକୃତିର ରୁଚି ବିରୁଦ୍ଧ । କୌଣସି କେଶ୍‌ରେ ସଫଳତା ଲାଭ କଲା ପରେ ତାର ପ୍ରକୃତ ରହସ୍ୟ ଉଦଘାଟନ ସରକାରୀ କର୍ମଚାରୀମାନଙ୍କୁ ଦାନକରି ହସି ହସି ସେମାନଙ୍କ ଦିଆଯାଉଥିବା ଧନ୍ୟବାଦ ଶୁଣିବାରେ ସେ ଯେତେ ଆନନ୍ଦ ଅନୁଭବ କରନ୍ତି ଆଉ କେଉଁଥିରେ ସେତେ ଆନନ୍ଦ ପାଆନ୍ତି ନାହିଁ । ମୋ ବନ୍ଧୁଙ୍କର ଏଇ ମନୋଭାବ ଯୋଗୁଁ ଉପକରଣର ଅଭାବ ନଥିଲେ ମଧ୍ୟ ଗତ କେତେ ବର୍ଷ ମଧ୍ୟରେ ମୁଁ ରେକର୍ଡ଼ କରି ରଖିଥିବା ଘଟଣାରୁ ଅଳ୍ପ କେତେକ ସାଧାରଣଙ୍କ ଆଗରେ ପ୍ରକାଶ କରିଛି । ତାଙ୍କର କେତେକ ଅଭିଯାନରେ ସକ୍ରିୟ ସହଯୋଗ କରିବାର ସୌଭାଗ୍ୟ ମୋର ହୋଇଛି । ତେଣୁ ଭଲଭାବେ ବିଚାର କରି ମୁଁ ସଯତ ହୋଇ ରହିଛି । ଗଲା ମଙ୍ଗଳବାର ଦିନ ଯେତେବେଳେ ହୋମ୍‌ସଙ୍କ ପାଖରୁ ଗୋଟେ ଟେଲିଗ୍ରାମ ପାଇଲି, ମୁଁ ଯଥେଷ୍ଟ ବିସ୍ମିତ ହୋଇଗଲି । ଟେଲିଗ୍ରାମ ଦ୍ୱାରା ଯେଉଁଠରେ କାମ ହୋଇ ପାରିବ ସେଠି ସେ ଚିଠିଲେଖିବା ଜଣାନାହିଁ । ଟେଲିଗ୍ରାମ୍‌ଟାରେ ଥିଲା, "ମୋର ସେଇ ଅଦ୍ଭୁତ କେସ କର୍ଣ୍ଣିଉଆଲ୍‌ର ଆତଙ୍କ ଜନସାଧାରଣଙ୍କରେ ପ୍ରକାଶ କରିପାର ।"

ଏତେ ପୁରୁଣା କଥା କାହିଁକି ତାଙ୍କର ମନେପଡ଼ିଲା ଆଉ ମୁଁ ତାକୁ ପ୍ରକାଶ କରିବାକୁ ସେ କାହିଁକି ମନକଲେ ଜାଣେ ନାହିଁ । କିନ୍ତୁ ସେ କାଳେ ଆଉ ଗୋଟେ ଟେଲିଗ୍ରାମ୍ କରି ଏ ଟେଲିଗ୍ରାମ୍‌କୁ ରଦ୍ଦ କରିଦେବେ ଭାବି ମୁଁ ସାଙ୍ଗେ ସାଙ୍ଗେ କାମରେ ଲାଗିଗଲି । ମୋ ନୋଟ୍ ଖାତା ସବୁ ଖୋଜି

Digitized by srujanika@gmail.com

କେଣ୍ଟାର ଟିକନକି ବିବରଣୀ ବାହାରକରି ତାକୁ ମୋ ପାଠକମାନଙ୍କ ଆଗରେ ଉପସ୍ଥାପନା କରିବା ଆରମ୍ଭ କରିଦେଲି ।

ସେ ହେଲା ୧୮୯୭ ମସିହାର ବସନ୍ତଋତୁ କଥା । ଅନବରତ କଠିନ ପରିଶ୍ରମ କରିବା ଯୋଗୁଁ ତାଙ୍କର ଦେହ ଖରାପ ହେଲାପରି ଜଣାଗଲା । ସେଥିରେ ପୁଣି ବେଳେବେଳେ ସେ ନିଜ ସ୍ୱାସ୍ଥ୍ୟ କଥା ବିଚାର ନକରି କାମ କରିବାରେ ଦେହ ବେଶି ଖରାପ ହୋଇଗଲା । ସେଇବର୍ଷ ମାର୍ଚ୍ଚମାସରେ ଡାକ୍ତର ମୁରେ ଆଗାର୍ (ସେ ହାର୍ଲି ଷ୍ଟ୍ରୀଟ୍‌ରେ ରହନ୍ତି । ହୋମ୍‌ସଙ୍କ ସାଥିରେ ତାଙ୍କର ନାଟକୀୟ ପରିଚୟ କଥା ଆଉ କେବେ କହିବି ।) ଦୃଢ଼ଭାବେ କହିଲେ ଯେ ହୋମ୍‌ସ ତାଙ୍କର ସବୁ କେଶ୍ ଛାଡ଼ିଦେଇ ପୂର୍ଣ୍ଣ ବିଶ୍ରାମ ନେବା ଦରକାର । ନହେଲେ ତାଙ୍କ ସ୍ୱାସ୍ଥ୍ୟ ପୂରା ଭାଙ୍ଗିପଡ଼ିବ । ହୋମ୍‌ସ୍ କିନ୍ତୁ ତାଙ୍କ ସ୍ୱାସ୍ଥ୍ୟ ବିଷୟରେ ମୋଟେ ଆଗ୍ରହୀ ନୁହନ୍ତି । କାରଣ ତାଙ୍କର ମନ ଶରୀରଠାରୁ ସମ୍ପୂର୍ଣ୍ଣ ଅଲଗା । ଶେଷରେ ସେ ସ୍ୱାସ୍ଥ୍ୟ ପାଇଁ ସ୍ଥାନ ପରିବର୍ତ୍ତନ ନ କଲେ ପୂରା ଅକର୍ମଣ୍ୟ ହୋଇଯିବେ ବୋଲି ଡରାଇ ଦେବାରୁ ସେ ରାଜି ହେଲେ । ତେଣୁ ବସନ୍ତଋତୁର ଆରମ୍ଭରେ ଆମେ କର୍ନୱଆଲର୍ ଶେଷ ସୀମାରେ ପୋଲ୍‌ଧୁ ସାଗର କୂଳରେ ଗୋଟେ ଗ୍ରେଟ ଘରେ ଯାଇ ରହିଲୁ ।

ଜାଗାଟା ଅସାଧାରଣ ଆଉ ମୋ ବନ୍ଧୁଙ୍କ ଗମ୍ଭୀର ପ୍ରକୃତି ପାଇଁ ବେଶ୍ ଉପଯୁକ୍ତ । ଆମ ଗ୍ରେଟ ଘରଟି ଗୋଟେ ଉଚା ଘାସୁଆ ପଡ଼ିଆରେ ଅବସ୍ଥିତ । ସାମନା ପଟ ଝରକା ଦେଇ ଅର୍ଦ୍ଧ ବୃତ୍ତାକାରରେ ଘେରି ରହିଥିବା ମାଉଣ୍ଟ୍‌ସ୍ ସାଗରର ଭୀଷଣ ରୂପ ଦେଖାଯାଏ । ଏଠି ସମୁଦ୍ର ଭିତରେ ଧାର ଧାର ହୋଇ ଉଚା ପଥର ଆଉ ପାହାଡ଼ ଶୃଙ୍ଗ । ବଡ଼ ବଡ଼ ଢେଉ ଖେଳିଦେଲେ ସେଗୁଡ଼ା ପାଣି ଭିତରେ ବୁଡ଼ିଯାଏ । କେତେ ଜାହାଜ ଆଉ ନାବିକ ଏଇଠି ମରଣ ମୁହଁରେ ପଡ଼ିଛନ୍ତି । ଉତ୍ତର ଦିଗରୁ ପବନ ବହିଲାବେଳେ ଏଠି ପାଣି ଧୀର ସ୍ଥିର ଥାଏ ଏବଂ ଝଡ଼ ବତାସରୁ ରକ୍ଷାପାଇବା ପାଇଁ ଜାହାଜ ସବୁ ଏଠି ଆଶ୍ରୟ ନିଅନ୍ତି । ତାପରେ ହଠାତ୍ ପବନର ଗତି ବଦଳି ଯାଇ ଦକ୍ଷିଣ ପଶ୍ଚିମରୁ ପ୍ରବଳ ଝଡ଼ ମାଡ଼ି ଆସିଲେ ଏ ସ୍ଥାନ ଭୟଙ୍କର ହୋଇଉଠେ । ଚତୁର ନାବିକମାନେ ଏଇ ମାରାତ୍ମକ ସ୍ଥାନରୁ ଯଥେଷ୍ଟ ଦୂରରେ ରହନ୍ତି ।

Digitized by srujanika@gmail.com

ସ୍ଥଳଭାଗରେ ମଧ୍ୟ ଆମର ପରିବେଶ ଜଳଭାଗ ପରି ଗମ୍ଭୀର ଆଉ ଭୟଙ୍କର । ଗୃହଆଡ଼େ ପାଣି ପାଟ । ନଗ୍ନଛିଆ ମାଟିଆ ରଙ୍ଗର ଜାଗା । କେଉଁଠି କେମିତି ଗୋଟେ ଗୋଟେ ପୁରୁଣାକାଳର ଗିର୍ଜା । ଜଣାଯାଏ ଅତୀତରେ ସେଠି ଗାଁ ଗଣ୍ଡା ଥିଲା । ପାଣି ପାଟ ଭିତରେ ମଝିରେ ମଝିରେ ଉଚ୍ଚା ମାଟି ପଥର ଗଦା । ପୂର୍ବେ ଏଠି କୌଣସି ଏକ ମଣିଷ ଜାତି ବାସ କରୁଥିଲା ଆଉ ଏବେ ସମ୍ପୂର୍ଣ୍ଣ ଲୋପପାଇଯାଇଛି ବୋଲି ମନେହୁଏ । ଏଇ ମନମୁଗ୍‌ଧକର ରହସ୍ୟମୟ ପରିବେଶ ମୋ ବନ୍ଧୁଙ୍କ ଚିନ୍ତାଧାରାକୁ ବେଶି ଖାପଖାଇଲା । ସେ ଖୁବ୍ ଦୂରକୁ ବୁଲିଯିବା, ଆଉ ପଡ଼ିଆ ଜାଗାରେ ବସି ଚିନ୍ତା କରିବାରେ ଅଧିକାଂଶ ସମୟ କଟାଇଲେ । କର୍‌ନ୍‌ଉଆଲ୍‌ର ଆଦିମ ଅଧିବାସୀଙ୍କ ଭାଷା ପ୍ରତି ମଧ୍ୟ ସେ ଆକୃଷ୍ଟ ହୋଇପଡ଼ିଲେ । ଭାଷାତତ୍ତ୍ୱ ଉପରେ ଗୁଡ଼ାଏ ବହି ତାଙ୍କ ପାଖକୁ ଆସିଥାଏ । ସେ ତା ଉପରେ ଗୋଟାଏ ସନ୍ଦର୍ଭ ଲେଖିବାରେ ବ୍ୟସ୍ତଥାନ୍ତି । ଏତିକିବେଳେ ସେଇ ସପନ ରାଇଜ ପରି ଜାଗାରେ ଗୋଟାଏ ସମସ୍ୟା ଆମ ପାଖରେ ପହଞ୍ଚିଲା । ଏଥିରେ ମୁଁ ଯେତିକି ଦୁଃଖିତ ହେଲି ହୋମ୍‌ସ ତାଠୁ ବେଶୀ ଆନନ୍ଦିତ ହେଲେ । ଘଟଣାଟା ଆମ ଘର ପାଖରେ ଘଟିଥିଲା । ଲଣ୍ଡନରେ ଯେଉଁ ସବୁ ସମସ୍ୟାର ଆମେ ସମ୍ମୁଖୀନ ହେଉ ଏ ସମସ୍ୟା ତାଠୁ ଅଧିକ ରହସ୍ୟମୟ ଆଉ କୌତୁହଳପୂର୍ଣ୍ଣ । ଆମର ସରଳ ଆଉ ଶାନ୍ତ ଜୀବନଧାରା ଏ ଘଟଣାରେ ଅସ୍ଥିର ହୋଇଗଲା । ଖୁବ୍ ଶୀଘ୍ର ଆମେ କେତେ ଗୁଡ଼ାଏ ଘଟଣା ଭିତରେ ପଶିଗଲୁ । ସେ ଘଟଣା କେବଳ କର୍‌ନ୍‌ଉଆଲ୍ ନୁହେଁ, ସାରା ପଶ୍ଚିମ ଇଂଲଣ୍ଡରେ ଚହଳ ପକାଇ ଦେଲା । ସେତେବେଳେ କର୍‌ନ୍‌ଉଆଲ୍‌ର ଆତଙ୍କ ବୋଲି ଯେଉଁ ସମ୍ବାଦ ବାହାରିଥିଲା, ଅଧିକାଂଶ ପାଠକଙ୍କର ସେ କଥା ମନେଥିବ । ଅବଶ୍ୟ ଲଣ୍ଡନ ସମ୍ବାଦପତ୍ର ପାଖରେ ସଠିକ୍ ଖବର ପହଞ୍ଚିନଥିଲା । ସେଇ କଳ୍ପନାତୀତ ଘଟଣାର ଠିକଣାଠି ବିବରଣୀ ମୁଁ ଏବେ ସର୍ବସାଧାରଣଙ୍କୁ ଜଣାଇବି ।

କର୍‌ନ୍‌ଉଆଲ୍‌ର ଏ ଅଞ୍ଚଳରେ ଟ୍ରେଡ଼ାନକର୍ଓ୍ୱାଲସ୍ ଗୋଟେ ଛୋଟ ଗାଁ । ସେଠି ଗୋଟେ ଗୀର୍ଜା । ଶିଉଳିରେ ଢାଙ୍କି ହୋଇଗଲାଣି । ତା ଚାରିପାଖରେ ପ୍ରାୟ ଦୁଇଶହଟି ପରିବାର ରହନ୍ତି । ସେ ଅଞ୍ଚଳର ଧର୍ମଯାଜକ (Vicar)

Digitized by srujanika@gmail.com

ମିଷ୍ଟର୍ ରାଉଣ୍ଡ ହେ ପ୍ରାଚୀନ ପଦାର୍ଥ ବିଷୟରେ ଖୁବ୍ ଜ୍ଞାନୀ । ତେଣୁ ହୋମ୍‌ସ ତାଙ୍କ ସାଥିରେ ପରିଚିତ ହୋଇଯାଇଥିଲେ । ସେ ଜଣେ ମଧ୍ୟବୟସ୍କ ଲୋକ, ମେଲାପୀ ଆଉ ଖୁବ୍ ମୋଟା । ସ୍ଥାନୀୟ ବିଦ୍ୟାରେ ବେଶ୍ ପାରଙ୍ଗମ । ତାଙ୍କ ନିମନ୍ତ୍ରଣରେ ଆମେ ଥରେ ତାଙ୍କ ଘରକୁ ଚା ଖାଇବାକୁ ଯାଇଥିଲୁ । ସେଠି ମର୍‌ଟିମର୍ ଟ୍ରେଗେନିସ୍ ବୋଲି ଜଣେ ଭଦ୍ର ଲୋକଙ୍କ ସାଥିରେ ପରିଚୟ ହେଲା । ସେ ଧର୍ମଯାଜକଙ୍କ ଘରର କିଛି ଅଂଶ ଭଡ଼ାନେଇ ରହୁଥିଲେ । ଧର୍ମଯାଜକ ଅବିବାହିତ । ତେଣୁ ଖୁସିରେ ତାଙ୍କୁ ଘରେ ରଖାଇଲେ । ଧର୍ମଯାଜକଙ୍କ ସାଥିରେ ତାଙ୍କର କିଛି ସାମ୍ୟ ନଥିଲା । ସେ ପତଳା ଆଉ ଦେହର ରଙ୍ଗ ମଇଳା । ଆଖିରେ ଚଷମା । ସବୁବେଳେ ଆଗକୁ ଲଇଁପଡ଼ିଥାନ୍ତି । ସେଥିରୁ ଜଣାଯାଏ ସେ ବିକଳାଙ୍ଗ । ମୋର ମନେଅଛି, ଆମେ ଯେଉଁ ଅଳ୍ପ ସମୟ ସେଠି ରହିଲୁ ଧର୍ମଯାଜକ ଢେର୍ କଥାବାର୍ତ୍ତା କଲେ; କିନ୍ତୁ ଅନ୍ୟ ଭଦ୍ରଲୋକ ମୁହଁ ଶୁଖାଇ ଚୁପ୍‌ଚାପ ବସିଥାନ୍ତି । ବୋଧହୁଏ ସେ ନିଜ ଧନ୍ଦା କଥା ଭାବୁଥାନ୍ତି ।

ସେଦିନ ମାର୍ଚ୍ଚ ମାସ ଷୋହଳ ତାରିଖ, ମଙ୍ଗଳବାର । ଆମେ ସକାଳେ ଜଳଖିଆ ଖାଇସାରି ବୁଲିଯିବାକୁ ବାହାରିଲାବେଳକୁ ଏଇ ଦୁ'ଜଣ ହଠାତ୍ ଆମ ଛୋଟ ବୈଠକଘର ଭିତରକୁ ପଶିଆସିଲେ ।

ଧର୍ମଯାଜକ କହିଲେ, "ମିଷ୍ଟର୍ ହୋମ୍‌ସ, କାଲି ରାତିରେ ଗୋଟେ ଅସାଧାରଣ ଦୁଃଖଦାୟକ ଘଟଣା ଘଟିଯାଇଛି । ଏପରି ଘଟଣା ମୁଁ କେବେ ଶୁଣିନାହିଁ । ଏତେବେଳେ ଆପଣ ଏଠି ଥିବାଟା ଗୋଟେ ବିଶେଷ ସୌଭାଗ୍ୟ ବୋଲି ଆମେ ଭାବୁଛୁ । କାରଣ ସାରା ଇଂଲଣ୍ଡରେ ଆପଣହିଁ ଏକମାତ୍ର ଲୋକ ଯାହାଙ୍କୁ ଆମେ ଦରକାର କରୁ ।"

ଆମକୁ ଏ ଧନ୍ଦାରେ ପୁଣି ହଇରାଣ କରିବାକୁ ଯାଉଥିବାରୁ ମୁଁ ଧର୍ମ-ଯାଜକଙ୍କ ଆଡ଼କୁ ବିରକ୍ତ ହୋଇ ଚାହିଁ ରହିଲି । କିନ୍ତୁ ହୋମ୍‌ସ୍ ମୁହଁରୁ ପାଇପ୍‌ଟା ବାହାରକରି ଚଉକି ଉପରେ ସଳଖିବସିଲେ । ସେ ସୋଫାଆଡ଼କୁ ହାତ ଠାରିଲେ ଏବଂ ବିଚଳିତ ଧର୍ମଯାଜକ ଆଉ ତାଙ୍କ ସାଥି ପାଖାପାଖି ବସିଗଲେ । ମିଷ୍ଟର୍ ମର୍‌ଟିମର୍ ଟ୍ରେଗେନିସ୍ ଧର୍ମଯାଜକଙ୍କ ତୁଳନାରେ ଅଧିକ

Digitized by srujanika@gmail.com

ବନ୍ଧୁ ଧରଲ ପର ଜଣାଯାଉଥାନ୍ତି । ତଥାପି ତାଙ୍କ ଆଖିରୁ ଜଣାଯାଉଥାଏ ସେ ମଧ୍ୟ ବବ୍ରତ ।

ସେ ଧର୍ମଯାଜକଙ୍କୁ ପଗ୍ଚରଲେ, "ମୁଁ କହିବ ନା ଆପଣ ?"

ହୋମ୍‌ସ୍ କହିଲେ, "ଘଟଣାଟା ଯାହାହେଉ, ଆପଣ ନଜେ ଦେଖିଛନ୍ତି ଆଉ ଧର୍ମଯାଜକ ଶୁଣିଛନ୍ତି । ତେଣୁ ଆପଣ କହିଲେ ବୋଧହୁଏ ଭଲ ହେବ ।"

ହୋମ୍‌ସ୍‌ଙ୍କର ଏଇ ସହଜ ସରଳ ଅନୁଶୀଳନରେ ସେମାନେ ବସ୍ମିତ ହେବାର ଲକ୍ଷ୍ୟକଲ । ଧର୍ମଯାଜକ କହିଲେ, 'ପ୍ରଥମେ ମୁଁ କେତେଟା କଥା କହିଲେ ବୋଧହୁଏ ଭଲ ହେବ । ତାପରେ ମିଷ୍ଟର ଟ୍ରେଗେନସ୍‌ଙ୍କଠାରୁ ଠିକ୍‌ନଖି ବବରଣୀ ଶୁଣିବେ କ ଏ ରହସ୍ୟ ଘଟିଥିବା ଜାଗାକୁ ତୁରନ୍ତ ଯିବେ—ସେ କଥା ଆପଣ ବଗ୍ଚର କରବେ । ଘଟଣାଟା ହେଲ ଏଇପର । ଆମର ଏଇ ବନ୍ଧୁ କାଲ୍ ସନ୍ଧ୍ୟାରେ ତାଙ୍କ ଦୁ'ଭାଇ ଓଏନ ଆଉ ଜର୍ଜ ଏବଂ ଭଉଣୀ ବ୍ରେଣ୍ଡାଙ୍କ ସାଥିରେ ସେମାନଙ୍କ ଟ୍ରେଡ୍‌ଡାନକ୍ ଉଆର୍‌ଥା ଘରେ ଥିଲେ । ପଡ଼ିଆରେ ଥିବା ପୁରୁଣା ପଥର କ୍ରସ୍ ପାଖରେ ସେ ଘରଟା । ଗ୍ଚଦ ଦଶଟା ପରେ ପରେ ସେ ସେମାନଙ୍କ ପାଖରୁ ବଦାହୋଇ ଆସିଲେ । ସେତେବେଳେ ସେମାନେ ଖାଇବା ଘର ଟେବୁଲ୍ ପାଖେ ବସି ତାସ ଖେଳୁଥିଲେ । ସେମାନଙ୍କ ଦେହ ଆଉ ମନର ଅବସ୍ଥା ଖୁବ୍ ଭଲଥିଲ । ଆଜ ସକାଳେ ମିଷ୍ଟର୍ ଟ୍ରେଗେନସ୍ ସବୁଦ୍ଦନ ପର ଖୁବ୍ ଚଞ୍ଚଳ ଉଠିଲେ । ଜଳଖିଆ ଖାଇବା ଆଗରୁ ଟ୍ରେଡ୍‌ଡାନକ୍ ଉଆର୍‌ଥା ଆଡ଼େ ବୁଲ୍ ବାହାରଲେ । ବାଟରେ ଡାକ୍ତର ରଗ୍ଚର୍ଡ୍‌ସ୍ ତାଙ୍କୁ ଭେଟିଲେ । ସେ ଗୋଟେ ଘୋଡ଼ା ଗାଡ଼ିରେ ଯାଉଥିଲେ । ସେ କହିଲେ ଯେ, ଟ୍ରେଡ୍‌ଡାନକ୍ ଉଆର୍‌ଥାରୁ ଗୋଟେ ଜରୁରୀ ଖବର ପାଇ ସେ ସେଠିକ ଯାଉଛନ୍ତି । ମିଷ୍ଟର୍ ମର୍ଟିମର୍ ଟ୍ରେଗେନସ୍ ତାଙ୍କ ସାଥିରେ ଯିବା ସ୍ୱାଭାବକ । ଟ୍ରେଡ୍‌ଡାନକ୍ ଉଆର୍‌ଥାରେ ପହଞ୍ଚି ସେ ବଡ଼ ଅଦ୍ଭୁତ ଘଟଣା ଦେଖିଲେ । ପୂର୍ବଦ୍ଦନ ଗ୍ଚଦରେ ସେ ତାଙ୍କ ଦୁ'ଭାଇ ଆଉ ଭଉଣୀଙ୍କୁ ଟେବୁଲ ପାଖରେ ଯେଉଁଭଳି ଅବସ୍ଥାରେ ଛାଡ଼ିଯାଇଥିଲେ ସେମାନେ ଠିକ୍ ସେଇ ଅବସ୍ଥାରେ ଅଛନ୍ତି । ତାସ ଗୁଡ଼ା ଟେବୁଲ୍ ଉପରେ ଛ୍ଚତର ବତ୍ଚର ହୋଇ

Digitized by srujanika@gmail.com

ପଡ଼ିଛୁ । କାଣ୍ଡ଼ଲଟା ଜଳି ଜଳି ଶେଷ ହୋଇଯାଇଛୁ । ଭଉଣୀ ତାଙ୍କ ଚଉକିରେ ମରିପଡ଼ିଛନ୍ତି । ଆଉ ଦୁ'ଭାଇ ତାଙ୍କ ଦୁ'କଡ଼ରେ ଚଉକିରେ ବସି ହସୁଛନ୍ତି, ପାଟି କରୁଛନ୍ତି ଆଉ ଗୀତ ଗାଉଛନ୍ତି । ତାଙ୍କର ଜ୍ଞାନ ପୂରାପୂରି ଲୋପପାଇଯାଇଛୁ । ମୃତ ଭଉଣୀ ଆଉ ପାଗଳ ଦୁ'ଭାଇଙ୍କ ମୁହଁରେ ଘୋର ଆତଙ୍କର ଚହ୍ନ । ତାଙ୍କ ମୁହଁ ଏମିତ ବକୃତ ହୋଇଯାଇ-ଥାଏ ଯେ, ଦେଖିଲେ ଭୟ ଲାଗିବ । ଘରେ ପୁରୁଣା ଗୃହକର୍ତ୍ତ୍ରୀ ମିସେସ୍ ପୋର୍ଟର୍ ଛଡ଼ା ଅନ୍ୟ କାହାରି ଚହ୍ନବର୍ଣ୍ଣ ନଥିଲା । ସେ କହିଲେ ଯେ, ରାତିରେ ସେ କଦୋଡ଼ି କଦରେ ଶୋଇଯାଇଥିଲେ ଆଉ କିଛି ଶବ୍ଦ ଶୁଣି ନାହାନ୍ତି । ଘରୁ କିଛି ଜିନିଷ ଚୋରି ହୋଇନାହିଁ କିମ୍ବା ଏପଟ ସେପଟ ହୋଇନାହିଁ । କି ଭୟରେ ଜଣେ ସ୍ତ୍ରୀ ଲୋକଙ୍କର ମୃତ୍ୟୁହୋଇଛୁ ଏବଂ ଦୁ'ଜଣ ସୁସ୍ଥସବଳ ପୁରୁଷ ପାଗଳ ହୋଇଯାଇଛନ୍ତି, କିଛି ଜଣାଗଲା ନାହିଁ । ମୋଟା ମୋଟି ଘଟଣା ଏଇଆ, ମିଷ୍ଟର୍ ହୋମ୍ସ୍ । ଆପଣ ଯଦି ଏ ରହସ୍ୟ ଜାଣିବାରେ ଆମକୁ ସାହାଯ୍ୟ କରିପାରିବେ ତେବେ ଗୋଟେ ବଡ଼ କାମ ହେବ ।"

ଆମେ ଠିକ୍ ଏ କରେଲାରେ ବୁହିବୁ ବୋଲି ଲଣ୍ଡନ ସହରର ଗୋଳ୍ ସେଠିକି ଯାଇଥିଲୁ । ଭାବିଲି ଏ ଧନ୍ଦା ଭିତରେ ନ ପଶି, କରେଲାରେ ସୁଖ ଶାନ୍ତିରେ ରହିବା ଲାଗି ମୋ ବନ୍ଧୁଙ୍କୁ କୌଣସି ପ୍ରକାରେ ପ୍ରବର୍ତ୍ତାଇବ । କିନ୍ତୁ ତାଙ୍କ ଗମ୍ଭୀର ମୁହଁ ଆଉ କୁଞ୍ଚିତ ଆଖିପତାରୁ ଜାଣିଲି ମୋ ଆଶା ବୃଥା । ସେ କିଛି ସମୟ ଏଇ ବିଚିତ୍ର ଘଟଣା କଥା ଚିନ୍ତାକରି ଚୁପ୍‌ଚାପ୍ ବସିରହିଲେ । ଶେଷରେ କହିଲେ, "ହଉ, ମୁଁ ଘଟଣାଟା ଦେଖିବ । ଯାହା ଦେଖାଯାଉଛୁ, ଘଟଣାଟା ଅତି ଅସାଧାରଣ । ଆଚ୍ଛା ମିଷ୍ଟର୍ ରାଉଣ୍ଡ୍‌ହେ, ଆପଣ ସେ ଜାଗାକୁ କଳେ ଯାଇଥିଲେ ?"

"ନା, ମିଷ୍ଟର୍ ହୋମ୍ସ୍ । ମିଷ୍ଟର୍ ଟ୍ରେଗେନିସ୍ ଆସି ମୋତେ ଘଟଣାଟା କହିଲେ ଆଉ ସାଙ୍ଗେ ସାଙ୍ଗେ ତାଙ୍କୁ ସାଥିରେ ଧରି ମୁଁ ଆପଣଙ୍କ ସାଥିରେ ପରାମର୍ଶ କରିବାକୁ ଚାଲିଆସିଲି ।"

"ଏଇ ଦୁର୍ଘଟଣା ଘଟିଥିବା ଜାଗାଟା ଏଠୁ କେତେ ଦୂର ?"

Digitized by srujanika@gmail.com

"ପ୍ରାୟ ମାଇଲିଏ ହେବ ।"

"ବେଶ୍ । ତାହେଲେ ଆମେ ଚାଲିଯାଇପାରିବା । କିନ୍ତୁ ତା ଆଗରୁ ମୁଁ ଆପଣଙ୍କୁ କେତୋଟା ପ୍ରଶ୍ନ ପଚାରିବି, ମିଷ୍ଟର୍ ମର୍‌ଟିମର୍ ଟ୍ରେଗେନିସ୍ ।"

ଏ ଯାଏଁ ମିଷ୍ଟର୍ ଟ୍ରେଗେନିସ୍ ଚୁପ୍‌ଚାପ୍ ବସିଥିଲେ । ସେ ଧୈର୍ଯ୍ୟ ଧରିବାକୁ ଚେଷ୍ଟା କରୁଥିଲେ ମଧ୍ୟ ବିଚଳିତ ଧର୍ମଯାଜକଙ୍କଠାରୁ ବେଶୀ ବିବ୍ରତ ହେଲାପରି ଜଣାଯାଉଥିଲେ । ତାଙ୍କ ମୁହଁ ଶୁଖି ଯାଇଥାଏ । ସେ ଖୁବ୍ ଉଦ୍‌ବିଗ୍ନ ହୋଇ ହୋମ୍‌ସ୍‌ଙ୍କ ଆଡ଼କୁ ଚାହିଁଥାନ୍ତି । ମଳିନ ଓଠ ଦୁ'ଟା ଥରି ଉଠୁଥାଏ । ତାଙ୍କ କଳା କଳା ଆଖିରେ ସେ ଦୃଶ୍ୟର ଭୀଷଣତା ପ୍ରତିଫଳିତ ହୋଇଥାଏ ।

ବ୍ୟଗ୍ର ହୋଇ ସେ କହିଲେ, "ଯାହା ପଚାରିବେ ପଚାରନ୍ତୁ, ମିଷ୍ଟର୍ ହୋମ୍‌ସ୍ । କଥାଟା କହିବାକୁ ପ୍ରାଣକୁ ବଡ଼ ବାଧୁଛି, ତଥାପି ଯାହା ପଚାରିବେ ମୁଁ ସବୁ ସତ ସତ କହିବି ।"

"ଗଲା ରାତି ଘଟଣା ମୋତେ କହନ୍ତୁ ।"

"ଧର୍ମଯାଜକଙ୍କଠୁ ଆପଣ ତ ଶୁଣିଲେ, ମିଷ୍ଟର୍ ହୋମ୍‌ସ । କାଲି ରାତିରେ ମୁଁ ସେଠି ଖିଆ ପିଆ କଲି । ତାପରେ ତାସ ଖେଳିବା ପାଇଁ ମୋ' ବଡ଼ଭାଇ ଜର୍ଜ ପ୍ରସ୍ତାବ କଲେ । ପ୍ରାୟ ନଅଟା ବେଳକୁ ଆମେ ଖେଳରେ ବସିଲୁ । ଦଶଟା ବାଜି ପନ୍ଦର ମିନିଟ୍ ହେଲାବେଳକୁ ମୁଁ ଆସିବାକୁ ବାହାରିଲି । ସେମାନେ ସେମିତି ଟେବୁଲ୍ ପାଖରେ ବେଶ୍ ହସ ଖୁସିରେ ବସିଥାନ୍ତି । ମୁଁ ଚାଲିଆସିଲି ।"

"ଆପଣ ଆସିବାବେଳେ କିଏ କବାଟ ଖୋଲିଲା ?"

"ମିସେସ୍ ପୋର୍‌ଟର୍ ଶୋଇସାରିଥିଲେ । ତେଣୁ ମୁଁ ନିଜେ କବାଟ ଖୋଲି ଚାଲିଆସିଲି । ବାଟଘରର ଦରଜାଟା ବାହାର ପାଖରୁ ଠେଲି ବନ୍ଦ କରିଦେଲି । ସେମାନେ ଯେଉଁ ଘରେ ବସିଥିଲେ ସେ ଘରର ଝରକାଟା ବନ୍ଦଥିଲା; କିନ୍ତୁ ପରଦାଟା ପକାଯାଇନଥିଲା । ଆଜି ସକାଳେ କବାଟ ବା ଝରକାରେ କିଛି ପରିବର୍ତ୍ତନ ହୋଇନଥିଲା । କେହି ଅଜଣା ଲୋକ ଘର ଭିତରକୁ ଯାଇଥିବ ବୋଲି ଭାବିବାର କିଛି କାରଣ ନାହିଁ । ତଥାପି ସେମାନେ ପୁରା ପାଗଳ ଅବସ୍ଥାରେ ସେଠି ବସିଥିଲେ । ଭୟରେ ବ୍ରେଣ୍ଡାର ପ୍ରାଣ

Digitized by srujanika@gmail.com

ଗ୍ଭଲିଯାଇଥିଲା । ଚଉକି ହାତ ଉପରେ ତା ମୁଣ୍ଡ ଝୁଲି ପଡ଼ିଥିଲା । ମୁଁ ବଞ୍ଚିଥିବାଯାଏଁ ସେ ଭୟଙ୍କର ଦୃଶ୍ୟ ମନରୁ ଭୁଲିପାରିବିନାହିଁ ।"

"ଆପଣଙ୍କ କହିବା ଅନୁସାରେ ଘଟଣାଟା ଅତି ଅସାଧାରଣ । ଆଚ୍ଛା, ଆପଣ ଏ ସମ୍ବନ୍ଧରେ କିଛି ଅନୁମାନ କରିଛନ୍ତି ?"

"ଏଇଟା ପୈଶାଚିକ ଘଟଣା, ମିଷ୍ଟର୍ ହୋମ୍‌ସ୍ । ପୂରା ପିଶାଚର କାମ । ଏହା ମଣିଷର କାମ ନୁହେଁ । କିଛି ଗୋଟେ ଘରଭିତରକୁ ଆସିଥିଲା । ତାକୁ ଦେଖି ଏମାନେ ଭୟରେ ଜ୍ଞାନ ହରାଇ ବସିଛନ୍ତି । କେଉଁ ମଣିଷ ଏପରି କରିପାରିବ ?"

"ଦେଖନ୍ତୁ, ଘଟଣାଟା ଯଦି ମଣିଷ ଜଗତର ବାହାରେ ତେବେ ମୋ ଶକ୍ତିର ବାହାରେ ମଧ୍ୟ । ତଥାପି ଏକୁ ପିଶାଚର କାମ ବୋଲି ଧରିନେବା ଆଗରୁ ଯାହାକିଛି ସ୍ୱାଭାବିକ ହୋଇଥାଇପାରେ ତାକୁ ବିଚାର କରି ଦେଖିବା । ଆପଣଙ୍କ କଥା ମିଷ୍ଟର୍ ଟ୍ରେଗେନିସ୍ । ଆପଣଙ୍କ ପରିବାରର ଅନ୍ୟ ସମସ୍ତେ ଏକାଠି ରହୁଥିଲେ ମଧ୍ୟ ଆପଣ ଅନ୍ୟ ଜାଗାରେ ରହନ୍ତି । ତେଣୁ କୌଣସି କାରଣରୁ ଆପଣ ସେମାନଙ୍କଠାରୁ ଅଲଗା ହୋଇ ଯାଇଥିଲେ ବୋଧହୁଏ ?"

"ସେ କଥା ସତ, ମିଷ୍ଟର୍ ହୋମ୍‌ସ୍ । ତେବେ ସେ ବହୁତ ପୁରୁଣାକଥା । ଆମେ ରେଡ଼ରଥ୍‌ରେ ଟିଣ ଖଣିର ମାଲିକ ଥିଲୁ । ଆମ ବ୍ୟବସାୟ ଗୋଟେ କମ୍ପାନୀକୁ ବିକିଦେଇ ଯଥେଷ୍ଟ ପଇସାପତ୍ର ଧରି ସେଠୁ ଗ୍ଭଲିଆସିଲୁ । ସେ ପଇସାପତ୍ର ଭାଗକରିବାରେ ଆମ ଭିତରେ ସାମାନ୍ୟ କଳିକଜିଆ ହୋଇ ଥିଲା । କିଛି ସମୟ ଆମ ଭିତରେ ମନୋମାଳିନ୍ୟ ଥିଲା । କିନ୍ତୁ ପରେ ସେ ସବୁ ଭୁଲିଯାଇ ଆମେ ଖୁବ୍ ସ୍ନେହ ସଦ୍ଭାବ ସହାନୁଭୂତିରେ ଚଳିଲୁ ।

"କାଲି ସନ୍ଧ୍ୟାରେ ଆପଣମାନେ ଏକାଠି ଥିଲେ । ଏ ଦୁର୍ଘଟଣା ଉପରେ କିଛି ଆଲୋକପାତ କଲାପରି କିଛି କଥା ଆପଣଙ୍କର ମନେପଡ଼ୁଛି ? ଭଲ ଭାବରେ ଚିନ୍ତା କରନ୍ତୁ, ମିଷ୍ଟର୍ ଟ୍ରେଗେନିସ୍ । କାରଣ ଯେ କୌଣସି ସୂତ୍ର ଆମକୁ ସାହାଯ୍ୟ କରିପାରେ ।"

"ନା, ସେପରି କିଛି ନାହିଁ ।"

"ଆପଣଙ୍କ ଭାଇ ଭଉଣୀ ଯେତେବେଳେ ଖୁସିଥିଲେ ?"

Digitized by srujanika@gmail.com

"ହଁ, ସେମାନେ ଖୁବ୍ ଖୁସିଥିଲେ ।

"ସେମାନଙ୍କ ହୃଦୟରେ କିଛି ଦୁର୍ବଳତା ଥିଲା ?"

"ନା, ମୋଟେ ନୁହେଁ ।"

"ସେମାନେ କୌଣସି ବିପଦର ଆଶଙ୍କା କରୁଥିବାର କିଛି ଲକ୍ଷଣ ଥିଲା ?"

"ନା ।"

"ତାହେଲେ ଆମକୁ ସାହାଯ୍ୟ କଲାଭଳି କିଛି ଆପଣଙ୍କର କହିବାର ନାହିଁ ?"

ମର୍ଟିମର୍ ଟ୍ରେଗେନିସ୍ କିଛି ସମୟ ଚିନ୍ତା କଲେ ।

ତାପରେ କହିଲେ, "ହଁ, ଗୋଟେ କଥା ମୋର ମନେପଡ଼ୁଛି । ଆମେ ଟେବୁଲ ପାଖେ ବସି ଖେଳିଲାବେଳେ ଝରକାଟା ମୋ ପିଠି ପାଖେ ଥିଲା । ମୋ ଭାଇ ଜର୍ଜ ଝରକା ଆଡ଼କୁ ମୁହଁ କରି ବସିଥିଲେ । ଥରେ ସେ ମୋ କାନ୍ଧ ଉପରବାଟେ ଝରକା ଆଡ଼କୁ ଖୁବ୍ ତୀକ୍ଷ୍ଣ ଦୃଷ୍ଟିରେ ଚାହିଁଲେ । ମୁଁ ମଧ୍ୟ ମୁହଁ ବୁଲାଇ ସେ ଆଡ଼େ ଚାହିଁଲି । ଝରକାଟା ବନ୍ଦ ଥିଲା; କିନ୍ତୁ ପରଦା ପଡ଼ି ନଥିଲା । ବାହାର ପଡ଼ିଆରେ ବୁଦାଗଛ ଗୁଡ଼ା ଦେଖାଯାଉଥିଲା । ମୋତେ ଜଣାଗଲା ସେ ବୁଦାଭିତରେ କିଛି ଗୋଟେ ବୁଲୁଛି । ସେଟା ମଣିଷ କି କୌଣସି ପଶୁ ମୁଁ ଠିକ୍ କହିପାରିବିନାହିଁ । କିନ୍ତୁ କିଛି ଗୋଟେ ସେଠି ଥିଲା ପରି ମୋର ମନେହେଲା । ମୁଁ ଜର୍ଜଙ୍କୁ କ'ଣ ଦେଖୁଛନ୍ତି ବୋଲି ପଚାରିଲି । ସେ କହିଲେ ଯେ, ମୁଁ ଯାହା ଅନୁଭବ କଲି ସେ ମଧ୍ୟ ସେଇଆ ଅନୁଭବ କଲେ । କେବଳ ଏତିକିମାତ୍ର ମୁଁ କହିବାର ଥିଲା ।"

"ଆପଣ ସେ ବିଷୟରେ ଅନୁସନ୍ଧାନ କରିଥିଲେ ?"

"ନା, ଆମେ ତା'ଉପରେ କିଛି ଗୁରୁତ୍ୱ ଦେଇନାହିଁ ।

"ତାହେଲେ ଆପଣ ସେମାନଙ୍କୁ ଛାଡ଼ି ଆସିଲାବେଳେ କିଛି ଅଶୁଭର କୌଣସି ଆଭାସ ପାଇନଥିଲେ ?"

"ନା, ମୋଟେ ନୁହେଁ ?"

Digitized by srujanika@gmail.com

"ଆପଣ ଏତେ ସକାଳୁ ଖବରଟା କେମିତି ପାଇଲେ ମୁଁ ଠିକ୍ ବୁଝି-ପାରୁନାହିଁ ।"

"ମୁଁ ଖୁବ୍ ଶୀଘ୍ର ଉଠେ ଆଉ ସାଧାରଣତଃ ଜଳଖିଆ ଖାଇବା ଆଗରୁ ବାହାରେ ଟିକିଏ ବୁଲାବୁଲି କରେ । ଆଜି ସକାଳେ ମୁଁ ବୁଲିବାକୁ ବାହାରିଲା-ବେଳକୁ ପଛରୁ ଡାକ୍ତର ଗୋଟେ ଗାଡ଼ିରେ ଆସି ପହଞ୍ଚିଲେ । ସେ କହିଲେ ଯେ, ମିସେସ୍ ପୋର୍‌ଟର୍ ଜରୁରୀ କାମଅଛି ବୋଲି କହି ଗୋଟେ ପିଲାକୁ ତାଙ୍କ ପାଖକୁ ପଠାଇଥିଲେ । ମୁଁ ତାଙ୍କ ପାଖେ ଗାଡ଼ିରେ ବସିଗଲି ଆଉ ଆମେ ସାଥିହୋଇଗଲୁ । ସେଠି ପହଞ୍ଚି ଘରଭିତରର ଏ ଭୟାବହ ଦୃଶ୍ୟ ଦେଖିଲୁ । କ୍ୟାଣ୍ଡ୍ ଲ ଆଉ ନିଆଁ ନିଶ୍ଚୟ କେତେ ଘଣ୍ଟା ଆଗରୁ ଲିଭିସାରିଥିବ ଆଉ ସେମାନେ ସକାଳ ହେବାଯାଏଁ ସେଠି ଅନ୍ଧାରରେ ବସିଥିବେ । ଡାକ୍ତର କହିଲେ ଯେ, ଅନ୍ତତଃ ଛଅ ଘଣ୍ଟା ହେଲା ବ୍ରେଣ୍ଡାର ମୃତ୍ୟୁ ହୋଇଥିବ । ତା' ଉପରେ ଆକ୍ରମଣର କିଛି ଚିହ୍ନ ନଥିଲା । ସେ ଚଉକିର ହାତକୁ ଆଉଜି ପଡ଼ିଥିଲା । ତା ଆଖିରେ ଭୟର ଚିହ୍ନ । ଜର୍ଜ ଆଉ ଓଏନ୍ ଏଣ୍ଡୁ ତେଣୁ ଗୀତ ବୋଲୁଥାନ୍ତି ଆଉ ଦ'ଟା ମାଙ୍କଡ଼ପରି ହେଁ ହେଁ ହେଉଥାନ୍ତି । ସେ କି ଭୟଙ୍କର ଦୃଶ୍ୟ ! ମୁଁ ସହିପାରିଲିନାହିଁ । ଡାକ୍ତର ମଧ୍ୟ ଭୟରେ ଶେତା ପଡ଼ିଗଲେ । ସେ ପ୍ରାୟ ଅଚେତ ହୋଇ ଗୋଟେ ଚଉକି ଉପରେ ପଡ଼ିଗଲେ ଆଉ ଆମେ ତାଙ୍କୁ ଧରି ସମ୍ଭାଳି ନେଲୁ ।"

ଚଉକିରୁ ଉଠି ଠିଆହୋଇ ହୋମ୍‌ସ୍ କହିଲେ, "ଏ ଘଟଣା ବଡ଼ ବିଚିତ୍ର । ମୁଁ ଭାବୁଛି ଆମେ ଆଉ ବିଳମ୍ବ ନକରି ଟ୍ରେଡ଼ାନିକ୍ ଉଆର୍‌ଥା ଯିବା ଦରକାର । ମୁଁ ମାନୁଛି ଏମିତି ବିଚିତ୍ର ରହସ୍ୟ ମୁଁ ପ୍ରାୟ ଜାଣି ନାହିଁ ।"

ସେ ଦିନ ସକାଳେ ଅମେ ଯାହା କିଛି କଲୁ ତା ଆମ ଅନୁସନ୍ଧାନରେ ଆଗେଇବାରେ କିଛି ସାହାଯ୍ୟ କଲାନାହିଁ । ଯାହାହେଉ ପ୍ରଥମରୁ ଆମେ ଗୋଟେ ଉଲ୍ଲେଖନୀୟ ଘଟଣା ଦେଖିଲୁ । ତା ମୋ ମନରେ ଗୋଟେ ଅଶୁଭ ଧାରଣା ଜାତ କଲା । ଯେଉଁ ଜାଗାରେ ଦୁର୍ଘଟଣା ଘଟିଥିଲା ସେଠିକି ଯିବାରାସ୍ତା ଅଣଓସାରିଆ ଦଣ୍ଡାଟିଏ । ଗାଡ଼ିଏ ଯିବାପରି । ଆମେ ସେବାଟେ ଗଲାବେଳେ ଆଗରୁ ଗୋଟେ ଘୋଡ଼ାଗାଡ଼ି ଆମଆଡ଼କୁ ଆସୁଥିବାର ଶୁଣିଲୁ । ଆମେ

Digitized by srujanika@gmail.com

ରାସ୍ତାକଡ଼କୁ ଘୁଞ୍ଚିଗଲୁ । ଗାଡ଼ିଟା ଆମ ପାଖ ଦେଇ ଚାଲିଗଲାବେଳେ ତା’ ଭିତରେ ମୋ ଆଖି ପଡ଼ିଗଲା । ଗୋଟାଏ ବଙ୍କାମୁହଁ ବଢ଼ଶ ଦାନ୍ତ ଦେଖାଇ ହସୁଥିବା ମୁହୂର୍ତ୍ତିକ ପାଇଁ ଦେଖାଗଲା । ସେ ଆମଆଡ଼କୁ ଚରିଟି ଚାହିଁଲା ପରି ଜଣାଗଲା ।

ମର୍‌ଟିମର୍ ଟ୍ରେଗେନସଙ୍କ ମୁହଁ ଶୋଚାପଡ଼ିଗଲା । ସେ କହିଲେ, “ମୋ ଖାଇ ଦୁହେଁ । ସେମାନେ ତାଙ୍କୁ ହେଲ୍‌ସଟନ୍ ଡାକ୍ତରଖାନାକୁ ନେଇ ଯାଉଛନ୍ତି ।”

କଳାରଙ୍ଗର ଗାଡ଼ିଟା ଆଗକୁ ମାଡ଼ିଚାଲିଲା । ଆମେ ଆତଙ୍କିତହୋଇ ସେଇଆଡ଼କୁ ଚାହିଁରହିଲୁ । ତା’ପରେ ପାଦଚାଲିଇ ସେଇ ଅଲକ୍ଷଣ ଘରଆଡ଼କୁ ଚାଲିଲୁ । ଘରଟା ବେଶ୍ ବଡ଼ ଆଉ ସୁନ୍ଦର । ଘରପାଖରେ ବିରାଟ ବଗିଚା । ବସନ୍ତ ଋତୁର ଫୁଲରେ ବଗିଚାଟା ଭରପୁର । ବୈଠକଖାନାର ଝରକାଟା ଏଇ ବଗିଚାଆଡ଼କୁ । ମର୍‌ଟିମର୍ ଟ୍ରେଗେନସ୍‌ଙ୍କ କହିବା ଅନୁସାରେ ଯେଉଁ ପୈଶାଚିକ ଜିନିଷ ମୁହୂର୍ତ୍ତିକ ଭିତରେ ସେମାନଙ୍କ ମୁଣ୍ଡ ନଷ୍ଟକରିଦେଲା, ତା ନିଶ୍ଚୟ ଏଇ ବଗିଚା ଆଡ଼ୁ ଆସିଥିବ । ଆମେ ଘରର ମୁଖଶାଳାକୁ ଯିବା ଆଗରୁ ହୋମ୍‌ସ୍ ଏଇ ଫୁଲବଗିଚା ଆଉ ରାସ୍ତାରେ ଖୁବ୍ ଧୀରେ ଧୀରେ ଚାଲୁଥାନ୍ତି ଆଉ ଭାବନାରେ ବୁଡ଼ିରହିଥାନ୍ତି । ସେ ଭାବନାରେ ଏମିତି ବୁଡ଼ିଯାଇଥିଲେ ଯେ, ପାଣିଦେବା ବାଲ୍‌ଟିଟାକୁ ଝୁଣ୍ଟିଲେ । ବାଲ୍‌ଟିଟା ଓଲଟିପଡ଼ିଲା ଆଉ ବଗିଚାର ବାଟଟା ଏବଂ ଆମ ପାଦ ଓଦାହୋଇଗଲା । ଘରଭିତରକୁ ଗଲାପରେ ଆମେ ମିସେସ୍ ପୋର୍‌ଟର୍‌ଙ୍କୁ ଭେଟିଲୁ । ସେ ଆଉ ଗୋଟିଏ ଚାକରାଣୀ ପିଲା ସାଥିରେ ଘରର ସବୁକଥା ବୁଝାସୁଝା କରୁଥିଲେ । ସେ ହୋମ୍‌ସ୍‌ଙ୍କର ସବୁ ପ୍ରଶ୍ନର ଉତ୍ତର ଦେଲେ । ରାତିରେ ସେ କିଛି ଶୁଣିନଥିଲେ । ତାଙ୍କ ମାଲିକ-ମାନେ ବେଶ୍ ଖୁସିରେ ଥିଲେ । ତା’ପରଦିନ ସକାଳେ ସେ ଘରଭିତରକୁ ପଶିଗଲା ମାତ୍ରେ ଏ ଭୟଙ୍କର ଦୃଶ୍ୟ ଦେଖି ଅଜ୍ଞାନ ହୋଇ ପଡ଼ିଗଲେ । ଚେତା ଆସିଲା ପରେ ସେ ଉଠି ଘରର ଝରକା ଖୋଲିଦେଲେ ଆଉ ସକାଳର ଶୀତଳପବନ ଘରଭିତରକୁ ଆସିଲା । ତା’ପରେ ସେ ରାସ୍ତା ଉପରକୁ ଧାଇଁଗଲେ । ଜଣେ କ୍ଷେତମଜୁରିଆ ପିଲାକୁ ଡାକ୍ତରଙ୍କୁ ଡାକିବା ପାଇଁ

Digitized by srujanika@gmail.com

ପଠାଇଲେ । ମୃତ ଭଦ୍ରମହିଳାଙ୍କୁ ଉପରେ ତାଙ୍କ ଶୋଇବା ଘରକୁ ନିଆ-ଯାଇଛି । ଆମେ ଚାହିଁଲେ ତାଙ୍କୁ ଦେଖିପାରୁ । ଦୁ'ଭାଇଙ୍କୁ ଡାକ୍ତରଖାନା ଗାଡ଼ିଭିତରକୁ ନେବାପାଇଁ ଚାରିଜଣ ମଜଭୁତଆ ଲୋକ ଦରକାର ହେଲେ । ସେ ଏ ଘରେ ଆଉ କେବେହେଲେ ରହିବାକୁ ଚାହାନ୍ତି ନାହିଁ ଆଉ ସେଇଦିନ ଉପରବେଳା ସେ ସେଣ୍ଟ୍ ଇଭ୍‌ସରେ ତାଙ୍କ ପରିବାର ଲୋକଙ୍କ ପାଖକୁ ଚାଲିଯିବାକୁ ଚାହାନ୍ତି ।

ଆମେ ଉପରମହଲକୁ ଉଠି ମୃତଶରୀରଟା ଦେଖିନେଲୁ । ମିସ୍ ବ୍ରେଣ୍ଡା ଟ୍ରେଗେନିସ୍ ଅତି ସୁନ୍ଦରୀ । ସେ ମଧ୍ୟ-ବୟସରେ ପହଞ୍ଚିସାରିଥିଲେ । ମଲାପରେ ମଧ୍ୟ ତାଙ୍କ ମୁହଁ ଅତି ସୁନ୍ଦର ଦେଖାଯାଇଥାଏ । କିନ୍ତୁ ସେ ଯାଏ ବି ତାଙ୍କ ମୁହଁରେ ଭୟ ଆଉ ଆତଙ୍କର ଚିହ୍ନ ଲାଗିରହିଥାଏ । ଆମେ ତାଙ୍କ ଶୋଇବା-ଘରୁ ତଳ ବୈଠକଖାନାକୁ ଓହ୍ଲାଇ ଆସିଲୁ । ଏଇ ଘରେ ସେ ଅଦ୍ଭୁତ ଦୁର୍ଘଟଣା ଘଟିଥିଲା । ନିଆଁ ଜଳୁଥିବା ଚୁଲ୍ଲିରେ ଗଲା ରାତି ଜଳୁଥିବା ନିଆଁର ପାଉଁଶ ସେମିତି ଥିଲା । ଟେବୁଲଉପରେ ଜଳସାରିଥିବା ଚାରିଟା ମହମବତିର ଶେଷ ଅଂଶ । ତାସଗୁଡ଼ା ଛିତରିବିତରି ହୋଇପଡ଼ିଥିଲା । ଚଉକିଗୁଡ଼ା କାନ୍ଥ ପାଖକୁ ଘୁଞ୍ଚାଇ ନିଆଯାଇଥିଲା । ଆଉ ସବୁ ପୂର୍ବରାତିରେ ଯେମିତି ଥିଲା ସେମିତି । ହୋମ୍‌ସ୍ ଘରଭିତରେ ଏପଟସେପଟ ବୁଲିଲେ । ଚଉକିଗୁଡ଼ା ରାତିରେ ଯେଉଁ ଜାଗାରେ ଥିଲା ସେଠିକି ଆଣି ସେ ବିଭିନ୍ନ ଚଉକିରେ ବସିଲେ । ଚଉକିଉପରୁ ବଗିଚାର କେତେ ଅଂଶ ଦେଖାଯାଉଛି ତା ପରୀକ୍ଷାକରି ଦେଖିଲେ । ତା'ଛଡ଼ା ଘରର ମେଝିଆ, ଛାତ, ନିଆଁ ଜାଗା ମଧ୍ୟ ପରୀକ୍ଷା କଲେ । କିନ୍ତୁ ଅନ୍ଧାରଭିତରେ କିଛି ଆଲୁଅର ସନ୍ଧାନପାଇଲେ ତାଙ୍କ ଆଖି ଯେମିତି ଉଜ୍ଜ୍ୱଳ ହୋଇ ଉଠେ, ଓଠ ଯେମିତି ଦୃଢ଼ ହୋଇଉଠେ, ସେ ଲକ୍ଷଣ ମୁହୂର୍ତ୍ତିକ ପାଇଁ ବି ତାଙ୍କଠାରେ ଦେଖିପାରିଲିନାହିଁ । ଖାଲି ଥରେ ସେ ପଚାରିଲେ, "ନିଆଁ କାହିଁକି ? ଏଇ ବସନ୍ତକାଳ ସନ୍ଧ୍ୟାରେ ଏଇ ଛୋଟ ଘର ଭିତରରେ ସେମାନେ କ'ଣ ବରାବର ନିଆଁ ଜାଳନ୍ତି ?"

ମର୍ଟିମର୍ ଟ୍ରେଗେନିସ୍ କଥାଟା ବୁଝାଇ କହିଲେ ଯେ, ସେଦିନ ଖୁବ୍ ଥଣ୍ଡା ଆଉ ମେଘୁଆ ପାଗ ଥିଲା । ତେଣୁ ସେ ଆସିବାପରେ ନିଆଁ ଜଳାହୋଇଥିଲା ।

Digitized by srujanika@gmail.com

ତା'ପରେ ସେ ପଚାରିଲେ, "ଏବେ ଆପଣ କ'ଣ କରିବେ, ମିଷ୍ଟର୍ ହୋମ୍ସ୍ ?"

ମୋ ବନ୍ଧୁ ସାମାନ୍ୟ ହସି ମୋ କାନ୍ଧଉପରେ ହାତରଖି କହିଲେ, "ମୁଁ ଭାବୁଛି ଉଆଟ୍‌ସନ୍, ତୁମେ ଯେଉଁ ତମାଖୁ ବିଷ ସେବନ କରିବା ଯୋଗୁଁ ମୋ ଉପରେ ବିରକ୍ତ ହୁଅ ମୋତେ ପୁଣି ସେଇଆ କରିବାକୁ ହେବ । ଆମକୁ ଏଥର ଆମ ଗ୍ରେଟ ଘରଟିକୁ ଫେରିଯିବାକୁ ହେବ । କାରଣ ମୁଁ ଜାଣିଛି ଏଠି ଆମେ ଆଉ କିଛି ନୂଆକଥା ପାଇବୁ ନାହିଁ । ମୁଁ ଘଟଣାଟା ବିଷୟରେ ଚିନ୍ତା କରିବି, ମିଷ୍ଟର୍ ଟ୍ରେଗେନିସ୍ ଆଉ ଯଦି କିଛି ଜାଣିପାରେ ଆପଣଙ୍କୁ ଆଉ ଧର୍ମଯାଜକଙ୍କୁ ନିଶ୍ଚୟ ଜଣାଇବ । ଏବେ ଆମେ ବିଦାୟ ନେଉଛୁ ।"

ଆମେ ଆମ ଘର ପୋଲ୍‌ଧୁଲୁ ଫେରିଆସିଲୁ । ଅନେକ ସମୟଯାଏ ହୋମ୍ସ୍ କିଛି ପାଟିଫିଟାଇଲେ ନାହିଁ । ଗୋଟେ ଆର୍ମଚେଉର ଉପରେ କାକ-ଜୁକହୋଇ ବସିରହିଲେ । କଳା ତମାଖୁ ଧୂଆଁ ଭିତରୁ ତାଙ୍କ ମୁହଁ ପ୍ରାୟ ଦିଶୁନଥାଏ । କଳାକଳା ଆଖି ପତା ଦି'ଟା ତଳକୁ ଲଇଁପଡ଼ିଥାଏ । କପାଳରେ କୁଞ୍ଚୁକୁଞ୍ଚିଆ ରେଖା । ଆଖି ଦି'ଟା ଶୂନ୍ୟ । ଶେଷରେ ସେ ପାଇପ୍‌ଟା ଥୋଇଦେଇ ଦୁମ୍‌କରି ଉଠି ଠିଆ ହୋଇଗଲେ । ହସି ହସି କହିଲେ, "ସେ କଥା ହେବନାହିଁ, ଉଆଟ୍‌ସନ୍ । ଚାଲ, ସାଥିହୋଇ ପାହାଡ଼ ଉପରକୁ ଯାଇ ପଥରର ତୀର ଖୋଜିବା । ଆମେ ଏ ସମସ୍ୟାର ସୂତ୍ର ପାଇବା ଅପେକ୍ଷା ପଥରତୀର ପାଇବାର ସମ୍ଭାବନା ବେଶୀ । ଯଥେଷ୍ଟ ଉପକରଣ ନଥାଇ ମୁଣ୍ଡକୁ କାମରେ ଲଗାଇବା, ଗୋଟେ ଇଂଜିନ୍‌କୁ ଖୁବ୍ ଜୋର୍‌ରେ ଚଲାଇବା ସଙ୍ଗେ ସମାନ । ସେଟା ଆପେ ଆପେ ଭାଙ୍ଗି ଖଣ୍ଡଖଣ୍ଡ ହୋଇଯିବ । ସମୁଦ୍ରର ପବନ, ସୂର୍ଯ୍ୟକିରଣ ଆଉ ଧୈର୍ଯ୍ୟ ଉଆଟ୍‌ସନ୍—ଆଉ ସବୁ ଆପେ ଆପେ ଆସିଯିବ ।"

ଆମେ ପାହାଡ଼ ଗୁରପାଖେ ବୁଲୁବୁଲୁ ସେ ପୁଣି କହିଲେ, "ଆମ ପରିସ୍ଥିତିକୁ ବିଚାରକରି ଦେଖିବା, ଉଆଟ୍‌ସନ୍ । ଆମେ ଯାହା ସାମାନ୍ୟ କିଛି ଜାଣିଛେ ତାକୁ ଦୃଢ଼କରି ଧରିବା । ତା'ହେଲେ କିଛି ନୂଆ ଘଟଣା ଘଟିଲେ ତାକୁ ସ୍ୱା'ସାଥିରେ ଠିକ୍ ଖାପ୍‌ଖୁଆଇ ପାରିବା । ପ୍ରଥମେ ମୁଁ ଧରିନେଇଛି

Digitized by srujanika@gmail.com

ଯେ, ମଣିଷର କୌଣସି ଘଟଣାରେ କୌଣସି ଭୌତିକ ଶକ୍ତିର ପ୍ରଭାବ ଆମ ଭିତରୁ କେହି ମାନିବାକୁ ପ୍ରସ୍ତୁତ ନୁହେଁ । ତେଣୁ ଆରମ୍ଭରୁ ଆମେ ଭୌତିକ ଶକ୍ତି କଥା ଆମେ ପୂରାପୂରି ମନରୁ ଦୂରେଇ ଦେବା । ବେଶ୍, ଏବେ ତିନିଜଣ ଲୋକରହିଲେ । ସେମାନେ ଯେଉଁ ଭୟ, ଆତଙ୍କ ପାଇଛନ୍ତି ତା କୌଣସି ମଣିଷଠାରୁ—ଏଟା ଦୃଢ଼ ନିଶ୍ଚୟ । ଏଥର ଏ ଘଟଣା ଘଟିଲା କେତେବେଳେ ? ମିଷ୍ଟର୍ ମର୍ଟିମର୍ ଟ୍ରେଗେନିସ୍ଙ୍କ କଥାକୁ ସତବୋଲି ମନେକଲେ, ଠିକ୍ ସେ ଘରଛାଡ଼ି ଯିବା ପରେ ପରେ । ଏଇଟା ଅତି ଗୁରୁତ୍ୱପୂର୍ଣ୍ଣ ପଏଣ୍ଟ୍ । ତାସ୍‌ଗୁଡ଼ା ସେଯାଏ ଟେବୁଲ ଉପରେ ପଡ଼ିଥିଲା । ସେମାନଙ୍କ ସାଧାରଣ ଶୋଇବାବେଳ ବି ଗଡ଼ିଯାଇଥିଲା । ତଥାପି ସେମାନେ ବସିବା-ଜାଗାରୁ ଉଠିନାହାନ୍ତି ବା ଚଉକି ଟିକଏ ହେଲେ ପଛକୁ ଘୁଞ୍ଚାଇ ନାହାନ୍ତି । ତେଣୁ ମୁଁ ପୁଣି ଜୋର୍‌ଦେଇ କହିବି ଘଟଣାଟା ମର୍ଟିମର୍ ଟ୍ରେଗେନିସ୍ ଯିବା ପରେ ପରେ ଆଉ ରାତି ଏଗାରଟା ଭିତରେ ଘଟିଛି ।

"ତା'ପରେ ଆମର କାମହେଲା ମର୍ଟିମର୍ ଟ୍ରେଗେନିସ୍ ସେଠୁ ଆସିବା ପରେ କୁଆଡ଼େ ଗଲେ ତା ପରୀକ୍ଷାକରି ଦେଖିବା । ସେଥିରେ କିଛି ଅସୁବିଧା ନାହିଁ ଆଉ ତା ସନ୍ଦେହ ବାହାରେ । ତୁମେ ମୋ ପଦ୍ଧତି ଜାଣ । ତେଣୁ ପାଣିବାଲ୍‌ଟିଟା ମୁଁ କେମିତି ଝୁଣ୍ଟିବା ବାହାନାକରି ଗଡ଼େଇଦେଲି ତୁମେ ଲକ୍ଷ୍ୟ କରିଥିବ । ତା'ଦ୍ୱାରା ମୁଁ ମର୍ଟିମର୍‌ଙ୍କ ପାଦର ପରିଷ୍କାର ଛାପ-ପାଇପାରିଲି । ଶୁଖିଲାବାଟରେ ଯେଉଁଟା ସମ୍ଭବ ହୋଇନଥାନ୍ତା । ତାଙ୍କ ପାଦଛାପ ପାଇଲାପରେ ସେ କୁଆଡ଼େ ଗଲେ ଜାଣିବା ମୋଟେ କଷ୍ଟକର ହେଲାନାହିଁ । ସେ ଧର୍ମଯାଜକଙ୍କ ଘରଆଡ଼େ ଖୁବ୍ ଶୀଘ୍ର ଚାଲିଆସିଲେ ପରି ଜଣାଯାଉଛି ।

"ତା'ହେଲେ ଯଦି ମର୍ଟିମର୍ ଟ୍ରେଗେନିସ୍ ସେଠୁ ଚାଲିଯାଇଛନ୍ତି ତେବେ ବାହାରୁ କେହି ଲୋକ ଏଇ ତାସଖେଳାଳିମାନଙ୍କୁ ଏପରି କରିଛି । ସେ ଲୋକକୁ ଆମେ ଜାଣିବା କେମିତି ଆଉ କି ପ୍ରକାରରେ ସେ ଏଇ ଭୟ, ଆତଙ୍କ ସୃଷ୍ଟି କରିପାରିଛି ? ମିସେସ୍ ପୋର୍ଟରଙ୍କୁ ଏଥିରୁ ବାଦ୍ ଦିଆ ଯାଇ-ପାରେ । ସେ ଏକଦମ୍ ନିରୀହା । ଯେଉଁ ଲୋକ ଏପରି ଭୟଙ୍କର ଆଘାତ ଦେଲା ସେ କୌଣସି ପ୍ରକାରରେ ଲୁଚିଛପି ଝରକାପାଖକୁ ଆସିବାର କିଛି

Digitized by srujanika@gmail.com

ସନ୍ଦେହ ଅଛି କି ? ତାର ଯାହା କିଛି ସୂଚନା ମର୍‌ଟିମର୍ ଟ୍ରେଗେନସ୍‌ଙ୍କଠାରୁ ମିଳିଛି । ସେ କହନ୍ତି ଯେ, ବଗିଚା ଭିତରେ କିଛି ଗୋଟେ ଚୂଲିବା କଥା ତାଙ୍କ ଭାଇ କହିଥିଲେ । ସେ କଥାଟା ନିଶ୍ଚୟ ଉଲ୍ଲେଖନୀୟ । କାରଣ ସେ ରାତିଟା ଅନ୍ଧାର ଆଉ ମେଘୁଆ ଥିଲା । ବର୍ଷା ବି ହେଉଥିଲା । କୌଣସି ଲୋକର ଏମାନଙ୍କୁ ଆତଙ୍କିତ କରିବାର ଥିଲେ ସେ ନିଶ୍ଚୟ ଝରକା କାଚପାଖକୁ ଆସିଥିବ । ତା'ନହେଲେ ସେ ଦେଖାଯିବ ନାହିଁ । ଝରକା ବାହାରପାଖେ ଫୁଲ ବଗିଚା । କିନ୍ତୁ ସେଠି କୌଣସି ପାଦଚିହ୍ନ ନାହିଁ । ତେବେ ବାହାରୁ କେଉଁ ଲୋକ ଆସି କେମିତି ସ୍ଥା'କଲା ଆଉ ତାର ଉଦ୍ଦେଶ୍ୟ କ'ଣ କଳ୍ପନା କରିହେଉନାହିଁ । ଆମର ଅସୁବିଧା ଦେଖିପାରୁଛ, ୱାଟ୍‌ସନ୍ ?"

"ଅସୁବିଧା ତ ବେଶ ପରିଷ୍କାର ଜଣାଯାଉଛି ।"

"ତଥାପି ଆଉ କିଛି ଉପକରଣ ମିଳିଲେ ଆମେ ପ୍ରମାଣ କରିପାରିବା ଯେ, ଏ ଅସୁବିଧା ଲଙ୍ଘନ କରିବା ଅସମ୍ଭବ ନୁହେଁ । ମୁଁ ଭାବୁଛି ତୁମର ଅଫଣ୍ଟ ଲେଖାଭିତରେ ସ୍ଥାଠୁ ବଳି ଦୁର୍ବୋଧ୍ୟ ରହସ୍ୟ ନିଶ୍ଚୟ ଥିବ । ଯାହାହେଉ ଏବେ ଆମେ ଅନ୍ୟ କିଛି ସଠିକ୍ ତଥ୍ୟ ନପାଇବା ଯାଏଁ ଏ କେଶ୍‌କୁ ମନରୁ ଦୂରେଇ ଦେବା ଆଉ ସକାଳର ବାକି ସମୟତକ ମଣିଷର ଉନ୍ନତି ବିଷୟ ଆଲୋଚନାରେ କଟାଇଦେବା ।"

ମନକୁ ଗୋଟେ ବିଷୟରୁ ହଠାତ୍ ଅଲଗାକରି ଦେବାରେ ମୋ ବନ୍ଧୁଙ୍କର ଯେଉଁ ବିଚିତ୍ର ଶକ୍ତି ତା ମୁଁ କେଉଁଠି କହିଥିବି । କିନ୍ତୁ ସେଦିନ ସକାଳେ ସେ ଦୁ'ଘଣ୍ଟା ଯାଏ ପୁରାତନ ଯୁଗର କୁର୍‌ହାଡ଼ି, ତୀର ଇତ୍ୟାଦି ବିଷୟରେ ଯେପରି ଆଲୋଚନା କଲେ ମୁଁ ଦେଖି ବିସ୍ମିତ ହୋଇଗଲି । ସତେ ଯେମିତି ତାଙ୍କ ଆଗରେ କିଛି ଦୁର୍ବୋଧ୍ୟ ରହସ୍ୟ ନାହିଁ । ଉପରବେଳା ଆମେ ଘରକୁ ଫେରିଲାବେଳକୁ ଜଣେ ଭଦ୍ରଲୋକ ଆମକୁ ଅପେକ୍ଷା କରିଥିଲେ । ସେତେବେଳେ ଯାଇ ସେ ରହସ୍ୟ ଆମର ମନେପଡ଼ିଲା । ଆଗନ୍ତୁକ କିଏ ଆମ କାହାକୁ ଜଣାଇବା ଦରକାର ହେଲାନାହିଁ । ତାଙ୍କ ବିରାଟ ବପୁ, ନିଆଁପରି ଜଳନ୍ତା ଆଖି ଆଦିରୁ ଜାଣିଲୁ ସେ ଆଫ୍ରିକାର ବିଖ୍ୟାତ

Digitized by srujanika@gmail.com

ସିଂହ ଶିକାରୀ ଡାକ୍ତର ଲିଓନ୍ ଷ୍ଟର୍ନଡେଲ୍ ବ୍ୟତୀତ ଅନ୍ୟ କେହି ନୁହନ୍ତି । ସେ ଆଫ୍ରିକାରେ ଯେମିତି ଲଣ୍ଡନରେ ମଧ୍ୟ ସେମିତି ଜଣାଶୁଣା ।

ସେ ଏ ଅଞ୍ଚଳକୁ ଆସିଥିବା କଥା ଆମେ ଜାଣିଥିଲୁ । ରାସ୍ତାରେ ଥରେ ଅଧେ ତାଙ୍କୁ ଦେଖିଥିଲୁ ମଧ୍ୟ । ସେ କେବେ ଆମ ପାଖକୁ ଆସନ୍ତି ନାହିଁ । ଆମେ ମଧ୍ୟ ତାଙ୍କପାଖକୁ ଯିବାକଥା କେବେ ଭାବିନାହୁଁ । କାରଣ ଆମେ ଜାଣିଥିଲୁ ସେ ନିରୋଳାରେ ରହିବାକୁ ଭଲପାଉଥିଲେ । ତେଣୁ ବିଉଚ୍ୟାମ୍ପ୍ ଏରିଆନ୍ସରେ ଗୋଟିଏ ଗ୍ରେଟ ନିକାଞ୍ଚନ ଘରେ ସେ ରହୁଥିଲେ । ସେଠି ବହିପତ୍ର, ମାନଚିତ୍ର ଭିତରେ ସେ ନିରୋଳାରେ ରହି ନିଜ ଧନ୍ଦାରେ ଲାଗିଥାନ୍ତି । ପାଖପଡ଼ୋଶୀଙ୍କ ଧନ୍ଦାରେ ମୁଣ୍ଡ ପୂରାନ୍ତି ନାହିଁ । ତେଣୁ ଏ ରହସ୍ୟରେ ହୋମ୍ସ କେତେ ଦୂର ଆଗେଇଲେ, ଏକଥା ସେ ଯେତେବେଳେ ପଚାରିଲେ, ମୁଁ ଆଶ୍ଚର୍ଯ୍ୟ ହୋଇଗଲି । ଘଟଣାଟାରେ ସେ ଖୁବ୍ ଆଗ୍ରହୀ ବୋଲି ଜଣାଗଲା । ସେ କହିଲେ, "ଏଠାକାର ପୋଲିସ୍ ଏକଦମ୍ ଭୁଲ୍ ବାଟରେ ଯାଉଛନ୍ତି, ମିଷ୍ଟର୍ ହୋମସ୍ । କିନ୍ତୁ ଆପଣଙ୍କର ଅନୁଭୂତି ଯଥେଷ୍ଟ ବେଶୀ । ତେଣୁ ଆପଣ ଏ ଘଟଣାରେ କିଛି ଗୋଟେ ଠିକ୍ ମତ ଦେଇପାରିବେ । ଆପଣ ମୋ ଉପରେ ଭରସା ରଖିପାରନ୍ତି । ମୁଁ ଅନେକଥର ଏଠିକି ଆସିବାରେ ଏଇ ଟ୍ରେଗେନିସ୍ ପରିବାରକୁ ଭଲଭାବେ ଜାଣେ । ତାଛଡ଼ା ମୋ ମାଆଙ୍କଆଡ଼ୁ ସେମାନେ ମୋର ଭାଇ ଭଉଣୀ ହେବେ । ତାଙ୍କର ଏ ଦୁର୍ଦ୍ଦଶାରେ ମୁଁ ବଡ଼ ଦୁଃଖିତ । ମୁଁ ଆଫ୍ରିକା ଯିବାପାଇଁ ପ୍ଲାଇମାଉଥ୍ ଯାଏ ଯାଇଥିଲି; କିନ୍ତୁ ଆଜି ସକାଳେ ଖବରଟା ପାଇଲି ଆଉ ଅନୁସନ୍ଧାନରେ ସାହାଯ୍ୟ କରିବାପାଇଁ ସିଧା ଫେରିଆସିଲି ।"

ଆଖି ପତାଉପରକୁ ଟେକି ହୋମ୍ସ କହିଲେ, "ଆପଣଙ୍କ ଜାହାଜ ତ ଚାଲିଯାଇଥିବ ?"

"ହଁ, ମୁଁ ପରେ ଜାହାଜରେ ଯିବି ।"

"ଏ ହେଲା ପ୍ରକୃତ ବନ୍ଧୁତା ।"

"କହିଲି ପରା ସେମାନେ ମୋର ସମ୍ପର୍କୀୟ ବନ୍ଧୁ ।"

Digitized by srujanika@gmail.com

"ହଁ, ଆପଣଙ୍କ ମାଆଙ୍କ ଆଉ୍ । ଆଚ୍ଛା, ଆପଣଙ୍କ ଜିନିଷପତ୍ର କାହାଜରେ ଲଦା ହୋଇଥିଲା ?"

"କିଛିଟା । ଅଧିକାଂଶ କିନ୍ତୁ ହୋଟେଲ୍‌ରେ ଅଛି ।"

"ଆଚ୍ଛା ! କିନ୍ତୁ ପ୍ଲାଇମାଉଥ୍‌ର ଖବରକାଗଜରେ ତ ଏତେ ସକାଳୁ ଏ ଖବର ପ୍ରକାଶପାଇନଥିବ ?"

"ନା, ମୁଁ ଗୋଟେ ଟେଲିଗ୍ରାମ୍ ପାଇଲି ।"

"କାହାଠାରୁ ?"

ଫିକାଏ ଚେହେରାର ଡାକ୍ତର କହିଲେ, "ଆପଣ ଖୁବ୍ ଅନୁସନ୍ଧିତ୍ସୁ ଦେଖୁଛି ।"

"ସେଇଟା ମୋର ବ୍ୟବସାୟ ।"

"ସେ କଥା କହିବାରେ ମୋର କିଛି ଆପତ୍ତି ନାହିଁ । ଟେଲିଗ୍ରାମ୍‌ଟା ପଠାଇଥିଲେ ଧର୍ମଯାଜକ ମିଷ୍ଟର୍ ରାଉଣ୍ଡ୍‌ହେ ଆଉ ସେଇଟା ପାଇ ମୁଁ ପୁଣି ଏଠିକି ଫେରିଆସିଲି ।"

"ଧନ୍ୟବାଦ । ମୁଁ ଆପଣଙ୍କୁ କହିରଖେ ଯେ, ଏ କେଶ୍ ବିଷୟରେ ମୁଁ ଏଯାଏଁ କିଛି ସ୍ଥିର କରିନାହିଁ । କିନ୍ତୁ ଏହାର ସମାଧାନ କରିବାର ଦୃଢ଼ ଆଶା ମୋର ଅଛି । ଏବେ ସେ ବିଷୟରେ ଅଧିକ କିଛି କହିବା ଠିକ୍ ହେବ ନାହିଁ ।"

"ଆପଣଙ୍କର ସନ୍ଦେହ କେଉଁ ଦିଗକୁ କହିବାକୁ ଆପଣ ବୋଧହୁଏ କିଛି ମନେକରିବେନାହିଁ ?"

"ମୁଁ ତାର ଉତ୍ତର ଦେଇପାରିବିନାହିଁ ।"

'ତାହେଲେ ମୁଁ ଅକାରଣରେ ସମୟ ନଷ୍ଟକଲି । ଆଉ ବେଶୀ ସମୟ ଏଠି ରହିବା ଦରକାର ନାହିଁ ।" ଯଥେଷ୍ଟ ଅସନ୍ତୁଷ୍ଟ ହୋଇ ଡାକ୍ତର ଆମ ଘରୁ ବାହାରିଗଲେ । ପାଞ୍ଚମିନିଟ୍ ଭିତରେ ହୋମସ୍ ତାଙ୍କ ପଛରେ ଗଲେ । ସନ୍ଧ୍ୟା ଯାଏ ମୁଁ ତାଙ୍କୁ ଆଉ ଦେଖିନାହିଁ । ସନ୍ଧ୍ୟାକୁ ସେ ଫେରିଲେ । ତାଙ୍କ ମୁହଁ ଶୁଖିଯାଇଥାଏ । ସେଥିରୁ ଜାଣିଲି ଅନୁସନ୍ଧାନରେ ସେ ମୋଟେ ଆଗେଇ

Digitized by srujanika@gmail.com

ନାହାନ୍ତି । ତାଙ୍କର ଗୋଟେ ଟେଲିଗ୍ରାମ୍ ଟେବୁଲ୍ ଉପରେ ଥୁଆହୋଇଥିଲା । ସେଟାରେ ଆଖିବୁଲାଇଆଣି ସେ ସେଟାକୁ ନିଆଁକୁ ଫିଙ୍ଗିଦେଲେ ।

ତା'ପରେ କହିଲେ, "ଧର୍ମଯାଜକଙ୍କ ଠାରୁ ଡାକ୍ତରଙ୍କ ହୋଟେଲ୍ ନାଁ ପ୍ଲାଇମାଉଥ୍ ହୋଟେଲ୍ ବୋଲି ଜାଣିଲି । ଡାକ୍ତର ଷ୍ଟାର୍‌ନ୍‌ଡେଲ୍‌ଙ୍କ କଥା ସତ କି ନା ଜାଣିବା ଲାଗି ସେଠିକି ଟେଲିଗ୍ରାମ୍ କରିଥିଲି । ଜାଣିଲି ସେ ପ୍ରକୃତରେ କାଲି ରାତିରେ ସେଠି ଥିଲେ । ତାଙ୍କର କିଛି ଜିନିଷ ଆଫ୍ରିକା ଚାଲିଯାଇଛି ଆଉ ସେ ଏଠିକି ଫେରିଆସିଛନ୍ତି । ତୁମେ ସେଥିରୁ କ'ଣ ବୁଝୁଛ, ୱାଟ୍‌ସନ୍ ?"

"ସେ ଏ ବିଷୟରେ ବିଶେଷ ଆଗ୍ରହୀ ।"

"ହଁ, ବିଶେଷ ଆଗ୍ରହୀ । ଏଇଟା ଗୋଟେ ସୂତ୍ର ଯାହା ଆମେ ଏଯାଏଁ ଧରି ପାରିନାହେଁ । ଏଥିରୁ ହୁଏତ ଆମେ କିଛି ଜାଣିପାରିବା । ଚିନ୍ତା କରନାହିଁ, ୱାଟ୍‌ସନ୍ । କାରଣ ମୁଁ ନିଶ୍ଚିତ ଯେ, ସବୁ ତଥ୍ୟ ଆମ ହାତକୁ ଆସି ନାହିଁ । ଆସିଗଲେ ଆମର ସବୁ ଅସୁବିଧା ଦୂରହୋଇଯିବ ।"

ହୋମ୍‌ସଙ୍କ କଥା ଏତେ ଶୀଘ୍ର ସତବୋଲି ପ୍ରମାଣିତ ହେବ ମୁଁ ମୋଟେ କଳ୍ପନା କରିନଥିଲି । ପୁଣି ଯେଉଁ ନୂଆ ତଥ୍ୟ ମିଳିଲା ତା' ଏମିତି ଆଶ୍ଚର୍ଯ୍ୟ ଆଉ ଚମକପ୍ରଦ ଯେ, ଆମ ଅନୁସନ୍ଧାନର ଧାରା ପୂରା ବଦଳିଗଲା । ସକାଳୁ ମୁଁ ଝରକାପାଖେ ବସି ସ୍ଥିର ହେଉଥିଲି । ଘୋଡ଼ାଟାପୁ ଶବ୍ଦ ଶୁଣି ଆଖି ଟେକି ଚାହିଁଲି । ଦେଖିଲି ଗୋଟେ ଗାଡ଼ି ଖୁବ୍ ଜୋର୍‌ରେ ଆସୁଛି । ଆମ ଘର ମୁହଁରେ ଗାଡ଼ିଟା ଅଟକିଲା । ଆମର ବନ୍ଧୁ ଧର୍ମଯାଜକ ଗାଡ଼ିରୁ ଡେଇଁପଡ଼ି ବଗିଚାବାଟେ ଆମଘରକୁ ଦଉଡ଼ି ଆସିଲେ । ହୋମସ୍ ଉଠି କାମ ସାରିଥାନ୍ତି । ଆମେ ଧର୍ମଯାଜକଙ୍କ ପାଖକୁ ଧାଇଁଗଲୁ ।

ଧର୍ମଯାଜକ ଏତେ ଉତ୍ତେଜିତ ହୋଇଯାଇଥାନ୍ତି ଯେ, ସ୍ପଷ୍ଟ ଭାବରେ କଥା କହିପାରୁନଥାନ୍ତି । ଶେଷରେ ସେ ଧକେଇ ହୋଇ ତାଙ୍କ କରୁଣ କାହାଣୀ କହିଲେ ।

"ଆମେ ପିଶାଚ କବଳରେ ପଡ଼ିଯାଇଛୁ, ମିଷ୍ଟର୍ ହୋମ୍‌ସ୍ ! ଏ ଅଞ୍ଚଳଟା ପିଶାଚ କବଳରେ ପଡ଼ିଛି । ନିଜେ ସଇତାନ୍ ଆସିଛି । ଆମେ ତା'ହାତରେ

Digitized by srujanika@gmail.com

ପଡ଼ିଯାଇଛୁ ।" ଉତ୍ତେଜନାରେ ସେ ଘର ଭିତରେ ଦୌଡ଼ି ବୁଲିଲେ । ଶେଷରେ ସେ ଭୟଙ୍କର ଖବରଟା କହିଲେ ।

"ଗଲା ରାତିରେ ମିଷ୍ଟର ମରଟିମର ଟ୍ରେଗେନିସ୍ ପ୍ରାଣ ହରାଇଛନ୍ତି । ତାଙ୍କ ପରିବାରର ଅନ୍ୟମାନଙ୍କଠାରେ ଯେଉଁ ଲକ୍ଷଣ ଦେଖାଯାଇଥିଲା ତାଙ୍କଠାରେ ବି ସେଇଆ ।"

ହୋମ୍ସ୍ ଚଟ୍‌କରି ଉଠିପଡ଼ି କହିଲେ, "ଆପଣଙ୍କ ଗାଡ଼ିରେ ଆମ ଦୁ'ଜଣଙ୍କୁ ଜାଗା ହେବ ?"

"ହଁ ।"

"ତା ହେଲେ ୱାଟ୍‌ସନ ଆମ ଜଳଖିଆ ପଛକୁ ଥାଉ । ମିଷ୍ଟର୍ ରାଉଣ୍ଡହେ, କିଛି ଏପଟ ସେପଟ ହେବା ଆଗରୁ ଜଲ୍‌ଦି ଚାଲନ୍ତୁ ।"

ଧର୍ମଯାଜକଙ୍କ ଘରେ ମିଷ୍ଟର୍ ଟ୍ରେଗେନିସ୍ ଦୁ'ବଖରା ଘରେ ରହୁଥିଲେ । ବଖରା ଦୁ'ଟା ତଳ ଉପର ଆଉ ଗୋଟେ କଣରେ । ତଳ ବଖରାକ ବୈଠକ-ଖାନା ଆଉ ଉପର ବଖରା ଶୋଇବା ଘର । ଘର ସାମନାରେ ଝରକା ପାଖ ଯାଏଁ ଲାଗି କ୍ରିକେଟ୍ ଖେଳପଡ଼ିଆ । ଡାକ୍ତର ବା ପୋଲିସ୍ ଆସିବା ଆଗରୁ ଆମେ ପହଞ୍ଚିଗଲୁ । ତେଣୁ କିଛି ଜିନିଷ ଏପଟ ସେପଟ ହୋଇନଥିଲା । ଆମେ ଯେଉଁ ଦୃଶ୍ୟ ଦେଖିଲୁ ମୁଁ ତା ବର୍ଣ୍ଣନା କରୁଛି । ସେ ଦୃଶ୍ୟ ମୋ ମନରୁ କେବେହେଲେ ଯିବ ନାହିଁ ।

ଘର ଭିତର ବାୟୁମଣ୍ଡଳ ନିଶ୍ୱାସ ରୁନ୍ଧି ଦେଉଥାଏ । ଯେଉଁ ଚାକର ପ୍ରଥମେ ଘର ଭିତରକୁ ଯାଇଥିଲା ସେ ଝରକାଟା ଖୋଲି ଦେଇଥିଲା । ତା' ନ ହେଲେ ଘରର ହାଇଆ ମୋଟେ ସହ୍ୟାଳ ହୋଇନଥାନ୍ତା । ଘର ମଝିରେ ଟେବୁଲ୍ ଉପରେ ଜଳୁଥିବା ଲ୍ୟାମ୍ପ୍ ଧୂଆଁ ଯୋଗୁଁ ଏମିତ ହୋଇଥାଇପାରେ । ଟେବୁଲ ପାଖରେ ଗୋଟେ ଚଉକିରେ ଆଉଜିପଡ଼ି ମୃତ ଟ୍ରେଗେନିସ୍ ବସିଥାନ୍ତି । ଆଖି ଉପରୁ ଚଷମାଟା କପାଳକୁ ଉଠିଯାଇଥାଏ । ପତଳା ମୁହଁଟା ଝରକା ଆଡ଼କୁ । ଭୟରେ ତାଙ୍କ ମୃତ ଭଉଣୀଙ୍କ ମୁହଁଟା ଯେମିତ ବିକୃତ ହୋଇଯାଇଥିଲା ଠିକ ସେମିତ ହୋଇଯାଇଥାଏ । ମାଂସପେଶୀଗୁଡ଼ା ଟାଣ ହୋଇଯାଇଥାଏ ଆଉ ଆଙ୍ଗୁଠିଗୁଡ଼ା ବାଙ୍କି ଯାଇଥାଏ । ଭୟ ଏବ

Digitized by srujanika@gmail.com

ସୁସ୍ପଷ୍ଟଭାବରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାଯାଉଥାଏ । ସେ ପୂରା ପୋଷାକ ପିନ୍ଧିଥିଲେ; କିନ୍ତୁ ତରତରରେ ପୋଷାକ ପିନ୍ଧିଲା ପରି ଜଣାଯାଉ ନଥିଲା । ଆଗରୁ ଆମେ ଜାଣିଥିଲୁ ଯେ, ରାତିରେ ସେ ତାଙ୍କ ବିଛଣାରେ ଶୋଇଥିଲେ ଆଉ ଏ ଶୋଚନୀୟ ପରିଣତି ପାହାନ୍ତା ବେଳକୁ ଘଟିଛି ।

ଘର ଭିତରକୁ ପଶିଲାମାତ୍ରେ ହୋମସ୍ ସଜାଗ ହୋଇଉଠିଲେ । ମୁହୂର୍ତ୍ତିକ ଭିତରେ ସେ କାମରେ ଲାଗିଗଲେ । ଗୋଟେ ଶିକାରୀ କୁକୁର ପରି ସେ ବାହାର ପଡ଼ିଆ, ଝରକା, ବୈଠକଖାନା, ଶୋଇବାଘର, ଗୃହଆଡ଼େ ଘୂରି ଆସିଲେ । ଶୋଇବା ଘରେ ସେ ଖୁବ୍ ଶୀଘ୍ର ଗୃହଆଡ଼େ ଆଖି ବୁଲାଇ ଆଣି ଝରକାଟା ଖୋଲିଦେଲେ । ତାଙ୍କ ମନରେ ଉତ୍ତେଜନାର କିଛି ନୂଆ କାରଣ ଆସିଲା ପରି ଜଣାଗଲା । ସେ ଝରକା ଉପରେ ଲଇଁପଡ଼ି ଆଗ୍ରହ ଏବଂ ଆନନ୍ଦରେ ପାଟିକରି ଉଠିଲେ । ତାପରେ ସେ ତଳ ଘରକୁ ଓହ୍ଲାଇଆସି ଖୋଲା ଝରକା ବାଟେ ପଡ଼ିଆକୁ ଡେଇଁପଡ଼ିଲେ । ପଡ଼ିଆରେ ମୁହଁ ମାଡ଼ି ପଡ଼ିଗଲେ ! ପୁଣି ଉଠିପଡ଼ି ସେଇ ଝରକାବାଟେ ଘର ଭିତରକୁ ପଶିଆସିଲେ । ଲ୍ୟାମ୍ପଟାକୁ ଖୁବ୍ ଯତ୍ନରେ ପରୀକ୍ଷା କଲେ ! ଲେନସ୍ ଦ୍ୱାରା ଲ୍ୟାମ୍ପର ଆଉ ଯୋଡ଼ଣୀଟାକୁ ଦେଖିନେଲେ । ସେଥିରେ ଲାଗିଥିବା ପାଉଁଶରୁ କିଛି ହାତରେ ଛଡ଼ାଇ ଆଣିଲେ । ତାକୁ ଗୋଟେ ଲଫାଫାରେ ପୂରାଇ ପକେଟ୍‌ରେ ରଖିଲେ । ଶେଷରେ ଯେତେବେଳେ ଡାକ୍ତର ଆଉ ପୋଲିସ ଆସି ପହଞ୍ଚିଲେ ସେ ଧର୍ମଯାଜକଙ୍କୁ ଠାରି ଦେଲେ । ଆମେ ତିନିଜଣ ପଡ଼ିଆକୁ ବାହାରିଗଲୁ ।

ସେଠି ସେ କହିଲେ, "ସୁଖର କଥା, ମୋ ଅନୁସନ୍ଧାନ ପୂରା ନିଷ୍ଫଳ ହୋଇନାହିଁ । ମୁଁ ପୋଲିସ୍ ସାଥିରେ ଏ ବିଷୟ ଆଲୋଚନା କରିବା ପାଇଁ ରହିପାରିବିନାହିଁ । କିନ୍ତୁ ମିଷ୍ଟର ରାଉଣ୍ଡ୍‌ହେ. ଆପଣ ଇନସ୍‌ପେକ୍ଟର୍‌ଙ୍କୁ ମୋର ଶୁଭେଚ୍ଛା ଜଣାଇଦେବେ ଆଉ ଶୋଇବା ଘରର ଝରକା ତଥା ବୈଠକଖାନାର ଲ୍ୟାମ୍ପ ପ୍ରତି ବିଶେଷ ଧ୍ୟାନ ଦେବା ଲାଗି କହିବେ । ସେଥିରୁ ସବୁ ଜାଣି ହେବ । ଯଦି ସେ ଆଉ ଅଧିକା କିଛି ଜାଣିବାକୁ ଚାହାଁନ୍ତି ତେବେ

Digitized by srujanika@gmail.com

ମୋ ଘରକୁ ଗଲେ ଖୁସି ହେବ । ଏଥର ଆସ, ଉଆଟ୍‌ସନ୍ । ଅନ୍ୟ ଜାଗାରେ ଆମର କାମ ।"

ତା'ପର ଦୁ'ଦିନ ଯାଏଁ ଆମେ ପୋଲିସ୍‌ଠାରୁ କିଛି ଶୁଣିଲୁ ନାହିଁ । ହୁଏତ ଜଣେ ଘରୋଇ ଡିଟେକ୍‌ଟିଭ୍‌ଙ୍କର ଏ କେଶ୍‌ରେ ହସ୍ତକ୍ଷେପ ସେମାନେ ଚାହୁଁ ନଥିଲେ କିମ୍ବା କୌଣସି ଆଶାଜନକ ଅନୁସନ୍ଧାନ କରିପାରିବେ ବୋଲି କଳ୍ପନା କରିଥିଲେ ।

ଏହି ଦୁ'ଦିନ ହୋମ୍‌ସ୍ ଅଳ୍ପ ସମୟ ଘରେ ବସି ସିଗାରେଟ୍ ଟାଣି କିଛି ଭାବିବାରେ କଟାଇଲେ । କିନ୍ତୁ ଅଧିକାଂଶ ସମୟ ସେ ଗାଆଁରେ ବୁଲିବାରେ କଟାଇଲେ । ବହୁତ ଡେରିରେ ଘରକୁ ଫେରନ୍ତି କିନ୍ତୁ କେଉଁଆଡ଼େ ଯାଇଥିଲେ ସେ ବିଷୟରେ କିଛି କହୁନ୍ତି ନାହିଁ । ଗୋଟାଏ ପରୀକ୍ଷାରୁ ମୁଁ ତାଙ୍କ ଅନୁସନ୍ଧାନର ଗତି ଜାଣିପାରିଲି । ମର୍ଟିମର୍ ଟ୍ରେଗେନିସ୍‌ଙ୍କ ମୃତ୍ୟୁଦିନ ତାଙ୍କ ଘରେ ଯେଉଁ ଲ୍ୟାମ୍ପ ଜଳୁଥିଲା ସେ ଅବିକଳ ସେହିପରି ଗୋଟେ ଲ୍ୟାମ୍ପ୍ କିଣି ଆଣିଲେ । ସେ ଲ୍ୟାମ୍ପରେ ଯେଉଁ ତେଲ ଦିଆଯାଇଥିଲା ଏ ଲ୍ୟାମ୍ପରେ ସେ ସେହି ତେଲ ଭରିଲେ ଏବଂ ସେତକ ତେଲ ଜଳିବା ପାଇଁ କେତେ ସମୟ ଲାଗିବ ସେ ଖୁବ୍ ଯତ୍ନରେ ହିସାବ କଲେ । ସେ ଆଉ ଗୋଟେ ପରୀକ୍ଷା କଲେ ଆଉ ସେଟା ନିହାତ ଅପ୍ରୀତିକର । ମୁଁ ତା ଭୁଲି ପାରିବନାହିଁ ।

ଦିନେ ଉପରବେଳା ସେ କହିଲେ, "ତୁମେ ଦେଖିପାରୁଥିବ ଉଆଟ୍‌ସନ୍, ଦୁଇଟା ଘଟଣାରେ ଯାହା ଆମକୁ ଜଣାଅଛି ସେଥିରେ ଗୋଟେ ସାଧାରଣ ସମାନ ତଥ୍ୟ ଅଛି । ସେଟା ହେଲା, ଦୁର୍ଘଟଣା ଘଟିଥିବା ଘର ଭିତରକୁ ଯେ ପ୍ରଥମେ ଯାଇଛି ତା ଉପରେ ଘରର ବାୟୁର ପ୍ରଭାବ ପଡ଼ିଛି । ମର୍ଟିମର୍ ଟ୍ରେଗେନିସ୍ ଯାହା ବର୍ଣ୍ଣନା କଲେ ତୁମର ମନେଥିବ । ସେ ଯେତେବେଳେ ଡାକ୍ତରଙ୍କ ସାଥିରେ ତାଙ୍କ ଭାଇଙ୍କ ଘର ଭିତରକୁ ପଶିଗଲେ ଡାକ୍ତର ଚଉକି ଉପରେ ପଡ଼ିଗଲେ । ସେ କଥା ଭୁଲିଗଲଣି ? ପୁଣି ମିସେସ୍ ପୋର୍ଟର୍ ଯାହା କହିଲେ ସେ କଥା ବି ମନେଥିବ । ସେ ନିଜେ ଯେତେବେଳେ ଘର ଭିତରକୁ ପଶିଗଲେ ପ୍ରାୟ ଅଚେତ ହୋଇଗଲେ । ତାପରେ ସେ ଝରକାଟା ଖୋଲିଦେଲେ । ଦ୍ୱିତୀୟ କେଶ୍‌ରେ ଆମେ ଘର ଭିତରେ ପଶିଗଲାମାତ୍ରେ

Digitized by srujanika@gmail.com

କେମିତ୍ତ ଅଣନିଶ୍ୱାସୀ ହୋଇଗଲେ ତୁମେ କେବେ ଭୁଲିନଥିବ । ଅବଶ୍ୟ ଗୃହକର୍ତ୍ତୀ ସେତେବେଳକୁ ଝରକାଟା ଖୋଲିସାରିଥିଲା । ମୁଁ ପଚାରିବୁଝିଲି— ସେ ଗୃହକର୍ତ୍ତୀ ଏତେ ଅସୁସ୍ଥ ହୋଇପଡ଼ିଥିଲା ଯେ, ବିଛଣାରେ ପଡ଼ି ରହିଥିଲା । ଏଇ ସବୁ ଘଟଣାରୁ କିଛି ଜଣାଯାଉଛି ବୋଲି ତୁମେ ନିଶ୍ଚୟ ସ୍ୱୀକାର କରିବ । ପ୍ରତ୍ୟେକ କେଶ୍‌ରେ ଗୋଟେ ବିଷାକ୍ତ ବାୟୁମଣ୍ଡଳର ପ୍ରମାଣ ମିଳୁଛି । ପ୍ରତ୍ୟେକ ଘଟଣାରେ ଘରଭିତରେ ନିଆଁ ଅଛି । ପ୍ରଥମ ଘଟଣାରେ ନିଆଁ ଆଉ ଦ୍ୱିତୀୟ ଘଟଣାରେ ଲ୍ୟାମ୍ପ୍ । ନିଆଁଟା ଦର୍କାର ଥିଲା । କିନ୍ତୁ ଲ୍ୟାମ୍ପଟା ଦିନରେ ଜଳାଯାଇଛି । ଯାହା ତେଲ ଜଳିଛି ସେଥିରୁ ତା ଜଣାଯାଉଛି, ରାତି ପାହି ଯଥେଷ୍ଟ ଆଲୁଅ ହେଲା ପରେ ବି ଲ୍ୟାମ୍ପ୍‌ଟା ଜଳିଛି କାହିଁକି ? କାରଣ ନିଆଁ ଜଳିବା ଘରର ବାୟୁ ଆଉ ସେ ଲୋକଙ୍କର ମୃତ୍ୟୁ ଭିତରେ ନିଶ୍ଚୟ କିଛି ସମ୍ପର୍କ ଅଛି । ଏଟା ବେଶ୍ ପରିଷ୍କାର ଜଣାଯାଉଛି, ନା ନାହିଁ ?"

"ହଁ, ସେଇପରି ଜଣାଯାଉଛି ।"

"ଆମେ ଅନ୍ତତଃ ଏ ତଥ୍ୟକୁ ମୂଳ କରି କାମ ଆରମ୍ଭ କରିପାରିବା । ତାହେଲେ ଆମେ ଧରିନେବା ଯେ, ନିଆଁରେ କିଛି ପୋଡ଼ାଯାଇଛି ଆଉ ତା'ଫଳରେ ଘରର ବାୟୁ ବିଷାକ୍ତ ହୋଇଯାଇଛି । ପ୍ରଥମ ଘଟଣାରେ ଏ କିନିଷଟା ନିଆଁରେ ଦିଆଯାଇଛି । ଘରର ଝରକା ବନ୍ଦ ଥିଲା; କିନ୍ତୁ ନିଆଁର ଧୂଆଁ ନଳିବାଟେ କିଛି ଗନ୍ଧ ଚାଲିଯାଇଛି ! ତେଣୁ ଦ୍ୱିତୀୟ ଘଟଣା-ଠାରୁ ପ୍ରଥମ ଘଟଣାରେ ବିଷର ପ୍ରଭାବ କମ୍ ହେବା ଯେ କେହି ଆଶା କରିବ । ଉଭୟ ଘଟଣାର ଫଳରୁ ମଧ୍ୟ ସେଇଆ ଜଣାଯାଉଛି । ପ୍ରଥମ କେଶ୍‌ରେ ଭଦ୍ର ମହିଳାଙ୍କର ମୃତ୍ୟୁ ଘଟିଛି । କାରଣ ତାଙ୍କର ପ୍ରତିରୋଧ ଶକ୍ତି ଊଣା । ତାଙ୍କ ଦୁଇଭାଇ କିଛି ସମୟ ପାଇଁ ବା ସବୁଦିନ ପାଇଁ ପାଗଳ ହୋଇ ଯାଇଛନ୍ତି । ଏଟା ହେଲା ସେ ବିଷର ପ୍ରଥମ ଅବସ୍ଥା । ଦ୍ୱିତୀୟ କେଶ୍‌ରେ ବିଷ ସମ୍ପୂର୍ଣ୍ଣ କାମ କରିଛି । ତେଣୁ ଘଟଣାଗୁଡ଼ାକରୁ ଜଣାଯାଉଛି ନିଆଁରେ ବିଷ ପୋଡ଼ା ହେବା ଅନୁମାନ ଠିକ୍ ।

Digitized by srujanika@gmail.com

"ମୁଁ ମନେ ମନେ ଏ ସିଦ୍ଧାନ୍ତ ଗ୍ରହଣକରି ମର୍‌ଟିମର୍ ଟ୍ରେଗେନସଙ୍କ ରୁମ୍‌ରେ ଏଇ ବିଷର କିଛି ଅଂଶ ପାଇବାକୁ ଚେଷ୍ଟାକଲି । ପାଇବାର ଏକ ମାତ୍ର ଜାଗା ହେଲା ଲ୍ୟାମ୍ପ୍‌ର ଘୋଡ଼ଣୀ । ସେଠି ଗୁଆଗୁଆ ପାଉଁଶ ପାଇଲି ଆଉ ଘୋଡ଼ଣୀ ଧାରରେ କିଛି ମାଟିଆ ଗୁଣ୍ଡ ଥିବାର ଦେଖିଲି । ତୁମେ ଦେଖିଲ, ସେଥିରୁ ଅଧା ଆଣି ମୁଁ ଗୋଟେ ଲଫାଫାରେ ରଖିଲି ।"

"ଅଧା କାହିଁକି ହୋମ୍‌ସ୍ ?"

"ଝରକାଖି ପୋଲିସ୍‌ଙ୍କ କାମରେ ବାଧା ଦେବା ମୋର କାମ ନୁହେଁ । ମୁଁ ଯାହା ପ୍ରମାଣ ପାଇଲି ତାଙ୍କ ପାଇଁ ମଧ୍ୟ ତାକୁ ଛାଡ଼ିଦେଲି । ସେ ଘୋଡ଼ଣୀରେ ଏବେ ବି ତେ ବିଷ ରହିଲା । ସେମାନେ ବୁଦ୍ଧି ଖର୍ଚ୍ଚ କଲେ ତା ପାଇପାରିବେ । ଏଥର ଆମେ ଲ୍ୟାମ୍ପ୍‌ଟା ଜଳାଇବା ୱାଟସନ୍ । କିନ୍ତୁ ତା ଆଗରୁ ଝରକାଟା ଖୋଲି ରଖିଦେବା । ସମାଜର ଦୁଇଜଣ ଉପଯୁକ୍ତ ନାଗରିକଙ୍କର ଯେପରି ଅକାଳ ମରଣ ନହୁଏ ସେଥିପ୍ରତି ଆମେ ସାବଧାନ ରହିବା । ତୁମେ ଖୋଲା ଝରକା ପାଖେ ଗୋଟେ ଚଉକିରେ ବସିବ । କାରଣ ବୁଝିପାରୁଥିବ ଏଥିରେ ତୁମର କିଛି କରିବାର ନାହିଁ । ଓଃ, ତୁମେ ଦେଖିବାକୁ ଚାହୁଁଛ ? ହେଉ, ଏଇ ଚଉକିଟା ମୁଁ ତୁମ ସାମନାରେ ପକାଉଛି । ଆମେ ବିଷଠାରୁ ସମାନ ଦୂରରେ ମୁହାଁମୁହିଁ ବସିବା । ଦରଜାଟା ଦରମେଲା ରଖିବା । ଏବେ ଆମେ ପରୀକ୍ଷା କରିବା ପାଇଁ ଆଉ ପରସ୍ପରକୁ ଲକ୍ଷ୍ୟ କରିବା ପାଇଁ ପ୍ରସ୍ତୁତ । ଏଥର ତାହେଲେ ମୁଁ ଲଫାଫାରୁ ପାଉଡ଼ର ବା ତାର ଅବଶିଷ୍ଟାଂଶ ବାହାରକରି ଜଳନ୍ତା ଲ୍ୟାମ୍ପ୍ ଉପରେ ପକାଉଛି । ଏଥର ଆମେ ବସି କ'ଣ ଘଟୁଛି ଦେଖିବା ।"

ପରୀକ୍ଷାରେ ଫଳ ଆସିବାର ଡେରି ହେଲାନାହିଁ । ମୁଁ ଚଉକିରେ ବସୁ ନବସୁଣୁ ଗୋଟାଏ କଦର୍ଯ୍ୟ ଗନ୍ଧ ମୋ ନାକରେ ବାଜିଲା । ସେ ଗନ୍ଧ ଅଳ୍ପ ମାତ୍ର ନିଃଶ୍ୱାସରେ ଭିତରକୁ ଗଲା ମାତ୍ରେ ମୋ ମୁଣ୍ଡ କ'ଣ ହୋଇଗଲା । ଆଖି ଆଗରେ ଗାଢ଼ କଳା ମେଘ ଘୋଟିଗଲା ଆଉ ତା ଭିତରେ ଅଜଣା ଅଶୁଣା ଗୁଡ଼ାଏ ଭୟଙ୍କର ଜିନିଷ ଦେଖାଗଲାପରି ଜଣାଗଲା । ଗୁଡ଼ାଏ ଅସ୍ପଷ୍ଟ

Digitized by srujanika@gmail.com

ରୂପ ଆଖି ଆଗରେ ଦେଖାଗଲା । ପ୍ରତ୍ୟେକଟା ଅସୁରପରି ଭୟଙ୍କର । ଭୟରେ ମୋ କଲିଜା ପାଣି ହୋଇଗଲାପରି ଲାଗିଲା । ରୁମ ଟାଙ୍କୁରି ଉଠିଲା । ଆଖି ଦୁ'ଟା ବାହାରକୁ ଗୁଳିଗଲା ପରି ଜଣାଗଲା । ପାଟି ଟା ମେଲା ହୋଇଗଲା ଆଉ ଜିଭଟା ଚମଡ଼ା ପରି ହୋଇଗଲା । ମୁଣ୍ଡଭିତର ଏମିତି ଗୋଳମାଳିଆ ହୋଇଗଲା ଯେ, କିଛି ଗୋଟେ ମଡ଼କରି ଭାଙ୍ଗି ଯାଇଥିବ । ମୁଁ ଚିତ୍କାର କରିବାକୁ ଚେଷ୍ଟାକଲି । କିନ୍ତୁ କେବଳ ଗଁ ଗଁ ଶବ୍ଦ ହେବାର ଜାଣିପାରିଲି । ସେଟା ମୋ ନିଜ ଶବ୍ଦ କିନ୍ତୁ ମୋଠୁ ଦୂରରେ ଶୁଣାଗଲା । ମୁଁ କୌଣସି ପ୍ରକାରେ ଖସିଯିବାକୁ ଚେଷ୍ଟା କରୁକରୁ ହୋମ୍‌ସଙ୍କ ଉପରେ ଆଖି ପଡ଼ିଗଲା । ତାଙ୍କ ମୁହଁ ଭୟରେ ଶେତା ପଡ଼ିଯାଇଥିଲା । ମୃତ ଟ୍ରେଗେନିସ୍‌ଙ୍କ ମୁହଁରେ ଯେଉଁ ଭାବ ତାଙ୍କ ମୁହଁରେ ଠିକ୍ ସେଇଆ । ସେ ଦୃଶ୍ୟ ଦେଖି ମୁହୂର୍ତ୍ତକ ପାଇଁ ମୋତେ ଜ୍ଞାନ ଆଉ ବଳ ଆସିଗଲା । ମୁଁ ଚଉକିରୁ ଡେଇଁ ପଡ଼ି ହୋମସ୍‌ଙ୍କୁ ଜାବୁଡ଼ି ଧରିଲି ଆଉ ଆମେ ସାଥିହୋଇ ଦଉଡ଼ି ବାହାରେ ପଳାଇଲୁ । କିଛିଏ ପରେ ବାହାରେ ଘାସ ପଡ଼ିଆରେ ପାଖାପାଖି ପଡ଼ିଗଲୁ । ଆମ ଆଖି ଆଗରେ ନର୍କପରି ଘେରିରହିଥିବା କଳା ମେଘ ଭିତର ଦେଇ ନିର୍ମଳ ସୂର୍ଯ୍ୟକିରଣ ଆସୁଥିବା କେବଳ ଜାଣିପାରିଲୁ । କୁହୁଡ଼ି ଧୀରେ ଧୀରେ ଅପସରି ଗଲା ପରି ସେ ମେଘ ଆମ ଆଖି ଆଗରୁ ଧୀରେ ଧୀରେ ଦୂରେଇଗଲା । ଶେଷରେ ଆମେ ସୁସ୍ଥହୋଇ ଉଠିଲୁ । ଘାସ ଉପରେ ବସି କପାଳର ଝାଳ ପୋଛୁପକାଇଲୁ । ଯେଉଁ ଭୟଙ୍କର ଅନୁଭୂତି ହେଲା ତାର ପ୍ରଭାବ ଲକ୍ଷ୍ୟ କରିବାପାଇଁ ପରସ୍ପର ମୁହଁକୁ ଚାହିଁରହିଲୁ ।

ଶେଷରେ ହୋମସ୍ ଭଙ୍ଗାଭଙ୍ଗା ସ୍ୱରରେ କହିଲେ, "ତୁମକୁ ଧନ୍ୟବାଦ ଦେବା ସଙ୍ଗେ ସଙ୍ଗେ ମୁଁ କ୍ଷମା ମାଗୁଛି, ୱାଟସନ୍ । ନିଜ ଉପରେ ଏପରି ପରୀକ୍ଷା କରିବା ନିହାତି ଅନ୍ୟାୟ ଆଉ ଜଣେ ବନ୍ଧୁ ଉପରେ ଏ ପରୀକ୍ଷା ଆହୁରି ବେଶି ଅନ୍ୟାୟ । ବାସ୍ତବିକ୍ ମୁଁ ବଡ଼ ଦୁଃଖିତ ।"

ହୋମ୍‌ସ୍‌ଙ୍କର ଏପରି କୋମଳ ହୃଦୟ ଆଗରୁ କେବେ ଦେଖି ନଥିଲି । ଆବେଗରେ କହି ଉଠିଲି, "ତୁମେ ଜାଣ ହୋମସ୍, ତୁମକୁ ସାହାଯ୍ୟ କରିବାରେ ମୋର ସବୁଠୁ ବେଶି ଆନନ୍ଦ ।"

Digitized by srujanika@gmail.com

ଅଧା ଅନ୍ଧକାରଆଲୁଅରେ ହୋମ୍‌ସ କହିଲେ, "ଆମେ ପାଗଳ ହୋଇ ଯାଇଥିଲେ କିଛି ଅଧିକା ହୋଇ ନଥାନ୍ତା, ୱାଟ୍‌ସନ୍ । କାରଣ ଆମେ ଏ ଭୟଙ୍କର ପରୀକ୍ଷା କରିବା ଆଗରୁ ଆମକୁ ଲକ୍ଷ୍ୟ କରିଥିଲେ ଜଣେ ସ୍ପଷ୍ଟବାଦୀ ଆମକୁ ପାଗଳ ବୋଲି କହିଥାନ୍ତା । ମୁଁ ମାନୁଛି ୱାଟ୍‌ସନ୍, ପ୍ରଭାବଟା ଏମିତି ଭୟଙ୍କର ଆଉ ଏତେ ଦ୍ରୁତ ହେବ ବୋଲି ମୁଁ ମୋଟେ କଳ୍ପନା କରି ନଥିଲି ।" ସେ ଘରଭିତରକୁ ପଶିଯାଇ ଜଳନ୍ତା ଲ୍ୟାମ୍ପ୍‌ଟା ଧରି ଧାଇଁ ଆସିଲେ । ସେଟାକୁ ଗୁଡ଼େ କଣ୍ଟାବୁଦା ଆଡ଼କୁ ଫିଙ୍ଗିଦେଲେ । ତାପରେ କହିଲେ, "ଘରର ବାୟୁଟା ପରିଷ୍କାର ହୋଇଯାଉ । ମୁଁ ଭାବୁଛି ୱାଟ୍‌ସନ୍, ସେ ଦୁର୍ଘଟଣା ଦୁଇଟା କେମିତିଭାବରେ ଘଟିଲା, ତୁମର ଆଉ ସନ୍ଦେହ ନାହିଁ ?"

"ମୋଟେ ନାହିଁ ।"

"ତଥାପି ରହସ୍ୟଟା ଯେମିତି ଦୁର୍ବୋଧ ଥିଲା ସେମିତି । ଏଇ ଗଛ ତଳକୁ ଆସ । ସେଇଠି ବସି ଏ ବିଷୟରେ ଆଲୋଚନା କରିବା । ସେ ବିଷାକ୍ତ ବାଷ୍ପ ଏବେ ବି ମୋ ଗଣ୍ଠି ପାଖରେ ଲାଗିଲାପରି ଜଣାପଡ଼ୁଛି । ଯାହା ପ୍ରମାଣ ମିଳୁଛି ସେଥିରୁ ପ୍ରଥମ ଘଟଣାରେ ଏଇ ମର୍‌ଟିମର୍ ଟ୍ରେଗେନିସ୍ ଅପରାଧୀ ବୋଲି ଜଣାଯାଉଛି । ଅବଶ୍ୟ ଦ୍ୱିତୀୟ ଘଟଣାରେ ସେ ନିଜେ ଏ ବିଷର ଶୀକାର ହୋଇଛନ୍ତି । ପ୍ରଥମରୁ ଆମକୁ ମନେରଖିବାକୁ ହେବ ଯେ, ତାଙ୍କ ପରିବାରରେ ଗୋଟେ କଳିକଜିଆ ହୋଇଥିଲା ଏବଂ ପରେ ମିଳାମିଶା ହୋଇ ଯାଇଥିଲା । ସେ କଳିକଜିଆ କେତେ କଦର୍ଯ୍ୟ ଥିଲା ଆଉ ମିଳାମିଶା କେତେ ଦୂର ଆନ୍ତରିକ ଆମକୁ ଜଣାନାହିଁ । ଏଇ ମର୍‌ଟିମର୍ ଟ୍ରେଗେନିସ୍‌ଙ୍କ କୋକଶିଆଳି ପରି ମୁହଁ, ଚଷମାତଳେ ଥିବା ଗ୍ରେଟ ଗ୍ରେଟ ଆଖି ଦୁଇଟାରୁ ମୁଁ ଭାବୁଛି ଲୋକଟା ସେତେ ସହଜ ନୁହେଁ । ତାପରେ ବଗିଚାଭିତରେ କିଛି ଗୋଟେ ବୁଲୁଥିବା କଥା ତୁମର ମନେଥିବ । ତାଦ୍ୱାରା ଦୁର୍ଘଟଣାର ପ୍ରକୃତ କାରଣଠାରୁ ଆମ ଧ୍ୟାନ କିଛି ସମୟ ପାଇଁ ଅନ୍ୟ ଆଡ଼େ ଗୁଲିଗଲା । ଏଟା ବି ମର୍‌ଟିମର୍ ଟ୍ରେଗେନିସ୍‌ଙ୍କ ଫନ୍ଦି । ଆମକୁ ଭୁଲେଇବାଟକୁ ନେଇଯିବା ତାଙ୍କର ଉଦ୍ଦେଶ୍ୟ ଥିଲା । ନିଜେ ଏ ବିଷାକ୍ତ ପଦାର୍ଥ ସେ ସବୁ ନିଆଁରେ ପକାଇଲେ

Digitized by srujanika@gmail.com

ତେବେ ପକାଇଲା ଆଉ କଏ ? ସେ ଠିକ୍ ଗୃହଗଲାବେଳକୁ ତାକୁ ନିଆଁରେ ପକାଇଦେଇଛନ୍ତି, ଆଉ ସେ ଯିବା ପରେ ପରେ ଦୁର୍ଘଟଣା ଘଟିଛି । ଆଉ କେହି ଘରଭିତରକୁ ଆସିଥିଲେ ଏମାନେ ନିଶ୍ଚୟ ଚଉକିରୁ ଉଠିଥାନ୍ତେ । ତା'ଛଡ଼ା କର୍‌ନ୍‌ଉଆଲ୍‌ରେ ରାତି ଦଶଟା ପରେ କେହି ଅତିଥି କାହା ଘରକୁ ଯାଆନ୍ତି ନାହିଁ । ତେଣୁ ସବୁ ପ୍ରମାଣ ମର୍‌ଟିମର୍ ଟ୍ରେଗେନିସ୍ ଅପରାଧୀ ବୋଲି ଜଣାଇଦେଉଛି ।"

"ତାହେଲେ ତାଙ୍କ ନିଜ ମୃତ୍ୟୁ ଆତ୍ମହତ୍ୟା ?"

"ସେଟା ଯଥେଷ୍ଟ ସମ୍ଭବ । ଯେଉଁ ଲୋକ ନିଜ ପରିବାରର ଏ ଦୁର୍ଦ୍ଦଶା ଘଟାଇଛି ସେ ପରେ ଅନୁତାପରେ ଆତ୍ମହତ୍ୟା କରିଥିବ । କିନ୍ତୁ ଏ ଯୁକ୍ତିର ବିରୁଦ୍ଧରେ କେତେକ ଅକାଟ୍ୟ ଯୁକ୍ତି ଅଛି । ଭାଗ୍ୟକୁ ଇଂଲଣ୍ଡରେ ଜଣେ ଲୋକ ଅଛନ୍ତି ଯେ ଏ ବିଷୟରେ ସବୁ ଜାଣନ୍ତି ଆଉ ଆଜି ଅପରବେଳା ତାଙ୍କ ମୁହଁରୁ ଆମେ ସବୁକଥା ଶୁଣିବାପାଇଁ ମୁଁ ସବୁପ୍ରକାର ବ୍ୟବସ୍ଥା କରିଛି । କିନ୍ତୁ ସେ ଟିକିଏ ଆଗରୁ ଆସିଗଲେଣି । ଏଇ ଆଡ଼କୁ ଆସନ୍ତୁ ଡାକ୍ତର ଷ୍ଟର୍‌ନ୍‌ଡେଲ୍ । ଆମେ ଘର ଭିତରେ ଗୋଟେ ରାସାୟନିକ ପରୀକ୍ଷା କରୁଥିଲୁ । ତେଣୁ ବସି କଥାବାର୍ତ୍ତା କରିବା ପାଇଁ ଘରଟା ଏବେ ଉପଯୁକ୍ତ ନୁହେଁ ।"

ବଗିଚ୍ଚ ଗେଟ୍‌ଟା ଖଟ୍‌କରି ହେବା ଶୁଣିପାରିଲି । ତାପରେ ବିଖ୍ୟାତ ଆଫ୍ରିକା ଅଭିଯାନକାରୀ ଆସି ପହଞ୍ଚିଲେ । ଆମେ ବସିଥିବା ଅପରିଷ୍କାର ଗଛବୁଦା ମୂଳକୁ ଚାହିଁ ସେ ଟିକିଏ ବିସ୍ମିତ ହେଲେ । ତାପରେ କହିଲେ, "ଆପଣ ମୋତେ ଡକାଇଥିଲେ, ମିଷ୍ଟର୍ ହୋମ୍‌ସ୍ ? ଘଣ୍ଟାଏ ତଳେ ମୁଁ ଆପଣଙ୍କ ଚିଠିପାଇଲି ଆଉ ଏଠିକି ଆସିଛି । ଅବଶ୍ୟ ଆପଣଙ୍କ ଡକରା ମୁଁ କାହିଁକି ରକ୍ଷାକରିବି, ଜାଣେନା ।"

ହୋମ୍‌ସ୍ ଉତ୍ତର ଦେଲେ, "ବୋଧହୁଏ ଆମେ ପରସ୍ପରଠାରୁ ଅଲଗା ହେବା ଆଗରୁ ଘଟଣାଟା ପରିଷ୍କାର କରିଦେଇପାରିବା । ଆପଣ ମୋ କଥା ରକ୍ଷାକରିଥିବାରୁ ମୁଁ କୃତଜ୍ଞ । ଏହି ଖୋଲା ଜାଗାରେ ଏମିତି ସାଧାରଣ ଭାବେ ଆପଣଙ୍କୁ ସ୍ୱାଗତ କରୁଥିବାରୁ କ୍ଷମା କରିବେ । କିନ୍ତୁ ଖବରକାଗଜରେ

Digitized by srujanika@gmail.com

କର୍‌ନ୍‌ଉଆଲ୍‌ର ଆତଙ୍କ ବୋଲି ଯେଉଁ ସମ୍ବାଦ ପ୍ରକାଶ ପାଇଛୁ, ମୋ ବନ୍ଧୁ ଉଆଟ୍‌ସନ୍ ଆଉ ମୁଁ ସେଥିରେ ଆଉ ଗୋଟେ ଅଧିକା ପରିଚ୍ଛେଦ ମିଶାଇ ପାରିଛୁ । ଆମେ ଏବେ ଯେଉଁ ବିଷୟ ଆଲୋଚନା କରିବା ଆପଣ ନିଜେ ସେଥିରେ ଘନିଷ୍ଠଭାବେ ସମ୍ପୃକ୍ତ । ତେଣୁ ଖୋଲା ଜାଗାରେ କଥାବାର୍ତ୍ତା କଲେ କେହି ଲୁଚି ରହି ଆମ କଥା ଶୁଣିପାରିବେନାହିଁ ।"

ମୁହଁରୁ ସିଗାରେଟ୍‌ଟା ବାହାରକରି ମୋ ବନ୍ଧୁଙ୍କ ଆଡ଼େ କଟମଟ କରି ଚାହିଁ ଷ୍ଟର୍‌ନ୍‌ଡେଲ୍ କହିଲେ, "ମୁଁ କିଛି ବୁଝିପାରୁନାହିଁ । ମୋ ସମ୍ପର୍କରେ ଆପଣ ଏମିତି କି କଥା କହିବେ ।"

"ମର୍‌ଟିମର୍ ଟ୍ରେଗେନିସ୍‌ଙ୍କୁ ହତ୍ୟା କରିବା କଥା ।"

ମୁହୂର୍ତ୍ତିକ ପାଇଁ ଭାବିଲି ମୋ ହାତରେ କିଛି ଅସ୍ତ୍ର ଥିବା ଦର୍କାର ଥିଲା । ଷ୍ଟର୍‌ନ୍‌ଡେଲ୍‌ଙ୍କ ଭୟଙ୍କର ମୁହଁ ଲାଲ୍‌ହୋଇ ଉଠିଲା ଆଉ ଆଖି ଦ'ଟା ଜଳି ଉଠିଲା । ସେ ହାତମୁଠାକରି ମୋ ବନ୍ଧୁଙ୍କ ଆଡ଼କୁ କୁଦିପଡ଼ିଲେ । କିନ୍ତୁ ପର ମୁହୂର୍ତ୍ତିରେ ସେ ଅଟକିଗଲେ । ଖୁବ ଚେଷ୍ଟାକରି ନିଜକୁ ସଯତ କରି ନେଲେ । ତାଙ୍କ କ୍ରୋଧ ଅପେକ୍ଷା ଶାନ୍ତଭାବ ବେଶୀ ବିପଦଜନକ ପରି ଜଣାଗଲା ।

ସେ କହିଲେ, "ଦେଖନ୍ତୁ ମିଷ୍ଟର୍ ହୋମସ୍, ଅନେକଦିନ ହିଂସ୍ରଜନ୍ତୁଙ୍କ ମେଳରେ, ଆଇନ୍‌ଠାରୁ ଦୂରରେ ମୁଁ ରହିଆସିଛି । ଏକଥା ଯେପରି ଭୁଲି ନଯାନ୍ତୁ । କାରଣ ଆପଣଙ୍କ କିଛି ଅନିଷ୍ଟ କରିବାର ଇଚ୍ଛା ମୋର ନାହିଁ ।"

"ମୋର ମଧ୍ୟ ଆପଣଙ୍କର ଅନିଷ୍ଟ କରିବାର ଇଚ୍ଛା ନାହିଁ, ଡାକ୍ତର୍ ଷ୍ଟର୍‌ନ୍‌ଡେଲ୍ । ତାର ପ୍ରମାଣ ହେଲା ମୋତେ ଯାହା ଜଣା, ତା ଜାଣି ମଧ୍ୟ ମୁଁ ପୋଲିସ୍‌କୁ ନ ଡକାଇ ଆପଣଙ୍କୁ ଡକାଇଛି ।"

ଷ୍ଟର୍‌ନ୍‌ଡେଲ୍ ଦୀର୍ଘଶ୍ବାସ ପକାଇ ବସିପଡ଼ିଲେ । ଜୀବନରେ ବୋଧହୁଏ ଏଇ ପ୍ରଥମ ଥର ପାଇଁ ଭୟଭୀତ ହୋଇପଡ଼ିଲେ । ହୋମ୍‌ସ୍‌ଙ୍କ ଧୀରସ୍ଥିର ଭାବଭଙ୍ଗୀରେ ଏପରି ଏକ ଶକ୍ତି ଥିଲା ଯାହା ସେ ପ୍ରତିରୋଧ କରିପାରିଲେ ନାହିଁ । ଶେଷରେ କହିଲେ, "ଆପଣଙ୍କ କଥାର ଅର୍ଥ କ'ଣ ? ଯଦି ଆପଣ ମିଛରେ ଧମକ ଦେଉଥାନ୍ତି ତେବେ ଆପଣଙ୍କ ପରୀକ୍ଷା ପାଇଁ ଜଣେ ଭୁଲ

Digitized by srujanika@gmail.com

ଲୋକଙ୍କୁ ବାଛୁଛନ୍ତି । ଆଉ ଏମିତି ଅନ୍ଧାରରେ ବାଡ଼ିବୁଲି ଚଳିବ ନାହିଁ । ଆପଣଙ୍କ କଥାର ଅର୍ଥ କ'ଣ ?"

"ମୁଁ ଆପଣଙ୍କୁ କହିବି ଆଉ କହିବାର କାରଣ ସତକଥା ବଦଳରେ ମୁଁ ଆପଣଙ୍କଠାରୁ ସତ ଆଶାକରେ । ଆପଣ ନିଜର ରକ୍ଷା ପାଇଁ କି କାରଣ ଦେବେ ତା'ଉପରେ ମୋର ପରବର୍ତ୍ତୀ କାମ ନିର୍ଭର କରୁଛି ।"

"ମୋ ନିଜର ରକ୍ଷା ?"

"ହଁ ।"

"କେଉଁଥିରୁ ?"

"ମର୍ଟିମର୍ ଟ୍ରେଗେନିସ୍‌ଙ୍କୁ ହତ୍ୟା କରିବା ଅପରାଧରୁ ।"

ରୁମାଲରେ କପାଳ ପୋଛି ଷ୍ଟର୍ନ୍‌ଡେଲ୍ କହିଲେ, "ଦେଖୁଛି ଆପଣ ଖୁବ୍ ଖୁସିଆର ଅଛନ୍ତି । ଆପଣଙ୍କର ସବୁ ସଫଳତା କ'ଣ ଏଇପରି ଅସାଧାରଣ ଧପ୍‌ପାବାଜି ଉପରେ ନିର୍ଭର କରେ ?"

"ଧପ୍‌ପାବାଜି ଆପଣ କରୁଛନ୍ତି ଡାକ୍ତର ଷ୍ଟର୍ନ୍‌ଡେଲ୍—ମୁଁ ନୁହେଁ । ମୁଁ କାହିଁକି ଏ ସିଦ୍ଧାନ୍ତରେ ପହଞ୍ଚିଲି ତାର ପ୍ରମାଣ ସ୍ୱରୂପ ମୁଁ କେତେଗୁଡ଼େ ଘଟଣା ଆପଣଙ୍କୁ କହୁଛି । ଆପଣ ଅଧିକାଂଶ ଜିନିଷ ଆଫ୍ରିକା ପଠାଇଦେଇ ପ୍ଲାଇମାଉଥ୍‌ରୁ ଏଠିକି ଫେରିବା ବିଷୟରେ ମୋର କିଛି କହିବାର ନାହିଁ । କେବଳ ମୁଁ ଏତିକି ଜାଣିପାରିଲି ଯେ, ଏ ନାଟକରେ ଆପଣଙ୍କର କିଛି ଭୂମିକା ଅଛି ।"

"ମୋ ଫେରିବାର କାରଣ—!"

"ମୁଁ ଶୁଣିଛି ଆଉ ତା ଯଥେଷ୍ଟ ବୋଲି ମୋର ମନେହୁଏନା । ସେକଥା ଛାଡ଼ନ୍ତୁ । ମୁଁ କାହାକୁ ସନ୍ଦେହ କରୁଛି ବୋଲି ପଚାରିବାକୁ ଆପଣ ଏଠିକି ମୋ ପାଖକୁ ଆସିଥିଲେ । ମୁଁ କିଛି କହିବାକୁ ମନା କରିଦେଇଥିଲି । ତାପରେ ଆପଣ ଧର୍ମଯାଜକଙ୍କ ଘର ପାଖକୁ ଯାଇ ବାହାରେ କିଛି ସମୟ ଅପେକ୍ଷା କଲେ ଏବଂ ଶେଷରେ ଆପଣଙ୍କ ଘରକୁ ଫେରିଲେ ।"

"ଏସବୁ କଥା ଆପଣ ଜାଣିଲେ କିପରି ?"

Digitized by srujanika@gmail.com

"ମୁଁ ଆପଣଙ୍କ ପଛେ ପଛେ ଯାଇଥିଲି ।"

"ମୁଁ ତ କାହିଁ କାହାକୁ ଦେଖିନାହିଁ ।"

"ମୁଁ ପଛେ ପଛେ ଗଲାବେଳେ ଆପଣ ମୋତେ ଦେଖି ନପାରିବାଟା ସ୍ୱାଭାବିକ । ଆପଣ ସାରାରାତି ବଡ଼ ବିଚଳିତ ଅବସ୍ଥାରେ କଟାଇଲେ ଆଉ କେତେକ ଯୋଜନା ଠିକ୍ କଲେ । ଆଜି ସକାଳେ ସେ ଯୋଜନା କାର୍ଯ୍ୟକାରୀ କରିବାକୁ ଆପଣ ଚାଲିଲେ । ରାତି ପ୍ରାୟ ପାହି ଆସିଲା ବେଳକୁ ଆପଣ ଘରୁ ବାହାରିଲେ । ଆପଣଙ୍କ ଗେଟ୍ ପାଖେ ଗଦା ହୋଇଥିବା ନାଲି ଗୋଡ଼ି ଗୁଡ଼େ ପକେଟ୍‌ରେ ଭର୍ତ୍ତି କଲେ ।"

ଷ୍ଟାର୍‌ନ୍‌ଡେଲ୍ ଚମକି ପଡ଼ିଲେ ଆଉ ବିସ୍ମୟରେ ହୋମ୍‌ସ୍‌ଙ୍କ ଆଡ଼କୁ ଚାହିଁ ରହିଲେ । ହୋମ୍‌ସ୍ ପୁଣି କହିଲେ, "ଧର୍ମଯାଜକଙ୍କ ଘର ଆଉ ଆପଣଙ୍କ ଘର ମଝିରେ ମାଇଲେ ରାସ୍ତା । ଆପଣ ଖୁବ୍ ଚଞ୍ଚଳ ଚାଲିଗଲେ । ହଁ, ଏଇଠି କହିରଖେ, ଏବେ ଆପଣ ଯେଉଁ ଟେନିସ୍ ଜୋତା ପିନ୍ଧିଛନ୍ତି ସେତେବେଳେ ବି ସେଇ ଜୋତା ପିନ୍ଧିଥିଲେ । ସେଠି ଆପଣ ବାଡ଼ ଡେଇଁ ପଡ଼ିଆଭିତରେ ଯାଇ ମର୍‌ଟିମର୍ ଟ୍ରେଗେନିସ୍‌ଙ୍କ ରୁମ୍‌ର ଝରକା ପାଖରେ ପହଞ୍ଚିଲେ । ସେତେବେଳକୁ ସକାଳ ହୋଇ ଯାଇଥିଲା; କିନ୍ତୁ ଘରର କେହି ଉଠିନଥିଲେ । ଆପଣ ପକେଟ୍‌ରୁ କିଛି ଗୋଡ଼ି ବାହାରକରି ମୁଣ୍ଡଉପର ଝରକା ଆଡ଼କୁ ଫିଙ୍ଗିଲେ ।"

ଷ୍ଟାର୍‌ନ୍‌ଡେଲ୍ ଉଠି ଠିଆହୋଇପଡ଼ି କହିଲେ, "ମୁଁ ଭାବୁଛି ଆପଣ ନିଜେ ସଇତାନ ।"

ଏ କଥାରେ ସାମାନ୍ୟ ହସିଦେଇ ହୋମସ୍ କହିଲେ, "ହଁ' ଦୁଇମୁଠା ଗୋଡ଼ି ପକାଇବା ପରେ ଟ୍ରେଗେନିସ୍ ଝରକା ପାଖକୁ ଆସିଲେ । ଆପଣ ତାଙ୍କୁ ତଳକୁ ଆସିବା ପାଇଁ ଠାରିଲେ । ସେ ତରତରରେ ତାଙ୍କ ଜାମା ପିନ୍ଧି ତଳ ବୈଠକଖାନାକୁ ଆସିଲେ । ଆପଣ ଝରକାବାଟେ ଘର ଭିତରେ ପଶିଲେ । ଆପଣଙ୍କ ଭିତରେ ଖୁବ୍ ଅଳ୍ପ ସମୟ ପାଇଁ କଥାବାର୍ତ୍ତା ହେଲା । ସେ ସମୟରେ ଆପଣ ଘର ଭିତରେ ଏପଟ ସେପଟ ହେଉଥାନ୍ତି । ତାପରେ ଆପଣ ବାହାରକୁ ଚାଲିଆସି ଝରକାଟା ବନ୍ଦକରିଦେଲେ । ଘରଭିତରେ କ'ଣ

Digitized by srujanika@gmail.com

ଘଣ୍ଟୁଛ ଦେଖିବା ପାଇଁ ବାହାରେ କିଛି ସମୟ ଠିଆହେଲେ । ଶେଷରେ ଟ୍ରେଗେନସ୍‌ଙ୍କ ମୃତ୍ୟୁ ପରେ ଆପଣ ଯେମିତ ଯାଇଥିଲେ ସେମିତ ଫେରି-ଆସିଲେ । ଏଥର କହନ୍ତୁ ଡାକ୍ତର ଷ୍ଟର୍‌ନ୍‌ଡେଲ୍, ଆପଣଙ୍କ ଏ ଆଚରଣର କି କୈଫିୟତ୍ ଦେବେ ଆଉ ଆପଣଙ୍କ ଏ କାମର ଉଦ୍ଦେଶ୍ୟ କ'ଣ ? ଆପଣ ଯଦି ମୋ ସାଥିରେ ଚାଲ୍ ଖେଳନ୍ତି ତେବେ ଜାଣିରଖନ୍ତୁ, କଥାଟା ମୋ ହାତରୁ ଚାଲିଯିବ ।"

ହୋମ୍‌ସ୍‌ଙ୍କ କଥା ଶୁଣି ଆଗନ୍ତୁକଙ୍କ ମୁହଁ ପାଉଁଶିଆ ପଡ଼ିଗଲା । ହାତ ପାପୁଲିରେ ମୁଣ୍ଡ ଗୁଞ୍ଜି ସେ କିଛି ସମୟ ବସିଗଲେ । ତାପରେ ହଠାତ୍ ଭିତ ପକେଟରୁ ଗୋଟେ ଫଟୋ ବାହାରକରି ଆମ ସାମନା ମଇଲା ଟେବୁଲ୍ ଉପରେ ପକାଇଦେଲେ ।

କହିଲେ, "ଏଇଥିପାଇଁ ମୁଁ ଏସବୁ କରିଛି ।"

ଫଟୋଟି ଜଣେ ସୁନ୍ଦରୀ ନାରୀର । ହୋମ୍‌ସ୍ ଲଇଁପଡ଼ି ଫଟୋଟା ଦେଖି କହିଲେ, "ବ୍ରେଣ୍ଡା ଟ୍ରେଗେନସ୍ !"

"ହଁ, ବ୍ରେଣ୍ଡା ଟ୍ରେଗେନସ୍ । ଅନେକ ଦିନରୁ ଆମେ ପରସ୍ପରକୁ ଭଲ ପାଇ ଆସୁଥିଲୁ । କିନ୍ତୁ ମୁଁ ତାଙ୍କୁ ବିବାହ କରିପାରୁନଥିଲି । କାରଣ ମୋର ବିବାହିତା ସ୍ତ୍ରୀ ଥିଲେ । ସେ ବର୍ଷ ବର୍ଷ ଧରି ମୋ ପାଖରୁ ଚାଲିଯାଇଥିଲେ ମଧ୍ୟ ଇଂଲଣ୍ଡର କଦର୍ଯ୍ୟ ଆଇନ୍ ଯୋଗୁଁ ମୁଁ ତାଙ୍କୁ ଛାଡ଼ପତ୍ର ଦେଇପାରୁନଥିଲି । ବ୍ରେଣ୍ଡା ବର୍ଷ ବର୍ଷ ଧରି ଅପେକ୍ଷା କଲେ ମୁଁ ବି । ଆଉ ଆମ ଅପେକ୍ଷାର ପରିଣତି ଏଇଆ ହେଲା ।" ସେ କୋହରେ କଇଁ କଇଁ ହୋଇ କାନ୍ଦି ଉଠିଲେ । ପୁଣି ନିଜକୁ ସମ୍ଭାଳି ନେଇ କହିଲେ, "ଧର୍ମଯାଜକ ଏ କଥା ଜାଣିଥିଲେ । ସେ ଆମର ଆଶାଭରସା ଥିଲେ । ତାଙ୍କଠୁ ବୁଝିବେ, ବ୍ରେଣ୍ଡା ଏ ପୃଥିବୀରେ ସ୍ୱର୍ଗର ଅପ୍‌ସରୀ ଥିଲେ । ସେଇଥିପାଇଁ ମୁଁ ଫେରି-ଆସିବାକୁ ଧର୍ମଯାଜକ ଟେଲିଗ୍ରାମ୍ କରିଥିଲେ ଆଉ ମୁଁ ଫେରିଲି । ମୋ ଆଦରର ବ୍ରେଣ୍ଡାଙ୍କ ଏ ଦଶା ଜାଣିଲାପରେ ମୋ ଜିନିଷପତ୍ର ବା ଆଫ୍ରିକାର ମୂଲ୍ୟ କ'ଣ ? ଏଇ ହେଲା ମୋ କାମର କାରଣ ମିଷ୍ଟର ହୋମ୍‌ସ୍ ।"

Digitized by srujanika@gmail.com

"ତାପରେ କ'ଣ ହେଲା କହନ୍ତୁ ।"

ଡାକ୍ତର ଷ୍ଟର୍‌ନ୍‌ଡେଲ୍ ପକେଟ୍‌ରୁ ଗୋଟେ କାଗଜ ପ୍ୟାକେଟ୍ ବାହାରକରି ଟେବୁଲ୍ ଉପରେ ରଖିଲେ । ତା ବାହାର ପାଖେ ଲେଖାଥିଲା, 'ରାଡ଼ିକ୍ସ୍ ପେଡ଼ିସ୍‌ଡାଏ' ବୋଲି ଆଉ ତା ତଳକୁ ନାଲି ଲେବଲ୍‌ରେ ବିଷ ବୋଲି ଲେଖାଥିଲା । ସେ ପ୍ୟାକେଟ୍‌ଟା ମୋ ଆଡ଼କୁ ପେଲିଦେଇ କହିଲେ, "ଆପଣ ତ ଜଣେ ଡାକ୍ତର ଆଜ୍ଞା ! ଆପଣ କେବେ ସ୍ୱାର ନାଁ ଶୁଣିଛନ୍ତି ?"

"ପିଶାଚ ପାଦ ଚେର ! ନା, ମୁଁ କେବେ ସ୍ୱା ନାଁ ଶୁଣିନାହିଁ ।"

"ମୁଁ ଆପଣଙ୍କ ଡାକ୍ତରୀବିଦ୍ୟାରେ ଜ୍ଞାନ ଉପରେ ଆକ୍ଷେପ କରୁନାହିଁ । କାରଣ ମୁଁ ଜାଣେ ବୁଦାରେ ଥିବା ବିଜ୍ଞାନାଗାରରେ ରଖାଯାଇଥିବା ଗୋଟାଏ ମାତ୍ର ନମୁନା ଛଡ଼ା ସାରା ଇଉରୋପରେ ଏହା ଆଉ କେଉଁଠି ନାହିଁ । ଏପର୍ଯ୍ୟନ୍ତ ଏହା ଔଷଧ ବା ମାଦକ ଦ୍ରବ୍ୟ ଭିତରକୁ ଆସିନାହିଁ, ମିଷ୍ଟର୍ ହୋମ୍‌ସ୍ । ଏ ଚେରଟା ଅଧା ମଣିଷ ପାଦ ଆଉ ଅଧା ଛେଳି ଖୁରାପରି । ତେଣୁ ଜଣେ ଉଦ୍ଭିଦ ବିଜ୍ଞାନୀ ଧର୍ମ ପ୍ରଚାରକ ଏକୁ ଏପରି ଏକ ବିଚିତ୍ର ନାଁ ଦେଇଥିଲେ । ପଶ୍ଚିମ ଆଫ୍ରିକାର କେତେ ଜାଗାରେ ବୈଦ୍ୟମାନେ ଏକୁ କଠୋର ପରୀକ୍ଷାର ବିଷରୂପେ ବ୍ୟବହାର କରୁଥିଲେ । ଏହା ସେମାନଙ୍କ ଭିତରେ ଗୋପନରେ ଥିଲା । ଏଇ ନମୁନା ମୁଁ ଅତି ଅସାଧାରଣ ପରିସ୍ଥିତିରେ ଉବାଙ୍ଗିରୁ ସଂଗ୍ରହ କରିଥିଲି ।" ସେ ପ୍ୟାକେଟ୍‌ଟା ଖୋଲି ତା ଭିତରୁ ବାଦାମୀ ରଙ୍ଗର ନାସ ପରି ଗୁଣ୍ଡ ବାହାରକଲେ ।

କଠୋରସ୍ୱରରେ ହୋମ୍‌ସ୍ କହିଲେ, "ତାପରେ ?"

ଯାହାସବୁ ଘଟିଛି ମୁଁ ଆପଣଙ୍କ ଆଗରେ କହିବାକୁ ଯାଉଛି, ମିଷ୍ଟର୍ ହୋମସ । କାରଣ ଆପଣ ଯେତେବେଳେ ଏତେ କଥା ଜାଣନ୍ତି, ମୋ ସ୍ୱାର୍ଥ ଦୃଷ୍ଟିରୁ ସବୁ କଥା ଜାଣିବା ଭଲ । ଟ୍ରେଗେନିସ୍ ପରିବାର ସହିତ ମୋର ସଂପର୍କ ମୁଁ ଆପଣଙ୍କୁ ବୁଝାଇଦେଇଛି । ଭଉଣୀ ଯୋଗୁଁ କେବଳ ମୋର ଭାଇମାନଙ୍କ ସାଥିରେ ବନ୍ଧୁତା । ଟଙ୍କା ପଇସା ନେଇ ତାଙ୍କ ପରିବାରରେ ଗୋଟେ ଗଣ୍ଡଗୋଳ ଲାଗିଲା ଆଉ ଏଇ ମର୍‌ଟିମର୍ ଅଲଗା ହୋଇଗଲେ ।

Digitized by srujanika@gmail.com

କିନ୍ତୁ ପରେ ମିଳାମିଶା ହୋଇଗଲାପରେ ଜଣାଗଲା । ଅନ୍ୟ ଭାଇମାନଙ୍କ ପରି ମୁଁ ବେଳେବେଳେ ତାଙ୍କ ପାଖକୁ ଯାଏ । କିନ୍ତୁ ଏଇ ଲୋକ ବଡ଼ ଧୂର୍ତ୍ତ ଆଉ ଦୁର୍ବୋଧ । କେତେ ଗୁଡ଼ାଏ ଘଟଣାରୁ ମୋର ତାଙ୍କ ଉପରେ ସନ୍ଦେହ ହେଲା; କିନ୍ତୁ ତାଙ୍କ ମାଥିରେ ଗଣ୍ଡଗୋଳ କରିବାର କିଛି କାରଣ ନଥିଲା ।

"ମୋଟେ ଦୁ'ସପ୍ତାହ ତଳେ ଯେବେ ସେ ମୋ ଘରକୁ ବୁଲିଆସିଲେ । ମୁଁ ଆଫ୍ରିକାରୁ ସଂଗ୍ରହ କରିଥିବା କୌତୂହଳପୂର୍ଣ୍ଣ ଜିନିଷ ସବୁ ଦେଖାଇଲି । ତା ଭିତରେ ଏଇ ପାଉଡ଼ର୍ ବି ଦେଖାଇଲି ଆଉ ତାର ଅଦ୍ଭୁତ ଗୁଣ କଥା କହିଲି । ଏହା ମୁଣ୍ଡକୁ କିପରି ଉତ୍ତେଜିତ କରିଦେଇ ଆତଙ୍କ ସୃଷ୍ଟି କରେ ଏବଂ ଯେଉଁ ଲୋକ ଏ ପରୀକ୍ଷାର ସମ୍ମୁଖୀନ ହୁଏ ତାର ପରିଣତି ପାଗଳାମୀ କିମ୍ବା ମରଣ ବୋଲି ବୁଝାଇଦେଲି । ଇଉରୋପର ବିଜ୍ଞାନ ଏହାର ଗୁଣ ଜାଣିବାରେ ଅପାରଗ—ବୋଲି ମଧ୍ୟ କହିଲି । ସେ ଏ ପାଉଡ଼ର୍ କିପରି ନେଲେ ମୁଁ କହି ପାରିବି ନାହିଁ । କାରଣ ମୁଁ ମୋଟେ ଘରଛାଡ଼ି ଯାଇନାହିଁ । କିନ୍ତୁ ମୁଁ ଲଢ଼ିକରି ବାକ୍ସ ଆଉ ଖୋଲିଲାବେଳେ ସେ ଏଇ ପିଶାଚ ପାଦ ଚେରରୁ କିଛି ନେଇ ଯାଇଛନ୍ତି, ଏଥିରେ ସନ୍ଦେହ ନାହିଁ । ଏହାର ଫଳ ପାଇଁ କେତେ ପରିମାଣ ଆଉ କେତେ ସମୟ ଦର୍କାର, ସେ ସବୁ ବିଷୟରେ ସେ ମୋତେ ନାନା ପ୍ରଶ୍ନ ପଚାରିବା ଏବେ ମୋର ମନେପଡ଼ୁଛି । ସେ ପ୍ରଶ୍ନ ପଚାରିବାରେ ତାଙ୍କର ବ୍ୟକ୍ତିଗତ କାରଣ ଥିଲା ବୋଲି ମୁଁ ମୋଟେ କଳ୍ପନା କରିନଥିଲି ।

'ପ୍ଲାଇମାଉଥ୍‌ରେ ଧର୍ମଯାଜକଙ୍କ ଟେଲିଗ୍ରାମ୍ ପାଇଲା ପର୍ଯ୍ୟନ୍ତ ମୁଁ ସେ ବିଷୟରେ ଆଉ ମୋଟେ ଭାବି ନଥିଲି । ଏଇ ବଦ୍‌ମାସ୍‌ଟା ଭାବିଥିଲା, ମୋ ପାଖରେ ପ୍ଲାଇମାଉଥ୍‌ରେ ଖବର ପହଞ୍ଚିବା ଆଗରୁ ମୁଁ ଜାହାଜରେ ବହୁ ଦୂରକୁ ଚାଲିଯାଇଥିବି, ଆଉ ଅନେକ ବର୍ଷଯାଏଁ ଆଫ୍ରିକାରେ ରହିଯିବି । କିନ୍ତୁ ମୁଁ ସଙ୍ଗେ ସଙ୍ଗେ ଫେରିଆସିଲି । ସବୁକଥା ଶୁଣି ଜାଣିଲି ମୋର ବିଷ ବ୍ୟବହାର କରାଯାଇଛି । ଆପଣ ହୁଏତ ମୁଖର ଅନ୍ୟ କିଛି କାରଣ ଭାବିଥାଇ ପାରନ୍ତି; ସେ କଥା ଜାଣିବାକୁ ମୁଁ ଆପଣଙ୍କ ପାଖକୁ ଆସିଲି; କିନ୍ତୁ ଅନ୍ୟ କିଛି କାରଣ ନଥିଲା । ମୁଁ ନିଶ୍ଚିତ ରୂପେ ଜାଣିଲି ମର୍ଟିମର୍ ଟ୍ରେଗେନିସ୍ ହିଁ

ହତ୍ୟାକାରୀ ! ଟଙ୍କାପାଇଁ ଏବଂ ଅନ୍ୟ ହ'ଗ୍ରାଇ ପାଗଳ ହୋଇଗଲେ ତାଙ୍କ ଭାଗ ସମ୍ପତ୍ତି ପାଇବା ପାଇଁ ସେ ଏଇ ପିଶାଚ ପାଦ ପାଉଡ଼ର୍ ତାଙ୍କ ଉପରେ ପ୍ରୟୋଗକରି ନିଜ ଭଉଣୀକୁ ହତ୍ୟା କରିଛି । ଏଇ ହେଲା ତାର ଅପରାଧ । ସେ ଅପରାଧର ଦଣ୍ଡ କ'ଣ ହୋଇପାରେ ?

"ମୁଁ ଆଇନ୍‌ର ଆଶ୍ରୟ ନେଇଥାନ୍ତି ? କିନ୍ତୁ ମୋ ପାଖରେ ପ୍ରମାଣ କାହିଁ ? ମୁଁ ଜାଣିଲି ଘଟଣାଟା ନିରାଟ ସତ । କିନ୍ତୁ ଏପରି ଏକ ଅଦ୍ଭୁତ କାହାଣୀ ଇଂରେଜ ଜୁରିମାନେ ବିଶ୍ୱାସ କରିବାପାଇଁ ମୁଁ କ'ଣ କରିଥାନ୍ତି ? ମୁଁ ହୁଏତ ବୁଝାଇପାରିଥାନ୍ତି ବା ପାରିନଥାନ୍ତି । କିନ୍ତୁ ସେ ଦାୟିତ୍ୱ ନେଇ-ପାରିଲି ନାହିଁ । ପ୍ରତିହିଂସା ପାଇଁ ମୋ ଅନ୍ତର କାନ୍ଦିଉଠିଲା । ଆଗରୁ କହିଛି ମିଷ୍ଟର୍ ହୋମ୍ସ୍. ମୋ ଜୀବନର ଅଧିକାଂଶ ଦିନ ମୁଁ ଆଇନ୍ ଠାରୁ ଦୂରରେ—ଆଫ୍ରିକା ଜଙ୍ଗଲରେ କଟାଇଛି । ଶେଷରେ ଠିକ କଲି ଆଇନକୁ ନିଜ ହାତକୁ ନେବି । ମନେ ମନେ ସ୍ଥିର କଲି ଅନ୍ୟମାନଙ୍କ ଭାଗ୍ୟରେ ସେ ଯାହା ଘଟାଇଛି ତା ଭାଗ୍ୟରେ ସେଇଆ ଘଟିବ । ତା ନହେଲେ ମୁଁ ନିଜ ହାତରେ ତାର ଉଚିତ ବିଚାର କରିବି । ଏବେ ମୁଁ ମୋ ଜୀବନକୁ ଯେତେ ମୂଲ୍ୟହୀନ ମନେକରୁଛି, ସାରା ଇଂଲଣ୍ଡରେ କେହି ଲୋକ ନିଜ ଜୀବନକୁ ସେତେ ମୂଲ୍ୟହୀନ ଭାବୁ ନଥିବ ।

"ଏବେ ମୁଁ ଆପଣଙ୍କୁ ସବୁକଥା କହିଲି । ବାକିଟା ଆପଣ ନିଜେ କହି ପାରିଲେନି । ଆପଣଙ୍କ କହିବା ଅନୁଯାୟୀ ସାରା ରାତି ବିନିଦ୍ର ହୋଇ କଟାଇବା ପରେ ବଡ଼ି ସକାଳୁ ଘରୁ ବାହାରିଲି । ମର୍ଟିମର୍‌କୁ ନିଦରୁ ଉଠାଇବାର ଅସୁବିଧା ମୁଁ ଆଗରୁ ଦେଖିପାରିଲି । ତେଣୁ ଗଦାରୁ କିଛି ଗୋଡ଼ି ସଂଗ୍ରହ କରି ନେଇଗଲି । ତାକୁ ତା ଝରକା ଉପରକୁ ଫିଙ୍ଗିଲି । ସେ ତଳକୁ ଆସି ମୋତେ ଝରକାବାଟେ ଘର ଭିତରକୁ ଯିବାକୁ କହିଲା । ମୁଁ ତା ଆଗରେ ତାର ଅପରାଧ କଥା କହିଗଲି ଆଉ କହିଲି ଯେ, ମୁଁ ତାର ବିଚାରକ ଏବଂ ଦଣ୍ଡଦାତା ଭାବରେ ଆସିଛି । ମୋ ରିଭଲଭର ଦେଖି ସେ ନିଜେ ଚପରି ଚଉକରେ ବସିପଡ଼ିଲା । ମୁଁ ଲ୍ୟାମ୍ପ୍ ଟା ଜାଳି ପାଉଡ଼ର୍ ତା ଉପରେ ପକାଇ ଦେଲି । ତାପରେ ବାହାରକୁ ଆସି ଝରକା ପାଖରେ ଠିଆହୋଇରହିଲି ।

Digitized by srujanika@gmail.com

ବଦମାସ୍ଟା ଯଦି ଘରୁ ପଳାଇବାକୁ ଚେଷ୍ଟାକରେ ତାକୁ ଗୁଳି କରିବାପାଇଁ ରିଭଲ୍ଭର ଧରି ପ୍ରସ୍ତୁତ ହୋଇରହିଲି । ପାଞ୍ଚମିନଟ୍ ଭିତରେ ସେ ଶେଷ ହୋଇଗଲା । ହେ ଭଗବାନ୍ ! କି ଭୀଷଣ ସେ ମରଣ ଦୃଶ୍ୟ ! କିନ୍ତୁ ମୋ ହୃଦୟରୁ ଲୁହାପରି ଟାଣହୋଇଗଲା । କାରଣ ମୋ ସ୍ତ୍ରୀ ଯେଉଁ କଷ୍ଟ ପାଇଥିଲା ତା ତୁଳନାରେ ତାର କଷ୍ଟ କିଛି ନୁହେଁ । ଏହି ମୋ କାହାଣୀ, ମିଷ୍ଟର୍ ହୋମ୍ସ୍ । ଆପଣ ଯଦି ଜୀବନରେ କୌଣସି ନାରୀକୁ ଭଲ ପାଇଥାନ୍ତେ ମିଷ୍ଟର୍ ହୋମସ୍ ତାହେଲେ ଆପଣ ବୋଧହୁଏ ଏଇଆ କରିଥାନ୍ତେ । ଯାହାହେଉ, ମୁଁ ଏବେ ଆପଣଙ୍କ ହାତମୁଠାରେ । ଆପଣ ଯାହା ମନ କରିପାରନ୍ତି । ଆଗରୁତ କହିଦେଇଛି ମରଣକୁ ମୋର ମୋଟେ ଭୟନାହିଁ ।”

ହୋମ୍ସ କିଛି ସମୟ ଚୁପ୍ଚାପ୍ ବସିରହିଲେ । ଶେଷରେ ପଚାରିଲେ, “ଆପଣ କ’ଣ କରିବେ ବୋଲି ଠିକ୍ କରିଥିଲେ ?”

“ଠିକ୍ କରିଥିଲି ଆଫ୍ରିକାର ଅଭ୍ୟନ୍ତରକୁ ଚାଲିଯିବି । ସେଠି ମୋ କାମ ମୋଟେ ଅଧା ହୋଇଛି ।”

“ହେଉ ଯାଆନ୍ତୁ, ବାକି ଅଧାକ ଶେଷ କରନ୍ତୁ । ମୁଁ ଆପଣଙ୍କୁ ବାଧା ଦେବାକୁ ଯିବି ନାହିଁ ।”

ଡାକ୍ତର ଷ୍ଟର୍ନଡେଲ୍ ଉଠି ଗମ୍ଭୀର ଭାବେ ନମସ୍କାର କରି ଚାଲିଗଲେ । ହୋମ୍ସ୍ ତାଙ୍କ ପାଇପଟା ଜଗାଇ ତମାଖୁ ଡବାଟା ମୋ ଆଡ଼େ ବଢ଼ାଇ ଦେଇ କହିଲେ, “ଯେଉଁ ଧୂଆଁ ବିଷାକ୍ତ ନୁହେଁ ତା ମନରେ କିଛିଟା ପରିବର୍ତ୍ତନ ଆଣିବ । ତୁମେ ନିଶ୍ଚୟ ସ୍ୱୀକାର କରିବ ଉଆଟ୍ସନ୍, ଏ କେଶ୍ରେ ଆମର ହସ୍ତକ୍ଷେପ କରିବା ଦର୍କାର ନାହିଁ । ଆମର ଅନୁସନ୍ଧାନ ପୁରା ସ୍ୱାଧୀନ ଆଉ ଆମେ ସ୍ୱାଧୀନଭାବେ ଯାହା ଇଚ୍ଛା କରି ପାରିବା । ମୁଁ ଭାବୁଛି ଏ ଲୋକକୁ ତୁମେ ବୋଧହୁଏ ନିନ୍ଦା କରିବ ନାହିଁ ।”

“ମୋଟେ ନୁହେଁ ।”

“ମୁଁ କେବେ କାହାକୁ ପ୍ରେମ କରିନାହିଁ, ଉଆଟ୍ସନ୍ । ଯଦି କରିଥାନ୍ତି ଆଉ ସେହି ନାରୀକୁ ମୁଁ ପ୍ରେମ କରିଥାନ୍ତି ତାର ଯଦି ଏଇ ଦଶା ହୋଇଥାନ୍ତା ତେବେ ଆଫ୍ରିକାର ଆଇନ୍ ହୀନ ସିଂହଶିକାରୀ ଯାହାକଲେ,

Digitized by srujanika@gmail.com

ମଧ୍ୟ ସେଇଆ କରିଥା'ନ୍ତ । ଘଟଣାଗୁଡ଼ା ତ ତୁମେ ବୁଝିଯାଇଥିବ । ମୋର ଆଉ ବୁଝାଇବା ଦର୍କାର ନାହିଁ । ଝରକା ଚଉକାଠଉପରେ ଥିବା ନାଲି ଗୋଡ଼ ହିଁ ମୋ ଅନୁସନ୍ଧାନର ମୂଳ । ଧର୍ମଯାଜକଙ୍କ ବଗିଚରେ ସେପରି ଗୋଡ଼ ନଥିଲା । ଯେତେବେଳେ ମୋ ଧ୍ୟାନ ଡାକ୍ତର ଷ୍ଟର୍ନ୍‌ଡେଲ୍ ଆଉ ତାଙ୍କ ଘର-ଆଡ଼କୁ ଗଲା, ତାଙ୍କ ଗେଟ୍ ପାଖରେ ମୁଁ ଏଇପରି ଗୋଡ଼ ଦେଖିଲି । ଦିନ ଆଲୁଅରେ ଲ୍ୟାମ୍ପ୍‌ଟା ଜଳୁଥିବା ଆଉ ଯୋଡ଼ଣୀରେ ଲାଗିଥିବା ପାଉଡ଼ର୍ ବାକିଟାକୁ ପୂରଣ କରିଦେଲା । ଏଥର ଉଆଟ୍‌ସନ୍, ଆମେ ଏ ରହସ୍ୟକୁ ମନରୁ ପୁରାପୁରି ପୋଛିଦେଇ ଆମ କାମରେ ଲାଗିଯିବା ।

* * *

Digitized by srujanika@gmail.com

ଅବିବାହିତ ସାମନ୍ତ

ଲର୍ଡ୍ ସେଣ୍ଟ ସାଇମନ୍‌ଙ୍କ ବିବାହ ଆଉ ତାର କୌତୂହଳପ୍ରଦ ପରି-ସମାପ୍ତି ହତଭାଗ୍ୟ ବରଙ୍କ ସମ୍ଭ୍ରାନ୍ତ ମହଲରେ ଅନେକଦିନ ହେଲା ଆଲୋଚନାର ବିଷୟ ହୋଇ ଆଉ ରହିନାହିଁ । ନୂଆ ନୂଆ ଘଟଣା ସବୁ ତାକୁ ଡାକିଦେଲଣି । ଏ ସବୁ ଘଟଣାର ଚମକପ୍ରଦ ବିବରଣୀ ଗୁରବର୍ଷ ତଳର । ସେ ଘଟଣାରୁ ସମସ୍ତଙ୍କ ଆଗ୍ରହ ଦୂର ହୋଇଗଲଣି । ଯାହାହେଉ ସେ ଘଟଣାର ସମ୍ପୂର୍ଣ୍ଣ ତଥ୍ୟ ସର୍ବସାଧାରଣରେ ପ୍ରକାଶ ପାଇନାହିଁ ବୋଲି ବିଶ୍ୱାସ କରିବାର ଯଥେଷ୍ଟ କାରଣ ଅଛି, ଆଉ ସେ ଘଟଣାରେ ଆଲୋକପାତ କରିବାରେ ମୋ ବନ୍ଧୁ ସେର୍‌ଲକ୍ ହୋମ୍‌ସ୍‌ଙ୍କର ଯଥେଷ୍ଟ ଅବଦାନ ଥିଲା । ତେଣୁ ମୁଁ ଭାବୁଛି ସେଇ ଉଲ୍ଲେଖନୀୟ ଘଟଣା ପ୍ରକାଶ ନକଲେ ମୋ ବନ୍ଧୁଙ୍କ କାର୍ଯ୍ୟକଳାପର ବିବରଣୀ ପୂର୍ଣ୍ଣାଙ୍ଗ ହୋଇପାରିବ ନାହିଁ ।

ସେ ହେଲା ମୋ ନିଜ ବିବାହର କେତେ ସପ୍ତାହ ପୂର୍ବର କଥା । ମୁଁ ସେତେବେଳେ ବେକର୍‌ଷ୍ଟ୍ରୀଟ୍‌ରେ ହୋମ୍‌ସ୍‌ଙ୍କ ସାଥିରେ ରହୁଥାଏ । ଦିନେ ଉପରବେଳା ସେ ବାହାରେ ବୁଲିବୁଲିକରି ଆସିଲବେଳକୁ ତାଙ୍କର ଖଣ୍ଡେ ଚିଠି ଟେବୁଲ୍ ଉପରେ ଥୁଆହୋଇଥାଏ । ମୁଁ ଦିନସାରା ଘର ଭିତରେ ଥାଏ । କାରଣ ପାଗଟା ହଠାତ୍ ବଦଳିଯାଇ ବର୍ଷା ଆରମ୍ଭ ହୋଇ-ଯାଇଥାଏ । ପବନ ବି ଖୁବ୍ ଜୋର୍‌ରେ ବହୁଥାଏ । ଆଫଗାନ୍ ଯୁଦ୍ଧର ଜେଯାଇଲ୍ ବୁଲେଟ୍ ମାଡ଼ରେ ମୋ ମାଂସପେଶୀରେ ଯେଉଁ ଆଘାତ ଲାଗିଥିଲା ତା ଫଳରେ ଗୋଡ଼ରେ ଦ୍ରୁତ ସ୍ପନ୍ଦନ ଅନୁଭବ କରୁଥାଏ । ଗୋଟେ ଇଜିଚେୟାର ଉପରେ ବସି ଆଉ ଗୋଟାକରେ ଗୋଡ଼ ଲଦି ମୋ ଗୁରପାଖେ ଗଦା ହୋଇଥିବା ଖବରକାଗଜ ଗୁଡ଼ାକରେ ଆଖି ପକାଇ ନେଉଥାଏ । ଶେଷରେ ସେଦିନର ଖବରଗୁଡ଼ା ଭଲଭାବରେ ଦେଖି ନେଲାପରେ କାଗଜ-ଗୁଡ଼ା ଗୋଟେ କଡ଼କୁ ଆଡ଼େଇ ଦେଇ ମୁଁ ଚୁପ୍‌ଚାପ୍ ବସିଗଲି । ଟେବୁଲ୍

Digitized by srujanika@gmail.com

ଉପରେ ଥିବା ଲଫାଫା ଉପରର ବିରାଟ ଆଭିଜାତ୍ୟ ବଂଶ ଚିହ୍ନ ଆଉ ସଂକ୍ଷିପ୍ତ ନାମାଙ୍କନ ଚିହ୍ନ ଦେଖି ମନେ ମନେ ଭାବୁଥାଏ, ମୋ ବନ୍ଧୁଙ୍କ ପାଖକୁ ଚିଠି ପଠାଇଥିବା ଏଇ ସମ୍ଭ୍ରାନ୍ତ ଲୋକ କିଏ ହୋଇପାରନ୍ତି ।

ହୋମ୍‌ସ୍ ଘର ଭିତରକୁ ଆସିଲାମାତ୍ରେ ମୁଁ କହିଲି, "ଏଇଟି ତୁମର ଖଣ୍ଡେ ବେଶ୍ ସଉକିନଆ ଚିଠି । ମୋର ଠିକ୍ ମନେ ଅଛି, ସକାଳେ ତୁମ ଚିଠି ନେଇ ଯେଉଁ ଲୋକ ଆସିଥିଲା ସେ ଜଣେ ମାଛବିକାଳୀ ହୋଇଥିବ ।"

ଅଳ୍ପହସି ହୋମ୍‌ସ୍ କହିଲେ, "ହଁ, ମୋ ପାଖକୁ ଯେଉଁ ଚିଠି ଆସେ ସେ ସବୁ ବିଭିନ୍ନ ପ୍ରକାରର । ତା ଭିତରୁ ଯେଉଁଗୁଡ଼ା ସାଦାସିଧା ସାଧାରଣତଃ ସେଇଗୁଡ଼ା ବେଶୀ ଗୁରୁତ୍ୱପୂର୍ଣ୍ଣ । ଏ ଚିଠିଟା କୌଣସି ସାମାଜିକ ଅନୁଷ୍ଠାନକୁ ଡାକରା ପତ୍ର ଜଣାଯାଉଛି । ସେ ସବୁକୁ ମୁଁ ମୋଟେ ଭଲ ପାଏନାହିଁ । ସେଠିକି ଗଲେ ବସି ବସି ବିରକ୍ତ ଲାଗିବ ।" ସେ ଲଫାଫାର ଜଉମୁଦ ଭାଙ୍ଗି ଚିଠିଟା ପଢ଼ିଲେ ।

"ବାଃ, ଯାହାହେଉ ଏ ଚିଠିଟି ଆମର ଆଗ୍ରହ ସୃଷ୍ଟି କଲାପରି ହୋଇଛି ।"

"ତାହେଲେ ଏଟା ସାମାଜିକ ନିମନ୍ତ୍ରଣ ନୁହେଁ ?"

"ନା, ପୁରାପୁରି ବ୍ୟବସାୟସମ୍ବନ୍ଧୀୟ ।"

"ଆଉ ଚିଠିଟା ଆସିଛି ଜଣେ ସମ୍ଭ୍ରାନ୍ତ ମହକିଲଙ୍କ ପାଖରୁ ।"

"ହଁ, ଇଂଲଣ୍ଡର ଅତି ଉଚ୍ଚସ୍ତରର ଲୋକଙ୍କ ଭିତରୁ ଜଣେ ?"

"ତାହେଲେ ବନ୍ଧୁ, ମୁଁ ତୁମକୁ ଅଭିନନ୍ଦନ ଜଣାଉଛି ।"

"ଦେଖ ୱାଟ୍‌ସନ୍, ତୁମ ମନରେ ଆଘାତ ଦେବା ମୋର ଉଦ୍ଦେଶ୍ୟ ନୁହେଁ । କିନ୍ତୁ ଜାଣିରଖ, ମୁଁ ମୋର ମହକିଲଙ୍କ ସାମାଜିକ ସ୍ଥିତିଠାରୁ କେଶ୍‌ରେ ବେଶୀ ଆଗ୍ରହୀ । ଖୁବ୍ ସମ୍ଭବ ହୋଇପାରେ ଯେ, ଏ କେଶ୍‌ରେ ସେ ଆଗ୍ରହର ଅଭାବ ନଥିବ । ଏବେ କେତେଦିନ ହେଲା ତୁମେ ତ ଖବର କାଗଜ ସବୁ ଖୁବ୍ ମନଦେଇ ପଢ଼ୁଛ, ନୁହେଁ କି ?

ମନଦୁଃଖରେ ଗୋଟେ କଣରେ ଜମା ହୋଇଥିବା କାଗଜଗୁଡ଼ା ଆଡ଼େ ହାତଠାରି କହିଲି, "ହଁ, ତା ସତ । ଆଉ ତ କିଛି କାମ ନଥିଲା ।"

Digitized by srujanika@gmail.com

"ବଡ଼ ସୌଭାଗ୍ୟର କଥା । କାରଣ ତୁମେ ବୋଧହୁଏ ଏ ବିଷୟରେ ମୋତେ ସବୁ କଥା କହିପାରିବ । ମୁଁ ଏ ଭିତରେ ବିଭିନ୍ନ ଅପରାଧ ବିଷୟର ଖବର ଛଡ଼ା ଆଉ କିଛି ପଢ଼ିନାହିଁ । କିନ୍ତୁ ତୁମେ ଯଦି ନିକଟରେ ଘଟିଥିବା ଘଟଣାର ଖବର ସବୁ ପଢ଼ିଥିବ, ତେବେ ଲର୍ଡ଼ ସେଣ୍ଟ୍ ସାଇମନ୍ ଆଉ ତାଙ୍କ ବିବାହ ବିଷୟର ଖବର ନିଶ୍ଚୟ ଦେଖିଥିବ ।"

"ହଁ, ମୁଁ ଖୁବ୍ ଆଗ୍ରହରେ ସେ ଖବର ପଢ଼ିଛି ।"

"ବେଶ୍‌ଭଲ । ମୋ ହାତରେ ଏ ଯେଉଁ ଚିଠିଟା, ସେଟା ଲର୍ଡ଼ ସେଣ୍ଟ୍ ସାଇମନଙ୍କ ପାଖରୁ ଆସିଛି । ମୁଁ ଏ ଚିଠିଟା ପଢ଼ିଦେଉଛି । ତୁମେ ଖବର-କାଗଜ ଆଡ଼େଇ ସ୍ଥା ସାଥିରେ ସମ୍ପର୍କ ଥିବା ଖବର ସବୁ ମୋତେ କହିବ । ସେ ଏଇଆ ଲେଖିଛନ୍ତି—

"ପ୍ରିୟ ମିଷ୍ଟର୍ ସେର୍‌ଲକ୍ ହୋମ୍‌ସ୍ :

"ଲର୍ଡ଼ ବ୍ୟାକ୍‌ୱଆଟର୍‌ଙ୍କଠାରୁ ଶୁଣିଲି, ଆପଣଙ୍କ ବିଚାର ଏବଂ ମତାମତ ଉପରେ ମୁଁ ସମ୍ପୂର୍ଣ୍ଣ ଆସ୍ଥା ରଖିପାରେ । ତେଣୁ ମୁଁ ସ୍ଥିର କରିଛି, ଆପଣଙ୍କ ସାଥିରେ ଦେଖାକରି ମୋ ବିବାହ ସମ୍ପର୍କରେ ଯେଉଁ ଦୁଃଖଦାୟକ ଘଟଣା ଘଟିଯାଇଛି, ସେ ବିଷୟରେ ଆପଣଙ୍କ ସହିତ ପରାମର୍ଶ କରିବି । ସ୍କଟ୍-ଲାଣ୍ଡ୍ ୟାର୍ଡ଼ର ମିଷ୍ଟର୍ ଲେଷ୍ଟ୍ରେଡ୍ ସେ ବିଷୟରେ ଅନୁସନ୍ଧାନ କରୁଛନ୍ତି । କିନ୍ତୁ ସେ ମୋତେ ପ୍ରତିଶ୍ରୁତି ଦେଇଛନ୍ତି ଯେ, ଆପଣଙ୍କ ସହଯୋଗରେ ତାଙ୍କର କୌଣସି ଆପତ୍ତି ନାହିଁ, ବରଂ ସେ ଆପଣଙ୍କଠାରୁ ସାହାଯ୍ୟ ପାଇ-ପାରିବେ । ମୁଁ ଉପରବେଳା ଚାରିଟାବେଳେ ଆପଣଙ୍କ ପାଖରେ ପହଞ୍ଚିବି । ଯଦି ସେତେବେଳେ ଆପଣଙ୍କର ଅନ୍ୟ କିଛି କାମ ଥାଏ, ଦୟାକରି ତାକୁ ସ୍ଥଗିତ ରଖିବେ । କାରଣ ଏ ଘଟଣା ସବୁଠୁ ବେଶୀ ଗୁରୁତ୍ୱପୂର୍ଣ୍ଣ ।

"ଆପଣଙ୍କର ବିଶ୍ୱସ୍ତ

ସେଣ୍ଟ୍ ସାଇମନ୍ ।

"ଚିଠିଟା ଗ୍ରସ୍‌ଭେନର୍ ପ୍ରାସାଦରୁ ଆସିଛି । ଗୋଟେ ପରକଲମରେ ଲେଖାଯାଇଛି । ଲେଖିଲାବେଳେ ଲର୍ଡ଼ଙ୍କ ଡାହାଣହାତ କାଣି ଆଙ୍ଗୁଠି ବାହାର

Digitized by srujanika@gmail.com

ପାଖରେ କାଳି ଦାଗ ଲାଗିଯାଇଛି ।” ହୋମ୍‌ସ୍ ପୁଣି ଚିଠିଟାକୁ ଭାଙ୍ଗି ରଖିଦେଲେ ।

“ସେ ଗୃହଟାବେଳକୁ ଆସିବାକୁ ଲେଖିଛନ୍ତି । ଏବେ ଛଅଟା ବାଜିଛି । ଆଉ ଘଣ୍ଟାଏ ପରେ ସେ ଆସିବେ ।”

“ତା’ହେଲେ ତୁମେ ସାହାଯ୍ୟ କଲେ ମୁଁ ଘଟଣାଟା ପରିଷ୍କାର ଜାଣିପାରିବା ପାଇଁ ସମୟ ଅଛି । ସେ ଖବର କାଗଜଗୁଡ଼ା ଆଣି ତାରିଖକ୍ରମରେ ସଜାଇ-ରଖ । ଏ ଭିତରେ ଆମର ଏଇ ସମ୍ଭ୍ରାନ୍ତ ମକ୍କେଲଙ୍କ ବିଷୟରେ ମୁଁ ଟିକିଏ ଦେଖିନିଏ । ସେ ଗୋଟେ ନାଲିରଙ୍ଗର ମୋଟାବହି ଆଣି ଆଣ୍ଠୁ ଉପରେ ସେଟାକୁ ମେଲାଇଧରି ବସିଗଲେ । କେତେ ପୃଷ୍ଠା ଓଲଟାଇ କହିଲେ, “ହଁ, ଏଇଠି ଆମ ମକ୍କେଲ । ଲର୍ଡ଼ ରବର୍ଟ ୱାଲ୍‌ସିଙ୍ଗ୍ ହାମ୍ ଡି ଭିର୍ ସେଣ୍ଟ୍ ସାଇମନ୍ । ବାଲ୍ ମୋରାଲ୍ ଡିଉକ୍‌ଙ୍କର ଦ୍ୱିତୀୟ ପୁତ୍ର । ୧୮୪୬ ଖ୍ରୀଷ୍ଟାବ୍ଦରେ ଜନ୍ମ । ଏବେ ତାଙ୍କର ବୟସ ୪୧ ବର୍ଷ । ଗତ ସରକାରଙ୍କ ସମୟରେ ଉପନିବେଶମାନଙ୍କ ପାଇଁ ଅଣ୍ଡର୍ ସେକ୍ରେଟାରୀ ଥିଲେ । ସେମାନେ ପ୍ରଧାନତଃ ପ୍ଲାଣ୍ଟା ଜେନେଟ୍ ବଂଶଧର ଆଉ ଟିଉଡ଼ର୍‌ବଂଶର ଦୂର ସମ୍ପର୍କୀୟ । ତାଙ୍କ ବାପା ଡିଉକ୍ ଏକ ସମୟରେ ବୈଦେଶିକ ବିଭାଗର ସେକ୍ରେଟାରୀ ଥିଲେ । ଏଥିରୁ ଆମର ଆବଶ୍ୟକ କିଛି ଜାଣିବା ଭଳି ନାହିଁ । କିଛି ନିର୍ଦ୍ଦିଷ୍ଟ ଜାଣିବା ପାଇଁ ମୋତେ ତୁମ ଉପରେ ନିର୍ଭର କରିବାକୁ ହେବ ୱାଟ୍‌ସନ୍ ।”

“ସେଥିପାଇଁ ମୋର କିଛି ଅସୁବିଧା ହେବନାହିଁ । କାରଣ ଘଟଣାଗୁଡ଼ା ନିକଟରେ ଖବର କାଗଜରେ ପ୍ରକାଶ ପାଇଛି ଆଉ ସେ ଗୁଡ଼ାକୁ ମୁଁ ଅବଶ୍ୟ ଉଲ୍ଲେଖନୀୟ ବୋଲି ମନେ କରିଥିଲି । କିନ୍ତୁ ସେତେବେଳେ ତୁମେ ଗୋଟେ ଅନୁସନ୍ଧାନରେ ବ୍ୟସ୍ତ ଥିଲ । ତୁମେ କୌଣସି କାମ ମଝିରେ ବାଧା ସୃଷ୍ଟି ହେଲେ ବିରକ୍ତ ହୁଅ । ତେଣୁ ସେତେବେଳେ ମୁଁ ଘଟଣାଟା ତୁମ ଗୋଚରକୁ ଆଣିନଥିଲି ।”

“ଓ ତୁମ ଗ୍ରସ୍‌ଭେନର୍ ସ୍କୋୟାର୍‌ର ସେଇ ଫର୍ନିଚର୍ ଗାଡ଼ି ରହସ୍ୟ କଥା ତ ? ସେ କେଉଁ ତ ସଫା ହୋଇସାରିଲାଣି । ହଉ, ତୁମେ ଖବର କାଗଜର ଘଟଣା ସବୁ କୁହ ।”

Digitized by srujanika@gmail.com

"ଏଇଟା ହେଲା ଖବର କାଗଜରେ ପ୍ରଥମ ବିଜ୍ଞାପନ । ମର୍ନିଙ୍ଗ୍ ପୋଷ୍ଟ କାଗଜରେ କେତେ ସପ୍ତାହତଳେ ପ୍ରକାଶିତ ହୋଇଛି ।

"ବାଲ୍ ମୋରାଲ୍‌ର ଡିଉକ୍‌ଙ୍କ ଦ୍ୱିତୀୟ ପୁତ୍ର ଲର୍ଡ଼ ରବର୍ଟ ସେଣ୍ଟ୍ ସାଇମନ୍‌ଙ୍କର ଆମେରିକାର ସାନଫ୍ରାନ୍‌ସିସ୍‌କୋ ନିବାସୀ ଆଲୟ୍‌ସିଅସ୍ ଡୋରାନ୍‌ଙ୍କ ଏକମାତ୍ର କନ୍ୟା ମିସ୍ ହାଟି ଡୋରାନ୍‌ଙ୍କ ସହିତ ବିବାହ ସ୍ଥିର ହୋଇଅଛି । ଲୋକ ମୁଖରୁ ଶୁଣାଯାଏ, ଏ ବିବାହ ଖୁବ୍ ନିକଟରେ ଅନୁଷ୍ଠିତ ହେବ ।"

"ବେଶ୍ ଏତିକି ।"

ହୋମ୍‌ସ୍ ତାଙ୍କ ପତଳା ଲମ୍ବା ଗୋଡ଼ ଦି'ଟା ନିଆଁ ଆଡ଼କୁ ଲମ୍ବାଇଦେଇ କହିଲେ, "ଖୁବ୍ ସଂକ୍ଷିପ୍ତ ଆଉ ସ୍ପଷ୍ଟ ।"

"ସେଇ ସପ୍ତାହରେ ଆଉଗୋଟେ କାଗଜରେ ଯ୍ୟାର ବିସ୍ତୃତ ବିବରଣୀ ପ୍ରକାଶ ପାଇଥିଲା । ହଁ, ଏଇଠି ସେଟା ।

"ଖୁବ୍ ଶୀଘ୍ର ବିବାହ ବଜାରରେ ନିୟନ୍ତ୍ରଣ ପାଇଁ ଦାବୀ କରାଯିବ । କାରଣ ବର୍ତ୍ତମାନର ଅବାଧ ବିବାହ ପଦ୍ଧତି ଆମ ଦେଶ ଝିଅଙ୍କର ଯଥେଷ୍ଟ ଅସୁବିଧା ଘଟାଉଛି । ବ୍ରିଟେନ୍‌ର ସମ୍ଭ୍ରାନ୍ତ ପରିବାର ପରିଚାଳନା ଗୋଟି ଗୋଟି କରି ଆଟଲାଣ୍ଟିକ୍ ମହାସାଗର ସେପାଖରେ ଥିବା ଆମର ସୁନ୍ଦରୀ ଭଉଣୀମାନଙ୍କ ହାତକୁ ଚାଲିଯାଉଛି । ଗଲା ସପ୍ତାହରେ ଏଇ ସୁନ୍ଦରୀ ବିଜୟିନୀଙ୍କ ତାଲିକାରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ମିଶ୍ରଣ ହୋଇଛି । ଯେଉଁ ଲର୍ଡ଼ ସେଣ୍ଟ୍ ସାଇମନ୍ ଦୀର୍ଘ କୋଡ଼ିଏବର୍ଷ ଯାଏ କାମଶରର ଆଘାତକୁ ଭ୍ରୂକ୍ଷେପ କରିନଥିଲେ, ଏବେ ସେ କାଲିଫର୍ଣ୍ଣିଆର ଜଣେ କୋଟିପତିଙ୍କ କନ୍ୟା ମିସ୍ ହାଟି ଡୋରାନ୍‌ଙ୍କ ସହିତ ତାଙ୍କର ବିବାହ ବିଷୟ ପ୍ରକାଶ କରିଛନ୍ତି । ଉଏଷ୍ଟବେରୀ ହାଉସ୍ ଉତ୍ସବରେ ମିସ ଡୋରାନଙ୍କ ଗାମ୍ଭୀର୍ଯ୍ୟ ଆଉ ସୌନ୍ଦର୍ଯ୍ୟ ଅଧିକାଂଶଙ୍କ ଧ୍ୟାନ ଆକର୍ଷଣ କରିଥିଲା । ସେ ତାଙ୍କ ପିତାଙ୍କର ଏକମାତ୍ର ସନ୍ତାନ ଆଉ ଏବେ ଜଣାଯାଇଛି ଯେ, ତାଙ୍କର ଯୌତୁକ ଛଅ ଅଙ୍କ ବିଶିଷ୍ଟ ସଂଖ୍ୟାର ଉପରକୁ ଯିବ । ତାଛଡ଼ା ଭବିଷ୍ୟତର ଆଶା ମଧ୍ୟ ଅଛି । ବାଲ୍ ମୋରାଲର ଡିଉକ୍

Digitized by srujanika@gmail.com

ଗଲ କେତେବର୍ଷ ଭିତରେ ତାଙ୍କର ସମସ୍ତ ସୁନ୍ଦର ସୁନ୍ଦର ଜିନିଷ ବିକ୍ରି କରିବାକୁ ବାଧ ହୋଇଥିବା କଥା ଏକ ପ୍ରକାଶ୍ୟ ଗୋପନୀୟତା । କେବଳ ବାର୍‌ଚମୋର୍‌ର ଛୋଟିଆ ଜମିଦାରୀକୁ ଛାଡ଼ିଦେଲେ ଲର୍ଡ଼ସେଣ୍ଟ୍ ସାଇମନଙ୍କର ନିଜର ଆଉ କିଛି ସମ୍ପତ୍ତି ନାହିଁ । ଏ ବିବାହରେ କାଲିଫର୍ଣ୍ଣିଆର ଉତ୍ତରାଧୀ-କାରୀ ସହଜରେ ଜଣେ ରିପବ୍ଲିକାନ୍ ମହିଳାରୁ ଜଣେ ସମ୍ଭ୍ରାନ୍ତ ଇଂରେଜ ମହିଳା ହୋଇପାରିବେ । ତଥାପି ଏହା ପରିଷ୍କାର ଯେ, ସେ କେବଳ ଏକମାତ୍ର ଲାଭବାନ୍ ହେବେ ନାହିଁ ।"

ଶାଇମାର ହୋମ୍ସ୍ କହିଲେ, "ଆଉ କିଛି ?"

"ହଁ, ଯଥେଷ୍ଟ । ତାପରେ ମର୍ନିଙ୍ଗ୍ ପୋଷ୍ଟରେ ଆଉ ଗୋଟେ ସମ୍ବାଦରେ କୁହାଯାଇଛି ଯେ, ଏ ବିବାହ ନିରୋଳାରେ, ନିଜ୍ଡ଼ମ୍ବରରେ ହେବ । ଏହା ସେଣ୍ଟ୍ ଜର୍ଜଙ୍କ ହାନୋଭର୍ ସ୍କୋୟାର୍‌ରେ ସଂଘଟିତ ହେବ । କେବଳ ପାଞ୍ଚ ସାତଜଣ ଅତି ଅନ୍ତରଙ୍ଗ ବନ୍ଧୁ ନିମନ୍ତ୍ରିତ ହେବେ । ତାପରେ ଲଙ୍କାଷ୍ଟର୍ ଗେଟ୍‌ରେ ମିଷ୍ଟର ଆଲୟସିଅସ୍ ନେଇଥିବା ସୁନ୍ଦର ଘରକୁ ସେମାନେ ଫେରିବେ । ତାର୍ ଦି'ଦିନ ପରେ, ଗଲ ବୁଧବାର କାଗଜରେ ପ୍ରକାଶିତ ହୋଇଛି ଯେ, ଏ ବିବାହ ସମ୍ପନ୍ନ ହୋଇଛି ଏବଂ ଲର୍ଡ଼ ବ୍ୟାକ୍ ୱାଟର୍‌ଙ୍କ ଘରେ ମଧୁରାତ୍ରି ଯାପନ ହେବ । ଲର୍ଡ଼ ବ୍ୟାକ୍ ୱାଟର୍‌ଙ୍କ ଘର ପିଟର୍‌ସ୍ ଫିଲ୍ଡ୍ ନିକଟରେ । ଏଇ ସବୁ ସମ୍ବାଦ ପ୍ରକାଶ ପାଇଛି କନ୍ୟା ଅନ୍ତର୍ଦ୍ଧାନ ହେବା ପୂର୍ବରୁ ।"

"କାହା ପୂର୍ବରୁ ?" ଚମକି ଉଠି ହୋମସ୍ ପଚାରିଲେ ।

"ଭଦ୍ର ମହିଳାଙ୍କ ଅନ୍ତର୍ଦ୍ଧାନ ହେବା ପୂର୍ବରୁ ।"

"ତା'ହେଲେ ସେ କେତେବେଳେ ଅନ୍ତର୍ଦ୍ଧାନ ହେଲେ ?"

"ବିବାହ ଭୋଜିରୁ ।"

"ସତେ ! ତା'ହେଲେ ଘଟଣାଟା ଯାହା ଜଣାଯାଉଥିଲା ତାଠାରୁ ଯଥେଷ୍ଟ ଅଧିକ ଆଗ୍ରହପୂର୍ଣ୍ଣ, ପୂରାପୂରି ନାଟକୀୟ ।"

"ହଁ, କଥାଟା ଟିକିଏ ଅସାଧାରଣ ବୋଲି ମୋର ମଧ୍ୟ ମନେ ହେଲା ।"

Digitized by srujanika@gmail.com

"ବିବାହ ଉତ୍ସବ ପୂର୍ବରୁ ଏବଂ ବେଳେବେଳେ ମଧୁରାତ୍ରିରେ କନ୍ୟା ଅନ୍ତର୍ଦ୍ଧାନ ହୋଇଯିବାର ଦୃଷ୍ଟାନ୍ତ ଅଛି । କିନ୍ତୁ ଏପରି ଘଟଣା କେବେ ଘଟିଥିବା ମୋର ମନେ ହେଉନାହିଁ । ଦୟାକରି ପୂରା ବିବରଣୀଟା ଶୁଣାଅ ।"

"କିନ୍ତୁ ଆଗରୁ କହିରଖୁଛି, ସେ ସବୁ ଅସମ୍ପୂର୍ଣ୍ଣ ।"

"ଆମେ ବୋଧହୁଏ ତାକୁ କିଛିଟା ପୂର୍ଣ୍ଣ କରିପାରିବା ।"

"ଗତକାଲି ସକାଳର ଗୋଟିଏ କାଗଜରେ ସେ ବିଷୟରେ ଗୋଟିଏ ନିବନ୍ଧ ପ୍ରକାଶ ପାଇଛି । ମୁଁ ସେଇଟା ପଢ଼ିଦେଉଛି । ଶିରୋନାମାରେ ଲେଖାଅଛି, "ଏକ ସମ୍ଭ୍ରାନ୍ତ ବିବାହ ଉତ୍ସବରେ ଅସାଧାରଣ ଘଟଣା ।"

"ଲର୍ଡ଼ ସେଣ୍ଟ୍ ସାଇମନ୍ଙ୍କ ବିବାହ ସମ୍ପର୍କରେ ଯେଉଁ ବିଚିତ୍ର ଆଉ ଦୁଃଖଦାୟକ ଘଟଣା ଘଟିଗଲା, ସେଥିରେ ତାଙ୍କ ପରିବାରର ସମସ୍ତେ ଅତିଶୟ ଉଦ୍‌ବିଗ୍ନ ଓ ଭୟବିହ୍ୱଳ ହୋଇପଡ଼ିଛନ୍ତି । ଗତକାଲିର ଖବର-କାଗଜରେ ପ୍ରକାଶିତ ହୋଇଥିବା ଅନୁଯାୟୀ ବିବାହ ଉତ୍ସବ ପୂର୍ବଦିନ ସକାଳେ ଅନୁଷ୍ଠିତ ହେଲା । ଯେଉଁ ଜନରବ ଗୁଡ଼ିଆଡ଼େ ଶୁଣାଯାଉଥିଲା ଆମେ ଏଇମାତ୍ର ସେ ବିଷୟରେ ସଠିକ ସମ୍ବାଦ ପାଇଲୁ । ଘଟଣାଟାକୁ ଚପାଇ-ଦେବାପାଇଁ ବନ୍ଧୁମାନଙ୍କର ସବୁ ପ୍ରକାର ଚେଷ୍ଟା ସତ୍ତ୍ୱେ ବର୍ତ୍ତମାନ ସେ ଆଡ଼କୁ ସର୍ବସାଧାରଣଙ୍କ ଧ୍ୟାନ ଏପରି ଟାଣି ହୋଇଗଲାଣି ଯେ, ଯାହା ସାଧାରଣରେ ଆଲୋଚିତ ହେଉଚି ତାକୁ ହେୟ ଜ୍ଞାନ କରିବାରେ କିଛି ଲାଭ ହେବନାହିଁ ।

"ସେଣ୍ଟ୍ ଜର୍ଜଙ୍କ ହାନୋଭର୍ ସ୍କୋୟାର୍‌ରେ ବିବାହ ଉତ୍ସବ ନିରୋଳାରେ ସମାହିତ ହେଲା । କନ୍ୟାପିତା ମିଷ୍ଟର୍ ଆଲୟସିଅସ୍ ଡୋରାନ୍, ଡାଲ୍ ମୋରାଲ୍‌ର ଡଚେସ୍, ଲର୍ଡ଼ ବ୍ୟାକ୍‌ୱାଟର୍, ଲର୍ଡ଼ ଇଉଷ୍ଟେସ୍, ଲେଡ଼ି କ୍ଲାରା (ଏ ଦୁହେଁ ବରଙ୍କର ସାନ ଭାଇ ଓ ଭଉଣୀ), ଆଉ ଲେଡ଼ି ଆଲିସିଆ ହୁଇଟିଙ୍ଗ୍‌ଟନ୍‌ଙ୍କ ବ୍ୟତୀତ ଅନ୍ୟ କେହି ଉପସ୍ଥିତ ନଥିଲେ । ତାପରେ ସମସ୍ତେ ଲାଙ୍କାଷ୍ଟର ଗେଟ୍‌ରେ ମିଷ୍ଟର୍ ଆଲୟସିଅସ୍ ଡୋରାନ୍‌ଙ୍କ ଘରକୁ ଗଲେ । ସେଠି ବିବାହ ଭୋଜର ବ୍ୟବସ୍ଥା କରାଯାଇଥିଲା । ଜଣାଯାଏ ଯେ, ଜଣେ ନାରୀ କିଛିଟା ଗଣ୍ଡଗୋଳ ଆରମ୍ଭ କରିଥିଲା । ଲର୍ଡ଼ ସେଣ୍ଟ୍ ସାଇମନ୍‌ଙ୍କ

Digitized by srujanika@gmail.com

ଉପରେ ତାର କିଛି ଦାବୀ ଅଛି ବୋଲି କହି ସେ ଘରଭିତରେ ପଶିବାକୁ ଚେଷ୍ଟା କରୁଥିଲା । ବେଶ୍ କିଛି ସମୟ ଏ ଦୃଶ୍ୟ ଚାଲିବାପରେ ବହୁ କଷ୍ଟରେ ଭଣ୍ଡାରରକ୍ଷକ ଆଉ ଚାକର ତାକୁ ସେଠୁ ବିଦାକରିବାକୁ ସମର୍ଥ ହେଲେ । ଭାଗ୍ୟକୁ ଏଇ ଅପ୍ରୀତିକର ପରିସ୍ଥିତି ଘଟିବା ଆଗରୁ କନ୍ୟା ଘରଭିତରକୁ ଯାଇସାରିଥିଲେ । ସେ ଅନ୍ୟମାନଙ୍କ ସହ ଖାଇବାରେ ବସିଥିବା ବେଳେ ହଠାତ୍ ଅସୁସ୍ଥ ଅନୁଭବ କରୁଛନ୍ତି ବୋଲି କହି ତାଙ୍କ ନିଜ ରୁମ୍‌କୁ ଚାଲିଗଲେ । ସେ ଅନେକବେଳ ଯାଏଁ ନ ଫେରିବାରୁ ଅନ୍ୟମାନଙ୍କ ଭିତରେ ଆଲୋଚନା ହେଲା । ତାଙ୍କ ବାପା ପରେ ପରେ ତାଙ୍କ କୋଠରିକୁ ଗଲେ । କିନ୍ତୁ ତାଙ୍କ ଚାକରାଣୀଠାରୁ ଶୁଣିଲେ ଯେ, ସେ ଖୁବ୍ କମ୍ ସମୟ ପାଇଁ ତାଙ୍କ କୋଠରିକୁ ଯାଇଥିଲେ ଏବଂ ଗୋଟେ ଲମ୍ବା ଲିଲ୍ଲି ଜାମା ଆଉ ଗୋଟେ ଟୋପି ଧରି ଖୁବ୍ ଶୀଘ୍ର ବାହାରିଗଲେ । ଜଣେ ଚାକର କହିଲା ଯେ, ଏଇପରି ପୋଷାକ ପିନ୍ଧିଥିବା ଜଣେ ମହିଳାଙ୍କୁ ସେ ଦେଖିଛି; କିନ୍ତୁ ସେ ତାର ମାଲିକାଣୀ ବୋଲି ସେ ଭାବିପାରିନାହିଁ । କାରଣ ସେ ଭାବିଥିଲା ସେ ଅନ୍ୟ-ମାନଙ୍କ ଗହଣରେ ଅଛନ୍ତି । ତାଙ୍କ ଝିଅ ନିରୁଦ୍ଦିଷ୍ଟ ହୋଇଥିବା କଥା ସଠିକ୍ ଭାବେ ଜାଣିଲା ପରେ ମିଷ୍ଟର୍ ଆଲୟୁସିଅସ୍ ବରଙ୍କ ସହ ଆଲୋଚନା କରି ତୁରନ୍ତ ପୋଲିସ୍‌କୁ ଏ ଘଟଣା ଜଣାଇଦେଲେ । ପୋଲିସ୍ ଖୁବ୍ ତନାଘନା ଅନୁସନ୍ଧାନ ଚଳାଇଛନ୍ତି । ବୋଧହୁଏ ଖୁବ୍ ଚଞ୍ଚଳ ଏ ଘଟଣା ଉପରେ ଆଲୋକପାତ ହୋଇପାରିବ । ଯାହାହେଉ ଗଲାରାତି ଶେଷପର୍ଯ୍ୟନ୍ତ ନିରୁଦ୍ଦିଷ୍ଟ ଭଦ୍ର ମହିଳା କେଉଁଠି ସେ ବିଷୟ କିଛି ଜଣାଯାଇନାହିଁ । ଏ ଘଟଣାରେ କିଛି କପଟତା ଅନୁମାନ କରିବାର କାରଣ ଅଛି । ପ୍ରଥମେ ଯେଉଁ ମହିଳା ଗଣ୍ଡଗୋଳ ଆରମ୍ଭ କରିଥିଲା ପୋଲିସ୍ ତାକୁ ଆରେଷ୍ଟ କରିଥିବାର ଶୁଣା-ଯାଉଛି । ପୋଲିସ୍‌ର ବିଶ୍ୱାସ ଈର୍ଷା ବା ଅନ୍ୟ କୌଣସି ଉଦ୍ଦେଶ୍ୟ ନେଇ ସେ କନ୍ୟା ନିରୁଦ୍ଦିଷ୍ଟ ହେବା ସହିତ ସଂପୃକ୍ତ ଥାଇପାରେ ।"

"କ'ଣ ସେତିକି ?"

"ସକାଳର ଆଉ ଗୋଟେ କାଗଜରେ ଆଉ ଅଳ୍ପ ଅଛି; କିନ୍ତୁ ସେଥିରୁ କିଛି ସୂଚନା ମିଳିବାର ଆଶା···"

Digitized by srujanika@gmail.com

"କ'ଣ ସେଇଟା—?"

"ଯେଉଁ ନାରୀ ଗଣ୍ଡଗୋଳ କରିଥିଲା ସେ ମିସ୍ ଫ୍ଲୋରା ମିଲର୍ । ପ୍ରକୃତରେ ତାକୁ ଆରେଷ୍ଟ୍ କରାଯାଇଛି । ଜଣାଯାଏ ଯେ, ସେ ପୂର୍ବେ ଆଲେଗ୍ରୋରେ ଜଣେ ନର୍ତ୍ତକୀ ଥିଲା ଏବଂ କେତେ ବର୍ଷ ହେଲା ବର ସହିତ ତାର ପରିଚୟ ଅଛି । ଆଉ କିଛି ଠିକନଣି ବିବରଣୀ ନାହିଁ । ଏବେ କେଶ୍ ବିଷୟରେ ଯାହା କିଛି ପ୍ରକାଶ ପାଇଛି ସେ ଅନୁସାରେ କେଶ୍‌ଟା ତୁମ ହାତରେ ।"

କେଶ୍‌ଟା ଅତିଶୟ କୌତୁହଳପୂର୍ଣ୍ଣ । ଏ କେଶ୍‌ଟା ମୁଁ ଯାହାହେଲେ ବି ଛାଡ଼ି ନଥାନ୍ତି । କିନ୍ତୁ କଲିଂବେଲ୍ ବାଜିଲା ୱାଟ୍‌ସନ୍ । ଘଣ୍ଟାରେ ଚାରିଟା ବାଜି ସାରିଲାଣି । ତେଣୁ ଆମର ସମ୍ଭ୍ରାନ୍ତ ମହକିଲ ଆସିଗଲେ ବୋଲି ମୋର ମୋଟେ ସନ୍ଦେହ ନାହିଁ । ତୁମେ ଏଠୁ ଚାଲିଯିବା କଥା କଳ୍ପନା କରନାହିଁ, କାରଣ ମୋ ନିଜ ସ୍ମରଣ ଶକ୍ତିକୁ ସଜାଗ କରିଦେବା ପାଇଁ ମୋର ଜଣେ ସାକ୍ଷୀ ନିହାତି ଦରକାର ।"

"ଲର୍ଡ଼ ରବର୍ଟ ସେଣ୍ଟ୍ ସାଇମନ୍", କହି ଚାକରଟୋକା ଦରଜାଟା ଖୋଲିଦେଲା । ଜଣେ ଭଦ୍ରଲୋକ ଭିତରକୁ ଆସିଲେ । ବେଶ ସୁନ୍ଦର ଆଉ ଶିକ୍ଷା-ସଂସ୍କୃତିପୂର୍ଣ୍ଣ ମୁହଁ, ଉଚ୍ଚା ନାକ, ମୁହଁରେ ବୋଧହୁଏ କିଛିଟା କ୍ଷଣିକ କୋପ ଭାବ, ଆଖି ଦୁଇଟା ଧୀର ସ୍ଥିର । ମୋଟାମୋଟି ଆଦେଶ ଦେବାଭଳି ଚେହେରା । ତାଙ୍କର ଢଙ୍ଗଢାଙ୍ଗ ବେଶ୍ ସତେଜ, ତଥାପି ସାଧାରଣ ଚେହେରା ବୟସର ସୂଚନା ଦିଏ । କାରଣ ଚାଲିଲାବେଳକୁ ସେ ଆଗକୁ ସାମାନ୍ୟ ଲଇଁ ପଡ଼ୁଥାନ୍ତି ଆଉ ଆଣ୍ଠୁ ଦି'ଟା ସାମାନ୍ୟ ବଙ୍କା ହୋଇଯାଉଥାଏ । ସେ ମୁଣ୍ଡରେ ଚଉଡ଼ାଧାର ଥିବା ଟୋପିଟା ବାହାର କରି ଦେଲାରୁ ଦେଖାଗଲା, ମୁଣ୍ଡର ବାଳ କଡ଼ରୁ କଡ଼ରୁ ଧୂସର ରଙ୍ଗ ହୋଇଗଲାଣି ଆଉ ତାଳୁଉପର ବାଳ ପତଳା । ତାଙ୍କର ପୋଷାକ ବେଶ୍ ଆଡ଼ମ୍ବରପୂର୍ଣ୍ଣ । କଳା ଫ୍ରକ୍‌କୋଟ୍, ଧଳା ୱେଷ୍ଟ୍ କୋଟ୍, ହଳଦିଆ ଗ୍ଲୋଭ୍ସ୍ ସାଙ୍ଗକୁ ଚକ୍‌ଚକିଆ ଚମଡ଼ା ଜୋତା । ସେ ଏପାଖ ସେପାଖ ମୁହଁ ବୁଲାଇ ଧୀରେ ଧୀରେ ଘର ଭିତରକୁ ଆସିଲେ । ତାହାଙ୍କ ହାତରେ ସୁନାର ଚଷମା ।

Digitized by srujanika@gmail.com

ହୋମ୍‌ସ୍ ଉଠିପଡ଼ି ମୁଣ୍ଡନୁଆଇଁ କହିଲେ, "ନମସ୍କାର, ଲର୍ଡ଼ ସେଣ୍ଟ୍ ସାଇମନ୍ । ଦୟାକରି ସେଇ ବେତ ଚଉକିରେ ବସନ୍ତୁ । ଇଏ ମୋର ବନ୍ଧୁ ଏବଂ ସହକର୍ମୀ ଡାକ୍ତର ଉଆଟ୍‌ସନ୍ । ଆଉ ଟିକିଏ ନିଆଁ ପାଖକୁ ଘୁଞ୍ଚି ଆସନ୍ତୁ ତାପରେ ଆମେ ଏ ଘଟଣା ବିଷୟରେ କଥାବାର୍ତ୍ତା କରିବା ।"

"ଆପଣ ନିଶ୍ଚୟ ଭାବିପାରୁଥିବେ ମିଷ୍ଟର୍ ହୋମ୍‌ସ୍, ଘଟଣାଟା ମୋ ପାଇଁ କେତେ ଦୁଃଖ ଆଉ କଷ୍ଟଦାୟକ । ମୁଁ ଜାଣେ ଆପଣ ଏ ପ୍ରକାର କେତେ କେଶ୍ ସମାଧାନ କରିଛନ୍ତି । ଅବଶ୍ୟ ମୁଁ ଭାବୁଛି ସେ ସବୁ କେଶ୍ ସମାଜର ନିମ୍ନସ୍ତର ଲୋକଙ୍କର ।"

"ନା, ଏ କେଶ୍‌ରେ ମୁଁ ବରଂ ନିମ୍ନସ୍ତରକୁ ଆସିଛି ।"

"କ'ଣ କହିଲେ ?"

"ମୋର ଶେଷ ମହକିଲ ଥିଲେ ଜଣେ ରାଜା ।"

"ସତେ ! ମୋର ସେ ଧାରଣା ନଥିଲା । କେଉଁ ରାଜା ?"

"ସ୍କାଣ୍ଡିନେଭିଆର ରାଜା ।"

"କ'ଣ ? ସେ ବି ତାଙ୍କ ସ୍ତ୍ରୀଙ୍କୁ ହରାଇଥିଲେ ?"

ମଧୁର ସ୍ୱରରେ ହୋମ୍‌ସ୍ କହିଲେ, "ଆପଣ ବୁଝିପାରୁଥିବେ, ଆପଣଙ୍କ କେଶ୍‌ରେ ଗୋପନୀୟତା ରକ୍ଷାକରିବା ପାଇଁ ମୁଁ ଆପଣଙ୍କୁ ଯେପରି ପ୍ରତିଶ୍ରୁତି ଦେଉଛି, ମୋର ଅନ୍ୟ ମହକିଲମାନଙ୍କ କେଶ୍‌ରେ ମଧ୍ୟ ତାହାହିଁ ମୋର କର୍ତ୍ତବ୍ୟ ।"

"ତା ଅବଶ୍ୟ ଠିକ । କ୍ଷମା କରିବେ । ମୋ କେଶ୍‌ରେ କୌଣସି ମତ ଦେବାପାଇଁ ଆପଣଙ୍କର ଯାହା ସାହାଯ୍ୟ ଦରକାର ମୁଁ ସେସବୁ ଦେବାପାଇଁ ପ୍ରସ୍ତୁତ ।"

"ଧନ୍ୟବାଦ । ଖବରକାଗଜରେ ଯାହା ସବୁ ପ୍ରକାଶ ପାଇଛି ସେ ସବୁ ମୁଁ ଜାଣିସାରିଛି । ତାଠୁ ଅଧିକ କିଛି ଜାଣେନା । ଆପଣଙ୍କ ପତ୍ନୀ ନିରୁଦ୍ଦିଷ୍ଟ ହେବା ବିଷୟରେ ଖବରକାଗଜରେ ଏଇ ଯେଉଁ ସମ୍ବାଦ ତା ସତ ବୋଲି ଧରି ନିଆଯାଇପାରେ ବୋଲି ମୁଁ ଭାବୁଛି ।"

Digitized by srujanika@gmail.com

ଲର୍ଡ ସେଣ୍ଟ ସାଇମନ୍ କାଗଜଟା ଉପରେ ଆଖି ବୁଲାଇନେଲେ । "ହଁ, ଏହା ସତ ।"

"କିନ୍ତୁ କେହି କିଛି ମତ ଦେବା ପୂର୍ବରୁ ଏ ସମ୍ବାଦର ଆହୁରି ଅନେକ ଅନୁପୂରକ ଆବଶ୍ୟକ । ମୁଁ ଭାବୁଛି, ସିଧାସଳଖ ଆପଣଙ୍କୁ କେତେକ ପ୍ରଶ୍ନ ପଚାରି ମୁଁ ମୋର ତଥ୍ୟ ପାଇପାରିବି ।"

"ଆପଣ ସ୍ୱଚ୍ଛନ୍ଦରେ ତା' କରିପାରନ୍ତି । ଦୟାକରି ପଚାରନ୍ତୁ ।"

"ମିସ୍ ହାଟି ଡୋରାନ୍‌ଙ୍କ ସାଥିରେ ଆପଣଙ୍କର ପ୍ରଥମେ କେବେ ସାକ୍ଷାତ ହେଲା ?"

"ପ୍ରାୟ ବର୍ଷେ ପୂର୍ବେ, ସାନ୍‌ଫ୍ରାନ୍‌ସିସ୍‌କୋରେ ।"

"ଆପଣ ସେଠିକି ବୁଲିବାକୁ ଯାଇଥିଲେ ?"

"ହଁ ।"

"ସେତେବେଳେ ଆପଣଙ୍କର ବିବାହ ବନ୍ଧନ ହୋଇସାରିଥିଲା ?"

"ନା ।"

"କିନ୍ତୁ ଆପଣଙ୍କ ଭିତରେ ବନ୍ଧୁତା ଥିଲା ?"

"ମୁଁ ତାଙ୍କ ସାହଚର୍ଯ୍ୟରେ ଆମୋଦ ପାଉଥିଲି ଆଉ ସେ ତା' ଲକ୍ଷ୍ୟ କରିଥିଲେ ।"

"ତାଙ୍କ ବାପା ଖୁବ୍ ଧନୀ ?"

"ପାଶିଫିକ୍ ଅଞ୍ଚଳରେ ସେ ସବୁଠୁ ଧନୀ ବୋଲି କୁହାଯାଏ ।"

"ସେ କିପରି ଏତେ ଧନ ସଂଗ୍ରହ କଲେ ?"

"ଖଣି ବ୍ୟବସାୟରେ । କେତେ ବର୍ଷ ପୂର୍ବେ ତାଙ୍କର କିଛି ନଥିଲା । ତାପରେ ସେ ସୁନାଖଣିର ସନ୍ଧାନ ପାଇଲେ । ତାଙ୍କ ଧନସମ୍ପତ୍ତି ହୁ ହୁ ହୋଇ ବଢ଼ିଚାଲିଲା ।"

"ଏଥର କହନ୍ତୁ, ଆପଣଙ୍କ ସ୍ତ୍ରୀ, ଏଇ ତରୁଣୀଙ୍କ ଚରିତ୍ର ସମ୍ବନ୍ଧରେ ଆପଣଙ୍କର ଧାରଣା କ'ଣ ?"

ସମ୍ଭ୍ରାନ୍ତ ଭଦ୍ରଲୋକ ହାତରେ ଚଷମାଟା ହଲାଇ ନିଆଁ ଆଡ଼କୁ ଚାହିଁଲେ । ତାପରେ କହିଲେ, "ଦେଖନ୍ତୁ ମିଷ୍ଟର୍ ହୋମ୍‌ସ୍, ମୋ ସ୍ତ୍ରୀଙ୍କ ବାପା ଧନୀ

Digitized by srujanika@gmail.com

ହେଲାବେଳକୁ ତାଙ୍କୁ କୋଡ଼ିଏବର୍ଷ ହୋଇଥିଲା । ସେତେବେଳେ ସେ ଖଣି-କ୍ୟାମ୍ପରେ ସ୍ୱାଧୀନଭାବେ ବୁଲାବୁଲି କରୁଥିଲେ ଆଉ ବଣ ପାହାଡ଼ ଘୂରିଆଡ଼େ ବୁଲୁଥିଲେ । ତେଣୁ ତାଙ୍କର ଶିକ୍ଷା କୌଣସି ସ୍କୁଲମାଷ୍ଟର ପାଖରୁ ନହୋଇ ପ୍ରକୃତିଠାରୁ ହୋଇଥିଲା । ସେ ଏକପ୍ରକାର ଉଚ୍ଛୃଙ୍ଖଳ ହୋଇଯାଇଥିଲେ । ତାଙ୍କର ସ୍ୱଭାବ ଦୃଢ଼, ସ୍ୱାଧୀନ ଆଉ ବିଶୃଙ୍ଖଳ ହୋଇଯାଇଥିଲା । କୌଣସି ପ୍ରକାର ଲୌକିକ ପ୍ରଥା ତାଙ୍କୁ ବାନ୍ଧି ରଖିପାରିନଥିଲା । ସେ କୌଣସି ବିଷୟ ସିଦ୍ଧାନ୍ତ କରିବାରେ ଖୁବ୍ ତତ୍ପର ଆଉ ତାଙ୍କର ଇଚ୍ଛା ପୂରଣ କରିବାରେ ନିର୍ଭୀକ ଥିଲେ । ଅପରପକ୍ଷରେ ତାଙ୍କୁ ଜଣେ ଭଦ୍ରମହିଳା ବୋଲି ଅନ୍ତରରେ ଅନୁଭବ କରିନଥିଲେ ମୁଁ ତାଙ୍କୁ ଏତେ ବଡ଼ ସମ୍ମାନାସ୍ପଦ ଆସନ ଦେଇ-ନଥାନ୍ତି । ମୋର ବିଶ୍ୱାସ ସେ ସ୍ୱାର୍ଥତ୍ୟାଗ କରିବାରେ ସାହସିନୀ ଆଉ ଯେ କୌଣସି ଅସମ୍ମାନକୁ ସେ ଘୃଣା କରନ୍ତି ।"

"ଆପଣଙ୍କ ପାଖେ ତାଙ୍କର ଫଟୋଗ୍ରାଫ୍ ଅଛି ?"

"ମୁଁ ଏଇଟା ସାଥିରେ ଆଣିଛି ।" ସେ ଗୋଟେ ପଦକ ଖୋଲି ଆମକୁ ଜଣେ ଅସାମାନ୍ୟା ସୁନ୍ଦରୀ ନାରୀର ମୂର୍ତ୍ତି ଦେଖାଇଲେ । ସେଟା ଫଟୋଗ୍ରାଫ୍ ନଥିଲା, ଥିଲା ହାତୀଦାନ୍ତରେ ଖୋଦେଇ ଏକ ଶ୍ରେଷ୍ଠ ମୂର୍ତ୍ତି । ଶିଳ୍ପୀ ସେଥିରେ ତାଙ୍କର ଚିକ୍କଣ କଳା କେଶ, ବଡ଼ ବଡ଼ କଳା ଆଖି ଆଉ ଫୁଟାଇବାର ଦକ୍ଷତା ଦେଖାଇଛି । ହୋମ୍‌ସ୍ କିଛି ସମୟ ଏକ ଲୟରେ ସେ ଆଡ଼େ ଚାହିଁଲେ । ତାପରେ ସେ ଲକେଟ୍‌ଟା ବନ୍ଦକରି ଲର୍ଡ଼ ସେଣ୍ଟ୍ ସାଇମନଙ୍କୁ ଫେରାଇଦେଲେ ।

କହିଲେ, "ତାପରେ ସେ ତରୁଣୀ ଲଣ୍ଡନ ଆସିଲେ ଏବଂ ଆପଣଙ୍କ ପୂର୍ବର ବନ୍ଧୁତା ପୁଣି ଆରମ୍ଭ ହେଲା ?"

"ହଁ, ତାଙ୍କ ବାପା ତାଙ୍କୁ ଧରି ଲଣ୍ଡନ ଆସିଲେ । ମୋର ତାଙ୍କ ସହିତ ଅନେକଥର ଦେଖାହେଲା । ଆମର ବିବାହ ସମ୍ବନ୍ଧ ସ୍ଥିର ହୋଇଗଲା ଏବଂ ଏବେ ବିବାହ ମଧ୍ୟ ହୋଇଗଲା ।"

"ସେ ବୋଧହୁଏ ଯଥେଷ୍ଟ ଯୌତୁକ ଆଣିଥିବେ ?"

Digitized by srujanika@gmail.com

"ହଁ, ଯଥେଷ୍ଟ । କିନ୍ତୁ ଆମ ପରିବାରରେ ସାଧାରଣତଃ ଯାହା ଯୌତୁକ ମିଳେ ତାଠାରୁ ଅଧିକ ନୁହେଁ ।"

"ନିୟମ ଅନୁସାରେ ଯେତେବେଳେ ଆପଣଙ୍କର ବିବାହ ସମ୍ପନ୍ନ ହୋଇ-ଯାଇଛି, ସେ ସବୁ ବର୍ତ୍ତମାନ ଆପଣଙ୍କର ?"

"ମୁଁ ସେ ବିଷୟରେ କିଛି ଖବର ରଖିନାହିଁ ।"

"ତା ସ୍ୱାଭାବିକ । ବିବାହ ପୂର୍ବଦିନ ଆପଣ ମିସ୍‌ମୋରାନ୍‌ଙ୍କୁ ଦେଖିଥିଲେ ?"

"ହଁ ।"

"ତାଙ୍କର ମନ ପ୍ରଫୁଲ୍ଲ ଥିଲା ?"

"ହଁ, ଆମେ ଭବିଷ୍ୟତରେ କ'ଣ କରିବୁ ସେ ବିଷୟରେ ସେ କହୁଥିଲେ ।"

"ସତେ ! ବେଶ୍ ମଜା କଥା । ଆଉ ବିବାହଦିନ ସକାଳେ ?"

"ସେ ବେଶ୍ ପ୍ରଫୁଲ୍ଲ ଥିଲେ—ଅନ୍ତତଃ ବିବାହ ଉତ୍ସବ ଶେଷଯାଏଁ ।"

"ସେତେବେଳେ ତାଙ୍କର କିଛି ପରିବର୍ତ୍ତନ ଆପଣ ଲକ୍ଷ୍ୟ କରିଥିଲେ ?"

"ଦେଖନ୍ତୁ, ସତ କହିବାକୁ ଗଲେ, ପ୍ରଥମଥର ପାଇଁ ତାଙ୍କ ମନ ବିଚଳିତ ହେବାର ମୁଁ ଲକ୍ଷ୍ୟକଲି । ସେଇ ଘଟଣାଟା ସେତେବେଳେ ଘଟିଲା ସେଟା ନିହାତି ଶ୍ରେଷ୍ଠ । ଆଉ ତାର ଏ କେଶ୍ ସହିତ କିଛି ସମ୍ପର୍କ ଥିଲାପରି ମନେ ହୁଏନା ।"

"ଦୟାକରି ସେ କଥାଟା କହନ୍ତୁ ।"

"ସେଇଟା ନିହାତି ପିଲାଳିଆ କଥା । ଆମେ ଗୀର୍ଜାମଣ୍ଡପ ଆଡ଼କୁ ଗଲା ବେଳକୁ ତାଙ୍କ ହାତରୁ ଫୁଲତୋଡ଼ାଟା ପଡ଼ିଗଲା । ସେତେବେଳକୁ ସେ ପ୍ରଥମ-ଧାଡ଼ି ବେଞ୍ଚ ପାଖଦେଇ ଯାଉଥିଲେ ଆଉ ଫୁଲତୋଡ଼ାଟା ବେଞ୍ଚ ମଝିରେ ପଡ଼ିଗଲା । ଟିକିଏ ବିଳମ୍ବ ହେଲା । କିନ୍ତୁ ସେଠିଥିବା ଜଣେ ଭଦ୍ରଲୋକ ଫୁଲ-ତୋଡ଼ାଟା ତାଙ୍କୁ ପୁଣି ବଢ଼ାଇଦେଲେ ଆଉ ଦେଖାଗଲା ପଡ଼ିଯିବା ଦ୍ୱାରା ସେଟା କିଛି ଖରାପ ହୋଇନାହିଁ । ତଥାପି ମୁଁ ସେତେବେଳେ ତାଙ୍କୁ ସେ କଥା କହିଲି ସେ ମୋତେ ରୋକ୍‌ଠୋକ୍ ପଦେ କହିଦେଲେ । ଆମେ ଗାଡ଼ିରେ

Digitized by srujanika@gmail.com

ଘରକୁ ଫେରିଲାବେଳେ ସେଇ ସାମାନ୍ୟ ଘଟଣା ନେଇ ସେ ଅକାରଣ ବିଚଳିତ ହେଲାପରି ଜଣାଯାଉଥିଲେ ।"

"ସତେ ! ଆପଣ କହୁଛନ୍ତି ଜଣେ ଭଦ୍ରଲୋକ । ତାହେଲେ ସେଠି କେତେକ ସାଧାରଣ ଲୋକ ଉପସ୍ଥିତ ଥିଲେ ?"

"ହଁ, ଗୀର୍ଜା ଖୋଲାଥିଲାବେଳେ ସେମାନଙ୍କୁ ସେଠୁ ବାହାର କରିଦେବା ଅସମ୍ଭବ ।"

"ଏଇ ଭଦ୍ରଲୋକ ଆପଣଙ୍କ ସ୍ତ୍ରୀଙ୍କର କେହି ବନ୍ଧୁ ନୁହନ୍ତି ?"

"ନା-ନା, ମୁଁ କେବଳ ଭଦ୍ରତା ଖାତିରରେ ତାଙ୍କୁ ଭଦ୍ରଲୋକ ବୋଲି କହୁଛି । କିନ୍ତୁ ସେ ଜଣେ ସାଧାରଣ ଲୋକ । ମୁଁ ତାଙ୍କ ଚେହେରାଟା ପ୍ରାୟ ଦେଖିପାରିନାହିଁ । କିନ୍ତୁ ମୁଁ ଭାବୁଛି, ଆମେ ପ୍ରକୃତ ପଏଣ୍ଟରୁ ବହୁତ ଦୂରେଇ ଯାଉଛେ ।"

"ତାହେଲେ ଲେଡ଼ି ସେଣ୍ଟ୍ ସାଇମନ ବିବାହ ଉତ୍ସବକୁ ଗଲାବେଳେ ଯେତେ ଆନନ୍ଦିତ ଥିଲେ ଫେରିବାବେଳେ ସେତେ ନଥିଲେ । ସେ ତାଙ୍କ ବାପାଙ୍କ ଘରକୁ ଫେରିଲା ପରେ ପରେ କ'ଣ କଲେ ?"

"ଦେଖିଲି, ସେ ତାଙ୍କ ଗୃହକର୍ତ୍ରୀ ସହିତ କଥାବାର୍ତ୍ତା କରୁଛନ୍ତି ।"

"ତାଙ୍କ ଗୃହକର୍ତ୍ରୀ କିଏ ?"

"ତା ନାଁ ଆଲିସ୍, ଘର ଆମେରିକାରେ । କାଲିଫର୍ଣ୍ଣିଆରୁ ସେ ତାଙ୍କ ସାଥିରେ ଆସିଥିଲା ।"

"ସେ ଗୃହକର୍ତ୍ରୀ ତାଙ୍କର ବିଶ୍ୱସ୍ତ ?"

"ହଁ, ଅତି ବିଶ୍ୱସ୍ତ ! ମୋତେ ଜଣାଗଲା ତା ମାଲିକାଣୀ ତାକୁ ବେଶୀଟା ସ୍ୱାଧୀନତା ଦେଇଛନ୍ତି । ସେଇଟାକୁ ଅବଶ୍ୟ ଆମେରିକାରେ ସେମାନେ ଭିନ୍ନ ଦୃଷ୍ଟିରେ ଦେଖନ୍ତି ।"

"ଏଇ ଗୃହକର୍ତ୍ରୀ ସହିତ ସେ କେତେ ସମୟ କଥାବାର୍ତ୍ତା କଲେ ?"

"ଏଇ ସାମାନ୍ୟ କେତେ ମିନିଟ୍ । ମୋର ଅନ୍ୟ କଥା ଭାବିବାର ଥିଲା ।"

"ସେମାନେ କ'ଣ କଥାବାର୍ତ୍ତା ହେଉଥିଲେ ଆପଣ ଶୁଣିନାହାନ୍ତି ?"

Digitized by srujanika@gmail.com

"ଲେଡ଼ି ସେଣ୍ଟ୍‌ସାଇମନ୍‌ 'ଦାବ ଅଧିକାର' ବୋଲି କ'ଣ କହୁଥିଲେ । ଏଇଭଳି ବାଜେକଥା କହିବାରେ ସେ ଅଭ୍ୟସ୍ତ । ତାଙ୍କ କଥାର ଅର୍ଥ କ'ଣ ମୋର ସେ ବିଷୟରେ ଧାରଣା ନାହିଁ ।"

"ଆମେରିକାନ୍ ବାଜେକଥା ବେଳେବେଳେ ଖୁବ୍ ଅର୍ଥପୂର୍ଣ୍ଣ । ଆପଣଙ୍କ ସ୍ତ୍ରୀ ଚାକରାଣୀ ସହିତ କଥାବାର୍ତ୍ତା ସାରିଲାପରେ କ'ଣ କଲେ ?"

"ସେ ଭୋଜିଘରକୁ ଗଲେ ।"

"ଆପଣଙ୍କ ସାଥିରେ ?"

"ନା, ଏକା । ଏଇ ଭଳି ଛୋଟ ଛୋଟ ଘଟଣାରେ ସେ ଖୁବ୍ ସ୍ୱାଧୀନ । ତା'ପରେ ଆମେ ପ୍ରାୟ ଦଶମିନିଟ୍ ବସିବା ପରେ ସେ ତରତର ହୋଇ ଉଠି କ୍ଷମାମାଗିବା ଭଳି କ'ଣ ପଦେ କହି ସେଠାରୁ ଚାଲିଗଲେ । ଆଉ ଫେରିଲେ-ନାହିଁ ।"

"କିନ୍ତୁ ମୁଁ ଯାହା ଜାଣେ, ଏଇ ଚାକରାଣୀ ଆଲିସ୍ କହୁଛି ଯେ, ତା ମାଲିକାଣୀ ତାଙ୍କ ରୁମ୍‌କୁ ଆସିଲେ, ବିବାହପୋଷାକ ଉପରେ ଗୋଟେ ଲମ୍ବା ଚିଲିକାମା ପିନ୍ଧିଲେ, ମୁଣ୍ଡରେ ଗୋଟେ ଟୋପି ପିନ୍ଧିଲେ ଆଉ ବାହାରକୁ ଗଲେ ।"

"ହଁ, ତା' ସତ । ପରେ ସେ ହାଇଡ୍‌ପାର୍କରେ ଫ୍ଲୋରାମିଲର୍ ସାଥିରେ ବୁଲୁଥିବାର ଲୋକେ ଦେଖିଛନ୍ତି । ଏଇ ଫ୍ଲୋରାମିଲର୍ ବର୍ତ୍ତମାନ ଆରେଷ୍ଟ୍ ହୋଇଛନ୍ତି । ସେଦିନ ସକାଳେ ସେ ମିଷ୍ଟର୍ ଡୋରାନ୍‌ଙ୍କ ଘରପାଖରେ ଗୋଟେ ଗଣ୍ଡଗୋଳ ଆରମ୍ଭ କରିଦେଇଥିଲେ ।"

"ହଁ, ଏଇ ତରୁଣୀ ଫ୍ଲୋରା ଆଉ ତାଙ୍କ ସହିତ ଆପଣଙ୍କର ସମ୍ପର୍କ ବିଷୟରେ ମୁଁ ଜାଣିବାକୁ ଚାହେଁ ।"

ଲର୍ଡ଼ ସେଣ୍ଟ୍‌ସାଇମନ୍ ଭ୍ରୂଲତା ଉପରକୁ ଟେକି କହିଲେ, "କେତେବର୍ଷ ହେଲା ଆମର ବନ୍ଧୁତା ହୋଇଥିଲା, ବରଂ ଘନିଷ୍ଠ ବନ୍ଧୁତା ବୋଲି ମୁଁ କହିବ । ସେ ଆଲେଗ୍ରୋକୁ ଆସନ୍ତି । ମୁଁ ତାଙ୍କ ପ୍ରତି କୌଣସି କଷ୍ଟୁର ବ୍ୟବହାର କରିନାହିଁ ଆଉ ତାଙ୍କର ମୋ ବିରୁଦ୍ଧରେ ଅଭିଯୋଗ କରିବାର କିଛି ନାହିଁ । କିନ୍ତୁ ନାରୀମାନେ କିପରି ଆପଣ ଜାଣନ୍ତି ମିଷ୍ଟର୍ ହୋମ୍‌ସ୍ ?

Digitized by srujanika@gmail.com

ଫ୍ଲୋର୍ ଅତିମାତ୍ରାରେ ଉଗ୍ରପ୍ରକୃତିର ଆଉ ମୋ ପ୍ରତି ବିଶେଷ ଅନୁରକ୍ତ ଥିଲେ । ଯେତେବେଳେ ସେ ମୋ ବିବାହ କଥା ଶୁଣିଲେ ମୋ ପାଖକୁ କେତେକ ଭୟାନକ ଚିଠି ଲେଖିଲେ । ସେଇ କାରଣରୁ ମୁଁ ମୋ ବିବାହ ନୀରବୋଳାରେ କରାଇଥିଲି । ମୋର ଭୟ ହେଲା ହୁଏତ ଗୀର୍ଜାରେ କିଛି ଅପବାଦ ସୃଷ୍ଟି ହୋଇପାରେ; କିନ୍ତୁ ଆମେ ଫେରିବାପରେ ସେ ମିଷ୍ଟର୍ ଡୋରାନ୍‌ଙ୍କ ଘର ପାଖକୁ ଆସି ଘରଭିତରେ ପଶିବାକୁ ଚେଷ୍ଟାକଲେ । ମୋ ସ୍ତ୍ରୀଙ୍କୁ ନାନା କଟୁକଥା କହୁଥାନ୍ତି, ଏପରିକି ଧମକ ଚମକ ଦେଉଥାନ୍ତି । ମୁଁ ଏପରି ପରିସ୍ଥିତି ହୋଇପାରେ ବୋଲି ଆଗରୁ ଅନୁମାନକରି ସାଦାପୋଷାକରେ ଦୁ'ଜଣ ପୋଲିସ୍ ସେଠାରେ ରଖାଇଥିଲି । ସେମାନେ ତାଙ୍କୁ ସେଠାରୁ ବାହାର କରିଦେଲେ । ସେ ଯେତେବେଳେ ଦେଖିଲେ ଗଣ୍ଡଗୋଳକରି କିଛି ଲାଭ ନାହିଁ, ଯେତେବେଳେ ସେ ଚୁପ୍ ହୋଇ ରହିଲେ ।''

''ଆପଣଙ୍କ ସ୍ତ୍ରୀ ଏସବୁ ଶୁଣିଥିଲେ ?''

''ନା, ଭଗବାନଙ୍କ ଦୟାରୁ ସେ ଶୁଣିନାହାନ୍ତି ।''

''ଆଉ ପରେ ସେ ଏଇ ମହିଳାଙ୍କ ସାଥିରେ ବୁଲୁଥିବାର ଦେଖାଗଲା ?''

''ହଁ, ଆଉ ସେଇ ଘଟଣାକୁ ସ୍କଟ୍‌ଲଣ୍ଡ୍ ୟାର୍ଡର ମିଷ୍ଟର୍ ଲେଷ୍ଟ୍ରେଡ୍ ଅତି ଗୁରୁତ୍ୱପୂର୍ଣ୍ଣ ବୋଲି ମନେକରନ୍ତି । ବିଶ୍ୱାସ କରାଯାଏ, ଫ୍ଲୋର୍ ମୋ ସ୍ତ୍ରୀଙ୍କୁ କୌଶଳରେ ବାହାରକୁ ନେଇ କୌଣସି ଫାନ୍ଦରେ ପକାଇଛି ।''

''ହଁ, ଏହା ଏକ ସମ୍ଭବପର ଅନୁମାନ ।''

''ଆପଣ ମଧ୍ୟ ସେଇଆ ଭାବୁଛନ୍ତି ?''

''ମୁଁ ସ୍ୱାଭାବିକ ବୋଲି କହୁନାହିଁ । କିନ୍ତୁ ଆପଣ ଏହାକୁ ସମ୍ଭବପର ବୋଲି ଭାବୁନାହାନ୍ତି ?''

''ଫ୍ଲୋର୍ ମାଛିକୁ ମ କହିବେ ବୋଲି ମଧ୍ୟ ମୁଁ ଭାବିପାରୁନାହିଁ ।''

''ତଥାପି ଈର୍ଷା ମଣିଷର ଚରିତ୍ର ବଦଳାଇଦେବାର ଏକ ଦୃଢ଼ କାରଣ । ଦୟାକରି ଯାହା ଘଟିଲା ସେ ବିଷୟରେ ଆପଣଙ୍କ ନିଜର ଆନୁମାନିକ ମତ କ'ଣ କହିବେ ?''

Digitized by srujanika@gmail.com

"ଦେଖନ୍ତୁ, ମୁଁ ଏଠିକି ମତନେବାପାଇଁ ଆସିଛୁ, ଦେବାପାଇଁ ନୁହେଁ । ମୁଁ ଆପଣଙ୍କୁ ସବୁ ଘଟଣା ଜଣାଇଦେଇଛୁ । କିନ୍ତୁ ଆପଣ ଯେବେ ପଚାରୁଛନ୍ତି ମୁଁ କହିବି—ସେ ହଠାତ୍ ସମାଜରେ ଏତେ ଉପରକୁ ଉଠିଛନ୍ତି ବୋଲି ଭାବିବା ଫଳରେ ତାଙ୍କର କିଛିଟା ସ୍ନାୟବିକ ଗଣ୍ଡଗୋଳ ଘଟିଯାଇଛୁ ।"

"ସଂକ୍ଷେପରେ ତା ଅର୍ଥ ହଠାତ୍ ତାଙ୍କର ମାନସିକ ବିକୃତି ଘଟିଛୁ ?"

"ବର୍ତ୍ତମାନ ପରିସ୍ଥିତିରେ ତା'ଛଡ଼ା ଅନ୍ୟ କିଛି ମୁଁ ଭାବୁନାହିଁ । କାରଣ ସେ ଯେ କେବଳ ମୋତେ ଏଡ଼େଇ ଦେଇଛନ୍ତି ତା ନୁହେଁ, ଯେଉଁ ଉଚ୍ଚ-ଆସନପାଇଁ ଅନେକେ ଚେଷ୍ଟାକରି ମଧ ସଫଳ ହୋଇନାହାନ୍ତି ତାକୁ ଅତି ସହଜରେ ପାଇ ସେ ଏଡ଼େଇ ଦେଇଛନ୍ତି ।"

ଅଳ୍ପ ହସି ହୋମସ୍ କହିଲେ, "ତା ନିଶ୍ଚୟ ଏକ ସମ୍ଭବପର ଅନୁମାନ । ଏଥର ଲର୍ଡ଼ ସେଣ୍ଟ୍ ସାଇମନ୍ ମୁଁ ଭାବୁଛୁ ମୁଁ ପ୍ରାୟ ସବୁ ତଥ୍ୟ ପାଇଗଲି । ଆଉ ଗୋଟେ ପ୍ରଶ୍ନ ଆପଣଙ୍କୁ ପଚାରିବି । ଭୋଜି ଟେବୁଲ୍ ପାଖରୁ ଝରକା ବାଟେ ଆପଣ ବାହାରଟା ଦେଖିପାରୁଥିଲେ ?"

"ଆମେ ରାସ୍ତାର ଆରପ.ଖଟା ଆଉ ପାର୍କଟା ଦେଖିପାରୁଥିଲୁ ।"

"ଠିକ୍ ଅଛୁ । ମୁଁ ଆପଣଙ୍କୁ ଆଉ ଅଟକାଇ ରଖିବାକୁ ଚାହେଁନା । ପରେ ଆପଣଙ୍କ ସଙ୍ଗେ ଯୋଗାଯୋଗ କରିବି ।"

ଆମ ମହକିଲ ଠିଆହୋଇ କହିଲେ, "ଆପଣ ଏ ସମସ୍ୟାର ସମାଧାନରେ ସଫଳ ହୁଅନ୍ତୁ ।"

"ମୁଁ ତାର ସମାଧାନ କରିସାରିଛୁ ।"

"କ'ଣ କହିଲେ ?"

"କହିଲି, ମୁଁ ସମାଧାନ କରିସାରିଛୁ ।"

"ତାହେଲେ ମୋ ସ୍ତ୍ରୀ କେଉଁଠି ?"

"ସେ କଥା ମୁଁ ଖୁବ୍ ଶୀଘ୍ର ଜଣାଇବି ।"

ମୁଣ୍ଡହଲାଇ ଲର୍ଡ଼ ସେଣ୍ଟ୍ ସାଇମନ୍ କହିଲେ, "ମୁଁ ଦେଖୁଛୁ, ଆପଣ ତା ମୋ ମୁଣ୍ଡ ଅପେକ୍ଷା ଆହୁରି ଅଧିକ ବିଜ୍ଞ-ମୁଣ୍ଡ ଏଥିପାଇଁ ଦର୍କାର ।" ଏଇ ମତ ଦେଇ ପୁରୁଣାକାଳିଆ ପଦ୍ଧତିରେ ଅଭିବାଦନ କରି ସେ ଚାଲିଗଲେ ।

Digitized by srujanika@gmail.com

ହସି ହସି ହୋମ୍‌ସ୍ କହିଲେ, "ଯାହାହେଉ, ବଡ଼ ଆନନ୍ଦର କଥା, ଲର୍ଡ଼ ସେଣ୍ଟ୍ ସାଇମନ୍ ମୋ ମୁଣ୍ଡକୁ ତାଙ୍କ ମୁଣ୍ଡ ସଙ୍ଗେ ସମାନ କରିବାର ଗୌରବ ମୋତେ ଦେଇଛନ୍ତି । ଖବୁଛି ଏତେଗୁଡ଼େ ପ୍ରଶ୍ନୋତ୍ତର ପରେ ମୋର କିଛି ହୁଇସ୍କି ଆଉ ସୋଡ଼ା ଦର୍କାର । ପ୍ରକୃତରେ ୱାଟସନ୍, ଆମ ମହକିଲ ଏଠିକି ଆସିବା ପୂର୍ବରୁ ମୁଁ ମୋର ସିଦ୍ଧାନ୍ତ କରିସାରିଥିଲି ।"

"କ'ଣ କହୁଛ, ହୋମ୍‌ସ୍ !"

"ମୋ ପାଖରେ ଏଇଭଳିଆ ଅନେକ କେଶ୍‌ର ନୋଟ୍ ସବୁ ଅଛି । ମୋର ଏ ସମୁଦାୟ ପରୀକ୍ଷା କେବଳ ମୋ ସିଦ୍ଧାନ୍ତକୁ ଦୃଢ଼କଲା । ବେଳେ ବେଳେ ପାରିପାର୍ଶ୍ୱିକ ପ୍ରମାଣ ଯଥେଷ୍ଟ ଫଳପ୍ରଦ ହୁଏ ।"

"କିନ୍ତୁ ତୁମେ ଯାହା ଶୁଣିଲ ମୁଁ ତ ସେ ସବୁ ଶୁଣିଲି ।"

"କିନ୍ତୁ ପୂର୍ବରୁ ଘଟିଥିବା କେଶ୍ ବିଷୟରେ ତୁମର ଜ୍ଞାନ ନଥିଲା । ମୋର ଜ୍ଞାନଥିବାରୁ ମୁଁ ସିଦ୍ଧାନ୍ତ କରିପାରିଲି । କେତେ ବର୍ଷ ତଳେ ଠିକ୍ ଏଇଭଳି ଗୋଟେ ଘଟଣା ଆବର୍‌ଡ଼ିନ୍‌ରେ ଘଟିଥିଲା । ଫ୍ରାନସ୍-ପ୍ରୁସିଆ ଯୁଦ୍ଧ ପର ବର୍ଷ ମଧ୍ୟ ମିଉନିଚ୍‌ରେ ଏଇପରି ଆଉ ଏକ ଘଟଣା ଘଟିଥିଲା । ଏ କେଶ୍‌ଟା ମଧ୍ୟ ଠିକ୍ ସେଇପରି; କିନ୍ତୁ ଏଇତ ଲେସ୍‌ଟ୍ରେଡ୍ ଆସିଲେଣି । ନମସ୍କାର ଲେସ୍‌ଟ୍ରେଡ୍ । ସେଇ ଥାକ ଉପରେ ଗୋଟେ ଗ୍ଲାସ୍ ଅଛି ଆଉ ସେଠି ସିଗାରେଟ୍ ତବା ଅଛି ।"

ଏଇ ସରକାରୀ ଡିଟେକ୍‌ଟିଭ୍ ଗୋଟେ କୋଟ୍ ଆଉ ନେକ୍‌ଟାଇ ପିନ୍ଧିଥାନ୍ତି । ହାତରେ ତାଙ୍କର ଗୋଟେ କଳା କାନ୍‌ଭାସ୍ ବ୍ୟାଗ୍ । ସେ ବସିପଡ଼ି ହୋମ୍‌ସ୍‌ଙ୍କ ହାତରୁ ସିଗାରେଟ୍ ଖଣ୍ଡେ ନେଇ ଲଗାଇଲେ ।

"ହୋମ୍‌ସ୍ ଟିକିଏ ଆଖିମିଟିକାମାରି କହିଲେ, "ଆଉ ଖବର କ'ଣ ? ତୁମେ କେମିତି ହତାଶ ଥିଲପରି ଜଣାଯାଉଛ ।"

"ପ୍ରକୃତରେ ମୁଁ ହତାଶ ଅନୁଭବ କରୁଛି । ଏଇ କଦର୍ଯ୍ୟ ସେଣ୍ଟ୍ ସାଇମନ୍ ବିବାହ କେଶ୍ । ମୁଁ ଘଟଣାଟାର ମୁଣ୍ଡଗଣ୍ଡି କିଛି ଜାଣିପାରୁନାହିଁ ।"

"ସତେ ? ତୁମେ ମୋତେ ବିସ୍ମିତ କରିଦେଲ ।"

Digitized by srujanika@gmail.com

"ଏମିତି ଗୋଟେ ଗଣ୍ଡଗୋଳିଆ ଘଟଣା କଏ କେବେ ଶୁଣିଥିଲା ? ସବୁ ସୂତ୍ର ମୋ ହାତରୁ ଖସିଗଲାପରି ଜଣାଯାଉଛି । ଆଜି ଦିନସାରା ମୁଁ ସେଇ କାମରେ ଲାଗିଛି ।"

"ଆଉ ପୂରା ଓଦା ହୋଇଗଲାପରି ଜଣାଯାଉଛି ।"

"ହଁ, ମୁଁ ସର୍ପେଣ୍ଟାଇନ୍ ନଈଟାରେ ଜାଲପକାଇ ଖୋଜୁଥିଲି ।"

"କିନ୍ତୁ କାହିଁକି ?"

"ଲେଡ଼ି ସେଣ୍ଟ ସାଇମନ୍‌ଙ୍କ ମୃତ ଶରୀର ଖୋଜି ବାହାରକରିବାପାଇଁ ।"

ଚଉକି ପଛକୁ ଆଉଜିପଡ଼ି ହୋମ୍‌ସ୍ ଖୁବ୍ ଜୋରରେ ହସିଉଠିଲେ । କହିଲେ, 'ଟ୍ରାଫଲ୍‌ଗାର୍ ସ୍କୋୟାର୍ ଝରଣାଟାରେ ଜାଲ ପକାଇଥିଲ' ?"

"କାହିଁକି ? ତୁମ କଥାର ଅର୍ଥ ?"

"କାରଣ ଗୋଟେ ନାଳରୁ ଏଇ ମହିଳାଙ୍କ ଦେହପାଇବାର ସମ୍ଭାବନା ଯେତିକି ଅନ୍ୟ ଗୋଟାକରୁ ପାଇବାର ସମ୍ଭାବନା ବି ସେତିକି ।"

ଲେସ୍‌ଟ୍ରେଡ୍ ଖୁବ୍ ରାଗିଯାଇ ମୋ ବନ୍ଧୁଙ୍କ ଆଡ଼କୁ ଚାହିଁଲେ ଆଉ କହିଲେ, "ତୁମେ ବୋଧହୁଏ ଏ ବିଷୟରେ ସବୁ ଜାଣ ?"

"ମୁଁ କେବଳ ଘଟଣାଗୁଡ଼ା ଶୁଣିଛି; କିନ୍ତୁ ମୋର ସିଦ୍ଧାନ୍ତ କରିସାରିଛି ।"

"ସତେ ! ତାହେଲେ ତୁମେ ଭାବୁଛ ସର୍ପେଣ୍ଟାଇନ୍‌ର ଏ କେଶ୍‌ରେ କୌଣସି ସଂପର୍କ ନାହିଁ ?"

"ମୁଁ ଭାବୁଛି ସେଟା ନିହାତି ଅସମ୍ଭବ ।"

"ତାହେଲେ ଆମେ ସେଠୁ ଏଇ ଯାହା ପାଇଲୁ ତା କିପରି ସମ୍ଭବ ବୁଝାଇ ଦିଅ ।" କହୁ କହୁ ସେ ବ୍ୟାଗ ଖୋଲି ସେଥିରୁ ଗୋଟେ ଓଦା ସିଲ୍‌କ୍‌ର ବିବାହ ପୋଷାକ, ହଳେ ଧଳାସାଟିନ୍ ଜୋତା, ଗୋଟେ ଫୁଲମାଳ ଆଉ ଗୋଟେ ଓଢ଼ଣୀ ବାହାରକରି ମେଜଉପରେ ଉପରେ ରଖିଲେ । ସବୁଗୁଡ଼ା ପାଣିରେ ଭିଜି ବେରଙ୍ଗ ହୋଇଯାଇଥିଲା । ଶେଷରେ ଗୋଟେ ନୂଆ ବିବାହ ମୁଦି ଉପରେ ରଖି ସେ କହିଲେ, "ଏଇ ଛୋଟ ଘଟଣାଟା ତୁମେ ବୁଝାଇଦିଅ, ମିଷ୍ଟର୍ ହୋମ୍‌ସ୍ ।"

Digitized by srujanika@gmail.com

ହୋମ୍‌ସ୍ ସିଗାରେଟ୍ ଧୂଆଁର କୁଣ୍ଡଳୀ ଉପରକୁ ଗୁଡ଼ୁ ଗୁଡ଼ୁ କହିଲେ, "ସତେ, ତୁମେ ସର୍ପେଣ୍ଟାଇନ୍‌ରେ ଜାଲପକାଇ ଏସବୁ ପାଇଲ ?"

"ନା, ସେଗୁଡ଼ା କୂଳରେ ଲାଗିଥିଲା । ଜଣେ ମାଲୀ ତାକୁ ପାଇଲା । ଏଗୁଡ଼ା ଲେଡ଼ି ସାଇମନ୍‌ଙ୍କ ପୋଷାକ ବୋଲି ଚିହ୍ନଟ କରାଯାଇଛି । ମୁଁ ଭାବିଲି, 'ପୋଷାକଗୁଡ଼ା ଯଦି ସେଠୁ ମିଳିଲା, ଦେହଟା ବେଶୀ ଦୂରରେ ନଥିବ' ।"

"ଏଇ ଚମତ୍କାର ଯୁକ୍ତି ପ୍ରୟୋଗକରି ଆମେ କହିବା, ଜଣେ ଲୋକର ପୋଷାକ ଯେଉଁଠି ଥିବ ତା ଦେହଟା ସେଇପାଖରେ ଥିବ । ହଉ, ତୁମେ ଏଥିରୁ କି ସିଦ୍ଧାନ୍ତରେ ପହଞ୍ଚିବାର ଆଶାକର ?"

"ଏଇ ନିରୁଦ୍ଦିଷ୍ଟ ଘଟଣାରେ ଫ୍ଲୋରା ମିଲର୍ ସମ୍ପୃକ୍ତଥିବାର କିଛି ପ୍ରମାଣ ପାଇବା ।"

"ମୋର ସନ୍ଦେହ, ସେଟା ଏତେ ସହଜ ହେବ ନାହିଁ ।"

"ସତେ, ତୁମର ସନ୍ଦେହ ?" ଲେସ୍ଟ୍ରେଡ୍ ଟିକିଏ ବିରକ୍ତହୋଇ କହି-ଉଠିଲେ । "କିନ୍ତୁ ମୋର ସନ୍ଦେହ ହୋମସ୍ ତୁମେ ତୁମର ଅନୁଶୀଳନ ଆଉ ସିଦ୍ଧାନ୍ତରେ ସେତେଟା ବାସ୍ତବ ହେଉନାହିଁ । ତୁମେ ଦୁ'ମିନିଟ୍‌ରେ ଦୁ'ଟା ଭୁଲ୍‌କରିସାରିଲଣି । ଏଇ ପୋଷାକ ନିଶ୍ଚିତଭାବେ ଫ୍ଲୋରା ମିଲର୍‌କୁ ଏ କେଶ୍‌ରେ ସମ୍ପୃକ୍ତ କରିବ ।"

"କିପରି ?"

"ଏଇ ପୋଷାକରେ ଗୋଟେ ପକେଟ୍ ଅଛି । ପକେଟ୍ ଭିତରେ ଗୋଟେ କାର୍ଡ଼ କେଶ୍ । ତା'ଭିତରେ ଖଣ୍ଡେ ଲେଖା । ଆଉ ସେ ଲେଖାଟା ଏଇଟି ।" ସେ ଟେବୁଲ୍ ଉପରେ ଲେଖାଟି ରଖିଦେଇ କହିଲେ, ଲେଖାଟା ଶୁଣ—

"ସବୁ ଠିକ୍ ହୋଇଗଲେ ମୋତେ ଦେଖାକରିବ । ଶୀଘ୍ର ଆସ— ଏଫ୍. ଏଇଚ୍. ଏମ୍ ।"

"ଏଥର ମୋର ଅନୁମାନ, ଲେଡ଼ି ସେଣ୍ଟ ସାଇମନ୍‌ଙ୍କୁ ଫ୍ଲୋରା ମିଲର୍ କୌଶଳରେ ଘରୁ ନେଇଯାଇଛି ଏବଂ ସେ ତାର ସହଯୋଗୀଙ୍କ ସହିତ ତାଙ୍କର ନିରୁଦ୍ଦିଷ୍ଟ ହେବାର ଦାୟୀ, ଠିକ୍ କି ଭୁଲ ଦେଖ । ଏଇଟି

Digitized by srujanika@gmail.com

ଫ୍ଲୋରିମିଲର୍ ନାଁର ପ୍ରଥମ ଅକ୍ଷର ଦସ୍ତଖତ ଥିବା ଲେଖା । ଦରଜା ପାଖରେ ଏଇଖଣ୍ଡି ଗୋପନରେ ତାଙ୍କ ହାତକୁ ବଢ଼ାଇଦିଆଯାଇଛି ଆଉ ସେ ଏଥିରେ ପ୍ରଲୋଭିତ ହୋଇ ତାଙ୍କ ହାତ ମୁଠାକୁ ଚାଲିଆସିଛନ୍ତି ।"

ହସି ହସି ହୋମ୍ସ୍ କହିଲେ, "ଚମତ୍କାର ଲେସ୍‌ଟ୍ରେଡ୍ । ଦେଖି ଦେଖି ସେଟା ।"

ସେ ବିଶେଷ ଆଗ୍ରହ ପ୍ରକାଶ ନକରି କାଗଜଖଣ୍ଡ ନେଲେ । କିନ୍ତୁ ହଠାତ୍ ତାଙ୍କର ଭାବ ବଦଳିଗଲା ଆଉ ସେ ତୃପ୍ତହୋଇ କହିଉଠିଲେ, "ଏଇଟା ବାସ୍ତବିକ୍ ଅତି ଗୁରୁତ୍ୱପୂର୍ଣ୍ଣ ।"

"ବାଃ, ଏବେ ଦେଖିଲ ତ ।"

"ହଁ, ଅତି ଗୁରୁତ୍ୱପୂର୍ଣ୍ଣ । ମୁଁ ତୁମକୁ ଅଭିନନ୍ଦନ ଜଣାଉଛି ।"

ଲେସ୍‌ଟ୍ରେଡ୍ ଗର୍ବରେ ଉଠି ଲହିପଡ଼ି ସେ ଆଡ଼କୁ ଚାହିଁଲେ । ଚିତ୍କାରକରି କହିଉଠିଲେ, "ଏ କ'ଣ ତୁମେ ଓଲଟାପାଖଟା ଦେଖୁଛ !"

"ବରଂ ଏଇଟା ଠିକ୍ ପାଖ ।"

"ଠିକ୍ ପାଖ ? ତୁମେ କ'ଣ ପାଗଳ ? ଏଇଠି ଚିଠିଟା ପେନ୍‌ସିଲ୍‌ରେ ଲେଖାହୋଇଛି ।"

"ଆଉ ଏଇ ଯେଉଁ ଲେଖାଟା, ଗୋଟେ ହୋଟେଲ୍ ବିଲ୍‌ର କିଛି ଅଂଶ ବୋଲି ମୋର ମନେହେଉଛି, ସେଥିରେ ମୁଁ ବିଶେଷ ଆଗ୍ରହୀ ।"

"ମୁଁ ଆଗରୁ ସେଟା ଦେଖିଛି । ସେଥିରେ କିଛି ବିଶେଷତ୍ୱ ନାହିଁ ।"

"ଅକ୍ଟୋବର ୪, ଘରଭଡ଼ା ୮ ଶିଲିଂ, ଜଳଖିଆ ୨ ଶିଲିଂ ୬ ପେନ୍ସ୍, କକ୍‌ଟେଲ୍ ୧ ଶିଲିଂ, ଲଞ୍ଚ୍ ୨ ଶିଲିଂ ୬ ପେନ୍ସ୍, ସେରିଗ୍ଲାସ ୮ ପେନ୍ସ୍ ।

"ଏଥିରେ କ'ଣ ଅଛି ମୁଁ ଦେଖିପାରୁନାହିଁ ।"

"ହଁ, ଦେଖିପାରୁନଥିବ । ତଥାପି ଏଇଟା ଗୁରୁତ୍ୱପୂର୍ଣ୍ଣ । ଆଉ ଚିଠିଟା ମଧ୍ୟ ଗୁରୁତ୍ୱପୂର୍ଣ୍ଣ, ଅନ୍ତତଃ ଦସ୍ତଖତଟା । ତେଣୁ ମୁଁ ତୁମକୁ ପୁଣି ଥରେ ଅଭିନନ୍ଦନ ଜଣାଉଛି ।"

ଲେସ୍‌ଟ୍ରେଡ୍ ଉଠି ଠିଆହୋଇ କହିଲେ, "ମୁଁ ଢେର୍ ସମୟ ନଷ୍ଟ-କଲିଣି । ମୁଁ କାମରେ ବିଶ୍ୱାସକରେ, ନିଆଁ ପାଖରେ ବସି ଅଳୀକ କଳ୍ପନା

Digitized by srujanika@gmail.com

କରିବାରେ ନୁହେଁ । ବିଦାୟ ମିଷ୍ଟର୍ ହୋମ୍‌ସ୍ । ଆମେ ଦେଖିବା କିଏ ଶୀଘ୍ର ଏହାର ମୂଳ ଭେଦ କରିପାରୁଛି ।" ସେ ପୋଷାକଗୁଡ଼ା ଏକାଠି କରି ବ୍ୟାଗ୍‌ରେ ପୂରାଇ ଦରଜା ଆଡ଼କୁ ଚାଲିଲେ ।

"ତୁମପାଇଁ କେବଳ ଗୋଟେ ସୂଚନା ଲେସ୍‌ଟ୍ରେଡ୍," ତାଙ୍କର ପ୍ରତିଦ୍ୱନ୍ଦ୍ୱୀ ଚାଲିଯିବା ପୂର୍ବରୁ ହୋମ୍‌ସ୍ କହିଲେ । "ମୁଁ ତୁମକୁ ଏ ସମସ୍ୟାର ପ୍ରକୃତ ସମାଧାନ କହିଦେଉଛି । ଲେଡ଼ି ସେଣ୍ଟ୍‌ ସାଇମନ୍ କେବଳ ଏକ କାଳ୍ପନିକ ବ୍ୟକ୍ତି । ସେ କାଁରେ କେହି ବ୍ୟକ୍ତି ନାହାନ୍ତି ବା କେବେ ନଥିଲେ ।"

ଲେସ୍‌ଟ୍ରେଡ୍ ହୋମ୍‌ସ୍‌ଙ୍କ ଆଡ଼କୁ କରୁଣ ଦୃଷ୍ଟିରେ ଚାହିଁଲେ । ତାପରେ ମୋ ଆଡ଼କୁ ମୁହଁ କରି ନିଜ କପାଳରେ ତିନିଥର ଟିପିମାରିଲେ । ଧୀର ସ୍ଥିର ଭାବରେ ମୁଣ୍ଡ ହଲାଇ ଶୀଘ୍ର ଚାଲିଗଲେ ।

ସେ ପଛରୁ ଦରଜାଟା ବନ୍ଦ କରୁ ନ କରୁଣୁ ହୋମ୍‌ସ୍ ଉଠି ତାଙ୍କ ଓଭର୍‌-କୋଟ୍‌ଟା ପିନ୍ଧିନେଲେ । "ଘରବାହାରେ କାମ କରିବା ବିଷୟରେ ଲେସ୍‌ଟ୍ରେଡ଼ ଯାହା କହିଲେ ତାର ନିଶ୍ଚୟ କିଛି ମୂଲ୍ୟ ଅଛି", ସେ କହିଲେ । "ତେଣୁ ମୁଁ ଭାବୁଛି ଉଆଟ୍‌ସନ୍ କିଛି ସମୟ ପାଇଁ ମୁଁ ତୁମକୁ ତୁମ କାଗଜ ମେଲରେ ଛାଡ଼ିଦେବି ।"

ମୋତେ ଛାଡ଼ି ହୋମ୍‌ସ୍ ପାଞ୍ଚଟା ପରେ ବାହାରିଗଲେ । କିନ୍ତୁ ଏକା ରହିବା ପାଇଁ ମୋତେ ସମୟ ମିଳିଲା ନାହିଁ । କାରଣ ଘଣ୍ଟାଏ ଭିତରେ ମିଠାଦୋକାନର ଜଣେ ଲୋକ ଗୋଟେ ବଡ଼ ବାକ୍‌ସ ଧରି ପହଞ୍ଚିଲା । ତା ସାଥିରେ ଆସିଥିବା ଜଣେ ଟୋକା ସାହାଯ୍ୟରେ ସେଇଟାକୁ ଖୋଲିଲା । ତାପରେ ଆମ ମାହୋଗାନି ଟେବୁଲ୍ ଉପରେ ବେଶ୍ ରୁଚିକର ଖାଦ୍ୟ ସଜାଇ ରଖିଲା । ମୁଁ ବିସ୍ମିତ ହୋଇଗଲି । ସେସବୁ ରଖିଦେଇ ଆରବ ରଜନୀର ପରୀ ଭଳି ଦୁଆଡ଼େ ଉଭେଇଗଲେ । ଏଇ ଠିକଣାରେ ଜିନିଷ ଦେବା ପାଇଁ ସେମାନେ ଆଦେଶ ପାଇଛନ୍ତି ବୋଲି କହିବା ବ୍ୟତୀତ ଆଉ ପଦେ କିଛି କହିଲେ ନାହିଁ ।

ଠିକ୍ ନଅଟା ପୂର୍ବରୁ ହୋମ୍‌ସ୍ ବେଶ ପ୍ରଫୁଲ୍ଲ ମନରେ ଘର ଭିତରକୁ ପଶିଆସିଲେ । ତାଙ୍କ ମୁହଁ ଅବଶ୍ୟ ଗମ୍ଭୀର ଥିଲା । କିନ୍ତୁ ତାଙ୍କ ଉଜ୍ଜ୍ୱଳ

Digitized by srujanika@gmail.com

ଆଖିରୁ ଜାଣିଲି ଯେ ତାଙ୍କର ସିଦ୍ଧାନ୍ତରେ ସେ ହତାଶ ହୋଇନାହାନ୍ତି । ହାତ ମଳି ମଳି ସେ କହିଲେ, "ସେମାନେ ତେବେ ଖାଦ୍ୟ ଦ୍ରବ୍ୟ ଦେଇ ଯାଇଛନ୍ତି ।"

"କେହି ଆସିବା ତୁମେ ଆଶା କରୁଛ । ସେମାନେ ପାଞ୍ଚଜଣଙ୍କ ପାଇଁ ରଖିଯାଇଛନ୍ତି ।"

"ହଁ, ମୋର ଆଶା ଆମ ଏଠିକି କେତେକ ଅତିଥି ଆସିବେ । ଲର୍ଡ଼ ସେଣ୍ଟ୍ ସାଇମନ୍ ଏଯାଏଁ କିପରି ଆସିନାହାଁନ୍ତି ମୁଁ ଆଶ୍ଚର୍ଯ୍ୟ ହେଉଛି ! ଏଇ ପାହାଚ ଉପରେ ତାଙ୍କ ପାଦଶବ୍ଦ ଶୁଣାଗଲା ବୋଧହୁଏ ?"

ପ୍ରକୃତରେ ଉପରବେଳା ଆସିଥିବା ଆମ ଅତିଥି ଘର ଭିତରକୁ ଆସିଲେ । ଚଷମାଟା ହାତରେ ଖୁବ୍ ଜୋର୍‌ରେ ବୁଲାଉଥାନ୍ତି । ତାଙ୍କ ଆଭିଜାତ୍ୟପୂର୍ଣ୍ଣ ମୁହଁରେ ବିଚଳିତ ଭାବ ।

"ମୋ ବାର୍ତ୍ତାବହ ତା'ହେଲେ ଆପଣଙ୍କ ପାଖକୁ ଯାଇଥିଲା ?" ହୋମ୍ସ୍ ପଚାରିଲେ ।

"ହଁ, ଆଉ ମୁଁ ସ୍ୱୀକାର କରୁଛି ଆପଣଙ୍କ ଚିଠିରେ ମୁଁ ଅତିମାତ୍ରାରେ ଚକିତ ହୋଇଯାଇଛି । ଆପଣ ଯାହା ଲେଖିଛନ୍ତି ତାର ପ୍ରମାଣ ଆପଣଙ୍କ ପାଖରେ ଅଛି ?"

"ସବୁଠୁ ଭଲ ପ୍ରମାଣ ।"

ଲର୍ଡ଼ ସେଣ୍ଟ୍ ସାଇମନ୍ ଲଥକିଗ ଗୋଟେ ଚଉକିରେ ବସିପଡ଼ି କପାଳରେ ହାତମାରି କହିଲେ, "ହେ ଭଗବାନ ! ତାଙ୍କ ପରିବାରର ଜଣେ ଲାଞ୍ଛିତ ହୋଇଛି ଶୁଣିଲେ ଡିଉକ୍ କ'ଣ କହିବେ ?"

"ଏଇଟା ସ୍ୱାଭାବିକ ଗୋଟେ ଦୈବୀ ଯୋଗ । ଏଥିରେ କିଛି ଲାଞ୍ଛନା ଅଛି ବୋଲି ମୁଁ ମନେକରୁନାହିଁ ।"

"ଆପଣ ଘଟଣାଟାକୁ ଭିନ୍ନ ଦୃଷ୍ଟିକୋଣରୁ ଦେଖୁଛନ୍ତି ।"

"ଏଥିରେ କାହାକୁ ଦୋଷଦିଆଯିବ ମୁଁ ଦେଖିପାରୁନାହିଁ । ଭଦ୍ରମହିଳା ଆଉ ବା କ'ଣ କରିଥାନ୍ତେ ମୁଁ ଭାବିପାରୁନାହିଁ । ଅବଶ୍ୟ ତାଙ୍କର ହଠାତ୍

Digitized by srujanika@gmail.com

ଏପରି କରିବାଟା ପରିତାପର ବିଷୟ । ତାଙ୍କର ତ ମା' ନାହାନ୍ତି । ଏ ଜଟିଳ ପରିସ୍ଥିତିରେ କିଏ ତାଙ୍କୁ ଉପଦେଶ ଦେଇଥାନ୍ତା ?''

''ଏଟା ନିହାତି ଅବମାନନା, ସର୍ବସାଧାରଣରେ ଅବମାନନା,'' ଲର୍ଡ଼ସେଣ୍ଟ୍‌ସାଇମନ୍ ଟେବୁଲ୍ ଉପରେ ଆଙ୍ଗୁଠି ଟିପମାରି କହିଲେ ।

''ବିଚରା ଝିଅଟି ଏପରି ଏକ ଅପ୍ରତ୍ୟାଶିତ ପରିସ୍ଥିତିରେ ପଡ଼ିଗଲା । ତେଣୁ ଆପଣ ତା'ପ୍ରତି କିଛିଟା ଅନୁକମ୍ପା ପ୍ରକାଶ କରନ୍ତୁ ।''

''ମୋର କୌଣସି ଅନୁକମ୍ପା ନାହିଁ । ପ୍ରକୃତରେ ମୁଁ ଖୁବ୍ ରାଗିଯାଇଛି । ମୋ ପ୍ରତି ଅତି ଲଜ୍ଜାଜନକ ବ୍ୟବହାର କରାଯାଇଛି ।''

ହୋମ୍‌ସ୍ କହିଲେ, ''ଏଇ ବେଲ୍ ଶବ୍ଦ ଶୁଣାଗଲା ବୋଧହୁଏ । ହଁ, ପାହାଚ ଉପରେ ପାଦଶବ୍ଦ ଶୁଣାଯାଉଛି । ମୁଁ ଯଦି ଆପଣଙ୍କୁ ପ୍ରବୋଧିଇ ପାରିଲି ନାହିଁ ଲର୍ଡ଼ ସେଣ୍ଟ୍‌ସାଇମନ୍ ଏଇ ଜଣେ ଆଡ଼ଭୋକେଟ୍‌ଙ୍କୁ ମୁଁ ଡକାଇଛି । ସେ ବୋଧହୁଏ ସଫଳ ହୋଇପାରନ୍ତି ।'' ସେ ଦରଜା ଖୋଲି ଜଣେ ଭଦ୍ରମହିଳା ଆଉ ଜଣେ ଭଦ୍ରଲୋକଙ୍କୁ ଭିତରକୁ ଡାକିନେଲେ । ତାପରେ କହିଲେ, ''ଆପଣଙ୍କ ସହିତ ମିସେସ୍ ଆଉ ମିଷ୍ଟର୍ ଫ୍ରାନ୍‌ସିସ୍ ହେ ମୋଲ୍‌ଟନ୍‌ଙ୍କୁ ପରିଚିତ କରାଇଦିଏ ଲର୍ଡ଼ ସେଣ୍ଟ୍‌ସାଇମନ୍ । ମୁଁ ଭାବୁଛି ଭଦ୍ରମହିଳାଙ୍କୁ ଆପଣ ଆଗରୁ ଦେଖିଛନ୍ତି ।''

ନୂତନ ଆଗନ୍ତୁକମାନଙ୍କୁ ଦେଖି ଆମ ମହକିଲ ଚଉକିରୁ ଉଠି ସିଧା ସଳଖ ଠିଆହୋଇଗଲେ । ତାଙ୍କ ଆଖି ଦି'ଟା ତଳକୁ ଆଉ ହାତ ଦି'ଟା କୋଟ ପକେଟ୍‌ରେ ଥାଏ । ଅପମାନିତ ଆଭିଜାତ୍ୟର ଏକ ପ୍ରତିମୂର୍ତ୍ତି । ଭଦ୍ର-ମହିଳା ଆଗକୁ ପାଦ ବଢ଼ାଇ ତାଙ୍କ ଆଡ଼କୁ ହାତ ବଢ଼ାଇଲେ । ତଥାପି ସେ ଉପରକୁ ଚାହିଁଲେ ନାହିଁ । ତାଙ୍କର ଏ ବିଚାର ବୋଧହୁଏ ଠିକ୍ ଥିଲା । କାରଣ ଭଦ୍ରମହିଳାଙ୍କ ଅନୁଯୋଗପୂର୍ଣ୍ଣ ମୁହଁକୁ ଚାହିଁ ସମ୍ଭାଳିବା କଷ୍ଟକର ହୋଇଥାନ୍ତା ।

ଭଦ୍ରମହିଳା କହିଲେ, ''ତୁମେ ରାଗିଯାଇଛ, ରବର୍ଟ । ହଁ, ରାଗିବାର ଯଥେଷ୍ଟ କାରଣ ଅଛି । ମୋତେ କ୍ଷମାକର ।''

Digitized by srujanika@gmail.com

"ମୋତେ କ୍ଷମା ମାଗିବା ଦର୍କାର ନାହିଁ," ଲର୍ଡ଼ ସେଣ୍ଟ୍ ସାଇମନ୍ ରୁକ୍ଷଭାବରେ କହିଲେ ।

"ହଁ, ମୁଁ ଜାଣେ ମୁଁ ତୁମ ପ୍ରତି ଅତି ଖରାପ ବ୍ୟବହାର କରିଛି । ଯିବା ପୂର୍ବରୁ ମୋର ତୁମକୁ କହିବା ଉଚିତ ଥିଲା; କିନ୍ତୁ ମୁଁ ବଡ଼ ବିଚଳିତ ହୋଇ-ପଡ଼ିଥିଲି । ଫ୍ରାଙ୍କ୍‌ଙ୍କୁ ଏଠି ପୁଣି ଦେଖିଲାବେଳୁ ମୁଁ କ'ଣ କରୁଛି ବା କ'ଣ କହୁଛି ନିଜେ ବି ବୁଝିପାରୁନଥିଲି । ମୁଁ ଆଶ୍ଚର୍ଯ୍ୟ ହେଉଛି, ସେ ବେଦିଉପରେ ମୁଁ କିପରି ଅଜ୍ଞାନ ହୋଇ ପଡ଼ିନଗଲି ।"

"ବୋଧହୁଏ ମୁଁ ଆଉ ମୋ ବନ୍ଧୁ ଏଠୁ ଚାଲିଗଲେ ଆପଣ ତାଙ୍କୁ ଘଟଣାଟା ଭଲ ଭାବରେ ବୁଝାଇଦେଇପାରିବେ ମିସେସ୍ ମୋଲ୍‌ଟନ୍," ହୋମ୍ସ୍ କହିଲେ ।

ଅଜ୍ଞାତ ଭଦ୍ରଲୋକ କହିଲେ, "ଏ ଘଟଣାରେ ଆମେ ଯଥେଷ୍ଟ ଗୋପ-ନୀୟତା ରକ୍ଷା କରିସାରିଲୁଣି । ମୋ ମତରେ ସାରା ଇଉରୋପ ଆଉ ଆମେରିକା ଆମର ଦାବୀ କଥା ଜାଣିବା ଦର୍କାର ।"

"ତାହେଲେ ମୁଁ ବର୍ତ୍ତମାନ ଆମ କଥା କହୁଛି ।" ଭଦ୍ରମହିଳା କହିଲେ । "ଏଇ ଫ୍ରାଙ୍କ୍ ଆଉ ମୋ ଭିତରେ ପ୍ରଥମ ସାକ୍ଷାତ ହେଲା ୧୮୮୪ ମସିହାରେ ଗୋଟିଏ ଖଣି ନିକଟ ରକିଜ୍ ପାଖ ମ୍ୟାକ୍‌କ୍ୱାୟାର୍‌ଙ୍କ କ୍ୟାମ୍ପ୍‌ରେ । ବାପା ସେଠି କାମ କରୁଥିଲେ । ଆମେ ପରସ୍ପର ବିବାହ କରିବାକୁ ସତ୍ୟକଲୁ । ତାପରେ ହଠାତ୍ ବାପା ତାଙ୍କ ଖଣିରୁ ଯଥେଷ୍ଟ ସମ୍ପତ୍ତି ପାଇଗଲେ । ବିଚରା ଫ୍ରାଙ୍କ୍‌ର ଖଣିରୁ କିଛି ଫଳ ହେଲାନାହିଁ । ବାପା ଯେତିକି ଯେତିକି ଧନୀ ହେଲେ ଫ୍ରାଙ୍କ୍ ସେତିକି ସେତିକି ଗରିବ ହୋଇଗଲେ । ଶେଷରେ ବାପା ଆମର ବିବାହ ସତ୍ୟ କଥାରେ ମୋଟେ କାନ ଦେଲେ ନାହିଁ ଆଉ ମୋତେ ଧରି ସାନ୍‌ଫ୍ରାନ୍‌ସିସ୍କୋ ଚାଲିଆସିଲେ । ଫ୍ରାଙ୍କ୍ କିନ୍ତୁ ମୋତେ ଭୁଲି ପାରିଲେ ନାହିଁ । ସେ ଆମ ପଛେ ପଛେ ଆସିଲେ । ସେଠି ବାପାଙ୍କ ଅଜାଣାରେ ସେ ମୋ ସାଥିରେ ଦେଖାକଲେ । ବାପା ଜାଣିଥିଲେ ରାଗରେ ପାଗଳ ହୋଇଯାଇଥାନ୍ତେ । ତେଣୁ ଆମେ ନିଜେ ନିଜେ ସବୁ ଠିକ୍ କଲୁ । ଫ୍ରାଙ୍କ୍ କହିଲେ, 'ସେ ବି ଧନ ରୋଜଗାର କରିବେ ଆଉ ବାପାଙ୍କ ପରି

ଧନୀ ନହେବା ଯାଏଁ ମୋତେ ଦାବି କରିବାକୁ ଆସିବେନାହିଁ ।'' ମୁଁ ମଧ୍ୟ ତାଙ୍କ ପାଇଁ ଅପେକ୍ଷା କରିବାକୁ ପ୍ରତିଶ୍ରୁତି ଦେଲି ଆଉ ପଣ କଲି 'ସେ ବଞ୍ଚି ଥାଉ ଥାଉ ଅନ୍ୟ କାହାକୁ ବିବାହ କରିବି ନାହିଁ ।' 'ତା'ହେଲେ ଆମେ ବର୍ତ୍ତମାନ ବିବାହ ନ କରିବା କାହିଁକି ? ମୁଁ ତୁମ ବିଷୟରେ ନିଶ୍ଚିତ ହୋଇଯିବି । ଆଉ ମୁଁ ପୁଣି ଫେରିବା ପୂର୍ବରୁ ତୁମର ସ୍ୱାମୀ ବୋଲି ଦାବି କରିବି ନାହିଁ ।' ଆମେ ସେ ବିଷୟରେ ଆଲୋଚନା କଲୁ । ସେ ସବୁ ଠିକ୍‌ଠାକ୍ କରିଥିଲେ । ଜଣେ ଧର୍ମଯାଜକ ଅପେକ୍ଷା କରିଥିଲେ ଆଉ ଆମେ ସେଇଠି ଆମର ବିବାହ କାମ ଶେଷ କରିଦେଲୁ । ଫ୍ରାଙ୍କ୍ ତାଙ୍କର ଭାଗ୍ୟ ଅନ୍ୱେଷଣ କରିବାକୁ ଚାଲିଗଲେ ଆଉ ମୁଁ ଘରକୁ ବାପାଙ୍କ ପାଖକୁ ଫେରିଲି ।

''ତାପରେ ଫ୍ରାଙ୍କଙ୍କ ବିଷୟରେ ଶୁଣିଲି ଯେ, ସେ ମୋଣ୍ଟାନାରେ ଅଛନ୍ତି, ତାପରେ ଆରିଜୋନାରେ ସେ ବେଶ୍ ଉନ୍ନତି କରି ଚାଲିଛନ୍ତି । ତାପରେ ସେ ନିଉ ମେକ୍ସିକୋରେ ଥିବାର ଶୁଣିଲି । ପୁଣି ଖବରକାଗଜରେ ଗୋଟେ ସମ୍ବାଦ ପ୍ରକାଶ ପାଇଲା ଯେ, ଏପେକ୍ ଭାରତୀୟମାନେ ଖଣି ମାଲିକମାନଙ୍କର ଗୋଟାଏ କ୍ୟାମ୍ପ୍ ଆକ୍ରମଣ କରିଛନ୍ତି ଆଉ ମୃତବ୍ୟକ୍ତିମାନଙ୍କ ତାଲିକାରେ ମୋ ଫ୍ରାଙ୍କଙ୍କ ନାଁ ଥିଲା । ମୁଁ ସେଇଠି ଚେତାହରାଇ ପଡ଼ିଗଲି ଏବଂ କେତେ ମାସଯାଏଁ ଭଲହେଲିନାହିଁ । ବାପା ଭାବିଲେ ମୋ ଦେହ ବିଶେଷ ଅସୁସ୍ଥ ଆଉ ମୋତେ ସାନଫ୍ରାନ୍‌ସିସ୍କୋର ଅଧିଡ଼ଜକନେ ଡାକ୍ତରଙ୍କ ପାଖକୁ ନେଇ ଦେଖାଇଲେ । ବର୍ଷେ ପର୍ଯ୍ୟନ୍ତ ଆଉ କିଛି ଖବର ମିଳିଲା ନାହିଁ, ତେଣୁ ଫ୍ରାଙ୍କ୍ ପ୍ରକୃତରେ ମୃତ ବୋଲି ମୋର ସନ୍ଦେହ ରହିଲା ନାହିଁ । ତାପରେ ଲର୍ଡ଼ ସେଣ୍ଟ ସାଇମନ୍ ଫ୍ରାନ୍‌ସିସ୍କୋ ଆସିଲେ ଆଉ ଆମେ ଲଣ୍ଡନ ଆସିଲୁ ଏବଂ ଆମର ବିବାହର ପ୍ରସ୍ତାବ ହେଲା । ବାପା ଖୁବ୍ ଖୁସିହେଲେ; କିନ୍ତୁ ମୁଁ ସବୁବେଳେ ଭାବୁଥାଏ, ବିଚରା ଫ୍ରାଙ୍କ୍ ମୋ ହୃଦୟରେ ଯେଉଁ ଆସନ ଗ୍ରହଣ କରିଛନ୍ତି ତା ଏ ଦୁନିଆର କେହି ଆଉ ପାଇପାରିବେନାହିଁ ।

''ତଥାପି ମୁଁ ଯଦି ଲର୍ଡ଼ ସେଣ୍ଟ ସାଇମନ୍‌ଙ୍କୁ ବିବାହ କରିଥାନ୍ତି ତେବେ ସ୍ତ୍ରୀ ଭାବରେ ମୋର କର୍ତ୍ତବ୍ୟ କରିଥାନ୍ତି । କାରଣ ଆମେ ପ୍ରେମ ଜବରଦସ୍ତି ଜୋର୍‌କରି ଆଦାୟ କରିପାରିବାନାହିଁ । ମୁଁ ତାଙ୍କ ସହିତ ବେଦୀ

Digitized by srujanika@gmail.com

ପାଖକୁ ଗଲି । ମୋର ଉଦ୍ଦେଶ୍ୟ ଥିଲା ଯେତେ ଦୂର ସମ୍ଭବ ସ୍ୱାଭାବିକ ଭାବରେ ମୋର କର୍ତ୍ତବ୍ୟ କରିଯିବି । କିନ୍ତୁ ବେଦୀ ପାଖରେ ପହଞ୍ଚି ପଛକୁ ଚାହିଁ ଦେଖିଲି ପ୍ରଥମ ଧାଡ଼ିରେ ଠିଆହୋଇ ଫ୍ରାଙ୍କ୍ ମୋ ଆଡ଼କୁ ଚାହିଁଛନ୍ତି । ସେତେବେଳେ ମୁଁ କିପରି ଅନୁଭବ କରିଥିବି କଳ୍ପନାକରନ୍ତୁ । ପ୍ରଥମେ ଭାବିଲି ସେଟା ତାଙ୍କର ପ୍ରେତାତ୍ମା; କିନ୍ତୁ ପୁଣି ଥରେ ଯେତେବେଳେ ଚାହିଁଲି ସେ ସେଇଠି ଠିଆ ହୋଇଥାନ୍ତି । ମୋ ଆଡ଼କୁ ପ୍ରଶ୍ନବାଚକ ଦୃଷ୍ଟିରେ ଚାହିଁଥାନ୍ତି ଯତେ ଯେମିତି ପଚାରୁଥାନ୍ତି, ତାଙ୍କୁ ଦେଖି ମୁଁ ଆନନ୍ଦିତ କି ଦୁଃଖିତ । ଆଶ୍ଚର୍ଯ୍ୟର କଥା ମୁଁ ତାଙ୍କଠୁ ଆଖି ଫେରାଇ ଆଣିପାରିଲିନାହିଁ । ସବୁ ଯେମିତି ଓଲଟପାଲଟ ହୋଇଗଲା । ଧର୍ମଯାଜକଙ୍କ କଥାଗୁଡ଼ା ମହୁମାଛିର ଗୁଣୁଗୁଣୁ ଶବ୍ଦ ପରି ମୋ କାନରେ ବାଜିଲା । କ'ଣ କରିବି ମୁଁ ଜାଣିପାରିଲିନାହିଁ । ମନ୍ତ୍ରପାଠ ବନ୍ଦ କରାଇ ଦେଇ ଗୀର୍ଜାରେ ଗୋଟେ ନୂଆ ଦୃଶ୍ୟ ସୃଷ୍ଟି କରିବି ? ମୁଁ ପୁଣି ଥରେ ତାଙ୍କ ଆଡ଼କୁ ଚାହିଁଲି ଆଉ ସେ ମୋର ଭାବନା ଜାଣିପାରିଲା ପରି ଜଣାଗଲା କାରଣ ସେ ଓଠ ପାଖକୁ ଆଙ୍ଗୁଠି ନେଇ ମୋତେ ଚୁପ୍ ରହିବାକୁ ନିର୍ଦ୍ଦେଶ ଦେଲେ ଯେପରି । ତାପରେ ଦେଖିଲି ସେ ଖଣ୍ଡେ କାଗଜରେ କ'ଣ ଲେଖିପକାଇଲେ । ମୁଁ ଜାଣିଲି ସେ ମୋ ପାଖକୁ କିଛି ଚିଠି ଲେଖୁଛନ୍ତି । ସେଇ ବାଟଦେଇ ଫେରିଲାବେଳକୁ ମୁଁ ଫୁଲତୋଡ଼ାଟା ପକାଇଦେଲି । ସେ ସେଟା ତଳୁ ଉଠାଇ ମୋତେ ବଢ଼ାଇଦେଲାବେଳେ ଚିଠିଟି ତା'ଭିତରେ ଦେଇଦେଲେ । ସେଥିରେ କେବଳ ଲେଖାଥିଲା ସେ ଯେତେ-ବେଳେ ସଙ୍କେତ ଦେବେ ମୁଁ ଯାଇ ତାଙ୍କ ପାଖରେ ପହଞ୍ଚିବି । ଅବଶ୍ୟ ଏବେ ମୁଁ ଜାଣିଲି ମୋର ପ୍ରଥମ କର୍ତ୍ତବ୍ୟ ତାଙ୍କ ପ୍ରତି । ତେଣୁ ଠିକ୍ କଲି ସେ ଯାହା ନିର୍ଦ୍ଦେଶ ଦେବେ ସେଇ ଅନୁସାରେ କାମ କରିବି ।

"ଫେରିଲା ପରେ ମୁଁ ମୋ ଚାକରାଣୀକୁ ସବୁ କଥା କହିଲି । ସେ ଫ୍ରାଙ୍କ୍‌ଙ୍କୁ କାଲିଫର୍ଣ୍ଣିଆରେ ଜାଣିଥିଲା ଆଉ ତାଙ୍କର ବିଶ୍ୱସ୍ତ ବନ୍ଧୁ ବି ଥିଲା । କାହାକୁ କିଛି ନ କହିବାକୁ ଆଉ ମୋର କେତେଟା ଜିନିଷ ପ୍ୟାକ୍ କରି ମୋ ଲମ୍ବା, ଢିଲା ଫ୍ରକଟା ଠିକ୍ କରି ରଖିବାକୁ ତାକୁ ଆଦେଶ ଦେଲି । ମୁଁ ଜାଣେ, ଲର୍ଡ ସେଣ୍ଟ ସାଇମନ୍‌ଙ୍କୁ ସେତେବେଳେ ସବୁ କଥା କହିଦେବା ମୋର

Digitized by srujanika@gmail.com

ଉଚିତ ଥିଲା । କିନ୍ତୁ ତାଙ୍କ ମା' ଆଉ ଏତେ ଭଦ୍ରଲୋକଙ୍କ ଆଗରେ କହିବାଟା ଅସମ୍ଭବ ହୋଇପଡ଼ିଲା । ଠିକ୍ କଲି ସେଠୁ ଚାଲିଯିବି ଆଉ ପରେ ତାଙ୍କୁ ସବୁ କଥା ବୁଝାଇଦେବି । ଟେବୁଲ୍ ପାଖରେ ଦଶ ମିନିଟ୍ ବସିଛି କି ନାହିଁ, ଝରକାବାଟେ ଦେଖିଲି ରାସ୍ତା ଆର ପାଖରେ ଫ୍ରାଙ୍କ । ସେ ମୋତେ ଠାରି ଦେଇ ପାର୍କ ଭିତରକୁ ଚାଲିଗଲେ । ମୁଁ ସେଠୁ ଉଠିଯାଇ ଜାମା ଆଉ ଟୋପିଟା ପିନ୍ଧି ବାହାରିଗଲି । ଜଣେ ସ୍ତ୍ରୀ ଲୋକ କୁଆଡ଼ୁ ଆସି ଲର୍ଡ଼ ସେଣ୍ଟ ସାଇମନ୍‌ଙ୍କ ବିଷୟରେ ଏଣ୍ଡେତେଣ୍ଡୁ କ'ଣ ଗୁଡ଼ାଏ କହିଲା । ଯେତିକି ଶୁଣିପାରିଲି ସେଥିରୁ ଜଣାଗଲା ଯେମିତି ବିବାହ ପୂର୍ବରୁ ତାଙ୍କର ବି କିଛି ଗୁପ୍ତକଥା ଥିଲା । କିନ୍ତୁ ମୁଁ କୌଣସି ପ୍ରକାରେ ସେ ସ୍ତ୍ରୀ ଲୋକ ପାଖରୁ ଖସିଯାଇ ଫ୍ରାଙ୍କଙ୍କ ପାଖରେ ପହଞ୍ଚିଲି । ଆମେ ଗୋଟେ ଘୋଡ଼ା ଗାଡ଼ିରେ ବସିଗଲୁ ଆଉ ଗର୍ଡ଼ନ୍‌ଷ୍ଟ୍ରୀଟ୍‌ରେ ସେ ଠିକ୍ କରିଥିବା ଗୋଟେ ଘରକୁ ଚାଲିଗଲୁ । ଦୀର୍ଘଦିନର ପ୍ରତୀକ୍ଷା ପରେ ସେଇ ହେଲା ମୋର ପ୍ରକୃତ ବିବାହ । ଫ୍ରାଙ୍କଙ୍କୁ ଏପେଚ୍‌ମାନେ ବନ୍ଦୀକରି ନେଇଯାଇଥିଲେ; କିନ୍ତୁ ସେ କୌଣସି ପ୍ରକାରେ ଖସିଆସିଲେ । ସାନ୍‌ଫ୍ରାନ୍‌ସିସ୍‌କୋ ଆସି ଦେଖିଲେ ମୁଁ ତାଙ୍କୁ ମୃତବୋଲି ଧରିନେଇଛି ଆଉ ଇଂଲଣ୍ଡ ଚାଲିଆସିଛି । ସେ ଆମ ପଛେ ପଛେ ଏଠିକି ଆସିଲେ ଆଉ ମୋ ଦ୍ୱିତୀୟ ବିବାହ ଦିନ ଠିକ୍ ସକାଳେ ଆମର ଭେଟ ହେଲା ।"

ଆମେରିକାନ୍ ଭଦ୍ରଲୋକ କହିଲେ, "ମୁଁ ଖବରକାଗଜରୁ ଏ ବିବାହ କଥା ଜାଣିଲି । ସେଥିରେ ଗୀର୍ଜାଟାର ନାଁ ଥିଲା, କିନ୍ତୁ ହାଟି କେଉଁଠି ରହୁଥିଲେ ସେ କଥା କିଛି ଲେଖାନଥିଲା ।"

ଭଦ୍ରମହିଳା ପୁଣି କହିଲେ, "ତାପରେ ଆମେ କ'ଣ କରିବୁ ସେ ବିଷୟରେ କଥାବାର୍ତ୍ତା ହେଲୁ । ସବୁ ଖୋଲାଖୋଲି ଭାବେ ପ୍ରକାଶ କରିଦେବାକୁ ଫ୍ରାଙ୍କ ମତଦେଲେ; କିନ୍ତୁ ମୁଁ ଏତେ ଲଜ୍ଜିତ ହୋଇଯାଇଥିଲି ଯେ ଭାବିଲି ମୁଁ ସମସ୍ତଙ୍କ ପାଖରୁ ଉଭେଇଯିବି । କେବଳ ମୁଁ ବଞ୍ଚିଛି ବୋଲି ବାପାଙ୍କୁ ତାର କରି ଜଣାଇଦେବି । ଭୋଜିସଭାରେ ସମ୍ଭ୍ରାନ୍ତ ବ୍ୟକ୍ତି ଏବଂ ମହିଳାମାନେ ମୋ ଫେରିବାକୁ ଅପେକ୍ଷା କରିଥିବେ; ସେକଥା ଚିନ୍ତା କରି

Digitized by srujanika@gmail.com

ମୋ ମନରେ ଭୟ ଆସିଲା । ତେଣୁ ଫ୍ରାଙ୍କ୍ ମୋ ବିବାହ ପୋଷାକ ଓ ଅନ୍ୟ ଜିନିଷଗୁଡ଼ିକୁ ବାନ୍ଧି ଫୋପାଡ଼ି ଦେଇ ଆସିଲେ, ଯେମିତି କେହି ତାହା ପାଇନପାରନ୍ତି । ଆମେ ଆସନ୍ତାକାଲି ପ୍ୟାରିସ୍ ଚାଲିଯାଇଥାନ୍ତୁ; କିନ୍ତୁ ଏଇ ମହାଶୟ ଭଦ୍ରଲୋକ ମିଷ୍ଟର୍ ହୋମ୍‌ସ୍ ଆଜି ସନ୍ଧ୍ୟାରେ ଯାଇ ଆମ ପାଖରେ ପହଞ୍ଚିଲେ । ଅବଶ୍ୟ ସେ କେମିତି ଆମକୁ ପାଇଲେ ସେ କଥା ମୋ କଳ୍ପନାର ବାହାରେ । ସେ ବଡ଼ ସଦୟ ଭାବରେ ଖୋଲିଖୋଲି ଆମକୁ ବୁଝାଇଦେଲେ ଯେ, ମୋ ମତ ଭୁଲ ଆଉ ଫ୍ରାଙ୍କ୍‌ଙ୍କ ମତ ଠିକ୍ । ଆମେ କଥା ଗୋପନ ରଖିଲେ ଭୁଲ କରି ବସିବୁ । ତାପରେ ସେ ଆମକୁ କେବଳ ଲର୍ଡ଼ ସେଣ୍ଟ୍ ସାଇମନ୍‌ଙ୍କ ପାଖକୁ ନେଇଯିବାକୁ କହିଦେଲେ ଆଉ ଆମେ ଏଠିକି ସାଙ୍ଗେ ସାଙ୍ଗେ ଚାଲିଆସିଲୁ । ଏବେ ତୁମେ ସବୁକଥା ଶୁଣିଲ, ରବର୍ଟ । ଯଦି ତୁମକୁ ମୁଁ ଦୁଃଖ ଆଉ ଆଘାତ ଦେଇଥାଏ ସେଥିପାଇଁ ଦୁଃଖିତ ଆଉ ଅନୁତପ୍ତ । ମୋର ଆଶା ତୁମେ ମୋତେ ନୀଚ ବୋଲି ଭାବିବ ନାହିଁ ।”

ଲର୍ଡ଼ ସେଣ୍ଟ୍ ସାଇମନ୍‌ଙ୍କ ମନୋଭାବ କିନ୍ତୁ କୌଣସି ପ୍ରକାରେ ଶିଥିଳ ହେଲା ନାହିଁ । ସେ ଓଠ ଚିପି ରକ୍ତବର୍ଣ୍ଣ ଆଖିରେ ଏଇ ଲମ୍ବା କାହାଣୀ ଶୁଣିଲେ । ତାପରେ କହିଲେ, “କ୍ଷମା କରିବେ । ମୋ ବ୍ୟକ୍ତିଗତ ଏକାନ୍ତ କଥା ଏମିତି ସାଧାରଣରେ ଆଲୋଚନା କରିବା ମୋ ନୀତିବିରୁଦ୍ଧ ।”

“ତାହେଲେ ତୁମେ ମୋତେ କ୍ଷମାକରିବନାହିଁ ? ମୁଁ ଚାଲିଯିବା ପୂର୍ବରୁ ମୋ ସହିତ ହ୍ୟାଣ୍ଡ୍‌ସେକ୍ କରିବ ନାହିଁ ?”

“ନିଶ୍ଚୟ, ଯଦି ତୁମେ ସେଥିରେ ଆନନ୍ଦ ପାଇବ ।” ସେ ନିର୍ଲିପ୍ତଭାବରେ ଭଦ୍ରମହିଳାଙ୍କ ହାତ ଆଡ଼କୁ ହାତ ବଢ଼ାଇଦେଲେ ।

“ମୁଁ ଆଶା କରିଥିଲି”, ହୋମ୍‌ସ୍ କହିଲେ, “ଆପଣ ଆମ ସହିତ ବନ୍ଧୁତ୍ୱପୂର୍ଣ୍ଣ ନୈଶଭୋଜିରେ ଯୋଗଦେଇଥାନ୍ତେ ।”

“ମୁଁ ଭାବୁଛି, ଏଇଠି ଆପଣ ମାତ୍ରା ଲଙ୍ଘନ କରୁଛନ୍ତି”, ସମ୍ଭ୍ରାନ୍ତ ଭଦ୍ରଲୋକ ଉତ୍ତର ଦେଲେ । “ବର୍ତ୍ତମାନ ଯାହାସବୁ ଘଟିଲା ସେଥିରେ ସନ୍ତୁଷ୍ଟ ହେବାକୁ ହୁଏତ ମୁଁ ବାଧ୍ୟ; କିନ୍ତୁ ସେଥିରେ ମଉଜମଜଲିସ୍ କରିବା ଆଶା

Digitized by srujanika@gmail.com

କରିଯାଇପାରେନା । ମୁଁ ବର୍ତ୍ତମାନ ଆପଣମାନଙ୍କୁ ଶୁଭେଚ୍ଛା ଜଣାଇ ବିଦାୟ ନେଉଛି ।" ସେ ଆମ ସମସ୍ତଙ୍କ ଆଡ଼କୁ ଗ୍ରୀବା ଦେଇ ମୁଣ୍ଡ ନୁଆଁଇ ଘର ଭିତରୁ ବାହାରିଗଲେ !

"ତେବେ ଆପଣମାନେ ଅନ୍ତତଃ ଆମ ସାଥିରେ ଯୋଗଦେବେ ବୋଲି ମୋର ଆଶା", ହୋମ୍‌ସ୍ କହିଲେ । "କୌଣସି ଆମେରିକାନ୍‌ଙ୍କୁ ଭେଟିବାରେ ମୋର ବଡ଼ ଆନନ୍ଦ । କାରଣ ମୁଁ ବିଶ୍ୱାସ କରେ ସୁଦୂର ଅତୀତରେ କେଉଁ ରାଜା ବା କେଉଁ ମନ୍ତ୍ରୀ ଯେଉଁ ବିରାଟ ଭୁଲକରି ବସିଛନ୍ତି ତା ଆମ ଭବିଷ୍ୟତ ବଂଶଧରଙ୍କୁ ଏକ ପତାକା ତଳେ ଏକ ଦେଶର ନାଗରିକ ହେବାରେ ବାଧା ଦେଇପାରିବନାହିଁ ।"

ଆମ ଅତିଥି ଦୁହେଁ ବିଦାୟ ନେଲା ପରେ ହୋମ୍‌ସ୍ କହିଲେ, "କେଶ୍‌ଟା ବେଶ୍ କୌତୂହଳପୂର୍ଣ୍ଣ । କାରଣ ଗୋଟାଏ ଘଟଣା ପ୍ରଥମରୁ ଅତି ଦୁର୍ବୋଧ ମନେହେଉଥିଲେ ମଧ୍ୟ ତାର ବ୍ୟାଖ୍ୟାନ କେତେ ସହଜ ଆଉ ସରଳ ହୋଇପାରେ ତାହା ଏଇ କେଶ୍‌ରେ ଦେଖାଗଲା । ଭଦ୍ରମହିଳା ଯାହା ସବୁ କହିଲେ, ଘଟଣାଗୁଡ଼ାକର ପରିଣତି ସ୍ୱା'ଠାରୁ ଆଉ ଅଧିକ କିଛି ସ୍ୱାଭାବିକ ହୋଇ ନଥାନ୍ତା । ସ୍କଟ୍‌ଲଣ୍ଡ୍‌ୟାର୍ଡ଼ର ମିଷ୍ଟର୍ ଲେଷ୍ଟ୍ରେଡ୍ ପରିଣାମଟାକୁ ଯେଉଁ ଦୃଷ୍ଟିରେ ଦେଖିଲେ ତାଠୁ ବିଚିତ୍ର ଆଉ କିଛି ନାହିଁ ।"

"ତୁମ ନଜର ତେବେ ମୋଟେ ଭୁଲ ହୋଇନାହିଁ ?"

"ପ୍ରଥମରୁ ଦୁ'ଟା ଘଟଣା ମୋ ପାଖରେ ପରିଷ୍କାର ହୋଇଗଲା । ପ୍ରଥମ ହେଲା ଭଦ୍ରମହିଳା ଏଇ ବିବାହ ଉତ୍ସବ ପାଇଁ ସମ୍ପୂର୍ଣ୍ଣ ରାଜିଥିଲେ । ଅନ୍ୟଟା ହେଲା ସେ ଘରକୁ ଫେରିବାର କେତେ ମିନିଟ୍ ମଧ୍ୟରେ ସେଥିପାଇଁ ଅନୁତାପ କରିଛନ୍ତି । ତେଣୁ ସକାଳେ ନିଶ୍ଚୟ କିଛି ଘଟିଛି ଯାହା ଫଳରେ ତାଙ୍କ ମନରେ ପରିବର୍ତ୍ତନ ଆସିଯାଇଛି । ସେଇଟା କ'ଣ ହୋଇପାରେ ? ସେ ବାହାରକୁ ଗଲବେଳେ କାହାସହିତ କଥାବାର୍ତ୍ତା ହୋଇପାରି ନଥିବେ କାରଣ ସେ ବର ସାଥିରେ ଥିଲେ । ତାହେଲେ ସେ କ'ଣ କାହାକୁ ଦେଖିଲେ ? ଯଦି ଦେଖିଥାନ୍ତି ତେବେ ସେ ଆମେରିକାର କୌଣସି ବ୍ୟକ୍ତି ହୋଇଥିବେ କାରଣ ସେ ଏ ଦେଶରେ ଖୁବ୍ କମ୍ ଦିନ ହେଲା ରହିଛନ୍ତି । ତେଣୁ ଏଠାର କେହି

ତାଙ୍କ ଉପରେ ଏପରି ପ୍ରଭାବ ପକାଇବା ସମ୍ଭବ ନୁହେଁ । ତୁମେ ଦେଖୁଛତ, ଯାହା ଅସମ୍ଭବ ତାକୁ ବାଦ୍ ଦେବା ପଦ୍ଧତିରେ ଆମେ ସିଦ୍ଧାନ୍ତ କଲେ ଯେ, ସେ ଜଣେ ଆମେରିକାନ୍‌ଙ୍କୁ ଦେଖିଥିବେ । ତାପରେ ଏଇ ଆମେରିକାନ୍ କିଏ ହୋଇଥିବେ ଆଉ କାହିଁକି ମିସ୍ ଡୋରାନ୍‌ଙ୍କ ଉପରେ ତାଙ୍କର ଏତେ ପ୍ରଭାବ ? ସେ ଜଣେ ପ୍ରେମିକ ହୋଇପାରନ୍ତି ବା ସ୍ୱାମୀ ହୋଇପାରନ୍ତି । ମୁଁ ଜାଣିଥିଲି ଯେ, ତାଙ୍କର କିଶୋରୀ ଅବସ୍ଥାରେ ସେ ବଡ଼ ଉଗ୍ର ଆଉ ଅଦ୍ଭୁତ ଜୀବନ-ଯାପନ କରିଥିଲେ । ଲର୍ଡ଼ ସେଣ୍ଟ୍ ସାଇମନ୍‌ଙ୍କ କଥା ଶୁଣିବା ପୂର୍ବରୁ ମୁଁ ଏପର୍ଯ୍ୟନ୍ତ ସବୁ ଜାଣିଥିଲି । ସେ ଯେତେବେଳେ ଗୀର୍ଜା ବେଞ୍ଚରେ ଜଣେ ଲୋକ କଥା, କନ୍ୟାର ଆଚରଣରେ ଏପରି ପରିବର୍ତ୍ତନ, ଫୁଲତୋଡ଼ାଟା ପକାଇ ଦେଇ ଚିଠିଖଣ୍ଡ ନେବାର ଏକ ସୁନ୍ଦର ଉପାୟ ଉଦ୍‌ଭାବନ, ତାଙ୍କ ଚାକରାଣୀ ସହିତ କଥାବର୍ତ୍ତା ଆଉ ଦାବି ଅତିକ୍ରମ କରିବା କଥା କହୁଥିବା କଥା କହିଲେ, ସମୁଦାୟ ପରିସ୍ଥିତିଟା ବେଶ୍ ପରିଷ୍କାର ହୋଇଗଲା । ସେ ଜଣେ ଲୋକ ସାଥିରେ ଚାଲିଯାଇଛନ୍ତି ଆଉ ସେ ଲୋକ ଜଣେ ପ୍ରେମିକ ବା ତାଙ୍କର ପୂର୍ବର ସ୍ୱାମୀ । ଦ୍ୱିତୀୟଟା ହୋଇଥିବାର ସମ୍ଭାବନା ବେଶୀ ।"

"ଆଉ ତୁମେ ତାଙ୍କୁ ଖୋଜିପାଇଲ କେମିତି ?"

"ସେଇଟା କଷ୍ଟକର ହୋଇଥାନ୍ତା, କିନ୍ତୁ ବନ୍ଧୁ ଲେଷ୍ଟ୍ରେଡ୍‌ଙ୍କ ହାତରେ ସେ ଖବର ଥିଲା । ତାର ମୂଲ୍ୟ ସେ ବୁଝିପାରିନଥିଲେ । ସେ ଲେଖାର ଦସ୍ତଖତ ଅକ୍ଷରଗୁଡ଼ା ଅବଶ୍ୟ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଥିଲା; କିନ୍ତୁ ତାଠୁ ମୂଲ୍ୟବାନ୍ ହେଲା ଗୋଟେ ସପ୍ତାହରେ ସେ ଲଣ୍ଡନ୍‌ର ଗୋଟେ ବଡ଼ ହୋଟେଲ୍‌ର ସମୁଦାୟ ବିଲ୍ ବାବଦ ପଇସା ଦେଇସାରିଛନ୍ତି ବୋଲି ଜାଣିବା ।"

"ଲଣ୍ଡନ୍‌ର ଗୋଟେ ବଡ଼ ହୋଟେଲ୍ ବୋଲି ଜାଣିଲ କେମିତି ?"

"ବିଲ୍‌ରେ ଲେଖାଥିବା ଉଚ୍ଚ ଦାମ୍‌ରୁ । ଗୋଟେ ବିଛଣା ପାଇଁ ଆଠ ଶିଲିଂ ଆଉ ଗୋଟେ ଗ୍ଲାସ୍ ସେରି ପାଇଁ ଆଠ ପେନସ୍‌ରୁ ଜଣାଗଲା ସେଇଟା ନିଶ୍ଚୟ ଖୁବ୍ ଦାମିକା ହୋଟେଲ୍ ହୋଇଥିବ । ଏତେ ଦାମ୍ ନେଉଥିବା ହୋଟେଲ୍ ସଂଖ୍ୟା ଲଣ୍ଡନ୍‌ରେ ବେଶୀ ନୁହେଁ । ନର୍ଦ୍ଦମ୍ବରଲାଣ୍ଡ୍ ଆଭେନ୍ୟୁର ହୋଟେଲ୍ ଗୁଡ଼ିକୁ ଦେଖିବାକୁ ମୁଁ ଗଲି । ଦ୍ୱିତୀୟ ହୋଟେଲ୍‌ର ଖାତା ଯାଞ୍ଚ କରି

Digitized by srujanika@gmail.com

ଦେଖିଲି, ଫ୍ରାନ୍‌ସିସ୍, ଏଇଚ୍, ମୋଲ୍‌ଟନ୍ ନାମକ ଜଣେ ଆମେରିକାନ୍ ଭଦ୍ରଲୋକ ତା ପୂର୍ବ ଦିନ ସେ ହୋଟେଲ୍ ଛାଡ଼ି ଯାଇଛନ୍ତି । ତାଙ୍କ ନାଁରେ ଖାତାରେ ଚଢ଼ା ଯାଇଥିବା ହିସାବରୁ ଦେଖିଲି ଏ ବିଲ୍‌ରେ ଯାହାସବୁ ଲେଖା ଅଛି ସେଥିରେ ଠିକ୍ ସେଇଆ ଅଛି । ତାଙ୍କର କିଛି ଚିଠି ଆସିଲେ ଗର୍ଡନ୍ ସ୍କୋୟାର୍‌ର ୨୨୬ ନମ୍ବର ଘରକୁ ପଠାଇ ଦେବାକୁ ସେ ହୋଟେଲ୍‌ରେ କହିଯାଇଥିଲେ । ମୁଁ ସେଠିକି ଗଲି ଆଉ ସୌଭାଗ୍ୟକୁ ସେ ଦୁଇଜଣଙ୍କୁ ସେଠି ଭେଟିଲି । ତାଙ୍କୁ ବାପପରି ଉପଦେଶ ଦେଲି ଆଉ ବୁଝାଇଦେଲି ଯେ, ତାଙ୍କର ପରିସ୍ଥିତି ସର୍ବସାଧାରଣରେ, ବିଶେଷତଃ ଲର୍ଡ଼ ସେଣ୍ଟ୍ ସାଇମନ୍‌ଙ୍କ ଆଗରେ ପରିଷ୍କାର ଭାବରେ ଜଣାଇଦେବା ତାଙ୍କ ପକ୍ଷରେ ସବୁଠୁ ଭଲ ହେବ । ଏଇଠି ଲର୍ଡ଼ ସେଣ୍ଟ୍ ସାଇମନ୍‌ଙ୍କୁ ଭେଟିବା ପାଇଁ ମୁଁ ତାଙ୍କୁ ନିମନ୍ତ୍ରଣ କଲି ଆଉ ତୁମେ ଦେଖିଲ ଲର୍ଡ଼ ସେଣ୍ଟ୍ ସାଇମନ୍ ମଧ୍ୟ ମୋ କଥା ରକ୍ଷାକରି ଏଠିକି ଆସିଲେ ।"

"କିନ୍ତୁ ଫଳ ବିଶେଷ କିଛି ଭଲ ହେଲନାହିଁ ।" ମୁଁ କହିଲି । "ତାଙ୍କ ଚରିତ୍ର ଆଉ ବ୍ୟବହାର ମୋଟେ ଉଦାର ନୁହେଁ ।"

ଅଳ୍ପ ହସି ହୋମ୍‌ସ୍ କହିଲେ, "ବୁଝିଲ ୱାଟ୍‌ସନ୍, ଏଇପରି ନିର୍ବନ୍ଧ ଆଉ ବିବାହ ପରେ ତୁମେ ଯଦି ଦେଖନ୍ତ ଯେ, ଗୋଟାଏ ମୁହୂର୍ତ୍ତରେ ତୁମେ ତୁମ ସ୍ତ୍ରୀ ଆଉ ସମ୍ପତ୍ତିରୁ ବଞ୍ଚିତ ହୋଇଯାଇଛ, ତେବେ ତୁମେ ବୋଧହୁଏ ଏତେ ଉଦାର ହୋଇପାରନ୍ତ ନାହିଁ । ଆମ ଲର୍ଡ଼ ସେଣ୍ଟ୍-ସାଇମନ୍‌ଙ୍କୁ ସହାନୁଭୂତି ସହ ବିଚାର କରିବା ଆଉ ଆମ ଭାଗ୍ୟକୁ ଧନ୍ୟବାଦ ଦେବା ଯେ, ଆମେ ଏଭଳି ପରିସ୍ଥିତିରେ ପଡ଼ିବାର କୌଣସି ସମ୍ଭାବନା ନାହିଁ । ଚଉକିଟା ପାଖକୁ ଟାଣିଆଣ ଆଉ ମୋତେ ମୋ ଭାଓଲିନ୍‌ଟା ଦିଅ, କାରଣ ବର୍ତ୍ତମାନ ଆମର ଏକମାତ୍ର ସମସ୍ୟା ହେଲା, ଶୀତର ଏଇ କୋହଲା ସନ୍ଧ୍ୟାଟା କିପରି କଟାଇବା ।"

* * *

Digitized by srujanika@gmail.com

ଶେଷ ଅଭିଯାନ

ଅଗଷ୍ଟ ମାସ ଦୁଇ ତାରିଖର ରାତି ନଅଟା ସମୟ । ପୃଥିବୀ ଇତିହାସରେ ତାହା ଏକ ଭୟଙ୍କର ଅଗଷ୍ଟ ମାସ । ଯେ କେହି ଭାବିବ, ଏଇ ନାତିଶୀତ ପୃଥିବୀ ଉପରେ ଭଗବାନଙ୍କ ଅଭିଶାପ ଘୋଟିଯାଇଛି । ବାୟୁମଣ୍ଡଳ ଭୀଷଣ ଗରମ । ଟିକିଏ ହେଲେ ପବନ ନାହିଁ । ସୂର୍ଯ୍ୟ କେତେବେଳୁ ବୁଡ଼ି ଯାଇଥାନ୍ତି; କିନ୍ତୁ ଦୂର ପଶ୍ଚିମ ଦିଗରେ ଗୋଟେ ଚୋଟା ଆଘାତ ପରି ଏକ ଲମ୍ବା ନାଲି ଚିହ୍ନ । ଉପରେ ଉଜ୍ଜ୍ୱଳ ତାରା ସବୁ ଆଉ ତଳେ ସମୁଦ୍ର ପାଣିରେ ଜାହାଜ ଆଲୁଅର ପ୍ରତିବିମ୍ବ । ଦୁଇ ଖ୍ୟାତନାମା ଜର୍ମାନ୍ ବଗିଗ୍ରୁ ରାସ୍ତାର ପଥର ପାଚେରିକୁ ଆଉଜି ଠିଆ ହୋଇଥାନ୍ତି । ତାଙ୍କ ପଛରେ ଲମ୍ବା ଅଳନ୍ଦ ଛଚା, ମଜଭୁତ ଗେବଲ୍ କରା ଘର । ଚକ୍ ପାହାଡ଼ ପାଦ ଦେଶର ବିସ୍ତୀର୍ଣ୍ଣ ସମୁଦ୍ରବେଳା ଉପରେ ସେମାନଙ୍କ ଦୃଷ୍ଟି ପଡ଼ୁଥାଏ । ଗତବର୍ଷ ପୂର୍ବେ ଏଇ ଚକ୍ ପାହାଡ଼ ଉପରେ ହିନ୍‌ବର୍କ ଗୋଟେ ଉଡ଼ିବୁଲୁଥିବା ଇଗଲ ପରି ଆସି ପହଞ୍ଚିଥିଲେ । ସେମାନେ ମୁହଁକୁ ମୁହଁ ଲଗାଇ ଖୁବ୍ ଆସ୍ତେ ଆସ୍ତେ ଗୋପନରେ କଥାବାର୍ତ୍ତା କରୁଥାନ୍ତି । ଉକ୍ତ ତାଙ୍କ ସିଗାରେଟ୍ ନିଆଁ କୌଣସି ହିଂସ୍ର ପିଶାଚର ଜଳନ୍ତା ଆଖି ପରି ଦେଖାଯାଉଥାଏ ।

ଏଇ ହିନ୍‌ବର୍କ ଜଣେ ଅସାଧାରଣ ଉଲ୍ଲେଖନୀୟ ଲୋକ । କାଇଜରଙ୍କ ଅନୁରକ୍ତ ଏଜେଣ୍ଟଙ୍କ ଭିତରେ ତାଙ୍କ ପରି ପ୍ରାୟ କେହି ନଥିଲେ । ତାଙ୍କର ବିଚକ୍ଷଣ ପ୍ରତିଭା ଯୋଗୁଁ ତାଙ୍କୁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଇଂଲଣ୍ଡ କୂଟନୈତିକ ଦଳରେ ପଠାଯାଇଥିଲା । ସେ ଏଇ କାମର ଭାର ଗ୍ରହଣକଲା ପରଠାରୁ ତାଙ୍କର ଏଇ ବିଶ୍ୱସ୍ତ ଛଅଜଣ ଲୋକଙ୍କ ପାଖରେ ଅଧିକ ପ୍ରକାଶ ପାଇଲା । ସେମାନେ ପ୍ରକୃତ ସତ କଥା ସହିତ ସଂଯୋଗ ରଖିଥିଲେ । ସେଥିରୁ ଜଣେ ତାଙ୍କର ବର୍ତ୍ତମାନର ସାଥି ବାରନ୍ ଭନ୍‌ହ୍ୱଲିଙ୍ଗ୍ । ସେ ଦୂତାବାସର ମୁଖ୍ୟ ସଚିବ । ତାଙ୍କର ଶହେ ଅଶ୍ୱ ଶକ୍ତି ବିଶିଷ୍ଟ ବେଞ୍ଜ୍ କାର୍ ତାଙ୍କୁ ଲଣ୍ଡନ ନେବା ପାଇଁ ଗାଉଁଲି ରାସ୍ତା ଅବରୋଧ କରି ଅପେକ୍ଷା କରିଥାଏ ।

Digitized by srujanika@gmail.com

ସେଫେନ୍‌ଷ୍ଟାଗ୍ କହୁଥାନ୍ତି, "ଘଟଣାଗୁଡ଼ାକର ଗତିରୁ ମୁଁ ଯାହା ବିଚାର କରୁଛି, ଏଇ ସପ୍ତାହକ ଭିତରେ ଆପଣଙ୍କୁ ବୋଧହୁଏ ବର୍ଲିନ୍ ଫେରିବାକୁ ପଡ଼ିବ । ସେଠି ପହଞ୍ଚିଲା ପରେ ଆପଣଙ୍କୁ ଯେଉଁ ଅଭ୍ୟର୍ଥନା କରାଯିବ ସେଥିରେ ଆପଣ ବିସ୍ମିତ ହୋଇଯିବେ ଭନ୍‌ବର୍କ୍ । ଏ ଦେଶରେ ଆପଣଙ୍କ କାମ ବିଷୟରେ ଉପରମହଲର ଧାରଣା କ'ଣ ମୁଁ ଜାଣିପାରିଛି ।" ଏଇ ସେଫେନ୍‌ଷ୍ଟାଗ୍ ଏକ ଦୀର୍ଘକାୟ ଲୋକ । ଧୀର ଗମ୍ଭୀରଭାବେ କଥା କହନ୍ତି । ସେଇ ହେଲା ତାଙ୍କ ରାଜନୈତିକ ଜୀବନର ସମ୍ବଳ ।

ଭନ୍‌ବର୍କ୍ ହସିଲେ । କହିଲେ, "ସେମାନଙ୍କୁ ଠକିଦେବା ସେତେ କଷ୍ଟକର ନୁହେଁ । ଏପରି ସରଳ ଆଉ ବୋକାଲୋକ କଳ୍ପନା କରାଯାଇ-ପାରେନା ।"

"ସେ ବିଷୟରେ ମୁଁ କିଛି ଜାଣେନାହିଁ; କିନ୍ତୁ ସେମାନଙ୍କର ସରଳତା ଅତି ବିଚିତ୍ର ଆଉ ତାକୁ ଲକ୍ଷ୍ୟ କରି ଶିଖିବା ଦରକାର । ସେମାନଙ୍କର ସେଇ ବାହାରର ସରଳତା ଅଜଣା ଲୋକକୁ ଫାନ୍ଦରେ ପକାଇଥାଏ । ସେମାନେ ଖୁବ୍ କୋମଳ ବୋଲି ପ୍ରଥମେ ଧାରଣା ହେବ । ତାପରେ ତୁମେ ହଠାତ୍ କିଛି କଠିନତା ଦେଖିପାରିବ । ଉଦାହରଣ ପାଇଁ ସେମାନଙ୍କର ରାଜନୈତିକ ସଭା ଉପରେ ନଜର ଦେବାକୁ ହେବ ।"

"ଅର୍ଥାତ୍ ତାର ଜାକଜମକ ଆଉ ସେଇପରି ଜିନିଷ ?"

"ଅର୍ଥାତ୍ ସେମାନଙ୍କର ବିଚିତ୍ର କାମରେ ଇଂରେଜମାନଙ୍କର ଭ୍ରାନ୍ତ-ଧାରଣା । ମୋ ନିଜର ଗୋଟେ ବିରାଟ ଭୁଲ କଥା ମୁଁ କହୁଛି । ଆପଣ ମୋ କାମର ସଫଳତା ଭଲଭାବେ ଜାଣନ୍ତି । ତେଣୁ ମୋ ଭୁଲ୍ କଥା ମୁଁ ଆପଣଙ୍କ ଆଗରେ କହୁଛି । ମୁଁ ପ୍ରଥମେ ଏଠିକି ଆସିବାବେଳର କଥା । ଜଣେ ମନ୍ତ୍ରୀଙ୍କ ମଫସଲ ଘରେ ଗୋଟେ ସାପ୍ତାହିକ ସଭା ହେଉଥାଏ । ସେଠିକି ମୋତେ ନିମନ୍ତ୍ରଣ କରାଯାଇଥାଏ । ସେଠି ସେମାନଙ୍କ କଥାବାର୍ତ୍ତାର ବିଚାରହୀନତା ଦେଖି ମୁଁ ବିସ୍ମିତ ହୋଇଗଲି ।"

ମୁଣ୍ଡ ହଲାଇ ଭନ୍‌ବର୍କ୍ କହିଲେ, "ମୁଁ ବି ସେଠିକି ଯାଇଥିଲି ।"

Digitized by srujanika@gmail.com

"ସତେ ! ମୁଁ ତାର ସାରାଂଶ ବର୍ଲିନ୍‌କୁ ପଠାଇଲି । ଦୁର୍ଭାଗ୍ୟକୁ ଆମର ପ୍ରଧାନମନ୍ତ୍ରୀ ଏ ସବୁ ବିଷୟରେ ଟିକିଏ କଠୋର । ସେ ତାଙ୍କର ମତାମତ ପଠାଇଲେ । ସେଥିରୁ ଜାଣିଲି ଏ ଖବର ବିଷୟରେ ସେ ଆଗରୁ ସଚେତନ ଅଛନ୍ତି । ସେଥିରେ ମୋର ଯେଉଁ କ୍ଷତି ହେଲା ଆପଣଙ୍କର ଧାରଣା ନଥିବ । ଯାହାହେଉ, ଆପଣ ଏକ ଖେଳୁଆଡ଼୍ ପରି ବାହାନା କରିବା ଦ୍ୱାରା···।"

"ନା-ନା, ଏଟା ବାହାନା ନୁହେଁ । ବାହାନାଟା କୃତ୍ରିମ । ମୁଁ ପିଲାଦିନରୁ ଖେଳୁଆଡ଼୍ ଆଉ ଖେଳିବାକୁ ମୁଁ ଭଲପାଏ ।"

"ଠିକ୍ ଅଛି । ସେଟା ଆହୁରି ଫଳପ୍ରଦ । ଆପଣ ତାଙ୍କ ସାଥିରେ ନୌକା-ଚାଳନା ପ୍ରତିଯୋଗିତା କରନ୍ତି, ଶିକାର କରନ୍ତି, ପୋଲୋ ଖେଳନ୍ତି ଆଉ ସବୁଥିରେ ସେମାନଙ୍କ ସମକକ୍ଷ । ତାର ଫଳରେ ସେମାନେ ଆପଣଙ୍କ ବିଷୟରେ ସେମିତି କିଛି ଚିନ୍ତାକରନ୍ତି ନାହିଁ । ଚମତ୍କାର ଭନ୍‌ବର୍କ୍ ! ସାରା ଇଉରୋପରେ ଆପଣ ଜଣେ ପ୍ରତିଭାଶାଳୀ ଲୋକ ।"

"ଆପଣ ମୋତେ ଅଯଥା ପ୍ରଶଂସା କରୁଛନ୍ତି, ବାରନ୍ । ତେବେ ମୁଁ ଏତିକି କହିବି ଯେ, ମୋର ଏ ଦେଶରେ ଚାରିବର୍ଷ ରହଣି ନିଷ୍ଫଳ ହୋଇନାହିଁ । ମୁଁ ଯାହା ସଂଗ୍ରହ କରିଛି ଆପଣ ଦେଖିନାହାନ୍ତି । ଦୟାକରି ଭିତରକୁ ଆସନ୍ତୁ ।"

ପଢ଼ାଘରର ଦରଜାଟା ଖୋଲି ଭନ୍‌ବର୍କ ବାଟ କଢ଼ାଇନେଲେ । ବାରନ୍ ଯିବାପରେ ସେ ଦରଜାଟା ବନ୍ଦ କରିଦେଲେ । ଇଲେକ୍‌ଟ୍ରିକ୍ ଆଲୁଅର ସୁଇଚ୍ ଟିପି ଝରକାର ପରଦାଗୁଡ଼ା ଭଲଭାବେ ଟାଣିଦେଲେ । ତାପରେ ସେ ତାଙ୍କ ଅତିଥିଙ୍କ ଆଡ଼କୁ ମୁହଁବୁଲାଇ କହିଲେ, "ମୋ କାଗଜପତ୍ରରୁ କେତେକ ପଠାଇଦେଇଛି । ମୋ ସ୍ତ୍ରୀ ଆଉ ଚାକରବାକରମାନେ ଫ୍ଲସିଙ୍ଗ୍ ଗଲାବେଳେ କମ୍ ଗୁରୁତ୍ୱପୂର୍ଣ୍ଣ କାଗଜଗୁଡ଼ା ସାଥିରେ ନେଇଯାଇଛନ୍ତି । ଅନ୍ୟ ଗୁଡ଼ାକର ସୁରକ୍ଷା ପାଇଁ ମୁଁ ଆମ ଦୂତାବାସର ସାହାଯ୍ୟ ଚାହେଁ ।"

"ଆପଣଙ୍କ ପାଖରେ ଗୋଟେ ବ୍ୟକ୍ତିଗତ କୋଠରି ସଂରକ୍ଷଣ ପାଇଁ ଦେଖା-ଯାଇଛି । ତେଣୁ ଆପଣ କିମ୍ବା ଆପଣଙ୍କ ଜିନିଷପତ୍ରର କିଛି ଅସୁବିଧା ହେବ ନାହିଁ । ଅବଶ୍ୟ ଯା' ମଧ୍ୟ ହୋଇପାରେ ଯେ, ଆମକୁ ଇଂଲଣ୍ଡ ଛାଡ଼ି ଯିବାକୁ ପଡ଼ିବ ନାହିଁ । ଇଂଲଣ୍ଡ ଫ୍ରାନ୍‌ସ୍‌କୁ ତା ଭାଗ୍ୟ ଉପରେ ଛାଡ଼ିଦେଇପାରେ ।

Digitized by srujanika@gmail.com

ସେମାନଙ୍କ ଭିତରେ ସେପରି କିଛି ସନ୍ଧି ବା ଚୁକ୍ତି ହୋଇନାହିଁ ବୋଲି ଆମେ ନିଶ୍ଚିତ ଭାବରେ ଜାଣୁ ।"

"ଆଉ ବେଲ୍‌ଜିୟମ୍ ?"

"ହଁ, ବେଲ୍‌ଜିୟମ୍ ମଧ୍ୟ ।"

ମୁଣ୍ଡ ହଲାଇ ଭନ୍ ବର୍କ୍ କହିଲେ, "ତା କେମିତି ସମ୍ଭବ ମୁଁ ଜାଣିପାରୁନାହିଁ । ସେମାନଙ୍କ ଭିତରେ ଗୋଟିଏ ନିର୍ଦ୍ଦିଷ୍ଟ ଚୁକ୍ତି ହୋଇଛି । ଇଂଲଣ୍ଡ ସେ ଚୁକ୍ତିରୁ ଓହରି ଆସିପାରିବନାହିଁ ।"

"ବର୍ତ୍ତମାନ ପାଇଁ ଅନ୍ତତଃ ସେ ଗଣ୍ଡଗୋଳ ଭିତରେ ପଶିବ ନାହିଁ ।"

"କିନ୍ତୁ ତାର ମାନସମ୍ମାନ ?"

"ଏଇଟା ବାସ୍ତବତାବାଦୀ ଯୁଗ, ଭନ୍‌ବର୍କ । ମାନସମ୍ମାନ ମଧ୍ୟଯୁଗର କଥା । ତା'ଛଡ଼ା ଇଂଲଣ୍ଡ ବି ପ୍ରସ୍ତୁତ ହୋଇନାହିଁ । ଆମର ଯେଉଁ ପଚାଶ କୋଟି ଟଙ୍କା ଯୁଦ୍ଧକର ରୂପେ ଆଦାୟ ହେଲା ତାର ଉଦ୍ଦେଶ୍ୟ ବେଶ୍ ପରିଷ୍କାର ଜଣାଯାଉଥିଲେ ବି ଇଂଲଣ୍ଡର ଲୋକମାନଙ୍କର ନିଦ ଭାଙ୍ଗିନାହିଁ । ଏଠି ସେଠି ଗୋଟିଏ ଅଧେ ପ୍ରଶ୍ନ ଉଠୁଛି । ତାର ଉତ୍ତରଦେବା ମୋର କାମ । ଏଠି ସେଠି ସାମାନ୍ୟ ଉତ୍ତେଜନା ଦେଖାଯାଉଛି । ତାକୁ ଶାନ୍ତ କରିବା ମୋର କାମ । ମୁଁ ଦୃଢ଼ଭାବେ କହିପାରେ ଯେ, ଅସ୍ତ୍ରଶସ୍ତ୍ର ଜମା କରିବା, ବୁଡ଼ାଜାହାଜ ଆକ୍ରମଣ ପାଇଁ ପ୍ରସ୍ତୁତ ହେବା, ଶକ୍ତିଶାଳୀ ବିସ୍ଫୋରକ ଅସ୍ତ୍ର ତିଆରି କରିବାରେ ଇଂଲଣ୍ଡ ମୋଟେ ପ୍ରସ୍ତୁତ ହୋଇନାହିଁ । ତା'ହେଲେ ଇଂଲଣ୍ଡ ଏ ଯୁଦ୍ଧ ଭିତରକୁ ଆସିବ କେମିତି ? ତା'ଛଡ଼ା ଆମେ ଆୟର୍‌ଲଣ୍ଡ୍‌ରେ ଗୃହଯୁଦ୍ଧ ଲଗେଇ ଦେଇଛେ ।"

"ଇଂଲଣ୍ଡ ତା ଭବିଷ୍ୟତ କଥା ଚିନ୍ତା କରିବ ?"

"ସେ ଅଲଗା କଥା । ମୁଁ ଭାବୁଛି ଭବିଷ୍ୟତରେ ଇଂଲଣ୍ଡ ବିଷୟରେ ଆମର ନିର୍ଦ୍ଦିଷ୍ଟ ଯୋଜନା ରହିଛି ଆଉ ତୁମର ଖବର ସବୁ ଆମର ଖୁବ୍ କାମରେ ଆସିବ । ମିଷ୍ଟର୍ ଜନ୍ ବୁଲ୍‌ଙ୍କ ସାଥିରେ ଆଜି ହେଉ ବା କାଲି ହେଉ; ସେ ଯଦି ଆଜି ଭାବାନ୍ତି ଆମେ ପ୍ରସ୍ତୁତ । ଯଦି କାଲି ତେବେ ଆହୁରି

Digitized by srujanika@gmail.com

ଭଲ । ହଁ, ଆପଣ କ'ଣ କାଗଜପତ୍ର କଥା କହୁଥିଲେ ।" ସେ ଆର୍ମ-ଚଉକିଟାରେ ବସିପଡ଼ି ସିଗାରେଟ୍ ଟାଣିବାରେ ଲଗିଲେ ।

ଘରର ଆରପାଖ କଣରେ ଗୋଟେ ପରଦା ଝୁଲୁଥିଲା । ସେଟା ଆଡ଼େଇ ଦେଲାକୁ ତା ପଛରେ ଥିବା ଗୋଟେ ବଡ଼ ସେଫ୍ ଦେଖାଗଲା । ଭନ୍‌ବର୍କ୍ ଘଣ୍ଟା ଚେନ୍‌ରୁ ଗୋଟେ ଗ୍ରେଟ ଗୁବ ବାହାର କଲେ ଆଉ ତାଲାଟାକୁ କିଛି ସମୟ ଏପଟ ସେପଟ କରି ମୋଟା କବାଟଟା ଖୋଲିଲେ ।

ହାତ ହଲାଇ ସେ କହିଲେ, "ଏଇ ଦେଖନ୍ତୁ ।" ଖୋଲା ସେଫ୍ ଭିତରେ ପରିଷ୍କାର ଆଲୁଅ ପଡ଼ୁଥାଏ । ତା ଭିତରେ ଥିବା ଧାଡ଼ିଧାଡ଼ି ଥାକ ଆଡ଼େ ଦୂତା-ବାସର ସେକ୍ରେଟାରୀ ଦୃଷ୍ଟି ରଖିଥାନ୍ତି । ପ୍ରତି ଥାକରେ ଲେବଲ୍ ମରାହୋଇ-ଥାଏ । ତା' ଉପର ଲେଖାଗୁଡ଼ାକ ଉପରେ ସେ ଆଖି ପକାଇନେଲେ 'ଫୋର୍ଡ୍‌ସ୍', 'ବନ୍ଦର ପ୍ରତିରକ୍ଷା', 'ଏରୋପ୍ଲେନ୍', 'ଆୟର୍‌ଲ୍ୟାଣ୍ଡ', 'ଇଜିପ୍ଟ୍' ଇତ୍ୟାଦି ନାଁ ସବୁ ଲେଖା । ପ୍ରତ୍ୟେକ ଥାକରେ କାଗଜ ଆଉ ନକ୍ସା ଭର୍ତ୍ତି ।

ସେକ୍ରେଟାରୀ ସିଗାରେଟ୍‌ଟା ପକାଇଦେଇ ତାଳିମାରି କହିଲେ, "ଅତି ବିରାଟ ପରିଣାମ !"

"ଆଉ ଏ ସବୁ ମୋଟେ ଚାରିବର୍ଷର କାମ, ବାରନ୍; କିନ୍ତୁ ମୋ ସଂଗ୍ରହର ସବୁଠୁଁ ମୂଲ୍ୟବାନ ଜିନିଷ ଏବେ ଆସିବ । ସେଥିପାଇଁ ସବୁ ଠିକ୍ ଠାକ୍ ହୋଇଯାଇଛି ।" ସେ 'ନୌବାହିନୀ ସଙ୍କେତ' ଲେଖା ଲେବଲ୍ ଥିବା ଗୋଟେ ଖାଲି ଥାକ ଆଡ଼େ ହାତଠାରି ଦେଖାଇଲେ ।

"କିନ୍ତୁ ସେଠିତ ଗୁଡ଼ାଏ କାଗଜ ଅଛି ?"

"ପୁରୁଣା ବାଜେ କାଗଜଗୁଡ଼ା । ନୌବାହିନୀ କୌଣସି ପ୍ରକାରେ ସାବଧାନତା ସଙ୍କେତ ପାଇଗଲେ । ଫଳତଃ ସବୁ ସଙ୍କେତ ବଦଳାଇ ଦିଆ-ଯାଇଛି । ଏଇଟା ଗୋଟେ ବଡ଼ ଆଘାତ ବାରନ୍—ମୋ ଅଭିଯାନର ସବୁଠୁଁ ବଡ଼ ଦୁଃଖ । କିନ୍ତୁ ମୋ ଚେକ୍‌ବହି ଆଉ ଆଲ୍‌ଟାମଣ୍ଟ ଯୋଗୁଁ ଆଜି ରାତିରେ ସବୁ ଠିକ୍ ହୋଇଯିବ ।"

ବାରନ୍ ଘଣ୍ଟା ଆଡ଼କୁ ଦୃଷ୍ଟି ପକାଇ ହତାଶ ହେଲାପରି କହିଲେ, "ମୁଁ ଆଉ ଅପେକ୍ଷା କରିପାରିବିନାହିଁ । କାର୍ଲ୍‌ଟନ ଟେରାସ୍‌ରେ ଯାହା ସବୁ ଘଟୁଛି

Digitized by srujanika@gmail.com

ସେ କଥା ଚନ୍ତାକର । ଆମ ସମସ୍ତଙ୍କୁ ନିଜ ନିଜ ଜାଗାରେ ରହିବାକୁ ହେବ । ଆପଣଙ୍କର ଏ ସଫଳତାର ଖବର ନେଇଯିବା ମୋର ଆଶା ଥିଲା । ଆଲ୍‌ଟାମଣ୍ଟ୍ କୌଣସି ନିର୍ଦ୍ଦିଷ୍ଟ ସମୟ ଦେଇନାହାନ୍ତି ?"

ଭନ୍‌ବର୍କ ତାଙ୍କ ଆଡ଼କୁ ଗୋଟେ ଟେଲିଗ୍ରାମ୍ ବଢ଼ାଇଦେଲେ ।

'ଆଜି ରାତିରେ ନିଶ୍ଚୟ ଯିବ ଆଉ ନୂଆ ପ୍ଲଗ୍ ନେଇଥିବ ।'

"ନୂଆ ପ୍ଲଗ୍ ?"

"ସେ ଜଣେ ମଟର୍ ମେକାନିକ୍‌ର ଅଭିନୟ କରୁଛନ୍ତି ଆଉ ମୋର ଗୋଟେ ଗ୍ୟାରେଜ୍ ଅଛି । ଆମ ସାଙ୍କେତିକ ଭାଷାରେ ପ୍ରତ୍ୟେକ ଜିନିଷର ନାଁ କୌଣସି ଗୋଟେ ମଟର ପାର୍ଟ ନାଁରେ ଜଣାଯାଏ । ରେଡ଼ିଏଟର୍ କହିଲେ ବୁଝାଯିବ ଯୁଦ୍ଧଜାହାଜ, ଅଏଲ୍—ପମ୍ପ୍ କହିଲେ କ୍ରୁଇଜର୍ ଏବଂ ଏଇପରି ଅନ୍ୟ ସବୁ । ପ୍ଲଗ୍‌ର ଅର୍ଥ ହେଲା ନୌସେନାର ସଙ୍କେତ ।

ସେକ୍ରେଟାରୀ ଲେଖାଟାକୁ ଭଲଭାବେ ପରୀକ୍ଷାକରି କହିଲେ, "ବାରଟା-ବେଳେ ପୋର୍ଟସ୍ ମାଉଥ୍‌ରୁ ପଠାଯାଇଛି । ଆଚ୍ଛା, ଏଥିପାଇଁ ଆପଣ ତାଙ୍କୁ କ'ଣ ଦେବେ ?"

"ଏଇ କାମଟା ପାଇଁ ପାଞ୍ଚଶହ ପାଉଣ୍ଡ୍ । ତା'ଛଡ଼ା ସେ ନିର୍ଦ୍ଦିଷ୍ଟ ଦରମା ପାଆନ୍ତି ।"

"ବଦ୍‌ମାସ୍ ଲୋକ । ଏଇ ବିଶ୍ୱାସଘାତକଗୁଡ଼ା ବେଶ୍ କାମରେ ଆସନ୍ତି; କିନ୍ତୁ ତାଙ୍କର ଟଙ୍କାପାଲେଇଭକୁ ମୁଁ ଈର୍ଷା କରେ ।"

"ଆଲ୍‌ଟାମଣ୍ଟଙ୍କୁ ମୁଁ ମୋଟେ ଈର୍ଷା କରେ ନାହିଁ । ସେ ଏକ ଆଶ୍ଚର୍ଯ୍ୟ-ଜନକ କର୍ମୀ । ମୁଁ ତାଙ୍କୁ ଭଲ ପଇସାଦେଲେ ସେ ଜିନିଷ ଆଣି ମୋ ପାଖେ ଦିଅନ୍ତି । ସେ ବିଶ୍ୱାସଘାତକ ନୁହନ୍ତି । ତା'ଛଡ଼ା ସେ ଜଣେ ଆଇରିଶ୍ ଆମେରିକାନ୍ ।"

"ସତେ ! ଆଇରିଶ୍ ଆମେରିକାନ୍ ?"

"ଆପଣ ତାଙ୍କ କଥାବାର୍ତ୍ତା ଶୁଣିଲେ ମୋଟେ ସନ୍ଦେହ କରିବେ ନାହିଁ । ବେଳେବେଳେ ମୁଁ ତାଙ୍କ କଥା ବୁଝିପାରେ ନାହିଁ । ଆପଣ କ'ଣ ସତରେ ଚାଲିଯିବେ ? ସେ ଯେ କୌଣସି ମୁହୂର୍ତ୍ତରେ ଆସି ପହଞ୍ଚି ଯାଇପାରନ୍ତି ।"

Digitized by srujanika@gmail.com

"ନା, ମୁଁ ବଡ଼ ଦୁଃଖିତ । ମୁଁ ଯଥେଷ୍ଟ ସମୟ ରହିଗଲିଣି । କାଲି ବଡ଼ ସକାଳେ ଆପଣ ଯାଇ ପହଞ୍ଚିବେ ବୋଲି ଆମର ଆଶା । ସେ ପାକେଟଟିକ ଲେଖାଟା ଆପଣ ଦେଇଦେଲେ ପରେ ଆପଣଙ୍କ ଇଂଲଣ୍ଡ କାମର ଏକ ବିଜୟପୂର୍ଣ୍ଣ ସମାପ୍ତି ଘଟିବ ।" ଗୋଟେ ଥାଳିଆ ଉପରେ ଥୁଆ ହୋଇଥିବା ଦି'ଟା ଗ୍ଲାସ ଆଉ ଗୋଟେ ଠିପିଦିଆ ବୋତଲ ଆଡ଼େ ଠାରି ସେ କହିଲେ, "ଏ କ'ଣ, ଟୋକେ ମଦ ବୋତଲ !"

"ଆପଣ ଯିବା ଆଗରୁ ଗୋଟେ ଗ୍ଲାସ୍ ଦେବି ?"

"ନା, ଧନ୍ୟବାଦ । କିନ୍ତୁ ସେଟା ବେଶ୍ ଆମୋଦଦାୟକ ପରି ଜଣା-ଯାଉଛି ।"

"ଆଲ୍‌ଟାମଣ୍ଟ୍‌ଙ୍କର ମଦର ରୁଚି ଚମତ୍କାର ଆଉ ସେ ମୋର ଏଇ ଟୋକେ ମଦକୁ ବେଶ୍ ପସନ୍ଦ କରନ୍ତି ।" ସେମାନେ ବାହାର ଘରର ଆର-ପାଖକୁ ଗଲେ । ବାରନ୍‌ଙ୍କ ଡ୍ରାଇଭର୍ ଗାଡ଼ି ଷ୍ଟାର୍ଟ କଲା । ସେନ୍‌ହେଷ୍ଟାଗ୍ ତାଙ୍କ ଓଭର୍‌କୋଟ୍‌ଟା ପିନ୍ଧୁ ପିନ୍ଧୁ କହିଲେ, "ସେଗୁଡ଼ା ହାର୍‌ଉଇଚ୍‌ର ଆଲୁଅ ବୋଧହୁଏ । ଜାଗାଟା କେଡ଼େ ନୀରବ ଆଉ ଶାନ୍ତ ଜଣାଯାଉଛି । ଏଇ ସପ୍ତାହକ ଭିତରେ ଆହୁରି ଆଲୁଅ ଜଳିଉଠିବ ଆଉ ଇଂଲଣ୍ଡର ସମୁଦ୍ର-ବେଳା ଏତେ ନୀରବ ଆଉ ଶାନ୍ତ ରହିବ ନାହିଁ । ଆଛା, ସେ କିଏ ?"

ସେମାନଙ୍କ ପଛପାଖେ ଗୋଟେ ଝରକାବାଟେ ଆଲୁଅ ଦିଶୁଥାଏ । ସେଠି ଗୋଟେ ଲାମ୍ପ ଆଉ ତା ପାଖରେ ଗୋଟେ ଟେବୁଲ୍ । ଟେବୁଲ୍ ପାଖରେ ଜଣେ କର୍କଶ ମୁହିଁ ନାରୀ ବସିଥାଏ । ସେ ତାର ବୁଣାକାମରେ ଲାଗିଥାଏ ଆଉ ବେଳେବେଳେ ପାଖ ଷ୍ଟୁଲ୍ ଉପରେ ବସିଥିବା ଗୋଟେ ବଡ଼ କଳା ବିରାଡ଼ିକୁ ବାଡ଼େଇବା ପାଇଁ ବୁଣା ବନ୍ଦ କରିଦେଉଥାଏ ।

ଭନ୍‌ବର୍କ କହିଲେ, "ସେ ମୋ ଗୃହକର୍ତ୍ତ୍ରୀ ମାର୍ଥା । ସେ ଏକୁଟିଆ ଅଛି ।"

ଟିକିଏ ହସିଦେଇ ସେନ୍‌ହେଷ୍ଟାଗ୍ କହିଲେ, "ହୁଇ, ନମସ୍କାର ଭନ୍‌ବର୍କ !" ସେ ତାଙ୍କ ଗାଡ଼ିଭିତରକୁ ଡେଇଁପଡ଼ିଲେ ଆଉ ଅନ୍ଧାରଭିତରେ ଗାଡ଼ିର

Digitized by srujanika@gmail.com

ହେଡ୍‌ଲାଇଟ୍ ଧ'ଟା ଜଳାଉଠିଲା । କୁସନ୍ ଉପରେ ବସି ସେକେଣ୍ଟାସ୍ଥି ଇଉ-ରୋପର ଆଗାମୀ ଦୁର୍ଦ୍ଦଶା ବିଷୟ ଚିନ୍ତାକରିବାରେ ବୁଡ଼ିଗଲେ । ତାଙ୍କ ଗାଡ଼ି ଗୋଟେ ବାଙ୍କରେ ବୁଲିଲାବେଳକୁ ଆଗରୁ ଆସୁଥିବା ଗୋଟେ ଫୋର୍ଡ୍‌କାର୍ ସାଥିରେ ପ୍ରାୟ ଘଷିହୋଇଯିବା ସେ ଲକ୍ଷ୍ୟ କରିପାରିଲେନାହିଁ ।

ଦୂରରେ ମଟରଗାଡ଼ିଟାର ଆଲୁଅ ଲୁଚିଗଲା । ଭନ୍‌ବର୍କ ତାଙ୍କ ପଢ଼ା-ଘରକୁ ଫେରିଲେ । ଦେଖିଲେ ତାଙ୍କ ପୁରୁଣା ଗୃହକର୍ତ୍ତ୍ରୀ ଆଲୁଅ ଲିଭାଇ-ଦେଇ ଶୋଇବାକୁ ଗଲାଣି । ଏଡ଼େ ବଡ଼ ଘର ପୁରା ଅନ୍ଧାର ଆଉ ନୀରବ । ତାଙ୍କ ପରିବାର ବେଶ୍ ବଡ଼ । ଏବେ ସେ ଏକୁଟିଆ ଥିବାରୁ ତାଙ୍କୁ ଅଡ଼ୁଆ ଅଡ଼ୁଆ ଲାଗିଲା । ଯାହାହେଉ, ସେମାନେ ସମସ୍ତେ ନିରାପଦରେ ଥିବେ ବୋଲି ଭାବି ତାଙ୍କ ମନଟା ହାଲୁକା ହୋଇଗଲା । ଜ୍ରେଷେଇ ଘରେ ମାତ୍ର ଜଣେ ଗୃହକର୍ତ୍ତ୍ରୀ ଛଡ଼ା ସାରା ଘରଟାରେ ସେ ଏକା । ପଢ଼ାଘରେ ଆହୁରି କେତେ-ଗୁଡ଼ାଏ ଜିନିଷପତ୍ର ବନ୍ଧାବନ୍ଧି କରିବାର ଅଛି । ସେ ସାଙ୍ଗେ ସାଙ୍ଗେ କାମରେ ଲାଗିଗଲେ । ତାଙ୍କ ଟେବୁଲ୍ ପାଖରେ ଗୋଟେ ଚମଡ଼ାର ବ୍ୟାଗ୍‌ଥିଲା । ସେଫ୍‌ରୁ ଅତି ମୂଲ୍ୟବାନ କାଗଜପତ୍ର ଆଣି ସେ ତା ଭିତରେ ଯତ୍ନରେ ସାଇତି ରଖିଲେ । ସେ କାମ ଆରମ୍ଭ କରୁ ନ କରୁଣ୍ଁ ଦୂରରୁ ଗୋଟେ ମଟର୍ କାର୍ ଆସୁଥିବାର ଶବ୍ଦ ତାଙ୍କ କାନରେ ପଡ଼ିଲା । ସେ ଆନନ୍ଦରେ ଚିତ୍କାର-କରି ବ୍ୟାଗ୍‌ଟାର ଫିତା ବାନ୍ଧିଦେଲେ । ସେଫ୍‌ଟା ବନ୍ଦକରି ଚାବି ପକାଇ ଦେଲେ । ତା'ପରେ ବାରଣ୍ଡାକୁ ଦୌଡ଼ିଗଲେ । ଦେଖିଲେ ଗୋଟେ ଗ୍ରେଟ କାର୍ ତାଙ୍କ ଗେଟ୍‌ପାଖେ ଅଟକିଲା । ସେଥିରୁ ଜଣେ ଲୋକ ବାହାରି ତାଙ୍କ-ଆଡ଼କୁ ଆଗେଇ ଆସିଲା ।

ଭନ୍‌ବର୍କ ଆଗନ୍ତୁକଙ୍କ ଆଡ଼କୁ ଦୌଡ଼ିଯାଇ କହିଲେ, "ସବୁ ଠିକ୍ ତ ?"

ଉତ୍ତରରେ ଆଗନ୍ତୁକ ଗୋଟେ ଗ୍ରେଟ ମାଟିଆ କାଗଜର ପ୍ୟାକେଟ୍ ମୁଣ୍ଡ-ଉପରେ ହଲାଇ କହିଲେ, "ଆଜି ଆପଣ ମୋ ମନ ଖୁସି କରିଦେବେ, ମିଷ୍ଟର୍ । ଶେଷରେ ମୁଁ ବଢ଼ିଆ ମାଂସ ଆଣିଛି, ଆପଣ ନିଶ୍ଚୟ ଖୁସି ହେବେ ।"

Digitized by srujanika@gmail.com

"ସାଙ୍କେତିକ ଲେଖା ସବୁ ?"

"ମୋ ଟେଲିଗ୍ରାମ୍‌ରେ ଯାହା ଲେଖିଥିଲି ଠିକ୍ ସେଇଆ । ସବୁଯାକ ଆଣିଛି । କିନ୍ତୁ ମୂଳଲେଖା ନୁହେଁ, ତା'ର ନକଲ ନେଇଆସିଛି । ମୂଳଲେଖା ଆଣିବା ଅତିବିପଜ୍ଜନକ; ଜିନ୍ତୁ ଏସବୁ ତାର ଅବିକଳ ନକଲ । ଆପଣ ସ୍ୱା'ଉପରେ ନିର୍ଭର କରିପାରିବେ ।" ସେ ଅତି ପରିଚିତ ପରି ଜର୍ମାନ୍ ଲୋକଙ୍କ କାନ୍ଧରେ ହାତ ଆପୁଡ଼େଇଲେ ।

ଜର୍ମାନ୍ ଲୋକ କହିଲେ, "ଭିତରକୁ ଆସନ୍ତୁ । ଘରେ କେବଳ ମୁଁ ଏକା । କେବଳ ଏକୁ ମୁଁ ଅପେକ୍ଷା କରୁଥିଲି । ନକଲଟା ଅବଶ୍ୟ ମୂଳ-ଲେଖାଠୁଁ ଭଲ । ମୂଳଲେଖାଟା ହଜିଗଲେ ସେମାନେ ହୁଏତ ତାକୁ ପୁରାପୂରି ବଦଳାଇ ଦେଇପାରନ୍ତି । କିନ୍ତୁ ନକଲଟା ଠିକ୍ ବୋଲି ଆପଣ ଜାଣନ୍ତି ?"

ଆଇରିଶ୍ ଆମେରିକାନ୍ ପଢ଼ାଘର ଭିତରକୁ ପଶିଯାଇ ଗୋଟେ ଆର୍ମ-ଚେୟାରରେ ଗୋଡ଼ହାତ ଲମ୍ବାଇ ବସିଗଲେ । ସେ ଡେଙ୍ଗା ଆଉ ପତଳା । ବୟସ ପ୍ରାୟ ଷାଠିଏ ହେବ । ମୁହଁରେ ଛେଳିଦାଢ଼ି ପରି ଅଳ୍ପଅଳ୍ପ ଦାଢ଼ି । ଠିକ୍ ଅଙ୍କଲ୍ ସାମ୍ ପରି ଦେଖାଯାଉଥାନ୍ତି । ତାଙ୍କ ମୁହଁରେ ଦାରପୋଡ଼ା ସିଗାରେଟ୍ । ବସିପଡ଼ି ଦିଆସିଲିକାଠି ଜଳାଇ ସେ ପୁଣି ସିଗାରେଟ୍‌ଟା ଲଗାଇଲେ । ଚାରିଆଡ଼କୁ ଚାହିଁ କହିଲେ, "ଏଠୁ ଚାଲିଯିବା ପାଇଁ ବନ୍ଦୋବସ୍ତ କରୁଛନ୍ତି ?" ତା'ପରେ ସେଫ୍‌ଉପରେ ଆଖି ପକାଇ କହିଲେ, "ଏକ'ଣ ମିଷ୍ଟର୍ ! ଆପଣ କାଗଜପତ୍ରଗୁଡ଼ା ଏଇ ସେଫ୍‌ରେ ରଖୁଛନ୍ତି ?"

"ଯଦି କ'ଣ ?"

"ଏପରି ଗୋଟେ ଖୋଲାଜାଗାରେ ! ଆଉ ଆପଣ ଜଣେ ଗୁପ୍ତଚର ବୋଲି ସମସ୍ତଙ୍କର ଧାରଣା ! କାହିଁକି, ଯେ କୌଣସି ଚତୁର ଲୋକ ଗୋଟେ କ୍ୟାନ୍ ଖୋଲାଯନ୍ତ୍ରରେ ଏଟାକୁ ଖୋଲିଦେବ । ମୋ କାଗଜପତ୍ର ଏପରି ଜାଗାରେ ରହୁଛି ବୋଲି ଜାଣିଥିଲେ ମୁଁ ଆପଣଙ୍କ ପାଖକୁ ମୋଟେ କିଛି ଲେଖି-ନଥାନ୍ତି ।"

"ଏ ସେଫ୍‌ଟା ଖୋଲିବାକୁ ଯେ କୌଣସି ଚତୁର ଲୋକ ବି ଘାବରାଇ ଯିବ । ଯେ କୌଣସି ଯନ୍ତ୍ରଦ୍ୱାରା ଆପଣ ଯେ ଧାତୁଟାକୁ କାଟିପାରିବେନାହିଁ ।"

Digitized by srujanika@gmail.com

"କିନ୍ତୁ ତାଲାଟା ?"

"ନା, ସେଟା ଫିଟାଇବା ସହଜ ନୁହେଁ । ସେଥିରେ ଢ଼'ଟା ସୂକ୍ଷ୍ମ ଅଛୁ । ତା' କଣ ଆପଣ ଜାଣନ୍ତି ?"

"ମୋତେ ଖୋଲିବାହାର କର ।"

"ତାଲାଟା ଖୋଲିବା ପାଇଁ ଆପଣଙ୍କୁ ଗୋଟେ ଶବ୍ଦ ଆଉ ଗୋଟେ ସଂଖ୍ୟା ଠିକ୍ କରିବାକୁ ହେବ ।" ସେ ଉଠିଯାଇ ଘରର କଣାପାଖରେ ଥିବା ଗୋଟେ ଚକ ଦେଖାଇଦେଲେ । ତା'ର ଗୋଟେ ପାଖେ ଅକ୍ଷର ଆଉ ଗୋଟେ ପାଖେ ସଂଖ୍ୟା ଲେଖା ।

"ବେଶ୍, ବେଶ୍ ଏଇଟା ଚମତ୍କାର !"

"ତେଣୁ ଆପଣ ଯାହା ଭାବୁଛନ୍ତି ଏଇଟା ସେମିତ ସହଜନୁହେଁ । ଚାରିବର୍ଷ ତଳେ ମୁଁ ଏଟା ତିଆରି କରାଇଥିଲି । ଯା'ର ଶବ୍ଦଟା ଆଉ ସଂଖ୍ୟାଟା ମୁଁ କ'ଣ ଠିକ୍ କରିଥିବି କହିଲେ ?"

"ମୁଁ କିଛି ଭାବିପାରୁନାହିଁ ।"

"ଶବ୍ଦଟା ପାଇଁ ମୁଁ ଅଗଷ୍ଟ ଆଉ ସଂଖ୍ୟା ପାଇଁ ୧୯୧୪ ଠିକ୍ କରିଥିଲି ।"

ଆମେରିକାନ୍ ଭଦ୍ରଲୋକଙ୍କ ମୁହଁରେ ବିସ୍ମୟ ଆଉ ପ୍ରଶଂସାର ଚିହ୍ନ ଦେଖାଗଲା । ସେ କହିଲେ, "ଚମତ୍କାର ! ଆପଣଙ୍କ ଚିନ୍ତାଧାରା ବେଶ୍ ଚମତ୍କାର !"

"ହଁ, ସେତେବେଳେ କେହି ଏ ସଂଖ୍ୟା ଅନୁମାନ କରିପାରିନଥିଲେ । ଯାହାହେଉ, ମୁଁ କାଲି ସକାଳୁ ଚାଲିଯିବି ।"

"ମୋର ଆଶା ମୋର ମଧ୍ୟ ଯିବାପାଇଁ ବ୍ୟବସ୍ଥା କରିଦେବେ । ମୁଁ ଏକା ଏ ରାଜ୍ୟରେ ରହିବାକୁ ଚାହେଁନା । ଏଇ ସପ୍ତାହକ ଭିତରେ ଜନ୍ ବୁଲ୍ ଚାଲିଯିବାକୁ ଗୋଡ଼ଟେକି ବସିଛନ୍ତି । ତା'ଆଗରୁ ମୁଁ ସମୁଦ୍ରଭିତରକୁ ଚାଲିଯିବାକୁ ଚାହେଁ ।"

"କିନ୍ତୁ ଆପଣ ଜଣେ ଆମେରିକାନ୍ ନାଗରିକ !"

"ହେଲେ କ'ଣ ହେଲା ? ଜାକ୍ ଜେମ୍ସ୍ ବି ଆମେରିକାର ନାଗରିକ; କିନ୍ତୁ ସେ ଏବେ ପୋର୍ଟଲଣ୍ଡରେ ଅଛନ୍ତି । କିନ୍ତୁ ଏଇ ଜାକ୍ ଜେମ୍ସ୍ କିଏ ।

Digitized by srujanika@gmail.com

ମୋତେ ଜଣାଯାଉଛି ଆପଣ ଆପଣଙ୍କ ଲୋକଙ୍କୁ ଘୋଡ଼େଇ ରଖିବା ପାଇଁ ବିଶେଷ କିଛି କରନ୍ତି ନାହିଁ ।"

ଚଟ୍‌କିନି ଉନ୍‌ବର୍କ ପଚାରିଲେ, "ତାର୍ ଅର୍ଥ ?"

"ସେମାନେ ଆପଣଙ୍କ ପାଖେ ଚାକିରି କରୁଛନ୍ତି । ତେଣୁ ସେମାନଙ୍କର ଯେମିତି ଅନିଷ୍ଟ ନ ହୁଏ, ଆପଣ ଦେଖିବା କଥା; କିନ୍ତୁ ସେମାନଙ୍କର ଅନିଷ୍ଟ ଘଟୁଛି ଆଉ ଆପଣ ତାଙ୍କ ପାଇଁ କିଛି କରୁନାହାନ୍ତି । ଏଇ ଜେମ୍‌ସ୍—।"

"ସେଟା ଜେମ୍‌ସ୍‌ଙ୍କର ନିଜ ଦୋଷ । ଆପଣ ସେ କଥା ଜାଣନ୍ତି । ସେ କାମଟା ପାଇଁ ଆପେ ଆପେ ରାଜିହୋଇଥିଲେ ।"

"ମୁଁ କହିପାରେ ଜେମ୍‌ସ୍ ଖୁବ୍ ଦୃଢ଼ମନା । ତା'ପରେ ହଲିସ୍—।"

"ସେ ଲୋକଟା ପାଗଳ ।"

"ହଁ, ଶେଷବେଳକୁ ସେ ଅବଶ୍ୟ ଠିକ୍‌ଏ ପାଗଳ ହୋଇଗଲେ । ଜଣେ ଲୋକ ସକାଳୁ ସଂଧ୍ୟାଯାଏଁ କାମକରିବ, ତାକୁ ପୋଲିସ୍ ହାତରେ ଧରାଇ-ଦେବାକୁ ଚାରିପାଖରେ ଶହ ଶହ ଲୋକ, ଏଥିରେ ତା ମୁଣ୍ଡ ଗୋଳମାଳିଆ ହୋଇଯିବା ସ୍ୱାଭାବିକ । ତା'ପରେ ଷ୍ଟେନର୍‌ଙ୍କ କଥା—।"

ଉନ୍‌ବର୍କ ଜୋର୍‌ରେ ଥରିଉଠିଲେ । ତାଙ୍କ ମୁହଁ ମଳିନ ପଡ଼ିଗଲା । ସେ ପଚାରିଲେ, "ଷ୍ଟେନର୍ କଥା କ'ଣ ?"

"ପୋଲିସ୍ ତାଙ୍କୁ ଧରିନେଇଛନ୍ତି । କାଲିରାତିରେ ସେମାନେ ତାଙ୍କ ଘର ଉପରେ ଚଢ଼ାଉକଲେ । ସେ ଆଉ ତାଙ୍କ କାଗଜପତ୍ର ସବୁ ପୋର୍ଟସ୍ ମାଉଥ୍ ଜେଲ୍‌ରେ । ଆପଣ ଖସିଯିବେ ଆଉ ସେବିଚରାକୁ ଶାସ୍ତି ମିଳିବ । ଯଦି ତାଙ୍କୁ ପ୍ରାଣଦଣ୍ଡ ଦିଆନଯାଏ ତେବେ ତାହା ବଡ଼ ଭାଗ୍ୟର କଥା । ସେଇଥିପାଇଁ ମୁଁ ଆପଣଙ୍କ ସାଥିରେ ଜାହାଜରେ ଚାଲିଯିବାକୁ ଚାହୁଁଛି ।"

ଉନ୍‌ବର୍କ ଅତି ଦୃଢ଼ଲୋକ । ତଥାପି ଏ ଖବରଟାରେ ସେ ଥରିଉଠିଲେ । କହିଲେ, "ସେମାନେ ଷ୍ଟେନର୍‌ଙ୍କ କଥା ଜାଣିଲେ କେମିତି ? ଏଟା ଅତି ଦାରୁଣ ଆଘାତ ।"

"ସେମାନେ ପ୍ରାୟ ଆଉ ଗୋଟେ ଆଘାତ ଦେଇଥାନ୍ତେ । କାରଣ ମୋର ବିଶ୍ୱାସ ସେମାନେ ମୋ ପଛରେ ବି ଲାଗିଛନ୍ତି ।"

Digitized by srujanika@gmail.com

"ସତେ ନା କ'ଣ ?"

"ନିଶ୍ଚୟ । ସେମାନେ ଫ୍ରାଟନ୍‌ରେ ମୋ ଘର ମାଲିକାଣୀଙ୍କୁ କେତେ କଥା ପଚାରୁଥିଲେ । ମୁଁ ସେକଥା ଶୁଣି ଜାଣିଲି ମୋର ଶୀଘ୍ର ପଳାଇବାବେଳ ହୋଇଗଲା; କିନ୍ତୁ ମୁଁ ଜାଣିବାକୁ ଚାହେଁ, ମିଷ୍ଟର୍—ପୋଲିସ୍ ଏସବୁ କଥା ଜାଣୁଛି କେମିତି ? ମୁଁ ଆପଣଙ୍କ ସାଥିରେ ଚୁକ୍ତି ସ୍ୱାକ୍ଷର କଲାପରେ ଷ୍ଟେନର୍ ଧରାପଡ଼ିବାରେ ପଞ୍ଚମ ଲୋକ । ମୁଁ ଯଦି ପଳାଇ ନଯାଏ ତେବେ ମୁଁ ଷଷ୍ଠ ଲୋକ ହେବ । ଆପଣ ସ୍ୟାର କି କୈଫିୟତ ଦେବେ ? ଆପଣଙ୍କ ଲୋକେ ଏମିତି ଧରାପଡ଼ିବା ଦେଖି ଆପଣଙ୍କୁ ଲାଜ ଲାଗୁନାହିଁ ?"

ରାଗରେ ପାଟିଯାଇ ଭନ୍‌ବର୍କ କହିଲେ, "କେଉଁ ସାହସରେ ତୁମେ ଏ କଥା କହୁଛ ?"

"ମୋର ସେମିତି ସାହସ ନଥିଲେ ମୁଁ ଆପଣଙ୍କ ପାଖେ ଚାକିରି କରି-ନଥାନ୍ତି । ମୋ ମନରେ ଯାହା ଅଛି ମୁଁ ସିଧାସିଧା କହିଦେଉଛି । ମୁଁ ଶୁଣିଛି ଆପଣଙ୍କ ଜର୍ମାନ୍ କୂଟନୀତିଜ୍ଞମାନେ କାମ ସରିଲା ପରେ ଏଜେଣ୍ଟ୍‌ଙ୍କୁ ଆଉ ପଚାରନ୍ତି ନାହିଁ ।"

ଭନ୍‌ବର୍କ ଦୁମ୍‌କରି ଉଠିପଡ଼ି କହିଲେ, "ତୁମର ଏତେ ଦୁଃସାହସ ? ତୁମେ କହୁଛ ମୁଁ ମୋ ନିଜ ଏଜେଣ୍ଟ୍‌ଙ୍କୁ ଧରାପକାଇ ଦେଉଛି ?"

"ମୁଁ ତା କହୁନାହିଁ ମିଷ୍ଟର୍ । କିନ୍ତୁ କେଉଁଠି କିଛି ଗଳ୍ତି ରହିଯାଇଛି ଆଉ ସେ'ଟା ଖୋଜି ବାହାରକରିବା ଆପଣଙ୍କ କାମ । ଯାହାହେଉ, ମୁଁ ଆଉ ଦାୟିତ୍ୱ ନେଇପାରିବିନାହିଁ । ମୁଁ ହଲାଣ୍ଡ ଚାଲିଯିବି, ଆଉ ଯେତେ ଶୀଘ୍ର ସେତେ ଭଲ ।"

ଭନ୍‌ବର୍କ ରାଗସମ୍ଭାଳିନେଇ କହିଲେ, "ଆମେ ବନ୍ଧୁଭାବରେ କାମକରି ଆସିଛେ । ଶେଷରେ ଏଇ ବିଜୟ ମୁହୂର୍ତ୍ତରେ କଳିକରିବା ଠିକ୍ ନୁହେଁ । ଆପଣ ଖୁବ୍ ଚମତ୍କାର କାମକରିଛନ୍ତି, ଦାୟିତ୍ୱ ମୁଣ୍ଡାଇଛନ୍ତି, ଆଉ ସେ କଥା ମୁଁ ଭୁଲିପାରିବି ନାହିଁ । ଆପଣ ନିଶ୍ଚୟ ହଲାଣ୍ଡ ଯିବେ ଆଉ ରୋଟରଡାମ୍‌ରୁ ନିଉୟର୍କ ଯିବାପାଇଁ ଜାହାଜ ପାଇପାରିବେ । ସପ୍ତାହକ ଭିତରେ ତାଠୁଁ ଆଉ

Digitized by srujanika@gmail.com

ନିର୍ଘପଦ ବାଟ କିଛି ନାହିଁ । ମୋତେ ସେ ବନ୍ଧନୀ ଦିଅନ୍ତୁ । ମୁଁ ଅନ୍ୟ ଜିନିଷ ସାଥିରେ ରଖିଦେବି ।

ଆମେରିକାନ୍ ଲୋକଟି ଗ୍ଲେଟ ପ୍ୟାକେଟ୍‌ଟା ହାତରେ ଧରିଥାନ୍ତି; କିନ୍ତୁ ସେଟାକୁ ଦେଇଦେଲାପରି କିଛି ସୂଚନା ଦେଖାଗଲାନାହିଁ । ସେ ପଚାରିଲେ, "ଆଉ ପଇସା କଥା ?"

"କ'ଣ କହିଲେ ?"

"ପୁରସ୍କାର, ପାଞ୍ଚଶହ ପାଉଣ୍ଡ । ଏଟା ପାଇବାପାଇଁ ମୋତେ ଦୁଇଶହ ପାଉଣ୍ଡ ଖର୍ଚ୍ଚ କରିବାକୁ ପଡ଼ିଛି । ତେଣୁ ପଇସା ନପାଇ ଏଟା ଦେବା ମୋ ପକ୍ଷରେ ସମ୍ଭବ ନୁହେଁ ।"

ଏକ କୁଟିଳହାସ ହସି ଉନ୍‌ବର୍କ କହିଲେ, "ଆପଣ ମୋ ସାଧୁତା ଉପରେ ସନ୍ଦେହ କରୁଛନ୍ତି ? ବନ୍ଧନୀ ଦେବା ଆଗରୁ ପଇସା ଚାହୁଁଛନ୍ତି ?"

"ଦେଖନ୍ତୁ ମିଷ୍ଟର୍, ଏଟା ହେଲା ବ୍ୟବସାୟ କଥା ।"

"ଠିକ୍ ଅଛି । ଆପଣଙ୍କ କଥା ହଉ ।" ସେ ଟେବୁଲ୍ ପାଖରେ ବସି ଗୋଟେ ଚେକ୍ ଲେଖି ବହିରୁ ସେ ଖଣ୍ଡ ଚିରିଲେ । ତାଙ୍କ ସାଥିଙ୍କୁ ଚେକ୍‌ଟା ନଦେଇ କହିଲେ, "ଦେଖନ୍ତୁ ମିଷ୍ଟର୍ ଆଲ୍‌ଟାମଣ୍ଟ, ଆପଣ ମୋତେ ଯେତିକି ବିଶ୍ୱାସ କରୁଛନ୍ତି, ମୁଁ ଆପଣଙ୍କୁ ତାଠୁଁ ଅଧିକା ବିଶ୍ୱାସ କରିବି କେମିତି ? ବୁଝିପାରିଲେ ତ ? ଏଇ, ଚେକ୍‌ଟା ମୁଁ ଟେବୁଲ୍ ଉପରେ ରଖିଦେଉଛି । କିନ୍ତୁ ଆପଣ ସେ'ଟା ନେବା ଆଗରୁ ବନ୍ଧନୀଟା ପରୀକ୍ଷାକରି ଦେଖିବାର ଅଧିକାର ମୋର ଅଛି ।"

ଆଉ କିଛି ନକହି ଆମେରିକାନ୍ ଜଣକ ବନ୍ଧନୀଟା ବଢ଼ାଇଦେଲେ । ଉନ୍‌ବର୍କ ଗୁଡ଼ା ହୋଇଥିବା ଦଉଡ଼ି ଡୋର ଆଉ ଦୁ'ପ୍ରସ୍ଥ କାଗଜ ଫିଟାଇଲେ । ତାପରେ ସେ ବସି ତାଙ୍କ ଆଗରେ ଥିଆ ହୋଇଥିବା ଗୋଟେ ଗ୍ଲେଟ ନେଇଆ ବନ୍ଧିଆଡ଼େ ବିସ୍ମୟରେ ଚାହିଁ ରହିଲେ । ବହିର ମଲାଟ ଉପରେ ସୁନେଲି ଅକ୍ଷରରେ ଛପା ହୋଇଥିଲା—"ମହୁଚାଷ ।" ମାତ୍ର ମୁହୂର୍ତ୍ତକ ପାଇଁ ଓସ୍ତାଦ୍ ଗୁପ୍ତଚର ଏଇ ଅପ୍ରାସଙ୍ଗିକ ଲେଖା ଉପରେ ଆଖି ପକାଇ-

Digitized by srujanika@gmail.com

ନେଲେ । ତା ପର ମୁହୂର୍ତ୍ତିରେ ଦୁଇଟା ଇସ୍ପାତ ପରି ଶକ୍ତ ହାତ ତାଙ୍କ ଗଳାକୁ ଚୁପିଧରିଲା । ଖଣ୍ଡେ କ୍ଲୋରୋଫର୍ମ ଭିଜା ସ୍ପଞ୍ଜ ତାଙ୍କ ମୁହଁ ପାଖରେ ଧରାଗଲା ।

ଟୋକେ ବୋତଲଟା ବଢ଼ାଇ ଦେଉ ଦେଉ ସେର୍‌ଲକ୍ ହୋମ୍‌ସ କହିଲେ, "ଆଉ ଗୋଟେ ଗ୍ଲାସ୍ ଦିଅ, ଓ୍ୱାଟ୍‌ସନ୍ ।" ଗାଡ଼ିର ସେଇ ମୋଟା ଡ୍ରାଇଭର ଟେବୁଲ୍ ପାଖରେ ବସିଥିଲେ । ଗ୍ଲାସ୍‌ଟା ବଢ଼ାଇ ଦେଇ ସେ କହିଲେ, "ଏଟା ବେଶ୍ ଚମତ୍କାର ମଦ, ହୋମ୍‌ସ !"

"ହଁ, ଅସାଧାରଣ, ଓ୍ୱାଟ୍‌ସନ୍ । ଆମର ଏଇ ବନ୍ଧୁ ମୋତେ କହିଥିଲେ— 'ଏଟା ଫ୍ରାନଜ୍ ଜୋସେଫ୍ କମ୍ପାନୀର ସ୍ପେଶିଆଲ୍ ମଦ ।' ଟିକିଏ ପରିଶ୍ରମ କରି ୱିଣ୍ଡୋଟା ଖୋଲିଦିଅ । କ୍ଲୋରୋଫର୍ମ ଗନ୍ଧ ମଦର ସ୍ୱାଦଟାକୁ ନଷ୍ଟକରି ଦେବ ।"

ସେଫ୍‌ଟା ଦରମେଲା ହୋଇଥାଏ । ହୋମ୍‌ସ୍ ଠିଆହୋଇ ଗୋଟାକପରେ ଗୋଟେ ଥାକ ତନ୍ନତନ୍ନ କରି ପରୀକ୍ଷା କରିନେଲେ । ତାପରେ କାଗଜଗୁଡ଼ାକ ଭନ୍‌ବର୍କ୍‌ଙ୍କ ଚମଡ଼ା ବ୍ୟାଗ୍‌ରେ ଯତ୍ନରେ ରଖିଦେଲେ । ଜର୍ମାନ୍ ଲୋକଜଣକ ସୋଫା ଉପରେ ଅଚେତ ହୋଇପଡ଼ି ପଡ଼ିଥାନ୍ତି । ତାଙ୍କ ଦୁଇହାତରେ ଗୋଟେ ଆଉ ଦୁଇଗୋଡ଼ରେ ଗୋଟେ ଦଉଡ଼ି ବନ୍ଧା ହୋଇଥାଏ ।

ହୋମ୍‌ସ କହିଲେ, "ଆମେ ତରତର ହେବା ଦରକାର ନାହିଁ, ଓ୍ୱାଟ୍‌ସନ୍ । ଆମ କାମରେ କିଛି ବାଧା ଆସିବ ନାହିଁ । କଲିଂବେଲ୍‌ର ବୋତାମଟା ଟିପି ଦିଅ । ମାର୍ଥା ଛଡ଼ା ଏ ଘରେ ଆଉ କେହି ନାହିଁ । ସେ ବି ତାଙ୍କ ଅଭିନୟଟା ଚମତ୍କାର ଭାବରେ କରିପାରିଛନ୍ତି । ମୁଁ ପ୍ରଥମେ ଏ କେଶ୍‌ଟା ହାତକୁ ନେଇବେଳେ ତାଙ୍କ ଲାଗି ଏଠି ଚାକିରିଟା ଯୋଗାଡ଼ କରି ଦେଇଥିଲି । ଆସ ମାର୍ଥା, ଶୁଣି ଖୁସି ହେବ ଯେ, ସବୁ ଠିକ୍ ଅଛି ।"

ମାର୍ଥା ହସି ହସି ଆସି ଦରଜା ପାଖରେ ପହଞ୍ଚି ଆମକୁ ଅଭିବାଦନ କଲେ; କିନ୍ତୁ ସୋଫା ଉପରେ ପଡ଼ିଥିବା ମୂର୍ତ୍ତିଆଡ଼େ ଟିକିଏ ସନ୍ଦେହ ଦୃଷ୍ଟିରେ ଚାହିଁଲେ । ହୋମ୍‌ସ୍ କହିଲେ, "ସବୁ ଠିକ୍ ଅଛି, ମାର୍ଥା । ସେ ମୋଟେ ଆଘାତ ପାଇନାହାନ୍ତି ।"

Digitized by srujanika@gmail.com

"ଯାହାହେଉ, ଭଲକଥା । ମୁକବ ହିସାବରେ ସେ ଖୁବ୍ ଭଲ ଆଉ ଦୟାଳୁ । କାଲି ତାଙ୍କ ସ୍ତ୍ରୀଙ୍କ ସାଥିରେ ଜର୍ମାନ୍ ଯିବାପାଇଁ ସେ ମୋତେ କହୁଥିଲେ । ତା' ହୋଇଥିଲେ ଆପଣଙ୍କ ଯୋଜନା ବଗିଡ଼ି ଯାଇଥାନ୍ତା, ନା କ'ଣ ଆଜ୍ଞା ?"

"ନିଶ୍ଚୟ । ତୁମେ ଏଠି ଥିବା ଯାଏଁ ମୁଁ ନିଶ୍ଚିନ୍ତ । ଆଜି ରାତିରେ ତୁମ ସଙ୍କେତ ପାଇବା ପାଇଁ ଆମକୁ କିଛି ସମୟ ଅପେକ୍ଷା କରିବାକୁ ହେଲା ।"

"ସେକ୍ରେଟାରୀ ଏଠିକି ଆସିଥିଲେ, ସାର୍ ।"

"ମୁଁ ଜାଣେ । ତାଙ୍କ ଗାଡ଼ି ବାଟରେ ଆମକୁ ଅତିକ୍ରମ କରିଗଲା ।"

"ମୁଁ ଭାବିଲି ସେ ଏଠୁ ଯିବେ ନାହିଁ । ସେ ଥିଲେ ଆପଣଙ୍କ କାମପାଇଁ ମୋତେ ସୁବିଧା ହୋଇନଥାନ୍ତା ।"

"ନା, ମୋଟେ ନୁହେଁ । ଯାହାହେଉ, ଆମକୁ ପ୍ରାୟ ଅଧ ଘଣ୍ଟେ ଖଣ୍ଡେ ଅପେକ୍ଷା କରିବାକୁ ପଡ଼ିଲା । ତାପରେ ଦେଖିଲି ତୁମ ଲ୍ୟାମ୍ପ୍ ଲିଭିଲା ଆଉ ଜାଣିଲି ରାସ୍ତା ସଫା । ହଉ, କାଲି ତୁମେ ଲଣ୍ଡନରେ କ୍ଲାରିଜ୍‌ଙ୍କ ହୋଟେଲରେ ମୋତେ ଦେଖାକରିବ ।"

"ଭଲ କଥା ସାର୍ !"

"ତୁମେ ବୋଧହୁଏ ଯିବାପାଇଁ ସବୁ ଠିକ୍ କରିଛ ?"

"ହଁ, ସାର୍ ! ସେ ଆଜି ସାତଟା ଚିଠି ଡାକରେ ପଠାଇଛନ୍ତି । ମୁଁ ସବୁ-ଗୁଡ଼ାକର ଠିକଣା ଟିପିନ୍ଦେଇଛି ।

"ଠିକ୍ ଅଛି, ମାର୍ଥା । ମୁଁ କାଲି ସେଗୁଡ଼ା ଦେଖିବି । ହଉ, ନମସ୍କାର ।" ମାର୍ଥା ଚାଲିଗଲା ପରେ ସେ ପୁଣି କହିଲେ. "ଏଇ କାଗଜଗୁଡ଼ା ସେତେ ଗୁରୁତ୍ୱପୂର୍ଣ୍ଣ ନୁହେଁ । କାରଣ ଏଥିରେ ଯେଉଁ ଖବର ଅଛି ତା ଅନେକ ଆଗରୁ ଜର୍ମାନ୍ ଚାଲିଯାଇଥିବ । ଏଗୁଡ଼ା ମୂଳଲେଖା ଆଉ ଏକୁ ବାହାରକୁ ନେବା ନିରାପଦ ହୋଇନଥିବ ।"

"ତା'ହେଲେ ଏଗୁଡ଼ାକର କିଛି ଆବଶ୍ୟକତା ନାହିଁ ।"

"ମୁଁ ସେ କଥା କହୁନାହିଁ, ୱାଟ୍‌ସନ୍ । ଏଗୁଡ଼ାକରୁ ଆମ ଲୋକେ ଅନ୍ତତଃ ଦେଖିପାରିବେ ବାହାରେ କ'ଣ ଜଣାପଡ଼ୁଛି ଆଉ କ'ଣ ଜଣାପଡ଼ୁନାହିଁ ।

Digitized by srujanika@gmail.com

ଏଥିରୁ ଅଧିକାଂଶ କାଗଜ ମୋର ଜରିଆରେ ଆସିଥିଲା ଆଉ ସେଗୁଡ଼ା ପୁରାପୁରି ଜାଲ୍ ।" କାମ ବନ୍ଦକରି ତାଙ୍କ ପୁରୁଣା ବନ୍ଧୁଙ୍କ କାନ୍ଧରେ ହାତପକାଇ ସେ କହିଲେ, "କିନ୍ତୁ ତୁମେ, ଉଆଟ୍‌ସନ୍ । ତୁମକୁ ମୁଁ ଏଯାଏଁ ଆଲୁଅରେ ଦେଖିନଥିଲି । ଏତେ ବର୍ଷ ପରେ ବି ତୁମେ ସେଇ ପ୍ରଫୁଲ୍ଲ ବାଳକ ପରି ଦେଖାଯାଉଛ !"

"ମୋତେ ଲାଗୁଛି, ମୋ ବୟସ ଯେମିତି କୋଡ଼ିଏ ବର୍ଷ ତଳକୁ ଖସି-ଯାଇଛି । କାର୍ ଧରି ହାର୍‌ଉଇଚ୍ ଆସିବାପାଇଁ ଯେତେବେଳେ ତୁମ ଟେଲିଗ୍ରାମ୍ ପାଇଲି ସେତେବେଳେ ଯେତେ ଆନନ୍ଦିତ ହେଲି ମୁଁ କେବେ ସେପରି ଆନନ୍ଦିତ ହୋଇନଥିଲି । କିନ୍ତୁ ତୁମେ ହୋମ୍ସ୍—କେବଳ ସେଇ କଦର୍ଯ୍ୟ ଦାଢ଼ି ଛଡ଼ା ତୁମର ବି କିଛି ପରିବର୍ତ୍ତନ ହୋଇନାହିଁ ।"

ଦାଢ଼ିରେ ହାତମାରି ହୋମ୍ସ୍ କହିଲେ,"ଏସବୁହେଲା ଦେଶ ପାଇଁ ଜଣକର ତ୍ୟାଗ, ଉଆଟ୍‌ସନ୍ । କାଲିକି ଏହା କେବଳ ଗୋଟେ ସ୍ମୃତି ହୋଇଯିବ । କାଲି ମୋ ଦାଢ଼ି କଟା ହୋଇ ଆଉ କିଛି ସାମାନ୍ୟ ପରିବର୍ତ୍ତନ କରିନେଲେ ମୁଁ ପୁଣି କ୍ଲାରିଜ୍‌ଙ୍କ ହୋଟେଲ୍‌ରେ ଆଗର ହୋମ୍ସ୍ ହୋଇ ଦେଖାଦେବି ।"

"କିନ୍ତୁ ତୁମେ ତ କାମରୁ ଅବସର ନେଇଥିଲ, ହୋମ୍ସ୍ । ଆମେ ଶୁଣିଲୁ ତୁମେ ଦକ୍ଷିଣାଞ୍ଚଳରେ ଗୋଟେ ଷ୍ଟ୍ରେଟ ଜାଗାରେ ରହି ମହୁବ୍ୟବସାୟ ଆଉ ବହି ଲେଖାରେ ସମୟ କଟାଉଥିଲ ।"

"ତା ସତ, ଉଆଟ୍‌ସନ୍ । ଏଇ ହେଲା ମୋ ଅବସର ସମୟର ଫଳ, ମୋ ଶେଷ ଜୀବନର ଶ୍ରେଷ୍ଠ ସମ୍ମାନ ।" ସେ ଟେବୁଲ୍ ଉପରୁ ବହିଟା ଉଠାଇ ବହିର ପୁରା ନାଁଟା ପଢ଼ିଗଲେ । "ମୁଁ ଏକା ଏକା ଏଟା ଲେଖିଛି ରାତି ଅନିଦ୍ରା ହୋଇ । ଏବେ ପରିଶ୍ରମର ଫଳ ଦେଖ । ଆଗେ ଯେପରି ମୁଁ ଲଣ୍ଡନର ଅପରାଧୀମାନଙ୍କ ଉପରେ ନଜର ରଖୁଥିଲେ ଏ ବହି ଲେଖିଲାବେଳେ ଏଇ ଦଳ ଉପରେ ସେଇପରି ନଜର ଦେଉଥିଲି ।"

"କିନ୍ତୁ ତୁମେ ପୁଣି ଏ କାମରେ ଲାଗିଲ କାହିଁକି ?"

"ମୁଁ ବି ବେଳେବେଳେ ସେ କଥା ଭାବି ବିସ୍ମିତ ହୋଇଯାଉଛି । ବୈଦେଶିକ ମନ୍ତ୍ରୀଙ୍କୁ ମୁଁ ମନା କରି ଦେଇପାରିଥାନ୍ତି; କିନ୍ତୁ ଯେତେବେଳେ

Digitized by srujanika@gmail.com

ନଜେ ପ୍ରଧାନମନ୍ତ୍ରୀ ମୋ ଶ୍ରେଷ୍ଠ କୁଡ଼ିଆରେ ଆସି ପହଞ୍ଚିଲେ—!" କଥା ହେଲ ଉଆଟ୍‌ସନ୍, ସୋଫା ଉପରର ଏଇ ଲୋକ ଏତେ ଭଲ ଆଉ ଭଦ୍ର ଯେ, ଆମ ଲୋକେ ତାଙ୍କୁ ଚିହ୍ନିପାରିଲେନାହିଁ । ଏଣେ ସବୁ କାମ ବିଗିଡ଼ିବାରେ ଲଗିଲ ଆଉ କାହିଁକି ଏମିତି ହେଉଛି କେହି ଜାଣିପାରିଲେନାହିଁ । ଏଜେଣ୍ଟ୍‌ମାନଙ୍କୁ ସନ୍ଦେହ କରାଗଲା ଆଉ ଧରାଗଲା ମଧ୍ୟ । ଜଣାଗଲା କୌଣସି ଗୋଟେ ଗୁପ୍ତ ଶକ୍ତି ରହିଛି । ସେଇ ଗୁପ୍ତ ଶକ୍ତିକୁ ଖୋଜି ବାହାରକରିବା ନହାତି ଦର୍କାର ହେଲ । ଘଟଣାଟା ଦେଖିବାପାଇଁ ମୋ ଉପରେ ପ୍ରବଳ ଚାପପଡ଼ିଲ । ସେଥି-ପାଇଁ ମୋତେ ଦୁ'ବର୍ଷ ଲଗିଲ, ଉଆଟ୍‌ସନ୍; କିନ୍ତୁ ତା ନିଷ୍ଫଳ ହୋଇନାହିଁ । ମୁଁ ଚିକାଗୋରୁ ମୋର କାମ ଆରମ୍ଭକଲି । ସେଠି ଗୋଟେ ଆଇରିଶ୍ ଗୁପ୍ତ ସୋସାଇଟିରେ ଯୋଗଦେଇ, ଶିକ୍ଷାକରି ସ୍କିବାରିନ୍ ପୋଲିସ୍‌କୁ ଯଥେଷ୍ଟ ହଇରାଣ କଲି । ଫଳରେ ଭନ୍‌ବର୍କର ଜଣେ ଏଜେଣ୍ଟ୍ ନଜରରେ ପଡ଼ିଲି । ସେ ମୋ ନାଁ ଭନ୍‌ବର୍କଙ୍କୁ ସୁପାରିଶ୍ କଲେ । ଏଥିରୁ ତୁମେ ବୁଝିପାରୁଥିବ ଘଟଣାଟା କେତେ ଜଟିଳ । ସେଇଦିନଠୁ ମୁଁ ଭନ୍‌ବର୍କଙ୍କର ଅତି ବିଶ୍ୱାସ-ଭାଜନ ହୋଇଗଲି । ଫଳରେ ତାଙ୍କର ଅଧିକାଂଶ ଯୋଜନା ଭୁଲ୍ ହୋଇଯିବା ଆଉ ତାଙ୍କର ପାଞ୍ଚଜଣ ଏଜେଣ୍ଟ୍ ଧରାପଡ଼ି ଜେଲ୍‌ଯିବାକୁ ସେ ରୋକିପାରିଲେନାହିଁ । ମୁଁ ସେମାନଙ୍କ ଉପରେ ନଜର ରଖିଲି ଆଉ ଠିକଣା ସମୟରେ ସେମାନଙ୍କୁ ଧରିନେଲି । ଆଉ ଆପଣ ମହାଶୟ ! ମୋର ଆଶା ଆପଣଙ୍କର ବି ଠିକ୍ ସମୟ ଆସିଯାଇଛି ।"

ଏଇ ଶେଷ ପଦକ ଭନ୍‌ବର୍କଙ୍କୁ କୁହାଗଲା । ସେତେବେଳକୁ ସେ ଚୁପ୍‌ଚାପ୍ ସୋଫାଉପରେ ପଡ଼ିରହି ହୋମ୍‌ସ୍‌ଙ୍କ କଥା ଶୁଣୁଥାନ୍ତି । ସେ ରାଗରେ ପାଚଯାଇ ଜର୍ମାନ୍ ଭାଷାରେ ଗୁଡ଼େ ଗାଳିଗୁଲଜ କରିଗଲେ । ହୋମ୍‌ସ୍ ଶୀଘ୍ର ଶୀଘ୍ର କାଗଜଗୁଡ଼ା ପରୀକ୍ଷାକରି ଦେଖିବାରେ ଲଗିଥାନ୍ତି । ଏଣେ ଭନ୍‌ବର୍କ ଗର୍ଜନ ତର୍ଜନ, ଗାଳି ଗୁଲଜ କରିବାରେ ଲଗିଥାନ୍ତି ।

ସେ ଯେତେବେଳେ କ୍ଲାନ୍ତହୋଇ ତୁନିହେଲେ ହୋମ୍‌ସ୍ କହିଲେ, "ଜର୍ମାନ୍ ଭାଷା ମଧୁର ନହେଲେ ବି ବେଶ୍ ବୁଝି ହୁଏ । ଆରେ, ଏ କ'ଣ ?" ସେ ଗୋଟେ ନକ୍‌ସାର କଣକୁ ଚାହିଁ କହିଲେ । ସ୍ଥା ଦ୍ୱାରା ଆଉ ଗୋଟେ ଜନ୍ତୁ

Digitized by srujanika@gmail.com

ଯନ୍ତା ଭିତରକୁ ଆସିବ । ପଇସା ଦିଆନିଆ କରିବା ଲୋକ ଉପରେ ମୁଁ ଅବଶ୍ୟ ଆଗରୁ ନଜର ରଖିଥିଲି । କିନ୍ତୁ ଲୋକଟା ଏତେ ବଦ୍‌ମାସ ବୋଲି ମୋର ଧାରଣା ନଥିଲା । ମିଷ୍ଟର୍ ଭନ୍‌ବର୍କ, ଆପଣଙ୍କୁ ଏ ସବୁର ଜବାବ୍ ଦେବାକୁ ହେବ ।"

ଆମ ବନ୍ଦୀ ଖୁବ୍ କଷ୍ଟରେ ଉଠି ସୋଫା ଉପରେ ବସି ବିସ୍ମୟ ଆଉ ଘୃଣାରେ ହୋମ୍‌ସ୍‌ଙ୍କ ଆଡ଼କୁ ଗୁହିଁରହିଥାନ୍ତି । ଶେଷରେ କହିଲେ, "ମୁଁ ଆର ଠିକଣା ଜବାବ୍ ଦେବି, ଆଲ୍‌ଟାମଣ୍ଟ । ସେଥିପାଇଁ ଜୀବନ ଦେବାକୁ ପଡ଼ିଲେ ବି ମୁଁ ତୁମକୁ ଛାଡ଼ିବିନାହିଁ ।"

ହସିହସି ହୋମ୍‌ସ କହିଲେ, "ସେଇ ପୁରୁଣା କଥା । ଅତୀତରେ ମୁଁ ଏ କଥା ଅନେକ ଥର ଶୁଣିଛି । ସ୍ୱର୍ଗୀୟ ପ୍ରଫେସର ମୋରିଆରିଟି, କର୍ଣ୍ଣେଲ୍-ସିବାଷ୍ଟିଆନ୍ ମୋରାନ୍ ମଧ୍ୟ ଠିକ୍ ଏଇଆ କହିଥିଲେ । ତଥାପି ମୁଁ ବଞ୍ଚିରହିଛି ଆଉ ଦକ୍ଷିଣାଞ୍ଚଳରେ ମୋ ମହୁଚାଷରେ ଲାଗିଛି ।"

ଜର୍ମାନ୍ ଲୋକଟା ହାତବନ୍ଧା ଦଉଡ଼ିଟାକୁ ଜୋରରେ ଟଣାଓଟରା କଲା । ଜଳନ୍ତା ଆଖି ଦି'ଟା ଅତି ଭୟଙ୍କର ଦିଶୁଥାଏ । ସତେ ଯେମିତି ସୁବିଧା ପାଇଲେ ହତ୍ୟା କରିବାକୁ ପଛେଇବନାହିଁ । ରାଗରେ ଥରିଥରି କହିଲା, "ମୁଁ ତୋତେ ଦେଖିନେବି ବିଶ୍ୱାସଘାତକ ।"

ହସିହସି ହୋମ୍‌ସ କହିଲେ, "ନା, ନା, ମୁଁ ଏତେଟା ଖରାପ ନୁହେଁ । ମୋ କଥାରୁ ତୁମେ ବୁଝିପାରୁଥିବ ଶିକାଗୋର ମିଷ୍ଟର୍ ଆଲ୍‌ଟାମଣ୍ଟ ବୋଲି କେହିନଥିଲା । ମୁଁ ସେ ନାଁଟା ବ୍ୟବହାର କରୁଥିଲି ଆଉ ସେ ନାଁ ଲୁଚି ଯାଇଛି ।"

"ତା ହେଲେ ତୁମେ କିଏ ?"

"ମୁଁ ଯେହିଏ, ସେଥିରେ କିଛି ଯାଏ ଆସେ ନାହିଁ । ତେବେ ତୁମେ ଯଦି ଏତେ ଆଗ୍ରହୀ ମୁଁ କହିବି ତୁମ ପରିବାର ସହିତ ଏଟା ମୋର ପ୍ରଥମ ପରିଚୟ ନୁହେଁ । ଅତୀତରେ ମୁଁ ଜର୍ମାନ୍‌ରେ ଅନେକକାମ କରିଛି ଆଉ ମୋ ନାଁଟା ବୋଧହୁଏ ତୁମର ଖୁବ୍ ଜାଣାଶୁଣା ।"

Digitized by srujanika@gmail.com

"ମୁଁ ନାଁଟା ଜାଣିବାକୁ ଚାହେଁ ।"

"ବୋହେମିଆର ସ୍ୱର୍ଗତ ରାଜାଙ୍କ ପାଖରୁ ଆଇରନ୍ ଆଡ଼ଲର୍‌ଙ୍କୁ ଦୂରେଇ ଦେଇଥିଲି ମୁଁ । ସେତେବେଳେ ଆପଣଙ୍କ ସମ୍ପର୍କୀୟ ଭାଇ ହେନ୍‌ରିଚ ରାଜାଙ୍କର ଦୂତ କାମ କରୁଥିଲେ । ନିହିଲିଷ୍ଟ କ୍ଲୋପ୍‌ମ୍ୟାନ ଯେତେବେଳେ କାଉଣ୍ଟ ଭନ୍ ଅଣ୍ଡ୍‌ଜୁ ଗ୍ରାଫେନଷ୍ଟିନଙ୍କୁ ହତ୍ୟା କରିବାକୁ ଚେଷ୍ଟାକରୁଥିଲା ମୁଁ ତାଙ୍କୁ ରକ୍ଷା କରିଥିଲି । କାଉଣ୍ଟ ତୁମ ମାଆଙ୍କର ବଡ଼ଭାଇ । ମୁଁ —।"

ଭନ୍‌ବର୍କ ବିସ୍ମିତ ହୋଇ କହିଲେ, "ସେପରି ଲୋକ କେବଳ ଜଣେ ।"

"ବିଲ୍‌କୁଲ୍ ଠିକ୍ ।"

ଭନ୍‌ବର୍କ ପୁଣି ସୋଫାଉପରେ ପଡ଼ିଯାଇ କହିଲେ, "ଆଉ ଅଧିକାଂଶ ଖବର ଆପଣଙ୍କ ଜରିଆରେ ଆସିଥିଲା ! ତାର ମୂଲ୍ୟ କ'ଣ ? ମୁଁ କ'ଣ କଲି ? ମନ୍ତ୍ରଦାନ ପାଇଁ ନିଜର ସର୍ବନାଶ କରିବସିଲି !"

ହୋମ୍‌ସ କହିଲେ, "ଖବରଗୁଡ଼ା ସେତେ ବିଶ୍ୱାସଯୋଗ୍ୟ ନୁହେଁ । ତାକୁ ଟିକିଏ ପରୀକ୍ଷାକରି ଦେଖିବା ଦର୍କାର ଆଉ ସେଥିପାଇଁ ତୁମର ସମୟ ନାହିଁ । ତୁମ ଆଡ଼ମିରାଲ୍ ଦେଖିବେ ଆମର ନୂଆ ବନ୍ଧୁକ ଯଥେଷ୍ଟ ଶକ୍ତିଶାଳୀ ଆଉ ଆମ କ୍ରୁଇଜର ଖୁବ ଦ୍ରୁତଗାମୀ ।"

ହତାଶରେ ଭନ୍‌ବର୍କ ନିଜର ଗଳା ଚାପି ଧରିଲେ ।

ହୋମ୍‌ସ ପୁଣି କହିଲେ, "ଆହୁରି ଅନେକ କଥା ଠିକ୍ ସମୟରେ ଜଣାପଡ଼ିଯିବ । କିନ୍ତୁ ମିଷ୍ଟର୍ ଭନ୍‌ବର୍କ୍, ତୁମର ଗୋଟେ ଗୁଣ ଅଛି ଯାହା ଅନ୍ୟ ଜର୍ମାନଠାରେ ପ୍ରାୟ ଦେଖାଯାଏ ନାହିଁ । ତୁମେ ଜଣେ ଖେଳାଳୀ । ତୁମେ ଅନେକ ଲୋକଙ୍କୁ ବୁଦ୍ଧିରେ ଠକିଯାଇଛ । ଯେତେବେଳେ ବୁଝିବ ଯେ, ମୁଁ ତୁମ ବୁଦ୍ଧିକୁ ଠକିଗଲି ମୋତେ ଈର୍ଷା କରିବ ନାହିଁ । ଯାହାହେଉ, ତୁମେ ତୁମ ଦେଶପାଇଁ ଯଥେଷ୍ଟ କାମ କରିଛ ଆଉ ମୁଁ ମୋ ଦେଶପାଇଁ କରିଛି । ଏଇଟା ଅତି ସ୍ୱାଭାବିକ ।" ବନ୍ଦୀ କାନ୍ଧଉପରେ ହାତ ରଖି ସେ ପୁଣି କହିଲେ,

Digitized by srujanika@gmail.com

"'ତା' ଛଡ଼ା ମୋ ହାତରେ ପଡ଼ିବା ଅନ୍ୟ କୌଣସି ନଗଣ୍ୟ ଶତ୍ରୁ ହାତରେ ପଡ଼ିବାଠାରୁ ଯଥେଷ୍ଟ ଭଲ । ଏ କାଗଜଗୁଡ଼ା ଠିକ୍ ହୋଇଗଲା, ୱାଟ୍‌ସନ୍ । ଆମ ବନ୍ଦୀକୁ ଗାଡ଼ିପାଖକୁ ନେବାକୁ ତୁମେ ମୋତେ ସାହାଯ୍ୟ କଲେ ଆମେ ଯାଙ୍ଗେ ଯାଙ୍ଗେ ଲଣ୍ଡନ ବାହାରିଯିବା ।"

ଭନ୍‌ବର୍କଙ୍କୁ ଗାଡ଼ିପାଖକୁ ଆଣିବା ସେତେ ସହଜ ହେଲାନାହିଁ । ଶେଷରେ ଦୁହେଁ ତାଙ୍କ ଦୁଇହାତକୁ ଧରି ବଗିଚା ରାସ୍ତାରେ ଧୀରେ ଧୀରେ ଚଲାଇ-ଆଣିଲୁ । ମାତ୍ର କେତେ ଘଣ୍ଟା ଆଗେ ଏଇ ରାସ୍ତାରେ ଗର୍ବ ଦମ୍ଭରେ ଠିଆ-ହୋଇ ଭନ୍‌ବର୍କ ଏକ ବଖ୍ୟାତ ରାଜନୀତିଜ୍ଞଙ୍କଠାରୁ ପ୍ରଶଂସା ଓ ଅଭିନନ୍ଦନ ପାଇଥିଲେ । କିନ୍ତୁ ଏ ପରେ ତାଙ୍କୁ କାର୍‌ର ପଛ ସିଟ୍‌ରେ ବସାଇଦିଆଗଲା । ତାଙ୍କ ହାତ ଗୋଡ଼ ସେମିତି ବନ୍ଧା ହୋଇଥାଏ । ତାଙ୍କ ମୂଲ୍ୟବାନ୍ ଚମଡ଼ା ବ୍ୟାଗ୍‌ଟା ତାଙ୍କ ପାଖରେ ରଖିଦିଆଗଲା । ସବୁ ଠିକ୍ ଠାକ୍ ହେଲା ପରେ ହୋମ୍‌ସ୍ କହିଲେ, "ତୁମର କିଛି ଅସୁବିଧା ହେଉନଥିବ ବୋଧହୁଏ, ଭନ୍‌ବର୍କ । ଖଣ୍ଡେ ସିଗାରେଟ୍ ଲଗାଇ ତୁମ ଓଠରେ ଦେବି କି ?"

କିନ୍ତୁ ରାଗରେ ଜର୍ଜରିତ ଜର୍ମାନ୍ ଉପରେ ସବୁ ପ୍ରକାର କଥାଁ ଲ ବ୍ୟବହାର କିଛି କାମ କଲାନାହିଁ । ସେ କହି ଉଠିଲା, "ଆପଣ ବୁଝିପାରୁଥିବେ ମିଷ୍ଟର୍ ସେର୍‌ଲକ୍ ହୋମସ୍, ଆପଣଙ୍କ ସରକାର ଯଦି ଆପଣଙ୍କର ଏକାମକୁ ସମର୍ଥନ କରେ ତେବେ ତା ଯୁଦ୍ଧର କାରଣ ହୋଇଯିବ ।"

ଚମଡ଼ା ବ୍ୟାଗ୍‌ଟାରେ ହାତମାରି ହୋମ୍‌ସ କହିଲେ, "ଏଇ ସବୁ ଆଉ ଆପଣଙ୍କ ସରକାର କଥା କ'ଣ ?"

"ଆପଣ ସରକାରୀ ଲୋକ ନୁହନ୍ତି । ମୋତେ ଆରେଷ୍ଟ କରିବା ପାଇଁ ଆପଣଙ୍କ ପାଖରେ ୱାରଣ୍ଟ୍ ନାହିଁ । ଆପଣଙ୍କ ସବୁ କାମ ଆଇନ୍ ସମ୍ମତ ନୁହେଁ ।"

"ତା ବିଲ୍‌କୁଲ୍ ଠିକ୍ ।"

"ଆପଣ ଜଣେ ଜର୍ମାନ୍ ନାଗରିକକୁ ହରଣଚାଲ କରି ନେଉଛନ୍ତି ।"

Digitized by srujanika@gmail.com

"ଆଉ ତାଙ୍କ ବ୍ୟକ୍ତିଗତ କାଗଜ ବି ଯୋଗାଡ଼ କରି ନେଉଛୁ ।"

"ତାହେଲେ ଆପଣ ନଜର ଆଉ ଆପଣଙ୍କ ସହଯୋଗୀଙ୍କର ପରିସ୍ଥିତି ବୁଝିପାରୁଛନ୍ତି । ଗାଁ ଭିତରଦେଇ ଗଲାବେଳେ ମୁଁ ଯଦି ପାଟିକରି ସାହାଯ୍ୟ ପାଇଁ ଡାକେ—।"

"ସେ ବୋକାମୀ କରିବ ନାହିଁ ବନ୍ଧୁ । ତାହେଲେ ଗାଁ ଲୋକେ ହୁଏତ ତୁମ ମୃତ ଶରୀରଟାକୁ ଆମ ହାତରେ ଦେଇଦେବେ । ଇଂରେଜ ଲୋକ ଖୁବ୍ ଧୈର୍ଯ୍ୟଶୀଳ; କିନ୍ତୁ ବର୍ତ୍ତମାନ ସେ ଟିକିଏ ତାତିଯାଇଛି । ତାକୁ ଆହୁରି ଉତେଜିଦେବାକୁ ଚେଷ୍ଟା ନକରିବା ଭଲ । ନା-ନା, ଭନ୍‌ବର୍କ, ତୁମେ ଆମସାଥିରେ ଚୁପ୍‌ଚାପ୍ ସ୍କଟ୍‌ଲଣ୍ଡ୍‌ଇୟାର୍ଡ଼ ଯିବ । ତୁମ ବନ୍ଧୁ ବାରନ୍ ଭନ୍‌ହର୍‌ଲିଙ୍ଗ୍‌ଙ୍କୁ ତୁମେ ସେଠିକି ଡକାଇଆଣିବ ଆଉ ଦେଖିବ ତୁମ ପାଇଁ ରିଜର୍ଭ ହୋଇଥିବା କୋଠରୀକୁ ଏବେ ବି ତୁମେ ପୂରଣକରିପାରିବ କି ନାହିଁ । ଆଉ ତୁମେ ଓ୍ୱାଟ୍‌ସନ୍, ତୁମେ ଆମସାଥିରେ ଲଣ୍ଡନ ଯିବ । ଏଇ ବାରଣ୍ଡାରେ ଟିକିଏ ଠିଆ ହୁଅ । କାରଣ ଶେଷଥର ପାଇଁ ଆମେ ଟିକିଏ କଥାବାର୍ତ୍ତା ହେବା ।

ଦୁ'ବନ୍ଧୁ କେତେ ମିନିଟ୍‌ଯାଏଁ ମନଖୋଲି କଥାବାର୍ତ୍ତା କଲେ । ଗଲାଦିନର କଥା ସବୁ ମନେପକାଇଲେ । ଶେଷରେ କାର୍‌ପାଖକୁ ଗଲେ । ପଛରେ ସମୁଦ୍ର ଉପରେ ପରିଷ୍କାର ଜହ୍ନଆଲୁଅ ବିଛେଇହୋଇପଡ଼ିଛି ।

ସେଆଡ଼କୁ ଚାହିଁ ହୋମ୍‌ସ କହିଲେ, "ପୂର୍ବରୁ ଥଣ୍ଡାପବନ ଆସୁଛି, ଓ୍ୱାଟ୍‌ସନ୍ ।"

"ନା ହୋମ୍‌ସ, ଏବେ ଖୁବ୍ ଗରମ ଲାଗୁଛି ।"

"ଏ ପରିବର୍ତ୍ତନଶୀଳ ଯୁଗରେ ତୁମେ ଏକା ସ୍ଥିର, ଓ୍ୱାଟ୍‌ସନ୍ । ତଥାପି ମୁଁ କହୁଛି ପୂର୍ବଦିଗରୁ ପ୍ରବଳ ପବନ ମାଡ଼ିଆସୁଛି । ଏପରି ପବନ କେବେ ଇଂଲଣ୍ଡ ଉପରେ ବୋହିନଥିଲା । ସେଇ ପ୍ରବଳ ଥଣ୍ଡା ପବନରେ ଆମ ଭିତରୁ

Digitized by srujanika@gmail.com

ଅନେକ ହୁଏତ ଝଳିପଡ଼ିବେ । ତଥାପି ତାହା ଭଗବାନଙ୍କ ପ୍ରେରିତ । ସେ ଝଡ଼ ଚାଲିଗଲା ପରେ ପୃଥିବୀ ସୁନ୍ଦର ଆଉ ଦୃଢ଼ ହୋଇଉଠିବ । ଏବେ ଗାଡ଼ି ଷ୍ଟାର୍ଟ କର, ୱାଟ୍ସନ୍ । ଆମର ଯିବାବେଳ ହୋଇଗଲା । ମୋ ପାଖରେ ପାଞ୍ଚଶହ ପାଉଣ୍ଡର ଗୋଟେ ଚେକ ଅଛି । ତାକୁ ଖୁବ୍ ଶୀଘ୍ର ଭଙ୍ଗାଇବାକୁ ହେବ । କାରଣ ଚେକ୍ ଦେବାବାଲା ସୁବିଧା ପାଇଲେ ତାକୁ ବନ୍ଦ କରିଦେଇପାରେ ।

* * *

Digitized by srujanika@gmail.com